

ଟୋକିଓରେ ଗାନ୍ଧିଜୀଙ୍କୁ ବିଷ୍ଣୁଦେବଙ୍କ ଶ୍ରଦ୍ଧାଞ୍ଜଳି | ୬

ଓଡ଼ିଶା ଭାସ୍କର
ODISHA BHASKAR
ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store



ନିର୍ଦ୍ଦେଶକ ହେଲେ ଆର୍ୟନ | ୮

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୧୪୫ Vol. 22 No-145 25 AUGUST 2025 MONDAY, BHUBANESWAR ସୋମବାର, ୨୫ ଅଗଷ୍ଟ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦

## ସଂକ୍ଷେପରେ...

### ୨୫ରୁ ୨୮ ଅତି ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର, ୨୪।୮ (ଭାସ୍କର ନ୍ୟୁଜ): ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଆଗାମୀ ୪୮ଘଣ୍ଟା ମଧ୍ୟରେ ଘନୀଭୂତ ହେବାର ସମ୍ଭାବନା ଥିବା ପାଣିପାଗ ବିଭାଗ ସୂଚନା ଦେଇଛି। ଏହାର ପ୍ରଭାବରେ ୨୫ରୁ ୨୮ ତାରିଖ ପର୍ଯ୍ୟନ୍ତ ଅତି ପ୍ରବଳ ବର୍ଷାର ସମ୍ଭାବନା ରହିଛି। ରାଜ୍ୟର ସବୁ ଜିଲ୍ଲାରେ ବର୍ଷାର ପ୍ରଭାବ ଜାରି ରହିବ। ଏପରିକି ବର୍ଷା ସମୟରେ ୩୦ରୁ ୪୦ କିମି ବେଗରେ ପବନ ବହିବ ବୋଲି ସୂଚନା ଦିଆଯାଇଛି।

### ଗଛ ମୂଳରୁ ନବଜାତ ଶିଶୁ ଉଦ୍ଧାର

ନିଆଳି, ୨୪।୮ (ଭାସ୍କର ନ୍ୟୁଜ): ନିଆଳି ନିକଟ ମହୀଧରାପଡ଼ା ମେଡ଼ିକାଲ ପରିସରରେ ଥିବା ଏକ ଗଛ ମୂଳରୁ ଏକ ନବଜାତ ଶିଶୁକନ୍ୟାକୁ ଉଦ୍ଧାର କରାଯାଇଛି। ସ୍ଥାନୀୟ ଲୋକେ ଶିଶୁକନ୍ୟାଟିକୁ ଚାଇଲ୍ଡଲାଇନ୍‌କୁ ହସ୍ତାନ୍ତର କରିବା ପରେ ସେଠାରୁ ତାକୁ ଶିଶୁ ଭବନକୁ ପଠାଯାଇଛି। ତେବେ ପ୍ରସବ ପରେ ଶିଶୁକନ୍ୟାଟିକୁ କିଏ ଏପରି ଛାଡ଼ି ଯାଇଥିଲା ତାହା ଅସ୍ପଷ୍ଟ ରହିଛି। ଏ ନେଇ ତଦନ୍ତ ଆରମ୍ଭ ହୋଇଛି।

### ନୂଆଁଖାଇ ପାଇଁ ସମଲେଇ ମନ୍ଦିରକୁ ଆସିଲା ନୂଆ ଧାନ

ସମ୍ବଲପୁର, ୨୪।୮ (ଭାସ୍କର ନ୍ୟୁଜ୍): ନୂଆଁଖାଇ ପାଇଁ ସମଲେଇ ମନ୍ଦିରକୁ ଆସିଲା ନୂଆ ଧାନ। ବଲବସପୁରର ସୁବାଷ ବେହେରା ସପରିବାର ନୁଆଁ ସାରିଆ ଧାନ ଆଣି ମନ୍ଦିରର ମୁଖ୍ୟ ପୂଜକ ଅମ୍ବିକା ରାୟଙ୍କୁ ଦେଇଥିଲେ। ପ୍ରଚଳିତ ପରମ୍ପରା ଅନୁସାରେ ନନ୍ଦୋତ୍ସବ ତିଥିରେ ସମ୍ବଲପୁର ବ୍ରହ୍ମପୁରା ମନ୍ଦିର ପରିସରରେ ପଶ୍ଚିମ ଓଡ଼ିଶାର ମହାନ ଗଣପର୍ବ ନୂଆଁଖାଇ ପାଇଁ ଲଗ୍ନଧାର୍ଯ୍ୟ ହୋଇଥିଲା।

ସେନ୍‌ସେକ୍ସ: ୮୧,୩୦୬.୮୫
ସର୍ବାଧିକ: ୨୯.୨ ଡିଗ୍ରୀ
ସର୍ବନିମ୍ନ: ୨୬.୪ ଡିଗ୍ରୀ

**୨୪।୮।୨୦୨୫ ର ମତାମତ**

ଅମଲା ଆନ୍ଦୋଳନ ପ୍ରତ୍ୟାହାର ପାଇଁ ସରକାର ପଦକ୍ଷେପ ନେବା ଉଚିତ୍ ନୁହେଁ କି?

| ହଁ | ନା |
|---|---|
| ୮୭% | ୧୩% |

**ଆଜିର ପ୍ରସଙ୍ଗ**

ଦିଲ୍ଲୀ ବୈଠକ ରାଜ୍ୟ କଂଗ୍ରେସକୁ ମଜବୁତ କରିବାରେ ସହାୟକ ହେବ କି?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ www.odishabhaskar.com

## ଜଳସମ୍ପଦ ସର୍ବୋଚ୍ଚ ଯନ୍ତ୍ରୀଙ୍କ ସୂଚନା

# ବଡ଼ ବନ୍ୟା ଆଶଙ୍କା କମ୍





**ଫୁଲୁଛି ମହାନଦୀ, ସୁବର୍ଣ୍ଣରେଖା, ବଂଶଧାରା**
**ସୁବର୍ଣ୍ଣରେଖାରେ ମଧ୍ୟମ, ବୈତରଣୀରେ ଛୋଟ ବନ୍ୟା**
**ବିପଦସଙ୍କେତ ଉପରେ ପ୍ରବାହିତ ହେଉଛି ବୈତରଣୀ**
**ତଳି ଅଞ୍ଚଳରେ ବନ୍ୟାପାଣି, ବଢୁଛି ଲୋକଙ୍କ ଦୁର୍ଦ୍ଦଶା**
**କାଞ୍ଜିପାଣି ଘାଟିରେ ଭୂସ୍ଖଳନ, ଯୋଗାଯୋଗ ବିଚ୍ଛିନ୍ନ**

ଭୁବନେଶ୍ୱର, ୨୪।୮ (ଭାସ୍କର ନ୍ୟୁଜ): ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପଜନିତ ଲଗାଣ ବର୍ଷାରେ ମହାନଦୀ, ବୈତରଣୀ ଓ ସୁବର୍ଣ୍ଣରେଖାର ଜଳସ୍ତର ବୃଦ୍ଧି ପାଉଛି। ଏଥିପାଇଁ କେତେକ ଜିଲ୍ଲାରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଏହାକୁ ନେଇ ଲୋକେ ଏବେ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ବୈତରଣୀରେ ଚଳିତବର୍ଷ ଦ୍ୱିତୀୟ ଥରପାଇଁ ବନ୍ୟା ଆସିଥିବାବେଳେ ସୁବର୍ଣ୍ଣରେଖାରେ ୫ମ ଥରପାଇଁ ବନ୍ୟା ଆସିଛି। ଆଖୁଆପଦାଠାରେ ବୈତରଣୀ ନଦୀ ବିପଦସଂକେତ ଉପରେ ପ୍ରବାହିତ ହେଉଛି। ଫଳରେ ଯାଜପୁର ଓ ଭଦ୍ରକ ଜିଲ୍ଲାର ବହୁ ଅଞ୍ଚଳ ପ୍ରଭାବିତ ହୋଇଛି। ଧାମନଗର ବ୍ଲକ ପ୍ରଶାସନ ପକ୍ଷରୁ କୁହାଯାଇଛି ଯେ ବୈତରଣୀ, କୋଚିଳା, ଗେଙ୍ଗୁଟି ଓ କଣ୍ଡିଆନଦୀ ପାର୍ଶ୍ୱରେ ବନ୍ୟା ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି। ସେହିପରି ଧାମନଗର ବ୍ଲକର ଖଡ଼ିପଦା, ଆନନ୍ଦପୁର, ଧୁଷୁରି ଅଞ୍ଚଳରେ ବନ୍ୟାଜଳ ପ୍ରବେଶ କରିବାର ଆଶଙ୍କା ପ୍ରକାଶ ପାଇଛି। ଆଗକୁ ଅଧିକ ବନ୍ୟାଜଳ ପ୍ରବେଶ କଲେ ଭଣ୍ଡାରିପୋଖରୀ, ଧାମନଗର, ତିହିଡ଼ି ଓ ଚାନ୍ଦବାଲି ବ୍ଲକରେ ବନ୍ୟା ପରିସ୍ଥିତି ସୃଷ୍ଟି ହେବ ବୋଲି ଆଶଙ୍କା ପ୍ରକାଶ ପାଇଛି। ବନ୍ୟାକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି କରାଯାଇଛି। ଅନ୍ୟପକ୍ଷରେ ସୁବର୍ଣ୍ଣରେଖା ନଦୀର ଉପରମୁଣ୍ଡରେ ଲଘୁଚାପଜନିତ ଲଗାଣ ବର୍ଷା ଭଳି ସ୍ଥିତି ଲାଗି ରହିଛି। ଗତ ୨୪ ଘଣ୍ଟା ମଧ୍ୟରେ ସୁବର୍ଣ୍ଣରେଖା ଅବବାହିକା ଜାମସେଦପୁରରେ ୧୧୮ ମିଲିମିଟର, ଘାଟଶିଳାରେ ୧୫୦.୪ ମିଲିମିଟର, ଜାମଶୋଳାରେ ୪୦.୬ ମିଲିମିଟର, ଫେଙ୍କଘାଟରେ ୧୪.୨ ମିଲିମିଟର ଓ ରାଜଘାଟରେ ୩ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ରାଜଘାଟଠାରେ ସୁବର୍ଣ୍ଣରେଖା ସତର୍କ ସଂକେତ ଉପରେ ପ୍ରବାହିତ ହେଉଛି। ରେମୁଣାର ବଡ଼ପାଳରେ ପାଣିଘେରରେ ଥିବା ୩ ପରିବାରକୁ ଅଗ୍ନିଶମବାହିନୀ ସୁରକ୍ଷିତ ଭାବେ ଉଦ୍ଧାର କରିଥିବା ସୂଚନା ଦିଆଯାଇଛି। ସୁବର୍ଣ୍ଣରେଖାର ଉପରମୁଣ୍ଡରେ ଲଗାଣ ବର୍ଷା ଯୋଗୁ ଗାଲଡିହି ଜଳଭଣ୍ଡାରର ଜଳପତ୍ତନ ବୃଦ୍ଧି ପାଇବାରେ ଲାଗିଛି। ଫଳରେ ରାଜଘାଟ ସମେତ ସୁବର୍ଣ୍ଣରେଖାର ତଳି ଅଞ୍ଚଳ ଜଳେଶ୍ୱର, ଭୋଗରାଇ, ବସ୍ତା ଓ ବାଲିଆପାଳ ବ୍ଲକର ବିଭିନ୍ନ ଅଞ୍ଚଳ ଜଳାର୍ଣ୍ଣବ ହୋଇପଡ଼ିଛି। ପ୍ରବଳ ଲଗାଣ ବର୍ଷାରେ କେନ୍ଦୁଝର ମଧ୍ୟ ବେହାଲ ହୋଇଛି। କାଞ୍ଜିପାଣି ଘାଟିରେ ଭୂସ୍ଖଳନ ଯୋଗୁ ରାସ୍ତା ଉପରେ ପଥର ମାଟି ପଡ଼ି ରାସ୍ତା ଅବରୋଧ • ପୃଷ୍ଠା ୫ ଦେଖନ୍ତୁ

## ଅଣନିଃଶ୍ୱାସୀ କରୁଛି ଏଚ୍‌୧ଏନ୍‌୧, ଏଚ୍‌୩ଏନ୍‌୨ ଭୂତାଣୁ

# ବ୍ୟାପୁଛି ଥଣ୍ଡା, ଜ୍ୱର

ଭୁବନେଶ୍ୱର, ୨୪।୮ (ଭାସ୍କର ନ୍ୟୁଜ): ଅଣନିଃଶ୍ୱାସୀ କରୁଛି ଏଚ୧ଏନ୧, ଏଚ୩ଏନ୨ ଭୂତାଣୁ। ଘରେ ଘରେ ମାଡୁଛି ଜ୍ୱର। ଥଣ୍ଡା ସହ ପ୍ରବଳ କାଶ। ଦେହହାତ ଦରଜ ହେଉଛି। ତଣ୍ଟି ମଧ୍ୟ ଶୁଖିଯାଉଛି। ସାରା ରାଜ୍ୟରେ ଏଭଳି ଅବସ୍ଥା ଏବେ ଦେଖିବାକୁ ମିଳୁଛି। ବିଶେଷକରି ବର୍ଷାଋତୁରେ ଜ୍ୱର ଏବଂ ଥଣ୍ଡାଭୟ ଏବେ ସମସ୍ତଙ୍କୁ ଘାରୁଛି। ରାଜ୍ୟରେ ଅଣାୟତ୍ତ ହେଲାଣି ଏହି ଭୂତାଣୁ ସଂକ୍ରମଣ। ଘରେ ଘରେ ସଂକ୍ରମଣର ପ୍ରଭାବ ଦେଖିବାକୁ ମିଳୁଛି। ଜ୍ୱର ସାଙ୍ଗକୁ କମ୍ପରେ ଥରୁଛନ୍ତି ରୋଗୀ। ବିଭିନ୍ନ ହସ୍ପିଟାଲରେ ସଂକ୍ରମିତଙ୍କ ଭିଡ଼ ଜମିବାରେ ଲାଗିଛି। ସଂକ୍ରମିତଙ୍କ ଜ୍ୱର ଭଲ ହେବାକୁ ୫ରୁ ୭ ଦିନ ସମୟ ଲାଗିବ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞ ମତ ଦେଉଛନ୍ତି। ଏଥିରେ ରୋଗୀଙ୍କ ଶରୀରରେ ଘୋଳାବିନ୍ଧା ହେବା ସହ ଦୁର୍ବଳ ଲାଗିବ ବୋଲି ବିଶେଷଜ୍ଞ କହିଛନ୍ତି। ଆଉ ଏଥିସହ ଦୀର୍ଘ ସମୟ ଧରି ଲାଗି ରହିବ କାଶ। ତେଣୁ ସଂକ୍ରମିତ ବ୍ୟକ୍ତିଙ୍କଠାରୁ ଦୂରତ୍ୱ ବଜାୟ ରଖିବା ଲାଗି ପରାମର୍ଶ ଦେଇଛନ୍ତି ଡାକ୍ତର । ଆରଏମଆରସିରୁ ମିଳିଥିବା ସୂଚନା ଅନୁଯାୟୀ ବର୍ତ୍ତମାନ ଏଚ୧ଏନ୧ ଓ ଏଚ୩ଏନ୨ ଭୂତାଣୁର ପ୍ରାଦୁର୍ଭାବ ବୃଦ୍ଧି ପାଉଛି। ଏହାର ପ୍ରଭାବରେ ଲୋକେ ସଂକ୍ରମିତ ହେଉଛନ୍ତି।



ସାଧାରଣତଃ ବର୍ଷାଋତୁରେ ଏହାର ପ୍ରଭାବ ଅଧିକ ଦେଖିବାକୁ ମିଳିଥାଏ। ତେଣୁ ଜନସାଧାରଣ ସତର୍କ ରହିବା ସହ ବିଶେଷଜ୍ଞଙ୍କ ପରାମର୍ଶ ନେଇ ଚିକିତ୍ସା କରାଇବାକୁ କୁହାଯାଇଛି। କ୍ୟାପିଟାଲ ହସ୍ପିଟାଲର ବିଶେଷଜ୍ଞମାନେ କହିଛନ୍ତି ଯେ ଏଚ୧ଏନ୧ ଓ ଏଚ୩ଏନ୨ ସ୍ୱାଇନ୍ ଫ୍ଲୁର ସବ୍‌ଭାରିଆଣ୍ଟ ଏନଫ୍ଲୁଏଞ୍ଜା-ଏ ସଂକ୍ରମଣ ପାଇଁ ଜ୍ୱର ବ୍ୟାପୁଛି। ଏହା ହେଉଛି ଋତୁକାଳୀନ ଭାଇରାଲ ଜ୍ୱର। ଏହା ବର୍ଷା ଏବଂ ଶୀତ ଋତୁରେ ବ୍ୟାପିଥାଏ। ମୁଖ୍ୟତଃ ଶିଶୁ, ବୃଦ୍ଧ ବୃଦ୍ଧା, ଗର୍ଭବତୀ ଓ ବହୁବିଧ ରୋଗରେ ପୀଡ଼ିତ ବ୍ୟକ୍ତି ଏନଫ୍ଲୁଏଞ୍ଜା ଜ୍ୱରରେ ପୀଡ଼ିତ ହୋଇଥାନ୍ତି। ଏହି ସଂକ୍ରମଣରେ ମାଂସପେଶୀରେ ଯନ୍ତ୍ରଣା, ଥଣ୍ଡା, ନାକରୁ ପାଣି ବୋହିବା ଓ ଗଳାରେ ଯନ୍ତ୍ରଣା ଅନୁଭୂତ ହେବ। ନିମୋନିଆ ଭଳି ଲକ୍ଷଣ ବି ଏଥିରେ ଦେଖାଦେଇଥାଏ। ଧଇଁସଇଁ ହେବା ସହ ହାଲିଆ ଲାଗିବ। ଏଥିପାଇଁ ଭିଡ଼ଠାରୁ ଦୂରରେ ରହିବା ଜରୁରି ବୋଲି ବିଶେଷଜ୍ଞ କହିଛନ୍ତି। ସୂଚନାଯୋଗ୍ୟ ଯେ ରାଜଧାନୀ ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ଏବେ ଏହି ସଂକ୍ରମଣ ବୃଦ୍ଧି ପାଇବାରେ ଲାଗିଛି। ଯାହାକୁ ନେଇ ବିଭିନ୍ନ ମହଲରେ ଚିନ୍ତାପ୍ରକଟ କରାଯାଇଛି। କେତେକ ଏହାକୁ କରୋନାର ଆଉଏକ ରୂପ ବୋଲି ମଧ୍ୟ କହିବାକୁ ପଛାଉନାହାନ୍ତି। ତେବେ ବିଶେଷଜ୍ଞଙ୍କ ପରାମର୍ଶ ମାନି ଚଳିଲେ ଏଥିରେ ମୁକ୍ତି ମିଳିବ ବୋଲି କୁହାଯାଉଛି।

## ପ୍ରତିରକ୍ଷା କ୍ଷମତାରେ ଭାରତ ଯୋଡ଼ିଲା ସ୍ୱଦେଶୀ ଶକ୍ତି

# ବାୟୁ ପ୍ରତିରକ୍ଷା ପ୍ରଣାଳୀର ସଫଳ ପରୀକ୍ଷଣ



ନୂଆଦିଲ୍ଲୀ, ୨୪।୮: ଭାରତୀୟ ସାମରିକ ଶକ୍ତିକୁ ଅଧିକ ସଶକ୍ତ କରୁଛି ସ୍ୱଦେଶୀ ବାୟୁ ପ୍ରତିରକ୍ଷା ପ୍ରଣାଳୀ। ରବିବାର ସମନ୍ୱିତ ବାୟୁ ପ୍ରତିରକ୍ଷା ଅସ୍ତ୍ର ପ୍ରଣାଳୀର ପ୍ରଥମ ଉଡାଣ ପରୀକ୍ଷଣ ସଫଳ ହୋଇଛି। ଏହି ସଫଳତା ଭାରତର ବାୟୁ ପ୍ରତିରକ୍ଷା ବ୍ୟବସ୍ଥାକୁ ଆହୁରି ମଜବୁତ କରିବା ଦିଗରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି କୁହାଯାଉଛି। ସମନ୍ୱିତ ବାୟୁ ପ୍ରତିରକ୍ଷା ଅସ୍ତ୍ର ପ୍ରଣାଳୀ ଏକ ବହୁସ୍ତରୀୟ ବାୟୁ ପ୍ରତିରକ୍ଷା ବ୍ୟବସ୍ଥା। ଯାହା ସଂପୂର୍ଣ୍ଣ ସ୍ୱଦେଶୀ ପ୍ରଯୁକ୍ତି ବିଦ୍ୟାରେ ଭରପୁର। ରବିବାର ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ ସୋସିଆଲ ମିଡିଆ ପୋଷ୍ଟରେ ଏହା ଉଲ୍ଲେଖ କରିଛନ୍ତି। ସେ କହିଛନ୍ତି, ଏହା ଏକ ଦ୍ରୁତ ପ୍ରତିକ୍ରିୟାଶୀଳ ମିସାଇଲ, ଯାହା ଏୟାର ଆଟାକ୍‌କୁ ବନ୍ଦ କରିବାରେ ସକ୍ଷମ। ଏହା ଏକ କ୍ଷୁଦ୍ର ଦୂରଗାମୀ କ୍ଷେପଣାସ୍ତ୍ର ପ୍ରଣାଳୀ, ଯାହା ନିକଟବର୍ତ୍ତୀ ବିପଦକୁ ନଷ୍ଟ କରିବା ପାଇଁ ଡିଜାଇନ କରାଯାଇଛି। ଏହା ଏକ ଅତ୍ୟାଧୁନିକ ଲେଜର ଅସ୍ତ୍ର। ଯାହା ଶତ୍ରୁପକ୍ଷର ବାୟୁ ଆକ୍ରମଣକୁ ଲକ୍ଷ୍ୟଭେଦ କରିବାରେ ସକ୍ଷମ। ଏହି ପ୍ରଣାଳୀ ଏକ ଦୃଢ ସୁରକ୍ଷା କବଚ ଗଠନ କରିବ। ଯାହା ଦେଶର ଗୁରୁତ୍ୱପୂର୍ଣ୍ଣ ଘାଟିଗୁଡ଼ିକୁ ବିପଦରୁ ରକ୍ଷା କରିବାରେ ସହାୟକ ହେବ। ଉଡାଣ ପରୀକ୍ଷଣ ସମୟରେ ସମନ୍ୱିତ ବାୟୁ ପ୍ରତିରକ୍ଷା ଅସ୍ତ୍ର ପ୍ରଣାଳୀକୁ ଏକକାଳୀନ ତିନୋଟି ଭିନ୍ନ ଲକ୍ଷ୍ୟକୁ ଟାର୍ଗେଟ କରିବା ପାଇଁ ପ୍ରସ୍ତୁତ କରାଯାଇଛି, ଯେଉଁଥିରେ ଦୁଇଟି ହାଇସ୍ପିଡ୍ ଫିକ୍‌ଡ ୱିଙ୍ଗ୍ ମାନବବିହୀନ ବିମାନ ଲକ୍ଷ୍ୟ ଏବଂ ମଲ୍ଟି କପ୍ଟର ଡ୍ରୋନ୍ • ପୃଷ୍ଠା ୫ ଦେଖନ୍ତୁ

## ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଦିବସରେ ରାଜ୍ୟପାଳ

# କୃଷି ଉଦ୍ୟମିତାକୁ ପ୍ରୋତ୍ସାହିତ କରୁ ଓୟୁଏଟି

ଭୁବନେଶ୍ୱର, ୨୪।୮ (ଭାସ୍କର ନ୍ୟୁଜ): ଛାତ୍ରଛାତ୍ରୀ, କୃଷକ ମାନଙ୍କ ମଧ୍ୟରେ ତଥା ସମାଜରେ କୃଷି ଉଦ୍ୟମିତାକୁ ପ୍ରୋତ୍ସାହିତ କରିବା ପାଇଁ ଓୟୁଏଟି ଅଗ୍ରଣୀ ଭୂମିକା ନିଭାଇବାକୁ ରାଜ୍ୟପାଳ

**ସମ୍ବଲପୁରରେ ହେବ ଓୟୁଏଟିର ଆଉଏକ କ୍ୟାମ୍ପସ୍**
**ବଲାଙ୍ଗୀର, ମୟୂରଭଞ୍ଜରେ ଖୋଲିବ କୃଷି ମହାବିଦ୍ୟାଳୟ**

ଡ. ହରିବାବୁ କମ୍ଭମପାଟି ଆହ୍ୱାନ ଜଣାଇଛନ୍ତି। ଚଳିତ ଅଗଷ୍ଟ ୨୪ତାରିଖ ରବିବାର ଦିନ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱରର ୬୪ ତମ ପ୍ରତିଷ୍ଠା ଦିବସ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ଏହି ଆହ୍ୱାନ ଜଣାଇଛନ୍ତି। ଏହି ସମାରୋହରେ ଉଦବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ, ବିଭିନ୍ନ ପ୍ରକାର କୃଷି ଉଦ୍ୟୋଗ ନିମନ୍ତେ ବ୍ୟୟ ଆକଳନ, ଜମି ଓ ବିଦ୍ୟୁତର ଆବଶ୍ୟକତା, ଆୟ ଆକଳନ ଏବଂ ବିଭିନ୍ନ ସବ୍‌ସିଡି ଯୋଜନା ସମ୍ପର୍କରେ ତଥ୍ୟ ରଖି ପ୍ରକଳ୍ପ ପ୍ରୋଫାଇଲ୍ ପ୍ରସ୍ତୁତ କରିବାକୁ ରାଜ୍ୟପାଳ ଓୟୁଏଟି କର୍ତ୍ତୃପକ୍ଷଙ୍କୁ କହିଥିଲେ। ଏପରି ପ୍ରକଳ୍ପ ପ୍ରୋଫାଇଲ୍ ଛାତ୍ରଛାତ୍ରୀ ଏବଂ କୃଷକମାନଙ୍କୁ କୃଷି ଭିତ୍ତିକ ଉଦ୍ୟୋଗ ଗୁଡ଼ିକର ଆର୍ଥିକ ସମ୍ଭାବନା ବୁଝିବାରେ ସହାୟକ ହେବ ଏବଂ ସେମାନଙ୍କୁ ଏପରି ଉଦ୍ୟୋଗ • ପୃଷ୍ଠା ୫ ଦେଖନ୍ତୁ




## ସର୍ବଭାରତୀୟ ବାଚସ୍ପତି ସମ୍ମିଳନୀକୁ ଉଦ୍‌ଘାଟନ କଲେ ଶାହ

# ବିଧାନସଭା ଗଣତନ୍ତ୍ରର ଇଞ୍ଜିନ୍



ନୂଆଦିଲ୍ଲୀ, ୨୪।୮: ବିଧାନସଭା ହେଉଛି ଗଣତନ୍ତ୍ରର ଇଞ୍ଜିନ। ଏହା ସର୍ବଦା ସ୍ୱାଧୀନ ରହିବା ଜରୁରି ବୋଲି କହିଛନ୍ତି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ। ରବିବାର ସ୍ୱାଧୀନତା ସଂଗ୍ରାମୀ ବିଠଲଭାଇ ପଟେଲ କେନ୍ଦ୍ରୀୟ ବିଧାନସଭାର ପ୍ରଥମ ନିର୍ବାଚିତ ଭାରତୀୟ ବାଚସ୍ପତି ହେବାର ୧୦୦ତମ ବାର୍ଷିକୀ ପାଳନ ଅବସରରେ ଆୟୋଜିତ ଦୁଇଦିନିଆ ବାଚସ୍ପତି ସମ୍ମିଳନୀକୁ ଉଦ୍‌ଘାଟନ କରି ସେ ଏହା କହିଛନ୍ତି। ଏହି ଅବସରରେ ଦିଲ୍ଲୀ ବିଧାନସଭା ବାଚସ୍ପତି ବିଜେନ୍ଦ୍ର ଗୁପ୍ତା, କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ ରିଜିଜୁ, ଦିଲ୍ଲୀ ଉପରାଜ୍ୟପାଳ ବିନୟ କୁମାର ସାକ୍ସେନା ଏବଂ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତାଙ୍କ ସମେତ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଏହି ସମ୍ମିଳନୀରେ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳର ବିଧାନସଭାର ବାଚସ୍ପତି ଏବଂ ଉପବାଚସ୍ପତି ତଥା ବିଧାନ ପରିଷଦର ଅଧ୍ୟକ୍ଷ ଏବଂ ଉପାଧ୍ୟକ୍ଷମାନେ ଯୋଗ ଦେଉଛନ୍ତି। ଏହି ଅବସରରେ କେନ୍ଦ୍ର ଗୃହମନ୍ତ୍ରୀ ଦିଲ୍ଲୀ ବିଧାନସଭା ପରିସରରେ ବିଠଲଭାଇ ପଟେଲଙ୍କ ଜୀବନୀ ଉପରେ ଆୟୋଜିତ ଏକ ପ୍ରଦର୍ଶନୀ ମଧ୍ୟ ବୁଲି ଦେଖିଥିଲେ। • ପୃଷ୍ଠା ୫ ଦେଖନ୍ତୁ

## ଆଜି ଦିଲ୍ଲୀରେ ଓଡ଼ିଶା ପାଇଁ କଂଗ୍ରେସର ବଡ଼ ବୈଠକ

# ଯୋଗଦେବେ ପିସିସି ସଭାପତି, ପ୍ରଭାରୀ

ଭୁବନେଶ୍ୱର, ୨୪।୮ (ଭାସ୍କର ନ୍ୟୁଜ): ଓଡ଼ିଶା ପାଇଁ ସୋମବାର ନୂଆଦିଲ୍ଲୀରେ ବସିବ କଂଗ୍ରେସର ଏକ ବଡ଼ ବୈଠକ। ଲୋକସଭାରେ ବିରୋଧୀଦଳ ନେତା ରାହୁଲ ଗାନ୍ଧୀଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହେବ। ଏଥିରେ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ୍‌ଗେ, ସଂଗଠନ ସଂପାଦକ କେ.ସି. ବେଣୁଗୋପାଳ ପ୍ରମୁଖ ଉପସ୍ଥିତ ରହିବେ। ଓଡ଼ିଶା ପିସିସି ସଭାପତି ଭକ୍ତଚରଣ ଦାସ, କଂଗ୍ରେସ ବିଧାୟକଦଳ ନେତା ରାମଚନ୍ଦ୍ର କାଡାମ ଏବଂ କଂଗ୍ରେସର ଓଡ଼ିଶା ପ୍ରଭାରୀ ଅଜୟ ଲଲ୍ଲୁ ମଧ୍ୟ ବୈଠକରେ ସାମିଲ ହେବେ। ସଂଗଠନ ସଂରଚନାର ୩୫ଜଣ ସଦସ୍ୟ ମଧ୍ୟ ବୈଠକରେ ଉପସ୍ଥିତ ରହିବେ। ଏହି ବୈଠକରେ ବହୁ ପ୍ରସଙ୍ଗ ଉପରେ ଆଲୋଚନା ହେବାର କାର୍ଯ୍ୟକ୍ରମ ରହିଛି। ବୈଠକ ପରେ ଜିଲ୍ଲା ସଭାପତି ମନୋନୀତ କରାଯିବ ବୋଲି ପିସିସି ସଭାପତି ଭକ୍ତଚରଣ ଦାସ କହିଛନ୍ତି। ସେ କହିଛନ୍ତି, ଏ ନେଇ କୌଣସି ସୁପାରିସ ଗ୍ରହଣ କରାଯିବ ନାହିଁ। ଦିଲ୍ଲୀରୁ ଦଳୀୟ ନେତା ଆସି ଓଡ଼ିଶାରେ ଜିଲ୍ଲା ସଭାପତି ମନୋନୟନ କରିବେ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ ଯେ ଭକ୍ତଚରଣ ଦାସ କଂଗ୍ରେସ ସଭାପତି ଦାୟିତ୍ୱ ନେବାପରେ ଏବେ ସଂଗଠନକୁ ମଜବୁତ କରିବା ପାଇଁ ଜୋରଦାର ପ୍ରୟାସ ଆରମ୍ଭ କରିଛନ୍ତି। ଏହି କ୍ରମରେ ସେ ଦଳୀୟ ନେତାମାନଙ୍କୁ ଏକଜୁଟ କରିବା ସହ ଘନଘନ ଦିଲ୍ଲୀ ଯାଇ ସଂଗଠନ ସଂପର୍କରେ ଦଳୀୟ ନେତୃବୃନ୍ଦଙ୍କ ସହ ଆଲୋଚନା କରୁଛନ୍ତି। ଓଡ଼ିଶାରେ ମହିଳା ନିର୍ଯାତନା ବିରୋଧରେ ପିସିସି ସଭାପତି ଏକ ବଡ଼ ପଦକ୍ଷେପ ଗ୍ରହଣ କରୁଛନ୍ତି। ଏପରିକି ବିଧାନସଭାର ମୌସୁମୀ ଅଧିବେଶନ ସମୟରେ ରାଜ୍ୟ ସରକାରଙ୍କ ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବ ଆଣିବା ପାଇଁ ସେ ପ୍ରୟାସ ଚଳାଇଥିବା ସୂଚନା ମିଳିଛି। ଏ କ୍ଷେତ୍ରରେ ସେ ବିଜେଡିର ସହଯୋଗ ମଧ୍ୟ ଲୋଡ଼ିଛନ୍ତି। ତେବେ ଭକ୍ତଙ୍କ ଏହି ପଦକ୍ଷେପ କେତେଦୂର କଂଗ୍ରେସକୁ ସହାୟତା କରିବ ତାହା ଆଗାମୀ ଦିନରେ ସ୍ପଷ୍ଟ ହେବ।



## ଆସିଲା 'ଐରାବତ'

# ସୁରକ୍ଷିତ ସ୍ଥାନାନ୍ତର ହେବେ ହାତୀ




ଭୁବନେଶ୍ୱର, ୨୪।୮ (ଭାସ୍କର ନ୍ୟୁଜ): ସୁରକ୍ଷିତ ହାତୀ ସ୍ଥାନାନ୍ତରଣ ପାଇଁ ଅନୁଗୋଳ ବନଖଣ୍ଡକୁ ଆସିଲା ଐରାବତ। ଏହି ସ୍ୱତନ୍ତ୍ର ଟ୍ରକ୍‌ରେ ରହିଛି ୫୨ଟି ବିଶେଷତ୍ୱ। ନରହନ୍ତା ଓ ଅମାନିଆ ହାତୀଙ୍କୁ ସହଜରେ କରାଯାଇପାରିବ ସ୍ଥାନାନ୍ତର। ଆହତ ହାତୀଙ୍କୁ ଡାକ୍ତରଖାନାରେ ପହଞ୍ଚାଇବା ପାଇଁ ମଧ୍ୟ ଏହା ସହାୟକ ହେବ। ସୂଚନାଯୋଗ୍ୟ ଯେ ଅନୁଗୋଳ-ଢେଙ୍କାନାଳ ଜିଲ୍ଲାରେ ବନ ବିଭାଗର ମୁଣ୍ଡବିନ୍ଧାର କାରଣ ସାଜିଛି ହାତୀ-ମଣିଷ ଲଢେଇ। ଏଥିରେ ରୋକ୍ ଲଗାଇବା ପାଇଁ ବନ ବିଭାଗ ଏଭଳି ଅଭିନବ ପନ୍ଥା ଆପଣାଇଛି। ଏହାକୁ କୌଣସି ସାଧାରଣ ଟ୍ରକ୍ ନୁହେଁ। ଜାମସେଦପୁରରେ ୬ମାସ ଧରି ୫୨ଟି ସ୍ୱତନ୍ତ୍ର ବୈଶିଷ୍ଟ୍ୟକୁ ନେଇ ପ୍ରସ୍ତୁତ କରାଯାଇଛି ରାଜ୍ୟର ଏହି ପ୍ରଥମ ହାତୀ ଉଦ୍ଧାର ଯାନ ଐରାବତ। ଏହି ରେସ୍‌କ୍ୟୁ ଟ୍ରକ୍ ଭିତରେ ଏକ ୱିଞ୍ଚ୍ ରହିଛି, ଯାହା ଉଦ୍ଧାର ହେବାକୁ ଥିବା ହାତୀକୁ ଗାଡ଼ି ଭିତରକୁ ଟାଣିନେବ। ହାତୀର ଶୋଷ • ପୃଷ୍ଠା ୫ ଦେଖନ୍ତୁ

## ତୀର୍ଯ୍ୟକ

**ଅର୍ଚ୍ଚିତ ଅନିର୍ବାଣ**



ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ, ଉପ ମୁଖ୍ୟମନ୍ତ୍ରୀ
କେନ୍ଦ୍ରମନ୍ତ୍ରୀଙ୍କର ଛୁଟୁଛି ସୁଅ,
କଟକରେ ଡେଲି ନାଟକ ଚାଲିଛି
ଫାଟକ ଖୋଲିବ ବିଶ୍ୱସ୍ତରୀୟ !
ଯେତେଦିନ ଯାଏ ଗେରୁଆମୟ,
ନ ହୋଇଛି ଏହି ସଂପୂର୍ଣ୍ଣ ଓଡ଼ିଶା
ସେତେଦିନ ଯାଏ ଏହା ହିଁ ଥୟ !!



କଣାସ (ଭାସ୍କର ନ୍ୟୁଜ): କଣାସ ଅଞ୍ଚଳର ଗଣ ପର୍ବ କୁଞ୍ଜେଶ୍ୱରୀ ଶାରଦୀୟ ମହୋତ୍ସବ ପାଇଁ କଣାସ ବଡ଼ ମଠ ପ୍ରାଙ୍ଗଣରେ ମହନ୍ତ ପୁର୍ଣ୍ଣାନନ୍ଦ ଦାସ ମହାରାଜଙ୍କ ସଭାପତିତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଅଛି । ଏଥିରେ ମହୋତ୍ସବର ସମ୍ପାଦକ ସୁକାନ୍ତ କିଶୋର ସାମନ୍ତରାୟ ପ୍ରତିବର୍ଷ ଭଳି ବାର୍ଷିକ ଆୟବ୍ୟୟ ସର୍ବସମ୍ମୁଖେ ଉପସ୍ଥାପନା କରିବା ସହ ଚଳିତବର୍ଷ କିଭଳି ଶୃଙ୍ଖଳା ସହିତ ସମସ୍ତ କାର୍ଯ୍ୟ ସମାଧାନ ହୋଇପାରିବ ତାହା ଆଲୋଚନା କରାଯାଇଥିଲା । ଏଥିରେ ବାଦଲ ପୁର ମଠ ମହନ୍ତ ସନାତନ ଦାସ ମହାରାଜ, ତରୁଣ ସେନ ସ୍ୱାଇଁ,ଦେବବ୍ରତ ପରିଡ଼ା , ବାଳକୃଷ୍ଣ ସାହୁ,ଭାଗିରଥି ମହାପାତ୍ର ,ପ୍ରଫୁଲ୍ଲ ପ୍ରଧାନ, କୃପାସିନ୍ଧୁ ସେଠୀଙ୍କ ସମେତ ଅଞ୍ଚଳର ଆହୁରି ଅନେକ ବୁଦ୍ଧିଜୀବି ଯୋଗ ଦେଇଥିଲେ । ଚଳିତବର୍ଷ ପାଇକ ବିଦ୍ରୋହର (୧୮୧୭-୧୮୨୫) ୨୦୦ବର୍ଷ ପୂର୍ତ୍ତି ଐତିହାସିକ ପ୍ରଥମ ସଶସ୍ତ୍ର ସ୍ୱାଧୀନତା ସଂଗ୍ରାମ ସଂପର୍କରେ ତଥ୍ୟ ସମ୍ବଳିତ ଲେଖା smaranika 'କୁଞ୍ଜେଶ୍ୱରୀ ' ରେ ପ୍ରକାଶ ନିମନ୍ତେ ଅଞ୍ଚଳର ବୁଦ୍ଧିଜୀବି, ଲେଖକ,ଶିକ୍ଷକ ଓ ଛାତ୍ରଛାତ୍ରୀମାନେ ସେପ୍ଟେମ୍ବର ୧୦ ତାରିଖ ମଧ୍ୟରେ ପଠାଇବାକୁ ସିଦ୍ଧାନ୍ତ ହୋଇଥିଲା । ପ୍ରତିବର୍ଷ ଭଳି ପ୍ରାଥମିକ ସ୍ତରରୁ ମହାବିଦ୍ୟାଳୟସ୍ତର ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ବୌଦ୍ଧିକ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ପୁରସ୍କାର ବିତରଣ ହେବ । ସ୍ୱୟଂ ସହାୟିକା ଗୋଷ୍ଠୀର ହସ୍ତଶିଳ୍ପ ଓ କଳା ସ୍ଥାପତ୍ୟର ପ୍ରଚାର ପ୍ରସାର ହେବା ସହ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହେବ ।



## ଚିଲିକା ମଝିରେ ବୁଡ଼ିଲା ଡଙ୍ଗା

### ମୃତ୍ୟୁମୁଖରୁ ଅଳ୍ପକେ ବର୍ତ୍ତିଲେ ବାପ-ପୁଅ

ଟାଙ୍ଗି (ଭାସ୍କର ନ୍ୟୁଜ): ଚିଲିକା ମଝିରେ ମାଛ ଧରିବା ପରେ ଗାଁ ମୁହାଁ ହେଲେ ମତ୍ସ୍ୟଜୀବୀ ବାପ-ପୁଅ । କାଳ ବୈଶାଖୀ ପ୍ରଭାବ ଯୋଗୁଁ ହଠାତ ପବନ ମାଡ଼ରେ ଓଲଟି ପଡିଲା ମାଛଧରା ଡଙ୍ଗା । ଚିଲିକା ମଝିରେ ଡଙ୍ଗାରୁ ଖସିପଡି ବାପ-ପୁଅ ବୁଡ଼ିଥିଲେ ମୃତ୍ୟୁ ସହିତ ସଂଗ୍ରାମ କରୁଥିବାବେଳେ ହଠାତ ଆଉ ଏକ ମାଛଧରା ଡଙ୍ଗା ସେହି ରାସ୍ତାରେ ଆସୁଥିବା କାରଣରୁ ମତ୍ସ୍ୟଜୀବୀ ବାପ-ପୁଅ ଦୁହେଁ ଉଦ୍ଧାର ହୋଇ ପାରିଲେ । ମୃତ୍ୟୁ ମୁଖରୁ ଅଳ୍ପକେ ବଞ୍ଚିଗଲେ । ଏଭଳି ଏକ ଅଭାବନୀୟ ଓ ହୃଦୟଥରା ଘଟଣା ଚିଲିକା ମଝିରେ ଥିବା କାଳିଜାଇ ଗଣ୍ଡରେ ଘଟିଛି । ଖୋର୍ଦ୍ଧା ଜିଲ୍ଲା ଟାଙ୍ଗି ନିକଟସ୍ଥ ସୋରାଣ-ମାନସିଂହପୁର ଗ୍ରାମର ମତ୍ସ୍ୟଜୀବୀ ରଘୁନାଥ ବେହେରା (୬୦ ବର୍ଷ) ଓ ତାଙ୍କର ପୁଅ ରୋହିତ ବେହେରା। ଦୁହେଁ ଚିଲିକାର ସାତପଡାରୁ ନିଜ ଗ୍ରାମକୁ ମାଛଧରା ଡଙ୍ଗା ନେଇ ଫେରୁଥିବାବେଳେ କାଳିଜାଇ ଗଣ୍ଡରେ ହଠାତ ମାଛଧରା ଡଙ୍ଗାଟି ଓଲଟିପଡି ବୁଡ଼ିଯାଇଥିଲା ।

## ଜିଲ୍ଲାପାଳଙ୍କ ଫେସବୁକ୍ ପୃଷ୍ଠା ହ୍ୟାକ୍

ବାରିପଦା (ଭାସ୍କର ନ୍ୟୁଜ): ମୟୂରଭଞ୍ଜ ଜିଲ୍ଲାପାଳଙ୍କର ଅଧିକାରିକ ଫେସବୁକ୍ ପୃଷ୍ଠାକୁ ଅଜଣା ଲୋକଙ୍କ ଦ୍ୱାରା ହ୍ୟାକ୍ କରାଯାଇଛି । ଏହି ହ୍ୟାକ୍ ହୋଇଥିବା ପୃଷ୍ଠାରୁ ସାଧାରଣ ଲୋକଙ୍କୁ ଟଙ୍କା ଦାବି କରାଯାଉଥିବା ଘଟଣା ପ୍ରଶାସନ ସାମ୍ନାକୁ ଆସିଛି । ଜିଲ୍ଲା ପ୍ରଶାସନ ସ୍ପଷ୍ଟ କରିଛି ଯେ, ପ୍ରଶାସନ କିମ୍ବା କୌଣସି ଅଧିକାରୀଙ୍କ ପକ୍ଷରୁ ଏପରି ଟଙ୍କା ମାଗିବାର ଅନୁରୋଧ କେବେବି କରାଯାଇନି । ତେଣୁ ଜନସାଧାରଣଙ୍କୁ ସଚେତନ କରାଯାଉଛନ୍ତି—ହ୍ୟାକ୍ ହୋଇଥିବା ପୃଷ୍ଠାରୁ ଆସୁଥିବା କୌଣସି ମେସେଜରେ ପ୍ରତିକ୍ରିୟା କରିବେ ନାହିଁ ଏବଂ କୌଣସି ପରିସ୍ଥିତିରେ ଟଙ୍କା ପଠାଇବେ ନାହିଁ। ଏହି ଘଟଣା ସମ୍ପର୍କରେ ପ୍ରଯୋଜନୀୟ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯାଇଛି ଏବଂ ସାଇବର ସେଲକୁ ମଧ୍ୟ ଅବଗତ କରାଯାଇଛି । ପ୍ରଶାସନର ବିଶେଷ ସୂଚନା – କେବଳ ସରକାରୀ ୱେବସାଇଟ୍ କିମ୍ବା ପ୍ରେସ ବିଜ୍ଞପ୍ତିକୁ ଅନୁକରଣ କରନ୍ତୁ । କୌଣସି ସନ୍ଦେହଜନକ ମେସେଜ୍ ଦେଖିଲେ, ତାହାକୁ ତତ୍କ୍ଷଣାତ୍ ପ୍ରଶାସନଙ୍କୁ ଜଣାନ୍ତୁ।ପ୍ରଶାସନର କଠୋର ଅନୁରୋଧ: OTP, ବ୍ୟାଙ୍କ ବିବରଣୀ କିମ୍ବା ବ୍ୟକ୍ତିଗତ ସୂଚନା କୌଣସି ପରିସ୍ଥିତିରେ ଏହି ହ୍ୟାକ୍ ହୋଇଥିବା ପୃଷ୍ଠାକୁ ଦିଅନ୍ତୁ ନାହିଁ।

# ଗୋପାଳପୁର ଅଣ୍ଡରପାସ୍ ପାଲଟିଛି ମ୍ୟୁନିସିପାଲିଟି ଅଳିଆଗଦା



ଫୁଲନଖରା (ଭାସ୍କର ନ୍ୟୁଜ): କଟକ ମ୍ୟୁନିସିପାଲିଟି କାର୍ଯ୍ୟାଳୟ ଠାରୁ ମାତ୍ର କେତେ କିଲୋମିଟର ଦୂରରେ ଥିବା ଜାତୀୟ ରାଜପଥ ୫ ଓ ୫୭ ମଧ୍ୟସ୍ଥଳରେ ଅବସ୍ଥିତ ଗୋପାଳପୁର ଅଣ୍ଡରପାସ୍ । ଦୀର୍ଘ ବର୍ଷହେବ ଏହା ଏନଏଚଏଆଇ ଦ୍ୱାରା ଓଭରବ୍ରିଜ ହେବାବେଳଠୁ କାମ ସରିଥିବାବେଳେ ଅଣ୍ଡରପାସଟି ଏବେ ମରଣଯନ୍ତା ପାଲଟିଛି। ଏହାଉପରେ କୌଣସି ପ୍ରଶାସନିକ ଅଧିକାରୀଙ୍କ ଦୃଷ୍ଟି ପଡୁନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ଅଣ୍ଡରପାସ ଦେଇ ଦୈନିକ ୫-୬ ଗୋଟି ମୌଜାର ଜନସାଧାରଣ ନିର୍ଭର କରିଥାନ୍ତି। ଏହା ବର୍ତ୍ତମାନ କାଦୁଅ ପଙ୍କ ସହିତ ଆଣ୍ଠୁଏ ପାଣିରେ ଉବୁଟୁବୁ । ବୋଝ ଉପରେ ଲଳିତା ବିଡା ଭଳି ମ୍ୟୁନିସିପାଲିଟି ପକ୍ଷରୁ ସହରର ଅଳିଆ ଆବର୍ଜନା ସହ ବିବାହ ବ୍ରତ ଆଦି କାର୍ଯ୍ୟର ଅଇଁଠା ପତ୍ର ନାନାଦିଅଳିଆ କୁଢ଼ କରାଯାଉଛି। ଅନତି ଦୂରରେ ଥିବା ଉଚ୍ଚ ବିଦ୍ୟାଳୟକୁ ପ୍ରତ୍ୟହ ତିନିଶହରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ବିଦ୍ୟାଳୟକୁ ଯାଇଥାନ୍ତି । ଏହାକୁ ଲାଗିଥିବା ଖେଳପଡିଆରେ ସବୁଦିନ ପିଲାମାନେ ଖେଳିଥାଆନ୍ତି । ଯାହାଫଳରେ ଏହାର ନିକଟତର ପରିବେଶଟି ଦୁର୍ଗନ୍ଧମୟ ଓ ଅସ୍ୱାସ୍ଥ୍ୟକର ହୋଇପଡିଛି। ଏହି ଅଣ୍ଡରପାସ ଦେଇ ଗୋପାଳପୁର, ବଢ଼େଇସାହି, ସୁଭଦ୍ରାପୁର, କାଜିପାଟଣା, ଉତ୍ତମପୁର, ତୋଟାସାହି, ତେନ୍ତୁଳିସାହି, ମୁକାମେଶ୍ୱର, ଉରାଳୀ, ଶ୍ରୀ କୋରୁଆଁ, ଜରିପଡା ଆଦି ଗ୍ରାମର ଜନସାଧାରଣ ଯିବାଆସିବା କରିବା ପାଇଁ ଏହି ଅଣ୍ଡର ପାସ ଉପରେ ନିର୍ଭର କରିଥାନ୍ତି। ଅନ୍ୟତ୍ର ଏହି ଗ୍ରାମ ଗୁଡିକୁ ଯିବାକୁ ହେଲେ ବ୍ରିଜ ମୁଣ୍ଡ ଜାତୀୟ ରାଜପଥର ତିନୋଟି ରାସ୍ତା ପାରିହେବାକୁ ପଡିଥାଏ। ଯେମିତିକି କଟକରୁ ଭୁବନେଶ୍ୱର ଓ ଭୁବନେଶ୍ୱରରୁ କଟକ ମୁଖ୍ୟ ରାଜପଥକୁ ପାରିହୋଇ ଗ୍ରାମ ଗୁଡିକୁ ଯାଇଥାନ୍ତି ।ଯାହାଫଳରେ ଏହି ରାସ୍ତାଗୁଡିକ ସବୁ ସମୟରେ ଭିଡ ଥାଏ ।ଏଠାରେ ପ୍ରଶାସନ ପକ୍ଷରୁ ନିୟୋଜିତ ହୋଇଥିବା ଟ୍ରାଫିକ ପୋଲିସମାନେ ପ୍ରାୟ ସମୟ ମୋବାଇଲ କିମ୍ବା ଅନ୍ୟମନସ୍କ ହେବା ଦ୍ୱାରା ଦୁର୍ଘଟଣାମାନ ଘଟିଥାଏ। ଏହି କିଛିଦିନତଳେ ଭୁବନେଶ୍ୱର ଉତ୍ତରା ଅଞ୍ଚଳରର ସ୍ୱାମୀ ସ୍ତ୍ରୀ ଓ ତାଙ୍କର ଗୋଟେ ଛୋଟ ଛୁଆଟି ଉପରେ ଟ୍ରକ ମାଡିଯିବାରୁ ଘଟଣାସ୍ଥଳରେ ସେମାନଙ୍କର ମୃତ୍ୟୁ ଘଟିଥିଲା। ଯାହାଫଳରେ ରାସ୍ତାଟି ୩ଘଣ୍ଟାରୁ ଉର୍ଦ୍ଧ୍ୱ ବନ୍ଦହୋଇଥିଲା। ଏହି ଅଣ୍ଡରପାସଟିକୁ ତୁରନ୍ତ ମରାମତି କରିବାସହ ସେଠାରେ ଗଦା ହେଉଥିବା ଆବର୍ଜନାକୁ ଅନ୍ୟତ୍ର ସ୍ଥାନାନ୍ତରିତ କରିବାପାଇଁ ଗ୍ରାମବାସୀଙ୍କ ତରଫରୁ ବାରମ୍ବାର ଦାବି ହୋଇଆସୁଅଛି ।ଅଣ୍ଡର ପାସ ତଳେ ଆଲୋକ ବ୍ୟବସ୍ଥା, ପାରିହେଉଥିବା ଜାତୀୟ ରାଜପଥରେ ଆଲୋକ ପାଇଁ ଷ୍ଟ୍ରିଟ ଲାଇଟର ବ୍ୟବସ୍ଥା ତୁରନ୍ତ କରାଯିବା ପାଇଁ ସାଧାରଣରେ ଦାବି ହେଉଛି ।ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀଙ୍କ କହିବା ଅନୁସାରେ ସମ୍ପୃକ୍ତ ଅଞ୍ଚଳଟି ରେଳ କର୍ତ୍ତୃପକ୍ଷଙ୍କ ଅଧିନସ୍ଥ ହୋଇଥିବାରୁ ଏନଓ. ସି ମିଳିପାରୁନାହିଁ । ଏଠାରେ ପ୍ରଶ୍ନ ଉଠେ ଯେ ଏନଏଚ୍ଏଆଇ ଓ ରେଳ କର୍ତ୍ତୃପକ୍ଷଙ୍କ ମଧ୍ୟରେ ଦସ୍ତାବିଜ୍‌କୁ ନେଇ ଚାଲିଥିବା ଆରୋପ ଓ ପ୍ରତ୍ୟାରୋପ୍ ମଧ୍ୟରେ ସାଧାରଣ ଅଞ୍ଚଳବାସୀ ପେଶି ହୋଇ ରହିଯିବେନି ତ? ଏହିସମସ୍ୟା ଉପରେ ମୁଖ୍ୟମନ୍ତ୍ରୀ ତଥା ବିଭାଗୀୟ ମନ୍ତ୍ରୀ ସ୍ୱତନ୍ତ୍ର ଦୃଷ୍ଟି ଦେଇ ତୁରନ୍ତ ସମସ୍ୟାର ସମାଧାନ କରିବା ଲାଗି ଅଞ୍ଚଳବାସୀଙ୍କ ପକ୍ଷରୁ ଜୋରଦାର ଦାବି ହୋଇଛି ।ଯଦି ପ୍ରଶାସନ ଦୃଷ୍ଟି ନଦିଏ ତାହାହେଲେ ଆଗାମୀ ଦିନରେ କୀର୍ତ୍ତିକାନ୍ତ ସ୍ୱାଇଁ, ବିରାଜ ଦାସ, ବିଭୁତି ଭୂଷଣ ମହାରଣା, ସୁଶୀଲ ବେହେରା, ଡକ୍ଟର ସୁମିତ ସ୍ୱାଇଁ, ଶ୍ୟାମ ସିଂ, ବିନୋଦ ମିଶ୍ର, ସୁଶାନ୍ତ ପଣ୍ଡା, କାହ୍ନୁ ସାମଲ, ଦିଲ୍ଲୀପ ବେହେରା, ଅଭିଳାଷ ପ୍ରଧାନ, ସରୋଜ କୁମାର ମଲ୍ଲିକଙ୍କ ସମେତ ଗୋପାଳପୁର ଗ୍ରାମବାସୀ ରାସ୍ତାରୋକ କରିବେ ବୋଲି ଚେତାବନୀ ଦେଇଛନ୍ତି ।

ଏହାକୁ ନେଇ ଲୋକମାନେ ଯାହା କୁହନ୍ତି:



ଶୁଣୁଛୁଯେ ରେଳୱେ ଏନଓସି ଦେଉନାହିଁ। ଯଦି ରେଳୱେ କର୍ତ୍ତୃପକ୍ଷ ଏନ୍ଓସି ନଦିଏ ତାହେଲେ କଣ ଆମ ଅବସ୍ଥା ସବୁବେଳେ ଏମିତି ଥିବ।

**ବିରଜା ଦାସ**
**ବ୍ୟବସାୟୀ, ଗୋପାଳପୁର**



କର୍ପୋରେଟର ହୁଅନ୍ତୁ କି ବିଧାୟକ ହୁଅନ୍ତୁ ସେମାନେ ଏଭଳି ଗୁରୁତର ସମସ୍ୟା ପ୍ରତି ଯତ୍ନବାନ ହୋଇ ସମାଧାନ କରିବା କଥା। ଭୋଟ ସମୟ ଆସିଲେ ଆଗ ପଛରେ ପଡ଼ିବେ, ସମସ୍ୟାର ସମାଧାନ କଲା ବେଳକୁ ଦେଖା ଦର୍ଶନ ନାହି।

**କୀର୍ତ୍ତିକାନ୍ତ ସ୍ୱାଇଁ**
**ବ୍ୟାଙ୍କ୍ କର୍ମଚାରୀ**



ବାରମ୍ବାର ପ୍ରଶାସନ ଆଗରେ ସମସ୍ୟା ଉପସ୍ଥାପନ କରିଲେ ମଧ୍ୟ କୌଣସି ସମାଧାନ ମିଳୁନାହିଁ। ପ୍ରଶାସନର ଆମ ପ୍ରତି ବୈମାତୃକ ମନୋଭାବ କଣ ପାଇଁ ନା କିଛି ରାଜନୈତିକ ଉଦ୍ଦେଶ୍ୟ ରହୁଅଛି।

**ସୁଶିଲକୁମାର ବେହେରା**
**ଯୁବ ସମାଜସେବୀ**

## ବୈତରଣୀ ଓ କୋଚିଲା ବନ୍ୟା ନିୟନ୍ତ୍ରଣ ପାଇଁ କଂଗ୍ରେସର ଦାବି



ଧାମନଗର (ଭାସ୍କର ନ୍ୟୁଜ): ପ୍ରାକୃତିକ ବିପର୍ଯ୍ୟୟକୁ ବାରମ୍ବାର ସାମନା କରୁଥିବା ଧାମନଗରରେ ବନ୍ୟା ନିୟନ୍ତ୍ରଣ କରିବାକୁ କଂଗ୍ରେସ ପକ୍ଷରୁ ଦାବି ହୋଇଛି। ଶନିବାର ଧୂଷୁରୀ ସ୍ଥିତ ହୃଦାନନ୍ଦ ପାଠାଗାର ପରିସରରେ କଂଗ୍ରେସ ନେତା ନାରାୟଣ ଚନ୍ଦ୍ର ପାଢ଼ୀଙ୍କ ପୌରହିତ୍ୟରେ ସାମ୍ବାଦିକ ସମ୍ମିଳନୀରେ ଦଳ ବନ୍ୟା ନିୟନ୍ତ୍ରଣ ଏବଂ ଗମନାଗମନ ଉପରେ ଗୁରୁତ୍ୱାରୋପ କରିଛି। କଂଗ୍ରେସ ଅଭିଯୋଗ ଆଣିଛି ଯେ ଯାଜପୁର ଜିଲ୍ଲାକୁ ସୁରକ୍ଷା ଦେବାକୁ ଯାଇ ବୈତରଣୀ ନଦୀର ଡ଼ାହାଣ ପାର୍ଶ୍ୱ ବନ୍ଧକୁ ଭଦ୍ରକ ପାର୍ଶ୍ୱ ଅପେକ୍ଷା ଅଧିକ ଦୃଢ଼ ଏବଂ ପ୍ରଶସ୍ତ କରାଯାଇଛି। ଡାହାଣ ପାଖ ଭଳି ବାମପାଖ ବୈତରଣୀ ନଦୀ ବନ୍ଧକୁ କରାଯାଉ। ଧାମନଗର ବାସୀଙ୍କୁ ବନ୍ୟାରୁ ବଞ୍ଚାଇବା ପାଇଁ ମାଷ୍ଟର ପ୍ଲାନ କରାଯାଉ ଏବଂ ସମସ୍ତ ନଦୀ ଯଥା ବୈତରଣୀ, ଗେଙ୍ଗୁଟି, କୋଚିଲା, ରେବ, କପାଳି ଆଦିର ଶଯ୍ୟା ଖନନ କରାଯାଉ। ନଦୀ ସହ ନଦୀକୁ ସଂଯୋଗ କରିବା ସହ ନଦୀରୁ କେନାଲ ପ୍ରକଳ୍ପର ପରିକଳ୍ପନା କରାଯାଉ। ଯାହା ଫଳରେ ବନ୍ୟା ପରିସ୍ଥିତି ନିୟନ୍ତ୍ରଣ ହେବ ଏବଂ ମରୁଡ଼ି ସମୟରେ ଜଳସେଚନ ସୁବିଧା ମିଳିପାରିବ। ବୈତରଣୀ ଓ କୋଚିଲାର ମଝିରେ ଥିବା ତିନି ପଂଚାୟତର ଧନଜୀବନ ସୁରକ୍ଷା ପାଇଁ ଘେରି ବନ୍ଧ ନିର୍ମାଣ ଦାବି କରିଛି ଦଳ। ସେହିପରି ଅଧା ନିର୍ମାଣରେ ଅଟକି ଥିବା ଭଦ୍ରକ-ଆଖଣ୍ଡଳମଣି ରାଜ୍ୟ ରାଜପଥ କାର୍ଯ୍ୟ ତୁରନ୍ତ ଶେଷ କରିବା ସଙ୍ଗେ ସଙ୍ଗେ ଖରାପ ଅବସ୍ଥାରେ ଥିବା ଧାମନଗର ଅଞ୍ଚଳର ରାସ୍ତା ନିର୍ମାଣ କାର୍ଯ୍ୟ କରିବା ପାଇଁ କଂଗ୍ରେସ ନେତୃତ୍ୱ ଦାବି କରିଛନ୍ତି। ବରିଷ୍ଠ କଂଗ୍ରେସ ନେତା ଡାକ୍ତର ବିଦ୍ୟାଧର ଯେନା,ବରିଷ୍ଠ ଆଇନଜୀବୀ ଶଶୀଭୂଷଣ ପଣ୍ଡା, ପ୍ରାକ୍ତନ ସରପଞ୍ଚ ପରମାନନ୍ଦ ସାଏନ୍ତ ପ୍ରମୁଖ ସମ୍ମିଳନୀରେ ଯୋଗ ଦେଇଥିଲେ।

# ବିଦ୍ୟାଳୟ ଫାଟକରେ ତାଲା, ବର୍ଷାରେ ଭିଜିଲେ ଛାତ୍ରଛାତ୍ରୀ




ଶୁଳିଆପଦା(ଭାସ୍କର ନ୍ୟୁଜ): ଲଘୁଚାପ ଜନିତ ବର୍ଷା ଲାଗି ରହିଥିବା ବେଳେ ଆଜି ଠିକ୍ ସମୟରେ ବିଦ୍ୟାଳୟ ଫାଟକରୁ ତାଲା ଖୋଲାଯାଇ ନଥିବାରୁ ଫାଟକ ସମ୍ମୁଖରେ ଛାତ୍ରଛାତ୍ରୀ ମାନେ ଭିଜୁଥିବା ଦେଖାଯାଇଥିଲା ।ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ଶୁଳିଆପଦା ବ୍ଲକ୍ ମୁଖ୍ୟାଳୟ ସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟ,କଣ୍ଟିସାହିରେ। ଆଜି ସକାଳୁ ସକାଳୁ ଦୀର୍ଘ ସମୟ ଧରି ବର୍ଷା ଲାଗି ରହିଥିଲା ।କିଛି ଛାତ୍ରଛାତ୍ରୀ ଛତାଧରି ବିଦ୍ୟାଳୟକୁ ଆସିଥିବା ବେଳେ ଅନ୍ୟ କେତେକ ବିନା ଛତାରେ ଆସିଥିଲେ। ସେହିପରି କିଛି ଅଭିଭାବକ ଛତାଧରି ପିଲା ମାନଙ୍କୁ ଛାଡିବାକୁ ଆସିଥିଲେ ।ତେବେ ବିଦ୍ୟାଳୟ ଫାଟକରେ ତାଲା ପଡିଥିବାରୁ ସମସ୍ତେ ଫାଟକ ସମ୍ମୁଖରେ ଅଟକି ରହିଥିଲେ। କିଛି ଛାତ୍ରଛାତ୍ରୀ ଓଦା ହୋଇଥିବା ମଧ୍ୟ ଦେଖିବାକୁ ମିଳିଥିଲା। ଛାତ୍ରଛାତ୍ରୀ ମାନେ ବର୍ଷାରେ ଭିଜୁଥିବା ଦେଖି ବିଦ୍ୟାଳୟର ଜଣେ ଶିକ୍ଷୟିତ୍ରୀ ପିଲା ମାନଙ୍କୁ ଏକ ଦୋକାନ ପିଣ୍ଡାରେ ଛିଡା କରାଇଥିଲେ। ପୂର୍ବରୁ ମଧ୍ୟ ଏହିପରି ବିଳମ୍ବରେ ଫାଟକ ଖୋଲା ଯିବାର ନଜିର ରହିଛି। ତେବେ ଆଜି ପୁଣି ବର୍ଷା ପାଗରେ ଘଟଣାର ପୁନରାବୃତ୍ତି କୁ ନେଇ ଅଭିଭାବିକା ମହଲରେ ଅସନ୍ତୋଷ ଦେଖାଦେଇଛି ।କିଛି ଅଭିଭାବକ ବିଭାଗୀୟ ଅଧିକାରୀ ବିଇଓ ଓ ଡିଇଓଙ୍କୁ ମଧ୍ୟ ଘଟଣା ବାବଦରେ ଅବଗତ କରିଥିବା ଦର୍ଶାଇଛନ୍ତି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଚିନ୍ତାମଣି ନାଏକଙ୍କୁ ଏ ବାବଦରେ ପଚାରିବାରୁ ବର୍ଷା ପାଇଁ ଆସିବାରେ ବିଳମ୍ବ ହୋଇଥିବା କହିଥିଲେ।

## ବିଜେଡିର ବିଭିନ୍ନ ବ୍ଲକ ଓ ନଗର ସଭାପତିଙ୍କ ନାମ ଘୋଷଣା

କେନ୍ଦୁଝର(ଭାସ୍କର ନ୍ୟୁଜ): ବିଜୁ ଜନତା ଦଳ କେନ୍ଦୁଝର ଜିଲ୍ଲାର ବିଭିନ୍ନ ବ୍ଲକ ଓ ସହରାଂଚଳର ସଭାପତିଙ୍କ ନାମ ଘୋଷଣା କରାଯାଇଛି । ସାଂଗଠନିକ ନିର୍ବାଚନ ପ୍ରକ୍ରିୟାରେ ଏଡି ଦଳୀୟ ନେତାମାନେ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଥିବାବେଳେ ରାଜ୍ୟ ପଦାଧିକାରୀଙ୍କ ଅନୁମୋଦନ କ୍ରମେ ଏହି ନୂତନ ସଭାପତିମାନଙ୍କ ନାମ ଘୋଷଣା କରାଯାଇଛି । ଘଷିପୁରା ବ୍ଲକ ପାଇଁ ଆଡଭୋକେଟ ବିଜୟ କୁମାର ଦାସ, ହାଟିଡିହି ବ୍ଲକ ପାଇଁ ସୁରେନ୍ଦ୍ର କୁମାର ଜେନା ସଭାପତି ଘୋଷିତ ହୋଇଥିବାବେଳେ ଆନନ୍ଦପୁର ବ୍ଲକ ପାଇଁ ରାମଚନ୍ଦ୍ର ପଲେଇ,ଘଟଗାଁ ବ୍ଲକ ଦୋଳଗୋବିନ୍ଦ ବେହେରା, ହରିଚନ୍ଦନପୁର ବ୍ଲକ ପାଇଁ ପାଦାମ୍ବୁଜ ସାହୁ,ପାଟଣା ବ୍ଲକ ପାଇଁ ମାଧବାନନ୍ଦ ପୃଷ୍ଟି, ସାହାରପଡା ବ୍ଲକ ପାଇଁ ଦିଲ୍ଲିପ କୁମାର ସାହୁ, କେନ୍ଦୁଝର ସଦର ବ୍ଲକ ପାଇଁ ଚକ୍ରଧର ସାହୁ,ଝୁମ୍ପୁରା ବ୍ଲକ ପାଇଁ ଡମ୍ବରୁଧର ଦାସ,ବାଂଶପାଳ ବ୍ଲକ ପାଇଁ ଯଦୁମଣି ଠାକୁର, ତେଲକୋଇ ବ୍ଲକ ପାଇଁ ନାରାୟଣ ନାୟକ.ଯୋଡା ବ୍ଲକ ପାଇଁ ଗୌତମ ବେହେରା ଓ ଚମ୍ପୁଆ ବ୍ଲକ ପାଇଁ ଗଣେଶ କୁମାର ଖିଲାର ସଭାପତି ଭାବରେ ନିର୍ବାଚିତ ହୋଇଛନ୍ତି । ସେହିପରି ବିଭିନ୍ନ ସହରାଂଚଳ ପାଇଁ ଘୋଷିତ ହୋଇଥିବା ସଭାପତିମାନେ ହେଲେ କେନ୍ଦୁଝର ନଗର ପାଇଁ ପୂର୍ଣ୍ଣଚନ୍ଦ୍ର ସାହୁ,ଆନନ୍ଦପୁର ସହର ପାଇଁ ରମାକାନ୍ତ ବେହେରା,ବଡବିଲ ନଗର ପାଇଁ ସଞ୍ଜୟ କୁମାର ନାୟକ,ଯୋଡା ନଗରର ସଭାପତି ପାଇଁ ଚତୁର୍ଭୁଜ ପଲେଇ ଓ ଚମ୍ପୁଆ ନଗର ପାଇଁ ଛତ୍ରପତି ନାଏକଙ୍କ ନାମ ସଭାପତି ଭାବରେ ଘୋଷଣା କରାଯାଇଛି ବୋଲି ବିଜୁ ଜନତା ଦଳର ଜିଲ୍ଲା ନିର୍ବାଚନ ଅଧିକାରୀ ସୁରେନ୍ଦ୍ର କୁମାର ଜେନା ପ୍ରକାଶ କରିଛନ୍ତି। ସମସ୍ତ ବ୍ଲକ ଓ ସହର ଶାଖାର ସଭାପତିମାନଙ୍କୁ ଜିଲ୍ଲା ବିଜୁ ଜନତା ଦଳ ସଭାପତି ଆଶିଷ ଚକ୍ରବର୍ତ୍ତୀ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହିତ ଏହି ପୁରୁଖା ଓ ଅନୁଭବୀନେତାମାନଙ୍କ ନେତୃତ୍ୱରେ ଦଳ ଅଧିକ ସଂଗଠିତ ହେବ ବୋଲି ଆଶାପ୍ରକଟ କରିଛନ୍ତି ।

## ଅଣଛାତ୍ରଙ୍କୁ ନେଇ ବିଭ୍ରାଟ ସୃଷ୍ଟି ପାଇଁ କଂଗ୍ରେସ ବିଧାୟକଙ୍କୁ ବିଜେପିର ସମାଲୋଚନା




ବ୍ରହ୍ମପୁର (ଭାସ୍କର ନ୍ୟୁଜ) : ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ବାହାର ଲୋକଙ୍କୁ ସାମିଲ କରି ବିଭ୍ରାଟ ସୃଷ୍ଟି କରିବା ଅଭିଯୋଗରେ କଂଗ୍ରେସ ବିଧାୟକ ରମେଶ ଚନ୍ଦ୍ର ଜେନାଙ୍କୁ ବିଜେପି କଡ଼ା ସମାଲୋଚନା କରିଛି। ଏକ ସାମ୍ବାଦିକ ସମ୍ମିଳନୀରେ ଗଂଜାମ ଜିଲ୍ଲାର ବିଜେପି ନେତାମାନେ କହିଛନ୍ତି ଯେ ବିଶ୍ୱବିଦ୍ୟାଳୟର ଭିତ୍ତିଭୂମି ଏବଂ ଶୈକ୍ଷିକ ବିକାଶ ପାଇଁ କେନ୍ଦ୍ର ଏବଂ ରାଜ୍ୟ ମିଳିତ ଭାବରେ ୨୦୦ କୋଟି ଟଙ୍କାରୁ ଅଧିକ ବିନିଯୋଗ କରୁଛନ୍ତି, ଯାହାର ଲକ୍ଷ୍ୟ ହେଉଛି ଏହାକୁ ବିଶ୍ୱସ୍ତରୀୟ ମାନଦଣ୍ଡରେ ପହ[illegible]ଇବା। ସେମାନେ ଏହି ବିଭ୍ରାଟକୁ 'ଶସ୍ତା ରାଜନୀତି' ବୋଲି କହିଛନ୍ତି ଯାହା ଅନୁଷ୍ଠାନର ବିକାଶକୁ ଦୁର୍ବଳ କରିବ। ଦଳ ଜେନାଙ୍କ ବେଆଇନ ଆର୍ଥିକ କାରବାର, ବାଲି ଏବଂ ପଥର ଚୋରାଚାଲାଣ ଏବଂ ଗୋପାଳପୁର ଆଖୁ ମାମଲା ସହିତ ସମ୍ପୃକ୍ତ ଥିବା ଅଭିଯୋଗକୁ ମଧ୍ୟ ଭିତ୍ତିହୀନ ବୋଲି କହିଛି। ବିଜେପି ନେତାମାନେ ଦାବି କରିଛନ୍ତିଯେ ଅଭିଯୁକ୍ତମାନଙ୍କୁ ୨୪ ଘଣ୍ଟା ମଧ୍ୟରେ ଗିରଫ କରାଯାଇଛି ଏବଂ ୪୫ ଦିନ ମଧ୍ୟରେ ଚାର୍ଜସିଟ୍ ଦାଖଲ କରାଯାଇଛି। ଯଦି ତାଙ୍କ ପାଖରେ କୌଣସି ଠୋସ୍ ପ୍ରମାଣ ଅଛି ତେବେ ପୋଲିସ ନିକଟରେ ଦାଖଲ କରିବାକୁ ସେମାନେ ଜେନାଙ୍କୁ ଚ୍ୟାଲେଞ୍ଜ କରିଛନ୍ତି। ଜିଲ୍ଲା ସଭାପତି ସରୋଜ ସାବତ ଚେତାବନୀ ଦେଇଛନ୍ତି ଯେ ମୋହନ ମାଝୀ ସରକାର ଯେକୌଣସି ବେଆଇନ କାର୍ଯ୍ୟକଳାପକୁ ସହ୍ୟ କରିବ ନାହିଁ, ସମ୍ପୃକ୍ତ ବ୍ୟକ୍ତି ଯେତେ ପ୍ରଭାବଶାଳୀ ଥିଲେ ମଧ୍ୟ। ସାମ୍ବାଦିକ ସମ୍ମିଳନୀରେ ବିଜେପିର ବରିଷ୍ଠ ନେତା କାହ୍ନୁ ଚରଣ ପାଟି, ସୁନୀଲ କୁମାର ସାହୁ, ପିଟାବାଶ ପଣ୍ଡା ଏବଂ ପ୍ରଭାତ କିରଣ ଷଡ଼ଙ୍ଗୀ ମଧ୍ୟ ଉପସ୍ଥିତ ଥିଲେ।

## ରକ୍ତଦାନ ଶିବିର

କେନ୍ଦୁଝର(ଭାସ୍କର ନ୍ୟୁଜ): କେନ୍ଦୁଝର ସଦର ମହକୁମାସ୍ଥ ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ସୁଖଶାନ୍ତି ସରୋବରରେ ରାଜଯୋଗିନୀ ଦାଦି ପ୍ରକାଶମଣି ଜୀ ଙ୍କ ୧୮ତମ ଶ୍ରାଧବାର୍ଷିକୀ ଅବସରରେ ଆଶ୍ରମମୁଖ୍ୟ ବ୍ରହ୍ମକୁମାରୀ ବିନ୍ଦୁ ଭଉଣୀ ଙ୍କ ନେତୃତ୍ୱ ରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇ ୫୫ୟୁନିଟ ରକ୍ତ ସଂଗୃହିତ ହୋଇ ଜିଲ୍ଲା ରକ୍ତ କେନ୍ଦ୍ରକୁ ମାନବକଲ୍ୟାଣ ନିମନ୍ତେ ପ୍ରେରଣ କରାଯାଇଥିଲା, ଜିଲ୍ଲା ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଧନରାଜ ଏଚଡି ଏହି ଶିବିରକୁ ପ୍ରଦୀପ ପ୍ରଜ୍ୱଳନ କରି ଶୁଭାରମ୍ଭ କରିଥିଲେ, ଟାଉନ ଥାନା ଅଧିକାରୀ ଶ୍ରୀକାନ୍ତ ସାହୁ ସମ୍ମାନିତ ଅତିଥିଭାବେ




ଯୋଗଦେଇଥିଲେ, ଧରଣୀଧର ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରର ଭଉଣୀ ପ୍ରତିଭା ପୃଷ୍ଟି, ବ୍ରହ୍ମକୁମାରୀ ଜୟନ୍ତୀ ଆଟୋଇ ପ୍ରମୁଖ ଶିବିର ପରିଚାଳନା କରିଥିଲେ, ରକ୍ତଦାତା ମାନଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା, ରକ୍ତକେନ୍ଦ୍ର ପିଆରଓ ଅକ୍ଷୟ ସାହୁ ଏବଂ ଏଲଟି ବୃନ୍ଦ ରକ୍ତ ସଂଗ୍ରହ କରିଥିଲେ ଜିଲ୍ଲା ରେଡ଼କ୍ରସ ଯୁଗ୍ମ ସମ୍ପାଦକ ଶ୍ରୀ ଏ ଆର ଖାନ ଉପସ୍ଥିତ ରହି ରକ୍ତଦାତା ମାନଙ୍କୁ ଉତ୍ସହ ପ୍ରଦାନ କରିଥିଲେ, ବ୍ରହ୍ମକୁମାରୀ ଭାଇ ଭଉଣୀ ଏତାଦୃଶ ମାନବୀୟ କାର୍ଯ୍ୟ ସାଧାରଣ ରେ ପ୍ରଶଂସିତ ହୋଇଛି ।

## ଗୀତାଜ୍ଞାନ ମହାଯଜ୍ଞ ପୂର୍ଣ୍ଣାହୂତି

ଆସିକା (ଭାସ୍କର ନ୍ୟୁଜ): ଚିନ୍ମୟ ମିଶନଠାରେ ଦୀର୍ଘ ତିନି ବର୍ଷ ଧରି ଚାଲିଥିବା ଆଧାତ୍ମିକ କାର୍ଯ୍ୟକ୍ରମ ଶ୍ରୀମଦ୍‌ଭାଗବଦ୍ ଗୀତା ଜ୍ଞାନଯଜ୍ଞର ପୂର୍ଣ୍ଣାହୁତି ବାରିପଦା ଚିନ୍ମୟ ମିଶନର ଆଚାର୍ଯ୍ୟ ସ୍ୱାମୀ ଗୋବିନ୍ଦାନନ୍ଦଙ୍କ ଦ୍ୱାରା ସଂପାଦିତ ହୋଇଯାଇଛି। ଏହି ମହାନ ଜ୍ଞାନଯଜ୍ଞରେ ଆସିକା ବିଧାୟକ ସରୋଜ କୁମାର ପାଢ଼ୀ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ଆସିକା ଚିନ୍ମୟ ମିଶନର ସଭାପତି ଲକ୍ଷ୍ମୀନାରାୟଣ ଗୁପ୍ତା ଏବଂ ସଚିବ ନିରଞ୍ଜନ ମହାନ୍ତିଙ୍କ ସଂଯୋଜନାରେ କାର୍ଯ୍ୟକ୍ରମଟି ସଫଳ ରୂପାୟନ ହୋଇପାରିଥିଲା। ସକାଳ ଘ ୮:୩୦ ମିନଟରେ ଆରମ୍ଭ ହୋଇ ଠିକ ମଧାହ୍ନ ୧୨ଘଣ୍ଟ ନିର୍ଦ୍ଦିଷ୍ଟ ସମୟରେ ସମାପନ ହୋଇଥିଲା।ସ୍ୱାମୀଜୀଙ୍କ ଶ୍ରୀମୁଖରୁ ଶ୍ରୀମଦ୍‌ଭାଗବଦ୍ ଗୀତାର ସମସ୍ତ ଅଷ୍ଟୋଦଶୋଧ୍ୟାୟକୁ ସମସ୍ତ ଭକ୍ତବୃନ୍ଦ ପୁନରାବୃତ୍ତ ପାରାୟଣ କରିଥିଲେ। ମୁଖ୍ୟ ଅତିଥି ବିଧାୟକ ସରୋଜ ପାଢ଼ୀ ଆସିକା ଚିନ୍ମୟ ମିଶନର ଏପରି ଆଧାତ୍ମିକ କାର୍ଯ୍ୟକ୍ରମକୁ ଭୂୟଶୀ ପ୍ରଶଂସା କରିଛନ୍ତି। ଚିନ୍ମୟ ମିଶନର ଅତିରିକ୍ତ




କୋଠରୀ ନିମନ୍ତେ ଦୁଇଲକ୍ଷ ଟଙ୍କା ଅନୁଦାନ ପ୍ରଦାନ କରିବା ପାଇଁ ପ୍ରତଶ୍ରୁତି ଦେଇଛନ୍ତି। ସ୍ୱାମୀଜୀଙ୍କ ଆଧାତ୍ମିକ ପ୍ରବଚନରେ ଶତମୁଖ ହୋଇ କହିଥିଲେ ଦୀର୍ଘ ତିରିଶ ବର୍ଷ ମଧ୍ୟରେ ପ୍ରଥମଥର ପାଇଁ ଗୀତା ଜ୍ଞାନଯଜ୍ଞର ପୂର୍ଣ୍ଣାହୁତି ହୋଇପାରିଛି। ନିଶ୍ଚୟ ଭକ୍ତବୃନ୍ଦଙ୍କ ମଧ୍ୟରେ ଭଗବାନ ଶ୍ରୀକୃଷ୍ଣଙ୍କ ମୁଖନିଃସୃତ ବାଣୀର ଆତ୍ମସାତ ଭକ୍ତିର ନୂତନ ଆଲୋଡନ ସୃଷ୍ଟି କରିପାରିଛି ବୋଲି ବକ୍ତବ୍ୟ ରଖିଥିଲେ। ଚିନ୍ମୟ ମିଶନର ପ୍ରାୟ ଶତାଧିକ ଭକ୍ତ ବୃନ୍ଦ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ପ୍ରସାଦ ସେବନ କରିଥିଲେ।

## ପୋଷ୍ଟରଚିରା ଅଭିଯାନରେ ଡେପୁଟି କମିଶନର

ବ୍ରହ୍ମପୁର(ଭାସ୍କର ନ୍ୟୁଜ): ସହରର ସୌନ୍ଦର୍ଯ୍ୟ ବୃଦ୍ଧି କରିବା ଦିଗରେ ନିଜ ଉଦ୍ୟମ ଜାରି ରଖିଛି ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଟିମ୍ କ୍ଲିନ୍ ସିଟି। ପ୍ରତି ରବିବାର ଭଳି ଆଜି ମଧ୍ୟ ଟିମ୍ ପକ୍ଷରୁ ପୋଷ୍ଟର ଚିରା ଅଭିଯାନ କରାଯାଇଥିଲା। ପ୍ରଥମେ ସମସ୍ତ ସଦସ୍ୟ ସ୍ଥାନୀୟ ଏମକେସିଜି ମୁଖ୍ୟ ଫାଟକ ସମ୍ମୁଖରେ ଏକାଠି ହୋଇଥିଲେ। ପରେ ଉକ୍ତ ସ୍ଥାନ ଠାରୁ ଖୋଡାସିଙ୍ଗି ପର୍ଯ୍ୟନ୍ତ କାନ୍ଥ ଓ ଗଛ ଗୁଡିକରେ ଲାଗିଥିବା ପୋଷ୍ଟର, ବ୍ୟାନର ଆଦିକୁ ବାହାର କରିଥିଲେ ସଦସ୍ୟଗଣ। ଏହି ଅଭିଯାନରେ ବ୍ରହ୍ମପୁର ମହାନଗର ନିଗମର ଡେପୁଟି କମିଶନର କଲ୍ୟାଣି ସଂଘମିତ୍ରା ଦେବୀ ସାମିଲ ହୋଇ ଇଞ୍ଜିନିୟର ସ୍କୁଲ ଛକ ସ୍ଥିତ ବସ୍ ଷ୍ଟପ୍‌ରେ ଲାଗିଥିବା ପୋଷ୍ଟରଗୁଡିକୁ ଚିରିବା ସହ ଅଳିଆ ଆବର୍ଜନାକୁ ସଦସ୍ୟଙ୍କ ସହ ମିଶି ଝାଡୁ ଜରିଆରେ ସଫେଇ କରିଥିଲେ। ରେଶମ ସହରକୁ ସ୍ୱଚ୍ଛ, ସବୁଜ ଓ ସୁନ୍ଦର ଭାବେ ଗଢି ତୋଳିବାକୁ ଟିମ୍‌ର ପଦକ୍ଷେପ ଅତ୍ୟନ୍ତ ପ୍ରଶଂସନୀୟ ବୋଲି କହି ଆଗାମୀ ଦିନରେ ଏହାକୁ ଜାରି ରଖିବାକୁ ପରାମର୍ଶ ଦେଇ ଉତ୍ସାହିତ କରିଥିଲେ। ପୋଷ୍ଟର ବାହାର କରାଯିବା ପରେ ପଡୁଥିବା ଅଳିଆ ଆବର୍ଜନାକୁ ମହାନଗର ନିଗମ ପକ୍ଷରୁ କିଭଳି ସଫେଇ କରାଯିବ ସେନେଇ ଗୁରୁତ୍ୱ ଦେବାକୁ ସାମିଲ ସଦସ୍ୟ ମାନେ ଡେପୁଟି କମିଶନରଙ୍କୁ ଅବଗତ କରାଇଥିଲେ। ଏହି ଅବସରରେ ଟି.ସି.ସିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ପୂର୍ବରୁ ଟିମ୍ କ୍ଲିନ୍ ସିଟିର ଏହି କାର୍ଯ୍ୟକୁ ମହାନଗର ନିଗମର କମିଶନର ପ୍ରଥମେଶ ଅରବିନ୍ଦ ରାଜସିର୍କେ ଖୁବ୍ ପ୍ରଶଂସା କରିଥିଲେ।

# ଉଜୁଡ଼ିଗଲାଣି ତରମାକାନ୍ତ ଚା' ବଗିଚା

କେନ୍ଦୁଝର(ଭାସ୍କର ନ୍ୟୁଜ): କେନ୍ଦୁଝର ଜିଲ୍ଲାର ବାଂଶପାଳ ବ୍ଲକ ତରମାକାନ୍ତ ଅଞ୍ଚଳ ଯେ ଉନ୍ନତମାନର ଚା' ଚାଷ ପାଇଁ ପ୍ରକୃଷ୍ଟ ସ୍ଥାନ ତାହା କହିବା ବାହୁଲ୍ୟମାତ୍ର । ଏହାକୁ ଭିତ୍ତି କରି ୧୯୮୨ ମସିହାରେ ଓଡିଶା ସରକାରଙ୍କର ଇପିକଲ ସଂସ୍ଥା ଓ କୋଲକତାର ଶିଳ୍ପପତି ବସନ୍ତ କୁମାର ଦୁବେଙ୍କ ମିଳିତ ସହଯୋଗରେ ଓଟିପିଏଲ୍ ନାଁରେ ତରମାକାନ୍ତଠାରେ ଏକ ଚା' ବଗିଚା ୮୯୬.୫୪ହେକ୍ଟର ଜମିରେଆରମ୍ଭ ହୋଇଥିଲା । ଉତ୍କୃଷ୍ଟମାନ ଚା'ର ଖୁବ୍ ସୁନାମ ଥିଲା ରାଜ୍ୟ,ଦେଶ ତଥା ଦେଶ ବାହାରେ । ଦୁଃଖ ଓ ପରିତାପର ବିଷୟ ଏହା ଯେ ତରମାକାନ୍ତର ଏହି ଚା ବଗିଚା ଏବେ ଉଜୁଡି ଯାଇଛି । ଏଠାକାର ଚା' କେବଳ ଓଡିଶା ଓ ଭାରତ ବର୍ଷ ନୁହେଁ ଜାପାନ,ଫ୍ରାନ୍ସ,ଜର୍ମାନ,ଲଣ୍ଡନ,ଯୁକ୍ତରାଷ୍ଟ୍ର ଆମେରିକା,ସୋଭିଏତ୍ ଋଷ,କାନାଡା ଭଳି ଦେଶମାନଙ୍କରେ ବେଶ୍ ନାଁ କରିଥିଲା । ଏଠାରେ ବର୍ତ୍ତମାନ ଥିବା ଚା' ଗଛମାନଙ୍କୁ ଦେଖିଲେ ଏବଂ ବଗିଚା ମଧ୍ୟରେ ପଡି ରହିଥିବା ପରିତ୍ୟକ୍ତ ଭଙ୍ଗା ଗାଡି ଓ କୋଠାଘରକୁ ଦେଖିଲେ ମନରେ ଏକ ଶିହରଣ ଖେଳିଯାଏ । ପ୍ରାୟ ୨୧୪ ହେକ୍ଟର ଜମିରେ ପ୍ରଥମେ ଉନ୍ନତମାନର ଚା ଚାରା ରୋପଣ କରାଯାଇଥିଲା । ଓଡିଶା ସରକାର ଓ ଉକ୍ତ କମ୍ପାନୀର ମିଳିତ ଉଦ୍ୟମରେ ଗଢାଯାଇଥିବା 'ଓଡିଶା ଟି ପ୍ଲାଣ୍ଟେସନ ଲିଃ' ଦେଶ ବିଦେଶର ବିଭିନ୍ନ ସ୍ଥାନକୁ ଚା' ରପ୍ତାନି କରି ବେଶ୍ ଲାଭବାନ ହୋଇଉଠିଲା । ଅଫିସ କାର୍ଯ୍ୟ ପାଇଁ ୧୨ଜଣ,ବୈଷୟିକ କାର୍ଯ୍ୟ ପାଇଁ ୨୯ଜଣ,ନିୟମିତ ଶ୍ରମିକ ୧୪୯ଜଣଙ୍କୁ ପ୍ରାଥମିକ ନିଯୁକ୍ତି ଦିଆଯାଇ ଚା ବଗିଚା କାମ ଆରମ୍ଭ କରାଯାଇଥିଲେ ମଧ୍ୟ ପ୍ରତ୍ୟକ୍ଷ ଓ ପରୋକ୍ଷରେ ଏକହଜାର ପାଖାପାଖି ଶ୍ରମିକ କାମଧନ୍ଦା କରୁଥିଲେ ତରମାକାନ୍ତ ଚା ବଗିଚାରେ । ଏହି ଅଞ୍ଚଳଟି ସମୁଦ୍ରପତ୍ତନଠାରୁ ୧୮୦୦ ଫୁଟରୁ ୨୨୦୦ ଫୁଟ ଉଚ୍ଚତାରେ ଥିବା ସହିତ ଏଠାରେ ପୂର୍ଣ୍ୟତୋୟା ନଦୀ ଓ ଏହାର ଦୁଇଟି ପ୍ରମୁଖ ଉପନଦୀ ରାଣୀମା ନାଳ ଓ ଅନ୍ୟ ଏକ ଜଳ ଉତ୍ସର ଜଳ ମଧ୍ୟ ଚା' ଚାଷ ପାଇଁ ସହାୟକ ହୋଇଥିଲା । ୧୯୮୩ ମସିହାରୁ ଏଠାରେ କାରବାର ଆରମ୍ଭ ହୋଇ ୨୦୦୨ ମସିହା ବେଳକୁ ବ୍ୟବସାୟ ସଫଳତାର ଶୀର୍ଷକୁ ଛୁଇଁ ପାରିଥିଲା । ଏଠାରୁ ଉତ୍ପାଦିତ ଚା'ର ଏକ ସ୍ୱତନ୍ତ୍ର ଚାହିଦା ବିଶ୍ୱ ବଜାରରେ ରହିଥିଲା ଏବଂ ଆରମ୍ଭ ହେବା ଦିନୁ ଲାଭରେ ଚାଲି ଆସିଥିବା ଏହି ପ୍ରକଳ୍ପଟି ହଠାତ୍ ୨୦୦୩ ମସିହା ବେଳକୁ ଧିମେଇ ଯାଇଥିଲା । ସରକାରଙ୍କ ଆନ୍ତରିକତାର ଅଭାବ କିମ୍ବା ପରିଚାଳନାଗତ ତ୍ରୁଟି ହେଉ ଏହି ପ୍ରକଳ୍ପଟି କ୍ରମେ ବନ୍ଦ ହୋଇଯିବାକୁ ବସିଲା । ୨୦୦୩-୦୪ ମସିହା ବେଳକୁ ଏହା ସଂପୂର୍ଣ୍ଣ ବନ୍ଦ ହୋଇଗଲା । ଏହାଫଳରେ ଏହି ପ୍ରକଳ୍ପ ଉପରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ନିର୍ଭର କରୁଥିବା ଶହ ଶହ ସଂଖ୍ୟାରେ କର୍ମଚାରୀ ଓ ଶ୍ରମିକମାନେ କର୍ମସଂସ୍ଥାନ ହରାଇଲେ । ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ତରମାକାନ୍ତରେ ଗଢି ଉଠିଥିବା ଫ୍ୟାକ୍ଟ୍ରି,ମୂଲ୍ୟବାନ ଯନ୍ତ୍ରାଂଶ,କର୍ମଚାରୀଙ୍କ କ୍ୱାର୍ଟର,ବେଲଜିୟମ କାଚରେ ନିର୍ମିତ



ଆକର୍ଷଣୀୟ ତଥା ବିଳାସମୟ ଅତିଥି ଗୃହ ଏବଂ ସର୍ବୋପରି ହଜାର ହଜାର ହେକ୍ଟର ପରିମିତ ଚା' ବଗିଚା ଧ୍ୱଂସ ପାଇଯାଇଛି । କେନ୍ଦୁଝର ମାଟିର ସୁଯୋଗ୍ୟ ସନ୍ତାନ ଶ୍ରୀଯୁକ୍ତ ମୋହନ ଚରଣ ମାଝୀ ରାଜ୍ୟର ମୁଖ୍ୟମନ୍ତ୍ରୀ ଦାୟିତ୍ୱ ନେବା ପରେ ଏହି ତରମାକାନ୍ତ ଚା ବଗିଚାକୁ ପୁନଃ କାର୍ଯ୍ୟକ୍ଷମ କରିବା ପାଇଁ ତତ୍ପରତା ଦେଖାଇବା ପରେ ଓଡିଶା ସରକାରଙ୍କ ମୃତ୍ତିକା ସଂରକ୍ଷଣ ଓ ଜଳଛାୟା ବିକାଶ ନିର୍ଦ୍ଦେଶାଳୟ ପକ୍ଷରୁ ଏକ ଡିପିଆର ପ୍ରସ୍ତୁତ କରାଯାଇ ସରକାରୀ ଅର୍ଥ କିମ୍ବା ଜିଲ୍ଲା ଖଣିଜ ପ୍ରତିଷ୍ଠାନର ଆର୍ଥିକ ସହାତାରେ ଏହାକୁ ପୁନରୁଦ୍ଧାର କରାଗଲେ ଏହି ଅଂଚଳ କେବଳ ଯେ କର୍ମନିଯୁକ୍ତି ସୃଷ୍ଟି କରିବ ତାହା ନୁହେଁ ବରଂ ପର୍ଯ୍ୟଟକଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ହେବ ବୋଲି ଉଲ୍ଲେଖ କରିଛନ୍ତି। ଏହି ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ(ବୈଷୟିକ) ତାଙ୍କ ପତ୍ର ସଂଖ୍ୟା ୨୪୮୮ ତା ୨୪.୩.୨୦୨୫ରେ ଉଲ୍ଲେଖ କରିଛନ୍ତି ଯେ, ଏହା ସୋଲାର କିମ୍ବା ପବନଶକ୍ତିରେ ପରିଚାଳିତ ହେବା ସହ ଏହାକୁ ନବୀକରଣ କରାଯାଇପାରିବ । ତେବେ ଏଥିପାଇଁ କେତେ ଅର୍ଥର ଆବ୍ୟଶ୍ୟକ ତାହା ଉଲ୍ଲେଖ କରାଯାଇ ନଥିବାବେଳେ ବିଭିନ୍ନ ପ୍ରସ୍ତାବମାନ ପ୍ରଦାନ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଉପଦେଷ୍ଟାଙ୍କୁ ପ୍ରଦାନ କରାଯାଇଥିବା ଏହି ରିପୋର୍ଟ ଇତିମଧ୍ୟରେ ୫ମାସ ଅତିକ୍ରମ କରିବାକୁ ବସିଥିବାବେଳେ ରାଜ୍ୟ ସରକାର ଏହି ପ୍ରକଳ୍ପକୁ ନିଜ ହାତକୁ ନେଇ ପୁନଃ ଚାଲୁ କଲେ ତରମାକାନ୍ତ ସମେତ ବାଂଶପାଳ ଅଞ୍ଚଳର ଆଦିବାସୀମାନଙ୍କ ପାଇଁ କର୍ମନିଯୁକ୍ତିର ସୁଯୋଗ ସୃଷ୍ଟି କରିପାରନ୍ତା ବୋଲି ମତବ୍ୟକ୍ତ ହୋଇଛି ।

## କେନ୍ଦ୍ରମନ୍ତ୍ରୀ ମନ୍ତ୍ରୀ ଜୁଏଲ ଓରାମଙ୍କ ଦିନିକିଆ କୋଇଡା ଗସ୍ତ




କୋଇଡା(ଭାସ୍କର ନ୍ୟୁଜ): କୋଇଡା କେନ୍ଦ୍ର ଅନୁସୂଚିତ ବ୍ୟାପାର ଆଦିବାସୀ କଲ୍ୟାଣ ବିକାଶ ମନ୍ତ୍ରୀ ଜୁଏଲ ଓରାମ ଆଜି ଦିନିକିଆ କୋଇଡା ଗସ୍ତ କାର୍ଯ୍ୟକ୍ରମରେ ଆସି କୋଇଡା ସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର ର ନୂତନ ଭାବେ ନିର୍ମାଣ ହୋଇଥିବା ଅତିରିକ୍ତ ଶ୍ରେଣୀ ଗୃହ ର ଶୁଭ ଉଦଘାଟନ କରିବା ସହିତ ସ୍କୁଲ ପରିସର ବୁଲି ଦେଖିଥିଲେ। ଏହା ପରେ କୋଇଡା ସୀତାରାମ ରୁଂଟା ପଂଚାୟତ ମାର୍କେଟ କମ୍ପ୍ଲେକ୍ସ ଠାରେ ଏକ ବିରାଟ ଜନ ସଭା କୁ ସମ୍ବୋଧିତ କରିବା ସହିତ ନବ ଗଠିତ କୋଇଡା ମଣ୍ଡଳ ଟ୍ରକ ଓ ଟିପ୍ପର ଆସୋସିଏସନର ଶୁଭ ଉଦଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମ ରେ ସମ୍ମାନିତ ଅତିଥି ଭାବେ କୋଇଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୌମେନ୍ଦ୍ର ସାରା, କୋଇଡା ତହସିଲଦାର ନିର୍ମଳ ବିଶ୍ୱାଳ ରାଉରକେଲା ବିଜେପି ସାଙ୍ଗଠାନିକ ଜିଲ୍ଲା ସଭାପତି ପୂର୍ଣ୍ଣିମା କେର୍କେଟା,ବିଜେପି ସୁନ୍ଦରଗଡ଼ ଜିଲ୍ଲା କୋଷାଧକ୍ଷ ଚେତନ ଦୀପ୍ତ ନାୟକ,ଷ୍ଟେଟ କୋ-ଅର୍ଡିନେଟର ଯଜ୍ଞ ପ୍ରସାଦ ସାହୁ, ରାହାସ ବିହାରୀ ପ୍ରଧାନ କୋଇଡା ମଣ୍ଡଳ ସଭାପତି ରାମ ଚନ୍ଦ୍ର ପଲେଇ, କୋଇଡା ମଣ୍ଡଳ ପୂର୍ବତନ ସଭାପତି ମେଲେରି ବାରିକ କୋଇଡା ମଣ୍ଡଳ ଟ୍ରକ ଆଣ୍ଡ ଟିପ୍ପର ଆସୋସେସନ ର ସଭାପତି ଦୀପକ ଜ୍ୟୋତି ବାର୍ଲା ସମ୍ପାଦକ ଶାନ୍ତନୁ ବାରିକ ପ୍ରମୁଖ ଯୋଗ ଦେଇଥିଲେ। ବିଜେପି କୋଇଡା ମଣ୍ଡଳ ର ବରିଷ୍ଠ ସଦସ୍ୟ ଶରତ ବାରିକ କୁଳମଣି ପାତ୍ର, କୁନା ପୂଜାରୀ,ଟିଣ୍ଟୁଆ ରଣା ସୋନୁ ଜୈଶ୍ୱାଲ,ଡମ୍ବରୁ ଦେହୁରୀ, ଆନନ୍ଦ ସିଂ,ସୁନିତା ସାହୁ, ଓ ବିଜେପି ର ସମସ୍ତ କର୍ମକର୍ତା ଯୋଗ ଦେଇଥିଲେ।

ଓଡ଼ିଶା ଭାସ୍କର ODISHA BHASKAR
ମହାନଗର



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସ୍ୱାଧୀନତା ସଂଗ୍ରାମୀ ଶିବରାମ ହରି ରାଜଗୁରୁଙ୍କ ସ୍ମୃତିଚାରଣ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏନେଇ ସୋସିଆଲ ମିଡିଆ ଏକ୍ସରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ମହାନ ସ୍ୱାଧୀନତା ସଂଗ୍ରାମୀ ଓ ଅମର ବଳିଦାନୀ ଶିବରାମ ହରି ରାଜଗୁରୁ ଜୀଙ୍କ ଜୟନ୍ତୀ ଅବସରରେ ମୁଁ ତାଙ୍କୁ କୋଟି-କୋଟି ନମନ କରୁଛି। ଦେଶର ସ୍ୱାଧୀନତା ପାଇଁ କେବଳ ୨୩ ବର୍ଷର ଅଳ୍ପ ବୟସରେ ନିଜର ସବୁକିଛି ଉତ୍ସର୍ଗ କରିଦେଇଥିବା ରାଜଗୁରୁ ଅଦମ୍ୟ ସାହସ, ଅତୁଟ ଦେଶଭକ୍ତି ଓ ସର୍ବୋଚ୍ଚ ତ୍ୟାଗର ପ୍ରତୀକ ଥିଲେ। ଭଗତ ସିଂହ ଓ ସୁଖଦେବ ଜୀଙ୍କ ସହିତ ତାଙ୍କର ଅମର ବଳିଦାନ ଭାରତୀୟ ସ୍ୱାଧୀନତା ସଂଗ୍ରାମର ସେହି ଗାଥା ଯାହା ବର୍ଷ ବର୍ଷ ଧରି ପ୍ରତ୍ୟେକ ଦେଶଭକ୍ତଙ୍କୁ ରାଷ୍ଟ୍ରହିତ ପାଇଁ ସମର୍ପିତ ହେବାର ପ୍ରେରଣା ଦେଇଚାଲିବ। ଭାରତଭୂମି ଏମିତି ବୀର ସପୁତ୍ରମାନଙ୍କ ଉପରେ ସର୍ବଦା ଗର୍ବ କରିଥାଏ।



## ରାଜ୍ୟସ୍ତରୀୟ ଆତ୍ମୋତ୍ସର୍ଗ ଦିବସ ପାଳିତ

# ପାପଡ଼ାହାଣ୍ଡି ଘଟଣା ଓଡ଼ିଶା ସ୍ୱାଧୀନତା ସଂଗ୍ରାମର ରକ୍ତାକ୍ତ ସ୍ୱାକ୍ଷର



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ୧୯୪୨ ମସିହାର ଭାରତ ଛାଡ଼ ଆନ୍ଦୋଳନ ସମୟରେ ସମସ୍ତ ଦେଶରେ ଯେପରି ବିଦ୍ରୋହର ଅଗ୍ନି ପ୍ରଜ୍ୱଳିତ ହୋଇଥିଲା, ସେହିପରି ଭାବେ ଓଡ଼ିଶା ମାଟିରେ ମଧ ପ୍ରଜାମାନଙ୍କର ଦେଶଭକ୍ତିର ସ୍ୱର ଗୁଞ୍ଜରିତ ହୋଇଥିଲା । ଭାରତର ସ୍ୱାଧୀନତା ସଂଗ୍ରାମ ସମୟରେ ବ୍ରିଟିଶ ପୋଲିସଙ୍କ ବର୍ବରୋଚିତ ଗୁଳିକାଣ୍ଡ ଯାହା ୧୯୪୨ ମସିହା ଅଗଷ୍ଟ ୨୪ ତାରିଖ ଦିନ ପାପଡ଼ାହାଣ୍ଡିର ମାଟିରେ ରକ୍ତରଞ୍ଜିତ ଇତିହାସ ଲେଖା ଯାଇଥିଲା । ନବରଙ୍ଗପୁର ଜିଲ୍ଲାର ତୁରୀ ନଦୀ କୂଳରେ ପାପଡାହାଣ୍ଡିରେ ବ୍ରିଟିଶମାନେ ଜାଲିଆନାାଲା ବାଗ ହତ୍ୟାକାଣ୍ଡର ପୁନରାବୃତ୍ତି କରିଥିଲେ, ଯେଉଁଠାରେ ମହାତ୍ମା ଗାନ୍ଧୀଙ୍କ ପ୍ରାୟ ହଜାର ହଜାର ଅନୁଗାମୀ ଅଗଷ୍ଟ ୨୪, ୧୯୪୨ରେ ପୋଲିସ କାର୍ଯ୍ୟାନୁଷ୍ଠାନର ଶିକାର ହୋଇଥିଲେ । ଗୁଳିଚାଳନା ସମୟରେ କେବଳ ୧୯ ଜଣ ସଂଗ୍ରାମୀ ପ୍ରାଣ ହରାଇ ନଥିଲେ ବରଂ ଢେର ଅଧିକ ସଂଗ୍ରାମୀ ଆହତ ହୋଇଥିଲେ ଏବଂ ଅନେକ କାରାଦଣ୍ଡ ଭୋଗୁଥିବା ସମୟରେ ମୃତ୍ୟୁ ବରଣ କରିଥିଲେ । ପାପଡ଼ାହାଣ୍ଡି ଘଟଣା କେବଳ ଏକ ସ୍ଥାନୀୟ ପ୍ରଜାବିଦ୍ରୋହ ନୁହେଁ ଏହା ଓଡ଼ିଶାର ସ୍ୱାଧୀନତା ସଂଗ୍ରାମର ରକ୍ତାକ୍ତ ସ୍ୱାକ୍ଷର ବୋଲି ଅତିଥିମାନେ ଉଲ୍ଲେଖ କରିଛନ୍ତି । ସୂଚନା ଓ ଲୋକସଂପର୍କ ବିଭାଗ ଏବଂ ଶବରୀ ସାଂସ୍କୃତିକ ସଂସଦର ମିଳିତ ଆନୁକୂଲ୍ୟରେ ରବିବାର ସନ୍ଧ୍ୟାରେ ସ୍ଥାନୀୟ ଜୟଦେବ ଭବନଠାରେ ଆୟୋଜିତ ରାଜ୍ୟସ୍ତରୀୟ ଆତ୍ମୋତ୍ସର୍ଗ ଦିବସ ସମାରୋହରେ ଉଦ୍‌ବୋଧନ ଦେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଲେ ଯେ ପାପଡ଼ାହାଣ୍ଡି ଘଟଣା ଓଡିଶା ସ୍ୱାଧୀନତା ସଂଗ୍ରାମ ଇତିହାସରେ ଏକ ଗୁରୁତ୍ୱପୂର୍ଣ୍ଣ ସ୍ୱାକ୍ଷର । ଭାରତଛାଡ଼ ଆନ୍ଦୋଳନ କେବଳ ଏକ ସ୍ଲୋଗାନ ନଥିଲା ଏହା ଭାରତ ଆତ୍ମାର ଚିତ୍କାର ଥିଲା । ସ୍ୱାଧୀନତା ଆନ୍ଦୋଳନକୁ ପ୍ରତିହତ କରିବା ଉଦ୍ଦେଶ୍ୟରେ ପାପଡାହାଣ୍ଡିରେ ବ୍ରିଟିଶମାନଙ୍କ ବର୍ବାରୋଚିତ ହତ୍ୟାକାଣ୍ଡ ଜାଲିଆନାୱାଲାବାଗ ହତ୍ୟାକାଣ୍ଡ ଠାରୁ କୌଣସି ଗୁଣରେ କମ ନଥିଲା । ବିଶିଷ୍ଟ ଅତିଥି ଭାବେ ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ କହିଲେ ଯେ ସ୍ୱାଧୀନତା ସଂଗ୍ରାମରେ ଅବିଭକ୍ତ କୋରାପୁଟ ଜନଜାତିର ଅବଦାନକୁ ଭୁଲିବାର ନୁହେଁ । ଏହା ଉପରେ ଅଧିକ ଗବେଷଣା ସହିତ ଅଧିକ ତଥ୍ୟ ଲୋକଲୋଚନକୁ ଆସିବା ଦରକାର ବୋଲି ଉଲ୍ଲେଖ କରି ସେ ପାପଡ଼ାହାଣ୍ଡି ସଂଗ୍ରାମର ବିଭିନ୍ନ ଦିଗ ସଂପର୍କରେ ଆଲୋକପାତ କରିଥିଲେ । ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଶିଷ୍ଟ ଗାନ୍ଧିବାଦୀ ଚିନ୍ତକ ଏବଂ ସ୍ତମ୍ଭକାର ପ୍ରହଲ୍ଲାଦ ସିଂହ କହିଲେ ଯେ ଭାରତ ଛାଡ଼ ଆନ୍ଦୋଳନର ଆହ୍ୱାନ ପରେ ଅବିଭକ୍ତ କୋରାପୁଟ ଜିଲ୍ଲାର ପ୍ରଜାମାନେ ଇଂରେଜ ଶାସନକୁ ପ୍ରତିବାଦ କରିଥିଲେ । ସମ୍ମାନିତ ଅତିଥି ଭାବେ ଯୋଗଦେଇ କୋରାପୁଟ ବିଧାୟକ ଶ୍ରୀଯୁକ୍ତ ରଘୁରାମ ମାଛ ପାପଡ଼ାହାଣ୍ଡି ଘଟଣା ଭାରତର ସ୍ୱାଧୀନତା ସଂଗ୍ରାମ ଇତିହାସରେ ନବରଙ୍ଗପୁର ଜନଜାତିର ଯୋଗଦାନ ଓଡିଶା ସ୍ୱାଧୀନତା ସଂଗ୍ରାମର ଏକ ପାହାଚ । ସୂଚନା ଓ ଲୋକସଂପର୍କ ବିଭାଗର ନିର୍ଦ୍ଦେଶକ ଅନୁଜ କୁମାର ଦାସ ପଟ୍ଟନାୟକ ସ୍ୱାଗତ ଭାଷଣ ଅବସରରେ ଭାରତ ସ୍ୱାଧୀନତା ସଂଗ୍ରାମର ଅଂଶ ବିଶେଷ ରକ୍ତତୀର୍ଥ ପାପଡାହାଣ୍ଡିର ତୁରୀ ନଦୀ ତଟରେ ସଙ୍ଗଠିତ ଏହି ବର୍ବରୋଚିତ ଗୁଳିକାଣ୍ଡ ଅନେକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ବୋଲି ପ୍ରକାଶ କରିଥିଲେ । ଶବରୀ ସାଂସ୍କୃତିକ ସଂସଦର ପ୍ରତିଷ୍ଠାତା ସଦସ୍ୟ ଡଃ ଗୋଦାବରୀଶ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମ ଆରମ୍ଭରେ ଆଶା ମୁକୁଳ ବାରିକ ଏବଂ ସାଥୀଙ୍କ ଦ୍ୱାରା ପ୍ରାରମ୍ଭିକ ଦେଶାତ୍ମବୋଧକ ସଂଗୀତ ପରିବେଷଣ କରାଯାଇଥିଲା । ଦିପ୍ତୀରଞ୍ଜନ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଶବରୀ ସାଂସ୍କୃତିକ ସଂସଦର ବରିଷ୍ଠ ସଦସ୍ୟ ପ୍ରଫେସର ହୃଦୟ ରଞ୍ଜନ ଶତପଥୀ, ସମ୍ପାଦକ ନୀଳମାଧବ ଦାଶ ଏବଂ କୋଷାଧ୍ୟକ୍ଷ ଯଶୋବନ୍ତ ଜୈନ ପ୍ରମୁଖ ସମାରୋହରେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ସୂଚନା ଓ ଲୋକସଂପର୍କ ବିଭାଗର ଉପ ନିର୍ଦ୍ଦେଶକ ଦିପ୍ତିମୟୀ ମହାପାତ୍ର, ସୁଚେତା ପ୍ରିୟଦର୍ଶିନୀ ଏବଂ ଅନ୍ୟ ବରିଷ୍ଠ ଅଧିକାରୀ, ବହୁ ବୁଦ୍ଧିଜୀବୀ, ମାନ୍ୟଗଣ୍ୟ ବ୍ୟକ୍ତି ଓ ଗଣମାଧମ ପ୍ରତିନିଧି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

## ଜାରି ରହିଛି ବିଏମ୍‌ସିର ଗଣସଫେଇ

# ଯୋଗଦେଲେ ମେୟର ଏବଂ ଷ୍ଟାଣ୍ଡିଂ କମିଟି ସଦସ୍ୟ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବର୍ତ୍ତମାନ ଗଣ ସଫେଇକୁ ଆଦର କରୁଛନ୍ତି ସ୍ଥାନୀୟ ବାସିନ୍ଦା । ଏହାର ପ୍ରତିଫଳନ ଦେଖିବାକୁ ମିଳିଛି ଆଜିର ବିଏମ୍‌ସି ପକ୍ଷରୁ ଆୟୋଜିତ ଖଣ୍ଡଗିରି ବାରି ଗଣ ସଫେଇ କାର୍ଯ୍ୟକ୍ରମରେ । ସକାଳ ୭.୩୦ ମିନିଟ୍ ସମୟରେ ଏହି ଅଞ୍ଚଳରେ କରାଯାଇଥିଲା ଗଣ ସଫେଇ । ହର ଘର ତ୍ରିରଙ୍ଗା ହର ଘର ସ୍ୱଚ୍ଛତା ର ନାରା ଦେଇ କରାଯାଇଛି ଏହି ଅଭିଯାନ । କାନ୍ଥରୁ କାନ୍ଥ ସଫେଇ, ମଶା ମରା ତେଲ ଛିଞ୍ଚନ, ବୁଦା ସଫେଇ, ଲାଇଟ୍ ମରାମତି ଆଦି କାର୍ଯ୍ୟ ମଧ କରାଯାଇଥିଲା । ଏଥିରେ ସାମିଲ୍ ହୋଇଥିଲେ ମେୟର ସୁଲୋଚନା ଦାସ, ଷ୍ଟାଣ୍ଡିଂ କମିଟିର ଅଧକ୍ଷ ବିରଞ୍ଚି ନାରାୟଣ ମହାସୁପକାର ଓ କର୍ପୋରେଟର କିରଣ ବାଳା ମାଝି । ସ୍ଥାନୀୟ ଖଣ୍ଡଗିରି ବାରିର ବିଭିନ୍ନ ଅଞ୍ଚଳର ସ୍ଥାନୀୟ ବାସିନ୍ଦା ଏହାକୁ ସ୍ୱାଗତ କରିବା ସହିତ ସ୍ୱତଃପ୍ରବୃତ୍ତ ଭାବେ ଗଣ ସଫେଇରେ ଯୋଗ ଦେଇଥିଲେ । ଏହିପରି କାର୍ଯ୍ୟ ଆମକୁ ପ୍ରେରଣା ଦେଉଛି ବୋଲି କହିଥିଲେ ଉପସ୍ଥିତ ବରିଷ୍ଠ ନାଗରିକମାନେ । ପରବର୍ତ୍ତୀ ସମୟରେ କର୍ମୀ ଓ କର୍ମଚାରୀମାନେ ସମ୍ ହସ୍ପିଟାଲ ଅଞ୍ଚଳରେ ସଫେଇ କରିଥିଲେ । ସ୍ଥାନୀୟ ନାଗରିକଙ୍କ ସମେତ ପୂର୍ବତନ କର୍ପୋରେଟର ଦିଲ୍ଲୀପ ମାଝୀ, ଅତିରିକ୍ତ କମିଶନର ରତ୍ନାକର ସାହୁ ଏବଂ କୈଳାଶ ଚନ୍ଦ୍ର ଦାସ, ଡେପୁଟି କମିଶନର ଏନ୍. ଗଣେଶ ବାବୁ ଏହି କାର୍ଯ୍ୟ କ୍ରମକୁ ଆଗେଇ ନେଇଥିଲେ । ନାଗରିକଙ୍କ ସହଯୋଗ ସହିତ ବିଏମ୍‌ସି ସାନିଟେସନ ଉପବିଭାଗ, ସହଭାଗୀ ଅନୁଷ୍ଠାନ ଆଦିଙ୍କ ଆଗଭରକୁ ଦେଖି ମେୟର ଶ୍ରୀମତୀ ଦାସ ଖୁସି ପ୍ରକଟ କରିଥିଲେ ।

## ୮ କୋଟିର ସାଇବର ଠକେଇ

# ୨ ଅଭିଯୁକ୍ତକୁ ଗିରଫ କଲା କ୍ରାଇମ୍‌ବ୍ରାଞ୍ଚ

କଟକ(ଭାସ୍କର ନ୍ୟୁଜ୍): ୮ କୋଟି ଟଙ୍କାର ୨ଟି ପୃଥକ ପୃଥକ ଠକେଇ ମାମଲାରେ କ୍ରାଇମବ୍ରାଞ୍ଚ୍ ରାଜ୍ୟ ବାହାରୁ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନଙ୍କୁ ରବିବାର କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତ ନିକଟରୁ ମୋବାଇଲ ଫୋନ୍, ସିମ କାର୍ଡ, ବିଭିନ୍ନ ବ୍ୟାଙ୍କର ଡେବିଟ୍ କାର୍ଡ ଆଦି ସାମଗ୍ରୀ ଜବତ କରାଯାଇଛି। ଜଣେ ବ୍ୟକ୍ତି ସାଇବର ଠକେଇର ଶିକାର ହୋଇ ୬ କୋଟି ୧୬ ଲକ୍ଷ ୩୭ ହଜାର ୮୪ ଟଙ୍କା ହରାଇଥିଲେ। ସାଇବର ଠକମାନେ ତାଙ୍କୁ ଅଧିକ ଲାଭ ପାଇବାର ଆଶା ଦେଖାଇ ଡିଜିଟାଲ କରେନ୍ସି ଏକ୍ସଚେ କାରବାର ଜରିଆରେ ତାଙ୍କୁ ବହୁ ଅଧିକ ଅର୍ଥ ମିଳିବ ବୋଲି କୁହାଯାଇଥିଲା। ପ୍ରାଥମିକ ଅବସ୍ଥାରେ କ୍ଷତି ହୋଇଥିଲେ ବି ତାଙ୍କୁ ଅଧିକ ଅର୍ଥ ବିନିଯୋଗ ପାଇଁ ସାଇବର ଠକମାନେ ପ୍ରବର୍ତ୍ତାଇଥିଲେ। ଉପରୋକ୍ତ ପରିମାଣର ଅର୍ଥ ସେ ବିନିଯୋଗ କରିବା ପରେ ଅର୍ଥ ଉଠାଇବାକୁ ଚେଷ୍ଟା କରିଥିଲେ। ମାତ୍ର ଅର୍ଥ ଉଠାଣ ପାଇଁ ସେମାନେ ଅତିରିକ୍ତ ଅର୍ଥ ଦାବି କରିଥିଲେ। ଆଉ ଅର୍ଥ ନଦେଲେ ଅର୍ଥ ଉଠାଇ ଦିଆଯିବ ନାହିଁ ବୋଲି ସେମାନେ କହିଥିଲେ। ଫଳରେ ବ୍ୟକ୍ତି ଜଣକ ଠକାମୀରେ ପଡ଼ିଥିବା ହୃଦବୋଧ କରି କ୍ରାଇମବ୍ରାଞ୍ଚରେ ଗତ ୨୦୨୪ ମସିହା ଜୁଲାଇ ୯ ତାରିଖରେ ଅଭିଯୋଗ କରିଥିଲେ। କ୍ରାଇମବ୍ରାଞ୍ଚ୍ ଏ ସମ୍ପର୍କରେ ଏକ ମାମଲା (ନଂ-୩୮/୨୦୨୪) ରୁଜୁ କରି ହୋଇ ତଦନ୍ତ ଚଳାଇଥିଲା। ଡିଏସ୍‌ପି ରତ୍ନପ୍ରଭା ଶତପଥୀଙ୍କ ନେତୃତ୍ୱରେ ଗଠିତ ତଦନ୍ତକାରୀ ଟିମ୍ ଅର୍ଥ କାରବାର ତଥ୍ୟ ପରଖିବା ପରେ ସେସବୁ ପାବ୍ ଲୁଧିଆନା ଅଞ୍ଚଳରେ ହୋଇଥିବା ଜଣାପଡ଼ିଥିଲା। ତଦନ୍ତକାରୀ ଦଳ ସେଠାକୁ ଯାଇ ପାବ ଲୁଧିଆନାର ଯୋଧେୱାଲା ଥାନା ଅନ୍ତର୍ଗତ ଇନ୍ଦୋର ବିହାରର ବିଟୁ କୁମାର (୪୧)ଙ୍କୁ ଗିରଫ କରି ସେଠାକାର ଜେଏମ୍‌ଏଫ୍‌ସି ପ୍ରଥମ ଶ୍ରେଣୀ ଅଦାଲତରେ ହାଜର କରାଇଥିଲା। କ୍ରାଇମବ୍ରାଞ୍ଚ୍ ତଦନ୍ତକାରୀ ଟିମ୍ ଅଭିଯୁକ୍ତଙ୍କୁ ସେଠାରୁ ଟ୍ରିଟ୍ ରିମାଣ୍ଡରେ ଆଣି କଟକରେ ପହଁଞ୍ଚିଛି। ସେହିପରି, ଅନ୍ୟ ଜଣେ ବ୍ୟକ୍ତି ୧ କୋଟି ୧ ଲକ୍ଷ ୪୪ ହଜାର ୬୯୯ ଟଙ୍କା ଅନୁରୂପ ଭାବରେ ଠକେଇର ଶିକାର ହୋଇଥିଲେ। ତାଙ୍କ ଅଭିଯୋଗ ଆଧାରରେ କ୍ରାଇମବ୍ରାଞ୍ଚ୍ ଗତ ମାର୍ଚ୍ଚ ୧୭ ତାରିଖରେ ମାମଲା ନଂ ୧୦/୨୦୨୫ ରୁଜୁ କରି ତଦନ୍ତ ଚଳାଇଛି। ଇନ୍‌ସପେକ୍ଟର ବିଭୁ ରଞ୍ଜନ ସୁନ୍ଦରାୟଙ୍କ ନେତୃତ୍ୱରେ ଗଠିତ ତଦନ୍ତକାରୀ ଦଳ ଆନ୍ଧ୍ରପ୍ରଦେଶର ହରିଜନୱାଡାରୁ ଅଭିଯୁକ୍ତ ଚପାଲମାଡୁଗୁ ସୁଧୀର କୁମାର (୩୩)ଙ୍କୁ ଗିରଫ କରିଛି। ଅଭିଯୁକ୍ତ ନିକଟରୁ ମୋବାଇଲ ଫୋନ, ସିମ୍ କାର୍ଡ, ବ୍ୟାଙ୍କ ପାସ୍ ବୁକ୍, ଚେକ ଆଦି ଜବତ ହୋଇଛି। ତଦନ୍ତକାରୀ ଟିମ୍ ଏଥିସହ ଅଭିଯୁକ୍ତଙ୍କୁ ଗୁ_ରସ୍ଥିତ ସ୍ପେଶାଲ ମୋବାଇଲ କୋର୍ଟରେ ହାଜର କରାଇବା ପରେ ସେଠାରୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ଆଣି କଟକରେ ପହଁଞ୍ଚିଛି।

# ବିଜେପିରେ ସାମିଲ ହେଲେ ଶତାଧିକ ବିଜେଡି ନେତା ଓ କର୍ମୀ




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡ଼ିଶା ବିକଶିତ ପଥେ ବଢ଼ିଚାଲିଛି। ଦେଶର ୧ ନମ୍ବର ରାଜ୍ୟ ଭାବେ ଓଡ଼ିଶାକୁ ଗଢ଼ି ତୋଳିବାକୁ ବିଜେପି ସରକାର ବଦ୍ଧପରିକର। ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱ ଓ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପରେ ରାଜ୍ୟବାସୀଙ୍କ ଆସ୍ଥା ଓ ବିଶ୍ୱାସ ଦିନକୁ ଦିନ ବଢ଼ିବାରେ ଲାଗିଛି। ସରକାରଙ୍କ ନିଷ୍ଠାପର ଓ ନିରବଚ୍ଛିନ୍ନ କାର୍ଯ୍ୟଶୈଳୀ ଉପରେ ଭରସା ରଖି ବିଜେଡି ଓ ଅନ୍ୟ ଦଳର ନେତା ଓ କର୍ମୀମାନେ ସେମାନଙ୍କ ଦଳ ଛାଡ଼ି ବିଜେପିରେ ସାମିଲ ହେବାରେ ଲାଗିଛନ୍ତି ବୋଲି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି। ଏହି ମିଶ୍ରଣ ପର୍ବ ଅବସରରେ ବଡ଼ଚଣା ବ୍ଲକ ଅଧକ୍ଷା ଶ୍ରୀମତୀ ମିନତୀ ସେନାପତି, ଉପାଧକ୍ଷ ବିଭାସଚନ୍ଦ୍ର ନନ୍ଦ, ବଡ଼ଚଣା ବ୍ଲକ ବିଜେଡିର ପୂର୍ବତନ ସଭାପତି ତଥା ଜିଲ୍ଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ ପ୍ରମୁଖ ରାଜ୍ୟ କାର୍ଯ୍ୟାଳୟରେ ଆନୁଷ୍ଠାନିକ ଭାବେ ବିଜେପିରେ ସାମିଲ ହୋଇଛନ୍ତି। ମିଶ୍ରଣ ପର୍ବରେ ବଡ଼ଚଣା ବ୍ଲକର ପୂର୍ବତନ ଛାତ୍ର ସଭାପତି ଜିତେନ୍ଦ୍ର କୁମାର ନାୟକ, ମାଣ୍ଡୁକ ସରପଞ୍ଚ ପ୍ରଭାସିନୀ ମଲିକ ପ୍ରମୁଖ ବିଜେପିରେ ସାମିଲ ହୋଇଛନ୍ତି। ସେହିପରି ବଡ଼ଚଣା ଆତ୍ମା କମିଟି ଅଧକ୍ଷ ବିପିନ ବିହାରୀ ଜେନା ପୂର୍ବତନ ଅଧକ୍ଷ ନିରଞ୍ଜନ ସେନାପତି, ୧୬ନଂ. ଜୋନ୍ ଜିଲ୍ଲା ପରିଷଦ ସଭ୍ୟା ବିନୋଦିନୀ ସାହୁ, ଦର୍ପଣା ଗ୍ରାମ ପଞ୍ଚାୟତର ପୂର୍ବତନ ସରପଞ୍ଚ ମାନସୀ ଜେନା, ସମିତି ସଭ୍ୟା ମୋନାଲିସା ତରାଇ, ପାରିଆ ଗ୍ରାମପଞ୍ଚାୟତର ପୂର୍ବତନ ସରପଞ୍ଚ ମାନସ ରଞ୍ଜନ ପଣ୍ଡା, ବଡ଼ବାଲିକୁଦା ପଞ୍ଚାୟତର ପତିତପାବନ ନାୟକଙ୍କ ସମେତ ଦୁଇ ହଜାରରୁ ଉର୍ଦ୍ଧ୍ୱ ସମର୍ଥକ ବିଜେପିରେ ଯୋଗ ଦେଇଥଲେ। ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ମିଶ୍ରଣ ପର୍ବରେ ରାଜ୍ୟ ସଭାପତି ଶ୍ରୀ ସାମଲ ସମସ୍ତ ନୂତନ ସଦସ୍ୟଙ୍କୁ ଟୋପି ଓ ଉତ୍ତରୀୟ ପ୍ରଦାନ କରି ସ୍ୱାଗତ କରିଛନ୍ତି । ଏହି ମିଶ୍ରଣ ପର୍ବରେ ବଡ଼ଚଣା ବିଧାୟକ ଅମର କୁମାର ନାୟକ, ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, ରାଜ୍ୟ ଉପସଭାପତି ବିରଞ୍ଚି ନାରାୟଣ ତ୍ରିପାଠୀ, ରାଜ୍ୟ ସାଧାରଣ ସମ୍ପାଦକ ଡ.ଯତୀନ ମହାନ୍ତି, ରାଜ୍ୟ ସଂପାଦକ ସରୋଜ କର ଓ ଯାଜପୁର ଜିଲ୍ଲା ସଭାନେତ୍ରୀ ଦେବଯାନୀ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ବିଳମ୍ବିତ ରାତିରେ ବାଇକ୍ ଜାଳିଦେଲେ ଦୃର୍ବୃତ୍ତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବିଳମ୍ବିତ ରାତିରେ ବାଇକ୍ ଜାଳିଦେଲେ ଦୃର୍ବୃତ୍ତ। ପେଟ୍ରୋଲ ଢ଼ାଳି ବାଇକରେ ନିଆଁ ଲଗାଇ ଦେଇଥିବା ଅଭିଯୋଗ ହୋଇଛି । ଚନ୍ଦ୍ରଶେଖରପୁର ବୁଦ୍ଧ ବିହାରରେ ଘଟିଛି ଏଭଳି ଘଟଣା। ଟଙ୍କା ନେଣଦେଣ ସହ ପୂର୍ବ ଝଗଡ଼ାକୁ ନେଇ ଗାଡ଼ି ପୋଡ଼ା ଯାଇଥିବା ସନ୍ଦେହ କରୁଛି ପୋଲିସ। ରାତିରେ ଅଗ୍ନିଶମ ବିଭାଗ ପହଞ୍ଚି ନିଆଁ ଲିଭାଇ ଥିବା ବେଳେ ଚନ୍ଦ୍ରଶେଖରପୁର ପୋଲିସ ତଦନ୍ତ ଆରମ୍ଭ କରିଛି।

## ନୟାପଲ୍ଲୀ ଫୁଟ୍ ଓଭରବ୍ରିଜ୍ ଲିଫ୍ଟ ଭିତରେ ଫସିଗଲେ ବ୍ୟକ୍ତି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ନୟାପଲ୍ଲୀ ଫୁଟ ଓଭରବ୍ରିଜ ଲିଫ୍ଟ ଭିତରେ ଫସିଗଲେ ଯୁବକ । ଏହାପରେ ସେ ଲିଫ୍ଟରେ ଲେଖା ଥିବା ଟୋଲ ଫ୍ରି ନମ୍ବରକୁ କଲ୍ କରିଥିଲେ । ସେଠାରେ ଜଣେ ଯୁବତୀ ଫୋନ ଉଠାଇ କୌଣସି ଉତ୍ତର ଦେଇ ନଥିଲେ । ପରବର୍ତ୍ତୀ ସମୟରେ ବ୍ୟକ୍ତି ଜଣଙ୍କ ୧୧୨କୁ କଲ କରିବା ପରେ ପିସିଆର ଭ୍ୟାନ ତାଙ୍କୁ ଉଦ୍ଧାର କରିଥିଲା । ପ୍ରାୟ ୩୦ମିନିଟ ପରେ ତାଙ୍କୁ ଉଦ୍ଧାର କରିଥିଲା ପିସିଆର ଭ୍ୟାନ ।

## କୁଷ୍ଠାଶ୍ରମରେ ନିମ୍ନମାନର ଖାଦ୍ୟ

# ସୁପରିଣ୍ଟେଣ୍ଡେଣ୍ଟଙ୍କ ବଦଳି ଦାବି

କଟକ(ଭାସ୍କର ନ୍ୟୁଜ୍): ନୂଆବଜାରସ୍ଥିତ କୁଷ୍ଠାଶ୍ରମରେ ଖାଦ୍ୟପେୟ ଓ ପରିଚାଳନାଗତ ତ୍ରୁଟିକୁନେଇ ଦିନକୁଦିନ ପରିସ୍ଥିତି ବିଗିଡିବାରେ ଲାଗିଛି। ଏହିସବୁ ସମସ୍ୟାର ସମାଧାନ କରିବା ସହ ସୁପରିଟେଣ୍ଡଣ୍ଟଙ୍କ ବଦଳି ପାଇଁ କୁଷ୍ଠାଶ୍ରମ ଅନ୍ତେବାସୀ ଦାବି କରିଛନ୍ତି । କୁଷ୍ଠାଶ୍ରମ ପରିସରରେ ହୋମରେ ରହୁଥିବା ରୋଗୀ ଏବଂ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ରୋଗୀଙ୍କୁ ଉତ୍ତମ ଖାଦ୍ୟ ମିଳୁନଥିବା ବାରମ୍ବାର ଅଭିଯୋଗ ହେଉଛି। ନିୟମିତ ଖାଦ୍ୟ ଯୋଗାଇବା ଦାୟିତ୍ୱରେ ଥିବା ଏସ୍‌ଏଚ୍‌ଜି ଗ୍ରୁପର ଟେଣ୍ଡର ସମୟସୀମା ସରିଯାଇଥିଲେ ମଧ ଅହେତୁକ ଅନୁକମ୍ପା ବଳରେ ଆଜି ପର୍ଯ୍ୟନ୍ତ ନିମ୍ନମାନର ତଥା ଅରୁଚିକ ଖାଦ୍ୟ ଦେଉଛନ୍ତି ବୋଲି ଅଭିଯୋଗ କରିଛନ୍ତି ହୋମରେ ରହୁଥିବା ଅନ୍ତେବାସୀ ରୋଗୀ। ଏ ବିଷୟରେ ରୋଗୀ ବାରମ୍ବାର ସୁପରିଟେଣ୍ଡେଣ୍ଟଙ୍କୁ ଅଭିଯୋଗ କରିଆସୁଥିଲେ ମଧ ସମସ୍ୟାର ସମାଧାନ ହେଉନାହିଁ । ସୁପରିଣ୍ଟେଣ୍ଡେଣ୍ଡ ରୋଗୀଙ୍କ ଆପତ୍ତି ଅଭିଯୋଗକୁ କର୍ଣ୍ଣପାତ କରୁନାହାନ୍ତି। ଏଥିପାଇଁ ରୋଗୀ ବହୁବାର ସ୍ଥାନୀୟ ବିଧାୟକ ଓ ସ୍ୱାସ୍ଥ୍ୟ ବିଭାଗକୁ ମଧ ଅଭିଯୋଗ କରିଛନ୍ତି। ସେହିପରି କୁଷ୍ଠାଶ୍ରମ ରୋଗୀଙ୍କୁ ପୂର୍ବରୁ ସୁଷମଖାଦ୍ୟ ପ୍ରଦାନ କରୁଥିବା ସଂସ୍ଥାକୁ ସୁପରିଣ୍ଟେଣ୍ଡେଣ୍ଟ ଖାଦ୍ୟ ଯୋଗାଣରୁ ଆକସ୍ମିକ ବନ୍ଦ କରିବା ପରେ ଉକ୍ତ ସଂସ୍ଥା ଅଦଲତଙ୍କ ଆଶ୍ରୟ ନେଇଥିଲେ। ଉଚ୍ଚ ନ୍ୟାୟାଳୟ ଏପ୍ରିଲ-୧୬, ୨୦୨୪ରେ ପୂର୍ବଭଳି ରୋଗୀଙ୍କୁ ଖାଦ୍ୟ ଯୋଗାଇବାକୁ ନିର୍ଦ୍ଦେଶ ଦେଇଥିଲେ ମଧ ଏହାକୁ ସୁପରିଣ୍ଟେଣ୍ଡେଣ୍ଟ କାର୍ଯ୍ୟକାରୀ ନ କରିବାରୁ କୋର୍ଟ ଏପ୍ରିଲ-୨୪, ୨୦୨୪ରେ ସୁପରିଟେଣ୍ଡେଟଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିବା ସହ ତାଙ୍କ ନାମରେ ଅଦାଲତକୁ ଅବମାନନା କରିବାକୁ ନେଇ ମାମଲା ରୁଜୁ କରିଥିଲେ। ମେଡିକଲରୁ ବଦଳି ପାଇଁ କୁଷ୍ଠାଶ୍ରମ ପଞ୍ଚାୟତ କମିଟିର ସଭାପତି ରବିନ୍ଦ୍ର ନାୟକ, ସମ୍ପାଦକ କରୁଣାକର ସାମଲ, ମାଗୁଣି ଜେନା, ପୂର୍ଣ୍ଣଚନ୍ଦ୍ର ରାଉତ, ଶତ୍ରୁଘ୍ନ ବେହେରା, ବ୍ରଜବନ୍ଧୁ ମାର୍ଥା, ହରି ସାହୁ, ଧନୟ ପ୍ରଧାନ, କୁଞ୍ଜ ଦାସ, ଶ୍ରୀନିବାସ ବିଶ୍ୱାଳ, ଚକ୍ରଧର ମାଝୀ, କୃଷ୍ଣଚନ୍ଦ୍ର ରାୟ, ଯୋଗୀ ପ୍ରଧାନ ପ୍ରମୁଖ ବିଧାୟକ ଓ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଛନ୍ତି।

## 'ୟୁରିଆ ସାର କଳାବଜାରୀ ରୋକନ୍ତୁ ସରକାର'

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଚଳିତ ବର୍ଷ ଭଲ ମୌସୁମୀ ବର୍ଷା ଯୋଗୁଁ ଚାଷ ଭଲ ହେବ ବୋଲି ଚାଷୀକୁଳ ଆଶା ବାନ୍ଧି ବସିଥିବା ବେଳେ ମଝିରେ ମଝିରେ ସରକାରୀ ଅପାରଗତା ଆଗରେ ତାଙ୍କୁ ପଛେଇଯିବାକୁ ପଡୁଛି। ପ୍ରଥମେ ଚାଷୀ ଚାଷକାମ ପାଇଁ ବିଲରେ ଥିବାବେଳେ ଇ-କେୱାଇସି ପାଇଁ ଧାଡିରେ ଦିନଦିନ ରହିବାକୁ ପଡିଲା। ଏବେ ରୁଆବେଉଷଣ ଚାଲିବା ବେଳେ କଳାବଜାର ଓ ସରକାରୀ ବିଫଳତାରେ ୟୁରିଆ ସଙ୍କଟ କୃଷକଙ୍କୁ ଦୁର୍ଦ୍ଦଶାରେ ଠେଲିଦେଲା ବୋଲି ରବିବାର କଂଗ୍ରେସ ଭବନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଓଡ଼ିଶା ପ୍ରଦେଶ କଂଗ୍ରେସ କିଷାନ କଂଗ୍ରେସ ଅଧକ୍ଷ ଅଭୟ ସାହୁ ଅଭିଯୋଗ କରିଥିଲେ। ଅଭାବି ୟୁରିଆ କେମିତି ଚାଷୀ ମାନଙ୍କର ମେରୁଦଣ୍ଡ ଭାଙ୍ଗି ଦେଇଛି ସେହି ବିଷୟରେ ପିସିସି ମୁଖପାତ୍ର ଡ଼ ମନିଷା ଦାସ ପଟ୍ଟନାୟକ ଆଲୋକପାତ କରିଥିଲେ । ସେହିପରି ଅନ୍ୟତମ ମୁଖପାତ୍ର ଅଶୋକ ସ୍ୱାଇଁ, ରୂପାଦୀପ୍ତା ମହାପାତ୍ର, ବିଭୂତି ଭୂଷଣ ମହାପାତ୍ର କହିଥିଲେ ଯେ ଏହା କେବଳ ଯେ ସରକାରଙ୍କ ବିଫଳତା ତାହା ନୁହେଁ, ଏହା କୃଷକଙ୍କ ସହିତ ବେଇମାନି ଅଟେ। ରାଜ୍ୟର ଉପ ମୁଖ୍ୟମନ୍ତ୍ରୀ ନିଜେ କୃଷିମନ୍ତ୍ରୀ ହୋଇଥିବା ସତ୍ତ୍ୱେ କୃଷକ ମାନେ ସାର ପାଇଁ ତହଲ ବିକଳ ହେବା ଦୁର୍ଭାଗ୍ୟଜନକ। ତେଣୁ ସରକାର ତୁରନ୍ତ ପଦକ୍ଷେପ ନ ନେଲେ ପ୍ରଦେଶ କଂଗ୍ରେସ ଅବେହେଳିତ ଚାଷୀମାନଙ୍କ ସହିତ ନିକଟସ୍ଥ ସମସ୍ତ କୃଷି କାର୍ଯ୍ୟାଳୟକୁ ଘେରାଉ କରିବାକୁ ବାଧ ହେବ। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ପ୍ରଦେଶ କଂଗ୍ରେସ କୃଷକ ବିଭାଗର ସୂର୍ଯ୍ୟକାନ୍ତ ମହାନ୍ତି ଓ ଶୀତିକଣ୍ଠ ମହାପାତ୍ର ଉପସ୍ଥିତ ଥିଲେ।

# ରାଜଧାନୀ ମହାବିଦ୍ୟାଳୟର ନାମ ପରିବର୍ତ୍ତନ ପାଇଁ ଦାବି



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜଧାନୀ କଲେଜର ନାମ ପରିବର୍ତ୍ତନ କରି ରାଜଧାନୀ ସରକାରୀ ମହାବିଦ୍ୟାଳୟ କରିବାକୁ ରାଜଧାନୀ କଲେଜ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ଦାବୀ ପତ୍ର ପ୍ରଦାନ କରାଯାଇଥିଲା। ଏହି ଅବସରରେ ରାଜଧାନୀ ମହାବିଦ୍ୟାଳୟ ଛାତ୍ର ସଂସଦ ପୂର୍ବତନ ସଭାପତି ରଜତ କୁମାର ପରିଡ଼ା କହିଛନ୍ତି ଭୁବନେଶ୍ୱରରେ ରାଜଧାନୀ ମହାବିଦ୍ୟାଳୟ ଏକ ପୁରାତନ ସରକାରୀ ଅନୁଷ୍ଠାନ । ଏହାର ଛାତ୍ରଛାତ୍ରୀ ସଂଖ୍ୟା ୬୫୦୦ ଉର୍ଦ୍ଧ୍ୱ ଅଟେ । ମହାବିଦ୍ୟାଳୟର ଶୈକ୍ଷିକ ବାତାବରଣ ଅତି ଉଚ୍ଚକୋଟିର ଅଟେ । ମହାବିଦ୍ୟାଳୟରେ ଉଚ୍ଚଶିକ୍ଷା ନିମନ୍ତେ ଯେଉଁ ସବୁ ମୌଳିକ ଆବଶ୍ୟକତା ଦରକାର ତାହା ଉପଲବ୍ଧ ଅଟେ। ଏହା ସତ୍ତ୍ୱେ ମହାବିଦ୍ୟାଳୟକୁ ସ୍ୱୟଂଶାସିତ ମାନ୍ୟତା ମିଳିନାହିଁ ତତ୍ ସଙ୍ଗେ ସଙ୍ଗେ ଛାତ୍ର ସମାଜର ବାରମ୍ବାର ଅନୁରୋଧ ସଙ୍ଗେ ଏହାର ନାମ ପରିବର୍ତ୍ତନ ହୋଇପାରି ନଥିଲା। ରାଜ୍ୟ ସରକାରଙ୍କ ତରଫରୁ ବିଭିନ୍ନ ପରୀକ୍ଷା ଅନୁଷ୍ଠିତ ହୋଇଥାଏ ସେତେବେଳେ ପରୀକ୍ଷାର୍ଥୀ ଦ୍ୱନ୍ଦରେ ପଡିଥାନ୍ତି କାରଣ ରାଜଧାନୀ କଲେଜ ନାମରେ ଅନ୍ୟ ଏକ ଇଞ୍ଜିନିୟରିଂ କଲେଜ ଭୁବନେଶ୍ୱରରେ ଅଛି । ଏଣୁ ମହାବିଦ୍ୟାଳୟ ଅଧକ୍ଷ ଡ଼.ସରୋଜକାନ୍ତ ଚୌଧୁରୀଙ୍କ ଜରିଆରେ ସ୍ଥାନୀୟ ବିଧାୟକ ବାବୁ ସିଂଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଛାତ୍ରଛାତ୍ରୀ ଦେଇଥିଲେ। ରାଜଧାନୀ କଲେଜର ନାମ ପରିବର୍ତ୍ତନ କରି ରାଜଧାନୀ ସରକାରୀ ମହାବିଦ୍ୟାଳୟ ରଖାଯାଉ ବୋଲି ଦାବି ରଖିଛନ୍ତି । ଏନେଇ କଲେଜ ପ୍ରଶାସନ ସମ୍ପୂର୍ଣ୍ଣ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଆମେ ଆଶା କରୁଛୁ ସ୍ଥାନୀୟ ବିଧାୟକଙ୍କ ସହଯୋଗରେ ଶିକ୍ଷ୍ୟା ବିଭାଗ ଏଥିପ୍ରତି ଦୃଷ୍ଟି ଦେବେ। କାର୍ଯ୍ୟକ୍ରମରେ ଛାତ୍ରନେତା ସଂଗ୍ରାମ ଦାସ, ରୁଦ୍ର ନାରାୟଣ ସାହୁ, ସୁନିଲ ବେହେରା, ରତିକାନ୍ତ ବାରିକ, ସ୍ୱାଗତ ସାହୁ, ଆଦେଶ ମହାନ୍ତି, ସୌମ୍ୟରଞ୍ଜନ ସାହୁ, ଦିବ୍ୟେଶ ସିଂ, ସୁଦାମ ସାହୁ, ଶୁଭଙ୍କର ମହାନ୍ତି, ରିତେଶ, ଦିବେସ ରାଉତ, ଶ୍ରେୟା ସାମଲ, ଇତିଶ୍ରୀ, ଶୁଭଶ୍ରୀ, କେ ଶୁଭଶ୍ରୀ, ଶ୍ରାବଣୀ ସେଠୀ, ମୋନାଲିସା ବରାଳ, ତନ୍ମୟ ପ୍ରମୁଖ ଉପସ୍ଥିତ ଥିଲେ।

# 'ଓଡ଼ିଆ ଭାଷା ସାହିତ୍ୟକୁ ଉଜ୍ଜୀବିତ କରି ରଖିବାରେ ଶିଶୁସାହିତ୍ୟର ଭୂମିକା ଅତୁଳନୀୟ'



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଶିଶୁ ସାହିତ୍ୟ ସ୍ରଷ୍ଟାମାନଙ୍କ ସାରସ୍ୱତ ଅବଦାନ ଓ ସମାଜର କଳୁଷିତ ସଂସ୍କାରକୁ ଦୂର କରିବା ତଥା ଓଡ଼ିଆ ଅସ୍ମିତାକୁ ବଞ୍ଚାଇ ରଖିବା ପାଇଁ ପ୍ରାଣାନ୍ତକ ଉଦ୍ୟମ କରି ଓଡ଼ିଆ ଜନଜୀବନରେ ଯେଉଁ ନୂତନ ଆଶା ସଞ୍ଚାର କରିପାରିଛନ୍ତି । ଯାହାକି ଓଡ଼ିଆ ଜାତିକୁ ଏକସୂତ୍ରରେ ବାନ୍ଧି ରଖିବାରେ ସକ୍ଷମ ହୋଇପାରିଅଛି ବୋଲି ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଶିଶୁ-କିଶୋର ସାହିତ୍ୟ ଏକାଡେମୀ, ଓଡ଼ିଶାଙ୍କ ମିଳିତ ସହଯୋଗରେ ଭୁବନେଶ୍ୱର ସ୍ଥିତ ସଂସ୍କୃତି ଭବନ ସମ୍ମିଳନୀ କକ୍ଷଠାରେ ଆୟୋଜିତ ଏକଦିବସୀୟ ଶିଶୁସାହିତ୍ୟ ଆଲୋଚନାଚକ୍ର ଓ କବିତା ପାଠୋତ୍ସବରେ ଆମନ୍ତ୍ରିତ ଅତିଥିମାନଙ୍କ ଦ୍ୱାରା ମତପ୍ରକାଶ ପାଇଥିଲା । ଏହି ଶିଶୁସାହିତ୍ୟ କାର୍ଯ୍ୟକ୍ରମଟିକୁ ବିଶିଷ୍ଟ ଭାଷାବିତ୍ ଡ. ଦେବୀପ୍ରସନ୍ନ ପଟ୍ଟନାୟକ ଉଦ୍‌ଘାଟକ ଭାବେ ଯୋଗଦାନ କରି ଓଡ଼ିଆ ଭାଷା, ଶିଶୁ ସାହିତ୍ୟ ଓ ସଂସ୍କୃତିର ଶ୍ରୀବୃଦ୍ଧି ଓ ବିକାଶ ସାଧନ, ଓଡ଼ିଆ ସାହିତ୍ୟରେ ଉଚ୍ଚ ମୂଲ୍ୟବୋଧର ପ୍ରତିଷ୍ଠା ତଥା ଶ୍ରେଷ୍ଠମାନର ପ୍ରବର୍ତ୍ତନ ଦିଗରେ ଶିଶୁସାହିତ୍ୟ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଅଛି ବୋଲି ନିଜର ଅଭିଭାଷଣ ପ୍ରଦାନ କରିଥିଲେ । ଶିଶୁ-କିଶୋର ସାହିତ୍ୟ ଏକାଡେମୀର ସଭାପତି ପ୍ରଫେସର ଦାଶ ବେନହୁରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶିଶୁ-କିଶୋର ସାହିତ୍ୟ ଏକାଡେମୀର ସମ୍ପାଦକ ବୀରେନ୍ଦ୍ର ମହାନ୍ତି ସମ୍ମାନନୀୟ ଅତିଥି ଭାବେ ଯୋଗଦେଇଥିବା ବେଳେ ବିଶିଷ୍ଟ ଶିଶୁ ସାହିତ୍ୟିକ ଡକ୍ଟର ମହେଶ୍ୱର ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗଦେଇ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟ ପରାମର୍ଶଦାତା ପ୍ରକାଶ ଚନ୍ଦ୍ର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦାନ କରି ଓଡ଼ିଆ ଶିଶୁ ସାହିତ୍ୟର ସ୍ରଷ୍ଟାମାନେ ଏହି ମାଟି, ପାଣି, ପବନରେ ଜୀବନ ଅତିବାହିତ କରି ତାଙ୍କ ଲେଖନୀର ପରାକାଷ୍ଠା ଏ ଜାତିକୁ ଏକ ନୂତନ ଦିଗ୍‌ଦର୍ଶନ ଦେଇପାରିଅଛି ବୋଲି ବକ୍ତବ୍ୟ ଉପସ୍ଥାପନ କରିଥିଲେ । ଶିଶୁ-କିଶୋର ସାହିତ୍ୟ ଏକାଡେମୀର ସଭାପତି ପ୍ରଫେସର ଦାଶ ବେନହୁର ସଭାମୁଖ୍ୟ ଭାବେ ଯୋଗଦାନ କରି ଉଦ୍‌ଘାଟନୀ ଅଧିବେଶନରେ ଆମନ୍ତ୍ରିତ ହୋଇଥିବା ଅତିଥି ଓ ବକ୍ତାଙ୍କ ବକ୍ତବ୍ୟରୁ ସମ୍ୟକ୍ ସୂଚନା ପ୍ରଦାନ କରିବା ସହ ଶିଶୁସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଓଡ଼ିଶା ସାହିତ୍ୟ ଏକାଡେମୀ ପ୍ରକାଶିତ କୋଣାର୍କ ପତ୍ରିକା ସହିତ ସହଯୋଗୀ ଅନୁଷ୍ଠାନ ଶିଶୁ-କିଶୋର ସାହିତ୍ୟ ଏକାଡେମୀ ପକ୍ଷରୁ ବହୁ ପୁସ୍ତକ ଲୋକାର୍ପିତ ହୋଇଥିଲା । ଏହି ଉଦ୍‌ଘାଟନୀ ଅଧିବେଶନରେ ଏକାଡେମୀର ସଚିବ ଡକ୍ଟର ଚନ୍ଦ୍ରଶେଖର ହୋତା ସ୍ୱାଗତ ସମ୍ଭାଷଣ ପ୍ରଦାନ କରିବା ସହ ଶିଶୁସାହିତ୍ୟ ଆଲୋଚନାଚକ୍ରର ଓ କବିତା ପାଠୋତ୍ସବ କାର୍ଯ୍ୟକ୍ରମର ଆଭିମୁଖ୍ୟ ସଂପର୍କରେ ବକ୍ତବ୍ୟ ଉପସ୍ଥାପନ କରିଥିଲେ ।



ତୁମେ ତ ରହିବ ଜୀଇଁ, ମାଟି ପାଣି ଆଉ ଆକାଶର ପରମ ବ୍ୟାପ୍ତିରେ । ଛୋଟ ତାରାଫୁଲ ହୋଇ ଯୁଗ ଯୁଗ ପାଇଁ ।

-କବିବର ରାଧାନାଥ ରାୟ



କଷ୍ଟ ମଣିଷକୁ ପରିବର୍ତ୍ତନ କରେ । କଷ୍ଟ ମଣିଷକୁ ଶକ୍ତିଶାଳୀ କରେ । ପ୍ରତ୍ୟେକ କଷ୍ଟର ଅଭିଜ୍ଞତା ଆମ ପାଇଁ ଏକ ନୂତନ ଶିକ୍ଷା ଅଟେ ।

-ଶିରିଡି ସାଇ



# ସାଇବର ଅପରାଧର ନୂଆ କୌଶଳ

## ସତର୍କତା ଅବଲମ୍ବନ ଏକାନ୍ତ ଜରୁରି

କେନ୍ଦ୍ର ସରକାର ଏବେ ଅନ୍‌ଲାଇନ୍ କାରବାରକୁ ପ୍ରୋତ୍ସାହନ ଦେଉଥିବା ବେଳେ ଏବଂ ଜନସାଧାରଣ ଦିନକୁ ଦିନ ଅନ୍‌ଲାଇନ୍ କାରବାର ପାଇଁ ଆଗେଇ ଆସୁଥିବା ସମୟରେ ଏଥିରୁ ଫାଇଦା ଉଠାଇ ସାଇବର ଠକମାନେ ମଧ୍ୟ ନୂଆ ନୂଆ କୌଶଳ ଆପଣାଇ ଲୋକଙ୍କୁ ସର୍ବସ୍ୱାନ୍ତ କରୁଥିବାର ରୋଚକପୂର୍ଣ୍ଣ ତଥ୍ୟ ହସ୍ତଗତ ହୋଇଛି । ଶନିବାର ଦିନ ମହାରାଷ୍ଟ୍ରରେ ଜନୈକ ସରକାରୀ କର୍ମଚାରୀଙ୍କ ଠାରୁ ସମ୍ପୂର୍ଣ୍ଣ ନୂଆ କୌଶଳରେ ଲକ୍ଷ ଲକ୍ଷ ଟଙ୍କାର ଠକେଇ ଘଟଣା ସାମ୍ନାକୁ ଆସିଛି । ମିଳିଥିବା ସୂଚନା ଅନୁଯାୟୀ ସେହି ବ୍ୟକ୍ତିଙ୍କୁ ହ୍ୱାଟ୍ସଆପ୍ ମାଧ୍ୟମରେ ସାଇବର ଠକମାନେ ଏକ ବିବାହ ନିମନ୍ତ୍ରଣପତ୍ର ପଠାଇଥିଲେ । ଏହାକୁ ଏକ ସ୍ୱାଭାବିକ ନିମନ୍ତ୍ରଣପତ୍ର ମନେକରି ସେ ଏହି ମେସେଜ୍ ଉପରେ କ୍ଲିକ୍ କରିବାରୁ କିଛି ସମୟ ମଧ୍ୟରେ ତାଙ୍କ ଆକାଉଣ୍ଟରୁ ୧୦ଲକ୍ଷ ଟଙ୍କା ଲୁଟି ନିଆଯାଇଥିଲା । ଆମ ଦେଶରେ ସାଇବର ଅପରାଧ ନେଇ କିଛିଦିନ ପୂର୍ବେ ପ୍ରକାଶ ପାଇଥିବା ଏକ ପରିସଂଖ୍ୟାନ ମୁଣ୍ଡବ୍ୟଥାର କାରଣ ସାଜିଛି । ଏହି ପରିସଂଖ୍ୟାନ ଅନୁଯାୟୀ ଆମ ଦେଶରେ ସାଇବର ଅପରାଧ ଏଭଳି ଦ୍ରୁତଗତିରେ ବୃଦ୍ଧି ପାଉଛି ଯେ ଆସନ୍ତା ୨୦୩୩ ମସିହା ସୁଦ୍ଧା ଏହି ସଂଖ୍ୟା ପ୍ରାୟ ଏକ ହଜାର ବିଲିୟନ୍‌ରେ ପହଞ୍ଚିବାର ସମ୍ଭାବନା ଦେଖାଦେଇଛି । ସେହିପରି ୨୦୪୭ମସିହା ସୁଦ୍ଧା ସାଇବର ଅପରାଧ ୧୭ ହଜାର ବିଲିୟନ୍‌କୁ ବୃଦ୍ଧି ପାଇବାର ଆଶଙ୍କା ଥିବାରୁ ବିଶେଷଜ୍ଞମାନେ ଉଦବେଗ ପ୍ରକାଶ କରିଛନ୍ତି ଏବଂ ଏହାର ମୁକାବିଲା କରିବା ପାଇଁ ଦୃଢ଼ ପଦକ୍ଷେପ ନେବାକୁ ପରାମର୍ଶ ଦେଇଛନ୍ତି । ଦେଶର ଅନ୍ୟରାଜ୍ୟ ସହ ଆମ ଓଡ଼ିଶାରେ ମଧ୍ୟ ସାଇବର ଅପରାଧ ବିସ୍ତାର କରି ମାଡ଼ି ଚାଲିଥିବାର ଲକ୍ଷ୍ୟ କରାଯାଉଛି । ସାଧାରଣ ଜନତା ବିଶେଷ କରି ବୈଷୟିକ ଜ୍ଞାନ ନଥିବା ଗରିବ, ନିମ୍ନ ମଧ୍ୟବିତ୍ତ ଶ୍ରେଣୀର ଲୋକ ତଥା ବରିଷ୍ଠ ନାଗରିକମାନେ ଅଧିକ ସଂଖ୍ୟାରେ ସାଇବର ଠକାମୀର ଶିକାର ହେଉଛନ୍ତି । ଅନ୍ୟ ସ୍ଥାନ ତ ଦୂରର କଥା, ଖୋଦ୍ ରାଜଧାନୀ ଭୁବନେଶ୍ୱରରେ ଗତ ଜାନୁଆରୀ ମାସରେ ୫କୋଟି ୨୦ଲକ୍ଷ ୬୩ ହଜାର ଟଙ୍କାର ସାଇବର ଠକେଇ ହୋଇଥିବା ବେଳେ ଫେବୃଆରୀ ମାସରେ ୪କୋଟି ୭୨ଲକ୍ଷ ୨୮ ହଜାର ଟଙ୍କା ଏବଂ ମାର୍ଚ୍ଚରେ ୫କୋଟି ୨୪ଲକ୍ଷ ଟଙ୍କାର ସାଇବର ଠକେଇ ହୋଇଥିବା ଜଣାପଡିଛି । ବୈଷୟିକ ଜ୍ଞାନକୌଶଳର ବିକାଶ ସହ ତାଳ ଦେଇ ସାଇବର ଅପରାଧର ତରିକା ମଧ୍ୟ କ୍ରମଶଃ ବଦଳିବାରେ ଲାଗିଛି । ଏହି ଶ୍ରେଣୀର ଅପରାଧୀଙ୍କ ପ୍ରଲୋଭନର ଜାଲରେ ପଡ଼ି ବହୁ ଲୋକ ପ୍ରତିଦିନ ନିଜର କଷ୍ଟଲବ୍ଧ ଅର୍ଥ ହରାଉଛନ୍ତି । ଫେକ୍ ବା ନକଲି ମୋବାଇଲ୍ ଆପ୍ଲିକେସନ୍ (ଆପ୍) ଏବଂ ଅଜଣା ଲିଙ୍କ୍‌ର ଜାଲ ବିଛାଇ ଅପରାଧୀମାନେ ଅର୍ଥ ଲୁଟି ନେଉଛନ୍ତି । ବିଗତ ଦିନରେ ବିଭିନ୍ନ ସରକାରୀ ସଂସ୍ଥାର ୱେବ୍‌ସାଇଟ୍ ନକଲ କରି ଲୋକଙ୍କୁ ବିଭିନ୍ନ ଉପାୟରେ ଠକାଯିବାର ଏକାଧିକ ଦୃଷ୍ଟାନ୍ତ ରହିଛି । ପ୍ରାୟ ଦଶରୁ ଅଧିକ ୱେବସାଇଟ୍‌କୁ ନକଲ କରାଯାଇ ଠକେଇ କରାଯିବାର ଅଭିଯୋଗ ହୋଇଥିଲା । ମାତ୍ର ଏଭଳି ଅପରାଧର ମୂଳ ପର୍ଯ୍ୟନ୍ତ ପହଞ୍ଚିବାରେ କ୍ରାଇମବ୍ରାଞ୍ଚ ଏଯାବତ୍ ସକ୍ଷମ ହୋଇନାହିଁ । ସାଇବର ଅପରାଧର ଶିକାର ନହେବା ଲାଗି ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଉପରେ ଯଥେଷ୍ଟ ଗୁରୁତ୍ୱ ଦିଆଯିବାର ଜରୁରି ଆବଶ୍ୟକତା ରହିଛି । ଏପରି ଅପରାଧୀଙ୍କୁ ଠାବ କରି ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଭିନ୍ନ ବିଭାଗ ପକ୍ଷରୁ ସମନ୍ୱିତ ପ୍ରୟାସ ଜାରି ରହିବା ସମୟର ଆହ୍ୱାନ । ମିଳିଥିବା ସୂଚନା ଅନୁଯାୟୀ ସାରା ବିଶ୍ୱରେ ସାଇବର ଅପରାଧ ଦ୍ୱାରା ସର୍ବାଧିକ ପ୍ରଭାବିତ ଦେଶଗୁଡ଼ିକ ମଧ୍ୟରେ ଭାରତର ସ୍ଥାନ ରହିଛି ଏବଂ ଚଳିତ ବର୍ଷର ପ୍ରଥମ ଚାରିମାସରେ ଏଭଳି ଅପରାଧୀଙ୍କ ଦ୍ୱାରା ୧୭ଶହ ୫୦ କୋଟି ଟଙ୍କା ଲୁଟ୍ ହୋଇଛି । ସର୍ବଭାରତୀୟ ସ୍ତରରେ ବଢ଼ି ଚାଲିଥିବା ଏ ଧରଣର ଅପରାଧକୁ ନିୟନ୍ତ୍ରଣ କରିବା ପାଇଁ ଏକ ସୁଚିନ୍ତିତ ଜାତୀୟ ସାଇବର ସୁରକ୍ଷା ରଣନୀତିର ଜରୁରି ଆବଶ୍ୟକତା ଅନୁଭୂତ ହେଉଛି ।

# ଘର ନିର୍ମାଣର ଦାୟିତ୍ୱ କେତେ ?



ଡ. ସତ୍ୟ ନାରାୟଣ ମିଶ୍ର
ସହ ନିର୍ଦ୍ଦେଶକ, ଜାତୀୟ ଅଭିଲେଖାଗାର, ଏମ୍-୭୯, ମଧୁସୂଦନ ନଗର, ୟୁନିଟ-୪ ଭୁବନେଶ୍ୱର, ମୋ: ୯୯୩୭୩୪୫୯୦୦

ଜୀବଦ୍ଦଶା ମଧ୍ୟରେ ପ୍ରତ୍ୟେକ ମଣିଷ ଆଶା କରିଥାଏ ଜୀବନର ସାଂସାରିକ ପୂର୍ଣ୍ଣାଙ୍ଗ ପ୍ରାପ୍ତି, ଯାହା ନିର୍ଭର କରିଥାଏ ଆବଶ୍ୟକତାକୁ ସମ୍ମୁଖୀନ ହେବା ପାଇଁ ରୋଜଗାର, ପରିବାର ପାଇଁ ବିବାହ ଓ ବାସଗୃହ ପାଇଁ ଘର । ତେବେ ରୋଜଗାର ଓ ବିବାହ ଏକ ନିର୍ଦ୍ଦିଷ୍ଟ ସମୟର ଅବଧି ମଧ୍ୟରେ ନିର୍ବାହ ହେଉଥିବା ବେଳେ, ଘର କରିବା ନିର୍ଭର କରିଥାଏ ବିଶେଷତଃ ଆର୍ଥିକ ସ୍ଥିରତା ଓ ମନୋବୃତ୍ତିର ବ୍ୟବହାରିକ ଚିନ୍ତାଧାରା ଉପରେ । ସାମ୍ପ୍ରତିକ ସମାଜରେ ଯେତେବେଳେ ଜଣେ ଅନ୍ୟ ସହ ସାକ୍ଷାତ ହୋଇଥାଏ ସେତେବେଳେ ଗୋଟିଏ ପ୍ରଶ୍ନ ଆଘାତ କରିଥାଏ ଯେ ଘର କରିବୁ କେବେ ? କାରଣ ମଣିଷର ଜୀବନରେଖା ଧୀରେଧୀରେ ଅସ୍ତମିତ ହୋଇଥାଏ ଓ ପ୍ରୌଢ଼ାବସ୍ଥା ପୂର୍ବରୁ ମଣିଷ ଘର କରିବା ଉଚିତ୍ ବୋଲି ସାଧାରଣରେ ଆଲୋଚନା ହୋଇଥାଏ । ତେବେ ଅନେକେ ଗ୍ରହଣ କରିଥାନ୍ତି ଯେ ଜୀବନରେ ଘର କରିବା ଅର୍ଥ ଆଡମ୍ବରପୂର୍ଣ୍ଣ ସରଞ୍ଜାମରେ କୌଣସି ସହର, ନଗର ବା ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଇଟା, ବାଲି, ଲୁହା, ସିମେଣ୍ଟ ଆଦିର ସମ୍ମିଶ୍ରଣରେ ସୌଖୀନ ଅଟ୍ଟାଳିକା ନିର୍ମାଣ କରିବା । ବର୍ତ୍ତମାନର ସମାଜରେ ଯଦି କୌଣସି ବ୍ୟକ୍ତି ନିକଟରେ ଉଚ୍ଚମାନର ସୁରମ୍ୟ ଅଟ୍ଟାଳିକା ଯାହାକୁ ବସ୍ତୁବାଦୀ ମାନେ ଘର ବୋଲି ଅଭିହିତ କରିଥାନ୍ତି ଆଉ ଯଦି ଘର ନଥାଏ, ତେବେ ସେ ସମାଜରେ ପ୍ରଗତିଶୀଳ ବ୍ୟକ୍ତି ନୁହେଁ ବୋଲି ଅନେକେ ଚିନ୍ତା କରିଥାନ୍ତି ଓ ସମାଜରେ ଉକ୍ତ ବ୍ୟକ୍ତିର ପରିଚୟ ଏକ ନିମ୍ନ ଚିନ୍ତାଧାରା ମଧ୍ୟ ଦେଇ ଆଲୋଚିତ ହୋଇଥାଏ । ଅତଏବ ଘର ସଂଜ୍ଞାକୁ ଆଲୋଚନା କଲେ ସ୍ପଷ୍ଟ ପ୍ରତୀୟମାନ ହୋଇଥାଏ ଯେ ଘର ହେଉଛି ତାହା ଯେଉଁଠି ମଣିଷ ଆନନ୍ଦରେ ବସବାସ କରିଥାଏ ଓ ଉତ୍ତମ ବାସସ୍ଥାନର ମର୍ଯ୍ୟାଦାରେ ଅଭିମଣ୍ଡିତ ହୋଇଥାଏ ତାହା ହେଉଛି ଘର । ସରଳ ଶବ୍ଦରେ କହିବାକୁ ଗଲେ, ଗୋଟିଏ ଗୃହ ହେଉଛି ଚାରୋଟି କାନ୍ଥ ଓ କୋଠରୀ ସହିତ ଏକ କୋଠା । ଘର ଏପରି ଏକ ସ୍ଥାନ ଯେଉଁଠାରେ ବ୍ୟକ୍ତି ନିଜର ପ୍ରିୟଜନ ଓ ପରିବାର ସହିତ ସୁଖମୟ ଜୀବନଯାପନ କରିଥାଏ । ସୁଖ, ଶାନ୍ତି, ସ୍ନେହ, ସୌହାର୍ଦ୍ଦ୍ୟ, ଆନ୍ତରିକତା, ସମନ୍ୱୟ ଓ ନିଜ ନିଜ ମଧ୍ୟରେ ଶ୍ରଦ୍ଧା ହେଉଛି ଏକମାତ୍ର ବାସ୍ତବ ଯାହା ଏକ ଅଟ୍ଟାଳିକା ବା ଚାରିକାନ୍ଥଯୁକ୍ତ କୋଠରୀକୁ ଘର କରିପାରେ । ଜଣେ ବ୍ୟକ୍ତି ମାନସିକ ବିଷାଦ ଓ ଅଶାନ୍ତ ହୃଦୟରେ ଗୋଟିଏ ବଡ ପ୍ରାସାଦରେ ରହିପାରେ, ମାତ୍ର ସେ ଅବାଞ୍ଛିତ ଓ ଏକାକୀ ଅନୁଭବ କରିବେ, କିନ୍ତୁ ଯେତେବେଳେ ଜଣେ ଦରିଦ୍ର ହୋଇଥିବେ, ମାତ୍ର ଶାନ୍ତିପୂର୍ଣ୍ଣ ଜୀବନଯାପନ କରୁଥିବେ ସେତେବେଳେ ସେ ଘରେ ଥିବେ ବୋଲି ନିଶ୍ଚୟ ଅନୁଭବ କରିବେ, କାରଣ ଘର ହେଉଛି ଏକ ଚିନ୍ତା, କାର୍ଯ୍ୟ ଓ ସହମତିର ସମନ୍ୱୟ । ସମାଜରେ ଅନେକ ଲୋକ ଅଛନ୍ତି ଯେଉଁମାନେ ଆଭିଜାତ୍ୟପୂର୍ଣ୍ଣ ସୁରମ୍ୟ ଅଟ୍ଟାଳିକାରେ ରହନ୍ତି, କିନ୍ତୁ କୌଣସି କ୍ଷେତ୍ରରେ ସନ୍ତୁଷ୍ଟ ନୁହଁନ୍ତି ତଥା ପାରିବାରିକ ବିଶୃଙ୍ଖଳା, ଅବାଞ୍ଛିତ ଆଶାର ରୋଗ ଦ୍ୱାରା ମର୍ମାହତ ହୋଇଥାନ୍ତି । ମାତ୍ର ବହୁତ ଲୋକ ଅଛନ୍ତି ଯେଉଁମାନେ ନିଜ ପରିବାର ସହିତ ଗୋଟିଏ ଛୋଟ ନିମ୍ନଶ୍ରେଣୀର କୋଠରୀରେ ରହନ୍ତି, ତଥାପି ସେମାନେ ଖୁସି ଓ ଆନନ୍ଦରେ ଜୀବନ ଅତିବାହିତ କରନ୍ତି । ସେମାନଙ୍କ ନିକଟରେ ପରିବାର ହେଉଛି ଏକ ଚୁମ୍ବକୀୟ ଆକର୍ଷଣ ଓ ସ୍ନେହ ବନ୍ଧନର ଘର । ଭୋଗ୍ୟ ବସ୍ତୁ ଓ ପଦାର୍ଥରେ ନିର୍ମିତ ଗୃହ ହେଉଛି ଏକ ଗଠନ ଯାହା ବାସସ୍ଥାନ ଭାବରେ କାର୍ଯ୍ୟ କରେ । ବାସସ୍ଥାନର ସୁରକ୍ଷା ପାଇଁ, ଘରେ ତାଲା କିମ୍ବା କବାଟ ଅନ୍ତର୍ଭୁକ୍ତ ହୋଇପାରେ । ମାତ୍ର ମଣିଷର ଘର ନିର୍ମାଣ ପାଇଁ ଆବଶ୍ୟକ ହୋଇଥାଏ ବ୍ୟବହାର, ଉତ୍ତମ ଚିନ୍ତା, ସହନଶୀଳତା, ସମନ୍ୱୟ, ଆଦାନ ପ୍ରଦାନ ଇତ୍ୟାଦି ଯେଉଁଥି ପାଇଁ ସୃଷ୍ଟି ହୋଇଥାଏ ମଣିଷର ଚିରସ୍ଥାୟୀ ଘର ଯାହାକୁ ମଣିଷର ଜୀବଦ୍ଦଶା ପରେ ମଧ୍ୟ ସମାଜ ସମ୍ପତ୍ତି ହିସାବରେ ଗ୍ରହଣ କରିଥାଏ ଯେଉଁଠାରେ ସଂଯମତା ହୋଇଥାଏ ତାଲା । ମଣିଷର ଅସ୍ତିତ୍ୱର ମୌଳିକ ଆବଶ୍ୟକତା ହେଉଛି ଘରକୁ ନିମନ୍ତ୍ରଣ କରିବା ପାଇଁ ଏକ ସ୍ଥାନ, ଯାହା ପରିଚୟ ଦେଇଥାଏ ଏକ ନିର୍ଦ୍ଦିଷ୍ଟ ଠିକଣା ।

ମଣିଷର ବଞ୍ଚିବା ପାଇଁ ଉଭୟ ଗୃହ ଓ ଘର ଆବଶ୍ୟକ । ଗୃହ ଓ ଘର ଦୁଇଟି ଶବ୍ଦ ଯାହାକି ସମ୍ପୂର୍ଣ୍ଣ ଭିନ୍ନ, ତଥାପି, ଅଧିକାଂଶ ସମୟରେ, ଏହାର ଅର୍ଥ ସମାନ ଭାବରେ ଦେଖାଯାଏ । ଘର ଏକ ଶାରୀରିକ ବସ୍ତୁ ଭାବରେ ବିବେଚନା କରାଯାଏ ଯାହା ରୌଦ୍ରତାପ, ବର୍ଷା, ଶୀତ ଆଦିରୁ ରକ୍ଷା କରିଥାଏ । ଅନେକେ ବିଶ୍ୱାସ କରନ୍ତି ଯେ ଯଦି ସେମାନଙ୍କ ଘର ବଡ ହୁଏ, ତେବେ ସେମାନେ ସମାଜର ସବୁଠାରୁ ଧନୀ ଏବଂ ସୁଖୀ ବ୍ୟକ୍ତି ଅଟନ୍ତି । ଅନ୍ୟପକ୍ଷରେ ସମ୍ପର୍କର ଘର ହେଉଛି ସମ୍ପୂର୍ଣ୍ଣ ଭିନ୍ନ ଚିନ୍ତାଧାରା, ଯେଉଁଠି କେବଳ ବିଦ୍ୟମାନ ଥାଏ ଆନନ୍ଦ, ସନ୍ତୁଷ୍ଟ, ପ୍ରସନ୍ନତା, ସେବା ଇତ୍ୟାଦି । ଅନେକ ବ୍ୟକ୍ତି ଅତ୍ୟନ୍ତ ମୂଲ୍ୟବାନ ବଡ଼ ଓ ସୁନ୍ଦର ଘର କିଣିବାକୁ ସକ୍ଷମ ହୋଇପାରନ୍ତି, କିନ୍ତୁ ସେମାନେ ପରିବାର ସଦସ୍ୟଙ୍କ ଠାରୁ ଉତ୍ପନ୍ନ ହେଉଥିବା ଆନନ୍ଦ କ୍ରୟ କରିପାରିବେ ନାହିଁ । ଉକ୍ତ ଘରକୁ ନିର୍ମାଣ କରିବାକୁ ହେଲେ ଆବଶ୍ୟକୀୟ ଉପକରଣ କୌଣସି କ୍ରୟ ବିକ୍ରୟ ସ୍ଥାନରେ ଉପଲବ୍ଧ ନଥାଏ, ତାହା ଥାଏ କେବଳ ମଣିଷର ଜିହ୍ୱାରେ ଓ ବ୍ୟବହାରରେ ଯେଉଁଥିରେ ସୃଷ୍ଟି ହୋଇଥାଏ ହୃଦୟର ଘର ଓ ଯାହା କେବେ ବନ୍ୟା, ବାତ୍ୟା, ମରୁଡି, ଭୂକମ୍ପ ଆଦିରେ ଧରାଶାୟୀ ହୋଇପାରେନା । ସ୍ନେହ ଶ୍ରଦ୍ଧା ସମ୍ପର୍କର ଘର ପାଇଁ ଅର୍ଥ ଆବଶ୍ୟକ ହୋଇ ନଥାଏ, ସେଥିପାଇଁ ଆବଶ୍ୟକ ହୋଇଥାଏ କେବଳ ମନୋବୃତ୍ତି ଓ ଇଚ୍ଛାଶକ୍ତି । ଘର ହେଉଛି ଏକ ସ୍ଥାନ ଯାହା ସମସ୍ତଙ୍କୁ ସାନ୍ତ୍ୱନା ଦେଇଥାଏ । ଏହା ରହିବା ପାଇଁ ନିର୍ମିତ କେବଳ ଏକ ବାସସ୍ଥାନ ନୁହେଁ; ବାସ୍ତବରେ ଏହା କେବଳ ଏକ ଘରର ପରିଭାଷା । ଘର ହେଉଛି ଏପରି ଏକ ସ୍ଥାନ ଯେଉଁଠାରେ ଜଣେ କେବଳ ଆରାମଦାୟକ ଅନୁଭବ କରେ ନାହିଁ, ବରଂ ଏହା ଏପରି ଏକ ସ୍ଥାନ ଯେଉଁଠି ମଣିଷ ନିଜକୁ ସୁରକ୍ଷିତ ଓ ସହବନ୍ଧନରେ ବାନ୍ଧି ହୋଇ ନିର୍ମାଣ କରିଥାଏ ଏକ ସମ୍ପର୍କର ସେତୁ । ଘର ଇଟା କିମ୍ବା କାଠ ଦ୍ୱାରା ନୁହେଁ, ବରଂ ପରିବାରର ବନ୍ଧନ ଦ୍ୱାରା ନିର୍ମିତ । ଘର ହେଉଛି ଏକ ସ୍ଥାନ ଯାହା ଜଣେ ବ୍ୟକ୍ତିଙ୍କୁ ଅଗଣିତ ସ୍ମୃତି ଓ ମୂଲ୍ୟବୋଧକୁ ମନେ ପକାଇଥାଏ । ଯେତେବେଳେ ଜଣେ ବ୍ୟକ୍ତି ଅଧିକ ବିଷୟବସ୍ତୁ ହୋଇଥାନ୍ତି ସେତେବେଳେ ସେ ଘର ନିର୍ମାଣ ପରିବର୍ତ୍ତେ ଭୋଗ୍ୟ ବସ୍ତୁର ସଂଗ୍ରହ ଉପରେ ଅଧିକ ଦୃଷ୍ଟି ନିକ୍ଷେପ କରିଥାନ୍ତି ଯାହା ଜୀବନରେ ଶାନ୍ତି ଅପସରି ନେଇଥାଏ ।

ଜଣେ ବ୍ୟକ୍ତି ସମଗ୍ର ଦୁନିଆର ପ୍ରତ୍ୟେକ ବସ୍ତୁ ପାଇପାରେ, କିନ୍ତୁ ଯଦି ଏହାର ଉତ୍ତର ଦାୟିତ୍ୱ ସୂଚାରୁରୂପେ ନିରୂପଣ କରିବାରେ ସକ୍ଷମ ହୋଇନଥାଏ ବା ନିଜକୁ ପରିଚିତ କରାଇବାରେ ବିଫଳ ହୋଇଥାଏ, ତେବେ ଉକ୍ତ ବସ୍ତୁବାଦୀ ଘର ବା ଅଟ୍ଟାଳିକାର ମୂଲ୍ୟ କିଛି ନଥାଏ ବୋଲି ସ୍ୱୀକାର କରିବାକୁ ହୋଇଥାଏ । ଘରର ଅର୍ଥ ହେଉଛି ଯାହା କିଛି ହେଉନା କାହିଁକି, ଜୀବନ ଯେତେ ଆହ୍ୱାନପୂର୍ଣ୍ଣ ବା ଅବସାଦପୂର୍ଣ୍ଣ ହେଉନା କାହିଁକି, କେହି ଜଣେ ସେମାନଙ୍କୁ ଖୋଜୁଥିବେ ଓ ସୁଖ ଦୁଃଖରେ ସମସ୍ତେ ସହଭାଗୀ ହୋଇ ସମସ୍ୟାକୁ ସ୍ୱୀକାର କରି ତାହାର ସମାଧାନ କରୁଥିବେ । ମାତ୍ର ସମୟ ଯେତିକି ଆଗକୁ ବଢୁଛି, ଘରର ସଂଜ୍ଞା ଓ ଘର ଭାବରେ ଯାହା ଦେଖାଯାଉଛି ତାହା ବଦଳି ଯାଉଛି । ବର୍ତ୍ତମାନ ବ୍ୟକ୍ତି ନିକଟରେ ଅନେକ ଅର୍ଥ, କ୍ଷମତା, ବୁଦ୍ଧି, କୌଶଳ ଆଦି ପରିପୂର୍ଣ୍ଣ ହୋଇଛି ଓ ଅତ୍ୟାଧୁନିକ ଗୃହ ମଧ୍ୟ ନିର୍ମାଣ କରୁଛି, ହେଲେ ଘର ରୂପକ ବାସସ୍ଥାନ କରିବାରେ ଅନେକେ ଅକ୍ଷମ । ମଧୁସୂଦନ ରାଓଙ୍କ ଉକ୍ତିରେ ‘ବୈକୁଣ୍ଠ ସମାନ ଆହା ଅଟେ ସେହି ଘର, ପରସ୍ପର ସ୍ନେହ ଯହିଁ ଥାଏ ନିରନ୍ତର’ । ମଣିଷର ବୟସ ଅତିକ୍ରାନ୍ତ ହୋଇ ଚାଲିଛି ଓ ଇଟା ବାଲି ପଥର ସିମେଣ୍ଟ ତଥା ସୌଖୀନ ସରଞ୍ଜାମର ସଂଗ୍ରହ କରିବାରେ ମଣିଷ ନିରନ୍ତର ପ୍ରୟାସ ଜାରି କରୁଛି ଓ ସେଥିରୁ ସେ କେବଳ ପାଉଛି ଗୃହ ନିର୍ମାଣର ସାଙ୍କେତିକ ଠିକଣା । ପରିଶେଷରେ ଅନେକ କ୍ଷେତ୍ରରେ ଗୃହ ନିର୍ମାଣ କରି ମଣିଷର ଶେଷ ଜୀବନ ଅତିବାହିତ ହୋଇଥାଏ ସେବାଘରେ ବା ଜରା ନିବାସରେ । ତେଣୁ ଜୀବନର ସମସ୍ତ ସମୟ ଯଦି ଗୃହ ଉପକରଣ ସଂଗ୍ରହ କରିବାରେ ନିୟୋଜିତ କରିବୁ, ତେବେ ‘ବାସଗୃହ କରିବୁ କେବେ’ ?

# ଉଜୁଡ଼ା ସ୍ୱପ୍ନର ଇସ୍ତାହାର - ବିଜାପୁରର ଗାନ୍ଧି ବିନୋବା ଆଶ୍ରମ-୨



ଡ. ବାସନ୍ତୀ ମହାନ୍ତି
ଦି ଏମେରାଲ୍ଡ୍ ଆପାର୍ଟମେଣ୍ଟ
ବ୍ଲକ୍ ସି, ୨୧୩, ଲକ୍ଷ୍ମୀସାଗର, ଭୁବନେଶ୍ୱର
ମୋ: ୯୪୩୭୦୩୩୦୭୪

ଏହି ଆନ୍ଦୋଳନ ସମୟକୁ ବିଜାପୁର ଗାନ୍ଧି ବିନୋବା ଆଶ୍ରମର ସକଳ ଦାୟିତ୍ୱ ନେଇଥିଲେ ନୟନା ମାଝୀ । ସେଠାରେ ଆଉ ସର୍ବୋଦୟ କର୍ମୀମାନେ ତାଲିମ ନେଉନଥିଲେ । ସେହି ସ୍ଥାନ ଦଳିତ ଓ ଆଦିବାସୀ ସଂପ୍ରଦାୟର ଅନାଥ ଛାତ୍ରଛାତ୍ରୀଙ୍କ ପାଇଁ ଆଶ୍ରୟସ୍ଥଳ ହୋଇ ରହିଥିଲା । ନୟନା ମାଝୀ ଥିଲେ ତା’ର ତତ୍ତ୍ୱାବଧାରିକା । ୨୫ ଜଣ ଛାତ୍ରୀ ଅନ୍ତେବାସିନୀ ଥିବାବେଳେ ଛାତ୍ରମାନେ ଆସି ପାଠପଢୁଥିଲେ ଓ ସଂଧ୍ୟା ହେଲେ ଫେରିଯାଉଥିଲେ । କୌଣସି ସରକାରୀ ସାହାଯ୍ୟ ମିଳୁନଥିଲା । ନୟନା ମାଝୀଙ୍କର ପ୍ରମୁଖ ସହଯୋଗୀ ନରହରି ଜାନୀ ହାଟ ହାଟ ଓ ଗାଁ ଗାଁ ବୁଲି ବଦାନ୍ୟ ବ୍ୟକ୍ତିଙ୍କ ପାଖାରୁ ଚାନ୍ଦା ଭେଦା ଆଣି ଛାତ୍ରଛାତ୍ରୀମାନଙ୍କୁ ପ୍ରତିପୋଷଣ କରୁଥିଲେ । ତାହାଥିଲା ୧୯୯୦ ସମୟର କଥା । ଖୁବ୍ ଭଲ ଭାବରେ ଚାଲୁଥିଲା ସ୍କୁଲ । କିନ୍ତୁ ଏହା ବେଶିଦିନ ଚାଲି ପାରିଲା ନାହିଁ । ସର୍ବୋଦୟ ଲୋକମାନେ ଆଶ୍ରମ ଓ ସର୍ବୋଦୟ କର୍ମୀଙ୍କ ବିରୁଦ୍ଧରେ ବିଷୋଦ୍‌ଗାର କରି ଚାଲିଲେ । ମଦ ବେପାରୀମାନେ ଓ ମଦ୍ୟପମାନେ ସେମାନଙ୍କୁ ଆକ୍ରମଣ କରିବାର ସର୍ବନିମ୍ନ ସୁଯୋଗ ଟିକେ ବି ଛାଡ଼ିଲେ ନାହିଁ ।

ଗାନ୍ଧି ବିନୋବା ଆଶ୍ରମ ଯେଉଁଠି ତିଆରି ହୋଇଥିଲା ତାହା ଥିଲା ଭୂଦାନ ଜମି । ସେହି ଗାଁର ଜଣେ ଆଦିବାସୀ ବଦାନ୍ୟ ବ୍ୟକ୍ତି ସେ ଜମିକୁ ମହମ୍ମଦ ବାଜୀଙ୍କୁ ଦାନ ସୂତ୍ରରେ ଦେଇଥିଲେ । ଏହି ଜମିକୁ ସେତେବେଳେ ରେକର୍ଡ ଅଫ୍ ରାଇଟ୍ସ୍‌କୁ ଅଣାଯାଇ ନଥିଲା । ଏହି ଟିକକ ଭୁଲ୍ ପରବର୍ତ୍ତୀ ପର୍ଯ୍ୟାୟରେ ଆଶ୍ରମଟି ଉଚ୍ଛେଦ ହେବାର କାରଣ ହେଲା । ଗାନ୍ଧି ବିନୋବା ଆଶ୍ରମର ତାଲିମ ପାଇଥିବା କର୍ମୀମାନଙ୍କ ଆନ୍ଦୋଳନାତ୍ମକ କାର୍ଯ୍ୟକଳାପରେ କ୍ଷତିଗ୍ରସ୍ତ ହେଉଥିବା ସ୍ୱାର୍ଥାନ୍ୱେଷୀ ବ୍ୟକ୍ତି ସେମାନଙ୍କ ଶତ୍ରୁ ହୋଇ ପଡ଼ିଲେ । ଯେହେତୁ ନୟନା ମାଝୀ ପ୍ରତ୍ୟେକ ଆନ୍ଦୋଳନାତ୍ମକ କାର୍ଯ୍ୟରେ ପ୍ରମୁଖ ଭୂମିକା ନେଉଥିଲେ, ପ୍ରଥମେ ସେ ଏମାନଙ୍କର ବିଷ ଦୃଷ୍ଟିର ଶରବ୍ୟ ହେଲେ । ତାଙ୍କୁ ସବୁ ପ୍ରକାର ହଇରାଣ ହରକତ କଲେ । ଆଶ୍ରମ ଚଳାଇ ଦେଲେ ନାହିଁ । ଯେଉଁ ଆଶ୍ରମରେ ରହି ସେ ପାଞ୍ଚଜଣ ଝିଅଙ୍କର ବିବାହ କାର୍ଯ୍ୟ ତୁଲେଇବାରେ ସମର୍ଥ ହୋଇଥିଲେ, ଶେଷରେ ପିଲାମାନଙ୍କୁ ଦୁଇବେଳା ଦୁଇଥର ଖାଇବାକୁ ଦେବା କଷ୍ଟକର ହେଲା । ବର୍ତ୍ତମାନର ସରପଞ୍ଚ ଦୁର୍ଜନ ଭତ୍ରା ଆଶ୍ରମ ଜମି ତାଙ୍କ ଜେଜେ ବାପାଙ୍କର ଓ ଆଶ୍ରମବାସୀମାନେ ଜବରଦସ୍ତ ମାଡି ବସିଛନ୍ତି ବୋଲି କେସ୍‌ଟାଏ ଦାୟର୍ କରିଦେଲେ । ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ପୋଲିସ୍‌ର ସହାୟତା ନେବା ପାଇଁ ପଡିଲା । ଶ୍ୱଶୁର ଓ ସ୍ୱାମୀଙ୍କର ମୃତ୍ୟୁପରେ ଯେଉଁ ନୟନା ମାଝୀ ବିଜାପୁର ଆଶ୍ରମକୁ ନିଜ ପବିତ୍ର କର୍ମଭୂମି ରୂପେ ଆଦରି ନେଇଥିଲେ ଶେଷରେ ବାଧ୍ୟ ହୋଇ ନିଜ ଗାଁ କୋଇଲାରୀକୁ ଚାଲିଗଲେ । ବାଜୀ ବାବୁଙ୍କ ସ୍ୱପ୍ନ ଉଜୁଡିଗଲା । କର୍ମୀମାନଙ୍କ ପାଇଁ ବ୍ୟବହୃତ ହେଉଥିବା ଚରଖା, ମହୁବାକ୍ସ, କୃଷି ସରଞ୍ଜାମ, ଚେୟାର ଟେବୁଲ୍ ଆଦି ଅନେକ ସରଞ୍ଜାମ ଗୋଟାଏ ଘରେ ଅବ୍ୟବହୃତ ହୋଇ ପଡିରହିଲା । ଏକ ଦୋକାନ ଖୋଲା ଯାଇ ସେଥିରେ ଗୁଲି ଗଇଁଡ଼ା ଡାଲା ଦେଶୀ ଲୁଗା ଗାମୁଛା ବନଜାତ ଦ୍ରବ୍ୟ ଆଦି ବିକ୍ରି କରାଯାଉଥିଲା । ଦୋକାନଟିର ନାଁ ଥିଲା ସ୍ୱଦେଶୀ ଦୋକାନ । ସ୍ୱଦେଶୀ ଦ୍ରବ୍ୟ ବ୍ୟବହାର କରିବା ପାଇଁ ସ୍ଥାନୀୟ ଲୋକଙ୍କୁ ଉତ୍ସାହିତ କରିବା ଥିଲା ଏହି ଦୋକାନର ଆଭିମୁଖ୍ୟ, ସେଥିରୁ କିଛି ଜିନିଷ ଆଣି ଅନ୍ୟତମ ସର୍ବୋଦୟ କର୍ମୀ ଦୋଳଗୋବିନ୍ଦ ରାଜ ଡାବୁଗାଁରେ ଥିବା ଖଦୀ ଭଣ୍ଡାରରେ ରଖିଲେ । ଆଉ ଯାହାଥିଲା ଅସାମାଜିକମାନେ ଘରଭାଙ୍ଗି ନେଇଗଲେ ।

୧୯୪୫ ବେଳକୁ ସି.ପି.ଏସ୍.ଡବ୍ଲୁ ଅଧୀନର ଝରିଗାଁ ବ୍ଲକରେ ନଅଟି ଏମ.ଇ. ସ୍କୁଲ ଓ ଦୁଇଟି ହାଇସ୍କୁଲ ଚାଲିବାର ପ୍ରସ୍ତାବ ଥିଲା । ମହମ୍ମଦ ବାଜୀଙ୍କ ପୁତୁରା ଏନ୍ ଅହମ୍ମଦଙ୍କ ତତ୍ତ୍ୱାବଧାନରେ ଏହି ସଂସ୍ଥା କାର୍ଯ୍ୟକରୁଥିଲା । ତାଙ୍କରି ପ୍ରଚେଷ୍ଟାରେ ଗାନ୍ଧି ବିନୋବା ଆଶ୍ରମରେ ଅଷ୍ଟମ ଶ୍ରେଣୀରେ କିଛି ପିଲାଙ୍କର ନାମ ଲେଖାଗଲା । ପିଲାମାନଙ୍କୁ ଧନ୍ଦାମୂଳକ ଶିକ୍ଷା ସହ ଆନୁଷ୍ଠାନିକ ଶିକ୍ଷା ଦିଆଯାଉଥିଲା । ଦୁଇବର୍ଷ ଏହିପରି ଶିକ୍ଷା ଦିଆଯିବା ପରେ ବିଜାପୁରରେ ହାଇସ୍କୁଲଟିଏ ଖୋଲିଲା । ଏନ୍ ଅହମ୍ମଦଙ୍କ ପରାମର୍ଶରେ ସ୍କୁଲର ନାଁ ମହମ୍ମଦ ବାଜୀଙ୍କ ନାମାନୁସାରେ କରାଗଲା । ମହମ୍ମଦବାଜୀ ଉଚ୍ଚ ମାଧ୍ୟମିକ ଓ ବିଜାପୁର ଗାଁ ବାହାରେ ଏକ ସ୍ଥାନରେ ସେହି ସ୍କୁଲଟି ଚାଲିଛି । ଯାହାକି ସରକାରଙ୍କ ମଞ୍ଜୁରୀ ପ୍ରାପ୍ତ ସ୍କୁଲ ।

ପ୍ରଥମ ଗାନ୍ଧି ବିନୋବା ଆଶ୍ରମ ସ୍ଥଳ ଉପରେ ଜମିଦାତାଙ୍କ ନାତି ଦୁର୍ଜନ ଭତ୍ରା ଯେଉଁ କେସ୍ କରିଥିଲେ, ତାହାର ବିଚାର ହେଲା । ତତ୍କାଳୀନ ଜିଲ୍ଲାପାଳ ଉଷାପାଢ଼ୀ ଆଦିବାସୀ ଜମି ଆଇନ୍ ଅନୁସାରେ ଜମିକୁ ଦୁର୍ଜନ ଭତ୍ରାକୁ ଫେରାଇ ଦେବା ପାଇଁ ନିର୍ଦ୍ଦେଶ ଦେଲେ । ଜମି ହସ୍ତାନ୍ତର ହୋଇଗଲା । ଅସାମାଜିକ ଲୋକେ ଉନ୍ମତ୍ତ ଉଲ୍ଲାସରେ ଘରଦ୍ୱାର ଭାଙ୍ଗି ଦେଲେ ।

ମହମ୍ମଦ ବାଜୀଙ୍କର ସ୍ୱପ୍ନ ଉଜୁଡିଗଲା । ଅନେକ ପ୍ରଚେଷ୍ଟା ପରେ ବି ଗାନ୍ଧି ବିନୋବା ଆଶ୍ରମକୁ ବଞ୍ଚେଇ ରଖାଯାଇ ପାରିଲା ନାହିଁ । କେତେ କେତେ ମହାମନିଷୀଙ୍କ ପୂଣ୍ୟପଦପାତରେ ତୀର୍ଥ ପାଲଟିଯାଇଥିବା ଏ ମାଟି କେବଳ ମୁକସ୍ମୃତି ହୋଇ ପଡିରହିଲା । ପିଲାମାନେ ପାଠ ପଢୁଥିବା ସେ ଖପରଲି ଘର ଝରକା କବାଟ ସହ ଦୁର୍ବୃତ୍ତମାନେ ତାଡି ନେଇଗଲେ । ଆଶ୍ରମବାସୀ ବ୍ୟବହାର କରୁଥିବା ବିରାଟ ବାମ୍ଫି (କୂଅ) ପରିତ୍ୟକ୍ତ ଅବସ୍ଥାରେ ପଡିଛି । ସେଠାରେ ପାଣି ତ ନାହିଁ, ଗାଁ ଯାକର ମଇଳା କୁଢ଼ ପଡି ତାହା ପୋତି ହେବାପାଇଁ ବସିଲାଣି । ଅବଶିଷ୍ଟ ଆଉ ଗୋଟିଏ ପରିତ୍ୟକ୍ତ ପକ୍କାଘର ରହିଛି ଅଳନ୍ଧୁ ଅଳରା ଅରମାରେ ଭୂରପୂର ହୋଇ ।

ମହମ୍ମଦ ବାଜୀ ଶେଷ ପର୍ଯ୍ୟନ୍ତ ଝୁରି ହେଉଥିଲେ ବିଜାପୁର ଗାନ୍ଧି ବିନୋବା ଆଶ୍ରମକୁ । ତାଙ୍କ ଉଜୁଡା ସ୍ୱପ୍ନ କେବଳ ତାଙ୍କୁ କଷ୍ଟ ଦେଉନଥିଲା, ଯେଉଁମାନେ ଏହି ଆଶ୍ରମର ସମୃଦ୍ଧି ଦେଖିଛନ୍ତି ତାର ଭୂଲୁଣ୍ଠିତ ଅବସ୍ଥାକୁ ଦେଖିଲେ କୋହ ଜର୍ଜରିତ ନହୋଇ ରହିପାରନ୍ତି ନାହିଁ ।

# ଶ୍ରୀରାମଙ୍କୁ ବାଧା ଦେଲେ ହନୁମାନ

ସନ୍ତୋଷ ମିଶ୍ର
ଉଦଳା, ମୟୂରଭଞ୍ଜ
ମୋ: ୭୦୦୮୨୩୭୬୫୦

ଦେବରାଜ ଇନ୍ଦ୍ରଙ୍କ ସାରଥୀ ମାତଳିଙ୍କ ମନରେ ଥରେ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କୁ ଦର୍ଶନ କରିବା ପାଇଁ ପ୍ରବଳ ଇଚ୍ଛା ଭାବ ଜାଗରିତ ହେଲା । ଇନ୍ଦ୍ରଙ୍କ ଆଗରେ ତାଙ୍କ ମନକଥା ବ୍ୟକ୍ତ କରନ୍ତେ ସହାସ୍ୟ ବଦନରେ ସେ ସମ୍ମତି ପ୍ରଦାନ କଲେ । ନିରୁପିତ ଶୁଭବେଳାରେ ମାତଳି ଅଯୋଧ୍ୟା ଅଭିମୁଖେ ଯାତ୍ରା କଲେ । ପଥ ମଧ୍ୟରେ ଦେଖା ହେଲା ଦେବର୍ଷି ନାରଦଙ୍କ ସହିତ । ମାତଳି ପ୍ରଣାମ କଲେ । ନାରଦ ଆଶୀର୍ବାଦ କରି ମର୍ତ୍ତ୍ୟ ପୁରକୁ ଆଗମନର କାରଣ ପଚାରିଲେ । ମାତଳି କହିଲେ- ପ୍ରଭୁ ରାମଚନ୍ଦ୍ରଙ୍କ ଦର୍ଶନ ପାଇଁ ଅଯୋଧ୍ୟା ଯାଉଚି । ନାରଦ କହିଲେ - ଯାଉଚ ଭଲ କଥା । ହେଲେ ଗୋଟେ କଥା ମନେ ରଖିବ । ସମସ୍ତଙ୍କୁ ଯଥା ମାନ୍ୟ କରିବ । କେବଳ ବଶିଷ୍ଠଙ୍କ ବ୍ୟତୀତ । କାହିଁକି ନା ସେ ଜଣେ ବେଶ୍ୟାର ପୁତ୍ର । ତୁମର ପ୍ରଣାମ ପାଇଁ ସେ ଯୋଗ୍ୟ ନୁହନ୍ତି ।

ସିଂହାସନରେ ଉପବିଷ୍ଟ ନାରାୟଣଙ୍କ ଅବତାର ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ର ଓ ମହାଲକ୍ଷ୍ମୀଙ୍କ ଅବତାର ମାତା ସୀତାଙ୍କୁ ଦର୍ଶନ କରି ନିଜକୁ କୃତକୃତ୍ୟ ମନେ କଲେ ମାତଳି । ଅଭୂମ ପ୍ରଣିପାତ କଲେ । ତତ୍ପରେ ରାଜସଭାରେ ଆସୀନ ଅନ୍ୟାନ୍ୟ ବିଶିଷ୍ଟ ବ୍ୟକ୍ତି ମାନଙ୍କୁ ପ୍ରଣାମ କଲେ । ଗୁରୁ ବଶିଷ୍ଠଙ୍କ ଉପରେ ନେତ୍ରପାତ କଲେ ସୁଦ୍ଧା ତାଙ୍କୁ ପ୍ରଣାମ ନକରି ଚାଲି ଆସିଲେ ।

ମାତଳି ରାଜସଭାରୁ ବିଦାୟ ନେଇ ଯାଉଥିବା ସମୟରେ ବଶିଷ୍ଠ କହିଲେ- ହେ ରାମ ! ରାଜସଭାରେ ଆଜି ମୁଁ ଅପମାନିତ ହେଲି । ଏହା କେବଳ ମୋର ଅପମାନ ନୁହେଁ । ସମଗ୍ର ରାଜସଭାର । ଆପଣଙ୍କର ମଧ୍ୟ । ବୋଧ ହୁଏ ମୁଁ ରାଜଗୁରୁ ପଦ ପାଇଁ ଅଯୋଗ୍ୟ କିମ୍ବା ମୋର ଆଉ ଏଠାରେ ରହିବାର ଆବଶ୍ୟକତା ନାହିଁ । ଅତଏବ, ଏଇ ମୁହୂର୍ତ୍ତରେ ମୁଁ ମୋର ପଦ ତ୍ୟାଗ କରି ଏଠାରୁ ପ୍ରସ୍ଥାନ କରୁଛି । ରାମଚନ୍ଦ୍ର ହାତଯୋଡି କହିଲେ - ଗୁରୁଦେବ ! ଆପଣ କୁଆଡ଼େ ଯିବାର ଆବଶ୍ୟକତା ନାହିଁ । ଆପଣ କ’ଣ ଚାହାନ୍ତି ଏବଂ ମୋତେ କ’ଣ କରିବାକୁ ହେବ, ଆଦେଶ କରନ୍ତୁ ! ମାତ୍ର ପଦତ୍ୟାଗ କରି ଚାଲିଯିବା କଥା କୁହନ୍ତୁ ନାହିଁ । ବଶିଷ୍ଠ କହିଲେ- ସାତଦିନ ମଧ୍ୟରେ ମୋର ମାତଳିର କଟା ମୁଣ୍ଡ ଦରକାର । ରାମଚନ୍ଦ୍ର କହିଲେ- ଆପଣ ନିଶ୍ଚିନ୍ତ ରୁହନ୍ତୁ । ଆପଣଙ୍କ ଆଦେଶ ପାଳିତ ହେବ ।

ମାତଳି ବୁଝି ପାରିଲେ ତାଙ୍କର ମୃତ୍ୟୁ ଆସନ୍ନ । କିଏ ତାଙ୍କୁ ରାମଙ୍କ କବଳରୁ ରକ୍ଷା କରି ପାରିବ । ସେ ନାରଦଙ୍କ ପାଖକୁ ଆସି କହିଲେ - ଆପଣଙ୍କ ବୁଦ୍ଧିରେ ମୁଁ ବଶିଷ୍ଠଙ୍କୁ ଜାଣିଶୁଣି ଅପମାନିତ କଲି । ଏବେ ବଶିଷ୍ଠଙ୍କ ଆଦେଶରେ ପ୍ରଭୁ ରମଚନ୍ଦ୍ର ମୋର ମୁଣ୍ଡ କାଟିବାକୁ ଆସୁଛନ୍ତି । ଆପଣ ମୋତେ ରକ୍ଷା କରନ୍ତୁ । ନାରଦ ଅବିଚଳିତ ଭାବେ କହିଲେ - ତମର କିଛି ଅସୁବିଧା ହେବନି । ନିଶ୍ଚିନ୍ତ ରୁହ । ତମକୁ ଗୋଟେ କାମ କରିବାକୁ ପଡ଼ିବ । ଏଇ ଯୋଉ ପାହାଡ ଦେଖା ଯାଉଛି, ତା’ର ଅପରପାର୍ଶ୍ୱରେ ଜଣେ ସନ୍ନ୍ୟାସିନୀଙ୍କ କୁଡ଼ିଆ । ତମେ ସିଧା ଯାଇ ତାଙ୍କ ଗୋଡ଼ ତଳେ ପଡ଼ିଯିବ । କ’ଣ ଚାହୁଁଛ ବୋଲି ପଚାରିଲେ କହିବ- ମା ’ ଆପଣ ଶପଥ କଲେ ମୋର ମନବାଞ୍ଛା ପ୍ରକାଶ କରିବି । ଶପଥ ପରେ ତମର ମୁଣ୍ଡ ରଖିବା ପାଇଁ କହିବ ।

ମାତଳି କାଳ ବିଳମ୍ବ ନକରି ଦୌଡ଼ି ଦୌଡ଼ି ଯାଇ ସନ୍ନ୍ୟାସିନୀଙ୍କ ଗୋଡ଼ ତଳେ ପଡିଗଲେ । ସନ୍ନ୍ୟାସିନୀ ପଚାରିଲେ- ବାବୁ ତୁମର ପରିଚୟ କ’ଣ ? କାହିଁକି ଆସିଲ ? କ’ଣ ଚାହୁଁଛ ? ମାତଳି ବିକଳ କଣ୍ଠରେ କହିଲେ- ମାଆ ଆପଣ ସହାୟତା ପାଇଁ ଶପଥ କଲେ ସବୁ କଥା ପ୍ରକାଶ କରିବି । ସନ୍ନ୍ୟାସିନୀ ଶପଥ କରିବା ପରେ ମାତଳି କହିଲେ- ମାଆ ମୋ ମୁଣ୍ଡ ରକ୍ଷା କରନ୍ତୁ । ସନ୍ନ୍ୟାସିନୀ କହିଲେ- ମୁଁ ହନୁମାନଙ୍କ ମାତା ଅଞ୍ଜନା । ମୋ ନିକଟରେ ତମେ ସମ୍ପୂର୍ଣ୍ଣ ନିରାପଦ । ତମର ସମସ୍ତ ବିପଦ ଦୂରୀଭୂତ ହେଲା ବୋଲି ଜାଣ । ହେଲେ କିଏ ତୁମ ମୁଣ୍ଡ ନେବାକୁ ଚାହୁଁଚି । ଭୀତତ୍ରସ୍ତ ମାତଳି କହିଲେ - ସ୍ୱୟଂ ପ୍ରଭୁ ଶ୍ରୀରାମଚନ୍ଦ୍ର । ମୋର କଟାମୁଣ୍ଡ ନେଇ କୁଳଗୁରୁ ବଶିଷ୍ଠଙ୍କୁ ଉପହାର ଦେବେ । ଗହନ ଚିନ୍ତାରେ ପଡିଗଲେ ମାତା ଅଞ୍ଜନା । ତୁରନ୍ତ ହନୁମାନଙ୍କୁ ସ୍ମରଣ କଲେ । ହନୁମାନ ଆବିର୍ଭୁତ ହୋଇ ମାତାଙ୍କୁ ପ୍ରଣିପାତ କରି ଆଦେଶ ଅପେକ୍ଷାରେ ଛିଡ଼ା ହୋଇ ରହିଲେ । ମାତା ସମସ୍ତ ତଥ୍ୟ ହନୁମାନଙ୍କୁ ଜଣାଇ କହିଲେ - ମାତଳିକୁ ଶରଣ ଦେଇ ତାଙ୍କ ମୁଣ୍ଡ ରକ୍ଷା ପାଇଁ ଶପଥ କରିଛି । ଏବେ ମୋର ଶପଥ ରକ୍ଷା କରିବା ଦାୟିତ୍ୱ ତମର । ହନୁମାନ କହିଲେ - ମାତା ! ! ଆପଣଙ୍କ ଆଦେଶ ମୋର ଶିରୋଧାର୍ଯ୍ୟ ।

ଏହାପରେ ମାତଳି ଆବଦ୍ଧ ଥିବା ପ୍ରକୋଷ୍ଠର ଦ୍ୱାର ଦେଶରେ ଛିଡ଼ା ହୋଇ ରହିଲେ ହନୁମାନ । କିଛି କ୍ଷଣ ମଧ୍ୟରେ କୋଦଣ୍ଡଧାରୀ ଶ୍ରୀରାମଚନ୍ଦ୍ର ମାତଳିର ଶିର ଛେଦନ ନିମନ୍ତେ ସେଠାରେ ପହଞ୍ଚିଲେ । ହନୁମାନ ପ୍ରଣାମ କରି କହିଲେ - ପ୍ରଭୁ, ମାତା ଅଞ୍ଜନା ମୋତେ ମାତଳିର ସୁରକ୍ଷା ଦାୟିତ୍ୱ ପ୍ରଦାନ କରିଛନ୍ତି । ମାତଳିକୁ ଆପଣଙ୍କ କବଳରୁ ରକ୍ଷା କରିବା ପାଇଁ ସେ ବଚନବଦ୍ଧ । ମୁଁ ତ ଆପଣଙ୍କ ବିରୁଦ୍ଧରେ ଅସ୍ତ୍ର ଧାରଣ କରି ପାରିବିନି । ତେଣୁ ନିରସ୍ତ୍ର ଭାବେ ଆପଣଙ୍କ ସମ୍ମୁଖରେ ଉଭା ହୋଇଛି । ଆପଣ ପ୍ରଥମେ ମୋତେ ବଧ କରନ୍ତୁ । ତା’ପରେ ମାତଳିକୁ ବଧ କରିବେ ।

ରାମଚନ୍ଦ୍ର କଠୋର ସ୍ୱରରେ କହିଲେ- ହନୁମାନ ! ତମେ ମୋର ପରମ ଭକ୍ତ । ମୋ କାର୍ଯ୍ୟରେ ବାଧା ସୃଷ୍ଟି କରିବା ତମ ପାଇଁ କେବଳ ଅଶୋଭନୀୟ ନୁହେଁ, ଅସମିଚୀନ ମଧ୍ୟ ! ! ହନୁମାନ ହାତଯୋଡି କହିଲେ- ପ୍ରଭୁ ! ମୋତେ କ୍ଷମା କରନ୍ତୁ । ମୁଁ ମୋର କର୍ତ୍ତବ୍ୟ କରୁଛି । ଆପଣ ବି ଯାହା କରଣୀୟ ତାହା କରନ୍ତୁ । ଏଥର ପ୍ରଭୁ ଧନୁରେ ତୀର ସଂଯୋଗ କରି ହନୁମାନଙ୍କୁ ଲକ୍ଷ୍ୟ କଲେ । ସହସା ହନୁମାନଙ୍କ ଆଗରେ ଉଭା ହେଲେ ମାଆ ସୀତା । କହିଲେ - ପ୍ରଭୁ ! ହନୁମାନଙ୍କୁ ଅଶୋକ ବନରେ ପ୍ରଥମେ ଦେଖିବା ପରଠୁଁ ମୋର ପୁତ୍ର ତୁଲ୍ୟ ମଣି ଆସିଛି । ତେଣୁ ହନୁମାନଙ୍କୁ ମାରିବା ପୂର୍ବରୁ ଆପଣ ମୋତେ ମାରି ଦିଅନ୍ତୁ । କାହୁଁ ଥିଲେ ଲକ୍ଷ୍ମଣ ଦୌଡ଼ି ଆସି ସୀତାଙ୍କ ଆଗରେ ଛିଡା ହୋଇ କହିଲେ- ପ୍ରଭୁ ! ମାତାଙ୍କୁ ମାରିବା ପୂର୍ବରୁ ମୋତେ ମାରନ୍ତୁ । ମାତାଙ୍କ ମୃତ୍ୟୁ ମୁଁ ସହି ପାରିବିନି । ନିର୍ବିକାର ଚିତ୍ତରେ ରାମଚନ୍ଦ୍ର ଧନୁରୁ ତୀର ଛାଡ଼ିବାକୁ ଉଦ୍ୟତ ହୁଅନ୍ତେ ଗୁରୁ ବଶିଷ୍ଠ ଉପସ୍ଥିତ ହୋଇ କହିଲେ - କ୍ଷାନ୍ତ ହୁଅନ୍ତୁ, ହେ ସତ୍ୟନିଷ୍ଠ ଭକ୍ତ ବତ୍ସଳ ଶ୍ରୀରାମଚନ୍ଦ୍ର ! ମାତଳିଙ୍କର ଅନିଚ୍ଛାକୃତ ଭୁଲ ପାଇଁ ମୁଁ ତାଙ୍କୁ କ୍ଷମା କରିଦେଉଛି !

# ଢେଙ୍କାନାଳର ଗର୍ବ ଓ ଗୌରବ



ସରିତା ସିଂ ମହାନ୍ତି
ଗୁଡିଆନାଳି, ଢେଙ୍କାନାଳ
ମୋ: ୭୦୦୮୧୭୩୪୮୭

ଯାଦୁଗର ଲବ୍ଧ ପ୍ରତିଷ୍ଠ ନାଟ୍ୟକାର ସ୍ୱର୍ଗତ ବିପିନ ବିହାରୀ ପଟ୍ଟନାୟକଙ୍କ ରଚିତ ନାଟକ ‘ ପିଙ୍ଗଳା ର ରାତ୍ରୀ’ର ସଂସ୍କରଣ ଉତ୍ସବରେ ଯୋଗ ଦେଇ ଖୁବ୍ ଆନନ୍ଦ ଅନୁଭବ କଲି ଯେ ମୁଁ ଏଭଳି ସ୍ମରଣୀୟ ମୁହୂର୍ତ୍ତର ସାକ୍ଷୀଟିଏ ହୋଇପାରିଲି । କଳା ଜଗତର କଳାପ୍ରେମୀଙ୍କୁ ଛାଡ଼ିଦେଲେ ଓଡ଼ିଶାରେ ଆଜିର ବହୁତ୍ କମ ଲୋକ ବିପିନ ବିହାରୀ ପଟ୍ଟନାୟକଙ୍କୁ ଚିହ୍ନିଥିବେ ଏହାହିଁ ଦୁଃଖର ବିଷୟ । ମୁଁ ମଧ୍ୟ ଏଭଳି ଜଣେ ବିଶିଷ୍ଟ ବ୍ୟକ୍ତି ଢେଙ୍କାନାଳର ବରପୁତ୍ରଙ୍କ ବିଷୟରେ ଜାଣିନଥିଲି ଅତ୍ୟନ୍ତ ଲଜ୍ଜାର କଥା କହିଲେ ଭୁଲ୍ ହେବନାହିଁ । ଅଗଷ୍ଟ ୨୧ ତାରିଖ (ଗୁରୁବାର) ଦିନ ଢେଙ୍କାନାଳ ଟାଉନ୍ ହଲ୍ ଠାରେ ପୁସ୍ତକ ଉନ୍ମୋଚନ ସହିତ ନାଟ୍ୟକାରଙ୍କ ସ୍ମୃତିଚାରଣ ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ ହୋଇଥିଲା ଚାରି ସୁପୁତ୍ରଙ୍କ ଦ୍ୱାରା । ଏମିତି ଜଣେ ବ୍ୟକ୍ତି ଯାହାଙ୍କ ବିଷୟରେ କେବେ ଇତିହାସରେ ପଢ଼ିନି । କେବଳ ବିପିନ ବିହାରୀ ପଟ୍ଟନାୟକ ନୁହଁନ୍ତି ଓଡ଼ିଶାର କୋଣ ଅନୁକୋଣରେ ଏମିତି ଅନେକ ପ୍ରତିଭା ଥିଲେ, ଅଛନ୍ତି ଯାହାଙ୍କ ବିଷୟରେ ଆମେ ଅଜ୍ଞ । ଇତିହାସରେ ଯାହାଙ୍କ ବିଷୟରେ ପଢ଼ିଲୁ କେବଳ ତାଙ୍କୁ ହିଁ ଜାଣିଲୁ । କିନ୍ତୁ ନିଜ ଘରେ କିମ୍ବା ଘର ପାଖରେ ଥିବା ଅମଳିନ ପ୍ରତିଭାଙ୍କୁ ଆମେ ବହୁତ୍ କମ୍ ଜାଣୁ । ସେଦିନ ସନ୍ଧ୍ୟାରେ ନାଟ୍ୟକାରଙ୍କ ବିଷୟରେ ଅନେକ କିଛି ଜାଣିବା ଶୁଣିବାର ସୌଭାଗ୍ୟ ମୋତେ ମିଳିଥିବାରୁ ତାଙ୍କ ପରିବାର ସଦସ୍ୟଙ୍କ ନିକଟରେ ମୁଁ କୃତଜ୍ଞ । ଆମେ ମନ୍ଦିର ଯାଉ ଭୋଗ ଥାଳି ନେଇ ଭଗବାନଙ୍କ ନିକଟକୁ । ନିଜର ଗୁହାରୀ ଶୁଣାଇବା ପାଇଁ । ଭଗବାନଙ୍କ ମୁହଁରୁ ହୁଏତ କେହିକେବେ ଉପଦେଶ ସିଧାସଳଖ ଏ କଳିଯୁଗରେ ପାଇଥିବେ କି ନାହିଁ ମୁଁ ଜାଣିନି । ନିଜେ ପ୍ରଶ୍ନ ନିଜେ ଉତ୍ତର କରି ମନକୁ ବୁଝାଇ ନେଉ । କିନ୍ତୁ ନିଜର କର୍ମ ଏବଂ ପ୍ରତିଭାକୁ ନେଇ ମହାନ୍ ହୋଇଥିବା ବ୍ୟକ୍ତିତ୍ୱଙ୍କ ସଭାରେ ବସିଲେ ଅନେକ ଉପାଦେୟପୂର୍ଣ୍ଣ କଥା ଶୁଣିବାକୁ ମିଳେ, ଉପଦେଶ ମିଳେ, ଜୀବନ ଦର୍ଶନ ସହିତ ଜ୍ଞାନର ଚର୍ଚ୍ଚା ହୋଇଥାଏ । ଜୀବନ ପଥରେ ଅନେକ ସଂଘର୍ଷ କରି ଶରୀର ତ୍ୟାଗ କରି ମଧ୍ୟ ଆମ ମଧ୍ୟରେ ଚିର ଅମ୍ଳାନ ହୋଇରହନ୍ତି ଏଭଳି ଦେବଦୂତ । ଯେଉଁମାନଙ୍କ ଜନ୍ମ କେବଳ ସମାଜର କଲ୍ୟାଣ ନିମନ୍ତେ ହୋଇଥାଏ । ଢେଙ୍କାନାଳ ଜିଲ୍ଲାର ଦେଉଳ ସାହିର ଏକ ମଧ୍ୟବିତ୍ତ ପରିବାରରେ ପିତା ବ୍ରଜକିଶୋର ପଟ୍ଟନାୟକ ଓ ମାତା କ୍ଷୀରୋଦବାଳାଙ୍କ ଔରସରୁ ୧୯୪୬ ମସିହା ମଇ ୫ ତାରିଖରେ ନାଟ୍ୟକାରଙ୍କ ଜନ୍ମ । ତୁଳସୀ ଦୁଇପତ୍ରରୁ ବାସିବା ପରି ପିଲାଟି ଦିନରୁ ସେ ଲେଖାଲେଖି କରିବା ଓ ରଙ୍ଗମଞ୍ଚ ସହିତ ସଂପୃକ୍ତ । ୧୯୬୨ ମସିହାରେ ଖଡଗପ୍ରସାଦ ହାଇସ୍କୁଲ, ଢେଙ୍କାନାଳରୁ ଏକାଦଶ ଶ୍ରେଣୀ ପରୀକ୍ଷା (ବର୍ତ୍ତମାନର ମାଟ୍ରିକ୍ୟୁଲେଶନ ପରୀକ୍ଷା)ରେ ପ୍ରଥମ ଶ୍ରେଣୀ, ୧୯୬୭ ମସିହାରେ ଅନଗୁଳ କଲେଜରୁ ସ୍ନାତକ (ଗ୍ରାଜୁଏସନ୍) ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିଲେ । ସେ ସମୟରେ ଅନୁଗୋଳ କଲେଜରେ ଲିଟେରାରି ଚାମ୍ପିଅନସିପ୍ ପୁରସ୍କାର ପାଇଥିଲେ । ଏହାପରେ ୧୯୬୮ରୁ ୧୯୭୦ ମସିହା ପର୍ଯ୍ୟନ୍ତ ସର୍ବଭାରତୀୟ ସିଭିଲ୍ ସର୍ଭିସ ପରୀକ୍ଷା (ଆଇଏଏସ୍) ମୌଖିକ ପରୀକ୍ଷା ତିନି ଥର ଲେଖାଏଁ କ୍ୱାଲିଫାଏ କରିଥିଲେ ଏବଂ ପରବର୍ତ୍ତୀ ସମୟରେ ଜଣେ ସଫଳ ଲେଖକ, ନାଟ୍ୟକାର, ଅଭିନେତା, ନାଟ୍ୟ ନିର୍ଦ୍ଦେଶକ, କବି, ଗବେଷକ, ସଂଗଠକ ଓ ସମାଲୋଚକ ଭାବରେ ଜିଲ୍ଲାରେ ଓ ଜିଲ୍ଲା ବାହାରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ । ୧୯୭୫ ମସିହାରେ ମସିହାରେ ଢେଙ୍କାନାଳ ମହିଷାପାଟ ଠାରେ ଜୟ ଦୁର୍ଗା ପାୱାରଲୁମ୍ ଓ ଭବାନୀ ଟେକ୍ ଷ୍ଟାଇଲ ନାମକ ଦୁଇଟି ଲୁଗାକଳ ପ୍ରତିଷ୍ଠା କରି ସଂଖ୍ୟାଧିକ ଲୋକମାନଙ୍କୁ କର୍ମ ସଂସ୍ଥାନ ଯୋଗାଇ ପାରିଥିଲେ । ଦୀର୍ଘ ତିନି ଦଶନ୍ଧି ଧରି ତାଙ୍କ ଦ୍ୱାରା ସ୍ଥାପିତ ଲୁଗା କଳ କାର୍ଯ୍ୟକ୍ଷମ ଥିଲା । ଜୀବନର ଗତିପଥରେ ବହୁ ଉତ୍ଥାନପତନ ଭିତରେ ୧୯୬୬ ମସିହାରେ ‘ଯୁବ ସାଂସ୍କୃତିକ ପାଠଚକ୍ର’, ୧୯୭୨ ମସିହାରେ ‘ଶିଳ୍ପୀ’ ଓ ୧୯୮୧ ମସିହାରେ ‘ଶତରୁପା’ ପରି ତିନୋଟି ନାଟ୍ୟ ଅନୁଷ୍ଠାନ ଗଠନ କରିଥିଲେ । ଯୁବ ସାଂସ୍କୃତିକ ପାଠଚକ୍ର ଦ୍ୱାରା ପ୍ରସ୍ତୁତ ତାଙ୍କ ରଚିତ ନାଟକ ‘ପ୍ରଳୟ ତିମିରେ’ (୧୯୬୭), ଦସ୍ୟୁ ଗର୍ଜନ (୧୯୬୮), କବରର କାବ୍ୟ (୧୯୭୦), ହେ ସାରଥୀ ରଥ ରଖ (୧୯୭୧) ମସିହାରେ ମଞ୍ଚସ୍ଥ ହୋଇଥିଲା । ତା’ପରେ ଶିଳ୍ପୀ ଦ୍ୱାରା ପ୍ରସ୍ତୁତ ନାଟକ ଗୁଡ଼ିକ ମଧ୍ୟରେ ‘ପିଙ୍ଗଳାର ରାତ୍ରୀ’ (୧୯୭୦), ମାୟା ସମୁଦ୍ର (୧୯୭୬), ଅଶାନ୍ତ ସମୁଦ୍ର (୧୯୭୭), ଚନ୍ଦ୍ରର ଅଭିଶାପ (୧୯୭୮), କାମନାର କାଚକାନ୍ଥ (୧୯୭୯), ବାଦଶାହ ବେଗମ୍ (୧୯୮୦) ମସିହାରେ ମଞ୍ଚସ୍ଥ ହୋଇଥିଲା । ଶତରୂପା ଦ୍ୱାରା ପ୍ରସ୍ତୁତ ନାଟକ ଗୁଡ଼ିକ ମଧ୍ୟରେ ‘ନିନ୍ଦିତ ଯୌବନ’(୧୯୮୨), ଉତ୍ତର ନାହିଁ (୧୯୮୬), ନିଶିଥିନି ଶେଷେ (୧୯୮୭), ସେ ରାତ୍ରର ଅନ୍ଧକାର (୧୯୮୮), ଶେଷ ଇତିହାସ (୧୯୮୯) ଏବଂ ୟା ପରେ କଅଣ (୧୯୯୬ ମସିହା) ପରି ଅନେକ ନାଟକ ମଞ୍ଚସ୍ଥ ହୋଇଛି । ଏ ସମସ୍ତ ନାଟକ ଓଡ଼ିଶାର ବିଭିନ୍ନ ସୌଖିନୀ ରଙ୍ଗମଞ୍ଚ ଯେପରିକି ଜଟଣୀର ରେଳବାଇ କ୍ଲବ୍, ତାଳଚେରର ଦେଉଳବେଡ଼ା କୋଲିଆରୀ କ୍ଲବ୍, ଖୋର୍ଦ୍ଧାର ଉତ୍ତରୟାଣୀ କ୍ଲବ୍, ବାଲେଶ୍ୱରର ବିନ୍ଦୁ ବଳୟ, କେନ୍ଦୁଝରର କାସାଣ୍ଡା, ବ୍ରହ୍ମପୁରର ଶାଶ୍ୱତୀ ନାଟ୍ୟ ସଂସ୍ଥା, ରାଉରକେଲାର ସ୍ପନ୍ଦନ ନାଟ୍ୟ ସଂସ୍ଥା, କଟକର ବାରବାଟୀ କ୍ଲବ୍ ଠାରେ ଆୟୋଜିତ ସର୍ବଭାରତୀୟ ତ୍ରିଭାଷୀ ନାଟ୍ୟ ମହୋତ୍ସବ ରଙ୍ଗମଞ୍ଚ ଇତ୍ୟାଦି ଅନେକ ରଙ୍ଗମଞ୍ଚରେ ପରିବେଷିତ ହୋଇ ସୁନାମ ଅର୍ଜନ କରିଛି । ତାଙ୍କ ନାଟ୍ୟ ପ୍ରତିଭାକୁ ସ୍ୱୀକୃତି ଦେବାକୁ ଯାଇ ଢେଙ୍କାନାଳ ଜିଲ୍ଲା ପ୍ରଶାସନ ୨୦୦୪ ମସିହାରେ ଢେଙ୍କାନାଳ ମହୋତ୍ସବ ଅବସରରେ ତାଙ୍କୁ ମହିମା ନାଟ୍ୟ ସମ୍ମାନ ୨୦୦୪ରେ ସମ୍ମାନିତ କରିଥିଲେ । (କ୍ରମଶଃ...)

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର






ରଘୁନାଥପୁର(ଭାସ୍କର ନ୍ୟୁଜ): ବିଶ୍ୱ ଭାତୃତ୍ୱ ଦିବସ ଅବସରରେ ରାଜ ଯୋଗିନୀ ଦାଦି ପ୍ରକାଶ ମଣିଙ୍କ ୧୮ତମ ପୂଣ୍ୟ ତିଥି ଉପଲକ୍ଷେ ରଘୁନାଥପୁର ବ୍ଲକ ଅନ୍ତର୍ଗତ ବାଗସାହିସ୍ଥିତ ପ୍ରଜାପିତା ବ୍ରହ୍ମାକୁମାରି ଆଶ୍ରମରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟର ପରିଚାଳକ ବି.କେ. ଅନିତାଙ୍କ ଅଧକ୍ଷତାରେ ମୁଖ୍ୟ ଅତିଥି ଅବସରପ୍ରାପ୍ତ ବରିଷ୍ଠ ଶିଶୁ ବିଶେଷଜ୍ଞ ଡାକ୍ତର ରାଜକିଶୋର ବରାଳ ଯୋଗଦେଇ ଶିବିରକୁ ଉଦଘାଟନ କରିବା ସହ ନିଜ ବକ୍ତବ୍ୟରେ କହିଥିଲେ ଜଣେ ରକ୍ତ ଦାତା ରକ୍ତଦାନ କଲେ ଆଉଜଣଙ୍କ ମୂଲ୍ୟବାନ ଜୀବନ ବଞ୍ଚି ପାରୁଛି । ତେଣୁ ରକ୍ତଦାନ ପାଇଁ ରକ୍ତଦାତା ସ୍ୱେଚ୍ଛାକୃତ ଭାବେ ଆଗେଇ ଆସିବାକୁ ଶ୍ରୀ ବରାଳ ଆହ୍ୱାନ ଦେଇଥିଲେ । ଶିବିରକୁ ଜଗତସିଂହପୁର ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ର ରକ୍ତ ଭଣ୍ଡାର ଡାକ୍ତର ପ୍ରିୟନ୍ତ ମେହେରଙ୍କ ନେତୃତ୍ୱରେ ଅପରାଜିତା ସାହୁ, ଜ୍ୟୋତ୍ରୀମୟୀ ଦାଶ, ଗୋପବନ୍ଧୁ ମହାନ୍ତି, ସୁଧାଂଶୁ ଜେନା, ବିଶ୍ୱରଂଜନ ମଲ୍ଲିକ, ରାକେଶ ବେହେରାଙ୍କ ସମେତ ଟିମ ରକ୍ତଦାତାଙ୍କ ନିକଟରୁ ୧୧ ୟୁନିଟ ରକ୍ତ ସଂଗ୍ରହ କରିଥିଲେ । ଶିବିରରେ ଜଗତସିଂହପୁର ଆଶ୍ରମର ବଡଭଉଣୀ ବିକେ ସାଗରିକା, ଜୟପୁର ଆଶ୍ରମର ବିଦ୍ୟାଧର ଭାଇ, ଶାରଦା ଭାଇ, ଇଲା ଭଉଣୀ ମିକି ଭଉଣୀ, ସମାଜ ବିକାଶ ମିଶନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସମ୍ପାଦକ ସରିତ କୁମାର ମହାପାତ୍ର, ସମାଜସେବୀ ଜଗନ୍ନାଥ ଆଚାର୍ଯ୍ୟ ପ୍ରମୁଖ ଶିବିର ପରିଚାଳନା କରିଥିଲେ ।

# ବେସରକାରୀ ଅଧ୍ୟାପକ ଓ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ




ନିମାପଡ଼ା(ଭାସ୍କର ନ୍ୟୁଜ): ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘର ଆହ୍ୱାନ କ୍ରମେ ନିମାପଡ଼ା ବ୍ଲକ୍ ଅନ୍ତର୍ଗତ ଚାରିଛକ ସ୍ଥିତ ନିଗମାନନ୍ଦ ମହିଳା ମହାବିଦ୍ୟାଳୟ, ନିମାପଡ଼ାସ୍ଥିତ ଇନ୍ଦିରାଗାନ୍ଧୀ ମହିଳା ଡ଼ିଗ୍ରୀ ମହାବିଦ୍ୟାଳୟ, ବଳଙ୍ଗାସ୍ଥିତ ବଳଙ୍ଗା ମହାବିଦ୍ୟାଳୟ, ଖେଲାର କଅଁରପୁର ସ୍ଥିତ ବାଣିଶ୍ରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବେରବୋଇ ସ୍ଥିତ ଲଙ୍କେଶ୍ୱରୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପରିଚାଳନା କମିଟି ଦ୍ୱାରା ୨୦୦୮ରୁ ୨୦୧୮ ମଧ୍ୟରେ ନିଯୁକ୍ତି ପାଇଥିବା ଅଧ୍ୟାପକ ଓ କର୍ମଚାରୀ ସରକାରୀ ଅନୁଦାନ ପରିସରଭୁକ୍ତ ହେବା ପାଇଁ ଅଗଷ୍ଟ ୧୬ରୁ ଅନିର୍ଦ୍ଧିଷ୍ଟକାଳ ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଆନ୍ଦୋଳନ ଆରମ୍ଭ କରିଛନ୍ତି । ସଂଘର ମହାବିଦ୍ୟାଳୟ ସଂଯୋଜକ ଅଧ୍ୟାପକ ସ୍ୱୟଂ ବିକାଶ ରଥ, ଅଧ୍ୟାପିକା ସୁମିତ୍ରା ସ୍ୱାଇଁ, ଅଧ୍ୟାପକ ଆଶିଷ ପ୍ରସାଦ ମହାପାତ୍ର, ଅଧ୍ୟାପକ ଅତିଥି ବରାଳ, ବିକ୍ରମ କେଶରୀ ବରିହାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆରମ୍ଭ କରାଯାଇଥିବା କାର୍ଯ୍ୟବନ୍ଦ ଆନ୍ଦୋଳନରେ ୨୦୦୮ ପରେ ନିଯୁକ୍ତି ପାଇଥିବା ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ଯୋଗ ଦେଇଛନ୍ତି । ଅଧ୍ୟାପକ, କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଫଳରେ ସମଗ୍ର ରାଜ୍ୟରେ ପାଠପଢ଼ା ଏବଂ ପ୍ରଶାସନିକ କାର୍ଯ୍ୟ ବ୍ୟାହତ ହୋଇଛି । ସମାନ କାମକୁ ସମାନ ଦରମା ନୀତି ଥାଇ ସୁଦ୍ଧା ଦୀର୍ଘ ୧୭ ବର୍ଷ ହେଲା ବିନା ସରକାରୀ ଅନୁଦାନରେ କାର୍ଯ୍ୟ କରିବା ଅତ୍ୟନ୍ତ ଦୁଃଖ ଏବଂ ପରିତାପର ବିଷୟ । ସୂଚନାଯୋଗ୍ୟ ବେସରକାରୀ ମହାବିଦ୍ୟାଳୟରେ ୨୦୦୮ ପରେ ନିଯୁକ୍ତି ପାଇଥିବା ଅଧ୍ୟାପକ, କର୍ମଚାରୀ ଅଦ୍ୟାବଧି ସରକାରୀ ଅନୁଦାନ ପରିସରଭୁକ୍ତ ହୋଇ ନାହାନ୍ତି । ବେସରକାରୀ ଅଧ୍ୟାପକ, କର୍ମଚାରୀ ସଂଘ ଦୀର୍ଘ ୬ ବର୍ଷ ହେଲା ବିଭିନ୍ନ ସ୍ତରରେ ଆନ୍ଦୋଳନ କରି ଆସୁଛନ୍ତି । ଦେଢ଼ ଲକ୍ଷ ଦସ୍ତଖତ ପତ୍ର, ୪୯୭ ଦିନ ଅହୋରାତ୍ର ଗାନ୍ଧୀ ମାର୍ଗରେ ଧାରଣା, ୩୦ରୁ ଉର୍ଦ୍ଧ୍ୱ ମହାସମାବେଶ, ୧୨୦ ବିଧାୟକଙ୍କ ଅନୁମୋଦନ ପତ୍ର ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି । ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ୧୨ଥର ଅଭିଯୋଗ ପତ୍ର ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି । ତଥାପି ସରକାର ନୂତନ ଅନୁଦାନ ନୀତି ଘୋଷଣା କଲେ ନାହିଁ । ତେଣୁ ସଂଘ ଅଗଷ୍ଟ ୧୬ ତାରିଖ ଶିକ୍ଷକ ଦାବି ଦିବସରେ ଗାନ୍ଧୀ ମାର୍ଗରେ ମହାସମାବେଶ କରି ଯେପର୍ଯ୍ୟନ୍ତ ସରକାର ନୂତନ ଅନୁଦାନ ନୀତି ଘୋଷଣା କରି ନାହାନ୍ତି ସେ ପର୍ଯ୍ୟନ୍ତ ଏ କାର୍ଯ୍ୟବନ୍ଦ ଆନ୍ଦୋଳନ ଚାଲିବ ବୋଲି ସଂଘ ସଂଯୋଜକ ଅଧ୍ୟାପକ ଜୀବନ ଦାଶ ପ୍ରକାଶ କରିଛନ୍ତି ।

# ସେକ୍ସ ରାକେଟ୍‌ର ପର୍ଦ୍ଦାଫାସ: ୪ କୋର୍ଟଚାଲାଣ



ପାରାଦୀପ(ଭାସ୍କର ନ୍ୟୁଜ): ବନ୍ଦର ତଥା ଶିଳ୍ପ ସହର ପାରାଦୀପରେ ଏକ ବଡ଼ ଧରଣର ସେକ୍ସ ରାକେଟର ପର୍ଦ୍ଦାଫାସ କରିଛି ପାରାଦୀପ ଆଦର୍ଶ ଥାନା ପୋଲିସ । ତାରିଣିଗଡା ଠାରେ ଥିବା ଗୋଲଡେନ ସ୍ପାରେ ସେକ୍ସ କାରବାର ଚାଲୁଥିବା ନେଇ ଖବର ପାଇବା ପରେ ପୋଲିସ ଚଢ଼ାଉ କରି ସ୍ପା ଭିତରୁ ବହୁ ଆପତ୍ତିଜନକ ସାମଗ୍ରୀ, ଦେହଜୀବୀ, ୪ ଜଣ ଗ୍ରାହକ ଓ ସେମାନଙ୍କର ମୋବାଇଲ ଫୋନ ଇତ୍ୟାଦି ଜବତ କରିଥିବା ବେଳେ ସ୍ପା ମାଲିକ ଫେରାର ହୋଇଥିବା ଜଣାପଡିଛି । ଖବରରୁ ପ୍ରକାଶ, ଗତ ଶନିବାର ରାତିରେ ଚଢ଼ଉ ସମୟରେ ସମସ୍ତଙ୍କୁ ଆପତ୍ତିଜନକ ଅବସ୍ଥାରେ ପୋଲିସ ଉଦ୍ଧାର କରିଥିଲା । ତେବେ ଗ୍ରାହକମାନେ ମହାରାଷ୍ଟ୍ର, ବିହାର ଓ ରାଜସ୍ଥାନର ଜାହାଜ କର୍ମଚାରୀ ବୋଲି ଜଣାପଡିଛି । ଏହି ସ୍ପାର ଦଲାଲ ସେଖ ବଦ୍ଧୁ କଲିକତାରୁ ଦେହଜୀବୀଙ୍କୁ ଆଣି ଏଠାରେ ସେମାନଙ୍କୁ ଦେହ ବ୍ୟବସାୟରେ ଲଗାଉଥିଲା । ଏ ବାବଦରେ ଘର ମାଲିକଙ୍କୁ ପୋଲିସ ଜେରା କରୁଥିବା ବେଳେ ମୁଖ୍ୟ ଆସାମୀ ଫେରାର ହୋଇଯାଇଛି । ତେବେ ଉଦ୍ଧୃତ ୮ ବାଂଗ୍ଲାୟ ଦେହଜୀବୀଙ୍କୁ ଡାକ୍ତରୀ ମାଇନା ପରେ ସ୍ଥାନୀୟ କଳିଙ୍ଗ ମହିଳା ଶକ୍ତି ସ୍ୱେଚ୍ଛାସେବୀ ସଂଗଠନକୁ ହସ୍ତାନ୍ତର କରାଯାଇଥିବା ବେଳେ ଗିରଫ ୪ ଗ୍ରାହକଙ୍କୁ ରବିବାର କୋର୍ଟଚାଲାଣ କରାଯାଇଛି ବୋଲି ଥାନା ଅଧିକାରୀ କାଳୁରି ବାରିକ ସୂଚନା ଦେଇଛନ୍ତି । ଏହି ଅନୈତିକ କାରବାର ଉପରେ ରୋକ ଲାଗି ପୋଲିସ କଡା ଆଭିମୁଖ୍ୟ ଗ୍ରହଣ କରିବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି । ତେବେ ବିଭିନ୍ନ କାରଣରୁ ବାଧ୍ୟ ହୋଇ ଏହି ପନ୍ଥା ଆପଣେଇଥିବା ଏହି ମହିଳା ତଥା ଯୁବତୀମାନଙ୍କୁ ସମାଜର ମୁଖ୍ୟ ସ୍ରୋତକୁ ଆଣିବା ପାଇଁ ତାଙ୍କ ସଂଗଠନ ପ୍ରୟାସ ଆରମ୍ଭ କରିବ ବୋଲି କଳିଙ୍ଗ ମହିଳା ଶକ୍ତି ଅନୁଷ୍ଠାନର ସଭାନେତ୍ରୀ ମନୋରମା ଖଟୁଆ ପ୍ରକାଶ କରିଛନ୍ତି ।।

## ଦୁଲାଖାପାଟଣା-ମଢ଼ିଆଳି ବିଜୁ ସେତୁ କାର୍ଯ୍ୟକ୍ଷମ ଦାବି

କୋରେଇ(ଭାସ୍କର ନ୍ୟୁଜ): କୋରେଇ ବ୍ଲକ ବନ୍ଦାଲୋ ପଞ୍ଚାୟତରୁ ସୁଦୂର ଭଦ୍ରଖ ଜିଲ୍ଲାକୁ ସଂଯୋଗ କରିବାକୁ ବୈତରଣୀ ନଦୀ ଉପରେ ହେଇଥିବା ବିଜୁ ସେତୁ ଟିର ବିବାଦ ପିଛା ଛାଡୁନହିଁ । ଏହାକୁ ଟେଣ୍ଡର ପାଇଥିବା ଠିକାଦାର ଯେନ ତେନ ଉପାୟରେ ଶେଷ କରଥିବା ବେଳେ ପୋଲର ଗୋଟିଏ ପାଖ ଆପ୍ରଚ ରୋଡ଼ ହୋଇଥିବା ବେଳେ ଅପର ପାଖ ଆପ୍ରଚ ରୋଡ଼ ହୋଇନଥିବାରୁ ଦୀର୍ଘ ୨ ବର୍ଷ ହେବ ନିର୍ମିତ ହୋଇ ସେତୁଟି ବ୍ୟବହାର ହୋଇ ପାରୁନି । ଅବ୍ୟବହୃତ ହୋଇ ଥିବାରୁ ପୋଲର ଉପରିଭାଗେ ପାଣି ଜମୁଛି, କ୍ଷୟ ହେଲେ ପୋଲରେ ନିଶାଡ଼ିଙ୍କ ଅଡ୍ଡା ଜମୁଛି । ଏଭଳି ବିଭିନ୍ନ ପ୍ରକାର ଅନୈତିକ କାର୍ଯ୍ୟ ଚାଲିଥିବା ଅଭିଯୋଗ ବି ହେଉଛି । ଉଲ୍ଲେଖଯୋଗ୍ୟ କି, ୨୦୧୯ରେ ଯାଜପୁର ଭଦ୍ରଖ ଜିଲ୍ଲାର ଲୋକଙ୍କ ଗମନାଗମନ ସୁବିଧା ପାଇଁ ତତ୍କାଳୀନ ସରକାର ବୈତରଣୀ ନଦୀରେ କୋଟି କୋଟି ଟଙ୍କା ବ୍ୟୟରେ ବିଜୁ ସେତୁର ବ୍ୟୟବରାଦ କରିଥିଲେ । ଏହାର ନିର୍ମାଣ ଦାୟିତ୍ୱ ଗ୍ରାମ ଉନ୍ନୟନ ବିଭାଗକୁ ଦିଆ ଯାଇଥିବା ବେଳେ କୋରେଇର ବିଧାୟକ ଥିବା ଆକାଶ ଦାଶ ନାୟକ ଶୁଭ ପଥର ଥିଲେ । କିନ୍ତୁ ଦୁଃଖର କଥା ଟେଣ୍ଡର ନେଇଥିବା ଠିକା ସଂସ୍ଥା ଅବଧି ସମୟରେ କାମ ସାରି ପାରିଲାନି । ପ୍ରଥମ ଅବଧି, ଦ୍ୱିତୀୟ ଅବଧି, ତୃତୀୟ ଅବଧିରେ ଯେନେ ତେନ ପ୍ରକାର କାମ ସାରିଦେଇ ଉଦ୍ରଖ ପାଖର ଆପ୍ରଚ ରୋଡ଼ର ଜମି ଅଧିଗ୍ରହଣ ହୋଇ ନଥିବାରୁ ରାସ୍ତା ନିର୍ମାଣ ନକରି ଚାଲିଯାଇଛି । ଏଠାରେ ପ୍ରଶ୍ନ ଉଠେ ସେତୁ ନିର୍ମାଣ ପୂର୍ବରୁ ଜମି ଅଧିଗ୍ରହଣ ହେଲା ନାହିଁ କାହିଁକି? କାହିଁକି କୋଟି କୋଟି ଟଙ୍କାରେ ନିର୍ମିତ ପୋଲଟି ଦୁଇ ବର୍ଷ ଧରି ଅବ୍ୟବହୃତ ହୋଇ ପଡ଼ି ରହିଛି ? ବର୍ତ୍ତମାନର ସରକାର ଓ କୋରେଇ ବିଧାୟକ ଆକାଶ ଦାଶ ନାୟକ ଅଞ୍ଚଳର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଏହାକୁ ଗୁରୁତ୍ୱର ସହ ନେଇ ଜମି ଅଧିଗ୍ରହଣ ପାଇଁ ବ୍ୟବସ୍ଥା କରାଇବା ସହ ତୁରନ୍ତ ଆପ୍ରଚ ରୋଡ଼ ନିର୍ମାଣ କରାଇ ପୋଲ କାର୍ଯ୍ୟକ୍ଷମ କରାଇଲେ ଉଭୟ ଯାଜପୁର ଓ ଭଦ୍ରଖ ଜିଲ୍ଲାର ଲୋକଙ୍କ ପାଇଁ ବରଦାନ ସଦୃଶ ହେବ ।

## ୫ ଆନ୍ତଃଜିଲ୍ଲା ଲୁଟେରାଙ୍କୁ ବାନ୍ଧିଲା ପୋଲିସ



କଣ୍ଟାପଡ଼ା(ଭାସ୍କର ନ୍ୟୁଜ): ଚୋରି ହେବାର ୨୩ ଦିନ ପରେ ଆନ୍ତଃଜିଲ୍ଲା ପାଞ୍ଚ ଜଣିଆ ଚୋର ଦଳକୁ ଗିରଫ କରିଛି କଟକ ଜିଲ୍ଲା ଗୋବିନ୍ଦପୁର ପୋଲିସ । ସେମାନଙ୍କ ଠାରୁ ଚୋରୁ ସୁନା ଓ ରୂପା ସହିତ ବ୍ୟବହୃତ ଗାଡି ଜବତ ହୋଇଥିବା ନେଇ ସୂଚନା ଦେଇଛି ପୋଲିସ । କଟକ ଜିଲ୍ଲା ଗୋବିନ୍ଦପୁର ବଜାରରେ ସୁନିଲ କୁମାର ସାହୁ ସୁନା ଜୁଏଲାରୀ ନାମରେ ଏକ ସୁନା ଦୋକାନ କରି ବ୍ୟବସାୟୀ କରନ୍ତି । ଅଗଷ୍ଟ ୧ ତାରିଖ ଦିନ ସଂଧ୍ୟାରେ ଦୋକାନ ବନ୍ଦ କରି ଘରକୁ ଫେରୁଥିବା ସମୟରେ ଗୋବିନ୍ଦପୁର ଥାନାଠାରୁ ମାତ୍ର ୧୦୦ ମିଟର ଦୂରରେ କିଛି ଦୁର୍ବୃତ୍ତ ବାଇକରେ ଆସି ସୁନା ବ୍ୟବସାୟୀ ଠାରୁ ବ୍ରିଜ ନିକଟରୁ ସୁନା ଓ ରୂପା ଲୁଟି ନେଇଥିଲେ । ଏ ସମ୍ପର୍କରେ ଗୋବିନ୍ଦପୁର ବଜାର କମିଟି ଓ ସୁନା ବ୍ୟବସାୟୀ ସୁନିଲ କୁମାର ସାହୁ ଗୋବିନ୍ଦପୁର ଥାନାରେ ଏତଲା ଦେବା ଦୁର୍ବୃତ୍ତଙ୍କୁ ଗିରଫ ଦାବିରେ ଗୋବିନ୍ଦପୁର ବଜାର ବନ୍ଦ କରିଥିଲେ । ଦୁର୍ବୃତ୍ତଙ୍କୁ ଗିରଫ ପାଇଁ ନିଆଳି ଥାନା ଆଇଆଇସି ବିଜୟ କୁମାର ମଲ୍ଲିକ ଓ ସ୍ପେଶାଲ ସ୍କ୍ୱାର୍ଡ ନିୟୋଜିତ ହୋଇଥିଲେ । ବିଭିନ୍ନ ଜିଲ୍ଲାରେ ପୋଲିସ ପକ୍ଷରୁ ବ୍ୟାପକ ତନାଘନା ଓ ମୋବାଇଲ ଟ୍ୟାପିଂ ମାଧ୍ୟମରେ ଲୁଟେରାଙ୍କ ନିକଟରେ ପହଞ୍ଚିଥିଲା । ଏ ନେଇ କଟକ ଜିଲ୍ଲା ଅତିରିକ୍ତ ଗ୍ରାମାଞ୍ଚଳ ଆରକ୍ଷୀ ଅଧିକ୍ଷକ ମିନାକ୍ଷୀ ଠାକୁର କହିଛନ୍ତି ଅଗଷ୍ଟ ୧ରେ ସୁନିଲ କୁମାର ସାହୁ ନାମକ ଜଣେ ସୁନା ବ୍ୟବସାୟୀ ଥାନାରେ ରିପୋର୍ଟ କରିଥିଲେ, କେତେଜଣ ଅଜଣା ଲୋକ ଅଟକାଇ ୨୫୦ ଗ୍ରାମ ସୁନା ଓ ୫ କିଲୋଗ୍ରାମ ଚାନ୍ଦି ଅଳଙ୍କାର ସବୁ ଲୁଟ କରି ନେଇଛନ୍ତି । ଏହାକୁ ବେସ କରି ଗୋବିନ୍ଦପୁର ଥାନାରେ ୧୮୯/୨୦୨୫ ରେ ଏକ ମାମଲା ରୁଜୁ କରାଯାଇଥିଲା । ଏକ ଟିମ୍ ଗଠନ କରାଯାଇଥିଲା । ଏହି ଟିମରେ ନିଆଳି ଥାନା ଆଇଆଇସି ବିଜୟ କୁମାର ମଲ୍ଲିକ, ଗୋବିନ୍ଦପୁର ଥାନା ଅଧିକାରିଣୀ ସୋନାଲି ନନ୍ଦ ଓ ଆଇଓ ଚିନ୍ମୟ ଦ୍ୱେବିଦୀଙ୍କ ମିଳିତ ଉଦ୍ୟମରେ ପାଞ୍ଚଜଣ ଚୋର ଦଳଙ୍କୁ ଗତକାଲି ଗିରଫ କରି କୋର୍ଟ ଚାଲାଣ କରାଯାଇଛି । ଗିରଫ ଅଭିଯୁକ୍ତଙ୍କ ଠାରୁ ସୁନା, କାନ ଫୁଲ, ଚୁଡି , ଚେନ, ବ୍ରେସଲେଟ ଓ ପାଉଁଜି ଜବତ କରାଯାଇଥିବା ବେଳେ ଏକ ବାଇକ ଜବତ ହୋଇଛି । ଅଭିଯୁକ୍ତ ହେଲେ ଗୋବିନ୍ଦପୁରର ଟେରୁ ଓରଫ ସୁଜିତ କୁମାର ବେହେରା ମାଷ୍ଟର ମାଇଣ୍ଡ, କଣ୍ଟାପଡ଼ାର ଭରତ କୁମାର ଦାସ, କେନ୍ଦ୍ରାପଡ଼ାର ରାଜେଶ କୁମାର ଶୁକ୍ଳା ଓରଫ ରକି, ଜଗତସିଂହପୁର ଜିଲ୍ଲା ଚନ୍ଦନପୁରର ସରୋଜ ନାଥ ଓ କାଳନ୍ଦି ଭୋଇ ଗିରଫ ହୋଇ କୋର୍ଟ ଚାଲାଣ ହୋଇଥିବା ବେଳେ ଆଉ ଦୁଇ ଜଣ ଫେରାର ଅଛନ୍ତି ।ସେମାନଙ୍କୁ ଗିରଫ ପାଇଁ ଉଦ୍ୟମ ଜାରି ରହିଛି ।

## ସଖୀ ସେଣ୍ଟରରୁ ନାବାଳିକା ଫେରାର ନେଇ ଏସ୍‌ପିଙ୍କୁ ଅଭିଯୋଗ

ଜଗତସିଂହପୁର(ଭାସ୍କର ନ୍ୟୁଜ): ଜଗତସିଂହପୁର ରଘୁନାଥପୁର ଥାନା ଅଧିନ ଜଗନ୍ନାଥପୁର ଗ୍ରାମର ଜଣେ ନାବାଳିକା ଅପହରଣ ପରେ ଉଦ୍ଧାର ହୋଇ ଜଗତସିଂହପୁର ସଖୀ ସେଣ୍ଟରରେ ରହୁଥିଲେ । ମାତ୍ର ଜୁନ ୨୧ରୁ ନାବାଳିକା ସଖୀ ସେଣ୍ଟରରୁ କେଉଁଆଡ଼େ ଫେରାର ହୋଇଥିଲେ ମଧ୍ୟ ତାର ପିତାମାତାଙ୍କୁ ଅବଗତ କରାଯାଇନାହିଁ । ଫେରାର ହେବା ଘଟଣାରେ ନାବାଳିକା ପିତା ଜଗତସିଂହପୁର ଏସ୍‌ପିଙ୍କୁ ଭେଟି ଅଭିଯୋଗ କରିଛନ୍ତି । ରଘୁନାଥପୁର ଥାନା ଜଗନ୍ନାଥପୁର ଗ୍ରାମର ନାବାଳିକାକୁ ଜଣେ ମହିଳା ଓ ତାଙ୍କ ପୁଅ ଗୁଣ୍ଡା ଲଗାଇ ଅପହରଣ କରିଥିବା ଘଟଣା ସମ୍ପର୍କରେ ରଘୁନାଥପୁର ଥାନାରେ ୨ ମାର୍ଚ୍ଚ ୨୦୨୪ରେ ଅଭିଯୋଗ ହୋଇଥିଲା । ମାତ୍ର ଥାନା କର୍ତ୍ତୃପକ୍ଷ କିଛି ନ ବୁଝିବାରୁ ଯୁବତୀର ପିତା ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଦ୍ୱାରସ୍ଥ ହୋଇଥିଲେ । ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ରଘୁନାଥପୁର ଥାନା ଯୁବତୀ ଓ ଅପହରଣକାରୀଙ୍କୁ ଚେନ୍ନାଇରୁ ଗିରଫ କରିଥିଲା । ପରେ ଯୁବତୀକୁ ସଖୀ ସେଣ୍ଟରରେ ରଖିବା ସହ ଯୁବକକୁ କୋର୍ଟଚାଲାଣ କରିଥିଲା । ମାତ୍ର ଯୁବତୀଙ୍କୁ ପିତା ସାକ୍ଷାତ କରିବାକୁ ଆସି ଜାଣିବାକୁ ପାଇଲେ ୨୧ ଜୁନରୁ ସେ କେଉଁଆଡ଼େ ନିଖୋଜ ହୋଇଯାଇଛନ୍ତି । ତେଣୁ ଯୁବତୀର ପିତା ଏସପିଙ୍କୁ ଅଭିଯୋଗ କରିଛନ୍ତି । ଅପରପକ୍ଷରେ ସଖୀ ସେଣ୍ଟର କର୍ତ୍ତୃପକ୍ଷ କହିଛନ୍ତି ଯୁବତୀ ୨୧ ଜୁନରୁ ପାଚେରୀ ଡେଇଁ ପଳାଇବା ସମ୍ପର୍କରେ ସେ ପୋଲିସକୁ ଜଣାଇଛନ୍ତି ।

## ଅଧ୍ୟାପକ ପ୍ରଭାତଙ୍କୁ ରାଜୀବ ଗାନ୍ଧୀ ସେବା ସମ୍ମାନ



ଭୁବନ(ଭାସ୍କର ନ୍ୟୁଜ): ଭୁବନ ବାଜି ରାଉତ ସ୍ମୃତି ମହାବିଦ୍ୟାଳୟର ଇତିହାସ ବିଭାଗ ଅଧ୍ୟାପକ ପ୍ରଭାତ କୁମାର ଜେନାଙ୍କୁ ରାଜ୍ୟ ସ୍ତରୀୟ ରାଜୀବ ଗାନ୍ଧୀ ସେବା ସମ୍ମାନ ପ୍ରଦାନ କରାଯାଇଛି । ରାଜୀବ ଗାନ୍ଧୀ ଷ୍ଟୁଡେଣ୍ଟ୍ ଫୋରମ୍ ପକ୍ଷରୁ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରନ୍ ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କ ଜନ୍ମ ଜୟନ୍ତୀ ଅବସରରେ ସଭାପତି ସତ୍ୟବ୍ରତ ନାୟକଙ୍କ ଅଧ୍ୟକ୍ଷତାରେ ଭୁବନେଶ୍ୱରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅଧ୍ୟାପକ ଶ୍ରୀ ଜେନାଙ୍କୁ ପ୍ରଶଂସା ପତ୍ର ଓ ଉତ୍ତରୀୟ ପ୍ରଦାନ କରିଥିଲେ । ଘଟଣା ଜଣାପଡ଼ିବା ପରେ କଲେଜରେ ଅତ୍ୟନ୍ତ ଆନନ୍ଦ ପ୍ରକାଶ ପାଇଛି । ଅଧକ୍ଷ ଡଃ ପ୍ରଭାତ ଆଚାର୍ଯ୍ୟଙ୍କ ସମେତ ଅଧ୍ୟାପକ ଓ କର୍ମଚାରୀ ଶ୍ରୀ ଜେନାଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଥିଲେ । ଶ୍ରୀ ଜେନା ଏହା ପୂର୍ବରୁ ୨୦୧୩ରେ ଏନ୍‌ଏସଏସ ବେଷ୍ଟ ପ୍ରୋଗ୍ରାମ ଅଫିସର ଭାବେ ୨୦୧୭ ରେ ମହାମହିମ ରାଜ୍ୟପାଳଙ୍କଠାରୁ ସ୍କାଉଟରେ ରାଜ୍ୟ ସ୍ତରୀୟ ଷ୍ଟାର ସର୍ଭିସ୍ ଆୱାର୍ଡ଼ ଏବଂ ୨୦୧୮ ରେ ରାଜ୍ୟ ସ୍ତରୀୟ ୟୁଥ୍ ରେଡକ୍ରସ ସମ୍ମାନ ପ୍ରାପ୍ତ ହୋଇଥିଲେ । ଅଧ୍ୟାପକ ଶ୍ରୀ ଜେନାଙ୍କୁ ସଫଳତା ପାଇଁ ଭୁବନ ସାମ୍ବାଦିକ ସଂଘ ପକ୍ଷରୁ ଶୁଭେଚ୍ଛା ଜ୍ଞାପନ ଓ ଉତ୍ତରୋତ୍ତର କାମନା କରାଯାଇଛି ।

## ଏନ୍‌ଏସି କ୍ରିୟାନୁଷ୍ଠାନ କମିଟିକୁ ସମର୍ଥନ ଜଣାଇବ ବ୍ଲକ୍ ବିଜେଡି



ବୋଲଗଡ(ଭାସ୍କର ନ୍ୟୁଜ): ନବୀନ ସରକାର ସମୟରେ ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼କୁ ଏନଏସି ମାନ୍ୟତା ଦେବା ଲାଗି ଘୋଷଣା ସହ ରାଜ୍ୟର ୩୬ ଗୋଟି ଅଞ୍ଚଳକୁ ଘୋଷଣା କରିଥିଲେ । ତେବେ ଏହା ମଧ୍ୟରେ ରାଜ୍ୟରେ ସରକାର ପରିବର୍ତ୍ତନ ହୋଇଛି । ରାଜ୍ୟରେ ବିଜେପି ସରକାର ତଥା ମୋହନ ସରକାର ପ୍ରାୟତଃ ୧.୫ ବର୍ଷ ହେବ ଶାସନ କରୁଛି । ମୋହନ ସରକାର ଶାସନ ଦାୟୀତ୍ୱ ରାଜ୍ୟର ୧୨ ଅଞ୍ଚଳକୁ ଏନଏସି ମାନ୍ୟତା ଲାଗି ଘୋଷଣା କରିଛନ୍ତି । ତେବେ ବୋଲଗଡ଼କୁ ଏନଏସିର ମାନ୍ୟତା ଦେବାକୁ ପ୍ରାୟତଃ ଭୁଲି ଯାଇଛନ୍ତି । ଏଣୁ ବୋଲଗଡ଼ ଏନଏସି କ୍ରିୟାନୁଷ୍ଠାନ ପକ୍ଷରୁ ସୋମବାର ଏନଏସି ଦାବିରେ ହରତାଳ କରିବାକୁ ସଜବାଜ ହୋଇ ପଦାକୁ ବାହାରିଛି । କିନ୍ତୁ ହରତାଳକୁ ପୂର୍ଣ୍ଣ ସମର୍ଥନ ଲାଗି ବ୍ଲକ ବିଜେଡି ପକ୍ଷରୁ ଘୋଷଣା କରିଛି । ବ୍ଲକ ବିଜେଡିର ଯୁକ୍ତି ଯେ ବିଗତ ସରକାର ବୋଲଗଡ଼କୁ ଏନଏସି ମାନ୍ୟତା ଦେବା ଲାଗି ଘୋଷଣା କରିଥିଲେ ହେଁ ବର୍ତ୍ତମାନର ବିଜେପି ସରକାର ବୋଲଗଡ଼କୁ ଏନଏସିର ମାନ୍ୟତା ଦେବା ଲାଗି କାହିଁକି ପଛଘୁଞ୍ଚା ଦେଉଛନ୍ତି । ଏହି ଅବସରରେ ସ୍ଥାନୀୟ ଟାଉନ ହଲରେ ବିଧାୟକ ପ୍ରଦୀପ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ବ୍ଲକ ବିଜେଡି ପକ୍ଷରୁ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଏନଏସି କ୍ରିୟାନୁଷ୍ଠାନକୁ ହରତାଳରେ ପୂର୍ଣ୍ଣ ସମର୍ଥନ ଜଣାଇ ସହଯୋଗ କରିବେ ବୋଲି ବିଧାୟକ ଶ୍ରୀ ସାହୁ ଘୋଷଣା କରିଥିଲେ ।

## କେବେ ମିଳିବ ବିଞ୍ଝାରପୁରକୁ ଏନ୍‌ଏସି ମାନ୍ୟତା ?

ବିଞ୍ଝାରପୁର(ଭାସ୍କର ନ୍ୟୁଜ): ବିଂଝାରପୁରକୁ ଏନ୍‌ଏସି କରାଯିବା ଦାବି ଢେର ପୁରୁଣା । ସ୍ୱର୍ଗତ ରବିନ୍ଦ୍ର ସାହୁ ଏନେଇ ସରକାରଙ୍କ ପାଖରେ ଦସ୍ତାବିଜ୍ ଉପସ୍ଥାପନ ସହ ପକ୍ଷ ରଖିଥିଲେ । ତାଙ୍କ ପରେ ବିଞ୍ଝାରପୁର ସରପଞ୍ଚ ଜନାବ୍ ଅବଦୁଲ୍ କାଦିର ଖାଁ ଏନଏସି ପାଇଁ ଅଣ୍ଟା ଭିଡିଛନ୍ତି । ସ୍ତମ୍ଭକାର ତଥା ଅଖିଳ ଚକ୍ର ସମ୍ପାଦକ ହରେକୃଷ୍ଣ ପଣ୍ଡା, ସଞ୍ଜୀବ ସାହୁ, ଅବ୍ରାରୁଲ ହକ୍, ଅଞ୍ଚଳର ବୁଦ୍ଧିଜୀବୀମାନଙ୍କୁ ନେଇ ବୈଠକ କରାଯିବା ସହ ସ୍ଥାନୀୟ ବିଧାୟିକାଙ୍କ ସହଯୋଗ ଲୋଡିଥିଲେ । ବିଧାୟିକା ମଧ୍ୟ ପ୍ରତିଶ୍ରୁତି ଦେଇଥିଲେ । ବିଗତ ସରକାର ବିଞ୍ଝାରପୁର ସମେତ ଯାଜପୁର ଜିଲ୍ଲାର ଅନ୍ୟ କେତେକ ସହରକୁ ଏନ୍‌ଏସି କରାଯିବ ବୋଲି ସୂଚନା ଦେଇଥିଲେ । ମାତ୍ର ଚଳିତ ମାସ ରାଜ୍ୟ ସରକାର ଘୋଷଣା କରିଥିବା ୧୨ ଏନ୍‌ଏସି ମଧ୍ୟରେ ବିଞ୍ଝାରପୁର ନାଁ ନ ଥିଲା । ଏ ସଂପର୍କରେ ଅବଦୁଲ୍ କାଦିର ଖାଁଙ୍କ ପରାମର୍ଶ କ୍ରମେ ପୂର୍ବତନ ସମିତି ସଭ୍ୟ ସେକ୍ ଓସି ଉଲ୍ଲାଙ୍କ ନେତୃତ୍ୱରେ ଦେବେନ୍ଦ୍ର ସାମଲ, ସେକ୍ ଇଜହାର ପ୍ରମୁଖ ରାଜଧାନୀରେ ବିଜେପି ନେତା ଗୌତମ ରାୟ ଓ ଅନ୍ୟମାନଙ୍କୁ ଭେଟି ବିଞ୍ଝାରପୁରବାସୀଙ୍କ ଦୀର୍ଘଦିନର ଦାବି ପ୍ରତି ଲୋକଙ୍କ ସରକାର ଅଣଦେଖା କରିଛି । ବିଞ୍ଝାରପୁର ଏନ୍‌ଏସି ପାଇଁ ନୀଳ ନକ୍ସା ବହୁ ପୂର୍ବରୁ ସରକାରୀ ସ୍ତରରେ ପ୍ରସ୍ତୁତ ହୋଇଥିଲା । ତେବେ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଯୋଗୁଁ ଏହାକୁ ବାସ୍ତବ ରୂପ ନେଇପାରିନଥିଲା । ସରକାର ବଦଳିବା ପରେ ବିଞ୍ଝାରପୁରର ନ୍ୟାର୍ଯ୍ୟ ଦାବି ପୂରଣ ହେବ ବୋଲି ଅଞ୍ଚଳବାସୀ ଆଶା ରଖିଥିଲେ । ପ୍ରଥମ ପର୍ଯ୍ୟାୟରେ ନହୋଇ ପାରିଲା ନାହିଁ, ଦ୍ୱିତୀୟ ପର୍ଯ୍ୟାୟରେ ଅର୍ଥାତ ଏ ମାସ ଆଉ ୯ଟି ନୂଆ ଏନ୍ ଏ ସି ନାମ ଘୋଷଣା କରାଯିବ । ଶ୍ରୀ ରାୟ ଏନେଇ ସରକାର ତଥା ନଗର ଉନ୍ନୟନ ବିଭାଗ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରି ବିଞ୍ଝାରପୁର ବାସୀଙ୍କୁ ସେମାନଙ୍କ ହକ ଦେବାକୁ ଅନୁରୋଧ କରିଥିଲେ ପ୍ରତିନିଧି ମଣ୍ଡଳ । ଜନ ସଂଖ୍ୟା ଘନତା ଓ ଅନ୍ୟାନ୍ୟ ଯୋଗ୍ୟତା ମାପ କାଠିକୁ ବିଚାର କରି ସରକାର ଏନ୍‌ଏସି ମାନ୍ୟତା ପାଇଁ ବିଭିନ୍ନ ଜିଲ୍ଲାରୁ ଆସିଥିବା ପ୍ରସ୍ତାବ ଗୁଡ଼ିକ ଉପରେ ସମୀକ୍ଷା କରୁଛନ୍ତି । ଚୂଡାନ୍ତ ଅନୁମୋଦନ ପାଇଁ ମୂଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଏକ ଡ୍ରାଫ୍ଟ ବିଜ୍ଞପ୍ତି ପଠାଯିବ ବୋଲି ଶ୍ରୀ ରାୟ କହିବା ସହ ସେ ଏ ସଂପର୍କରେ ପୂର୍ବରୁ ଅବଗତ ନଥିଲେ । ତେବେ ଅନୁମୋଦନ ପରେ ନୂତନ ଏନ୍‌ଏସି ପ୍ରଶାସନିକ ଦକ୍ଷତା ବୃଦ୍ଧି କରିବ ଓ ଅଣ ସେବାପ୍ରାପ୍ତ ଅଞ୍ଚଳଗୁଡିକୁ ନାଗରିକ ସୁବିଧା ପ୍ରଦାନ କରିବ ବୋଲି ଶ୍ରୀ ରାୟ ସୂଚନା ଦେଇଥିଲେ । ଖୁବ୍ ଶୀଘ୍ର ପୁଣି ଏକ ଦାବି ପତ୍ର ମୁଖ୍ୟମନ୍ତ୍ରୀ, ବିଭାଗୀୟ ମନ୍ତ୍ରୀ ଓ ସଚିବଙ୍କୁ ପ୍ରଦାନ କରାଯିବ ବୋଲି କାଦିର କହିଛନ୍ତି ।

## ହିଣ୍ଡାଲକୋ ହୀରାକୁଦ ପକ୍ଷରୁ ବିଶାଳ ହୋମିଓପାଥି ଚିକିତ୍ସା ଶିବିର



ସମ୍ବଲପୁର(ଭାସ୍କର ନ୍ୟୁଜ): ହିଣ୍ଡାଲକୋ ପକ୍ଷରୁ ଏକ ବିଶାଳ ହୋମିଓପାଥି ଚିକିତ୍ସା ଶିବର ସ୍ଥାନୀୟ ନୂଆଗୁଜାତଲରେ ଅନୁଷ୍ଠିତ ହୋଇଛି । ଶିବିରକୁ ସମ୍ବଲପୁର ଜିଲ୍ଲା ମୁଖ୍ୟ ହୋମିଓପାଥି ଚିକିତ୍ସା ଅଧିକାରୀ ଡ଼କ୍ଟର ରାଜକୁମାର ନାଏକ ଓ ହିଣ୍ଡାଲକୋର କମପ୍ଲେକ୍ସର ମାନବ ସମ୍ବଳ ମୁଖ୍ୟ ବିଶ୍ୱାସ ସିନ୍ଧେ ମା' ସମଲେଇଙ୍କ ପୂଜାର୍ଚ୍ଚନା କରି ଉଦ୍ଘାଟନ କରିଥିଲେ । ଏହି ଅବସରରେ ସ୍ମେଲଟର ପ୍ଲାଣ୍ଟ ହେଡ ପ୍ରତାପ ସାହୁ, ପାଓ୍ୱାର ପ୍ଲାଣ୍ଟ ମୁଖ୍ୟ ଅରୁଣ କୁମାର ସିଂ, ହୋମିଓପାଥି ଚିକିତ୍ସା ଶିବିରର ଡାକ୍ତର, ଲ୍ୟାଣ୍ଡ ଏବଂ କର୍ପୋରେଟ ବ୍ୟାପାର ମୁଖ୍ୟ ବିଘ୍ନେଶ୍ୱର ପଣ୍ଡା, ପାରିପାର୍ଶ୍ୱିକ ଉନ୍ନୟନ ବିଭାଗ ପ୍ରବନ୍ଧକ ଆନନ୍ଦ ଚକ୍ରବର୍ତ୍ତୀ, ଉପଦେଷ୍ଟା ସୁକାନ୍ତ କୁମାର ମହାପାତ୍ର ଓ ମାନ୍ୟଗଣ ବ୍ୟକ୍ତି ଉପସ୍ଥିତ ଥିଲେ । ଡ଼କ୍ଟର ରାଜ କୁମାର ନାଏକ କହିଥିଲେ କର୍ପୋରେଟ ହାଉସ ହିସାବରେ ହିଣ୍ଡାଲକୋ ବିଶାଳ ହୋମିଓପାଥି କ୍ୟାମ୍ପ କରିଥିବା ହେତୁ ମିଁ ଆନନ୍ଦିତ ଏବଂ ଆଗକୁ ବି ଜାରିରଖିବେ ବୋଲି ମୋର ବିଶ୍ୱାସ । କମପ୍ଲେକ୍ସର ମାନବ ସମ୍ବଳ ମୁଖ୍ୟ ଶ୍ରୀ ସିନ୍ଧେ କହିଥିଲେ ହୀରାକୁଦର ସ୍ୱାସ୍ଥ୍ୟରେ ଉନ୍ନତି ପାଇଁ ଏହିପରି କାର୍ଯ୍ୟକ୍ରମ ଜାରି ରଖିବ । ଶିବିରରେ ଡାକ୍ତର ରାଜେଶ କୁମାର ରାଉତ, ଡାକ୍ତର ନମିତା ନାଥ, ଡାକ୍ତର ବନ୍ଦନା ସେଠ ଓ ଡାକ୍ତର ମାୟାଧର ସାହୁ ଉପସ୍ଥିତ ରହି ରୋଗୀଙ୍କୁ ଚିକିତ୍ସା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବନମାଳୀ ଭୋଇ, ଦୀପକ ଭୋଇ, ଲବ କରାଳି, ଉପେନ୍ଦ୍ର ଭୋଇ, ଜୟରାମ ଧାରୁଆ, ସୁରେଶ ଚନ୍ଦ୍ର ଧାରୁଆ, ପଞ୍ଚାନନ ପ୍ରଧାନ, କୃଷ୍ଣ ଚନ୍ଦ୍ର ଭୋଇ ପ୍ରମୁଖ ଉପସ୍ଥିତ ଥିଲେ ।

## ସୁଧରେ ଟଙ୍କା ଦେଇ ବ୍ଲାକ୍‌ମେଲ୍ ଅଭିଯୋଗ

ଆସିକା(ଭାସ୍କର ନ୍ୟୁଜ): ଆସିକାରେ ସୁଧରେ ଟଙ୍କା ଦେଇ ସାଧାରଣ ଲୋକଙ୍କଠାରୁ ଜୋର ଜୁଲୁମ କରି ସମ୍ପତ୍ତି ହଡ଼ପ ପାଇଁ ଚାପ ପ୍ରୟୋଗ କରାଯାଉଥିବା ଘଟଣା ଦିନକୁ ଦିନ ବଢ଼ିବାରେ ଲାଗିଛି । ଆସିକା ତଥା ଆହାର ଆଖ ପାଖ ଅଞ୍ଚଳ ରେ କୋଟି କୋଟି ଟଙ୍କାର ସୁଧ କାରବାର ଖୁଲାମ ଖୁଲା ଚାଲିଛି । ଛୋଟରୁ ବଡ଼ ବ୍ୟବସାୟୀ ଶହେ ଟଙ୍କାକୁ ୩/୫ ପ୍ରତିଶତରେ ସୁଧରେ ଟଙ୍କା ନେଇ ଫସିଯିବା ପରେ ସମ୍ପତ୍ତି ବିକ୍ରି କରିବା ଓ ଜନ୍ମ ମାଟି ଛାଡ଼ି ରାତାରାତି ଫେରାର ହେବା ଘଟଣା ଦିନକୁ ଦିନ ବଢିବାରେ ଲାଗିଛି । କୋଟି କୋଟି ଟଙ୍କା ସୁଧରେ ଦେଇ ଆସିକା ତଥା ଆହାର ଆଖ ପାଖ ଅଞ୍ଚଳର କିଛି ବ୍ୟକ୍ତି ମାସିକ ଲକ୍ଷ ଲକ୍ଷ ଟଙ୍କା ଅର୍ଜନ କରୁଛନ୍ତି । ପ୍ରଥମେ ସୁଧ ଟଙ୍କା ଦେଇ ସୁଧ ଟଙ୍କା ନେଇଥିବା ବ୍ୟକ୍ତିଙ୍କ ସମ୍ପତ୍ତିକୁ ଶାଗମାଛ ଦରରେ ହଡ଼ପ କରିବାକୁ ଚାପ ପ୍ରୟୋଗ କରାଯାଉଥିବା ଦେଖିବାକୁ ମିଳୁଛି । ଗୃହ, ଦୋକାନ ଓ ବିଭିନ୍ନ ସମ୍ପତ୍ତିକୁ ବନ୍ଧକ ରଖି ଉଚ୍ଚ ସୁଧ ରେ ଟଙ୍କା ଦେଇ ସ୍ୱଳ୍ପ ସମୟ ମଧ୍ୟରେ ଟଙ୍କା ଫେରସ୍ତ ଦେବାକୁ ଚାପ ପ୍ରୟୋଗ କରି ସୁଧ ଦେବା ବାଲା ନେଇ ଯାଉଥିବା ନଜିର ରହିଛି । ଆସିକାରେ ମହାଜାନି ଓ ସୁଧ କାରବାର କରି ମୁଠା ମୁଠା ଟଙ୍କା ଠୁଳ କରି କୋଟି କୋଟି ଟଙ୍କାର ବଡ଼ ଅଟାଳିକାର ମାଲିକ ହୋଇଥିବା ନଜିର ରହିଛି । କୁବେର ମହାଜନ ମାନଙ୍କ ଉପରେ ନାଁ ଇଡ଼ି ନାଁ ଆଇଟି ନାଁ ଭିଜିଲାନ୍ସ କାହାର ଆଜି ସୁଦ୍ଧା ଛାଇ ପଡ଼ିନାହିଁ । ଉଚ୍ଚ ହାରରେ ସୁଧ ନେଇ ଦିବାଳିଆ ହୋଇ ବହୁ ବ୍ୟବସାୟୀ ଆସିକା ଛାଡ଼ି ଫେରାର ହୋଇଯାଇଥିବାର ନଜିର ରହିଛି ।

## କଳସପୁର ଗ୍ରାମରେ ପୁଣି ଲୁଟେରା ସକ୍ରିୟ, ଲୋକେ ଆତଙ୍କିତ




ଆଳି(ଭାସ୍କର ନ୍ୟୁଜ): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଥାନା ଅଧୀନରେ କିଛି ଦିନ ଅନ୍ତରରେ ରବିବାର ଲୁଟେରାମାନେ ପୁଣି ଥରେ ସକ୍ରିୟ ହୋଇ ଉଠିଛନ୍ତି । ବିଳମ୍ବିତ ରାତିରେ ଆଳି ଥାନା କଳସପୁର ପଞ୍ଚାୟତ କଳସପୁର ଗ୍ରାମରୁ ଚୋରି ହୋଇଥିବା ଜଣାପଡିଛି । ଆଳି ଥାନା ଅନ୍ତର୍ଗତ କଳାସପୁର ଗ୍ରାମର ସ୍ୱର୍ଗତ ଆକୁଳି ରାଉତଙ୍କ ପୁଅ ପ୍ରକାଶଙ୍କ ଥାନାରେ ଅଭିଯୋଗ ଅନୁଯାୟୀ ଗତକାଲି ବିଳମ୍ବିତ ରାତିରେ ରାତ୍ରିଭୋଜନ ପରେ ସମସ୍ତେ ଶୋଇବାକୁ ଯାଇଥିଲେ । ଅନ୍ଧାର ରାତିର ସୁଯୋଗ ନେଇ ଲୁଟେରା ମାନେ ତାଙ୍କ ଗ୍ରାମ ଛକ ନିକଟରେ ଥିବା ରନ୍ଧନ ଗ୍ୟାସ ସବସେଣ୍ଟରର ଦୋକାନ ଭିତରକୁ ତାଲା ଓ ଆଜବେଷ୍ଟ ତାଡ଼ି ଭିତରକୁ ପଶିଥିଲେ । ପ୍ରକାଶଙ୍କ ଏତଲା ଅନୁଯାୟୀ ଲୁଟେରା ମାନେ ଦୋକାନର ଦୁଇଟି ଘରୁ ନଗଦ ୨୫ ହଜାର ଟଙ୍କା ସହ ୬ଟି ଗ୍ୟାସ ସିଲିଣ୍ଡର ଓ ତତସହିତ ଅନ୍ୟ ଆସବାବପତ୍ର ଲୁଟି ନେଇଥିବା ଆଳି ଥାନାରେ ପ୍ରକାଶ ଅଭିଯୋଗରେ ଦର୍ଶାଇଛନ୍ତି । ପ୍ରକାଶଙ୍କ କହିବା ଅନୁଯାୟୀ ସେ ସକାଳେ ଘରୋଇ କାର୍ଯ୍ୟ ସହ କୁକୁରକୁ ବୁଲାଇବାକୁ ନେବା ସମୟରେ ଦୋକାନ ନିକଟକୁ ଯାଇ ଦେଖନ୍ତି ତ ତାଙ୍କ ଦୋକାନର ତାଲା ଗୁଡିକ ଭଙ୍ଗାଯାଇ ତଳେ ପଡିଛି । ଏହା ଦେଖି ସେ ସନ୍ଦେହ କରିବା ସହ ପରିବାର ଲୋକଙ୍କୁ ଡାକି ଦେଖାଇଥିଲେ । ପରେ ସେ ଚୋରି ହୋଇଥିବା ଜାଣି ଫୋନ ଯୋଗେ ପୋଲିସକୁ ଖବର ଦେଇଥିଲେ । ପରେ ତ୍ୱାଲୁ ସେ ଆଳି ଥାନାରେ ଏକ ଲିଖିତ ଅଭିଯୋଗ ଦେଇଛନ୍ତି । ଅପରପକ୍ଷେ ଘଟଣା ପରେ ଆଳି ପୋଲିସ ପ୍ରକାଶଙ୍କ ଏତଲା ଆଧାରରେ ଘଟଣା ସ୍ଥଳକୁ ଯାଇ ତଦନ୍ତ ଚଳାଇଥିବା ନେଇ ଆଳି ଥାନାଧିକାରୀ ଧୀରଜ କୁମାର ଲେଙ୍କା ସୂଚନା ଦେଇଛନ୍ତି ।

# ସମସ୍ୟାରେ ନିମାପଡ଼ା ବ୍ଲକ୍ ଅଞ୍ଚଳର ଶିକ୍ଷା ବ୍ୟବସ୍ଥା

ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ା ବ୍ଲକ୍ ଅଞ୍ଚଳରେ ଶିକ୍ଷା ବ୍ୟବସ୍ଥା ବାଟବଣା ହୋଇଥିବା ବେଳେ ଦୀର୍ଘବର୍ଷ ଧରି ସ୍କୁଲରେ ଆସନ ମାଡ଼ି ବସିଥିବା ଶିକ୍ଷକଙ୍କର ବଦଳି ନ ହେବା ଏକ ପରିତାପର ବିଷୟ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି । କେତେକ ସ୍କୁଲରେ ଶିକ୍ଷକ, ଶିକ୍ଷୟିତ୍ରୀ ଦୁଇ ଭାଗରେ ବିଭକ୍ତ ହୋଇ କାର୍ଯ୍ୟ କରୁଥିବା ବେଳେ କୁଜି ନେତା ପାଲଟିଛନ୍ତି ସେମାନଙ୍କ ସୁରକ୍ଷା କବଚ । କୁଜି ନେତାଙ୍କ ଉପଦେଶ ନେଇ ଅନେକ ଶିକ୍ଷକ, ଶିକ୍ଷୟିତ୍ରୀ କାର୍ଯ୍ୟ କରୁଛନ୍ତି । ସେମାନଙ୍କର ପାଠପଢ଼ାରେ ମନ ଲାଗୁ ନଥିବା ବେଳେ ମୋବାଇଲ ପାଲଟିଛି ସାହା ଭରସା । ଅନେକ ସମୟରେ ସ୍କୁଲରେ ଶିକ୍ଷକ, ଶିକ୍ଷୟିତ୍ରୀ ପାଠପଢ଼ା ବଦଳରେ ମୋବାଇଲ ଚଳାଇବା ଏକ ନୀତିଦିନିଆ ଅଭ୍ୟାସରେ ପରିଣତ ହୋଇଥିବା ବେଳେ ଏହାର ବ୍ୟତିକ୍ରମ ଅରିଷଣ୍ଡ ପଂଚାୟତରେ ଦେଖିବାକୁ ମିଳିଛି । ସବୁ ଜାଣି ମଧ୍ୟ ଜିଲ୍ଲା ଶିକ୍ଷାଧିକାରୀ ଓ ବ୍ଲକ୍ ଶିକ୍ଷାଧିକାରୀ ନୀରବ ରହିବା ପଛରେ ଚାପରେ କାର୍ଯ୍ୟ କରୁଥିବା ବାରି ହୋଇପଡୁଛି । ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟକୁ କେତେଜଣ କୁଜି ନେତା ଯାଇ ନିଜକୁ ସର୍ବେସର୍ବା ବୋଲାଉ ଥିବା ବେଳେ ଅନେକ ଶିକ୍ଷୟିତ୍ରୀଙ୍କ ନାମରେ ମିଥ୍ୟା ଆରୋପ ଲଗାଇ ଚୁଗୁଲି ଚପଟ କରୁଛନ୍ତି । ଯାହାକୁ ନେଇ ଏବେ ଲୋକମାନେ ଚିନ୍ତାରେ ରହିଛନ୍ତି । ସେମାନଙ୍କ ପିଲାମାନଙ୍କ ଭବିଷ୍ୟତ କ'ଣ ବୋଲି ଆଶଙ୍କା ମଧ୍ୟ କରୁଛନ୍ତି । ସରକାର ବଦଳି ଥିବା ବେଳେ ଦୀର୍ଘଦିନ ସ୍କୁଲରେ କାର୍ଯ୍ୟ କରୁଥିବା ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ବଦଳି କାହିଁକି ନୁହେଁ ବୋଲି ପ୍ରଶାସନକୁ ପ୍ରଶ୍ନ କରିଛନ୍ତି । ସୂଚନା ଅନୁଯାୟୀ, ନିମାପଡ଼ାରେ ଶିକ୍ଷା ବ୍ୟବସ୍ଥା ସମସ୍ୟାରେ ରହିଛି । ସରକାରୀ ସ୍କୁଲରେ ସଠିକ୍ ଶିକ୍ଷାଦାନ ପ୍ରଦାନ କରିବା ପାଇଁ ସରକାର ନିର୍ଦ୍ଦେଶ ଦେଉଥିଲେ ମଧ୍ୟ ଏହା ପ୍ରହସନରେ ପରିଣତ ହୋଇଛି । ଅନେକ ଶିକ୍ଷକ, ଶିକ୍ଷୟିତ୍ରୀ ମୋବାଇଲରେ ବ୍ୟସ୍ତ ରହୁଥିବା ବେଳେ ପାଠ ପଢ଼ାଇବା ପାଇଁ ଧ୍ୟାନ ଦେଉ ନାହାନ୍ତି । ଦୀର୍ଘ ବର୍ଷ ଧରି ସ୍କୁଲରେ ରହିଥିବା ଶିକ୍ଷକ, ଶିକ୍ଷୟିତ୍ରୀ ମାନଙ୍କରେ ଚିଠା କାହିଁକି ସରକାର ମାଗୁ ନାହାନ୍ତି ତାହାକୁ ନେଇ ବେଳକୁ ବେଳ ଅସନ୍ତୋଷ ବଢ଼ିଛି । ସବୁ ଜାଣି ମଧ ବ୍ଲକ୍ ଶିକ୍ଷାଧିକାରୀ, ଜିଲ୍ଲା ଶିକ୍ଷାଧିକାରୀ ନୀରବ ଦ୍ରଷ୍ଟା ସାଜିଛନ୍ତି । ଅନେକ ସ୍କୁଲରେ ଶିକ୍ଷା ବ୍ୟବସ୍ଥା ରୁଗ୍ଣ ଅବସ୍ଥାରେ ରହିଥିବା ବେଳେ ନିର୍ଦ୍ଦିଷ୍ଟ କେତୋଟି ସ୍କୁଲରେ ରହିଥିବା ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ମଧ୍ୟରେ ମନୋମାଳିନ୍ୟ ଦେଖା ଦେଇଥିବାରୁ ଦୁଇ ଭାଗ ହୋଇ କାର୍ଯ୍ୟ କରୁଛନ୍ତି ବୋଲି ଶୁଣିବାକୁ ମିଳୁଛି । ଏହି ଘଟଣାର ସତ୍ୟାସତ୍ୟ ତଦନ୍ତ କ'ଣ ପାଇଁ ବ୍ଲକ୍ ଶିକ୍ଷାଧିକାରୀ କରୁ ନାହାନ୍ତି ତାହା ଏକ ବିଡ଼ମ୍ବନାର ବିଷୟ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି । କୁଜି ନେତାମାନେ ଅବାଧରେ କେତେକ ନିର୍ଦ୍ଦିଷ୍ଟ ସ୍କୁଲକୁ ଯାଉଥିବା ବେଳେ ଶିକ୍ଷକ, ଶିକ୍ଷୟିତ୍ରୀ ସେମାନଙ୍କ ସହିତ ଆଳାପ କରି ସ୍କୁଲର ଗୁଢ଼ ତଥ୍ୟ ପ୍ରଦାନ କରୁଛନ୍ତି । ଘଟଣାରେ କିପରି ପାଠପଢ଼ା ସ୍କୁଲରେ ଚାଲିବ, ସରକାରୀ ସ୍କୁଲରେ ପିଲାଙ୍କ ଭବିଷ୍ୟତ କ'ଣ, କ'ଣ ପାଇଁ ଦୀର୍ଘଦିନ ରହିଥିବା ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ପରିବର୍ତ୍ତନ ହେଉନାହିଁ ତାହାକୁ ନେଇ ଅଭିଭାବକଙ୍କ ମହଲରେ ପ୍ରତିକ୍ରିୟା ଦେଖା ଦେଇଛି ।

# ଶୁଣିଲାନି ପ୍ରଶାସନ, ଖାଲଖମା ମରାମତି କଲେ ଯୁବଗୋଷ୍ଠୀ



ଗୋପ(ଭାସ୍କର ନ୍ୟୁଜ): ଶୁଣିଲାନି ପ୍ରଶାସନ । ଦୀର୍ଘ ଦିନ ହେଲା ଖାଲଖମାରେ ପରିପୂର୍ଣ୍ଣ ହୋଇରହିଥିବା ଗୋପ-କୋଣାର୍କ ରାସ୍ତା ମରାମତି କଲେ ଯୁବଗୋଷ୍ଠୀ । ସରକାର ରାସ୍ତାର ଉନ୍ନତିକରଣ ଓ ମରାମତି ନିମନ୍ତେ କୋଟି କୋଟି ଟଙ୍କା ବ୍ୟୟ କରୁଛନ୍ତି । ମାତ୍ର ପ୍ରଶାସନିକ ଅଧିକାରୀଙ୍କ ଦାୟିତ୍ୱହୀନତା ଏବଂ ତଦାରଖ ଅଭାବରୁ କୋଟି କୋଟି ଟଙ୍କା ପାଣିରେ ପଡୁଛି । ସେହିପରି ଏକ ଦୃଶ୍ୟ ଦେଖିବାକୁ ମିଳିଛି ଗୋପ - କୋଣାର୍କ ରାଜପଥରେ । କିଛିଦିନ ତଳେ ଏହି ରାସ୍ତା ନବୀକରଣ ହୋଇଥିଲା । ମାତ୍ର ନିମ୍ନମାନର କାର୍ଯ୍ୟ ଯୋଗୁଁ କିଛିଦିନରେ ଏହା ଖାଲଖମାରେ ପରିପୂର୍ଣ୍ଣ ହୋଇ ମରଣଯନ୍ତା ପାଲଟିଲା । ପରେ ବିଭାଗ ପକ୍ଷରୁ ଲକ୍ଷାଧିକ ଟଙ୍କା ବ୍ୟୟ ବରାଦରେ ମରାମତି ହେଲା । ହେଲେ ୪ ଦିନ ଗଲାନି । ଯଥା ପୂର୍ବ ତଥା ପର ଅବସ୍ଥାକୁ ଫେରିଲା । ହେଲେ ଆଉ ବିଭାଗୀୟ କର୍ତ୍ତୃପକ୍ଷ କିମ୍ବା ପ୍ରଶାସନ ଏଥି ପ୍ରତି ଦୃଷ୍ଟି ନ ଦେବାରୁ ଗୋପ ମୁଖ୍ୟ ବଜାରରେ ସୃଷ୍ଟି ହୋଇଥିବା ବିରାଟ ବିରାଟ ସେହି ଖାଲରେ ପଡ଼ି ବାରମ୍ବାର ଛୋଟ ବଡ ଦୁର୍ଘଟଣା ଘଟିଲା । ଏହି ରାସ୍ତା ଦେଇ ପ୍ରତିଦିନ ହଜାର ହଜାର ପର୍ଯ୍ୟଟକ ବିଶ୍ୱପ୍ରସିଦ୍ଧ କୋଣାର୍କ ସୂର୍ଯ୍ୟମନ୍ଦିର ଏବଂ ପୁରୀ ପ୍ରସିଦ୍ଧ ମହାପ୍ରଭୂ ଶ୍ରୀଜଗନ୍ନାଥଙ୍କ ଦର୍ଶନ ନିମନ୍ତେ ଯାଇଥାନ୍ତି । ସେହି ଖାଲ ପାଇଁ ସେଠାରେ ବାରମ୍ବାର ଟ୍ରାଫିକ ଜାମ୍ ହେବାସହ ଘଣ୍ଟା ଘଣ୍ଟା ଧରି ଗାଡ଼ି ମଟର ସହ ଆମ୍ବୁଲାନ୍ସ ମଧ୍ୟ ଅଟକି ରହୁଥିଲା । ପୂର୍ତ୍ତ ବିଭାଗର ଅଧିନରେ ଏହି ରାସ୍ତା ରହିଥିବା ବେଳେ ଏହି ରାସ୍ତା ଦେଇ ମଧ ପ୍ରତିଦିନ ନେତାମନ୍ତ୍ରୀ ଯାତାୟାତ କରୁଛନ୍ତି । ହେଲେ ରାସ୍ତାର ଏପରି ବେହାଲ୍ ଦେଖି ମଧ ସମସ୍ତେ କୋଣଠେସା କରିବାରୁ ରବିବାର ଅଗ୍ରଣୀ ସାମାଜିକ ଅନୁଷ୍ଠାନ କୁଶୁପୁର ଯୁବ ପରିଷଦର ରାକେଶ କୁମାର ଭୋଳ, ମନୋଜ କୁମାର ମାଟି, ଚିନ୍ମୟ ସାହୁ, ସିଲନ ସାହୁ, ଅତୁଲ୍ୟ ମହାନ୍ତି ପ୍ରମୁଖ ସଭ୍ୟ ମାନେ ନିଜସ୍ୱ ଅବଦାନ ରେ ଗୋଡ଼ି, ବଜୁରୀ ଓ ଡଷ୍ଟ ପକାଇ ଗୋପ ବଜାର ସମେତ କେତକ ସ୍ଥାନରେ ହୋଇଥିବା ବଡ଼ବଡ଼ ଖାଲକୁ ନିଜେ କୋଦାଳ ଓ ବେଲଚା ଧରି ସମତୁଲ କରି ଚଳପ୍ରଚଳ ଉପଯୋଗୀ କରିଛନ୍ତି । ଯାହାକି ସାଧାରଣରେ ପ୍ରଶଂସାର ପାତ୍ର ହୋଇଛନ୍ତି ଯୁବଗୋଷ୍ଠୀ । ଖାଲି ଏତିକି ନୁହେଁ, ଗୋପ ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ ଠାରୁ ମାତ୍ର ୨ ଶହ ମିଟର ଦୂର ଗୋପ ବଜାର ସମେତ ବିଭିନ୍ନ ସ୍ଥାନରେ ରାସ୍ତାରେ ଅନେକ ଖାଲଖମା ସୃଷ୍ଟି ହେଲାଣି । ତେଣୁ ବିଭାଗୀୟ ଅଧିକାରୀ ଓ ପ୍ରଶାସନ ତୁରନ୍ତ ଏଥିପ୍ରତି ବିହୀତ ପଦକ୍ଷେପ ନେଇ ଏହାର ସ୍ଥାୟୀ ପ୍ରତିକାର କରିବାକୁ ବିଭିନ୍ନ ମହଲରେ ଦାବି ହେଉଛି ।



ବୌଦ୍ଧ (ଭାସ୍କର ନ୍ୟୁଜ୍): ବୌଦ୍ଧ ବ୍ଲକ ଅନ୍ତର୍ଗତ ଜହ୍ନାପଙ୍କ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ଠାରେ ଏନିମିୟା ମୁକ୍ତ ଅଭିଯାନ (ଅମ୍ଳାନ ) ତାଲିମ ଶିବିର ବାଉଁସୁଣୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଦ୍ୱାରା ଆୟୋଜନ କରାଯାଇଛି। ଏହି ତାଲିମରେ ୮ ଟି ପଂଚାୟତ ରୁ ଜଣେ ଲେଖାଏଁ ଶିକ୍ଷକ ଅଙ୍ଗନବାଡି ଦିଦି ଆଶା ଦିଦି ଏବଂ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରର ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଓ ସ୍ୱାସ୍ଥ୍ୟ କର୍ମୀ ଯୋଗଦାନ କରିଥିଲେ। ଉକ୍ତ ତାଲିମ ଶିବିରରେ ଜହ୍ନାପଙ୍କ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରର ଆୟୁଷ ଡାକ୍ତର ରମାକାନ୍ତ ନନ୍ଦ, ସୁପରଭାଇଜର ପ୍ରଶାନ୍ତ ପାଣିଗ୍ରାହୀ ଓ ବାଉଁସୁଣୀ ଗୋଷ୍ଠୀ ଚିକିତ୍ସା ଅଧିକାରୀ ଡାକ୍ତର ଆନ୍ତର୍ଯ୍ୟାମୀ ବେହେରା ଯୋଗ ଦେଇ ରକ୍ତହୀନତା କଣ ଓ କାହିଁକି ହୋଇଥାଏ ଏବଂ ଏହାର ନିରାକରଣ ପାଇଁ କଣ ପଦକ୍ଷେପ ନିଆଯିବ ସେ ସମ୍ପର୍କରେ କହିଥିଲେ। ଭାରତ ସରକାରଙ୍କ ଲକ୍ଷ୍ୟ ଅନୁଯାୟୀ ପ୍ରତିବର୍ଷ କିପରି ୧୦% ରକ୍ତହୀନତା ସବୁ ଅଞ୍ଚଳରୁ କମାଯାଇପାରିବ ସେ ବିଷୟରେ କହିଥିଲେ। ପ୍ରତ୍ୟେକ ସ୍କୁଲର ଛାତ୍ର ଛାତ୍ରୀଙ୍କ ରକ୍ତ ପରୀକ୍ଷା କରି ରକ୍ତହୀନତା ଅଛି କି ନାହିଁ ଜାଣିବା ପାଇଁ ବିହିତ ପଦକ୍ଷେପ ନେବା ପାଇଁ ଆଲୋଚନା କରାଗଲା।

## 'ଆସ ସ୍କୁଲ ଯିବା' ବିଦ୍ୟାଳୟସ୍ତରୀୟ ସଚେତନତା ପଦଯାତ୍ରା




କଣାସ(ଭାସ୍କର ନ୍ୟୁଜ): ବିଦ୍ୟାଳୟରୁ ବାହାରେ ରହିଯାଉଥିବା ଛାତ୍ରଛାତ୍ରୀ ମାନଙ୍କୁ ପୁନଶ୍ଚ ବିଦ୍ୟାଳୟକୁ ଫେରାଇ ଆଣିବା ଲକ୍ଷ୍ୟରେ ସାରା ରାଜ୍ୟରେ ବିଦ୍ୟାଳୟସ୍ତରରେ ଅନୁଷ୍ଠିତ ହେଉଥିବା ଆସ ସ୍କୁଲ ଯିବା କାର୍ଯ୍ୟକ୍ରମ ପୁରୀ ଜିଲ୍ଲା କଣାସ ବ୍ଲକରେ ଫଳପ୍ରଦ ହେଉଥିବା ପରିଲକ୍ଷିତ ହେଉଛି। ଜିଲ୍ଲା ଶିକ୍ଷା ଅଧିକାରୀ ଦୀପକ କୁମାର ପାରୀଙ୍କ ନିର୍ଦ୍ଦେଶ କ୍ରମେ କଣାସ ବ୍ଲକ ଶିକ୍ଷା ଅଧିକାରୀ ରାମଚନ୍ଦ୍ର ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କଣାସ ବ୍ଲକରେ ପରିଚାଳିତ ଏହି କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ଓ ଲୋକପ୍ରତିନିଧିମାନେ ଅଂଶ ଗ୍ରହଣ କରି ବିଦ୍ୟାଳୟ ଛାଡୁଥିବା ଛାତ୍ରଛାତ୍ରୀମାନଙ୍କୁ ବିଦ୍ୟାଳୟକୁ ଆଣିବାପାଇଁ ତତ୍ପରତା ପ୍ରକାଶ କରିଛନ୍ତି। ୧୮ ବର୍ଷ ପର୍ଯ୍ୟନ୍ତ ବିଭିନ୍ନ ସମସ୍ୟା ଯୋଗୁଁ ବିଦ୍ୟାଳୟ ଛାଡୁଥିବା ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷକ ଶିକ୍ଷୟିତ୍ରୀ, ବିଦ୍ୟାଳୟ, କ୍ଲଷ୍ଟର୍ ତଥା ବ୍ଲକ୍ ସ୍ତରୀୟ ଆସ ସ୍କୁଲ ଯିବା କମିଟିର ସଦସ୍ୟ ସଦସ୍ୟମାନେ ସଭା,ପଦଯାତ୍ରା ମାଧ୍ୟମରେ ଅଭିଭାବକ ମାନଙ୍କୁ ସଚେତନ କରାଉଛନ୍ତି। ଏହି ପରିପ୍ରେକ୍ଷୀରେ ଏହି ବ୍ଲକ୍ ଅନ୍ତର୍ଗତ ଗଡବଡପୁଟ ସଂଯୁକ୍ତ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ମହାରଣାଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କ ଆସ ସ୍କୁଲ ଯିବା ସଚେତନତା ପଦଯାତ୍ରାରେ ସ୍ଥାନୀୟ ସରପଞ୍ଚ ଶ୍ରୀୟଙ୍କା ଗୁମାନ ସିଂହ , ସିଆରସି ସି ଭୂପତି ତ୍ରିପାଠୀ, ପରିଚାଳନା କମିଟି ସଭାପତି ବିରାଟ ବଳିୟାର ସିଂହ ପ୍ରମୁଖ ଗଡ଼ବଡପୁଟ ଗ୍ରାମ ପରିଭ୍ରମଣ କରି ସଚେତନତାର ବାର୍ତ୍ତା ବାଣ୍ଟିଥିଲେ। ଶିକ୍ଷକ ଶିକ୍ଷୟିତ୍ରୀ ପୀତବାସ ବରାଳ, ପୀତବାସ ସୁନା, ବୀରବର ବେହେରା, ନୀଳମାଧବ ସ୍ୱାଇଁ ସୂର୍ଯ୍ୟ ନାରାୟଣ ସେଠୀ, ଶେଷଦେବ ବେହେରା ଓ ଦିପ୍ତିମୟୀ ସାହୁ ପ୍ରମୁଖ ଏହି ପଦଯାତ୍ରାରେ ଅଂଶ ଗ୍ରହଣ କରିଥିଲେ।

## ଟାଙ୍ଗୀକୁ ଏନ୍ଏସି ଘୋଷଣା ପାଇଁ ଜନଆନ୍ଦୋଳନ ଆରମ୍ଭ



ଟାଙ୍ଗୀ(ଭାସ୍କର ନ୍ୟୁଜ୍): ଟାଙ୍ଗୀକୁ ବିଜ୍ଞାପିତ ଅଞ୍ଚଳ ଘୋଷଣା ପାଇଁ ଜନ ଆନ୍ଦୋଳନ ପାଇଁ ସରିଛି ପ୍ରସ୍ତୁତି ବୈଠକ । ବିଜୁ ଜନତା ଦଳ ପକ୍ଷରୁ ଟାଙ୍ଗୀରେ ହେବ ଜନ ଆନ୍ଦୋଳନ । ଗତ ସାଧାରଣ ନିର୍ବାଚନ ପୂର୍ବରୁ ପୂର୍ବ ସରକାର ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀ ଅଞ୍ଚଳକୁ ବିଜ୍ଞାପିତ ଅଞ୍ଚଳ କରାଗଲା ବୋଲି ଘୋଷଣା କରିଥିଲେ। ତା'ପରେ ସରକାର ବଦଳିଗଲା ଏବଂ ନୂଆ ସରକାର ଆସିବା ପରେ ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀ ଅଞ୍ଚଳକୁ ବିଜ୍ଞାପିତ ଅଞ୍ଚଳ ଘୋଷଣା ନେଇ କୌଣସି ସରକାରୀ ନଥିପତ୍ର ନାହିଁ ବୋଲି ମନ୍ତ୍ରୀ ସ୍ପଷ୍ଟ କରିଥିଲେ। ଯାହାକୁ ନେଇ ଟାଙ୍ଗୀ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଥିଲା। ବର୍ତ୍ତମାନର ସରକାର ସ୍ୱାଧୀନତା ଦିବସ ଅବସରରେ ୨୧ ଗୋଟି ବିଜ୍ଞାପିତ ଅଞ୍ଚଳ ଘୋଷଣା କରିଥିବା ବେଳେ ମାତ୍ର ନୂତନ ଭାବେ ୧୨ ଟି ବିଜ୍ଞାପିତ ଅଞ୍ଚଳର ବିଜ୍ଞପ୍ତି ପ୍ରକାଶ ପାଇଲା । ଏହି ୧୨ ଟି ଏନ୍ଏସି ତାଲିକା ରେ ଟାଙ୍ଗୀର ନାଁ ନାହିଁ । ତେଣୁ ଟାଙ୍ଗୀବାସୀଙ୍କ ମନରେ ଏନେଇ ନୈରାଶ୍ୟ ଭାବ ଦେଖା ଦେଇଛି। ଏହି ଘଟଣାକୁ ନେଇ ଆଜି ଟାଙ୍ଗୀ ବିଜେଡି ପକ୍ଷରୁ ଗ୍ରାମର ଶକ୍ତିପୀଠ ମା' ରତ୍ନମାଳୀ ମନ୍ଦିର ପରିସରରେ ଏକ ଜନ ଆନ୍ଦୋଳନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ସାହୁ, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ରାମଚନ୍ଦ୍ର ମହାପାତ୍ର, ସମବାୟ ସମିତିର ସଭାପତି ମହେନ୍ଦ୍ର କୁମାର ସାହୁ, ପୂର୍ବତନ ସମିତି ସଭ୍ୟ ନୀଳକଣ୍ଠ ବେହେରା ଓ ଶାନ୍ତନୁ ପ୍ରଧାନ , ରାଜନେତା ଓ ସଂଗଠକ ଅଶୋକ ମହାପାତ୍ର, ସଞ୍ଜୟ ହରିଚନ୍ଦନ, ବୁଲୁ ରାଉତ, ଉପେନ୍ଦ୍ର ସାହୁ, କଳିଙ୍ଗ ବିଶ୍ୱାଳଙ୍କ ସହ ବହୁ ୱାର୍ଡ ମେମ୍ବର ଓ ଟାଙ୍ଗୀ ଅଂଚଳର ବହୁ ବିଜେଡି ନେତା-କର୍ମୀ ଯୋଗଦେଇ ରାଜ୍ୟ ସରକାର ଟାଙ୍ଗୀ ଅଞ୍ଚଳବାସୀଙ୍କ ପ୍ରତି ଯେଉଁଭଳି ପାତର ଅନ୍ତର ନୀତି ଆପଣେଇଛନ୍ତି ତାହାକୁ ନେଇ ସାଧାରଣରେ ଉଦବେଗ ପ୍ରକାଶ ପାଇଛି। ଏହା ସହ ବିଜେଡି ପକ୍ଷରୁ ଚଳିତ ମାସ ୨୫ ତାରିଖରେ ଟାଙ୍ଗୀକୁ ବିଜ୍ଞାପିତ ଅଞ୍ଚଳ ଘୋଷଣା କରିବା ଦାବିରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଟାଙ୍ଗୀ BDO ଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଟାଙ୍ଗୀ ଅଞ୍ଚଳର ବିକାଶ ପାଇଁ ଏବଂ ଟାଙ୍ଗୀକୁ ବିଜ୍ଞାପିତ ଅଞ୍ଚଳ ଘୋଷଣା ଦାବି ନେଇ ଜନଆନ୍ଦୋଳନରେ ବିଜେଡି କର୍ମୀ-ସମର୍ଥକ , ନେତାଙ୍କ ସହ ଟାଙ୍ଗୀ ର ସାଧାରଣ ଜନତା, ବୁଦ୍ଧିଜୀବୀ, ବ୍ୟବସାୟୀ, ସମାଜସେବୀ , ଯୁବଗୋଷ୍ଠୀ ମାନେ ଏଥିରେ ସାମିଲ ହେବା ପାଇଁ ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ରାମଚନ୍ଦ୍ର ମହାପାତ୍ର ଅପିଲ କରିଛନ୍ତି । ଅନ୍ୟପଟରେ ଖୁବଶୀଘ୍ର ଟାଙ୍ଗୀ ଅଞ୍ଚଳକୁ NAC ( ବିଜ୍ଞାପିତ ଅଞ୍ଚଳ ) ଘୋଷଣା ହେବ ବୋଲି ଟାଙ୍ଗୀ ସରପଞ୍ଚ କିଶୋର କୁମାର ବେହେରା ଗଣମାଧ୍ୟମକୁ କହିଛନ୍ତି ।

## ମହିଳାଙ୍କ ମୁଣ୍ଡ କାଟିଦେଲା ଦୁର୍ବୃତ୍ତ

ବାରିପଦା (ଭାସ୍କର ନ୍ୟୁଜ୍) : ମୟୂରଭଞ୍ଜ ଜିଲ୍ଲା ତିରିଂ ଥାନା ଦେଓଗାମ ଅଞ୍ଚଳରେ ଲୋମହର୍ଷଣ ହତ୍ୟାକାଣ୍ଡ ଘଟିଛି। ଶନିବାର ବିଳମ୍ବିତ ରାତିରେ ମହିଳାଙ୍କ ମହିଳାଙ୍କ ମୁଣ୍ଡ ଗଣ୍ଡି ଅଲଗା କରି ଦୁର୍ବୃତ୍ତ ଫେରାର ହୋଇଯାଇଛନ୍ତି। ମୃତ ମହିଳା ଜଣକ ହେଲେ ସୁହାଗି ବୈପାଇ। ସୂଚନାଯୋଗ୍ୟ, ଶନିବାର ଅପରାହ୍ଣରେ ସୁହାଗିର ସ୍ୱାମୀ ଗ୍ରାମରେ ଫୁଟବଲ ଖେଳ ଦେଖିବାକୁ ଯାଇଥିଲେ। ଘରେ ଏକୁଟିଆ ମହିଳା ଜଣକ ରହିଥିବାରୁ ଏହାର ସୁଯୋଗ ନେଇ ଏଭଳି କାଣ୍ଡ ଘଟିଥିବା ସ୍ୱାମୀ ଥାନାରେ ଅଭିଯୋଗ କରିଥିଲେ। ହତ୍ୟାକାଣ୍ଡର କାରଣ ଜଣାପଡି ନଥିବାବେଳେ କିଭଳି ପରିସ୍ଥିତିରେ କିଏ କେଉଁ କାରଣରୁ ଏଭଳି କାଣ୍ଡ ଘଟାଇଛି ତାହା ଏବେ ତଦନ୍ତ ସାପେକ୍ଷ। ଘଟଣାସ୍ଥଳରେ ତିରିଂ ପୋଲିସ ଓ ସାଇଣ୍ଟିଫିକ ଟିମ୍ ପହଞ୍ଚି ଅଧିକ ତଦନ୍ତ ଆରମ୍ଭ କରିଛି। ମୃତଦେହକୁ ଜବତ କରି ରାଇରଙ୍ଗପୁର ଡାକ୍ତରଖାନାକୁ ବ୍ୟବଚ୍ଛେଦ ପାଇଁ ପଠା ଯାଇଛି।

## ବାଲିଆ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସଚେତନତା ଶିବିର




କେନ୍ଦ୍ରାପଡା/ଡେରାବିଶ (ଭାସ୍କର ନ୍ୟୁଜ୍): ଓଡ଼ିଶାର ଜଣେ ଜଣାଶୁଣା ପ୍ରତିଷ୍ଠିତ ଶିଶୁରୋଗ ବିଶେଷଜ୍ଞ ଡ଼କ୍ଟର ଭାସ୍କର ଚନ୍ଦ୍ର ନାୟକଙ୍କ ଦ୍ୱାରା ପ୍ରତିଷ୍ଠିତ କେନ୍ଦ୍ରାପଡ଼ାର ପ୍ରଥମ ମଲ୍ଟି ସୁପର ସ୍ପେସିଆଲିଟି ହସ୍ପିଟାଲ କଳିଙ୍ଗ ଚିକିତ୍ସା ହସ୍ପିଟାଲ ପକ୍ଷରୁ ବାଲିଆ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ସଚେତନତା ଶିବିରରେ ସମସ୍ତ ପ୍ରକାର ଡାଏବେଟିସ ସମସ୍ୟା, ଅଷ୍ଟିଓ ପୋରୋସିସ, ଧାତୁ ବା ଶୁକ୍ରାଣୁ ଜନିତ ସମସ୍ୟା, ଥାଇରଏଡ଼/ ହାଇପର କୋଲସେମିଆ, ମୋଟାପଣ ଜନିତ ସମସ୍ୟା, PCOS ଜନିତ ସମସ୍ୟା, କ୍ୟାନ୍ସର, ଗ୍ୟାଷ୍ଟିକ, ନ୍ୟୁରୋଲୋଜି ଆଦି ସମସ୍ୟା ଉପରେ ବିଦ୍ୟାଳୟର ଛାତ୍ରୀମାନଙ୍କୁ ସଚେତନତା କରାଯିବା ସହିତ ହସ୍ପିଟାଲ ଷ୍ଟାଫମାନଙ୍କ ଦ୍ୱାରା ବ୍ଲଡପ୍ରେସର, ସୁଗାର,ଓଜନ ଓ ହିମୋଗ୍ଲୋବିନ ଇତ୍ୟାଦିର ପରୀକ୍ଷା ମଧ୍ୟ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ହସ୍ପିଟାଲର ଆଡମିନ ମୁଖ୍ୟ ମନୋରଞ୍ଜନ ମିଶ୍ର, ବାଲିଆ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ ଦ୍ୟୁତିଦୁଲାଳ ରାଉତ, ସୁବାଷ ଚନ୍ଦ୍ର ସ୍ୱାଇଁ, ଅଧ୍ୟାପିକା ରାଜସ୍ୱୟା ମହାନ୍ତି, ମମତା ମହାନ୍ତି, ମିନାକ୍ଷୀ ଲେଙ୍କା, ରାଜସ୍ୱୟା ମିଶ୍ର, ହରପ୍ରିୟା ବଳ, ପ୍ରତିଭାବାଳା ପରିଡା ପ୍ରମୁଖ ଉପସ୍ଥିତ ଥିବାବେଳେ ଅନ୍ୟମାନଙ୍କ ମଧ୍ୟରେ ହସ୍ପିଟାଲର ବ୍ୟବସାୟିକ ମୁଖ୍ୟ ସରୋଜକାନ୍ତ ନାୟକ, ଲୋକ ସମ୍ପର୍କ ଅଧିକାରୀ ଜିତେନ୍ଦ୍ର ପଣ୍ଡାଙ୍କ ସମେତ ହସ୍ପିଟାଲର ଡକ୍ଟର ଓ ନର୍ସ ଉପସ୍ଥିତ ରହି ଏହି ସଚେତନତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ସମ୍ବର୍ଦ୍ଧନା ଉତ୍ସବ



ବୋଲଗଡ଼(ଭାସ୍କର ନ୍ୟୁଜ୍): ରାଜସୁନାଖଳା ମହାବିଦ୍ୟାଳୟର ଓଡ଼ିଆ ଭାଷା ସାହିତ୍ୟ ବିଭାଗ ଆନୁକୂଲ୍ୟରେ ଓ ବିଭାଗୀୟ ମୁଖ୍ୟ ଭାଗିରଥି ପାଢ଼ୀ ଏବଂ ଅଧ୍ୟାପକ ଡଃ ପ୍ରଶାନ୍ତ କୁମାର ସ୍ୱାଇଁ ପ୍ରମୁଖଙ୍କ ମିଳିତ ଆବାହକତ୍ୱରେ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଶନିବାରଦିନ ମହାବିଦ୍ୟାଳୟର ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଅଛି। ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ମହାବିଦ୍ୟାଳୟର ଅଧ୍ୟକ୍ଷା ସଂଯୁକ୍ତା ମିଶ୍ର ଯୋଗଦେଇ ଏହାକୁ ଉଦ୍ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଗଣିତ ବିଭାଗର ମୁଖ୍ୟ ତଥା ମହାବିଦ୍ୟାଳୟ ପ୍ରଶାସନ ଅଧିକାରୀ ଅଧ୍ୟାପକ ପ୍ରଦୀପ କୁମାର ବାରିକ ଓ ସମ୍ମାନିତ ଅତିଥିଭାବେ ଅଧ୍ୟାପକ ଡଃ ପ୍ରଶାନ୍ତ କୁମାର ସ୍ୱାଇଁ, ଡଃ ପୂର୍ଣ୍ଣ ଚନ୍ଦ୍ର ସାହୁ, ଅଧ୍ୟାପିକା ସୁଶ୍ରୀ ପଲ୍ଲବୀତା ସାହୁ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ବିଭାଗର ମୁଖ୍ୟ ଭାଗିରଥି ପାଢ଼ୀ ସ୍ୱାଗତ ଭାଷଣ ଦେଇ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଯୁକ୍ତ ୩ର ପ୍ରଥମ ବର୍ଷର ନୂତନ ଛାତ୍ର ଛାତ୍ରୀମାନଙ୍କୁ ଦ୍ୱିତୀୟ ଓ ତୃତୀୟ ବର୍ଷର ସମସ୍ତ ଛାତ୍ର ଛାତ୍ରୀମାନେ ଫୁଲ, ଚନ୍ଦନ, ଖାତା ଓ କଲମ ପ୍ରଦାନ କରି ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ । ଓଡ଼ିଆ ଭାଷାକୁ ସରସ ସୁନ୍ଦର କରିବା ପାଇଁ ମୁଖ୍ୟବକ୍ତା ଅଧ୍ୟାପକ ପ୍ରଦୀପ କୁମାର ଛାତ୍ର ଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ଆମେ ଓଡ଼ିଆ ଓ ଆମ ଭାଷା ବଡିଆ ହୋଇଥିବାରୁ ଓଡ଼ିଆ ଭାଷାର ଉନ୍ନତି ଓ ବିକାଶ କରିବା ପାଇଁ ମୁଖ୍ୟ ଅତିଥି ପ୍ରଫେସର ଡଃ ସଂଯୁକ୍ତା ମିଶ୍ର ସୂଚନା ପ୍ରଦାନ କରିଥିଲେ । ଛାତ୍ରଛାତ୍ରୀମାନଙ୍କୁ ଜୀବନର ଲକ୍ଷ ସ୍ଥଳରେ ପହଂଚିବା ପାଇଁ ମାର୍ଗ ଦର୍ଶନ ଦେବା ସହିତ ଓଡ଼ିଆ ଭାଷା ସମାଜର ସଂମାନ ବୃଦ୍ଧିକରିଥାଏ ବୋଲି ସଂମାନିତ ଅତିଥି ଅଧ୍ୟାପକ ଡଃ ପ୍ରଶାନ୍ତ କୁମାର ସ୍ୱାଇଁ ସମସ୍ତ ଛାତ୍ର ଛାତ୍ରୀ ମାନଙ୍କୁ ପରାମର୍ଶ ଦେଇଥିଲେ କ୍ଷ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ବିଭିନ୍ନ ମନୋରଞ୍ଜନ ଧର୍ମୀ ସାଂସ୍କୃତିକ କାର୍ଯ୍ୟକ୍ରମମାନ ପରିବେଷଣ କରାଯାଇଥିଲା କ୍ଷ ପରିଶେଷରେ ଅଧ୍ୟାପିକା ସୁଶ୍ରୀ ପଲ୍ଲବୀତା ସାହୁ ଓଡ଼ିଆ ବିଭାଗର ଶ୍ରେଷ୍ଠତ୍ୟ ସମ୍ପର୍କରେ ଅବଗତ କରି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ପାପଡାହାଣ୍ଡିରେ ସହିଦ ସ୍ମୃତି ଦିବସ ପାଳିତ



ରାଇଘର (ଭାସ୍କର ନ୍ୟୁଜ୍) : ନବରଙ୍ଗପୁର ଜିଲ୍ଲା ପାପଡ଼ା ହାଣ୍ଡି ଠାରେ ଅବସ୍ଥିତ ସହୀଦ ସ୍ମୃତି ଠାରେ ବହୁ ଆଡମ୍ବର ସହକାରେ ସହିଦ ଦିବସ ପାଳିତ ହୋଇଯାଇଛି। ୧୯୪୨ ମସିହା ଅଗଷ୍ଟ ୨୪ ତାରିଖ ଆଜିର ଦିନରେ ପାପଡାହାଣ୍ଡି ଟୁରି ନଦୀ କୂଳରେ ଇଂରେଜଙ୍କ ଅତର୍କିତ ଗୁଳିମାଡ଼ରେ ୧୯ଜଣ ସ୍ୱାଧୀନତା ସଂଗ୍ରାମୀ ସହିଦ ହୋଇଥିଲେ। ସେହି ସହିଦମାନଙ୍କ ସ୍ମୃତିରେ ଏହି ସହିଦ ଦିବସ ପାଳିତ ହୋଇଆସୁଛି। ପାପଡାହାଣ୍ଡି ଠାରେ ସହିଦ ମଶାଲ ପହଞ୍ଚିବା ପରେ ଅତିଥିମାନଙ୍କ ଦ୍ୱାରା ସ୍ୱାଗତ କରାଯାଇଥିଲା। ପରେ ଏକ ବିଶାଳ ରାଲିରେ ସହିଦ ମିନାର ଠାରେ ମଶାଲ ପହଞ୍ଚିବା ପରେ ସହିଦସ୍ତମ୍ଭ ଠାରେ ମଶାଲକୁ ସ୍ଥାପନ କରାଯାଇଥିଲା। ପରେ ଟୁରି ନଦୀ କୂଳରେ ଅତିଥିମାନଙ୍କ ଦ୍ୱାରା ସହିଦମାନଙ୍କ ଉଦ୍ଦେଶ୍ୟରେ ତିଳତର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ପୋଲିସ ପ୍ରଶାସନ ତରଫରୁ ସହିଦ ମାନଙ୍କ ଉଦ୍ଦେଶ୍ୟରେ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଥିଲା। ସର୍ବ ଧର୍ମ ପ୍ରାର୍ଥନା ସଭା ଅନୁଷ୍ଠିତ ହୋଇଥିଲା। ଅତିଥିମାନଙ୍କ ଦ୍ୱାରା ସ୍ୱାଧୀନତା ଆନ୍ଦୋଳନରେ ନବରଙ୍ଗପୁର ଜିଲ୍ଲା ଓ ପାପଡାହାଣ୍ଡି ଗୁଳିକାଣ୍ଡର ଭୂମିକା ସମ୍ପର୍କରେ ବର୍ଣ୍ଣନା କରାଯିବା ସହିତ ସହିଦମାନଙ୍କ ସ୍ମୃତିଚାରଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ବିଦ୍ୟାଳୟ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ନବରଙ୍ଗପୁର ବିଧାୟକ ଗୌରୀ ମାଝୀ, ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ଝରିଗାଁ ବିଧାୟକ ନରସିଂହ ଭତ୍ରା, ରାଜ୍ୟ ସଭା ସାଂସଦ ମୁଁନା ଖାଁ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ମୋତି ରାମ୍ ନାୟକ, ଜିଲ୍ଲାପରିଷଦ ଉପାଧ୍ୟକ୍ଷା ଲିପିକା ବାରୋଇ, ନବରଙ୍ଗପୁର ଜିଲ୍ଲାପାଳ। ଆରକ୍ଷୀ ଅଧିକ୍ଷକ, ସହିଦ ସ୍ମୃତି ସଂଘ ରାଜ୍ୟ ସଭାପତି ମୁନ୍ନା ତ୍ରିପାଠୀ ପ୍ରମୁଖ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ପରିଶେଷରେ ସହିଦ ପରିବାରଙ୍କୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା।

## ପାର୍ବତୀ ପାୱାର ଲୁମ୍ ରାହାମାର ପୁନରୁଦ୍ଧାର ଦାବି



ଏରସମା (ଭାସ୍କର ନ୍ୟୁଜ୍) : ଜଗତସିଂହପୁର ଜିଲ୍ଲା କୁଜଙ୍ଗ ପଞ୍ଚାୟତ ସମିତି ଅଧୀନରେ ଜିଲ୍ଲାର ପ୍ରମୁଖ ବାଣିଜ୍ୟିକ ପେଣ୍ଠସ୍ଥଳ ରାହାମାରେ ଓଡ଼ିଶା ସରକାରଙ୍କ ଶିଳ୍ପ ବିଭାଗ ଦ୍ୱାରା ୧୯୮୬-୧୯୮୭ ମସିହାରେ ଏହି ଅଞ୍ଚଳର ପ୍ରବାଦ ପୁରୁଷ ବସନ୍ତ କୁମାର ବିଶ୍ୱାଳଙ୍କ ପ୍ରଚେଷ୍ଟାରେ ନିର୍ମିତ ହୋଇଥିଲା ପାର୍ବତୀ ଲୁଗାକଳ। ବସନ୍ତ ବାବୁଙ୍କ ସ୍ୱପ୍ନ ଥିଲା ରାହାମାର ସାମଗ୍ରିକ ବିକାଶ, ଖଟିଖିଆ ଜନସାଧାରଣଙ୍କ ଆର୍ଥିକ ମାନଦଣ୍ଡରେ ଉନ୍ନତି। ପାର୍ବତୀ ଲୁଗାକଳଟି ୧୯୮୯ ମସିହାରେ ପୂର୍ଣ୍ଣ କାର୍ଯ୍ୟକ୍ଷମ ହେଇ ତିନୋଟି ସିଫ୍ଟରେ ୩୬୫ରୁ ଉର୍ଦ୍ଧ୍ୱ କର୍ମଜୀବୀଙ୍କୁ ନିଯୁକ୍ତି କରି ଉତ୍ପାଦିତ ଦ୍ରବ୍ୟ ଗୁଡ଼ିକୁ ରାଜ୍ୟ ଓ ରାଜ୍ୟ ବାହାରକୁ ଯୋଗାଇ ଏହି ଅଞ୍ଚଳର ନାମ ବେଶ୍ ରଖି ପାରିଥିଲା। ୨୦୦୧ ମସିହାରେ ଏହାକୁ ତତ୍କାଳୀନ ସରକାର ସମ୍ପୂର୍ଣ୍ଣ ବନ୍ଦ କରିବାର ନିଷ୍ପତି ନେଲେ ଏଇଥିପାଇଁ ୧୯୯୯ ମସିହା ମହାବାତ୍ୟା ପରେ କାରଖାନା ଚଳାଇବା ପାଇଁ ଉପଯୁକ୍ତ କଞ୍ଚାମାଲର ଅଭାବ ତଥା ପରିଚାଳନାଗତ ସମସ୍ୟା ଯୋଗୁ ଏପରିକି ଲୁଗା କଳଟିର ରକ୍ଷଣାବେକ୍ଷଣ ଅଭାବରୁ କାରଖାନାର ଅନେକ ମୂଲ୍ୟବାନ ଯନ୍ତ୍ରାଂଶ, ଆସବାବପତ୍ର ଚୋରି ହେବା ସଙ୍ଗେ ସଙ୍ଗେ ନଷ୍ଟ ହୋଇଗଲା। ସମୟ ସର୍ବଦା ସମାନ ନଥାଏ ରାଜନୈତିକ ପଶାପାଲିରେ ଚକ୍ରାନ୍ତକାରୀ ନେତାଙ୍କ ମୁଖା ଖୋଲି ଯାଇଛି ଏବଂ ଏହି ଅଞ୍ଚଳର ରାଜନୈତିକ ପାଣିପାଗରେ ଅନେକ ପରିବର୍ତ୍ତନ ଆସିଛି। ରାହାମା ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀରୁ ଆସି ପାରାଦ୍ୱୀପ ନିର୍ବାଚନ ମଣ୍ଡଳୀ ଭୁକ୍ତ ହୋଇଅଛି। ଆମମାନଙ୍କ ସୌଭାଗ୍ୟ ଆମର ପ୍ରିୟ ନେତା ସମ୍ପଦ ଚନ୍ଦ୍ର ସ୍ୱାଇଁ ମାନ୍ୟବର ମନ୍ତ୍ରୀ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ତଥା ବିଧାୟକ ପାରାଦ୍ୱୀପ ବର୍ତ୍ତମାନ ଆମ ରାହାମା ପାଇଁ ଆଶାର ଆଲୋକ ଭାବେ ଉଭା ହୋଇଛନ୍ତି। ପୂର୍ବତନ ମନ୍ତ୍ରୀ ବସନ୍ତ ବାବୁଙ୍କ ଦ୍ୱାରା ସ୍ଥାପନ କରାଯାଇଥିବା ତିର୍ତ୍ତୋଲ ଶାରଳା ସୂତାକଳ ତାଲା ବନ୍ଦ ଅବସ୍ଥାରୁ ବର୍ତ୍ତମାନ ମୁକୁଳିବାକୁ ଯାଉଛି ଆମ ପ୍ରିୟ ମନ୍ତ୍ରୀଙ୍କ କର କମଳରେ। ଯାହାକି ସରକାରୀସ୍ତରରେ ନିଷ୍ପତ୍ତି ନିଆଯାଇଛି। ଏଥିପାଇଁ ରାହାମା ଅଞ୍ଚଳବାସୀ ମାନ୍ୟବର ମନ୍ତ୍ରୀଙ୍କୁ ସାଧୁବାଦ ଜଣାଇଛନ୍ତି । କିନ୍ତୁ ଦୁଃଖର ବିଷୟ ଦୀପତଳ ଅନ୍ଧାର ଭଳି ମାନ୍ୟବର ମନ୍ତ୍ରୀଙ୍କ ନିଜ ନିର୍ବାଚନ ମଣ୍ଡଳୀ ରାହାମାର ପାର୍ବତୀ ଲୁଗା କଳର ଭାଗ୍ୟ ସେହି ଅନ୍ଧାରରେ ରହିଯାଇଅଛି। ଆମର ପ୍ରିୟ ନେତା ମାଟିର ପୁଅ ଏ ଅଞ୍ଚଳର ସୁଖ ଦୁଃଖର ସାଥି ପାର୍ବତୀ ପାୱାର ଲୁମ୍‌କୁ ପୁନଃ କାର୍ଯ୍ୟକ୍ଷମ କରିବାରେ ତାଙ୍କର ସମସ୍ତ ଶକ୍ତି ଲଗାଇ ଦେବା ପାଇଁ ଏ ଅଞ୍ଚଳବାସୀ ଅନୁରୋଧ କରିବା ସହ ରାହାମା ଅଞ୍ଚଳର ବିଶିଷ୍ଟ ସମାଜସେବୀ ଓ ଅଖିଳ ଭାରତ ଭ୍ରଷ୍ଟାଚାର ବିରୋଧୀ ସଂଗଠନର ରାଜ୍ୟ ସମ୍ପାଦକ ଡକ୍ଟର ସୁନାକର ବେହେରା ମାନ୍ୟବର ମୁଖ୍ୟମନ୍ତ୍ରୀ ଓ ଶିଳ୍ପମନ୍ତ୍ରୀଙ୍କ ନିକଟରେ ଦୃଢ଼ ଦାବି ଉପସ୍ଥାପନା କରିଛନ୍ତି।

## ସ୍ୱାସ୍ଥ୍ୟକେନ୍ଦ୍ର ପରିସରରୁ ନବଜାତ ଶିଶୁକନ୍ୟା ଉଦ୍ଧାର


ଫୁଲନଖରା (ଭାସ୍କର ନ୍ୟୁଜ୍) : କଟକ ସଦର ଥାନା ଅନ୍ତର୍ଗତ ମହୀଧରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଦେଖିବାକୁ ମିଳିଛି ଏକ ଅଭାବନୀୟ ଦୃଶ୍ୟ। ଆଜି ଭୋର୍ ସମୟରେ ଏକ ନବଜାତ ଶିଶୁ କନ୍ୟାକୁ ଜନ୍ମଦେଇ ତା'ର ମା' ତାକୁ ମହୀଧରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସର ପାଖରେ ଛାଡ଼ିଦେଇ ଯାଇଛି। ନବଜାତ ଶିଶୁ କନ୍ୟାକୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରିଥିଲେ। କର୍ତ୍ତୃପକ୍ଷଙ୍କ ଦ୍ୱାରା ଚିକିତ୍ସା କରାଯିବା ପରେ ବର୍ତ୍ତମାନ ଶିଶୁ କନ୍ୟା ସୁସ୍ଥ ଥିବା ଜଣାପଡିଛି। ଏ କି ଭଳି ମା' ଯାହାର ଟିକେ ବୁଦ୍ଧି, ବିବେକ ଓ ହୃଦୟ ନାହିଁ ବୋଲି ସଧାରଣରେ ଚର୍ଚ୍ଚା ହେଉଛି। କନ୍ୟା ସନ୍ତାନ ପ୍ରତି ବିମୁଖ ମନୋଭାବ ଅଥବା ନାବାଳିକା ଦ୍ୱାରା ଜନ୍ମିତ କନ୍ୟା ତାହା ଆଗାମୀ ଦିନରେ ତଦନ୍ତ ପରେ ଜଣାପଡ଼ିବ।

## ଜିଲ୍ଲା କୃଷି ବିଜ୍ଞାନ କେନ୍ଦ୍ରର ଗାଜରଘାସ ଦମନ ଉପରେ ସଚେତନତା



ମାଲକାନଗିରି (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ଗାଜରଘାସ ଦମନ ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ ଗତକାଲି ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ମାଲକାନଗିରି ସଦର ବ୍ଲକ୍‌ର ଏମ୍‌ଭି ୯ ରାମକୃଷ୍ଣ ଉଚ୍ଚ ବିଦ୍ୟାଳୟ ଓ ମୁଣ୍ଡାଗୁଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କୃଷି ବିଜ୍ଞାନ କେନ୍ଦ୍ର ବରିଷ୍ଠ ବୈଜ୍ଞାନିକ ଡାକ୍ତର ଦେବୀପ୍ରସାଦ ଦାସ ଓ ଉଦ୍ୟାନ କୃଷି ବୈଜ୍ଞାନିକ ଡାକ୍ତର ସିଦ୍ଧାର୍ଥ କର ଛାତ୍ରୀଛାତ୍ରଙ୍କୁ ଗାଜରଘାସ ଦମନ ସମ୍ବନ୍ଧୀୟ ସଚେତନତା କରାଇଥିଲେ। ବିଶେଷକରି ଗାଜରଘାସ ଯୋଗୁ ହେଉଥିବା ହାନି, ପ୍ରଭାବ ଓ ଏହାର ନିରାକରଣ ପଦ୍ଧତି ସମ୍ପର୍କରେ ଆଲୋଚନା କରାଯାଇଥିଲା। ଗାଜର ଘାସର ଯାନ୍ତ୍ରିକ, ରାସାୟନିକ ତଥା ଜୀବବିଜ୍ଞାନ କୌଶଳ ପ୍ରୟୋଗକରି ଦମନ କରିବା ପ୍ରଣାଳୀ ସମ୍ବନ୍ଧରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।

## ଅନୁଦାନ ଦାବିରେ କଲମ ଛାଡ ଆନ୍ଦୋଳନ




ଶୁଳିଆପଦା (ଭାସ୍କର ନ୍ୟୁଜ୍) : ଓଡିଶା ରାଜ୍ୟ ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ସଙ୍ଘର ଆହ୍ୱାନ କ୍ରମେ ପଞ୍ଚାୟତ ସମିତି ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟାପକ ଓ କର୍ମଚାରୀ ମାନଙ୍କ ଆନ୍ଦୋଳନ ପଞ୍ଚମ ଦିନରେ ପହଞ୍ଚିଛି। ୨୦୦୮ରୁ ୨୦୧୮ ମସିହା ମଧ୍ୟରେ ପରିଚାଳନା କମିଟି ଦ୍ୱାରା ନିଯୁକ୍ତ ଅଧ୍ୟାପକ ଓ କର୍ମଚାରୀ ମାନେ ସ୍ୱଳ୍ପ ପାରିଶ୍ରମିକରେ ଶିକ୍ଷାଦାନ ସହିତ ମହାବିଦ୍ୟାଳୟର ଅନ୍ୟାନ୍ୟ କାର୍ଯ୍ୟ କରି ଆସୁଛନ୍ତି। ବାରମ୍ବାର ଦାବି ସତ୍ତ୍ୱେ ସରକାର ସେମାନଙ୍କ ଦାବି ଶୁଣୁନାହାଁନ୍ତି। ସରକାର ଏ ସମ୍ପର୍କିତ କୌଣସି ନିଷ୍ପତ୍ତି ନେଇ ନଥିବାରୁ ଗତ ୧୬ ତାରିଖରେ ୪ ହଜାରରୁ ଅଧିକ ଅଧ୍ୟାପକ ଓ କର୍ମଚାରୀ ଭୁବନେଶ୍ୱର ସ୍ଥିତ ଗାନ୍ଧୀ ମାର୍ଗରେ ଆନ୍ଦୋଳନ କରିଥିଲେ। ମାତ୍ର ମୁଖ୍ୟମନ୍ତ୍ରୀଙ୍କ ସହିତ ଆଲୋଚନା ହୋଇପାରିଲା ନାହିଁ। ତେଣୁ ଅଗଷ୍ଟ ୧୮ ତାରିଖରୁ ପୂର୍ବ ଚେତାବନୀ ଅନୁଯାୟୀ ୪୮୮ ଓ ୬୬୨ ବର୍ଗର ଅଧ୍ୟାପକ ଓ କର୍ମଚାରୀ ମାନେ କଲମ ଛାଡ ଆନ୍ଦୋଳନ କରି ନିଜ ମହାବିଦ୍ୟାଳୟ ଫାଟକ ସମ୍ମୁଖରେ ଧାରଣାରେ ବସିଛନ୍ତି। ସରକାର ଯେପର୍ଯ୍ୟନ୍ତ ନୂତନ ଅନୁଦାନ ନିତି ପାଇଁ କୌଣସି ନିଷ୍ପତ୍ତି ନ ନେଇଛନ୍ତି ସେପର୍ଯ୍ୟନ୍ତ ଏହି ଆନ୍ଦୋଳନ ଚାଲୁ ରହିବ ବୋଲି ସମସ୍ତ ଅଧ୍ୟାପକ ଓ କର୍ମଚାରୀ ପ୍ରକାଶ କରିଛନ୍ତି। ଏହି ଆନ୍ଦୋଳନ ଯୋଗୁଁ ମହାବିଦ୍ୟାଳୟର ବିଭିନ୍ନ କାର୍ଯ୍ୟ ସହିତ ଛାତ୍ରଛାତ୍ରୀଙ୍କର ପାଠପଢା ବାଧାପ୍ରାପ୍ତ ହେଉଛି।

## ୧୮ ନମ୍ବର ଜୋନ୍‌ରେ ବିଜେଡ଼ିର କର୍ମୀ ସମାବେଶ



ବଡ଼ଚଣା (ଭାସ୍କର ନ୍ୟୁଜ୍) : ବଡଚଣା ବ୍ଲକ୍ ଅନ୍ତର୍ଗତ ବନ୍ଧା ପଦ୍ମନାଭପୁର ସ୍ଥିତ ଶ୍ୟାମସୁନ୍ଦର ଦେବଜୀଉ ମନ୍ଦିର ପରିସରରେ ବଡଚଣା ବିଜେଡ଼ିର ୧୮ନମ୍ବର ଜୋନ କର୍ମୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଯାଜପୁର ଜିଲ୍ଲା ବିଜେଡିର ପ୍ରାକ୍ତନ ଉପସଭାପତି ଅମର ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ କର୍ମୀ ସମାବେଶରେ ମୁଖ୍ୟ ଅତିଥି ଭାବେ ବଡଚଣା ବିଜେଡ଼ି ନେତା କ୍ୟାପଟେନ ରାଜ ନାରାୟଣ ମହାପାତ୍ର ଯୋଗଦେଇ ପ୍ରତି ଗ୍ରାମ ପଞ୍ଚାୟତରେ ତୃଣମୂଳ ସ୍ତରରୁ ଦଳକୁ ମଜବୁତ କରିବା ସହିତ ଲୋକ ମାନଙ୍କ ନିକଟକୁ ଯାଇ ସେମାନଙ୍କ ସମସ୍ୟା ଓ ଏହାର ସମାଧାନ ଦିଗରେ ପଦକ୍ଷେପ ନେବାକୁ ବିଜେଡ଼ି ନେତୃ ମଣ୍ଡଳୀଙ୍କୁ ପରାମର୍ଶ ଦେଇଥିଲେ। ଏଥିସହିତ ବଡଚଣାରେ ଚାଲୁଥିବା ଅନ୍ୟାୟ, ଅନୀତି ଦୁର୍ନୀତି ଭ୍ରଷ୍ଟାଚାର ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବାକୁ କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ। ଯେଉଁମାନେ ଗତ ନିର୍ବାଚନରେ ଦଳୀୟ ପ୍ରାର୍ଥୀଙ୍କୁ ହରାଇବାରେ ମୁଖ୍ୟ ଭୂମିକା ନେଇଥିଲେ ସେମାନେ ଆଜି ଦଳରୁ ବାହାରି ଯାଇଛନ୍ତି। ଆଜିଠାରୁ ଦଳ ନୂତନ ନବକଳେବର ହୋଇ ବଡଚଣା ବାସୀଙ୍କ ପାଇଁ ସଂଗ୍ରାମ କରିବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯାଜପୁର ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଗଣେଶ୍ୱର ବରାଳ, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରହଲ୍ଲାଦ ନନ୍ଦ, ଯୁବନେତା ନିରଞ୍ଜନ ବିଶ୍ୱାଳ, ଆଶିଷ ରଞ୍ଜନ ଚୌଧୁରୀ, ଜ୍ଞାନ ରଞ୍ଜନ ସାହୁ, ମାଧବା ନନ୍ଦ ମହାପାତ୍ର, ମିହିର ଖୁଣ୍ଟିଆ, ସରସ୍ୱତୀ ବେହେରା, ଦମୟନ୍ତୀ ସାମଲ, ଜୟନ୍ତୀ ସ୍ୱାଇଁ, ରମେଶ ଚନ୍ଦ୍ର ପୃଷ୍ଟି, ଗଗନ ବିହାରୀ ଦାସ, ମାନଗୋବିନ୍ଦ ସେଠୀ, ପ୍ରଦୀପ କୁମାର ମହାନ୍ତି, କୈଳାସ ରାଉତ, ଧନେଶ୍ୱର ବେହେରା, ହୃଷୀକେଶ ସାମଲ, ତପନ କୁମାର ସିଂହ ପ୍ରମୁଖ ଯୋଗଦେଇ ଦଳକୁ ସଂଗଠିତ କରିବା ପାଇଁ ସମସ୍ତେ କାର୍ଯ୍ୟ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏହି କର୍ମୀ ସମାବେଶରେ ୧୮ନମ୍ବର ଜୋନ ୮ଟି ଗ୍ରାମ ପଞ୍ଚାୟତ ସହିତ ସୋଲର, ବୈରୀ ଗ୍ରାମ ପଞ୍ଚାୟତ ଏକ ହଜାରରୁ ଉର୍ଦ୍ଧ୍ୱ ବିଜେଡ଼ି କର୍ମୀ ମାନେ ଯୋଗଦେଇଥିଲ। ଏହି ଅବସରରେ ନାଏବ ସରପଞ୍ଚଙ୍କ ସହ ୭ଜଣ ୱାର୍ଡ଼ସଭ୍ୟ ଏବଂ ବହୁ କର୍ମୀ ବିଜେପି ଛାଡି ବିଜେଡିରେ ଯୋଗ ଦେଇ ଥିଲେ। ଦଳ ପକ୍ଷରୁ ସେମାନଙ୍କୁ ଦଳୀୟ ଉତ୍ତରୀୟ, ପୁଷ୍ପ ଗୁଚ୍ଛ ଦେଇ ସ୍ୱାଗତ କରା ଯାଇଥିଲା। ଶେଷରେ ଧୁଳେଶ୍ୱର ଦାସ ଧନ୍ୟବାଦ ପ୍ରଦାନ କରିଥିଲେ। ଆରମ୍ଭରେ ମଣ୍ଡୁକା ପଞ୍ଚାୟତ ଅନ୍ତର୍ଗତ କୃଷ୍ଣ ଦାସପୁର ଛକରୁ ଏକ ବିଶାଳ ମୋଟର ସାଇକେଲ ଶୋଭାଯାତ୍ରାରେ ବିଜେଡ଼ି କର୍ମୀମାନେ କ୍ୟାପଟେନ ରାଜ ନାରାୟଣ ମହାପାତ୍ରଙ୍କୁ ପାଛୋଟି ଆଣିଥିଲେ।



ଅସ୍ତରଙ୍ଗ (ଭାସ୍କର ନ୍ୟୁଜ୍) : ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ଅସ୍ତରଙ୍ଗରୁ କୁହୁଡି ଦେଇ ଜିଉଁନ୍ତି ଦୀର୍ଘ ୨ରୁ ୩କିଲୋମିଟର ରାସ୍ତା ଅବସ୍ଥା ବେହାଲ ହୋଇ ପଡିଲାଣି। ଏହି ରାସ୍ତାର ବହୁ ସ୍ଥାନରେ ଗର୍ତ୍ତ ସୃଷ୍ଟି ହୋଇ ବର୍ଷାଦିନେ ପାଣି ଜମିବା ସହ ମରଣଯନ୍ତା ପାଲଟିଛି। ବିଶେଷ କରି ବର୍ଷା ଦିନରେ ପାଣି ଜମି ରହିବା ଫଳରେ ବାଇକ୍ ଆରୋହୀମାନେ ଦୁର୍ଘଟଣାର ଶିକାର ହେଉଛନ୍ତି। ଏହି ରାସ୍ତା ଉପରେ କାକଟପୁର, ଜିଉଁନ୍ତି, କେନ୍ଦ୍ରାପଟି, ସିଲାରୀ, ନଈଗୁଆଁ ପ୍ରାୟ ଅନେକ ଲୋକ ଯିବା ଆସିବା ପାଇଁ ନିର୍ଭର କରିଥାନ୍ତି। ଖାଲି ସେତିକି ନୁହେଁ ଏହି ମୁଖ୍ୟ ରାସ୍ତା ଉପରେ ରାଜ୍ୟର କୋଣ ଅନୁକୋଣରୁ ପର୍ଯ୍ୟଟନସ୍ଥଳୀ ପୀରଜାହାନିଆକୁ ଆସିଥାନ୍ତି। ଲୋକେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ରୋଗୀ ମାନେ ଚିକିତ୍ସା ପାଇଁ ଆସିଥାନ୍ତି। ଗର୍ଭବତୀ, ପ୍ରସୂତି ମହିଳା ଓ ଗୁରୁତର ରୋଗୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି। ଅସ୍ତରଙ୍ଗ ମହାବିଦ୍ୟାଳୟ, ମହାତ୍ମାଗାନ୍ଧୀ ମହାବିଦ୍ୟାଳୟର ଶତାଧିକ ଛାତ୍ର, ଛାତ୍ରୀ ପ୍ରତିଦିନ ଯିବା ଆସିବା କରିଥାନ୍ତି। ଏପରି ଏକ ସମ୍ବେଦନଶୀଳ ରାସ୍ତାକୁ ପୂର୍ତ୍ତ ବିଭାଗ ଅଣଦେଖା କରିବା ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

# ଆସୁଛି ଗଣେଶ ପୂଜା, ମୂର୍ତ୍ତି ଗଢିବାରେ ବ୍ୟସ୍ତ କାରିଗର



ମୁରିବାହାଲ (ଭାସ୍କର ନ୍ୟୁଜ୍) : ପବିତ୍ର ଗଣେଶ ପୂଜା ଉପଲକ୍ଷେ ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ସହର ଉତ୍ସବ ମୁଖର ହୋଇ ଉଠିଛି। ବିଶେଷ କରି ବଙ୍ଗୋମୁଣ୍ଡାରେ ମୂର୍ତ୍ତି କାରିଗରମାନେ ମାଟି ମୂର୍ତ୍ତି ନିର୍ମାଣରେ ବ୍ୟସ୍ତ ଅଛନ୍ତି। ମୂର୍ତ୍ତି କାରିଗରମାନେ ମୂର୍ତ୍ତି ଗଢ଼ିବା ପାଇଁ ପାଳ ନଡ଼ା ବିଡ଼ା ଉପରେ ମାଟି ପ୍ରଲେପ ଦେଉଛନ୍ତି। ବଙ୍ଗୋମୁଣ୍ଡାର ଯୁବ ଅଭିଜ୍ଞ ମୂର୍ତ୍ତି କାରିଗର ସନାତନ ସା ଙ୍କ ସହ ଅନ୍ୟ କାରିଗରମାନେ ନିଜ ନିଜର ମୂର୍ତ୍ତି ନିର୍ମାଣ କାର୍ଯ୍ୟ ଜୋରସୋରରେ ଜାରି ରଖିଛନ୍ତି। ବଙ୍ଗୋମୁଣ୍ଡା ଓ ଆଖପାଖ ଅଞ୍ଚଳରେ ସେମାନଙ୍କ ହାତଗଢା ମୂର୍ତ୍ତିର ବେଶ୍ ଚାହିଦା ରହିଛି। ୨ ଫୁଟ୍‌ରୁ ଆରମ୍ଭ କରି ୧୦ ଫୁଟ ପର୍ଯ୍ୟନ୍ତ ମୂର୍ତ୍ତି ଗଢି ଚାଲିଛି। ଗଢ଼ା ଯାଇଥିବା ମୂର୍ତ୍ତି ବଲାଙ୍ଗୀର ଜିଲ୍ଲା ସମେତ କଳାହାଣ୍ଡି ଓ ନୂଆପଡା ସମେତ ଆଖପାଖ ଅଞ୍ଚଳର ଗ୍ରାହକମାନେ ଆସି ନେଇଥାନ୍ତି। ବର୍ଷେ କି ଦୁଇ ବର୍ଷ ନୁହେଁ ୧୮ ବର୍ଷ ଧରି ମୂର୍ତ୍ତି ନିର୍ମାଣ ଚାଲିଥିବା କହିଛନ୍ତି କାରିଗର ସନାତନ। ଗତ ୩ ମାସରୁ ଅଧିକ ହେବ କାରିଗରମାନେ ବିଭିନ୍ନ ସାମଗ୍ରୀ ଆଣି ମୂର୍ତ୍ତି ତିଆରି କରିବାରେ ବ୍ୟସ୍ତ ଥିବା ନେଇ ଦେଖିବାକୁ ମିଳିଛି। ଆଗକୁ ଗଣେଶ ପୂଜା ଥିବାବେଳେ ଗାଁ ଠୁ ସହର ଚଳଚଞ୍ଚଳ ହୋଇ ଉଠିଛି।

# କୃଷି ବିଭାଗରେ କର୍ମଚାରୀ ମରୁଡି

➩ ଉପଯୁକ୍ତ ପରାମର୍ଶ ନପାଇ କ୍ଷତି ସହୁଛି ଚାଷୀ

➩ ୫ଗ୍ରାମ୍ୟ କୃଷି କର୍ମଚାରୀ ପଦ ଖାଲି



ଅସ୍ତରଙ୍ଗ (ଭାସ୍କର ନ୍ୟୁଜ୍) : କୃଷି ପ୍ରାଧାନ୍ୟ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ କୃଷି ବିଭାଗରେ କର୍ମଚାରୀ ମରୁଡି। ବର୍ଷ ବର୍ଷ ଧରି ଗୁରୁତ୍ୱପୂର୍ଣ୍ଣ ପଦ ଗୁଡିକ ଖାଲି ପଡିଥିବାରୁ କ୍ଷେତ୍ରରେ କୃଷି କର୍ମଚାରୀଙ୍କ ପାଦ ପଡୁନି। ଅନ୍ୟପଟେ କୃଷି ବିଭାଗର ମାନବ ସମ୍ବଳ ଅଭାବରୁ ଜଣେ କର୍ମଚାରୀ ଏକାଧିକ ଦାୟିତ୍ୱ ତୁଲାଉଛନ୍ତି। ଫଳରେ ନିର୍ଦ୍ଦିଷ୍ଟ ଫସଲ ସମୟରେ ଚାଷୀଙ୍କୁ ଉପଯୁକ୍ତ ପରାମର୍ଶ ମିଳିପାରୁନି। ଏମିତିକି ଅସ୍ତରଙ୍ଗ ବ୍ଲକର ହଜାର ହଜାର ଏକର ଜମି ପରିଦର୍ଶନ କରିବା ସମ୍ଭବ ହୋଇପାରୁନି। ଯଦ୍ୱାରା ଚାଷୀ ମାନେ ବାଧ ହୋଇ ବେସରକାରୀ କୀଟନାଶକ ଓ ସାର ଦୋକାନୀଙ୍କ ଉପରେ ଭରସା କରି କ୍ଷତି ସହୁଛନ୍ତି। ଅସ୍ତରଙ୍ଗ ଅଞ୍ଚଳର ଚାଷୀ ଈଶ୍ୱର ମହାରଣା ସମୀର ପରିଡା କହିଛନ୍ତି ସରକାରୀ ସହାୟତା ମିଳୁନଥିବାରୁ ସେମାନେ ବେସରକାରୀ ବିହନ, କୀଟନାଶକ ଓ ସାର କିଣିବାକୁ ବାଧ ହେଉଛନ୍ତି। କେଉଁ ବିହନକୁ କେଉଁ ପ୍ରଣାଳୀରେ ଚାଷ କରାଯିବ ଦୋକାନୀଙ୍କ ଠାରୁ ପରାମର୍ଶ ନେଇ ଚାଷ କରୁଛନ୍ତି। ଉପଯୁକ୍ତ ପରାମର୍ଶ ଅଭାବରୁ ଅସ୍ତରଙ୍ଗ ବ୍ଲକର ଅଧିକାଂଶ ଚାଷୀ ଫସଲରେ ବ୍ୟାପକ କ୍ଷତି ସହୁଛନ୍ତି। ବିହନ କମ୍ପାନୀ ଗୁଡିକ ଚାଷୀଙ୍କୁ ଉତ୍ତମ ବିହନ ଦେଇ ପାରୁନଥିବାରୁ ଫସଲ କ୍ଷତିକୁ ନେଇ କାଁ ଭାଁ ଜଣେ ଅଧେ ସଚେତନ ଚାଷୀ ଖାଉଟି ଅଦାଲତ ଦ୍ୱାରସ୍ଥ ହେଉଛନ୍ତି। ବାସ୍ତବରେ ଅଧିକାଂଶ ଚାଷୀ ସଚେତନତା ଅଭାବରୁ ଫସଲ କ୍ଷତିପୂରଣ ମଧ ପାଇପାରୁନାହାନ୍ତି। ଅସ୍ତରଙ୍ଗ କୃଷି ବିଭାଗରେ ବ୍ଲକ କୃଷି ଅଧିକାରିଣୀ ବି. ଅର୍ପିତା, କୃଷି ଅଧିଦର୍ଶକ ନିବେଦିତା ସେନାପତି, ଗ୍ରାମ୍ୟ କୃଷି କର୍ମଚାରୀ ଅନ୍ନପୂର୍ଣ୍ଣା ସେନାପତି, ମାନସ ରଞ୍ଜନ ଖଟୋଇ ଥିବାବେଳେ ଆତ୍ମାରେ ବିଟିଏମ୍ ଜିତେନ୍ଦ୍ର ପ୍ରଧାନ, ଏଟିଏମ୍ ଅମରେଶ୍ୱର ବିଶ୍ୱାଳ, ଶିବ ପ୍ରସାଦ ପାଇଟଳା, ଶ୍ୱେତା ପଲେଇ ଥିବା ବେଳେ ଗ୍ରାମ୍ୟ କୃଷି କର୍ମଚାରୀ ୫ଟି ପଦ ଖାଲି ଥିବା ବେଳେ ଅତିରିକ୍ତ କୃଷି ଅଧିକାରୀ ପଦବୀ ଖାଲି ପଡିଛି। ତେଣୁ କୃଷି ବିଭାଗରେ ଆବଶ୍ୟକ ଖାଲି ପଡ଼ିଥିବା କୃଷି କର୍ମଚାରୀ ପଦଗୁଡିକ ତୁରନ୍ତ ପୂରଣ କରିବାକୁ ଦାବି କରିଛନ୍ତି ସ୍ଥାନୀୟ ଲୋକେ। ଏ ସମ୍ପର୍କରେ ଅସ୍ତରଙ୍ଗ ବ୍ଲକ କୃଷି ଅଧିକାରିଣୀ ବି. ଅର୍ପିତା କହିଛନ୍ତି ପ୍ରତି ମାସରେ ବିଭାଗକୁ ଖାଲି ପଡ଼ିଥିବା ପଦଗୁଡିକ ସମ୍ପର୍କରେ ସୂଚନା ଉପରିସ୍ଥ ଅଧିକାରୀଙ୍କୁ ଦିଆଯାଉଛି। ସରକାର ଖାଲି ପଡ଼ିଥିବା ପଦଗୁଡିକରେ ନିଯୁକ୍ତି ଦେଲେ ସେଗୁଡିକ ପୂରଣ ହୋଇପାରିବ।

## ଫିଟ୍ ଇଣ୍ଡିଆ ଅଭିଯାନ

# ବ୍ରହ୍ମପୁର ପୋଲିସର 'ସାଇକେଲ୍‌ରେ ରବିବାର' କାର୍ଯ୍ୟକ୍ରମ



ବ୍ରହ୍ମପୁର (ଭାସ୍କର ନ୍ୟୁଜ୍) : କ୍ରୀଡା ବିଭାଗ, ଭାରତ ସରକାରଙ୍କ ଯୁବ ବ୍ୟାପାର ଏବଂ କ୍ରୀଡା ମନ୍ତ୍ରଣାଳୟ ଏହାର ଖେଲୋ ଇଣ୍ଡିଆ କାର୍ଯ୍ୟକ୍ରମ ମାଧ୍ୟମରେ ସମସ୍ତ ରାଜ୍ୟ ପୋଲିସକୁ 'ସାଇକେଲରେ ରବିବାର' ଅଭିଯାନ ମାଧ୍ୟମରେ ଫିଟ୍ ଇଣ୍ଡିଆ ମିଶନ ଅଭିଯାନରେ ଯୋଗଦେବାକୁ ନିର୍ଦ୍ଦେଶ ଦେଇଥିଲା। ମାନ୍ୟବର ପ୍ରଧାନମନ୍ତ୍ରୀ ମନ କି ବାତର ୧୧୭ତମ ଏପିସୋଡରେ ନିୟମିତ ଶାରୀରିକ କାର୍ଯ୍ୟକଳାପ ମାଧ୍ୟମରେ ସ୍ୱାସ୍ଥ୍ୟ ଏବଂ ସୁସ୍ଥତାକୁ ପ୍ରୋତ୍ସାହିତ କରିବାର ଗୁରୁତ୍ୱକୁ ପୁନଃପ୍ରକାଶ କରିଥିଲେ। ଏହି ଭାବନାରେ, ଫିଟ୍ ଇଣ୍ଡିଆ ମିଶନ ୨୪ ଅଗଷ୍ଟ ୨୦୨୫ ରେ 'ରାଜ୍ୟ ପୋଲିସ' ସହିତ ମିଶି 'ଫିଟ୍‌ନେସ୍ କି ଡୋଜ୍, ଆଧା ଘଣ୍ଟା ରୋଜ୍' ଅଭିଯାନ ବାର୍ତ୍ତା ପ୍ରସାର କରିବାରେ ସମର୍ଥନ ସହିତ 'ସାଇକେଲରେ ରବିବାର' ଅଭିଯାନର ଏକ ସ୍ୱତନ୍ତ୍ର ସଂସ୍କରଣ ଆୟୋଜନ କରିବାକୁ ପ୍ରସ୍ତାବ ଦେଇଥିଲା। ଉପରୋକ୍ତ ଘଟଣାକୁ ଦୃଷ୍ଟିରେ ରଖି ବ୍ରହ୍ମପୁର ପୋଲିସ ଆଜି 'ଫିଟ୍ ଇଣ୍ଡିଆ ସାଇକେଲିଂ ଡ୍ରାଇଭ୍' 'ସଣ୍ଡେ ଅନ୍ ସାଇକେଲ' ଆୟୋଜନ କରିଥିଲା। ଡିଜିପି ଓଡ଼ିଶାଙ୍କ ନିର୍ଦ୍ଦେଶ ଅନୁଯାୟୀ, ବ୍ରହ୍ମପୁର ଏସ୍‌ପି ବ୍ରହ୍ମପୁର, ସର୍ଜେଣ୍ଟ, ୧୦ ଜଣ ହାବିଲଦାର ଏବଂ ଅନ୍ୟାନ୍ୟ କନଷ୍ଟେବଲଙ୍କ ସମେତ ବ୍ରହ୍ମପୁର ପୋଲିସର ୩୦ଜଣ ପୋଲିସ କର୍ମଚାରୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ସମସ୍ତ ୩୦ଜଣ ବ୍ୟକ୍ତି ଏସ୍‌ପି ବ୍ରହ୍ମପୁର କାର୍ଯ୍ୟାଳୟରୁ ଗୋପାଳପୁର ପର୍ଯ୍ୟନ୍ତ ସାଇକେଲ ଚଲାଇ କମଳାପୁର ଏବଂ ଆଙ୍କୁଲି ଦେଇ ବ୍ରହ୍ମପୁର ଫେରିଥିଲେ।

## ବିଭିନ୍ନ ସ୍ଥାନରୁ ଟ୍ୟୁବ୍‌ୱେଲ ଯନ୍ତ୍ରାଂଶ ଚୋରି ଅଭିଯୋଗ

ଡେରାବିଶ, (ଭାସ୍କର ନ୍ୟୁଜ୍): ଡେରାବିଶ ଥାନା ଅଧିନସ୍ଥ ପଲେଇ ପଞ୍ଚାୟତର ବିଭିନ୍ନ ସ୍ଥାନରୁ ଗତକାଲି ରାତିରେ କେହି ଦୁର୍ବୃତ୍ତ ଟ୍ୟୁବ୍‌ୱେଲ ଉପର ସମେତ ହାଣ୍ଡେଲ ଚୋରାଇ ନେଇଥିବା ଅଭିଯୋଗ ହେଇଛି। ପଲେଇ ପଞ୍ଚାୟତର ଅଡ଼ଙ୍ଗା ମଲ୍ଲିକେଶ୍ୱର ପୁର ସୋସାଇଟି ଛକ, ମଣିମଠ, ଶ୍ମଶାନ ଓ ବସନ୍ତ ବଗିଚାରୁ ମୋଟ ୪ଟି ଟ୍ୟୁବ୍‌ୱେଲର ମୁଣ୍ଡ ଚୋରି ହୋଇଯାଇଥିବା ଅଭିଯୋଗ ହୋଇଛି। ଗତ କିଛିଦିନ ହେଲା ପଞ୍ଚାୟତର ବିଭିନ୍ନ ସ୍ଥାନରେ ଚୋରି ବୃଦ୍ଧି ପାଇଥିବାର ଖବରମିଳିଛି। ପୋଲିସ ତରଫରୁ ଏ ସମ୍ବନ୍ଧରେ ତଦନ୍ତ ପାଇଁ ଦାବି ହେଉଛି।

# ବିଶାଳ ରକ୍ତଦାନ ଶିବିର

ଆଳି (ଭାସ୍କର ନ୍ୟୁଜ୍) : କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ ନିଆଳ ସ୍ଥିତ ବ୍ରହ୍ମାକୁମାରିଜ, ଆଦ୍ୟାଶକ୍ତି ଭବନ ତରଫରୁ ଏକ ବିଶାଳ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ପ୍ରାକ୍ତନ ମୁଖ୍ୟ ପ୍ରଶାସକ ରାଜଯୋଗିନୀ ଦାଦୀ ପ୍ରକାଶମଣିଙ୍କର ୧୮ତମ ପୁଣ୍ୟତିଥି ଉପଲକ୍ଷେ ବ୍ରହ୍ମାକୁମାରିଜ ଏବଂ ସମାଜସେବା ପ୍ରଭାଗ ସଂଯୋଜନାରେ ଏକ ବିଶାଳ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଆଳି ବ୍ଲକ ନିଆଳ ହାଟ ଠାରେ ଥିବା ବ୍ରହ୍ମାକୁମାରିଜ, ଆଦ୍ୟାଶକ୍ତି ଭବନ ଠାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ବେଳେ ରକ୍ତଦାନ ରାଷ୍ଟ୍ର ପାଇଁ ସର୍ବୋଚ୍ଚ ସମର୍ପଣ ବୋଲି ଆହ୍ୱାନ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡା ଜିଲ୍ଲା ରକ୍ତ ଭଣ୍ଡାରର ଡାକ୍ତରୀ ଟିମ୍ ରକ୍ତ ସଂଗ୍ରହ କରିଥିବା ବେଳେ ଆଳି ତଥା ଆଖପାଖ ଅଞ୍ଚଳର ପ୍ରାୟ ସମସ୍ତ ସମାଜସେବୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ବୁଦ୍ଧିଜୀବୀ, କଲେଜ ଛାତ୍ରଛାତ୍ରୀଙ୍କ ସହିତ ବ୍ରହ୍ମାକୁମାରିଜ ମାନେ ଏହି ବିଶାଳ ରକ୍ତଦାନ ଶିବିରରେ ଯୋଗ ଦେବା ସହ ମୋଟ ୧୦୧ ୟୁନିଟ ରକ୍ତଦାନ କରିଥିଲେ।

# ରାଜ୍ୟସ୍ତରୀୟ ସାମାଜିକ କର୍ମୀ ଓ ସାହିତ୍ୟିକ ସମ୍ମିଳନୀ



ଏରସମା (ଭାସ୍କର ନ୍ୟୁଜ୍) : ଅରିଲୋସ୍ଥିତ ଶିଶୁ ଅନନ୍ତ ଆଶ୍ରମ ପରିସରରେ ଚତୁର୍ଥ ବାର୍ଷିକ ଉତ୍ସବ ମହାଡ଼ମ୍ବରରେ ପାଳିତ ପୂଜ୍ୟ ପୂଜକ ପଦ୍ମଶ୍ରୀ ବାବା ବଳିଆଙ୍କ ମାର୍ଗଦର୍ଶନରେ ପୂଜ୍ୟ ବାବାଙ୍କ ଶିଷ୍ୟ ତଥା ଜ୍ୟୋତିର୍ବିଦ ଡ଼ ଅରୁଣ କୁମାର ପାଣିଙ୍କ ପୌରୋହିତ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରୁ ସାମାଜିକ କର୍ମୀ ଓ ସାହିତ୍ୟିକ ମାନଙ୍କୁ ଆହ୍ୱାନ କରାଯାଇ ଏକ ରାଜ୍ୟସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ରାଷ୍ଟ୍ରବାଦୀ ଯୁବକ ଯୁବତୀମାନଙ୍କୁ ନେଇ ରାଷ୍ଟ୍ରବାଦୀ ଯୁବସଂକଳ୍ପ, ସାମୂହିକ ରକ୍ଷାବନ୍ଧନ, ବିଦ୍ୟାଳୟ ସ୍ତରୀୟ ପ୍ରତିଯୋଗିତା, କବିତା ପାଠୋତ୍ସବ ଆଦି ଆୟୋଜିତ ହୋଇଥିଲା ଓ କୃତି ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ତଥା ସାହିତ୍ୟିକ ଡ଼ଃ ଚିତ୍ତରଞ୍ଜନ ବେହେରା, ସମ୍ମାନିତ ଅତିଥି ଭାବେ ବିଶ୍ୱହିନ୍ଦୁପରିଷଦର ଜିଲ୍ଲା ସମ୍ପାଦକ ନଳିନୀ ଜୀ ମହାରାଜ, ସମାଜସେବୀ ବଲ୍ଲଭ ଚରଣ ପାଣି, କଳ୍ପନା ସୁତାର, ଆଇନଜୀବୀ ପ୍ରଶାନ୍ତ କୁମାର ଦାସ, ଅଧ୍ୟାପିକା ରାଜଶ୍ରୀ ସ୍ୱାଇଁ, ଆଶ୍ରମର ବରିଷ୍ଠ ସନ୍ୟାସୀ ଶ୍ରୀବାସ ଦାସ, ପ୍ରକାଶ ଭାଇ, ଗୋପାଳ ଦାସ, କାଳିଆ ନନା, ସାରଦା ପ୍ରସାଦ ମଲ୍ଲ, ଭଂଜକିଶୋର ସୁତାର, ଅମ୍ରିତା ତରାଇ, ମନୋଜ ଦାସ, ମାନସ ମହାପାତ୍ର, ଅଂଶୁମାନ ଷଡ଼ଙ୍ଗୀ, ଅଚ୍ୟୁତ ଆଶୁତୋଷ, ସାରଦା ପ୍ରସାଦ, ବିଶ୍ୱଜିତ ବେହେରା, ଦେବାଶିଷ ଅକ୍ଷୟ କୁମାର ମହାନ୍ତି, ଗୌରାଙ୍ଗ ସ୍ୱାଇଁ, ରଞ୍ଜନ ଖୁଣ୍ଟିଆ, ଭାଗବତ ପ୍ରସାଦ, ଶ୍ରୀକାନ୍ତ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଋତୁପୂର୍ଣ୍ଣା କଳା ସାହିତ୍ୟ ସଂସଦର କଳାକାର ପାୟଲ ମଣ୍ଡଳ, ସାଇ ଋତୁ ପୂର୍ଣ୍ଣା, ଅଭିନନ୍ଦୀତା ସ୍ୱାଇଁ, ବରିଷ୍ଠ ସଦସ୍ୟା ବିନ୍ଧ୍ୟ ବାସିନୀ ରାୟ (ଗନି ଅପା) ନାଚଗୀତ ପରିବେଷଣ କରିଥିଲେ। ଜ୍ଞାନବିଜ୍ଞାନ ସ୍କୁଲ, ଜାଭିଅର ହାଇସ୍କୁଲ ଓ ଆଖପାଖ ଅଂଚଳ ସ୍କୁଲର ଛାତ୍ରଛାତ୍ରୀ ବିଭିନ୍ନ ବକ୍ତୃତା, ନାଚଗୀତରେ ଭାଗ ନେଇଥିଲେ।

# ମାଲୁଦ ବଜାରରେ ଗାଈଗୋରୁଙ୍କ ପାଇଁ ବଢୁଛି ଦୁର୍ଘଟଣା

କୃଷ୍ଣପ୍ରସାଦ (ଭାସ୍କର ନ୍ୟୁଜ୍) : ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକର ପ୍ରମୁଖ ବ୍ୟବସାୟିକ ପେଣ୍ଠସ୍ଥଳୀ ମାଲୁଦ ବଜାର। ପ୍ରତିଦିନ କିଣାବିକା ନିମନ୍ତେ ହଜାର ହଜାର ଲୋକଙ୍କ ସମାଗମ ହୋଇଥାଏ ଏହି ବ୍ୟବସାୟିକ ପେଣ୍ଠସ୍ଥଳୀ ମାଲୁଦ ରାଜା ବଜାର ଉପରେ। କିନ୍ତୁ ଏହି ବଜାର ମୁଖ୍ୟ ରାସ୍ତା ଗୋରୁ ଗାଈଙ୍କ ଆଡାସ୍ଥଳୀ ପାଲଟିଛି। ଏମାନଙ୍କ ଯୋଗୁ ସନ୍ଧ୍ୟା ସମୟ ଏତେମାତ୍ରାରେ ଭିଡ ଜମୁଛି ଯେ ବୁଲା ଗୋରୁ ଗାଈ ଜନଗହଳି ପୂର୍ଣ୍ଣ ବଜାର ମଧ୍ୟରେ ନିର୍ବିଘ୍ନରେ ରାସ୍ତା ଉପରେ ବିଚରଣ କରୁଛନ୍ତି । ଯାହାଫଳରେ ବଜାର ମଝି ରାସ୍ତାରେ ଘଣ୍ଟା ଘଣ୍ଟା ଧରି ଯାତ୍ରୀବାହୀ ବସ୍, ଭାରିଯାନ ଓ ଆମ୍ବୁଲାନ୍ସ ଅଟକି ରହୁଛି। ଅନେକ ସମୟରେ ବହୁ ଛୋଟବଡ ଦୁର୍ଘଟଣା ଘଟି ମୋଟର ସାଇକେଲ ଠାରୁ ଆରମ୍ଭ କରି ବହୁ ବ୍ୟକ୍ତି ଦୁର୍ଘଟଣାର ଶିକାର ହେଉଛନ୍ତି ଓ ଅକର୍ମଣ୍ୟ ହୋଇ ପଡୁଛନ୍ତି। ଏହାପରେ ମଧ ଏଥିପାଇଁ ବ୍ଲକ ପ୍ରଶାସନ କିମ୍ବା ଅଗ୍ନିଶମ ବିଭାଗ ପକ୍ଷରୁ ସେମାନଙ୍କୁ ଘଉଡାଇ କିମ୍ବା ଥଇଥାନ ନିମନ୍ତେ କିଛି ପଦକ୍ଷେପ ନିଆଯାଉନାହି । ଅନେକ ସମୟ ରେ ପୋଲିସ ପାଟ୍ରୋଲିଂ ଗାଡି ଓ ରୋଗୀ ଆମ୍ବୁଲାନ୍ସ ଗାଡି ଜନଗହଳିପୂର୍ଣ୍ଣ ବିଚ ବଜାର ମଧ୍ୟରେ ଅଟକି ରହିଲେ ମଧ କୃଷ୍ଣପ୍ରସାଦ ଥାନା କିମ୍ବା ମାଲୁଦ ପୋଲିସ ପ୍ରଶାସନ ପକ୍ଷରୁ ସାଧାରଣ ଲୋକଙ୍କ ସୁରକ୍ଷା ନିମନ୍ତେ କିଛି ବ୍ୟବସ୍ଥା ନାହିଁ। ଏହାର ସୁବ୍ୟବସ୍ଥା ନିମନ୍ତେ ଗାଈଗୋରୁଙ୍କୁ ବଜାର ମଧ୍ୟକୁ ନଛାଡିବା ନିମନ୍ତେ ପଞ୍ଚାୟତ ପକ୍ଷରୁ ଡାକବାଜି ଯନ୍ତ୍ର ଦ୍ୱାରା ଜନସାଧାରଙ୍କୁ ସଚେତନ କରାଯିବା ସହିତ ବୁଲା ଗୋରୁଗାଈଙ୍କ ନିମନ୍ତେ ଏକ ଆଶ୍ରୟସ୍ଥଳୀର ବ୍ୟବସ୍ଥା କରାଯିବା ସହ ପୋଲିସ ପ୍ରଶାସନ ସନ୍ଧ୍ୟା ୫ ଠାରୁ ରାତ୍ରି ୧୧ ଟା ପର୍ଯ୍ୟନ୍ତ ସୁରକ୍ଷା ଦେବାକୁ ବଜାର ପରିଚାଳନା କମିଟି ସମ୍ପାଦକ ଶତିଶ ପଟନାୟକ, ସଭାପତି ଶିବରାମ ଜେନା, ସମାଜସେବୀ ଦୀପକ କୁମାର ଜେନାଙ୍କ ସମେତ ଅଞ୍ଚଳବାସୀ ଦାବି କରିଛନ୍ତି ।

## ପ୍ରଗତି ମହିଳା ମୋର୍ଚ୍ଚା ପକ୍ଷରୁ ରକ୍ତଦାନ ଶିବିର

ବାଲିମେଳା (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ବାଲିମେଳା ନଗରରେ ଅବସ୍ଥିତ ଟାଉନ ହଲ ଠାରେ ପ୍ରଗତି ମହିଳା ମୋର୍ଚ୍ଚା ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ବାଲିମେଳା ଏନଏସି ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକ ଏବଂ ଚିତ୍ରକୋଣ୍ଡା ବ୍ଲକ ଶିକ୍ଷା ଅଧିକାରୀ ସୁଶ୍ରୀ ଗାୟତ୍ରୀ ଦେବୀ ଉଦ୍‌ଘାଟନ କରିଥିଲେ। ବାଲିମେଳା ସହରରେ ପ୍ରଥମ ଥର ପାଇଁ ମହିଳାମାନଙ୍କ ପକ୍ଷରୁ ଏହି ଶିବିରର ଆୟୋଜନ କରାଯାଇଥିଲା। ଶିବିରରେ ମହିଳାମାନେ ଅତ୍ୟନ୍ତ ଖୁସିର ପରିଚାଳନା କରିଥିଲେ। ପ୍ରଗତି ମହିଳା ମୋର୍ଚ୍ଚାର ସଭାନେତ୍ରୀ ରେଣୁବାଳା ନାୟକ, ସମ୍ପାଦିକା ରୁପା ମହାନ୍ତି, ଯୁଗ୍ମ ସମ୍ପାଦିକା ମଧୁସ୍ମିତା ପାତ୍ର ଏବଂ ପର୍ଯ୍ୟବେକ୍ଷକ ରାଜ କୁମାରୀ ଜାରିକା ଓ ଅନ୍ୟ ସଦସ୍ୟ ମାନେ ସହାୟତା କରିଥିଲେ। ଏହି ଶିବିରରେ ମୋଟ ୨୫ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଶିବିରରେ ବାଲିମେଳା ଏନଏସି ଉପାଧ୍ୟାୟ ରଶ୍ମିତା ବାଙ୍କା, ବାଲିମେଳା ବନାଞ୍ଚଳ ଅଧିକାରୀ ଲିପିସ୍ମିତା କନହାର ଓ କାଉନସେଲର ମାନେ ପହଞ୍ଚି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଜିଲ୍ଲା ରକ୍ତ ଭଣ୍ଡାରର କର୍ମଚାରୀ ତ୍ରିନାଥ ପଣ୍ଡା, ଏନ ସୁଭର୍ଣ୍ଣ, ମୋହନ ଖେମୁଡୁ ଓ କୁନୁ ହଲବା ରକ୍ତ ସଂଗ୍ରହ କରିବାରେ ସାହାଯ୍ୟ କରିଥିଲେ।

# ଲେଫ୍ଟନାଣ୍ଟ କମାଣ୍ଡର ଅକ୍ଷୟଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



ପାରାଦୀପ (ଭାସ୍କର ନ୍ୟୁଜ୍) : ପାରାଦୀପ ମହାବିଦ୍ୟାଳୟ ଏନସିସି ଅଲମୁନି ଅସୋସିଏସନ୍ ଦ୍ୱାରା ଏକ ଉତ୍ସାହଭରା ଓ ହୃଦୟସ୍ପର୍ଶୀ ବିଦାୟକାଳୀନ ସମ୍ବର୍ଦ୍ଧନା ସମାରୋହ ଉତ୍ସବ ଅବିବାର ଦିନ ପାଳିତ ହୋଇଯାଇଛି। ଯାହାର ଉଦ୍ଦେଶ୍ୟ ଥିଲା ପ୍ରସିଦ୍ଧ ଏନଓ ଲେଫ୍ଟନାଣ୍ଟ କମାଣ୍ଡର ଅକ୍ଷୟ ଚନ୍ଦ୍ର ମିଶ୍ରଙ୍କୁ ସମ୍ମାନ ଜଣାଇବା। ଏହି ସମାରୋହ ପାରାଦୀପ୍ ମହାବିଦ୍ୟାଳୟ କନଫରେନ୍ସ ହଲ୍‌ରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ରରୁ ଆସିଥିବା ଏନସିସି ପୁରାତନ କ୍ୟାଡେଟ ଯେଉଁମାନେ ଏବେ ସେନା, ପୋଲିସ, କର୍ପୋରେଟ୍, ବ୍ୟବସାୟ ଓ ସାମାଜିକ କାର୍ଯ୍ୟକ୍ଷେତ୍ରରେ କାମ କରୁଛନ୍ତି ତାଙ୍କର ଅଭିଜ୍ଞତା ଓ ମିଶ୍ର ସାର୍‌ଙ୍କ ସହିତ ବିତାଇଥିବା ମଧୁର ସ୍ମୃତିଗୁଡ଼ିକୁ ଅନ୍ୟମାନଙ୍କ ସହ ଆଲୋଚନା କରିଥିଲେ। ଲେଫ୍ଟନାଣ୍ଟ କମାଣ୍ଡର ମିଶ୍ରଙ୍କ ଦ୍ୱାରା ଏହି ଶିକ୍ଷିତ ପୁରୁଣା କ୍ୟାଡେଟମାନେ 'ଦେଶ ପ୍ରଥମେ' ମନ୍ତ୍ରକୁ ଅନୁସରଣ କରି ସମାଜ ପାଇଁ ସୁସ୍ଥ ଓ ଶୃଙ୍ଖଳାବଦ୍ଧ ଭାବେ କାର୍ଯ୍ୟ କରିଚାଲିଛନ୍ତି। ଏନ୍‌ସିସି ଅଲମୁନି ଅସୋସିଏସନ୍‌ର ଅଧ୍ୟକ୍ଷ ଅମ୍ବିକା ପ୍ରସାଦ ମହାପାତ୍ର କହିଛନ୍ତି, "ଏହା କେବଳ ବିଦାୟ ସମାରୋହ ନୁହେଁ, ଏହା ସାରଙ୍କ ୨୫ ବର୍ଷର ନିଷ୍ଠା, ସେବା, ପ୍ରେରଣା ଓ ଅବଦାନର ଉତ୍ସବ ଏବଂ ଅତୁଟ ସମ୍ପର୍କର ପ୍ରତୀକ।' ଏବେ ସାର୍ ନୂଆ କେଡେଟମାନଙ୍କୁ ଦିଗଦର୍ଶନ ଦେବେ ଏବଂ ଆମର ଏନସିସି ଅଲମୁନି ଅସୋସିଏସନ୍‌ର ଉପଦେଷ୍ଟା ଭାବେ ସଦା ଆମକୁ ନିର୍ଦ୍ଦେଶନା ତଥା ପଥ ପଦର୍ଶନ ଜାରି ରଖିବେ। ଲେଫ୍ଟନାଣ୍ଟ କମାଣ୍ଡର ଶ୍ରୀ ମିଶ୍ର ମଧ ତାଙ୍କର ୨୫ ବର୍ଷ ର ସ୍ମୃତିଗୁଡିକ, ଭାବନାତ୍ମକ ଭାବେ ବର୍ଣ୍ଣନା କରିଥିଲେ । ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ପାରାଦୀପ ବନ୍ଦର ଅବସରପ୍ରାପ୍ତ ଅଧିକାରୀ ଡି.ଏନ. ସୋନ୍ଧି, ପାରାଦୀପ୍ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ସସ୍ମିତା ଶତପଥୀ, ଭାରତୀୟ ତଟରକ୍ଷୀ ବାହିନୀର ଡେପୁଟି କମାଣ୍ଡାଣ୍ଟ ରୋହିତ ଗୋଏଲ ଓ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଶଶିକାନ୍ତ ଝାଙ୍ଗିଡ୍, ମହାବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକା, ନୂତନ ଏନ୍‌ସିସି ଅଫିସର ଅଭିଷେକ ବିଶ୍ୱାଳ ତଥା ମାନ୍ୟଗଣ୍ୟ ବ୍ୟକ୍ତି ଏବଂ ଗଣମାଧ୍ୟମ ପ୍ରତିନିଧିଙ୍କ ସମେତ ବିଗତ ୨୫ ବର୍ଷର ଆଲୁମୁନି କ୍ୟାଡେଟ ଓ ବର୍ତ୍ତମାନର କେଡେଟମାନେ ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ। ସମସ୍ତ ଏନସିସି ପରିବାର ତାଙ୍କ ପ୍ରିୟ ଅଧ୍ୟାପକ ଲେଫ୍ଟନାଣ୍ଟ କମାଣ୍ଡର ଶ୍ରୀ ମିଶ୍ରଙ୍କ ଦୀର୍ଘ ସୁସ୍ଥ ନିରାମୟ ଜୀବନ ପାଇଁ ଭଗବାନଙ୍କ ନିକଟରେ ପ୍ରାର୍ଥନା କରି ତାଙ୍କର ସେବା ମୂଳକ କାର୍ଯ୍ୟ ପାଇଁ କୃତଜ୍ଞତା ଜ୍ଞାପନ କରିଥିଲେ।


## ଏନ୍‌ଏସି ମାନ୍ୟତା କ୍ଷେତ୍ରରେ ଗଞ୍ଜାମକୁ ଉପେକ୍ଷା

# ବାଦ୍ ପଡିଲା କୁକୁଡାଖଣ୍ଡି ଓ ଶେରଗଡ, ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ


ବ୍ରହ୍ମପୁର (ଭାସ୍କର ନ୍ୟୁଜ): ନୂଆ ଏନ୍‌ଏସି ମାନ୍ୟତା ପାଇଁ ରାଜ୍ୟ ସରକାର ତାଙ୍କର ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଏହି କ୍ରମରେ ରାଜ୍ୟର ୭ଟି ଜିଲ୍ଲାରେ ୧୨ଟି ନୂଆ ଏନ୍‌ଏସି ଗଠନ ପାଇଁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। କିନ୍ତୁ ଗଞ୍ଜାମ ଜିଲ୍ଲା ଏହି ତାଲିକାରୁ ବାଦ୍ ପଡିଥିବା ନେଇ ସାଧାରଣ ଓ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଗଞ୍ଜାମ ଜିଲ୍ଲା କୁକୁଡାଖଣ୍ଡି ଓ ଶେରଗଡ ପଞ୍ଚାୟତକୁ ଏନ୍‌ଏସି ମାନ୍ୟତା ମିଳିବ ବୋଲି ସାଧାରଣ ନିର୍ବାଚନ ପୂର୍ବରୁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଥିଲେ। ଏବେ ପ୍ରଥମ ପର୍ଯ୍ୟାୟ ତାଲିକାରେ ଏହି ୨ଟି ପଞ୍ଚାୟତ ବାଦ୍ ପଡିବାକୁ ନେଇ ଜିଲ୍ଲାବାସୀଙ୍କ ମନରେ ନା ନା ପ୍ରଶ୍ନ ଉଙ୍କି ମାରିଛି। ଗଞ୍ଜାମ ଜିଲ୍ଲା ପ୍ରତି ରାଜ୍ୟ ସରକାରଙ୍କ ବୈମାତୃକ ମନୋଭାବ ପୋଷଣ କରି ଥିବା ଅଭିଯୋଗ ମଧ ହୋଇଛି। ବିଜେଡି ଗଡ ଭାବେ ପରିଚିତ ଗଞ୍ଜାମ ଜିଲ୍ଲାରେ ଚଳିତ ସାଧାରଣ ନିର୍ବାଚନ ପରେ ଜିଲ୍ଲା ରାଜନୀତିରେ ବିରାଟ ପରିବର୍ତ୍ତନ ଆସିଥିଲା। ଜିଲ୍ଲାର ୧୩ଟି ନିର୍ବାଚନ ମଣ୍ଡଳୀ ମଧ୍ୟରୁ ୧୧ଟି ବିଧାନସଭା କ୍ଷେତ୍ରରେ ବିଜେପି ବିଜୟୀ ହୋଇଥିବା ବେଳେ ଗୋଟିଏ ବିଜେଡି ଓ ଅନ୍ୟଟି କଂଗ୍ରେସ ଜିତିଥିଲା। ସେହିଭଳି ୨ଟି ଲୋକସଭା ଆସନ ମଧ ବିଜେଡି ହାତରୁ ଖସି ବିଜେପି ହାତକୁ ଯାଇଥିଲା। ଗଞ୍ଜାମବାସୀ ବହୁଳ ମାତ୍ରାରେ ବିଜେପିକୁ ଜନସମର୍ଥନ ଦେଇଥିଲେ ମଧ ଏନ୍‌ଏସି ଗଠନରେ ରାଜ୍ୟ ସରକାରଙ୍କ ଏଭଳି ମନୋଭାବକୁ ନାପସନ୍ଦ କରିଛନ୍ତି ଜିଲ୍ଲାବାସୀ। ଗଞ୍ଜାମ ଜିଲ୍ଲାରେ ବ୍ରହ୍ମପୁର, ଛତ୍ରପୁର ଓ ଭଞ୍ଜନଗର ୩ଟି ଉପଖଣ୍ଡ ସହ ୨୨ଟି ବ୍ଲକ, ୧୭ଟି ଏନ୍‌ଏସି, ଗୋଟିଏ ପୌର ପାଳିକା ଓ ଗୋଟିଏ ମହାନଗର ନିଗମ ରହିଛି। ସାଧାରଣ ନିର୍ବାଚନ ପୂର୍ବରୁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଛତ୍ରପୁର, ଆସିକା, ଭଞ୍ଜନଗର ଏନ୍‌ଏସିକୁ ପୌର ପାଳିକାର ମାନ୍ୟତା ଦିଆଯାଇଥିବା ନେଇ ଘୋଷଣା କରିଥିଲେ। ସେହିପରି କୁକୁଡାଖଣ୍ଡି ଓ ଶେରଗଡ ଭଳି ରାଜ୍ୟର ପ୍ରାୟ ୨୧ଟି ପଞ୍ଚାୟତକୁ ଏନ୍‌ଏସି ମାନ୍ୟତା ମିଳିଥିବା ନେଇ ଘୋଷଣା କରାଯାଇଥିଲା। କିନ୍ତୁ ଏହା କାର୍ଯ୍ୟକାରୀ ହୋଇନଥିଲା। ୨୦୨୪ ସାଧାରଣ ନିର୍ବାଚନରେ ବିଜେଡି ହାତରୁ ଶାସନ କ୍ଷମତା ଯାଇଥିବା ବେଳେ ବିଜେପି ସରକାର ଗଠନ କରିଛି। ତତ୍କାଳୀନ ସରକାରଙ୍କ ଘୋଷଣାର ପ୍ରାୟ ୧ବର୍ଷ ପରେ ବିଜେପି ସରକାର ଏନ୍‌ଏସି ମାନ୍ୟତା ପ୍ରଦାନକୁ କାର୍ଯ୍ୟକାରୀ ପାଇଁ ପ୍ରକ୍ରିୟା ଆରମ୍ଭ କରିଛି। ୧୨ଟି ନୂଆ ଏନ୍‌ଏସି ମାନ୍ୟତା ପାଇଁ ଅଭିଯୋଗ ଓ ପ୍ରସ୍ତାବ ମଗାଯାଇଛି। କିନ୍ତୁ ଦୁର୍ଭାଗ୍ୟର ବିଷୟ ଏହି ତାଲିକାରେ ଗଞ୍ଜାମ ଜିଲ୍ଲାର ଗୋଟିଏ ବି ନାଁ ନାହିଁ ଶେରଗଡ ପଞ୍ଚାୟତରେ ୨୩ଟି ୱାର୍ଡ ରହିଥିବା ବେଳେ ଜନସଂଖ୍ୟା ପ୍ରାୟ ୧୫ ହଜାରରୁ ଉର୍ଦ୍ଧ୍ୱ। ସେହିପରି କୁକୁଡାଖଣ୍ଡି ପଞ୍ଚାୟତରେ ୨୧ଟି ୱାର୍ଡ ରହିଥିବା ବେଳେ ଜନସଂଖ୍ୟା ପ୍ରାୟ ୧୦ ହଜାରରୁ ଉର୍ଦ୍ଧ୍ୱ ବୋଲି ଜଣାପଡିଛି। ଏନ୍‌ଏସି ମାନ୍ୟତା ପାଇବା ପାଇଁ ଉଭୟ ପଞ୍ଚାୟତ ସମସ୍ତ ପ୍ରକାର ମାନଦଣ୍ଡ ପୂରଣ କରୁଛନ୍ତି। ଦୀର୍ଘଦିନ ହେବ ଉଭୟ ପଞ୍ଚାୟତକୁ ଏନ୍‌ଏସି ମାନ୍ୟତା ପାଇଁ ଦାବି ହୋଇ ଆସୁଛି। କିନ୍ତୁ ପ୍ରଥମ ଦଫାରେ ପ୍ରକାଶ ପାଇଥିବା ତାଲିକାରେ ଉଭୟ ଅଞ୍ଚଳର ସ୍ଥାନ ନାହିଁ। ତେଣୁ ରାଜ୍ୟ ସରକାର ଗଞ୍ଜାମବାସୀଙ୍କୁ ଉଚିତ୍ ନ୍ୟାୟ ପ୍ରଦାନକରି ନୂଆ ଏନ୍‌ଏସି ମାନ୍ୟତାରେ ସାମିଲ୍ କରିବାକୁ ସାଧାରଣରେ ଦାବି ହୋଇଛି।

# ରାଶିଫଳ


ସୋମବାର, ୨୫ ଅଗଷ୍ଟ ୨୦୨୫




**ମେଷ:** କାରବାରରେ ସତର୍କତା ବ୍ୟବହାର କରନ୍ତୁ। ପରିସ୍ଥିତିକୁ ନେଇ ଟଙ୍କା ଚିନ୍ତା କରିବାକୁ ପଡିବ। ଆପଣଙ୍କର ଅନାବଶ୍ୟକ ଖର୍ଚ୍ଚ ହୋଇପାରେ। ଚାକିରି ଏବଂ ବ୍ୟବସାୟରେ ଦ୍ୱନ୍ଦ୍ୱ ବଢିପାରେ। ଆପଣଙ୍କ ସ୍ୱାସ୍ଥ୍ୟ ପ୍ରତି ବେପରୁଆ ହୁଅନ୍ତୁ ନାହିଁ। ପେଟ ସମ୍ବନ୍ଧୀୟ ରୋଗ ହେବାର ସମ୍ଭାବନା ଅଛି।




**ବୃଷ:** ଶୀଘ୍ର କୈଣସି କାମ କରନ୍ତୁ ନାହିଁ। ଧାର୍ମିକ ଏବଂ ସାଂସ୍କୃତିକ ମହୋତ୍ସବରେ ଏକ ଅଂଶ ରହିବେ। ବ୍ୟବସାୟ ଭଲ ହେବ। ଅଫିସରେ ଚାକିରିକୁ ନେଇ ସନ୍ତୁଷ୍ଟ ରହିବେ। ବିନିଯୋଗ ଇତ୍ୟାଦିରେ ଲାଭବାନ ହେବ। ଘର ବାହାରେ ଜୀବନ ଖୁସି ହେବ। ଆର୍ଥିକ ଦିଗ ଦୃଢ ହେବ। ଘରର ଉପଯୋଗୀ ଜିନିଷଗୁଡ଼ିକ ବୃଦ୍ଧି ପାଇବ।




**ମିଥୁନ:** ବ୍ୟବସାୟରେ ବ୍ୟସ୍ତ ରହିବେ। ସାମାଜିକ ସ୍ତରରେ ସମ୍ମାନ ମିଳିବ। କଠିନ ପରିଶ୍ରମ ସହିତ ଟଙ୍କା ରୋଜଗାର କରିବେ। ଗତ କିଛି ଦିନ ଧରି ଥିବା ଅସମ୍ପୂର୍ଣ୍ଣ କାମ ସଂପୂର୍ଣ୍ଣ ହେବ। ସମୟ ଭଲ ଅଛି। ଶରୀର ସୁସ୍ଥ ରହିବ।




**କର୍କଟ:** ଦୈନନ୍ଦିନ କାର୍ଯ୍ୟଗୁଡିକ କିଛି ବିପଦ ବହନ କରିପାରେ। ଚାକିରିରେ ସମସ୍ୟା ହୋଇପାରେ। ଯଦି ଆପଣ ଜିଦି କରନ୍ତି ତେବେ, କାହା ସହିତ ବିବାଦ ହେବାର ସମ୍ଭାବନା ଅଛି । ଅଧିକ ଚିନ୍ତାରେ ସମୟ ନଷ୍ଟ କରନ୍ତୁ ନାହିଁ। ହଠାତ୍ ଆପଣ ଅସୁବିଧା ମଧ ବଢିପାରେ। କାର୍ଯ୍ୟରେ ବାଧା ଯୋଗୁଁ ଆପଣଙ୍କ ମନୋବଳ ବିଚଳିତ ହୋଇପାରେ।




**ସିଂହ:** ଆପଣଙ୍କର ଜୀବନରେ କିଛି ପରିବର୍ତ୍ତନ କରିବାକୁ ପଡିପାରେ। ପରିବାର ସାହାଯ୍ୟ ମିଳିବ। ଆପଣଙ୍କର ମାନସିକ ସନ୍ତୁଳିତ ରହିବ ଏବଂ ଏହା ଆପଣଙ୍କ ପାରିବାରିକ ଜୀବନରେ ମଧ ସୁଖ ଆଣିପାରେ। କାର୍ଯ୍ୟ ସମାପ୍ତ ହୋଇପାରିବ।




**କନ୍ୟା:** ଆପଣଙ୍କର ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ଆପଣ ଲୋକମାନଙ୍କୁ ମଧ ପ୍ରଭାବିତ କରିବେ। ଲୋକମାନେ ଆପଣଙ୍କର ଚିନ୍ତାଧାରାକୁ ପସନ୍ଦ କରିବେ। ଲୋକମାନେ ଆପଣଙ୍କ ପରାମର୍ଶରୁ ଉପକୃତ ହେବେ। ଆପଣ କିଛି ଭଲ ଖବରକୁ ଅପେକ୍ଷା କରିବେ। ଆଜିର ଦିନଟି ଆପଣଙ୍କ ପାଇଁ ସ୍ୱାଭାବିକ। ଆପଣଙ୍କ ଜୀବନ ସାଥୀ ଆପଣଙ୍କର ଅନୁଭବ ବୁଝିବେ।




**ତୁଳା:** ପରିବାର ସାହାଯ୍ୟ କରିବେ। ଆପଣଙ୍କର ମାନସିକ ସନ୍ତୁଳିତ ରହିବ ଏବଂ ଏହା ଆପଣଙ୍କ ପାରିବାରିକ ଜୀବନରେ ମଧ ସୁଖ ଆଣିପାରେ। କାର୍ଯ୍ୟ ସମାପ୍ତ ହୋଇପାରିବ। କ୍ୟାରିୟର ଏବଂ ପୁଞ୍ଜି ବିନିଯୋଗ କ୍ଷେତ୍ରରେ ଆପଣ କିଛି ନୂତନ ଏବଂ ମହତ୍ ସୁଯୋଗ ମଧ ପାଇପାରିବେ।




**ବିଛା:** ଆପଣ ମଧୁରବାଣୀ ଦ୍ୱାରା ଯେକୌଣସି କାର୍ଯ୍ୟରେ ବିଜୟୀ ହେବାକୁ ସମର୍ଥ ହେବେ। ପରିବାର ସଦସ୍ୟଙ୍କ ସହିତ ଖୁସିରେ ସମୟ ଅତିବାହିତ କରିବେ। ଆଜି ଭାଗ୍ୟ ଆପଣଙ୍କ ସହିତ ରହିବ। ଆୟର ନୂତନ ଉତ୍ସ ଉତ୍ପନ୍ନ ହୋଇପାରେ। ଅଫିସ୍ କାର୍ଯ୍ୟ ସବୁଦିନ ଅପେକ୍ଷା ଆଜି ଭଲ ହେବ। ଜୀବନ ସାଥୀଙ୍କ ପୂର୍ଣ୍ଣ ସମର୍ଥନ ପାଇବେ। ଏହା ଆପଣଙ୍କ ମନକୁ ଖୁସି କରିବ।




**ଧନୁ:** ଶାରୀରିକ ଭାବରେ ବ୍ୟସ୍ତ ରହିବେ। ଆପଣଙ୍କ କାମରୁ ପଛକୁ ଯାଆନ୍ତୁ ନାହିଁ । ଟଙ୍କା ରୋଜଗାର କରିବାର କିଛି ନୂତନ ଏବଂ ଭଲ ସୁଯୋଗ ମଧ ମିଳିପାରେ । ଆପଣଙ୍କର ଆତ୍ମବିଶ୍ୱାସ ଆଧାରରେ, ଅନ୍ୟମାନଙ୍କଠାରୁ ଭିନ୍ନ ପରିଚୟ ସୃଷ୍ଟି କରିବାରେ ସଫଳ ହୋଇପାରିବ। ଆୟ ବୃଦ୍ଧି ପାଇବ। ପିଲାମାନଙ୍କର ଅଗ୍ରଗତିରେ ଖୁସି ହେବେ । ଆପଣ ବ୍ୟବସାୟରେ ନୂତନ ଯୋଜନା କରିପାରିବେ। ଯାହା ଭବିଷ୍ୟତରେ ଆପଣଙ୍କ ପାଇଁ ଲାଭଦାୟକ ପ୍ରମାଣିତ ହୋଇପାରେ।



**ମକର:** କ୍ରନିକ୍ ରୋଗରେ କିଛି ଆରାମ ମିଳିପାରେ। ଅନେକ ଦିନ ଧରି ବନ୍ଦ ହୋଇଯାଇଥିବା କାର୍ଯ୍ୟଗୁଡ଼ିକ ମଧ ସଂପୂର୍ଣ୍ଣ ହୋଇପାରିବ। ପାରିବାରିକ ସମ୍ପର୍କ ଆନ୍ତରିକ ହେବ। ଚିନ୍ତା ସମାପ୍ତ ହୋଇପାରିବ। ଦିନଟି ଆପଣଙ୍କ ପାଇଁ ଉତ୍ସାହଜନକ ଏବଂ ମନୋରଞ୍ଜନ ଜାରି ରହିବ। ବିବାହିତ ଲୋକମାନେ ସୁଖ ପାଇପାରିବେ।



**କୁମ୍ଭ:** ଆପଣ ଆଜି ଧୈର୍ଯ୍ୟବାନ ହେବା ଉଚିତ୍। ଟଙ୍କା କ୍ଷେତ୍ରରେ କ୍ଷତି ହୋଇପାରେ। କିଛି ଆଇନଗତ ପ୍ରସଙ୍ଗରେ ଆପଣ ଜଡିତ ହୋଇପାରନ୍ତି। ସମୟର ଯତ୍ନ ନିଅନ୍ତୁ। କିଛି ବିଶେଷ କାର୍ଯ୍ୟ ପାଇଁ ଆପଣଙ୍କୁ ବହୁତ କଠିନ ପରିଶ୍ରମ କରିବାକୁ ପଡିପାରେ। ଆପଣ ମଧ କୈଣସି ଆକସ୍ମିକ ଘଟଣାରେ ତୁରନ୍ତ ନିଷ୍ପତ୍ତି ନେବା ଠାରୁ ଦୂରେଇ ରହିବା ଉଚିତ୍।



**ମୀନ:** ଆପଣଙ୍କୁ ଦେଖା କରୁଥିବା ଲୋକମାନେ ଆପଣଙ୍କୁ କିଛି ନୂଆ ଚେଷ୍ଟା କରିବାକୁ ପ୍ରେରଣା ଦେଇପାରିବେ। ଏହି ସମୟରେ କରାଯାଇଥିବା ପ୍ରୟାସ ସଫଳ ହେବାର ସମ୍ଭାବନା ଅଧିକ। ବୋଧହୁଏ ଆପଣ ଅତିରିକ୍ତ ଦାୟିତ୍ୱ ପାଇବେ କିମ୍ବା ସାମ୍ପ୍ରତିକ ଚାକିରିରେ କାମ କରିବ। ଆପଣଙ୍କର ଆୟ ବଢିବାର ସମ୍ଭାବନା ମଧ ଅଧିକ। ଆପଣଙ୍କର ମନ ଭଲ କାମ କରିବ।



ଶ୍ରୀପତି ଗୁରୁ

ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ବୌଦ୍ଧ(ଭାସ୍କର ନ୍ୟୁଜ): ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ମଥୁରା ଚମ୍ପାପୁର ଛକରେ ମାହେଶ୍ୱରୀ ଗୋଶାଳାର ଅଧକ୍ଷ ନିର୍ଗୁଣ ମହାକୁଡ଼ଙ୍କ ଉଦ୍ୟମରେ ମାହେଶ୍ୱରୀ ପଞ୍ଚଗବ୍ୟ ଓ ସ୍ୱଦେଶୀ ବିକ୍ରୟ କେନ୍ଦ୍ର ଶୁଭ ଉଦଘାଟିତ ହୋଇଯାଇଛି। ଏହି ଅବସରରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପଶ୍ଚିମ ଓଡିଶା ଗୋସେବା ପ୍ରମୁଖ ଲକ୍ଷ୍ମଣ ନାଏକ, ବୌଦ୍ଧ ଜିଲ୍ଲା ସଂଘ ଚାଳକ ସୂର୍ଯ୍ୟକାନ୍ତ ଦଳବେହେରା, ପୂର୍ବତନ କୃଷି ଅଧିକାରୀ ତଥା ବିଜେପି ପଛୁଆବର୍ଗ ମୋର୍ଚ୍ଚା ଜିଲ୍ଲା ସଭାପତି ପୂର୍ଣ୍ଣଚନ୍ଦ୍ର ଗାଇଗୌରିଆ,ମଥୁରା ସରପଞ୍ଚ ପ୍ରଦୀପ କୁମାର କହଁର, ମଥୁରା ସେବା ସମବାୟ ସମିତି ସଭାପତି ବିନୟ ମେହେର, ମାହେଶ୍ୱରୀ ଗୋଶାଳା ସମ୍ପାଦକ କୃତ୍ତିବାସ ପଳିଆ, ବୌଦ୍ଧ ଜିଲ୍ଲା ଧାର୍ମିକ ଓ ସାଂସ୍କୃତିକ ସେବା ସଂଘ ସମ୍ପାଦକ ଅରୁଣ କୁମାର ମେଣ୍ଡିଲି,ପଙ୍କୁଆଲ ଗ୍ରାମ କମିଟି ସଭାପତି ବିଜୟ ପାତ୍ର ପ୍ରମୁଖ ଯୋଗଦେଇ ଉଦଘାଟନ କରିଥିଲେ। ଏଠାରେ ମାହେଶ୍ୱରୀ ଗୋଶାଳାରୁ ଉତ୍ପାଦିତ ପଞ୍ଚଗବ୍ୟ ସାମଗ୍ରୀ ଓ ଅଞ୍ଚଳର କୃଷକ ଓ ସ୍ୱୟଂ ସହାୟକ ମହିଳାମାନଙ୍କ ଉତ୍ପାଦିତ ଓ ପ୍ରକ୍ରିୟାକୃତ ସ୍ୱଦେଶୀ ହାତ ତିଆରି ସାମଗ୍ରୀ ଉପଲବ୍ଧ ହେବ। ଏଠାରେ ଆୟୁର୍ବେଦ, ପଞ୍ଚଗବ୍ୟ, ଜୈବିକ ସାମଗ୍ରୀ ଉପଲବ୍ଧ ହେବା ସଙ୍ଗେ ସଙ୍ଗେ ପ୍ରତ୍ୟେକ ମାସରେ ଅଭିଜ୍ଞ ଆୟୁର୍ବେଦ ଚିକିତ୍ସକ, କବିରାଜ, ବୈଦ୍ୟମାନଙ୍କ ଦ୍ୱାରା ଚିକିତ୍ସା ଶିବିର ଆୟୋଜନ କରାଯିବ ବୋଲି ଶ୍ରୀ ମହାକୁଡ଼ ପ୍ରକାଶ କରିଛନ୍ତି । ପ୍ରତ୍ୟେକ ଦିନ କଂସା ଥେରାପି ମାଧ୍ୟମରେ ଦେହରୁ ବର୍ଜ୍ୟବସ୍ତୁ ବାହାର କରାଯିବ ଓ ସମସ୍ତ ରୋଗ ଉପଶମ ନିମନ୍ତେ ବିଭିନ୍ନ ଜଡିବୁଟି ଦ୍ୱାରା ପ୍ରସ୍ତୁତ କରି କାଢ଼ା ବିକ୍ରୟ କରିବା ସହିତ ଉତ୍ତମ ସ୍ୱାସ୍ଥ୍ୟ ନିମନ୍ତେ ପରାମର୍ଶ ଦିଆଯିବ ।



ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ନଦେବା ଘଟଣା ।।।।।।।।

# ୫୬ ବିଦ୍ୟାଳୟଙ୍କୁ କାରଣ ଦର୍ଶାଅ ନୋଟିସ ଜାରି

ବୌଦ୍ଧ(ଭାସ୍କର ନ୍ୟୁଜ): ସ୍ୱାଧୀନତା ଦିବସରେ ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନ ଭୋଜନ ନ ଦେବା ମହଙ୍ଗା ପଡିଲା। ଜିଲ୍ଲା ଶିକ୍ଷାଅଧିକାରୀ ବୌଦ୍ଧ ଜିଲ୍ଲାର ୫୬ଟି ସ୍କୁଲକୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ଏନେଇ ବୌଦ୍ଧ ଶିକ୍ଷା ବିଭାଗର ସମସ୍ତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ମହଲ ରେ କୋକୁଆ ଭୟ ଦେଖିବାକୁ ମିଳିଛି। ଏକାବେଳେ ୫୬ଟି ବିଦ୍ୟାଳୟକୁ ଜାରି ହୋଇଛି କାରଣ ଦର୍ଶାଅ ନୋଟିସ । ଜିଲ୍ଲାର ତିନୋଟି ବ୍ଲକର ଗୋଷ୍ଠୀ ଶିକ୍ଷାଅଧିକାରୀଙ୍କୁ ନୋଟିସ ଜାରି କରିଛନ୍ତି ଜିଲ୍ଲା ଶିକ୍ଷା ଅଧିକାରୀ । ବୌଦ୍ଧ ବ୍ଲକର ୧୫ଟି ଓ କଣ୍ଟାମାଳ ବ୍ଲକର ୮ଟି , ହରଭଙ୍ଗା ବ୍ଲକର ୩୩ଟି ସ୍କୁଲକୁ ଜାରି ହୋଇଛି ନୋଟିସ । ସାତଦିନ ମଧ୍ୟରେ SMC କମିଟି ଆଗରେ ଅଗଷ୍ଟ ୧୫ତାରିଖର ମଧ୍ୟାହ୍ନ ଭୋଜନ ଛାତ୍ରଛାତ୍ରୀଙ୍କୁ ଦେବା ସହ ପ୍ରମାଣ ସ୍ୱରୂପ ଫଟୋ ଭିଡିଓ ସହ ଉତ୍ତର ଦାଖଲ ପାଇଁ ନିର୍ଦ୍ଦେଶ ଦିଆଯାଇଛି । ସୂଚନାମୁତାବକ ଅବଜର୍ଭେଶନ ଡେ ରେ ଛାତ୍ର ଛାତ୍ରୀଙ୍କୁ ସ୍କୁଲରେ ମଧ୍ୟାହ୍ନଭୋଜନ ଦିଆଯିବ ବୋଲି ଶିକ୍ଷାବିଭାଗ ପକ୍ଷରୁ କଡା ନିର୍ଦ୍ଦେଶ ରହିଥିଲା । ସ୍ୱାଧୀନତା ଦିବସ ପୂର୍ବଦିନ ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ନୋଡାଲ ଅଫିସର ଚିଠି କରିଥିଲେଯେ ସ୍ୱାଧୀନତା ଦିବସ ରେ ସ୍କୁଲରେ ରନ୍ଧା ହେବ ମଧ୍ୟାହ୍ନ ଭୋଜନ । କିନ୍ତୁ ହରଭଙ୍ଗା, ବୌଦ୍ଧ ଓ କଣ୍ଟାମାଳ ବ୍ଲକ ର ବିଭିନ୍ନ ବିଦ୍ୟାଳୟ ରେ ମଧ୍ୟାହ୍ନ ଭୋଜନ ଦିଆ ନଯାଇଥିବା ନେଇ ଗଣ ମାଧ୍ୟମରେ ଖବର ପ୍ରସାରଣ ହୋଇଥିଲା ଏହି ଖବର ପ୍ରସାରଣ ପରେ ବୌଦ୍ଧ ଜିଲ୍ଲା ଶିକ୍ଷା ଅଧିକାରୀ ଜିଲ୍ଲାର ତିନିଗୋଟି ବ୍ଲକର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ତଦନ୍ତ ରିପୋର୍ଟ ମାଗିଥିଲେ। ତଦନ୍ତ ରିପୋର୍ଟକୁ ଭିତ୍ତି କରି ଜିଲ୍ଲା ଶିକ୍ଷା ଅଧିକାରୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି । ବୌଦ୍ଧ ଜିଲ୍ଲାର ୩ଟି ବ୍ଲକର ୫୬ ଟି ସ୍କୁଲ କୁ ଜାରି ହୋଇଛି କାରଣ ଦର୍ଶାଅ ନୋଟିସ। ୭ଦିନ ମଧ୍ୟରେ ସ୍କୁଲ ଗୁଡିକ ଉତ୍ତର ରଖିବା ସହ SMC କମିଟି ଆଗରେ ୧୫ତାରିଖର ଖାଦ୍ୟ ଛାତ୍ରଛାତ୍ରୀଙ୍କୁ ପ୍ରଦାନ କରିବା ସହ ଫଟୋ ଭିଡିଓ ଦାଖଲ ପାଇଁ ନିର୍ଦ୍ଦେଶ ହୋଇଛି । ଏଥିରେ ଖିଲାପ ହେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲ୍ଲା ଶିକ୍ଷା ଅଧିକାରୀ ଟେମ ଲାଲ ଦୁବେ ସୂଚନା ଦେଇଛନ୍ତି ।

# ୬୦୦ ବ୍ୟାଗ୍ ୟୁରିଆ ସାରକୁ ନେବା ପାଇଁ ୫ ହଜାର ଚାଷୀ

♦ ୟୁରିଆ ସାର ପାଇଁ ଚାଷୀଙ୍କ ମଧ୍ୟରେ ହାହାକାର

♦ ପୋଲିସ ଉପସ୍ଥିତିରେ ମଧ ହୋଇପାରିଲାନାହିଁ ବଣ୍ଟା



ଉମରକୋଟ(ଭାସ୍କର ନ୍ୟୁଜ): ବହୁତ ଦିନ ହେଲା ନବରଙ୍ଗପୁର ଜିଲ୍ଲାର ଉମରକୋଟ ବ୍ଲକରେ ୟୁରିଆ ସାରର ଘୋର ଅଭାବ ଦେଖାଯାଇଛି। ସାର ନ ମିଳୁଥିବାରୁ ଚାଷୀ କ୍ୱିଣ୍ଟାଲ ୫୫୦ ଟଙ୍କ। ୟୁରିଆ ସାରକୁ ୧୮୦୦ ରୁ ୨୦୦୦ ଟଙ୍କାରେ କଳା ବେପାରୀଙ୍କ ଠାରୁ କିଣିବା ପାଇଁ ବାଧ ହେଉଛନ୍ତି। ବର୍ତ୍ତମାନ ଭଲ ବର୍ଷା। ହେବା ସହ ଶେଷ ଡୋଜ ୟୁରିଆ ସାର ଧାନ ଓ ମକା ଗଛରେ ଏବେ ଯଦି ନ ଦିଆଯାଏ ତେବେ ଧାନ ଓ ମକା ଅମଳ ବହୁ ମାତ୍ରାରେ କମିଯିବ ବୋଲି ଚାଷୀ ଆଶଙ୍କା କଲେଣି। ଅନ୍ୟ ପକ୍ଷରେ ଜିଲ୍ଲା କୃଷି ବିଭାଗ ଚାଷୀଙ୍କୁ ସାର ପ୍ରଦାନରେ ସମ୍ପୂର୍ଣ୍ଣ ଭାବେ ବିଫଳ ହେଇଛନ୍ତି। ୨ ଦିନ ତଳେ ୩ ଟି ଟ୍ରକରେ ୧୭୦୦ କ୍ୱିଣ୍ଟାଲ ୟୁରିଆ ସାର ଉମରକୋଟରେ ପହଞ୍ଚିଲା। କୃଷି ବିଭାଗ ଉମରକୋଟ ଲେମ୍ପକୁ ୬୦୦ ବ୍ୟାଗ ୟୁରିଆ ସାର ପ୍ରଦାନ କରିଥିଲେ। ପୋଲିସ ଓ କୃଷି ବିଭାଗ କର୍ମଚାରୀଙ୍କ ଉପସ୍ଥିତିରେ ସାର ବଣ୍ଟନ କାର୍ଯ୍ୟ ଆରମ୍ଭ ହେଇଥିଲା। ତେବେ ସକାଳୁ ପ୍ରାୟ ୧୫୦୦ ଚାଷୀ ପହଞ୍ଚି ଯାଇଥିଲେ ସାର ନେବା ପାଇଁ। ସାର ନେବା ପାଇଁ ଚାଷୀମାନେ ଧାଡ଼ିରେ ମଧ ଠିଆ ହେଇଥିଲେ। ଆଜି ପ୍ରତ୍ୟେକ ଚାଷୀଙ୍କୁ ଗୋଟାଏ ବ୍ୟାଗ ସାର ପ୍ରଦାନ କରାଯିବାକୁ ନିଷ୍ପତ୍ତି ହୋଇଥିଲା । ବାକି ୯୦୦ ଚାଷୀ ଯେଉଁମାନେ ଆଜି ସାର ନ ପାଆନ୍ତି ସେମାନଙ୍କୁ ଟୋକେନ ଦିଆଯିବାକୁ ନିଷ୍ପତ୍ତି ହୋଇଥିଲା। ସେମାନଙ୍କୁ ପୁଣି ସାର ଆସିଲେ ଆଉ ଧାଡ଼ିରେ ଠିଆ ହେବାକୁ ପଡ଼ିବ ନାହିଁ ବୋଲି କୁହାଯାଇଥିଲା।ତେବେ ମାତ୍ର ୪ ଜଣ ଚାଷୀଙ୍କୁ ୪ବ୍ୟାଗ ୟୁରିଆ ସାର ଦିଆ ସରିଥିବାବେଳେ ପ୍ରାୟ ୩ ହଜାରରୁ ଉର୍ଦ୍ଧ୍ୱ ଚାଷୀ ହଠାତ ଲେମ୍ପ ପରିସର ମଧ୍ୟରେ ପ୍ରବେଶ କରିଥିଲେ। ପୋଲିସକୁ ମଧ ମାନିଲେ ନାହି। ସାର ନେବା ପାଇଁ ଆରମ୍ଭ ହେଲା ପ୍ରତିଯୋଗିତା। ଶେଷରେ ନିରୁପାୟ ହେଇ ଲେମ୍ପ ବାଣ୍ଟିବା ବନ୍ଦ କରିଥିଲା। ପର୍ଯ୍ୟାପ୍ତ ପରିମାଣରେ ୟୁରିଆ ସାର ନ ଆସିବା ପର୍ଯ୍ୟନ୍ତ ସାର ବଣ୍ଟନ କରାଯିବ ନାହିଁ ବୋଲି କହିଥିଲେ ଉମରକୋଟ ଲେମ୍ପ ନିର୍ଦ୍ଦେଶକ ଅସିତ ରୟ। ଅପରପକ୍ଷରେ କୃଷି ବିଭାଗ ଅବହେଳା ମନୋଭାବ ଯୋଗୁ ଅଞ୍ଚଳରେ ଚାଷୀ ସାର ନ ପାଇ କଳା ବେପାରୀଙ୍କ ଠାରୁ କିଣିବା ପାଇଁ ବାଧ ହେଉଛନ୍ତି। ଯଦି ସାର ଅଭାବ ରୁ ଧାନ କିମ୍ବା ମକା ଫସଲ ନଷ୍ଟ ହୁଏ ସେଥିପାଇଁ କୃଷି ବିଭାଗ ଦାୟୀ ରହିବ ବୋଲି ପୂର୍ବତନ ପାଣି ପଞ୍ଚାୟତ ସଭାପତି ତଥା ବିଶିଷ୍ଟ ଚାଷୀ ସନ୍ତୋଷ ସୂତ୍ରଧାର କହିବା ସହ ନବରଙ୍ଗପୁର ଜିଲ୍ଲାପାଳ ତୁରନ୍ତ ଏଥିରେ ହସ୍ତକ୍ଷେପ କରି ସାର ଆଣିବା ବ୍ୟବସ୍ଥା କରନ୍ତୁ ବୋଲି ମଧ ସୂତ୍ରଧାର ଜିଲ୍ଲାପାଳଙ୍କୁ ଅନୁରୋଧ କରିଛନ୍ତି।

# ସ୍ୱାଭିମାନ ଅଞ୍ଚଳରେ ବିକାଶ ଠପ୍




ମାଲକାନଗିରି/ଚିତ୍ରକୋଣ୍ଡା(ଭାସ୍କର ନ୍ୟୁଜ): ଓଡ଼ିଶାର ବିକାଶ ଧାରାକୁ ଆଗକୁ ବଢାଇବାକୁ ଡବଲ ଇଂଜିନ ସରକାର ତତ୍ପର ଥିବାବେଳେ କେତେକ ଅଂଚଳରେ ସରକାରୀ ବାବୁମାନେ ଏଥିରେ ବାଧକ ସାଜୁଛନ୍ତି। ବିଶେଷ କରି ମାଲକାନଗିରି ଜିଲ୍ଲାର ଦୁର୍ଗମ ଅଂଚଳଗୁଡିକୁ ପଂଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ପାଦ ପଡୁନି । ଫଳରେ ଦୁର୍ଗମ ପଂଚାୟତ ଗୁଡ଼ିକରେ ଉନ୍ନୟନ ମୂଳକ କାମ ଠପ ହୋଇପଡିଛି ବୋଲି ଲୋକେ ଅଭିଯୋଗ କରୁଛନ୍ତି । ବିଶେଷ କରି ଚିତ୍ରକୋଣ୍ଡା ବ୍ଲକର ସ୍ୱାଭିମାନ ଅଂଚଳ ବିକାଶଧାରାରୁ ଏକପ୍ରକାର ବାଦ୍ ପଡିଥିବା ବେଳେ ସେଠାରେ ଜନଆନ୍ଦୋଳନ ମୁଣ୍ଡ ଟେକୁଥିବା ଜଣାପଡିଛି । ସୂଚନା ଅନୁସାରେ, ଚିତ୍ରକୋଣ୍ଡା ବ୍ଲକର ସ୍ୱାଭିମାନ ଅଂଚଳରେ ପେପରମେଟଲା, ପଣସପୁଟ, ବଡ଼ପଦର, ବଡ଼ପଡ଼ା, ଯୋଡ଼ାମ୍ବ, ଅସ୍ରାପାଲୀ, ରାଲଗେଡ଼ା, ଗାଜଲ ମାମୁଡ଼ି, ଯନ୍ତ୍ରୀ, ଧୂଳିପୁଟ ପଂଚାୟତ ରହିଛି । ଏହି ପଂଚାୟତ ଗୁଡ଼ିକୁ ପିଇଓମାନେ ମାସମାସ ଧରି ଯାଉନାହାନ୍ତି। ତେଣୁ କୌଣସି ହିତାଧିକାରୀ ପଂଚାୟତ କାର୍ଯ୍ୟାଳୟକୁ ଆସିଲେ ତାଲା ଝୁଲି ରହୁଥିବା ଦେଖି ନିରାଶ ହୋଇ ଫେରିଥିବା ଅଭିଯୋଗ ହୋଇଛି । ସରପଞ୍ଚମାନେ କେବଳ ନାମକୁ ମାତ୍ର ରହିଛନ୍ତି । କେବଳ ବ୍ଲକ କାର୍ଯ୍ୟାଳୟରେ ବସି ସମସ୍ତ କାମ କାଗଜ କଲମରେ ଚାଲିଛି ବୋଲି ଅଭିଯୋଗ ହେଉଛି । ଅଧିକାରୀମାନେ ମାସକୁ ଥରେ ନଚେତ ଦୁଇମାସକୁ ଥରେ ଯାଇ ଭତ୍ତା ବଣ୍ଟନ କରି ଚାଲିଆସୁଛନ୍ତି । ବିକାଶ କାର୍ଯ୍ୟରେ ସରପଞ୍ଚମାନଙ୍କୁ ବି ଗୁରୁତ୍ୱ ଦିଆଯାଉ ନାହିଁ। ସେହିପରି ପଞ୍ଚାୟତର ଆକାଉଣ୍ଟାଣ୍ଟ ମାନଙ୍କୁ ମଧ କୌଣସି କାର୍ଯ୍ୟ ପ୍ରଦାନ କରାଯାଉନାହିଁ । ପଞ୍ଚାୟତରେ ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ବହୁତ କାମ ଚାଲିଥିବାବେଳେ କେବଳ କାଗଜ କଲମରେ ହେଉଛି । ପିଡିଏସ୍ ଚାଉଳ ବଣ୍ଟନ, ଭତ୍ତା ବଣ୍ଟନ, ଆବାସ ଗୃହ ପ୍ରଦାନ ଏସବୁ କାମ କେବଳ ନାମକୁ ମାତ୍ର ଚାଲିଛି । କୌଣସି ସରାକରୀ ବାବୁଙ୍କ ଗସ୍ତ କାର୍ଯ୍ୟକ୍ରମ ରହିଲେ ତରବରିଆ ଭାବେ ତଦାରଖ କରି ଚାଲିଯାଆନ୍ତି । ପଂଚାୟତରେ କିପରି ବିକାଶ ମୂଳକ କାର୍ଯ୍ୟ ହେଉଛି ତାହାର ତଦାରଖ ହେଉନଥିବା ଅଂଚଳବାସୀ ଅଭିଯୋଗ କରିଛନ୍ତି । ସରକାର ସ୍ୱାଭିମାନ ଅଞ୍ଚଳର ବିକାଶକୁ ନେଇ ଡିଣ୍ଡିମ ପିଟୁଛନ୍ତି । କିନ୍ତୁ ବାସ୍ତବରେ ଆଜି ବି ମୌଳିକ ସୁବିଧା ଅପହଞ୍ଚ ହୋଇ ରହିଛି । ଏଥିପ୍ରତି ବ୍ଲକ ପ୍ରଶାସନ ଓ ଜିଲ୍ଲା ପ୍ରଶାସନ ଦୃଷ୍ଟି ନଦେଲେ ଦୁର୍ଗମ ଅଞ୍ଚଳରେ ଥିବା ପଞ୍ଚାୟତବାସୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଧମକ ଦେଇଛନ୍ତି ।

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଗଜପତି ବିଜେପି ଟିମ୍



ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟିଲେ ଗଜପତି ଜିଲ୍ଲା ଭାରତୀୟ ଜନତା ପାର୍ଟିର କୋର୍ କମିଟି ଟିମ୍। ଗଜପତି ଜିଲ୍ଲା ପାରଳଖେମୁଣ୍ଡି ନିର୍ବାଚନ ମଣ୍ଡଳୀ ଓ ମୋହନା ନିର୍ବାଚନ ମଣ୍ଡଳୀ ସମସ୍ତ ମଣ୍ଡଳ ସଭାପତିମାନଙ୍କ ସମେତ ଜିଲ୍ଲା ସଭାପତି ନବ କିଶୋର ଶବର, ପୂର୍ବତନ ବିଧାୟକ ତଥା ଜିଲ୍ଲା ସଭାପତି କେ.ନାରାୟଣ ରାଓ ତଥା ମୋହନା ନିର୍ବାଚନ ମଣ୍ଡଳୀର ଦଳୀୟ ପ୍ରାର୍ଥୀ ପ୍ରଶାନ୍ତ ମଲ୍ଲିକ ଭୁବନେଶ୍ୱର ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଆବାସିକ କାର୍ଯ୍ୟାଳୟ ଠାରେ ସାକ୍ଷାତ କରି ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ରହିଥିବା ସମସ୍ୟା ନେଇ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇଥିଲେ। ତତ୍ ସଙ୍ଗେ ସଙ୍ଗେ ବିଗତ କିଛି ଦିନ ହେଲା ଜିଲ୍ଲା ରେ କିଛି ଦଳୀୟକର୍ମୀ ଦଳରେ ରହି ବିଶୃଙ୍ଖଳା ସୃଷ୍ଟି କରୁଥିବା ଯୋଗୁଁ ଜିଲ୍ଲା କୋର୍ କମିଟି ପକ୍ଷରୁ ନିଆଯାଇଥିବା ପଦକ୍ଷେପ ବିଷୟରେ ଅବଗତ କରାଇଥିଲେ। ଯାହାକୁ ମୁଖ୍ୟମନ୍ତ୍ରୀ ସଠିକ ସମୟରେ ସଠିକ୍ ପଦକ୍ଷେପ ନେଇ ସମ୍ମତି ପ୍ରକାଶ ସହ ଆଗାମୀ ଦିନରେ ଦଳକୁ ଅଧିକ ଶୃଙ୍ଖଳିତ ଭାବେ ସୁଦୃଢ଼ କରିବା ପାଇଁ ପ୍ରଚେଷ୍ଟା ଜାରି ରଖିବାକୁ ସମସ୍ତଙ୍କୁ ଉପଦେଶ ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ପରେ ସମସ୍ତ ଦଳୀୟ ନେତା ରାଜ୍ୟ କାର୍ଯ୍ୟାଳୟ ଠାରେ ସାଂଗଠନିକ ସମ୍ପାଦକ ମାନସ ନାହାନ୍ତି ଓ ସାଧାରଣ ସମ୍ପାଦକ ଶାରଦା ପ୍ରାସାଦ ଶତପଥୀଙ୍କୁ ମଧ ଦଳୀୟ କାର୍ଯ୍ୟକ୍ରମ ଓ ପଦକ୍ଷେପ ନେଇ ଅବଗତ କରାଇଥିଲେ। ଉଭୟେ ସମ୍ପାଦକ ସମସ୍ତ ଜିଲ୍ଲା ନେତାଙ୍କୁ ଶୁଭେଚ୍ଛା ଜଣାଇବା ସହ ନିଃସ୍ୱାର୍ଥପର ଭାବେ ଦଳ ପାଇଁ କାର୍ଯ୍ୟ କରିବାକୁ କହିଥିଲେ। ଏହି ଅବସରରେ ବିଭିନ୍ନ ମଣ୍ଡଳ ସଭାପତିଙ୍କ ସମେତ ବିଭିନ୍ନ ବ୍ଲକସ୍ତରୀୟ ନେତାଙ୍କ ସମେତ ଦଳୀୟ ପଦାଧିକାରୀ, କାର୍ଯ୍ୟକାରିଣୀ ସଦସ୍ୟ, ଯୁବମୋର୍ଚ୍ଚା ସଭାପତି, ସାଂସଦ ପ୍ରତିନିଧିମାନେ ଉପସ୍ଥିତ ଥିଲେ।

# ରାଜ୍ୟ ବିଜେପି ସଭାପତିଙ୍କ ଜିଲ୍ଲା ଗସ୍ତକୁ ନେଇ ପ୍ରସ୍ତୁତି ବୈଠକ

ବୌଦ୍ଧ(ଭାସ୍କର ନ୍ୟୁଜ): ବୌଦ୍ଧ ଜିଲ୍ଲା ବିଜେପି ପକ୍ଷରୁ ଜିଲ୍ଲା ବିଜେପି କାର୍ଯ୍ୟାଳୟ ଠାରେ ରାଜ୍ୟ ସଭାପତିଙ୍କ ଜିଲ୍ଲା ଗସ୍ତକୁ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି । ଜିଲ୍ଲା ବିଜେପି ସଭାପତି ପ୍ରେମାନନ୍ଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପୂର୍ବତନ ବିଧାୟକ ସଚ୍ଚିଦାନନ୍ଦ ଦଲାଲ, ପୂର୍ବତନ ଜିଲ୍ଲା ସଭାପତି ବିପ୍ର ଚରଣ ମହାନ୍ତି, ମାଗୁଣି ଚରଣ ଗାଇଗୌରୀଆ, ମନୋରଞ୍ଜନ ଦାଶ, ସୌମିତ୍ରୀ କୁମାର ନାଏକ, ଜିଲ୍ଲା ପରିଷଦ ସଦସ୍ୟ ରାକେଶ ତ୍ରିପାଠି, ନଗର ମଣ୍ଡଳ ସଭାପତି ଗଜେନ୍ଦ୍ର ସାହୁ, ବରିଷ୍ଠ ବିଜେପି ନେତା ସୂର୍ଯ୍ୟ ନାରାୟଣ ମହାପାତ୍ର, ସୁଶାନ୍ତ କୁମାର ବାଘ, ଅନୀଲ ପ୍ରଧାନଙ୍କ ସମେତ ବିଭିନ୍ନ ମଣ୍ଡଳର ସଭାପତି ଓ ବରିଷ୍ଠ କର୍ମକର୍ତ୍ତା ମାନେ ଯୋଗ ଦେଇଥିଲେ । ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଆସନ୍ତା ୨୫ ତାରିଖ ଦିନ ବୌଦ୍ଧ ଜିଲ୍ଲା ଗସ୍ତରେ ଆସିବାକୁ ଥିବାବେଳେ ତାଙ୍କର ବିଭିନ୍ନ କାର୍ଯ୍ୟକ୍ରମର ସଫଳ ଆୟୋଜନ ସମ୍ପର୍କରେ ଆଲୋଚନା କରାଯାଇଥିଲା ।

# ନୂତନ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ରାୟଗଡା(ଭାସ୍କର ନ୍ୟୁଜ): ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ମହାବିଦ୍ୟାଳୟରେ ନୂତନ ଭାବରେ ନାମ ଲେଖାଇଥିବା ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଛନ୍ତି ଅନୁଷ୍ଠାନର ବରିଷ୍ଠ ଛାତ୍ରଛାତ୍ରୀ। କାର୍ଯ୍ୟକ୍ରମ ଅନୁଷ୍ଠାନର ଅଧ୍ୟକ୍ଷ ଯୋଗେଶ୍ୱର ଗରଡ଼ାଙ୍କ ସଭାପତିତ୍ୱରେ ହୋଇଥିବାବେଳେ ନୂତନ କରି ନାମ ଲେଖାଇଥିବା ଛାତ୍ରଛାତ୍ରୀଙ୍କୁ ପୁଷ୍ପ ଚନ୍ଦନ ଦେଇ ବରିଷ୍ଠ ଛାତ୍ର ଛାତ୍ରୀ ସ୍ୱାଗତ କରିଥିଲେ। ସ୍ୱାଗତ ସଭାରେ ଦୀପ ପ୍ରଜ୍ଜ୍ୱଳନ ପରେ ଉପସ୍ଥିତ ଅଧାପିକା ଭବାନୀ ସାହୁ,ସରିତା ପାତ୍ର, ସଂଯୁକ୍ତା ଗରଡ଼ା,ବସୁଧା ଖସଲା ସୁନିତା ଗୌଡ଼, ବରୁଣ ନାୟକ,ହେମାନନ୍ଦ ବାଘ ସମୀ ମୁତୁରଙ୍ଗା ପ୍ରମୁଖ ମଞ୍ଚାସୀନ ହୋଇ ନୂତନ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ ସହ ଲକ୍ଷ୍ୟ ହାସଲ ଦିଗରେ ଅଗ୍ରସର ହେବାକୁ ଉପଦେଶ ଦେଇଥିଲେ। ସଭାର ପରବର୍ତ୍ତୀ ଭାଗରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଶେଷରେ ସରିତା ପାତ୍ର ସମସ୍ତ ଛାତ୍ରଛାତ୍ରୀଙ୍କୁ ଧନ୍ୟବାଦ ଦେବା ସହ ସଭା ସାଙ୍ଗ କରିଥିଲେ ।

# ତେଜିଲା ଏଫ୍ଆଇଆର୍ ରାଜନୀତି




ବୌଦ୍ଧ (ଭାସ୍କର ନ୍ୟୁଜ): ଗତ ମଇ ୩ ତାରିଖ ଦିନ ପୁରୁଣାକଟକକୁ ପୂର୍ବ ସରକାରଙ୍କ ଘୋଷଣା ମୁତାବିକ ଏନଏସି ଘୋଷଣା ଦାବିକରି ବିଜେଡ଼ି ସହର ପରିକ୍ରମା ସହ ସ୍ଥାନୀୟ ବିଧାୟକ ତଥା ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରିଥିଲା। ବିଜେପି ପକ୍ଷରୁ ମଣ୍ଡଳ ସଭାପତି ବିନୋଦ ପ୍ରଧାନ ବିଜେଡି ନେତା ଅବକାଶ ସାହୁ ରବିଚନ୍ଦ୍ର ପ୍ରଧାନ ଗରୁଡ଼ ପ୍ରଧାନ ପ୍ରତିଭା ସାହୁ ସ୍ଥାନୀୟ ସରପଞ୍ଚ ଅଶୋକ ସେଠି ଦିଲୀପ ସାହୁ ପ୍ରମୁଖ ଦଶଜଣ ବିଜେଡି ନେତାଙ୍କ ନାମରେ ପୁରୁଣାକଟକ ଥାନାରେ ମାମଲା ଦାୟର କରାଯାଇଥିଲା। ଏହାକୁ ବେଆଇନ ଓ ଅଗଣତାନ୍ତ୍ରିକ ଗଣତନ୍ତ୍ରରେ ପ୍ରତିବାଦରେ ଅଧିକାର ସମସ୍ତଙ୍କର ଅଛି ବୋଲି ବିଜେଡି ପକ୍ଷରୁ କୁହାଯାଇଛି। ବୌଦ୍ଧ ଆଦର୍ଶ ଥାନାରେ ବିଜେପି ପକ୍ଷରୁ ଗତ ୨୯ ଜୁଲାଇ ୨୦୨୫ ରିଖ ଦିନ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳନେତା ନବୀନ ପଟନାୟକଙ୍କ କୁଶପୁତ୍ତଳିକା ଦାହ ସହ ବିଭିନ୍ନ ଉତ୍ତେଜନାମୂଳକ ମନ୍ତବ୍ୟ ପ୍ରଦାନ ଏବଂ ଦୀର୍ଘ ସମୟ ଧରି ସ୍ଥାନୀୟ ବୌଦ୍ଧ ବାଘଗୁଡା ଛକ ଅବରୋଧ ନେଇ ବିଜେଡି ସରସରା ପଞ୍ଚାୟତ ସଭାପତି ଅସିତ ପ୍ରଧାନ ବିଜେପିର ୧୦ଜଣ ନେତୃତ୍ୱଙ୍କ ନାମରେ ଏକ ପାଲଟା ମାମଲା ଦାୟର କରିବା ସହ ଘଟଣାର ତଦନ୍ତ କରିବାକୁ ଦାବି କରିଛନ୍ତି। ତାଙ୍କ ସହ ବିଜେଡି ନେତା ଅବକାଶ ସାହୁ ଗରୁଡ଼ ପ୍ରଧାନ ବାସୁଦେବ ଦେହୁରୀ ମକରଧ୍ୱଜ ମେହେର କାର୍ତ୍ତିକ ବେହେରା ତେଜକୁମାର ଜଗଦଲା ପ୍ରମୁଖ ଯାଇ ପ୍ରଦାନ କରିଛନ୍ତି । ଏହି ଘଟଣା ବର୍ତ୍ତମାନ ସମଗ୍ର ଜିଲ୍ଲାରେ ଚର୍ଚ୍ଚାର ବିଷୟ ହୋଇଥିବାବେଳେ ବିଜେପି ବିଛାଇଥିବା ଜାଲରେ ନିଜେ ପଡ଼ି ଛଟପଟ ହେଉଛି ବୋଲି ଲୋକେ କହୁଥିବା ଶୁଣିବାକୁ ମିଳୁଛି । ଉଭୟ ପ୍ରମୁଖ ଦଳର ଏଫ୍ଆଇଆର ରାଜନୀତି ଆଗକୁ କେଉଁ ମୋଡ଼ ନେଉଛି ଦେଖିବାକୁ ବାକି ରହିଲା ।

# ବିଭିନ୍ନ ସାହିରେ ପାରମ୍ପରିକ ପୁରା ଉଆଁସ ପର୍ବ ପାଳିତ



ବୌଦ୍ଧ(ଭାସ୍କର ନ୍ୟୁଜ): ବୌଦ୍ଧ ସହରର ବିଭିନ୍ନ ସାହିରେ ପାରମ୍ପରିକ ପୁରା ଉଆଁସ ପର୍ବ ବାଳକ ଓ ବାଳିକା ମାନେ ହର୍ଷ ଓ ଉଲ୍ଲାସର ସହ ପାଳନ କରିଛନ୍ତି । ପ୍ରତ୍ୟେକ ସାହିରେ ବାଳକ ମାନେ ଏକାଠି ହୋଇ ମାଟି ଓ କାଠର ଚକ ଲଗା ହାତୀ ଘୋଡା ଟାଣି ଟାଣି ଖେଳିଥିବାବେଳେ ବାଳିକାମାନେ ଲିଆ ଉଖୁଡ଼ା ଭୋଗ ଓ ଭଜା ଚଣା ଧରି ଖେଳିବା ଦେଖିବାକୁ ମିଳିଥିଲା । ଉକ୍ତ ପରମ୍ପରା କେଉଁ ଆବହମାନ କାଳରୁ ବୌଦ୍ଧର ପ୍ରାଚୀନ ଗଡଜାତ ରାଜ୍ୟରେ ପ୍ରଚଳିତ ଥିବାବେଳେ ଆଧୁନିକତା ଓ ସହରୀ ଚାକଚକ୍ୟ ମଧ୍ୟରେ ଏବେ ସୁଦ୍ଧା ପୁରା ଉଆଁସ ପର୍ବ ପାଳନର ପରମ୍ପରା ବଞ୍ଚି ରହିଛି । ସହରର ସୁଦସାହି, ବୁଟୁପାଲି, ରାଜନ ପାଲି, କେଉଟ ସାହି, ଖଲିଆ ବଗିଚା, ମାଳୀ ସାହି, ବାପୁଜୀ ନଗର, ଖଲିଆ ବଗିଚା ଆଦି ସମସ୍ତ ସାହିରେ ଆଜି ପୁରା ଉଆଁସ ପାଳନ ହୋଇଥିବା ଦେଖିବାକୁ ମିଳିଛି । ବୌଦ୍ଧ ବ୍ଲକ ଅନ୍ତର୍ଗତ ଜହ୍ନାପଙ୍କ, ବଢ଼ିଗାଁ ଗ୍ରାମରେ ପାରମ୍ପରିକ ଶିଶୁ ପର୍ବ ପୁରା ଉଆଁସ ପାଳିତ ହୋଇ ଯାଇଛି କ୍ଷ ଆଜି ଭାଦ୍ରବ ମାସର ପବିତ୍ର ସପ୍ତପୁରୀ ଅମାବାସ୍ୟା ଅବସରରେ ବୌଦ୍ଧ ବ୍ଲକର ବିଭିନ୍ନ ଦେବାଦେବୀ ପୀଠରେ ପୂଜାର୍ଚ୍ଚନା ଅନୁଷ୍ଠିତ ହେବା ପରେ ଅପରାହ୍ନରେ ଗାଆଁ ଗାଆଁରେ ବାଳକ ବାଳିକାମାନେ ପୁରା ଉଆଁସ ପାଳନ କରିଛନ୍ତି । ଗ୍ରାମର ବାଳକ ମାନେ ମାଟି ଓ କାଠରେ ତିଆରି ଚକ ଲଗା ହାତୀ, ଘୋଡା, ହନୁମାନ ଓ ଷଣ୍ଢ କୁ ଦଉଡ଼ିରେ ଟାଣି ଟାଣି ଏକାଠି ଖେଳି ଥିବାବେଳେ ବାଳିକା ମାନେ ବାଉଁଶରେ ନିର୍ମିତ ଡାଲା ଓ କୁଲା ସହ ପୋଡା ମାଟି ନିର୍ମିତ କାଞ୍ଚି ଓ କୁଣ୍ଡୀରେ ଲିଆ ଉଖୁଡ଼ା ଓ ସାତ ପ୍ରକାର ଭଜା ଚଣା ଧରି ଗାଁ ମୁଣ୍ଡ ବରଗଛ, ମନ୍ଦିର ପ୍ରାଙ୍ଗଣରେ ଏକତ୍ରିତ ହୋଇ ଏସବୁ ସାମଗ୍ରୀ ଧରି ସାମାଜିକ ଜୀବନରେ ଭାବର ଆଦାନ ପ୍ରଦାନ କରି ଖେଳୁଥିବା ଦେଖିବାକୁ ମିଳିଥିଲା। ଲୋକେ କହନ୍ତି, ଏପରି କରିବା ଦ୍ୱାରା ଝିଅ ପିଲାମାନେ ଛୋଟ ସମୟରୁ ଘର କରଣା ସମ୍ପର୍କରେ ଜ୍ଞାନ ଆହରଣ କରିବା ସହ ଆଗାମୀ ଦିନରେ ଜଣେ ଉପଯୁକ୍ତ ଗୃହିଣୀ ହେବାର ପ୍ରେରଣା ପାଇଥାନ୍ତି ।ବ୍ଲକର ଜହ୍ନାପଙ୍କ, ବଢିଗାଁ, ନାରାୟଣ ନଗର, ଚନ୍ଦ୍ରପୁର, ଜଗତି, ଖୁଣ୍ଟବନ୍ଧ, ତେଲିବନ୍ଧ, କମିରା, ଗମ୍ଭାରୀପଦର ଓ ବଘିଆପଡା ସମେତ ବିଭିନ୍ନ ଗ୍ରାମରେ ପୁରା ଉଆଁସ ପର୍ବ ବାଳକ ବାଳିକା ମାନଙ୍କ ଦ୍ୱାରା ହର୍ଷ ଓ ଉଲ୍ଲାସର ସହ ପାଳିତ ହୋଇ ଯାଇଛି। ବଢ଼ିଗାଁରେ ମୁନା ପଣ୍ଡା ପୂଜା କାର୍ଯ୍ୟ କରିଥିବା ବେଳେ ବିଷ୍ଣୁ ବିଶି ସହଯୋଗ କରିଥିଲେ।

# ଗ୍ରାମପଞ୍ଚାୟତସ୍ତରୀୟ ବୈଠକ

ମାଲକାନଗିରି (ଭାସ୍କର ନ୍ୟୁଜ): ମାଲକାନଗିରି ବ୍ଲକ ତାଣ୍ଡିକି ଗ୍ରାମ ପଞ୍ଚାୟତ ସ୍ତରୀୟ ବୈଠକ ସମ୍ମିଳନୀ କକ୍ଷ ତଣ୍ଡିକି ଆନୁକୁଲ୍ୟ ରେ ଉମାକାନ୍ତ ଡଙ୍ଗିରିଙ୍କ ସଭାପତିତ୍ୱରେ ହୋଇଯାଇଛି। ୧୨ ଟି ପ୍ରାଥମିକ ଉଚ୍ଚ ପ୍ରାଥମିକ ଏବଂ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସମେତ ସମ୍ମାନନୀୟ ଅତିଥି ବିକାଶ କୁମାର ଗୁପ୍ତା ପରିମଳ fundation, District co- ordinator, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ତଣ୍ଡିକି ଦୟାନିଧି ନିମାଲ, ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ର ସଭାପତି ତଥା ବରିଷ୍ଠ ଶିକ୍ଷକ ତାରକ୍ ମଣ୍ଡଳ, ମୁଖ୍ୟ ଅତିଥି ବାବୁଲା ପଡ଼ିଆମି, ସରପଞ୍ଚ ଉପସ୍ଥିତ ଥିଲେ। ବିଦ୍ୟାଳୟ ପରିତ୍ୟାଗୀ ତଥା ଆଦୌ ନାମ ଲେଖାଇ ନଥିବା ଏବଂ ଅଧାରୁ ଛାଡ଼ିଥିବା ପିଲାଙ୍କୁ ନେଇ କିପରି ସେମାନଙ୍କୁ ମୁଖ୍ୟ ସ୍ରୋତ ରେ ସାମିଲ କରିବା ପାଇଁ ୧୨ ଟି ବିଦ୍ୟାଳୟର ପ୍ରଧାନଶିକ୍ଷକ ତଥା ଶିକ୍ଷୟିତ୍ରୀଙ୍କୁ ନେଇ ଚର୍ଚ୍ଚା ଏବଂ ଆଲୋଚନା ହୋଇଥିଲା। ବୈଠକ ର ପ୍ରାରମ୍ଭରେ ଶ୍ରୀ ପ୍ରଦୀପ କୁମାର ଦଳେଇ (ପ୍ରଧାନ ଶିକ୍ଷକ ଗୁଟୁମଗୁଡା ପ୍ରାଥମିକ ବିଦ୍ୟାଳୟ) ସ୍ୱାଗତ ସହ ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିଲେ। ତତ୍ପରେ ଉମାକାନ୍ତ ଡଙ୍ଗିରି ଉକ୍ତ ସଭା ରେ ସଭାପତିତ୍ୱ କରିଥିଲେ। ଶ୍ରୀ ଦୟାନିଧି ନିମାଲ୍ (PEO ତଣ୍ଡିକି) ଙ୍କର ଅଭିଭାଷଣ ଏବଂ ମତାମତ ସର୍ବ ପ୍ରଥମେ ଉପସ୍ଥାପନା ପରେ ମୁଖ୍ୟ ଅତିଥି ବାବୁଲା ପଡିଆମି, ସରପଞ୍ଚ ଅଭିଭାଷଣ ରେ କହିଥିଲେ ବିଦ୍ୟାଳୟରୁ ଦୂରେଇ ଅନ୍ୟ ପଥ ରେ ଛାତ୍ରଛାତ୍ରୀମାନେ ଯିବାର କାରଣ ଗୁଡ଼ିକ ଜଳନ୍ତ ଉଦାହରଣ ମାଧ୍ୟମରେ ଉପସ୍ଥାପନା କରି ପ୍ରତ୍ୟେକ ବିଦ୍ୟାଳୟ PTM ବୈଠକରେ ସରପଞ୍ଚ ହିସାବରେ ଲୋକଙ୍କୁ ସଚେତନ କରିବା ପାଇ ପରାମର୍ଶ ପ୍ରଦାନ କରିଥିଲେ। ଏଥିସହ ବିକାଶ କୁମାର ଗୁପ୍ତା ( District co-ordinator Piramal Fundation) ତାଙ୍କର ଅଭିଭାଷଣ ରେ ସେ drop out ପିଲାଙ୍କୁ ବିଦ୍ୟାଳୟ ଅଭିମୁଖି କରିବା ନିମନ୍ତେ ହେବାକୁ ଥିବା କାର୍ଯ୍ୟରେ ସମସ୍ତ ପ୍ରକାର ସହଯୋଗ କରିବା ପାଇଁ ପ୍ରତିଶ୍ରୁତି ପ୍ରଦାନ କରିଥିଲେ। ଗ୍ରାମ ପଞ୍ଚାୟତ ସ୍ତରୀୟ Drop out ପିଲାଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ପ୍ରଯ୍ୟାୟ କ୍ରମେ ଆସ ସ୍କୁଲ ଯିବା କମିଟି ଗଠନ କରିବା ପାଇଁ ନିମ୍ନଲିଖିତ ଶିକ୍ଷକ/ପ୍ରଧାନଶିକ୍ଷକ/ ତଥା ପଞ୍ଚାୟତର ସରପଞ୍ଚ/ କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ଅନ୍ୟାନ୍ୟ ବ୍ୟକ୍ତି ବୃନ୍ଦଙ୍କୁ ନେଇ କମିଟିର ସଭ୍ୟ ସଭ୍ୟା ଭାବରେ ଚୟନ କରାଯାଇଥିଲା। ଏହିଭଳି ବିଦ୍ୟାଳୟ Drop out ପିଲାଙ୍କୁ ଶିକ୍ଷାର ମୁଖ୍ୟସ୍ରୋତରେ ସାମିଲ ପାଇଁ ଗ୍ରାମ ପଞ୍ଚାୟତସ୍ତରୀୟ କମିଟି ଗଠନ ହୋଇଥିଲା।

# ଅପହଞ୍ଚ ଆଦିବାସୀ ଗାଁକୁ ବିକାଶ ପହଞ୍ଚିବ କେବେ ?



ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ): ଗଜପତି ଜିଲ୍ଲା ନୂଆଗଡ ବ୍ଲକ୍ ଖଜୁରିପଦା ପଞ୍ଚାୟତର ରାଜା ଆମ୍ବ, ମାଣିକପୁର ,ସର୍ଗସାହି-୧,ସର୍ଗଶାହି -୨,ରାଗିଡିଗୁମା, ଗମ୍ଭାରି ସାହି ଗ୍ରାମଗୁଡ଼ିକରେ ବିକାଶ ଅପହଞ୍ଚ । ଏଠି ବିକାଶ କହିଲେ ପଥୁରିଆ ଅଙ୍କାବଙ୍କା ଘାଟି ରାସ୍ତା । ନାହିଁ ୭/୮ ଖଣ୍ଡ ଗ୍ରାମବାସୀଙ୍କ ପାଇଁ ମୌଳିକ ସୁବିଧା । ପଞ୍ଚାୟତ ଠାରୁ ଦୀର୍ଘ ୭ କିଲୋମିଟର ପଥୁରିଆ ଘାଟି ରାସ୍ତାରେ ଅଟକିଛି ବିକାଶ । ରାସ୍ତା ନଥିବାରୁ ବିକାଶ ହୋଇପାରୁନି। ନା ପହଞ୍ଚି ପାରୁଛି ସରକାରଙ୍କ ଯୋଜନା ନା ପହଞ୍ଚି ପାରୁଛି ସ୍ୱାସ୍ଥ୍ୟ ସେବା । ଏପରିକି ଶାନ୍ତିରେ ବଞ୍ଚିବାକୁ ହେଲେ ଆଶ୍ରୟ ନେବାକୁ ନାହିଁ ପକ୍କା ଆବାସ ଘର । ଆବାସ ଘର ଖଣ୍ଡେ ପାଇଲେବି ଘୋଡ଼ା ଛ'କୁ ଦାନା ନ'ଟଙ୍କା। ସବୁ ସାମଗ୍ରୀ ଏହି ରାସ୍ତା ଦେଇ ପହଞ୍ଚି ପାରୁନି । ସ୍ୱାସ୍ଥ୍ୟ ସେବା କଥା ଯଦି କହିବା ପରିବାର ଓ ସମ୍ପର୍କୀୟଙ୍କ ଖାନ୍ଦ ଓ ଖଟିଆ ଭରଷା। ଜରୁରୀକାଳୀନ ସେବା କହିଲେ ଭଗବାନ ହିଁ ଭରସା । କଷ୍ଟେ ମଷ୍ଟେ ମୁଖ୍ୟ ରାସ୍ତା ଠାରୁ ଦୁଇ କିଲୋମିଟର ଯାଏ ୧୦୮ । ଆଉ ଆଗକୁ ଯାଏନି। ଯଦି ଶିକ୍ଷା କଥା କହିବା ତେବେ ଚାଲିଚାଲି ଗଲେ ସକାଳ ସାତରୁ ବାହାରିଲେ ଠିକ୍ ସମୟରେ ସ୍କୁଲରେ ପହଞ୍ଚିବ। ପୁଣି ସେଠାରୁ ବାହାରିଲେ ଘରେ ସନ୍ଧ୍ୟା। ଆଉ ଘରେ ପାଠପଢ଼ା ବନ୍ଦ । ବିପଦ ସଙ୍କୁଳ ଅବସ୍ଥାରେ ଭାଗ୍ୟକୁ ଆଦରି ଭାଗ୍ୟ ଗଢ଼ିବା ଦିଗରେ ଛାତ୍ର ଛାତ୍ରୀ ମାନେ ସତେ ଯେମିତି ବନ୍ଧା ।ଏହି ଅଞ୍ଚଳରେ ପାଖାପାଖି ୭ଖଣ୍ଡ ଗ୍ରାମର ୫୦୦ରୁ ଉର୍ଦ୍ଧ୍ୱ ପରିବାର ରହିଥିଲେ ମଧ କୌଣସି ଗ୍ରାମକୁ ପାନୀୟ ଜଳର ବ୍ୟବସ୍ଥା ପହଞ୍ଚିପାରୁନି । କୋଉଠି କଳଙ୍କି ଲାଗି ଗଲାଣି ତ କୋଉଠି ଷ୍ଟାଣ୍ଡପୋଷ୍ଟ ଭାଙ୍ଗି ପାଇପ ଫାଟିଛି । ତଥାପି ବସୁଧାରୁ ପାଣି ମୁନ୍ଦେ ପାଇ ପାରିନାହାନ୍ତି । ନାଳ ଚୁଆ ଏପରିକି ବିଲର ଝରଣା ପାଣି ପିଇ ନାନାଦି ରୋଗରେ ପଡୁଛନ୍ତି ଗ୍ରାମବାସୀ। ପ୍ରତିବର୍ଷ ଖଜୁରୀପଦା ପଞ୍ଚାୟତ ଅଧିକାରୀ ମାନେ କାଗଜପତ୍ର ଲକ୍ଷ ଲକ୍ଷ ଟଙ୍କାର ଗ୍ରାମର ଉନ୍ନତି ମୂଳକ କାମ ହେଉଥିବା ଦେଖାଇ ଅଧିକାରୀ ମାନେ ଲୁଟିବାରେ ଲାଗିପଡିଛନ୍ତି । ଏହି ପଞ୍ଚାୟତରେ ହେଉଥିବା ଉନ୍ନତି ମୂଳକ ଦୁର୍ନୀତି ବିଭାଗ ଦ୍ୱାରା ତଦନ୍ତ କରାଗଲେ ପଞ୍ଚାୟତ ହେଉଥିବା ଦୁର୍ନୀତି ପଦାକୁ ଆସିପାରନ୍ତା ବୋଲି କିଛଇ ସ୍ଥାନୀୟ ବାସିନ୍ଦା ଓ ବୁଦ୍ଧିଜୀବୀମାନେ କହିଛନ୍ତି । ବର୍ତ୍ତମାନ ସରକାର ବଦଳିଛି ସରକାରୀ ଢାଞ୍ଚା ବଦଳିଛି । ବଦଳିବା ବାକି ଅଛି ଦୁର୍ଗମ ଅଞ୍ଚଳର ରୂପରେଖ । ଆଶା ଅଛି ମୋହନ ସରକାର ଏସବୁ ଉପରେ ନିଶ୍ଚିତ ଭାବେ ଦୃଷ୍ଟି ଦେବେ। ତେଣୁ କେବେ ଓ କିପରି ବଦଳିବ ଅପହଞ୍ଚ ଆଦିବାସୀ ଅଞ୍ଚଳର ରୂପରେଖ ତାକୁ ହିଁ ଅପେକ୍ଷା କରି ବସିଛନ୍ତି ଅଞ୍ଚଳବାସୀ।



ବାଲିମେଳା(ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା ବାଲିମେଳା ନଗରରେ ଅବସ୍ଥିତ ଟାଉନ ହଲ ଠାରେ ପ୍ରଗତି ମହିଳା ମୋର୍ଚ୍ଚା ପକ୍ଷରୁ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ବାଲିମେଳା ଏନଏସି ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକ ଏବଂ ଚିତ୍ରକୋଣ୍ଡା ବ୍ଲକ ଶିକ୍ଷା ଅଧିକାରୀ ଗାୟତ୍ରୀ ଦେବୀ ଉଦଘାଟନ କରିଥିଲେ। ବାଲିମେଳା ସହରରେ ପ୍ରଥମ ପାଇଁ ମହିଳା ମାନେ ଏହି ଶିବିର ଆୟୋଜନ କରାଯାଇଥିଲା। ଶିବିରରେ ମହିଳା ମାନେ ଅତ୍ୟନ୍ତ ଖୁସିର ପରିଚାଳନା କରିଥିଲେ। ପ୍ରଗତି ମହିଳା ମୋର୍ଚ୍ଚାର ସଭାନେତ୍ରୀ ରେଣୁବାଳା ନାୟକ,ସମ୍ପାଦିକା ରୁପା ମହାନ୍ତି, ଯୁଗ୍ମ ସମ୍ପାଦିକା ମଧୁସ୍ମିତା ପାତ୍ର ଏବଂ ପର୍ଯ୍ୟବେକ୍ଷକ ରାଜ କୁମାରୀ ଜାରିକା ଓ ଅନ୍ୟ ସଦସ୍ୟ ମାନେ ସହାୟତା କରିଥିଲେ।ଏହି ଶିବିରରେ ମୋଟ ୨୫ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଶିବିରରେ ବାଲିମେଳା ଏନଏସି ଉପାଧ୍ୟାୟ ରଶ୍ମିତା ବାଙ୍କା,ବାଲିମେଳା ବନାଞ୍ଚଳ ଅଧିକାରୀ ଲିପିସ୍ମିତା କନହାର ଓ କାଉନସେଲର ମାନେ ପହଞ୍ଚି ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ। ଜିଲ୍ଲା ରକ୍ତ ଭଣ୍ଡାରର କର୍ମଚାରୀ ତ୍ରିନାଥ ପଣ୍ଡା, ଏନ ସୁଭର୍ଣ୍ଣ, ମୋହନ ଖେମୁଡୁ ଓ କୁନୁ ହଲବା ରକ୍ତ ସଂଗ୍ରହ କରିବାରେ ସାହାଯ୍ୟ କରିଥିଲେ।

## ବନ୍ୟାରେ ଧାମନଗର ବେହାଲ
# ବନ୍ୟାସ୍ଥିତି ଦେଖିଲେ ଜିଲ୍ଲାପାଳ





ଧାମନଗର (ଭାସ୍କର ନ୍ୟୁଜ): ଲଘୁଚାପ ଯୋଗୁଁ ଧାମନଗର ରେ ଏବେ ବନ୍ୟା ସ୍ଥିତି ସଙ୍ଗିନୀ ହୋଇଚି। ଗୋରୁ ଗାଈଙ୍କୁ ବାତ୍ୟା ଆଶ୍ରୟ ସ୍ଥଳ ଓ ସ୍କୁଲ ଘରେ ରଖିଛନ୍ତି। ସୁଚନା ଥାଉକି ମୌସୁମୀ ବାୟୁ ସକ୍ରିୟ ହେବାରୁ ପ୍ରବଳ ବର୍ଷା ଫଳରେ ବୈତରଣୀ ଓ ଏହାର ଶାଖା ନଦୀ କୋଚିଲା, ଗେଙ୍ଗୁଟି ରେ ବନ୍ୟା ଆସିଛି। ବୈତରଣୀ ନଦୀର କଣ୍ଟି ଘାଇ ଏସ କେପ ଯୋଗେ ପାଣି ଗାଁ ଭିତରକୁ ପଶିଛି। ଧାମନଗର ବ୍ଲକ ଆନନ୍ଦପୁର ପଞ୍ଚାୟତର ଉତ୍ତେଇପୁର ଠାରେ ଥିବା ମଲ୍ଲିମାହାରା, ସୋହଡ଼ା ପଞ୍ଚାୟତର ଗୌରାଙ୍ଗପୁର ଏସକେପ୍ ଯୋଗେ ବୈତରଣୀର ବନ୍ୟା ଜଳ ଜନବସତି ଭିତରକୁ ପ୍ରବେଶ କରିଛି। ମଲ୍ଲିମାହାରା ଓ ଗୌରାଙ୍ଗପୁର ଏସକେପ୍ ଯୋଗେ ପାଣି ପଶିବାରୁ ଖଡ଼ିପଦା, କରଦା ଓ ସୋହଡ଼ା ପଞ୍ଚାୟତ ଜଳାର୍ଣ୍ଣବ ହୋଇଛି। ଏହାସହ ଶହ ଶହ ଏକର ଜମି ପାଣିରେ ବୁଡ଼ି ରହିଛି। ପନିପରିବା ଚାଷ ବି ପାଣିରେ ବୁଡ଼ିଥିବାରୁ ନଷ୍ଟ ହେବା ଆଶଙ୍କା ରହିଛି। ସେପଟେ ପଧାନି ପଞ୍ଚାୟତର ସଇଲୋରେ କୋଚିଲା ନଦୀର ଦକ୍ଷିଣ ପାର୍ଶ୍ୱ ବନ୍ଧ ଧସି ଥିବାରୁ ଜଳ ସଂପଦ ବିଭାଗର କର୍ମଚାରୀ ଓ ସ୍ଥାନୀୟ ଲୋକେ ବାଉଁଶ, ବାଲିବସ୍ତା, ଟିଣ ଚଦର ଓ କାଠ ବଲା ଦେଇ ବନ୍ଧକୁ ସୁରକ୍ଷା ଦେଇଛନ୍ତି। ଅର୍ଜୁନପୁର ପଞ୍ଚାୟତ ସଇଲୋ ଠାରେ କୋଚିଲା ନଦୀରୁ ବଡ଼ ଘଳିଆ ପଡ଼ିଥିଲା। ତେବେ ତାକୁ ବାଲିବସ୍ତ ପକାଇ ତୁରନ୍ତ ମରାମତି କରାଯାଇଛି। ବନ୍ୟା ଯୋଗୁଁ ହସନାବାଦ ଓ ଅର୍ଜୁନପୁର ପଞ୍ଚାୟତରେ ସ୍ଥିତି ସଂଗୀନ ହେବାରେ ଲାଗିଛି। ହସନାବାଦ, ଗୋପବନ୍ଧୁନଗର, ଅସ୍ତକ, ବାଲିପାଟନା ଗାଁ ସଂପୂର୍ଣ୍ଣ ଜଳବନ୍ଦୀ ହୋଇଛି। ଲୋକଙ୍କ ଘର ଭିତରେ ପାଣି ପଶିଯିବାରୁ ଖୁବ ହିନସ୍ତା ହେଉଛନ୍ତି ଲୋକେ। ଆଖୁଆପଦାରେ ବୈତରଣୀ ଜଳସ୍ତର ୧୯ ମିଟର ଛୁଇଁ ନଥିଲେ ବି ହସନାବାଦ ବେହାଲ ହୋଇଛି। ରବିବାର ବୈତରଣୀର ଉପରମୁଣ୍ଡରେ ହାଟଡିହିରେ ୨.୫ ସେ.ମି, କେଉଁଝରରେ ୯.୨ ସେ.ମି, ପାଟଣାରେ ୫ ସେ.ମି, ଆନନ୍ଦପୁରରେ ୧ ସେ.ମି, ଚମ୍ପୁଆରେ ୫ ସେ.ମି ବର୍ଷା ହୋଇଥିବାବେଳେ ଯାଜପୁରର କୋରେଇରେ ୨ ସେଣ୍ଟିମିଟର ବର୍ଷା ହୋଇଛି। ଆନନ୍ଦପୁରର ବନ୍ୟା ଜଳ ଆସି ଆଖୁଆପଦାରେ ପହଞ୍ଚିବାକୁ ୪ ଘଣ୍ଟା ଲାଗିବାକୁ ଥିବାରୁ ସୋମବାର ଦିନ ଧାମନଗର ଅଞ୍ଚଳରେ ବଡ଼ ବନ୍ୟା ହେବାର ଆଶଙ୍କା ରହିଛି। ରବିବାର ଦିନ ଭଦ୍ରକ ଜିଲ୍ଲାପାଳ ଦିଲୀପ କୁମାର ରାଉତ ରାୟ,ଅତିରିକ୍ତ ଜିଲ୍ଲାପାଳ ସରୋଜ ଦତ, ଧାମନଗର ବିଡ଼ିଓ ବନବିହାରୀ ଦିନ୍ଦା ପ୍ରମୁଖ ଧାମନଗର ବନ୍ୟା ଅଞ୍ଚଳବୁଲି ଦେଖୁଛନ୍ତି। ତେବେ ତଳିଆ ଅଞ୍ଚଳ ଅଧିକ ବନ୍ୟା ପରିସ୍ଥିତି ସୃଷ୍ଟି ହେବାକୁ ଥିବାରୁ ଧାମନଗର ବ୍ଲକର ଅର୍ଜୁନପୁର ଓ ହସନାବାଦ ପଞ୍ଚାୟତ ର ସମସ୍ତ ଅଙ୍ଗନବାଡ଼ି ଓ ବିଦ୍ୟାଳୟକୁ ସୋମବାର ଓ ମଙ୍ଗଳବାର ଦୁଇ ଦିନ ବନ୍ଦ ପାଇଁ ଭଦ୍ରକ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସନ୍ଧ୍ୟାରେ ଜିଲ୍ଲାପାଳ ଧାମନଗର ପଞ୍ଚାୟତ ସମିତି ରେ ବନ୍ୟା ସମୀକ୍ଷା କରିଥିଲେ। ସମସ୍ତ ସରକାରୀ ଅଧିକାରୀମାନେ ବିଭିନ୍ନ ପଞ୍ଚାୟତ ରେ ରହିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

## ଦ୍ୱାଦଶ କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲ୍ ଛାୟା ଜାତିସଂଘ ଉଦ୍‌ଯାପିତ
# ଏକ ସ୍ଥାୟୀ ଭବିଷ୍ୟତ ପାଇଁ ଯୁବପିଢ଼ିଙ୍କୁ ସ୍ଥିରତା ବଜାୟ ରଖିବାକୁ ପଡିବ: ରାଜ୍ୟପାଳ



ଭୁବନେଶ୍ୱର (ଭାସ୍କର ନ୍ୟୁଜ): କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲ୍ ଛାୟା ଜାତିସଂଘର ଦ୍ୱାଦଶ ସଂସ୍କରଣ ରବିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଶା ରାଜ୍ୟପାଳ ଡ. ହରି ବାବୁ କମ୍ଭମପତି କହିଲେ, ଆଜିର ବିଶ୍ୱରେ ସ୍ଥିରତା ସଙ୍କଟ ଦେଖା ଦେଇଥିବା ବଳେ ନବସର୍ଜନା ଓ ସାମୂହିକ ପ୍ରୟାସ ଫଳରେ ଏହି ସଙ୍କଟର ସମାଧାନ ହୋଇପାରିବ। ଏବେ ଆମେ ପାରସ୍ପରିକ ସହବସ୍ଥାନ ମଧ୍ୟରେ ବାସ କରୁଛୁ। ତେବେ ଜଳବାୟୁ ପରିବର୍ତ୍ତନ, ଦାରିଦ୍ର୍ୟ, ମହାମାରୀ, ଲିଙ୍ଗଗତ ସମାନତା, ଡିଜିଟାଲ ପରିବର୍ତନ ଏବଂ ଆଂଚଳିକ ସଂଘର୍ଷ ଆଦି ଏବେ ଚ୍ୟାଲେଞ୍ଜ ଭାବେ ଉଭା ହୋଇଛି। ତଥାପି ନବସର୍ଜନା, ସ୍ଥାୟୀ ବିକାଶ ଏବଂ ସାଂସ୍କୃତିକ ଆଦାନପ୍ରଦାନ କ୍ଷେତ୍ରରେ ଅପାର ସୁଯୋଗ ରହିଛି ବୋଲି ସେ କହିଥିଲେ। ନେତୃତ୍ୱକୁ କ୍ଷମତାର ମାଧ୍ୟମ ରୂପେ ବ୍ୟବହାର କରିବା ପରିବର୍ତ୍ତେ ଏହାକୁ ସେବାର କର୍ତବ୍ୟ ଏବଂ ସହଯୋଗର ମାଧ୍ୟମ ଭାବେ ଆପଣାଇବାକୁ ସେ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ଗୋଟିଏ ରାଷ୍ଟ୍ରର ପ୍ରକୃତ ଶକ୍ତି ଆଧିପତ୍ୟରେ ନୁହେଁ ସହଯୋଗରେ ନିହିତ ରହିଛି ବୋଲି ରାଜ୍ୟପାଳ କହିଥିଲେ। ନିଜର ବ୍ୟକ୍ତିଗତ ଅନୁଭୂତି ନେଇ ସେ କହିଲେ, ଜାତିସଂଘରେ ଭାରତକୁ ପ୍ରତିନିଧିତ୍ୱ କରିବା ତାଙ୍କର ଜୀବନବ୍ୟାପୀ ସ୍ୱପ୍ନ ଥିଲା, କିନ୍ତୁ ସେହି ସ୍ୱପ୍ନ ପୂରଣ ହୋଇପାରିନାହିଁ। ତେବେ ଛାୟା ଜାତିସଂଘ କାର୍ଯ୍ୟକ୍ରମରେ ଯୋଗଦେଇ ସେ ବେଶ ଆନନ୍ଦିତ ବୋଲି କହିଥିଲେ। ଏହି ଅବସରରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ରାଜ୍ୟପାଳଙ୍କ ନମ୍ରତା ଏବଂ ମାନବିକ ଦୃଷ୍ଟିକୋଣକୁ ପ୍ରଶଂସା କରିଥିଲେ। ଓଡ଼ିଶାର ପ୍ରଥମ ରାଜ୍ୟପାଳ ଭାବରେ ଡ କମ୍ଭମପତି କିପରି କିସ୍ ଛାତ୍ରଛାତ୍ରୀଙ୍କ ସହିତ ସାମୂହିକ ଭୋଜନ କରିଥିଲେ ତାହା ମନେପକାଇ ଶ୍ରୀ ସାମନ୍ତ ରାଜ୍ୟପାଳଙ୍କ ଉଦାରତାର ପ୍ରଶଂସା କରିଥିଲେ। ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ଶ୍ରୀ ସାମନ୍ତ କହିଲେ, ଛାୟା ଜାତିସଂଘ ଭଳି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନେ ଗୋଟିଏ ଗୋଟିଏ ଚିନ୍ତାଧାରା ସହ ଆସିଥାନ୍ତି ହେଲେ ଫେରିବା ସମୟରେ ହଜାରେଟି ଚିନ୍ତାଧାରା ସହ ଫେରିବାର ସୁଯୋଗ ସେମାନଙ୍କୁ ମିଳିଥାଏ। ଦୁଇ ଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମରେ କିଟ୍ ଓ କିସ୍ ସଭାପତି ଶାଶ୍ୱତୀ ବଳ, କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲ୍ ଚେୟାରପର୍ସନ ଡ ମୋନା ଲିସା ବଳ, ସ୍କୁଲ୍‌ର ଅଧ୍ୟକ୍ଷ ଡ ସଞ୍ଜୟ ସୁଆର ଏବଂ ଅନ୍ତର୍ଜାତୀୟ ପାଠ୍ୟକ୍ରମର ମୁଖ୍ୟ ମାର୍କ ଏଲ୍. କୋଲମ୍ୟାନ୍ ପ୍ରମୁଖ ଉପସ୍ଥିତ ଥିଲେ।

# କୁହୁଡ଼ି ରେଳ ଷ୍ଟେସନରେ ଦ୍ରୁତଗାମୀ ଟ୍ରେନ ରହଣି ଦାବି



ଟାଙ୍ଗୀ (ଭାସ୍କର ନ୍ୟୁଜ): ଖୋର୍ଦ୍ଧା ଜିଲାର କୁହୁଡ଼ି ରେଳ ଷ୍ଟେସନରେ ଦ୍ରୁତଗାମୀ ଟ୍ରେନ ରହଣି ଦାବି ନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ତରଫରୁ କୁହୁଡ଼ି ରେଳଷ୍ଟେସନ ପରିସରରେ ରବିବାର ଏକ ବୈଠକ ହୋଇଥିଲା। ସୁଚନା ଥାଉକି ୨୦୨୦ ମସିହା ପୂର୍ବରୁ କୁହୁଡ଼ି ରେଳଷ୍ଟସନରେ ହିରାଖଣ୍ଡ ଓ ତିରୁପତି ଏକ୍ସପ୍ରେସ୍ ରହଣୀ ହେଉଥିଲା। କରୋନା କଟକଣା ସମୟରେ କୁହୁଡ଼ି ଷ୍ଟେସନରେ ଏହି ଦ୍ରୁତଗାମୀ ଟ୍ରେନ ରହଣୀକୁ ବନ୍ଦ କରାଯାଇଥିଲା। କିନ୍ତୁ ଇତି ମଧ୍ୟରେ ଦୀର୍ଘ ୫ବର୍ଷ ବିତି ଯାଇଥିଲେ ମଧ୍ୟ କୁହୁଡ଼ି ରେଳ ଷ୍ଟେସନଠାରେ ଉକ୍ତ ଏକ୍ସପ୍ରେସ୍ ଟ୍ରେନ ଆଉ ରହିଲା ନାହିଁ। ଯାହାକୁ ନେଇ ଜନ ଅସନ୍ତୋଷ ଦେଖାଦେଇଛି। ଏଥିଯୋଗୁଁ ଚିଲିକା ଓ ଖୋର୍ଦ୍ଧା ବିଧାନସଭା ନିର୍ବାଚନ ମଣ୍ଡଳୀର କୁହୁଡ଼ି, ରତନପୁର, ସୋରଣ, ମାନସିଂହପୁର, ହାଟବରଡ଼ିହ, ଛକଡ଼ିପୁର, କୁଞ୍ଜୁରୀ, ଚଣ୍ଡେଶ୍ୱର, ହରିପୁର, କୟଏଥପଲ୍ଲୀ ଗ୍ରାମ ସମେତ ଏକାଧିକ ଗାଁର ବୁଦ୍ଧିଜୀବୀ, ସମାଜସେବୀ, ରାଜନେତା, ଆଇନଜୀବୀ ବ୍ୟକ୍ତିମାନେ ଯୋଗଦେଇ ବୈଠକ କରିଥିଲେ ଓ ଦ୍ରୁତଗାମୀ ଏକ୍ସପ୍ରେସ ଟ୍ରେନ ରହଣୀ କିଭଳି ପୂର୍ବପରି କୁହୁଡ଼ି ରେଳ ଷ୍ଟେସନରେ ରହଣୀ ହୋଇପାରିବ ସେନେଇ ଆଲୋଚନା କରିଥିଲେ, ଦରକାର ପଡିଲେ ଜନ ଆନ୍ଦୋଳନ କରାଯିବ ବୋଲି ନିଷ୍ପତ୍ତି ହୋଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବଡ଼ ବନ୍ୟା...

ହୋଇଛି। ୪୯ ନମ୍ବର ଜାତୀୟ ରାଜପଥରେ ଯୋଗାଯୋଗ ସଂପୂର୍ଣ୍ଣ ବିଚ୍ଛିନ୍ନ ହୋଇପଡ଼ିଛି। ଜାତୀୟ ରାଜପଥ ପ୍ରାଧିକରଣ ପକ୍ଷରୁ ରାସ୍ତା ସଫା ପାଇଁ ଉଦ୍ୟମ ଆରମ୍ଭ ହୋଇଛି। ସେପଟେ ହୀରାକୁଦର ଉପରମୁଣ୍ଡରେ ବର୍ଷା ହେଉଥିବାରୁ ଡ୍ୟାମର ଜଳସ୍ତର ବୃଦ୍ଧି ପାଉଛି। ବର୍ତ୍ତମାନ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୧.୬୫ଫୁଟ ରହିଛି। ୧୨ଟି ଗେଟ୍ ଖୋଲାଯାଇ ଜଳ ନିଷ୍କାସନ କରାଯାଉଛି। ଡ୍ୟାମ ଭିତରକୁ ପ୍ରତି ସେକେଣ୍ଡରେ ୧.୯୮ଲକ୍ଷ କ୍ୟୁସେକ ଜଳ ପ୍ରବେଶ କରୁଥିବାବେଳେ ୧୨ଟି ଗେଟ୍ ଦେଇ ପ୍ରତିସେକେଣ୍ଡରେ ୧.୬୦ଲକ୍ଷ କ୍ୟୁସେକ ଜଳ ନିଷ୍କାସନ କରାଯାଉଛି।

### ବାୟୁ ପ୍ରତିରକ୍ଷା...

ଅନ୍ତର୍ଭୁକ୍ତ ଥିଲା। ଯାହାକୁ ସଂପୂର୍ଣ୍ଣଭାବେ ଧ୍ୱଂସ କରାଯାଇଥିଲା। ମିସାଇଲ ପ୍ରଣାଳୀଠାରୁ ଆରମ୍ଭ କରି ଡ୍ରୋନ ଚିହ୍ନଟ ଏବଂ ଧ୍ୱଂସ ପ୍ରଣାଳୀ, ଅସ୍ତ୍ର ପ୍ରଣାଳୀ ନିର୍ଦ୍ଦେଶ ଏବଂ ନିୟନ୍ତ୍ରଣ, ଯୋଗାଯୋଗ ଏବଂ ରାଡାର ସହିତ ସମସ୍ତ ଅସ୍ତ୍ରପ୍ରଣାଳୀ ଉପାଦାନଗୁଡ଼ିକ ସଠିକତାର ସହ କାର୍ଯ୍ୟ କରିଥିଲା।

### ସୁରକ୍ଷିତ ସ୍ଥାନାନ୍ତର...

ମେଣ୍ଟାଇବାକୁ ଏଥିରେ ଖଞ୍ଜାଯାଇଛି ୨୨୦୦ ଲିଟର କ୍ଷମତା ବିଶିଷ୍ଟ ପାଣିଟାଙ୍କି ଓ ସକ୍ସନ ପମ୍ପ। ଏହି ଗାଡ଼ିରେ ଥିବା ଥର୍ମାଲ ସ୍କାନର ସ୍ଥାନାନ୍ତର ହେଉଥିବା ହାତୀର ତାପମାତ୍ରା ମାପି ଚାଲିଥିବ। ଯଦି ହାତୀର ତାପମାତ୍ରା ବଢ଼ିଯାଏ ତେବେ ଏଥିରେ ଥିବା ମେସିନ ଅନ୍ ହୋଇ ହାତୀ ଉପରେ ପାଣି ସିଞ୍ଚିବ। ହାତୀ ଉପରେ ନଜର ରଖିବାକୁ ଲଗାଯାଇଛି ସିସିଟିଭି କ୍ୟାମେରା। ହାତୀକୁ ଟ୍ରକ୍ ମଝିରେ ସ୍ଥିର ରଖିବା ପାଇଁ ଏୟାରକୁଶନ ଲଗାଯାଇଛି। ହାତୀର ଖାଇବା ପାଇଁ ସ୍ୱତନ୍ତ୍ର ପାତ୍ର ବି ସାମିଲ ହୋଇଛି। ସୂଚନାଯୋଗ୍ୟ ଯେ ରାଜ୍ୟରେ ଥିବା ମୋଟ ୨୦୦୦ ହାତୀଙ୍କ ମଧ୍ୟରୁ ପ୍ରାୟ ୩୫ ପ୍ରତିଶତ ହାତୀ ଅନୁଗୋଳ, ଢେଙ୍କାନାଳ ଓ ଆଠଗଡ଼ ଲ୍ୟାଣ୍ଡସ୍କେପ୍‌ରେ ରହିଛନ୍ତି। ଯାହାପାଇଁ ହାତୀ-ମଣିଷ ମଧ୍ୟରେ ବିବାଦ ବୃଦ୍ଧି ପାଉଛି ବୋଲି ଅନୁଗୋଳ ବନଖଣ୍ଡ ଅଧିକାରୀ କହିଛନ୍ତି।

### କୃଷି ଉଦ୍ୟମିତାକୁ...

ଗୁଡିକୁ ଆପଣାଇବା ନିମନ୍ତେ ଉତ୍ସାହିତ କରିବ ବୋଲି କହିଥିଲେ। ବିଭିନ୍ନ ଜିଲ୍ଲାଗସ୍ତ ସମୟରେ ପରିଦର୍ଶନ କରିଥିବା କୃଷି ବିଜ୍ଞାନ କେନ୍ଦ୍ର ସମ୍ପର୍କରେ ରାଜ୍ୟପାଳ ନିଜର ଉପଲବ୍ଧି ଅବତାରଣା କରି ଚାଷୀମାନଙ୍କୁ କୃଷି ବିଜ୍ଞାନ କେନ୍ଦ୍ର ଦ୍ୱାରା ପ୍ରଦାନ କରାଯାଉଥିବା ତାଲିମକୁ ପ୍ରଶଂସା କରିଥିଲେ। ତାଲିମ ନେବା ପରେ ଅଳ୍ପ କେତେଜଣ ଚାଷୀ ଔଦ୍ୟୋଗିକ କାର୍ଯ୍ୟକଳାପ କରୁଥିବା ପରିଲକ୍ଷିତ ହେଉଛି। ଯଦି ସମସ୍ତଙ୍କୁ ପ୍ରକଳ୍ପ ପ୍ରୋଫାଇଲ୍ ଦିଆଯାଇ ମାର୍ଗଦର୍ଶନ କରାଯାଏ ତାହେଲେ କୃଷି ଉଦ୍ୟୋଗ କାର୍ଯ୍ୟକଳାପରେ ଅଂଶ ଗ୍ରହଣ ବୃଦ୍ଧି ପାଇବ ବୋଲି ରାଜ୍ୟପାଳ କହିଥିଲେ। ଓୟୁଏଟି ପ୍ରତିଷ୍ଠା ଦିବସ ଅବସରରେ ରାଜ୍ୟପାଳ ସମସ୍ତଙ୍କୁ ଅଭିନନ୍ଦନ ଜଣାଇ କୃଷିକୁ ଭାରତର ମେରୁଦଣ୍ଡ ଭାବେ ବର୍ଣ୍ଣନା କରିଥିଲେ। ଆମ ଦେଶରେ କୃଷି ଏକ ବୃତ୍ତି ନୁହେଁ ଏହା ଆମ ସଂସ୍କୃତିର ଏକ ଅଂଶ ଏବଂ ଏହା ପରିବାର ସହିତ ଅର୍ଥନୀତିକୁ କୁ ପ୍ରତିପାଳନ କରେ ବୋଲି କହିଥିଲେ। ଓୟୁଏଟି ଭଳି ପ୍ରତିଷ୍ଠାନ ଗୁଡିକ ଦକ୍ଷ ମାନବ ସମ୍ବଳ ଏବଂ ଅଭିନବ ସମାଧାନ କୌଶଳର ବିକାଶ କରିବା ସହିତ ଜଳବାୟୁ ପରିବର୍ତ୍ତନ, ବଜାରର ହ୍ରାସ - ବୃଦ୍ଧି ଭଳି ଆହ୍ୱାନକୁ ମୁକାବିଲା କରିବାରେ ସହାୟକ ହେବେ। ପ୍ରକ୍ରିୟାକରଣ, ଭାଲ୍ୟୁ ଆଡିସନ, ମାର୍କେଟିଂ ଏବଂ ରପ୍ତାନୀରେ କୃଷିର ବର୍ଦ୍ଧିତ ପରିସର ଉପରେ ଆଲୋକପାତ କରି ସଠିକ୍ କୃଷି, ଜୈବ ପ୍ରଯୁକ୍ତି ବିଦ୍ୟା, କୃତ୍ରିମ ବୁଦ୍ଧିମତ୍ତା ଏବଂ ସ୍ଥାୟୀ ସମ୍ବଳ ପରିଚାଳନା ଉପରେ ଅଧିକ ଧ୍ୟାନ ଦେବାକୁ ରାଜ୍ୟପାଳ ଗୁରୁତ୍ୱାରୋପ କରିଥିଲେ। ଏମ୍ ଏସ ଏମ ଇ ବିଭାଗ ଦ୍ୱାରା କୃଷି ଷ୍ଟାଟ ଅପ୍ ପାଇଁ ଅଗ୍ରଣୀ ନୋଡାଲ କେନ୍ଦ୍ର ଭାବରେ ଓୟୁଏଟି ମାନ୍ୟତା ପାଇବା ଏବଂ ୨୪ ଟି ଷ୍ଟାଟ ଅପକୁ ପରାମର୍ଶ ଦେବା କ୍ଷେତ୍ରରେ ଏହାର ସଫଳତାକୁ ରାଜ୍ୟପାଳ ପ୍ରଶଂସା କରିଥିଲେ। ଏହି ପଦକ୍ଷେପ ଗୁଡ଼ିକ ଆତ୍ମନିର୍ଭର ଭାରତର ଦୃଷ୍ଟିକୋଣ ସହିତ ସମନ୍ୱିତ। ଯୁବ କୃଷି ଉଦ୍ୟୋଗୀଙ୍କୁ ସଶକ୍ତ କରି ଓୟୁଏଟି ଗ୍ରାମୀଣ ଉଦ୍ୟୋଗ ଗୁଡିକୁ ପ୍ରୋତ୍ସାହିତ କରିପାରିବ, ନିଯୁକ୍ତି ସୃଷ୍ଟି କରିବା ସହିତ ବିଶ୍ୱ ବଜାରରେ ଓଡ଼ିଶାର ଉପସ୍ଥିତିକୁ ବୃଦ୍ଧି କରିପାରିବ ବୋଲି ରାଜ୍ୟପାଳ କହିଥିଲେ। ଏହି ସମାରୋହରେ ଉପମୁଖ୍ୟ ମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ ସମାବେଶକୁ ସମ୍ବୋଧିତ କରିଥିଲେ ଏବଂ ଜୈବିକ କୃଷିର ଗୁରୁତ୍ୱ ଉପରେ ଆଲୋକପାତ କରି ଭାରତ କିପରି ଏକ ଆମଦାନୀକାରୀ ରାଷ୍ଟ୍ରରୁ ଏକ ରପ୍ତାନୀକାରୀ ରାଷ୍ଟ୍ରରେ ପରିଣତ ହୋଇଛି ତାହା ଅବତାରଣା କରିଥିଲେ। ସେ କହିଥିଲେ, ସମ୍ବଲପୁରରେ ଓୟୁଏଟିର ଆଉ ଏକ କ୍ୟାମ୍ପସ ସ୍ଥାପନ କରାଯିବ ଏବଂ ଏଥିସହ ମୟୂରଭଞ୍ଜ ଓ ବଲାଙ୍ଗୀରରେ କୃଷି ମହାବିଦ୍ୟାଳୟ ଖୋଲାଯିବ। ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ନିଜ ବକ୍ତବ୍ୟରେ ଚାଷ ଓ ଚାଷୀର ଉନ୍ନତି ପାଇଁ ନିଆଯାଉଥିବା ପଦକ୍ଷେପ ଏବଂ କୃଷିକୁ ପ୍ରୋତ୍ସାହିତ କରିବା ପାଇଁ ବିଭିନ୍ନ ସରକାରୀ ଯୋଜନା ବିଷୟରେ ଉଲ୍ଲେଖ କରିଥିଲେ। ଏକାମ୍ର - ଭୁବନେଶ୍ୱର ବିଧାୟକ ବାବୁ ସିଂହ ଏବଂ ଓୟୁଏଟି ର କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ମଧ୍ୟ ଏହି ସମାରୋହରେ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ଡିନ୍ ସମ୍ପ୍ରସାରଣ ଶିକ୍ଷା ଡ. ପ୍ରସନ୍ନଜିତ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଶେଷରେ ରେଜିଷ୍ଟ୍ରାର ପ୍ରତିଭା ଦୋରା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସ୍ମାର୍ଟ ଚାଷୀ, ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀ, ଅଧିକାରୀ, କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଥିଲା ଏବଂ ପୁସ୍ତିକା ଉନ୍ମୋଚିତ ହୋଇଥିଲା ଓ ୱାଇଫାଇ ବ୍ୟବସ୍ଥାର ଶୁଭାରମ୍ଭ କରାଯାଇଥିଲା।

### ବିଧାନସଭା ଗଣତନ୍ତ୍ରର...

ଏହି ସମ୍ମିଳନୀକୁ ସମ୍ବୋଧିତ କରି କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ କହିଛନ୍ତି ଯେ ଆଜି ଦେଶର ବିଧାନସଭା ଇତିହାସର ଆରମ୍ଭ ହୋଇଛି। ସେ ଉଲ୍ଲେଖ କରିଥିଲେ ଯେ ଏହି ଦିନ ମହାନ ସ୍ୱାଧୀନତା ସଂଗ୍ରାମୀ ବିଠଲଭାଇ ପଟେଲ କେନ୍ଦ୍ରୀୟ ବିଧାନସଭାର ବାଚସ୍ପତି ଭାବେ ନିର୍ବାଚିତ ହୋଇଥିଲେ ଏବଂ ଭାରତୀୟମାନଙ୍କ ନେତୃତ୍ୱରେ ବ୍ୟବସ୍ଥାପକ ବ୍ୟବସ୍ଥାର ଇତିହାସ ଆରମ୍ଭ କରିଥିଲେ। ସେ କହିଥିଲେ ଯେ ଏହି ସଦନରେ ଭାରତର ସ୍ୱାଧୀନତା ଆନ୍ଦୋଳନର ଅନେକ ବିଶିଷ୍ଟ ଏବଂ ବରିଷ୍ଠ ନେତାମାନଙ୍କର ବିଧାୟକ ଭାବେ ଉଲ୍ଲେଖନୀୟ ଅବଦାନ ଦେଖିବାକୁ ମିଳିଛି। ମହାମାନ୍ୟ ମଦନ ମୋହନ ମାଳବ୍ୟ ପ୍ରାୟ ୨୦ ବର୍ଷ ଧରି ଏହି ଗୃହର ସଦସ୍ୟ ରହିଥିଲେ। ଶ୍ରୀ ଶାହ ଆହୁରି ମଧ୍ୟ କହିଛନ୍ତି ଯେ ମହାତ୍ମା ଗାନ୍ଧୀଙ୍କ ପରାମର୍ଶଦାତା ଗୋପାଳ କୃଷ୍ଣ ଗୋଖଲେ, ଲାଲା ଲାଜପତ ରାୟ ଏବଂ ଦେଶବନ୍ଧୁ ଚିତ୍ତରଞ୍ଜନ ଦାସଙ୍କ ପରି ବିଶିଷ୍ଟ ବ୍ୟକ୍ତିମାନେ ସେମାନଙ୍କ ଶକ୍ତିଶାଳୀ ଭାଷଣ ମାଧ୍ୟମରେ ସ୍ୱାଧୀନତା ପାଇଁ ଦେଶର ଉତ୍କଣ୍ଠା ଏବଂ ସ୍ୱାଧୀନତା ପାଇଁ ସେମାନଙ୍କର ଆକାଂକ୍ଷାକୁ ପ୍ରକାଶ କରିଥିଲେ। କେନ୍ଦ୍ର ଗୃହ ମନ୍ତ୍ରୀ ଶ୍ରୀ ଅମିତ ଶାହ ଦିଲ୍ଲୀ ବିଧାନସଭାର ବାଚସ୍ପତିଙ୍କୁ ଅନୁରୋଧ କରିଛନ୍ତି ଯେ ଏହି ଗୃହରେ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ଦ୍ୱାରା ଦିଆଯାଇଥିବା ଭାଷଣକୁ ସଂକଳିତ କରନ୍ତୁ ଏବଂ ସେଗୁଡ଼ିକୁ ସାରା ଦେଶର ସମସ୍ତ ବିଧାନସଭାର ଲାଇବ୍ରେରୀରେ ଉପଲବ୍ଧ କରାନ୍ତୁ, ଯାହା ଦ୍ୱାରା ବିଧାୟକ ଏବଂ ଆଜିର ଯୁବକମାନେ ଦିଲ୍ଲୀ ବିଧାନସଭାରେ ସ୍ୱାଧୀନତାର ଭାବନା କିପରି ପ୍ରଜ୍ୱଳିତ ହୋଇଥିଲା ତାହା ବୁଝିପାରିବେ। ଶ୍ରୀ ଶାହ କହିଥିଲେ ଯେ ଦିଲ୍ଲୀ ବିଧାନସଭା ବିଠଲଭାଇ ପଟେଲଙ୍କ ଜୀବନୀ ଉପରେ ଏକ ଉଲ୍ଲେଖନୀୟ ପ୍ରଦର୍ଶନୀର ଆୟୋଜନ କରିଛି। କେବଳ ବିଠଲଭାଇଙ୍କ ଜୀବନ ଏବଂ ଅବଦାନ ବିଷୟରେ ନୁହେଁ, ବରଂ ସ୍ୱାଧୀନତା ସଂଗ୍ରାମର ଇତିହାସ ବିଷୟରେ ବିଧାୟକ, ବିଧାନ ପରିଷଦର ସଦସ୍ୟ ଏବଂ ଦେଶର ଯୁବକମାନଙ୍କୁ ସୂଚନା ପ୍ରଦାନ କରିବା ପାଇଁ ସମସ୍ତ ବିଧାନସଭାରେ ଏହିପରି ପ୍ରଦର୍ଶନୀ ଆୟୋଜନ କରିବାକୁ ସେ ଅନୁରୋଧ କରିଥିଲେ। ପ୍ରତ୍ୟେକ ବିଧାନସଭାର ପାଠାଗାରଗୁଡ଼ିକୁ ସମୃଦ୍ଧ କରିବାର ଆବଶ୍ୟକତା ଉପରେ ମଧ୍ୟ ସେ ଗୁରୁତ୍ୱାରୋପ କରିଥିଲେ।

# ପୁରୀ ଜଗନ୍ନାଥ ବଲ୍ଲଭ ପାର୍କିଂରୁ ପ୍ରଥମ ମହଲାରୁ ଖସିଲା ବୋଲେରୋ



ପୁରୀ (ଭାସ୍କର ନ୍ୟୁଜ) : ପୁରୀ ଜଗନ୍ନାଥ ବଲ୍ଲଭ ମଲ୍ଟି ଲେବଲ୍ କାର ପାର୍କିଂରେ ଅଘଟଣ। ପାର୍କିଂର ପ୍ରଥମ ମହଲାରୁ ଖସିପଡ଼ିଲା ବୋଲେରୋ। ଗାଡ଼ି ଭାଙ୍ଗି ଚୁରମାର ହେବା ସହ ଡ୍ରାଇଭର ଗୁରୁତର ଆହତ ହୋଇଛନ୍ତି। ତେବେ କିଭଳି କେଉଁ ପରିସ୍ଥିତିରେ ଗାଡିଟି ଏକ ମହଲାରୁ ତଳକୁ ଖସି ପଡିଲା ସେନେଇ କିଛି ସ୍ପଷ୍ଟ ହୋଇନାହିଁ। ପାର୍କିଂ ସ୍ଥଳର ନିର୍ମାଣ କାର୍ଯ୍ୟ ନସରିବା ପୂର୍ବରୁ ଗାଡ଼ି ରଖିବାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ପୁରୀ ଜଗନ୍ନାଥ ବଲ୍ଲଭ ମଲ୍ଟି ଲେବଲ୍ ପାର୍କିଂରେ ଏକ ବୋଲେରୋ ଗାଡ଼ି ତଳକୁ ଖସି ପଡ଼ିଛି। ଫଳରେ ଗାଡ଼ିଟି ସମ୍ପୂର୍ଣ୍ଣ ଭାଙ୍ଗି ଖଣ୍ଡଖଣ୍ଡ ହୋଇଯାଇଛି। ଗାଡ଼ି ଡ୍ରାଇଭର ଗୁରୁତର ଆହତ ହୋଇ ପୁରୀ ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଛନ୍ତି। ଆହତ ହୋଇଥିବା ଡ୍ରାଇଭର ହେଉଛନ୍ତି ଭଦ୍ରକ ଧାମରା ମେରାଇନ ଥାନା ବଳଭଦ୍ରପ୍ରସାଦ ଗ୍ରାମର ସଞ୍ଜୟ ସେଠୀ। ଏଭଳି ସ୍ଥିତି କାହିଁକି ଘଟିଲା ତାହା ସ୍ପଷ୍ଟ ହୋଇନାହିଁ। ଡ୍ରାଇଭର ଜଣଙ୍କ ଭୁଲରେ ବ୍ୟାକ ଗିଅର ଦେଇ ଆକ୍ସିଲେଟର ଅଧିକ ଦେଇ ଦେଇଥିବାରୁ ଏଭଳି ହୋଇଥିବା ସନ୍ଦେହ କରାଯାଉଛି। ଅନ୍ୟପଟେ ଶ୍ରୀ ଜଗନ୍ନାଥ ବଲ୍ଲଭ ମଲ୍ଟି ଲେବଲ କାର ପାର୍କିଂରେ ସୁରକ୍ଷା ବ୍ୟବସ୍ଥାରେ ତ୍ରୁଟି ଥିବା ଅଭିଯୋଗ ହୋଇଛି। ପାର୍କିଂର ଛାତ ଚାରିପଟେ ସୁରକ୍ଷା ପ୍ରାଚୀର ରହିବା ଦରକାର। ହେଲେ ବୋଲେରୋ ଯେଉଁ ଜାଗାରୁ ତଳକୁ ଖସି ପଡ଼ିଛି ସେହି ପାର୍ଶ୍ୱ ଛାତରେ ସୁରକ୍ଷା ପ୍ରାଚୀର ନ ଥିଲା। ଯଦି ସୁରକ୍ଷା ପ୍ରାଚୀର ଥାଆନ୍ତା ଏହି ଭଳି ଅଘଟଣ ହୋଇ ନ ଥାନ୍ତା ବୋଲି ଅଭିଯୋଗ ହୋଇଛି। ଜଗନ୍ନାଥ ବଲ୍ଲଭ ପାର୍କିଂରେ ଉପଯୁକ୍ତ ସୁରକ୍ଷା ନ ନଥିବାରୁ ଗାଡ଼ି ପାର୍କିଂ କରିଥିବା ଡ୍ରାଇଭର ମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଜଗନ୍ନାଥ ବଲ୍ଲଭ କାର ପାର୍କିଂ କାର୍ଯ୍ୟ ଚାଲିଥିବା କାହିଁକି ପ୍ରଥମ ମହଲାରେ ଗାଡ଼ି ପାର୍କିଂ କରାଯାଉଛି ସେ ନେଇ ପ୍ରଶ୍ନ ଉଠୁଛି। ପାର୍କିଂ ସ୍ଥଳର ସମ୍ପୂର୍ଣ୍ଣ ନିର୍ମାଣ କାର୍ଯ୍ୟ ପରେ ପାର୍କିଂ ପାଇଁ ଅନୁମତି ରହିବା ଦରକାର ବୋଲି ଶ୍ରୀମନ୍ଦିରକୁ ଆସିଥିବା ଭକ୍ତ କହିଛନ୍ତି। ତେବେ ଜଗନ୍ନାଥ ବଲ୍ଲଭ କାର ପାର୍କିଂ କାର୍ଯ୍ୟ କେବେ ଶେଷ ହେବ ସେ ନେଇ କେହି କିଛି କହିପାରୁନାହାନ୍ତି। ସେପଟେ ଏହି ଅଘଟଣ ପରେ ଜିଲ୍ଲା ପ୍ରଶାସନର କୌଣସି ପ୍ରତିକ୍ରିୟା ମିଳିପାରିନାହିଁ। ତେବେ ଶ୍ରୀମନ୍ଦିରକୁ ଆସୁଥିବା ଯାତ୍ରୀଙ୍କ ସୁରକ୍ଷାରେ ଅବହେଳାକୁ ସାଧାରଣରେ ଅସନ୍ତୋଷ ସୃଷ୍ଟି ହୋଇଛି। ଘଟଣାକୁ ନେଇ ଜଣେ ପ୍ରତ୍ୟକ୍ଷଦର୍ଶୀ ଭ୍ରମର କୁମାର ସାହୁ କହିଛନ୍ତି, 'ମୁଁ ଏକ ଫୋନ୍ କଲରେ ବ୍ୟସ୍ତ ଥିବା ବେଳେ ହଠାତ୍ ଗାଡ଼ିଟି ପାର୍କିଂର ପ୍ରଥମ ମହଲାରୁ ଓଲୋଟି ତଳେ ପଡିଯାଇଥିଲା। ସଙ୍ଗେ ସଙ୍ଗେ ଆମେ ଉଦ୍ଧାର ପାଇଁ ଗାଡ଼ି ନିକଟକୁ ଆସିଥିଲୁ। ଗାଡ଼ିରେ କେହି ଯାତ୍ରୀ ନଥିଲେ। କେବଳ ଡ୍ରାଇଭର ଥିଲେ। କିନ୍ତୁ ଉପସ୍ଥିତ ବୁଦ୍ଧି କରି ଡ୍ରାଇଭର ଜଣଙ୍କ ଗାଡ଼ି ପଛ ସିଟକୁ ଚାଲି ଯାଇଥିଲେ। ଫଳରେ ତାଙ୍କର ଜୀବନ ରକ୍ଷା ହୋଇଛି। ଆହତ ହୋଇଥିବାରୁ ତାଙ୍କ ଚିକିତ୍ସା ପାଇଁ ପୁରୀ ମେଡିକାଲରେ ଭର୍ତ୍ତି କରାଯାଇଛି। ଦୁର୍ଭାଗ୍ୟ କଥା ପାର୍କିର ସୁରକ୍ଷା ବ୍ୟବସ୍ଥା ନାହିଁ। ପ୍ରଥମ ମହଲା ଛାତରେ ସୁରକ୍ଷା ପ୍ରାଚୀର ନାହିଁ। ଯାହା ଫଳରେ ଗାଡ଼ିଟି ଭାରସାମ୍ୟ ହରାଇ ତଳକୁ ଖସି ପଡ଼ିଛି। ପାର୍କିଂ କାର୍ଯ୍ୟ ଜାରି ରହିଥିବା ବେଳେ କେବେ ଏହା ଶେଷ ହେବ ତାହାକୁ ନେଇ ପ୍ରଶ୍ନ ଉଠୁଛି। ଆଜିର ଅଘଟଣାରେ ଯଦି କିଛି ଅଧିକ ଧନ ଜୀବନ କ୍ଷତି ହୋଇଥାନ୍ତା ସେଥି ପାଇଁ କିଏ ଦାୟୀ ରହିଥାନ୍ତେ ? ଜଗନ୍ନାଥ ବଲ୍ଲଭ ପାର୍କିଂର ନିର୍ମାଣ କାର୍ଯ୍ୟ ଶେଷ ପରେ ଗାଡି ପାର୍କିଂ ପାଇଁ ଅନୁମତି ଦିଆଯାଉ। ଜଗନ୍ନାଥ ବଲ୍ଲଭ କାର ପାର୍କିଂରେ ଗାଡି ପାର୍କିଂ କରିଥିବା ଜଣେ ଡ୍ରାଇଭର ପ୍ରଶାନ୍ତ କୁମାର ସାହୁ କହିଛନ୍ତି, 'ଏବେ ବି ପାର୍କିଂର ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। ଏହି ସ୍ଥିତିରେ ଗାଡି ଗୁଡ଼ିକୁ ଏଠାରେ ପାର୍କିଂ ପାଇଁ ଅନୁମତି ଦିଆଯିବା ଉଚିତ୍ ନିହେଁ। କେବଳ ୫୦ ଟଙ୍କା ନେଇ ଗାଡ଼ି ପାର୍କିଂ କରୁଛନ୍ତି ହେଲେ କିଛି ଭଲ ମନ୍ଦ ବୁଝିନାହାନ୍ତି। ସଠିକ୍ ସୁରକ୍ଷା ବ୍ୟବସ୍ଥା ନାହିଁ। ପାର୍କିଂରେ ଶୌଚାଳୟ ବ୍ୟବସ୍ଥା ନାହିଁ। ଯାତ୍ରୀ ଓ ପର୍ଯ୍ୟଟକଙ୍କ ପାଇଁ ପାର୍କିଂରେ ଯାହା ଆବଶ୍ୟକ ମୌଳିକ ସୁବିଧା ଏଠାରେ ନାହିଁ। ସୁରକ୍ଷା ପ୍ରାଚୀର ଥିଲେ ଏହି ବଡ ଅଘଟଣ ଘଟି ନଥାନ୍ତା। ଏହି ଅବହେଳା ପାଇଁ ପ୍ରଶାସନ ସଂପୂର୍ଣ୍ଣ ଦାୟୀ। ନୂଆ ସରକାର ଆସିବା ପରେ ମଧ୍ୟ ପାର୍କିଂ କାର୍ଯ୍ୟ ଶେଷ ହେଉନାହିଁ। ପାର୍କିଂ ସ୍ଥଳ ସମ୍ପୂର୍ଣ୍ଣ ନିର୍ମାଣ ଶେଷ ପରେ ଏବଂ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ପରେ ଗାଡି ପାର୍କିଂ ପାଇଁ ଅନୁମତି ଦିଆଯାଉ।


**Public Notice**

Process Paid Rs.15/-
Adv. R.M.Bhale

IN THE COURT OF THE HON'BLE MOTOR ACCIDENT CLAIMS TRIBUNAL, SANGLI, AT SANGLI.

1. Shanta Shankar Devkar .. Petitioner.

Vs.

1. Rashmikanta Phakir Beura .. Respondents.

Petition - M.V. Act.1988 Sec. 166.
Claim amount Rs. 26.38.600/-

The respondent No. 1 Rashmikanta Phakir Beura, Age 50, Occu-Trader, R/o. Masakhani Jadupur,Marshaghai Kendrapara,Odisha. Dist- Kendrapara.

The petitioners had filed an application i.e. MACP No.250/2023, for compensation under Sections 166 of the Motor Vehicles Act and claimed an amount of Rs. 26,38,600/-. The petitioner had added you as respondent Nos. 1 in the said matter as a Reg. owner of the Milk Tanker No. MH-09-GJ-0400. The said case is filed in M.A.C.T., Sangli. The said accident was occurred on 03/08/2023 at about 03:00 p.m. on Tanang-Kupwad road. The notice was issued to your known addresses through Court, but it returned un-served. Hence, by this notice it is informed to you to appear before the Hon'ble Tribunal personally or by duly appointed advocate with all relevant documents on28.10.2025 at 10.30 a.m., and you may give W.S. on the said date. If you do not do as per mentioned above then, the application under Sec. 166 will be decided ex-parte against you. Kindly take note of the same. The said notice is given by my signature and seal of the Court on -------

SANGLI
Date :20/08/2025

SEAL

Sd/- Jr. Clerk.
Dist. Court, Sangli.

Sd/-Supdt.
Dist. Court, Sangli.



ODISHA HYDRO POWER CORPORATION LTD
CIN: U40101OR1995SGC003963
(GOVERNMENT OF ODISHA UNDERTAKING)
OFFICE OF THE GENERAL MANAGER (EL.)
CHIPLIMA HYDRO ELECTRIC PROJECT, CHIPLIMA
At/PO – CHIPLIMA, VIA-C.A. CHIPLIMA – 768025, DIST-SAMBALPUR (ODISHA)
WEB: www.ohpcltd.com ☎ (0663) 2460661,
Email-hpschiplima@yahoo.in, Fax No. (0663) 2460505

CAD-1559

No.CHEP/TW-326/3263 Date: 21.08.2025

'e'-Procurement Notice
TENDER CALL NOTICE NO.CHEP-28/2025-26

**Unit Head, CHEP, Chiplima invites percentage rate tenders in two parts** for the civil works mentioned below, from the 'C' & 'B' Class of Contractors registered with the State Govt. of Odisha and contractors of equivalent grade / class registered with Central Govt. / MES / Railway for execution of civil works.

| Name of the Work | Estimated Cost / EMD | Cost of Tender Specification | Completion Period |
|---|---|---|---|
| Renovation of Toilets with Provision of Basin for 36 Nos. of NF Type Quarters, CHEP, Chiplima | Rs.24,42,011.00 / EMD = Rs.24,430.00 | Rs.7,080.00 (Rs.6,000.00 + GST@18%) | 120 Days |

1. Availability of bids **ONLINE: from 11:00 AM of dtd.26.08.2025 up to 05:00 PM of dtd.08.09.2025.**
2. The date & time of opening of tender: **At 11:30 AM of dtd.09.09.2025.**

For further details and downloading of tender documents, Terms & Conditions, eligibility, corrigendum if any, please visit website https://tendersodisha.gov.in. **Sd/- Unit Head, CHEP, Chiplima**

OIPR 04006/11/0100/2526





ନୂଆଦିଲ୍ଲୀ: ନୋଏଡ଼ା ଯୌତୁକ ପାଇଁ ବଧୂ ପୋଡ଼ି ମାମଲାରେ ପୁଲିସ ମୁଖ୍ୟ ଅଭିଯୁକ୍ତ ସ୍ୱାମୀକୁ ଗିରଫ କରିବା ପରେ ଏବେ ଶାଶୁଙ୍କୁ ବି ଗିରଫ କରିଛି । ଏନେଇ ଗ୍ରେଟର ନୋଏଡ଼ା ଡିସିପି ସୂଚନା ଦେଇଛନ୍ତି । ପୁଲିସ ଏନ୍‌କାଉଣ୍ଟରରେ ଅଭିଯୁକ୍ତ ପୁଅ ବିପିନ ଗୁଳି ହୋଇ ଡାକ୍ତରଖାନାରେ ଭର୍ତ୍ତି ଥିବା ଖବର ଶୁଣି ମହିଳାଙ୍କ ଶାଶୂ ଡାକ୍ତରଖାନା ଯାଇଥିଲେ । ଖବର ପାଇ ପୁଲିସ ସେଠାରୁ ତାଙ୍କୁ ଗିରଫ କରିଥିଲା । ପୋଲିସ ଏନକାଉଣ୍ଟରରେ ଆହତ ହୋଇଥିବା ଅଭିଯୁକ୍ତ ବିପିନ ଜେଆଇଏମଏସ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି । ତାଙ୍କୁ ଦେଖିବାକୁ ମାଆ ସାନ୍ ଦୟାବତୀ ହସପିଟାଲରେ ପହଞ୍ଚିବା ପରେ ପୁଲିସ ଗିରଫ କରିଥିଲା । ଏହା ପୂର୍ବରୁ ପୁଲିସ ମୁଖ୍ୟ ଅଭିଯୁକ୍ତ ସ୍ୱାମୀ ବିପିନ ଭାଟିଙ୍କୁ ଗିରଫ କରିଥିଲା ।

୬୮ତମ ରାଷ୍ଟ୍ରମଣ୍ଡଳ ସଂସଦୀୟ ସମ୍ମିଳନୀ

## ଭାରତର ନେତୃତ୍ୱ ନେବେ ଓମ୍ ବିର୍ଲା



ନୂଆଦିଲ୍ଲୀ : ଅକ୍ଟୋବର ୫ରୁ ୧୨ ତାରିଖ ପର୍ଯ୍ୟନ୍ତ ବ୍ରିଜଟାଉନ, ବାର୍ବୋଡୋସରେ ଅନୁଷ୍ଠିତ ହେବାକୁ ଥିବା ୬୮ତମ ରାଷ୍ଟ୍ରମଣ୍ଡଳ ସଂସଦୀୟ ସମ୍ମିଳନୀରେ ଲୋକସଭା ବାଚସ୍ପତି ଓମ ବିର୍ଲା ଭାରତୀୟ ସଂସଦୀୟ ପ୍ରତିନିଧି ଦଳର ନେତୃତ୍ୱ ନେବେ। ଏହି ସମ୍ମାନଜନକ ଅନ୍ତର୍ଜାତୀୟ ସମ୍ମିଳନୀରେ ରାଜ୍ୟସଭା ଉପସଭାପତିଙ୍କ ସମେତ ଦେଶର ୨୯ ରାଜ୍ୟ ଓ କେନ୍ଦ୍ର ଶାସିତ ପ୍ରଦେଶଙ୍କ ବିଧାନସଭା ପିଠାସୀନ ଅଧିକାରୀ ଓ ସଚିବ ମଧ୍ୟ ସାମିଲ ହେବେ। ଓମ ବିର୍ଲା ସମ୍ମିଳନୀର ସାଧାରଣ ସଭା କୁ 'ରାଷ୍ଟ୍ରମଣ୍ଡଳ: ଗ୍ଲୋବାଲ ପାର୍ଟନର' ଶୀର୍ଷକ ଉପରେ ସମ୍ବୋଧିତ କରିବେ। ଏହା ଛଡା ଭାରତୀୟ ସଂସଦୀୟ ପ୍ରତିନିଧି ମଣ୍ଡଳ ସଦସ୍ୟ ସମ୍ମିଳନୀ କାଳରେ ଅନୁଷ୍ଠିତ ହେବାକୁ ଥିବା ୭ଟି କର୍ମଶାଳାରେ ସକ୍ରିୟ ଅଂଶଗ୍ରହଣ କରିବେ। ଏହି ସମ୍ମିଳନୀର ବିଶେଷ ଆକର୍ଷଣ ରହିବ ଯୁଥ ରାଉଣ୍ଡ ଟେବୁଲ ସମ୍ମିଟ, ଯାହାର ଶୀର୍ଷକ ରହିବ 'ସୁରକ୍ଷିତ ଓ ସ୍ୱାଧୀନ ରହି ଉନ୍ନତି କରିବା: ଗ୍ୟାଙ୍ଗ ଭାୟୋଲାନ୍ସରୁ ଆରମ୍ଭ କରି ସାଇବର ବୁଲିଂ ପର୍ଯ୍ୟନ୍ତ ଆଧୁନିକ ଆହ୍ୱାନ ଉପରେ ବିଜୟ ପାଇଁ ଯୁବବର୍ଗଙ୍କୁ ସଶକ୍ତ କରିବା'। ଏହି ସମ୍ମିଳନୀ ପୂର୍ବରୁ ଲୋକସଭା ବାଚସ୍ପତି ରବିବାର ଏକ ଅବସର ମହାଜନ ବୈଠକରେ ଅଧ୍ୟକ୍ଷତା କରିଥିଲେ। ଏଥିରେ ବରିଷ୍ଠ ଅଧିକାରୀମାନେ ଭାରତୀୟ ପ୍ରତିନିଧି ମଣ୍ଡଳଙ୍କୁ ବିଭିନ୍ନ କାର୍ଯ୍ୟକ୍ରମ ଓ ଅଧିବେଶନ ବିଷୟରେ ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଲୋକସଭା ବାଚସ୍ପତିଙ୍କ ନେତୃତ୍ୱରେ ଭାରତୀୟ ପ୍ରତିନିଧି ଦଳ ଅକ୍ଟୋବର ପ୍ରଥମ ସପ୍ତାହରେ ବାର୍ବୋଡସ ଯାତ୍ରାରେ ବାହାରିବେ।

## ଟୋକିଓର ଲିଟିଲ ଇଣ୍ଡିଆଠାରେ ମହାତ୍ମା ଗାନ୍ଧୀଙ୍କୁ ବିଷ୍ଣୁଦେବଙ୍କ ଶ୍ରଦ୍ଧାଞ୍ଜଳି



ରାୟପୁର: ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ଜାପାନ ଗସ୍ତର ତୃତୀୟ ଦିନରେ ଜାପାନ ରାଜଧାନୀ ଟୋକିଓର ଲିଟିଲ ଇଣ୍ଡିଆଠାରେ ପହଞ୍ଚି ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ଏହି ଅବସରରେ ଶ୍ରୀ ସାଏ କହିଥିଲେ ଗାନ୍ଧିଜୀ ଥିଲେ ସତ୍ୟ, ଅହିଂସା ଓ ଶାନ୍ତିର ପ୍ରତୀକ। ତାଙ୍କର ଏହି ମହାନୀୟତା ସାରା ବିଶ୍ୱରେ ପ୍ରସିଦ୍ଧ। ତାଙ୍କର ଦେଶ ସେବା ସାରା ବିଶ୍ୱକୁ ପ୍ରେରଣା ଯୋଗାଉଛି। ସେ କହିଥିଲେ ମୁଁ ଆଜି ଏତେ ଗର୍ବିତ ଯେ, ମୁଁ ଲିଟିଲ ଇଣ୍ଡିଆରେ ପହଞ୍ଚି ଗାନ୍ଧୀଙ୍କୁ ଶ୍ରଦ୍ଧାଞ୍ଜଳି ଦେଲି। ଏଥିସହ ଜାପାନ-ଇଣ୍ଡିଆ ସାଂସ୍କୃତିକ ବନ୍ଧନରେ ବାନ୍ଧି ହେବା ପାଇଁ ମୁଁ ମୋର ସହଯୋଗ ବଢ଼ାଇ ଦେଲି। ଏହି ସାଂସ୍କୃତିକ ଭାବ ବିନିମୟ ଭବିଷ୍ୟତରେ ଭାରତ ଓ ଜାପାନ ମଧ୍ୟରେ ଏକ ନୂତନ ଦିଗନ୍ତ ସୃଷ୍ଟି କରିବ ବୋଲି ସେ ଆଶା ପ୍ରକାଶ କରିଥିଲେ।

## ସ୍ତ୍ରୀକୁ ହତ୍ୟା ପରେ ଖଣ୍ଡ ଖଣ୍ଡ କରି ନଦୀକୁ ଫିଙ୍ଗିଲା ସ୍ୱାମୀ

ହାଇଦ୍ରାବାଦ: ପୁଣି ଏକ ବର୍ବର ହତ୍ୟାକାଣ୍ଡ ସାମ୍ନାକୁ ଆସିଛି। ହାଇଦ୍ରାବାଦରେ ଜଣେ ୨୭ ବର୍ଷୀୟ ବ୍ୟକ୍ତି ଡ୍ରାଇଭର ତାଙ୍କ ୨୧ ବର୍ଷୀୟା ଗର୍ଭବତୀ ସ୍ତ୍ରୀଙ୍କୁ ହତ୍ୟା କରିବା ପରେ ମୃତଦେହକୁ ଖଣ୍ଡଖଣ୍ଡ କରି ନଦୀରେ ଫିଙ୍ଗିଦେଇଥିବା ଅଭିଯୋଗ ହୋଇଛି। ମୃତ ମହିଳା ସ୍ୱାତୀ ଓରଫ ଜ୍ୟୋତିଙ୍କ ଶରୀରର କେତେ ଖଣ୍ଡ ହାଇଦ୍ରାବାଦ ମେଟ୍ରୋପଲିଟାନ ଅଞ୍ଚଳ ଅନ୍ତର୍ଗତ ମେଡିପାଲ୍ଲିସ୍ଥିତ ଡ୍ରାଇଭରଙ୍କ ଘରୁ ମିଳିଥିବାବେଳେ ଅନ୍ୟ ଖଣ୍ଡଗୁଡ଼ିକ ନଦୀରେ ଫିଙ୍ଗାଯାଇଥିବା ସ୍ଥାନୀୟ ପୋଲିସ କହିଛି। ହତ୍ୟାକାଣ୍ଡ ପଛର କାରଣ ଜଣାପଡ଼ି ନ ଥିବାବେଳେ ତଦନ୍ତ ଜାରି ରହିଛି। ମେଡିପାଲ୍ଲୀର ବୋଡୁପାଲ ଅଞ୍ଚଳରେ ଜ୍ୟୋତି ସ୍ୱାମୀ ମହେନ୍ଦର ରେଡ୍ଡୀଙ୍କ ସହ ରହୁଥିଲେ। ଶନିବାର ଅପରାହ୍ନ ୪ଟା ୩୦ ମିନିଟ୍ ସମୟରେ ଏହି ହତ୍ୟାକାଣ୍ଡ ଘଟିଛି। ପାରିବାରିକ ବିବାଦକୁ ନେଇ ଝଗଡ଼ା ପରେ ମହେନ୍ଦର ସ୍ତ୍ରୀଙ୍କୁ ତଣ୍ଟିଚିପି ହତ୍ୟା କରିଥିବା ଅଭିଯୋଗ ହୋଇଛି।

## ବୈରାବି ସାଇରଙ୍ଗ ରେଳ ଲାଇନର ଉଦ୍ଘାଟନ କରିବେ ମୋଦୀ

ଆଇଜୋଲ: ମିଜୋରାମର ରାଜଧାନୀ ଆଇଜୋଲ ପ୍ରଥମ ଥର ପାଇଁ ଭାରତୀୟ ରେଳ ମାନଚିତ୍ର ସହିତ ଯୋଡ଼ି ହେବାକୁ ଯାଉଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଜ୍ୟବାସୀଙ୍କୁ ଏକ ବଡ଼ ଉପହାର ଦେବାକୁ ଯାଉଛନ୍ତି । ଆସନ୍ତା ମାସରେ ବୈରାବି ସାଇରଙ୍ଗ ରେଳ ଲାଇନର ଉଦଘାଟନ ହେବାକୁ ଯାଉଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଜେ ୧୩ ସେପ୍ଟେମ୍ବରରେ ଏହି ରେଳ ଲାଇନର ଉଦଘାଟନ କରିବେ। ଏହା ସହିତ, ମୁଖ୍ୟମନ୍ତ୍ରୀ ଲାଲଡୁହୋମା କହିଛନ୍ତି ଯେ, ସେ ପ୍ରଧାନମନ୍ତ୍ରୀ ମୋଦିଙ୍କ ଏହି ଗସ୍ତ ବିଷୟରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସହ ମଧ୍ୟ ଆଲୋଚନା କରିଛନ୍ତି । ଏହି ରେଳ ଲାଇନ ଆଇଜୋଲକୁ ସମଗ୍ର ଦେଶ ସହିତ ସଂଯୋଗ କରିବ । ପ୍ରଥମେ ଏହା ଆସାମର ସିଲଚର ସହିତ ଆଇଜୋଲକୁ ସଂଯୋଗ କରିବ । ତା'ପରେ ସେଠାରୁ ଏହା ସମଗ୍ର ଦେଶ ସହିତ ସଂଯୋଗ କରିବ । ଏହି ରେଳପଥରେ ୪୮ଟି ସୁଡ଼ଙ୍ଗ ଅନ୍ତର୍ଭୁକ୍ତ, ଯାହାର ଲମ୍ବ ୧୨.୮ କିଲୋମିଟର ଏବଂ ୫୫ଟି ବଡ଼ ସେତୁ ରହିଛି । ଏହା ସହିତ, ୮୭ଟି ଛୋଟ ସେତୁ ମଧ୍ୟ ନିର୍ମାଣ କରାଯାଇଛି । ଏହାର ୧୯୬ ନମ୍ବର ସେତୁର ଉଚ୍ଚତା ଦିଲ୍ଲୀର କୁତୁବ ମିନାର ଠାରୁ ଅଧିକ । ଏହି ସେତୁର ଉଚ୍ଚତା ୧୦୪ ମିଟର । ଏହି ପ୍ରକଳ୍ପ ମିଜୋରାମକୁ ଦେଶର ଅନ୍ୟାନ୍ୟ ଅଂଶ ସହିତ ଉତ୍ତମ ଭାବରେ ସଂଯୋଗ କରିବ ଏବଂ ଉତ୍ତର-ପୂର୍ବ କ୍ଷେତ୍ରରେ ବାଣିଜ୍ୟ ସହିତ ପର୍ଯ୍ୟଟନକୁ ଏକ ନୂତନ ଦିଗ ପ୍ରଦାନ କରିବ। ମୁଖ୍ୟମନ୍ତ୍ରୀ ଲାଲଡୁହୋମା କହିଛନ୍ତି ଯେ, ସାଇରଙ୍ଗ ରେଳ ଷ୍ଟେସନକୁ ଏକ ବିଶ୍ୱସ୍ତରୀୟ ସୁବିଧା କେନ୍ଦ୍ର ଭାବରେ ବିକଶିତ କରାଯିବ । ଏହା ପରେ, ଏହି ରେଳ ଷ୍ଟେସନରୁ ରାଜଧାନୀ ଏକ୍ସପ୍ରେସ ସେବା ମଧ୍ୟ ଆରମ୍ଭ ହେବ । ଏହି ରେଳ ପ୍ରକଳ୍ପ କେନ୍ଦ୍ରର ପୂର୍ବ ନୀତିର ଏକ ଅଂଶ, ଯାହା ଏକ ୫୧.୩୮ କିଲୋମିଟରର ଲମ୍ବା ରେଳ ପ୍ରକଳ୍ପ। ଏହାର ଲକ୍ଷ୍ୟ ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକରେ ଉତ୍ତମ ସଂଯୋଗ ଏବଂ ଆର୍ଥିକ ବିକାଶକୁ ପ୍ରୋତ୍ସାହିତ କରିବା ।

## ଚମ୍ପାଇ ସୋରେନ ଗୃହବନ୍ଦୀ



ରାଞ୍ଚି: ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ଚମ୍ପାଇ ସୋରେନଙ୍କୁ ତାଙ୍କ ରାଞ୍ଚି ବାସଭବନରେ ଗୃହବନ୍ଦି କରାଯାଇଛି । ଏହି କାର୍ଯ୍ୟାନୁଷ୍ଠାନ ସଦର ଡିଏସପି ଦ୍ୱାରା ନିଆଯାଇଛି । ରାଞ୍ଚିର କାଙ୍କେରେ ପ୍ରସ୍ତାବିତ ରାଜେନ୍ଦ୍ର ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନସ୍ସ୍ (ଆର୍ଆଇଏମ୍ଏସ୍-୨) ପାଇଁ ରାଜ୍ୟ ସରକାରଙ୍କ ଚାଷଜମି ଅଧିଗ୍ରହଣ ଯୋଜନା ବିରୋଧରେ ଏକ ପ୍ରତିବାଦରେ ଯୋଗଦେବାର କିଛି ଘଣ୍ଟା ପୂର୍ବରୁ ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ଏବଂ ବିଜେପି ନେତା ଚମ୍ପାଇ ସୋରେନଙ୍କୁ ରବିବାର ସକାଳେ ଗୃହବନ୍ଦୀ କରାଯାଇଥିଲା । ଆର୍ଆଇଏମ୍ଏସ୍ ୨ ଜମି ବିବାଦ ସମ୍ପର୍କରେ ଚମ୍ପାଇ ସୋରେନ ରାଞ୍ଚିରେ ହଳ କରିବାକୁ ଯାଉଥିବା ବେଳେ, ସେଠାରେ ହଜାର ହଜାର ଲୋକ ତାଙ୍କ ସହିତ ପ୍ରତିବାଦରେ ଯୋଗଦେବାକୁ ବାହାରିଥିଲେ, କିନ୍ତୁ ସେ ପ୍ରତିବାଦ ସ୍ଥଳରେ ପହଞ୍ଚିବା ପୂର୍ବରୁ, ତାଙ୍କୁ ତାଙ୍କ ଘରୁ ବାହାରିବାକୁ ବାରଣ କରାଯାଇଛି । ଏହା ସହିତ ତାଙ୍କ ପୁଅ ବାବୁଲାଙ୍କୁ ମଧ୍ୟ ପୋଲିସ ହେପାଜତକୁ ନେଇଛି । ଚମ୍ପାଇ ସୋରେନଙ୍କ ପୁଅ ଏବଂ ଘାଟସିଲାର ପୂର୍ବତନ ବିଜେପି ପ୍ରାର୍ଥୀ ବାବୁଲାଲ ସୋରେନଙ୍କୁ ପୋଲିସ ତମାରାରେ ଅଟକ ରଖିଛି । ଆଦିବାସୀ ସମ୍ପ୍ରଦାୟର ଲୋକମାନେ ରାଞ୍ଚିରେ 'ହଲ ଜୋତୋ ଅଭିଯାନ' ଆରମ୍ଭ କରିଛନ୍ତି। ଏହାକୁ ସଫଳ କରିବା ପାଇଁ, ଆଦିବାସୀ ସମ୍ପ୍ରଦାୟର ଲୋକମାନଙ୍କୁ ରବିବାର ରାଞ୍ଚି ପହଞ୍ଚିବାକୁ ପଡିଲା । ଚମ୍ପାଇ ସୋରେନ ଏଠାରେ ଆର୍ଆଇଏମ୍ଏସ୍-୨ ର ବିବାଦୀୟ ଜମିରେ ହଳ କରିବାକୁ ଯାଉଥିଲେ, କିନ୍ତୁ ସରକାର ଏହି ପ୍ରତିବାଦକୁ ଦମନ କରିବା ପାଇଁ ପୂର୍ବରୁ ପ୍ରସ୍ତୁତି କରିସାରିଥିଲେ । ଚମ୍ପାଇ ସୋରେନଙ୍କୁ ଘରବନ୍ଦୀ କରିବା ସହିତ, ତାଙ୍କ ପୁଅକୁ ମଧ୍ୟ ହେପାଜତକୁ ନିଆଯାଇଛି ଏବଂ ରାଞ୍ଚି ପହଞ୍ଚିଥିବା ପ୍ରତିବାଦକାରୀମାନଙ୍କୁ ବ୍ୟାରିକେଡିଂ କରି ବାହାରେ ଅଟକ ରଖାଯାଇଛି ।

## ଭୂତଙ୍କ ଉପରେ ରିସର୍ଚ୍ଚ କରିବେ ଧୀରେନ୍ଦ୍ର କୃଷ୍ଣ ଶାସ୍ତ୍ରୀ



ନୂଆଦିଲ୍ଲୀ: ଇଣ୍ଡିଆ ଟିଭି ଦ୍ୱାରା ପ୍ରସାରିତ 'ଆପ କି ଅଦାଲତ'ରେ ରଜତ ଶର୍ମାଙ୍କ ସହିତ ଏକ ସାକ୍ଷାତକାରରେ, ବାଗେଶ୍ୱର ଧାମର ମୁଖ୍ୟ ପଣ୍ଡିତ ଧୀରେନ୍ଦ୍ର କୃଷ୍ଣ ଶାସ୍ତ୍ରୀ 'ଅକ୍ସଫୋର୍ଡ କିମ୍ବା କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟରେ ଭୂତ ଏବଂ ଅଲୌକିକ କାର୍ଯ୍ୟକଳାପ ଅଧ୍ୟୟନ କରିବାକୁ' ତାଙ୍କର ଇଚ୍ଛା ପ୍ରକାଶ କରିଥିଲେ । ଯେତେବେଳେ ତାଙ୍କୁ ପଚରାଗଲା ଯେ ସେ କେଉଁ ବିଷୟରେ ପିଏଚଡି କରିବାକୁ ଚାହାଁନ୍ତି, ଧୀରେନ୍ଦ୍ର ଶାସ୍ତ୍ରୀ କହିଥିଲେ 'ପିଏଚଡି ସମ୍ପର୍କରେ ଲକ୍ଷ୍ୟ ହେଉଛି କେମ୍ବ୍ରିଜ୍ କିମ୍ବା ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟରେ କରିବି ଏବଂ ଏହା ଭୂତ ଉପରେ ହେବ ସେ କହିଛନ୍ତି ଏହା ଶୁଣିବା ପରେ ଆପଣ ବହୁତ ହସିବେ । ଏକ ବିଷୟ ଏବେ ଆରମ୍ଭ ହୋଇଛି । ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟ, କେମ୍ବ୍ରିଜ୍ ଏବଂ ଆମେରିକାର ଅନେକ ବିଶ୍ୱବିଦ୍ୟାଳୟରେ ପେରାନର୍ମାଲ ଏକ ବିଷୟ ଆରମ୍ଭ ହୋଇଛି । ପେରାନର୍ମାଲ ଅଦୃଶ୍ୟ ଶକ୍ତି । ଭୂତ ବିଷୟରେ ଜାଣିବା, ସେମାନଙ୍କୁ ବାହାର କରିବା ଆମର କାମ । ଏହି ଦେଶର ଅନେକ ଲୋକ ମୋ ଉପରେ ଆଙ୍ଗୁଠି ଉଠାଇଛନ୍ତି । ଏହି ଦେଶରେ ଅନେକ ଲୋକ ମୋତେ ବଦନାମ କରନ୍ତି । ସେମାନେ କୁହନ୍ତି ଯେ ମୁଁ ଅନ୍ଧବିଶ୍ୱାସ ପ୍ରସାର କରୁଛୁ, ଏବଂ ବିଶେଷକରି ମହାରାଷ୍ଟ୍ରରେ, ଅନ୍ଧଶ୍ରଦ୍ଧା ନିର୍ମୂଳନ ସମିତିର କିଛି ସଦସ୍ୟ ମୋ ଉପରେ ଆଙ୍ଗୁଠି ଉଠାଇଥିଲେ, ତେଣୁ ସେହି ଦିନ ମୁଁ ନିଷ୍ପତ୍ତି ନେଇଥିଲି ।

## ରାହୁଲଙ୍କୁ କିସ୍ କରି ଅଡୁଆରେ ଯୁବକ



ନୂଆଦିଲ୍ଲୀ: ବିହାର ଗସ୍ତରେ ଥିବା କଂଗ୍ରେସ ନେତା ତଥା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ସୁରକ୍ଷାରେ ଏକ ବଡ଼ ତ୍ରୁଟିର ଘଟଣା ସାମ୍ନାକୁ ଆସିଛି । ପୂର୍ଣ୍ଣିଆରେ ଏକ ବାଇକ ରାଲି ସମୟରେ ଜଣେ ଯୁବକ ରାହୁଲ ଗାନ୍ଧୀଙ୍କୁ ଚୁମ୍ବନ ଦେଇଥିଲେ । ଏହା ପରେ ରାହୁଲ ଗାନ୍ଧୀଙ୍କ ସୁରକ୍ଷା ପାଇଁ ନିୟୋଜିତ ସୁରକ୍ଷା କର୍ମୀ ଦୌଡ଼ି ଯାଇ ଯୁବକଙ୍କୁ ଧରି ତାଙ୍କୁ ଚାପୁଡ଼ା ମାରିଥିଲେ । ଏହି ଘଟଣାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଛି । ରବିବାର ପୂର୍ଣ୍ଣିଆରେ ଭୋଟର ଅଧିକାର ଯାତ୍ରା ସମୟରେ ଏହି ଘଟଣା ଘଟିଥିଲା । ରାହୁଲ ଗାନ୍ଧୀ ଏକ ବୁଲେଟ ଚଲାଇଥିଲେ ଏବଂ ବିହାର କଂଗ୍ରେସ ଅଧ୍ୟକ୍ଷ ରାଜେଶ ରାମ ତାଙ୍କ ପଛରେ ବସିଥିଲେ । ଯାତ୍ରା ସମୟରେ ଜଣେ ବ୍ୟକ୍ତି ରାହୁଲ ଗାନ୍ଧୀଙ୍କ ବାଇକ ପାଖକୁ ଆସି ତାଙ୍କୁ ଚୁମ୍ବନ ଦେବାକୁ ଲାଗିଲେ । ତା'ପରେ ସୁରକ୍ଷା କର୍ମୀ ଯୁବକଙ୍କୁ ଧରି ତାଙ୍କୁ ଚାପୁଡ଼ା ମାରିଥିଲେ । କୁହାଯାଉଛି ଯେ ଯୁବକଙ୍କୁ ହେପାଜତକୁ ନିଆଯାଇଛି । ସୂଚନାଯୋଗ୍ୟ, ବିହାର ବିଧାନସଭାର ବିରୋଧୀ ଦଳ ନେତା ଏବଂ ଆରଜେଡି ନେତା ତେଜସ୍ୱୀ ଯାଦବଙ୍କ ମିଳିତ ନେତୃତ୍ୱରେ ବିହାରରେ ଚାଲିଥିବା ଭୋଟର ଅଧିକାର ଯାତ୍ରାରେ ରାହୁଲ ଗାନ୍ଧୀ ଅଂଶଗ୍ରହଣ କରୁଛନ୍ତି । ଏହି ଯାତ୍ରାରେ ରାହୁଲ ଗାନ୍ଧୀଙ୍କ ଏକ ଭିନ୍ନ ରଙ୍ଗ ଦେଖିବାକୁ ମିଳୁଛି । ପୂର୍ଣ୍ଣିଆରେ ସେମାନଙ୍କ ନେତାଙ୍କୁ ବାଇକ ଚଲାଉଥିବା ଦେଖିବା ପରେ କଂଗ୍ରେସ କର୍ମୀଙ୍କ ଉତ୍ସାହ ମଧ୍ୟ ବୃଦ୍ଧି ପାଇଛି ।

# ବାଣିଜ୍ୟ



ନୂଆଦିଲ୍ଲୀ: ବଢ଼ିଲା ଅନିଲ ଅମ୍ବାନୀଙ୍କ ଅଡୁଆ । ଷ୍ଟେଟ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ (ଆର୍‌ବିଆଇ) ପରେ ବ୍ୟାଙ୍କ ଅଫ୍ ଇଣ୍ଡିଆ (ବିଓଆଇ) ମଧ୍ୟ ଋଣଗ୍ରସ୍ତ ରିଲାଏନ୍ସ କମ୍ୟୁନିକେସନ୍ସ ଏବଂ ଏହାର ପୂର୍ବତନ ନିର୍ଦ୍ଦେଶକ ଅନିଲ ଅମ୍ବାନୀଙ୍କ ଆକାଉଣ୍ଟକୁ 'ଫ୍ରଡ୍' ଘୋଷଣା କରିଛି । ବ୍ୟାଙ୍କ ଅଭିଯୋଗ କରିଛି ଯେ, କମ୍ପାନି ୨୦୧୬ରେ ନେଇଥିବା ଋଣରେ ହେରଫେର କରିବା ସହ ଏହାକୁ ଅନ୍ୟତ୍ର ବ୍ୟବହାର କରିଥିଲା । ସୂଚନା ଅନୁଯାୟୀ, ବ୍ୟାଙ୍କ ଅଫ୍ ଇଣ୍ଡିଆ ୨୦୧୬ ଅଗଷ୍ଟରେ ଆରକମ୍‌କୁ ୭୦୦ କୋଟି ଟଙ୍କାର ଋଣ ଦେଇଥିଲା । ଏଥିରୁ ୨୦୧୬ ଅକ୍ଟୋବରରେ ଜାରି ହୋଇଥିବା ଅର୍ଥରାଶିର ଅଧାରୁ ଅଧିକ ଟଙ୍କାକୁ କମ୍ପାନି ସ୍ଥାୟୀ ଜମା ବା ଫିକ୍ସ ଡିପୋଜିଟ୍ ଭାବରେ ରଖିଥିଲା । ଯାହା ନେଇଥିବା ଋଣର ସର୍ତ୍ତ ବିରୁଦ୍ଧ । ଷ୍ଟକ୍ ଏକ୍ସଚେଞ୍ଜକୁ ଦିଆଯାଇଥିବା ଏକ ଫାଇଲିଂରେ ଆରକମ୍ କହିଛି, ଅଗଷ୍ଟ ୨୨ ତାରିଖରେ କମ୍ପାନିକୁ ବ୍ୟାଙ୍କ ଅଫ୍ ଇଣ୍ଡିଆରୁ ଏକ ଚିଠି ମିଳିଥିଲା । ଯେଉଁଥିରେ କମ୍ପାନି, ଅନିଲ ଧୀରଜଲାଲ ଅମ୍ବାନୀ (ପୂର୍ବ ନିର୍ଦ୍ଦେଶକ) ଏବଂ ମଞ୍ଜରୀ ଅଶୋକ କକ୍କର (ପୂର୍ବ ନିର୍ଦ୍ଦେଶକ)ଙ୍କ ଆକାଉଣ୍ଟକୁ 'ଫ୍ରଡ୍' ଘୋଷଣା କରାଯାଥିବା ସୂଚନା ରହିଥିଲା । ସେପଟେ ଅନିଲ ଅମ୍ବାନୀଙ୍କ ମୁଖପାତ୍ର ସବୁ ଅଭିଯୋଗକୁ ପ୍ରତ୍ୟାଖ୍ୟାନ କରିଛନ୍ତି । ସେ କହିଛନ୍ତି ଏହା ୧୦ ବର୍ଷରୁ ଅଧିକ ପୁରୁଣା ମାମଲା ।

## ଟିପିଡବ୍ଲ୍ୟୁଓଡିଏଲ୍ ପକ୍ଷରୁ ନୂତନ ଯୋଜନାର ଘୋଷଣା




ସମ୍ବଲପୁର (ଭାସ୍କର ନ୍ୟୁଜ୍) : ଟିପିଡବ୍ଲ୍ୟୁଓଡିଏଲ୍ ତରଫରୁ ରବିବାର ଏକ ସାମ୍ବାଦିକ ସମ୍ମିଳନୀ ଦ୍ୱାରା ଏ କିଲୋୱାଟ୍ ପର୍ଯ୍ୟନ୍ତ ଚୁକ୍ତି କରିଥିବା ବିଦ୍ୟୁତ୍ ଗ୍ରାହକଙ୍କ ପାଇଁ ଏକ କିଲୋୱାଟର ସୋଲାର ସିଷ୍ଟମର ନୂତନ ଯୋଜନାର ଘୋଷଣା କରାଯାଇଛି । ଏହି ଅବସରରେ କମ୍ପାନୀ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରବୀଣ ବର୍ମା ଏହି ଯୋଜନା ବାବଦରେ ବିସ୍ତୃତ ବିବରଣୀ ପ୍ରଦାନ କରି ଘୋଷଣା କରିଥିଲେ ଯେ, ପଶ୍ଚିମ ଓଡ଼ିଶାର ଏକ କିଲୋୱାଟ୍ ଚୁକ୍ତି କରିଥିବା ବିଦ୍ୟୁତ୍ ଗ୍ରାହକ ଯଦି ଏକ କିଲୋୱାଟର ରୁଫଟପ୍ ସୋଲାର ସିଷ୍ଟମ ନିଜ ଘର ଉପରେ ସ୍ଥାପନ କରିବାକୁ ଚାହାଁନ୍ତି । ତେବେ ସେମାନଙ୍କୁ କେବଳ ପାଞ୍ଚ ହଜାର ଟଙ୍କା ଏବଂ ସୋଲାର ମିଟର୍ ବାବଦକୁ ୩ ହାଜର ୭୪୭ ଟଙ୍କା ସର୍ବମୋଟ୍ ୮ ହଜାର ୭୪୭ ଟଙ୍କା ଦେବାକୁ ପଡ଼ିବ । ଗ୍ରାହକମାନେ ଏହି ଯୋଜନା ପାଇଁ ବିଦ୍ୟୁତ୍ ବିତରକ କମ୍ପାନୀକୁ ଏକ ସ୍ୱାକ୍ଷରିତ ସମ୍ମତିପତ୍ର ପ୍ରଦାନ କରିବେ, ଯାହା ଫଳରେ ବିଦ୍ୟୁତ୍ ବିତରକ କମ୍ପାନୀ ସମ୍ପୂର୍ଣ୍ଣ ଯନ୍ତ୍ରପାତି ପ୍ରଥମେ ଗ୍ରାହକଙ୍କ ଛାତ ଉପରେ ସ୍ଥାପନ କରି ଭାରତର ସରକାର ଏବଂ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦତ୍ତ ୫୫ ହଜାର ଟଙ୍କା (ଭାରତ ସରକାରଙ୍କ ରିହାତି ୩୦ ହାଜର ଏବଂ ରାଜ୍ୟ ସରକାରଙ୍କ ରିହାତି ୨୫ ହଜାର) ଗ୍ରାହକଙ୍କ ତରଫରୁ ପ୍ରାପ୍ତ କରିବେ । ଏହି ସୋଲର ସିଷ୍ଟମ୍ ଲଗାଇ ଗ୍ରାହକ ହାରହାରି ମାସକୁ ୧୦୦ ୟୁନିଟ୍ ବିଜୁଳି ଉତ୍ପାଦନ କରିବା ସହ ବର୍ଷରେ ୫୦୦୦ ଟଙ୍କା ପର୍ଯ୍ୟନ୍ତ ବିଦ୍ୟୁତ୍ ବିଲରୁ ବଞ୍ଚାଇ ପାରିବେ । ଏତଦ୍ ବ୍ୟତିତ୍ ବିଦ୍ୟୁତ୍ ବିତରକ କମ୍ପାନୀ ତରଫରୁ ସ୍ଥାପନ କରିଯାଇଥିବା ଯନ୍ତ୍ରପାତି ଉପରେ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ୱାରେଣ୍ଟି ଏବଂ ସ୍ଥାପନ କରାଯାଇଥିବା ସୋଲାର ପ୍ୟାନେଲ ଉପରେ ୨୫ ବର୍ଷ ପର୍ଯ୍ୟନ୍ତ ୱାରେଣ୍ଟି ପ୍ରଦାନ କରାଯିବ । ଏହି ସାମ୍ବାଦିକ ସମ୍ମିଳନୀରେ ଟିପିଡବ୍ଲୁଓଡିଏଲ୍ ତରଫରୁ ପ୍ରକାଶ କରାଯାଇଥିଲା ଯେ, ମଧ୍ୟବିତ୍ତ ପରିବାର, ଯେଉଁମାନେ ଏକକାଳୀନ ଅର୍ଥ ବିନିମୟ କରି ସୋଲାର ପ୍ୟାନେଲ୍ ସ୍ଥାପନ କରିବାକୁ ସକ୍ଷମ ନୁହଁନ୍ତି । ସେମାନେ କେବଳ ୮ ହାଜର ୭୪୭ ଟଙ୍କା ବିନିୟମରେ ଦେଶର ସବୁଜ ବିପ୍ଳବରେ ନିଜକୁ ସାମିଲ କରିପାରିବେ । ଏହା ଗ୍ରାମ, ଜିଲ୍ଲା, ରାଜ୍ୟ ତଥା ଦେଶର ପର୍ଯ୍ୟାବରଣକୁ ସୁରକ୍ଷା ଦେବା ପାଇଁ ଦେଶରେ ଚାଲିଥିବା ସବୁଜ ଶକ୍ତି ଆନ୍ଦୋଳନ ସହ ନିଜକୁ ଭାଗିଦାର କରି ଦେଶର ଉନ୍ନତିରେ ସହଯୋଗ କରିପାରିବେ । ପ୍ରକାଶଥାଉ କି, ଏହି ଯୋଜନା ଦେଶରେ ପ୍ରଚଳିତ ପିଏମ୍ ସୂର୍ଯ୍ୟଘର ମୁପ୍ତ ବିଜୁଳି ଯୋଜନାର ଏକ ଅଂଶ । ଏହା କେବଳ ଏକ କିଲୋୱାଟ୍ ଚୁକ୍ତି କରିଥିବା ବିଦ୍ୟୁତ୍ ଘରୋଇ ଗ୍ରାହକଙ୍କ ପାଇଁ ଏକ କିଲୋୱାଟ୍ ସୋଲାର ସିଷ୍ଟମ ପାଇଁ ପ୍ରଯୁଜ୍ୟ ଅଟେ ।

## ୟେସବ୍ୟାଙ୍କର ଅଂଶଧନ କିଣିବ ଏସ୍ଏମ୍ବିସି


ମୁମ୍ବାଇ : ଜାପାନର ସୁମିତୋମୋ ମିତ୍ସୁଇ ବ୍ୟାଙ୍କିଂ କର୍ପୋରେସନ (ଏସଏମବିସି)କୁ ୟେସ୍ ବ୍ୟାଙ୍କର ୨୪.୯୯ ପ୍ରତିଶତ ଅଂଶଧନ କିଣିବା ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଠାରୁ ଅନୁମୋଦନ ମିଳିଛି । ଏହା ସହିତ, ସୋମବାର ୟେସ୍ ବ୍ୟାଙ୍କର ଅଂଶଧନ ଫୋକସରେ ରହିବ । ଗତ ଶୁକ୍ରବାର ଅର୍ଥାତ୍ ଗତ ସପ୍ତାହର ଶେଷ ବ୍ୟବସାୟ ଦିବସରେ, ଏନଏସଇରେ ବ୍ୟାଙ୍କର ଅଂଶଧନ ୦.୭୭ପ୍ରତିଶତ ହ୍ରାସ ପାଇ ୧୯.୨୮ଟଙ୍କା ହୋଇଥିଲା । ୟେସ୍ ବ୍ୟାଙ୍କ ୯ ଜୁଲାଇ, ୨୦୨୫ ରେ ସୂଚନା ଦେଇଥିଲା ଯେ ଏସଏମବିସି ସେକେଣ୍ଡାରୀ ବଜାର ମାଧ୍ୟମରେ ବ୍ୟାଙ୍କରେ ଅଂଶଧନ କିଣିବାକୁ ପ୍ରସ୍ତାବ ଦେଇଛି । ଏହା ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆଠାରୁ ୧୩.୧୯ ପ୍ରତିଶତ ଅଂଶଧନ କିଣିବ । ଯେତେବେଳେ ଅନ୍ୟ ସାତ ଜଣ ଅଂଶଧନଦାତାଙ୍କଠାରୁ ୬.୮୧ ପ୍ରତିଶତ ଅଂଶଧନ କିଣାଯିବ । ୟେସ ବ୍ୟାଙ୍କର ଅନ୍ୟାନ୍ୟ ଅଂଶଧନକାରୀଙ୍କ ମଧ୍ୟରେ ଆକ୍ସିସ୍ ବ୍ୟାଙ୍କ, ବନ୍ଧନ ବ୍ୟାଙ୍କ, ଫେଡେରାଲ୍ ବ୍ୟାଙ୍କ, ଏଚଡିଏଫସି ବ୍ୟାଙ୍କ, ଆଇସିଆଇସିଆଇ ବ୍ୟାଙ୍କ, ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଏବଂ କୋଟାକ୍ ମହିନ୍ଦ୍ରା ବ୍ୟାଙ୍କ ଅନ୍ତର୍ଭୁକ୍ତ ।

## 'ସାଲେମ୍ ଷ୍ଟେନଲେସ୍ ସପ୍'ର ଶୁଭାରମ୍ଭ



ରାଉରକେଲା (ଭାସ୍କର ନ୍ୟୁଜ୍) : ଓଡିଶାରେ ପ୍ରଥମ ଥର ପାଇଁ, ସେଲ ସାଲେମ୍ ଷ୍ଟିଲ୍ ପ୍ଲାଣ୍ଟ, ରାଜ୍ୟରେ ଷ୍ଟେନଲେସ୍ ଷ୍ଟିଲ୍ ଘରୋଇ ଉତ୍ପାଦ ବିକ୍ରି ପାଇଁ ଏହାର ପ୍ରଥମ ଖୁଚୁରା ଆଉଟଲେଟ୍, 'ସାଲେମ୍ ଷ୍ଟେନଲେସ୍ ସପ୍' ଶୁଭାରମ୍ଭ କରିଛି । ରାଉରକେଲାର ଆମ୍ବାଗାନ୍‌ର ଇସ୍ପାତ ସେଣ୍ଟ୍ରାଲ୍ ମାର୍କେଟ୍ ନିକଟରେ ଅବସ୍ଥିତ ଏହି ଆଉଟଲେଟ୍‌କୁ ଅଗଷ୍ଟ ୨୨ ତାରିଖରେ ରାଉରକେଲା ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା ଆନୁଷ୍ଠାନିକ ଭାବରେ ଉଦଘାଟନ କରିଥିଲେ । ଏହି ଅବସରରେ ଦୀପିକା ମହିଳା ସଂଘତିର ଅଧ୍ୟକ୍ଷା ନମ୍ରତା ବର୍ମା, ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଅନିଲ କୁମାର, ଖଣି ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏମ୍‌ପି ସିଂହ, ସାଲେମ ଷ୍ଟିଲ ପ୍ଲାଣ୍ଟର ସିଜିଏମ ଅପରେସନ ଟି ପି ଶିବଶଙ୍କର, ବିତ୍ତ ଓ ଲେଖା ବିଭାଗର ସିଜିଏମ ରାଜେଶ ଦାସଗୁପ୍ତା, ଦୀପିକା ମହିଳା ସଂଘତିର ଉପାଧ୍ୟକ୍ଷା ପ୍ରଭାତୀ ମିଶ୍ର, ରୀତା ରାଣୀ, ବନ୍ଦନା ସିଂହ ଏବଂ କାରଖାନାର ଅନେକ ବରିଷ୍ଠ ଅଧିକାରୀ ଏହି ଅବସରରେ ଉପସ୍ଥିତ ଥିଲେ । ଏହି ଆଉଟଲେଟ୍ ଓଡ଼ିଶାରେ ପ୍ରଥମ ଥର ପାଇଁ ଖୋଲାଯାଇଛି, ଯାହା ସେଲ୍‌ର ସାଲେମ୍ ଷ୍ଟିଲ୍ ପ୍ଲାଣ୍ଟର ଐତିହ୍ୟକୁ ସିଧାସଳଖ ଗ୍ରାହକମାନଙ୍କ ନିକଟରେ ପହଞ୍ଚାଉଛି, ଯାହା ଜନସାଧାରଣଙ୍କୁ ଉଚ୍ଚମାନର, ବିଶ୍ୱସ୍ତ ଏବଂ ପରିବେଶ ଅନୁକୂଳ ଉତ୍ପାଦ ପ୍ରଦାନ କରିବା ପାଇଁ ସେଲ୍‌ର ପ୍ରତିବଦ୍ଧତାକୁ ଦୋହରାଉଛି । ସାଲେମ୍ ଷ୍ଟେନଲେସ୍ ସପ୍ ଏହାର '୩୦୪ ଗ୍ରେଡ୍ ଷ୍ଟେନଲେସ୍ ଷ୍ଟିଲ୍' ପାଇଁ ଜଣାଶୁଣା ବିଭିନ୍ନ ଉତ୍ପାଦ ଉପଲବ୍ଧ କରୁଛି, ଯାହା ଦୀର୍ଘସ୍ଥାୟୀ, ସୁନ୍ଦର ଡିଜାଇନ୍ ଗୁଣଗୁଡ଼ିକ ପାଇଁ ପରିଚିତ ଅଟେ । ଏହି ବିକ୍ରୟ କେନ୍ଦ୍ରର ଶୁଭାରମ୍ଭ ଅବସରରେ ସାଲେମ୍ ଷ୍ଟେନଲେସ୍ ସପ୍ ଏହାର ସମସ୍ତ ଉତ୍ପାଦ ଉପରେ ପ୍ରାରମ୍ଭିକ ୨୫% ରିହାତି ପ୍ରଦାନ କରୁଛି, ଯାହା ବାସିନ୍ଦାମାନଙ୍କୁ ଏକ ବିଶେଷ ମୂଲ୍ୟରେ ଉଚ୍ଚମାନର ଷ୍ଟେନଲେସ୍ ଷ୍ଟିଲ୍ ବାସନକୁସନ ଏବଂ ଘରୋଇ ସାମଗ୍ରୀ କିଣିବା ପାଇଁ ଏକ ଉତ୍କୃଷ୍ଟ ସୁଯୋଗ ପ୍ରଦାନ କରୁଛି । ସେଲ୍‌ର ଯେକୌଣସି ଷ୍ଟିଲ୍ ସିଟିରେ ଖୋଲାଯାଇଥିବା ଏହି ବିକ୍ରୟ କେନ୍ଦ୍ର, ଓଡ଼ିଶାରେ ସେଲ୍‌ର ଖୁଚୁରା ଉପସ୍ଥିତିକୁ ବିସ୍ତାର କରିବା, ସମାଜକୁ ସ୍ଥାୟୀ ଏବଂ ପରିବେଶ ଅନୁକୂଳ ଘରୋଇ ସମାଧାନ ପ୍ରଦାନ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ।

## ଶକ୍ତି ସଂରକ୍ଷଣ ପ୍ରମାଣପତ୍ର ହାସଲ କଲା ଆର୍‌ଏସ୍‌ପି



ରାଉରକେଲା (ଭାସ୍କର ନ୍ୟୁଜ୍) : ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି) ଭାରତ ସରକାରଙ୍କ ପରଫର୍ମ, ଆଚିଭ୍ ଏବଂ ବାଣିଜ୍ୟ (ପିଏଟି) ଯୋଜନା ଅଧୀନରେ ୪୭,୨୦୯ ଶକ୍ତି ସଂରକ୍ଷଣ ପ୍ରମାଣପତ୍ର ହାସଲ କରି ଶକ୍ତି ସଂରକ୍ଷଣ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହାସଲ କରିଛି । ଭାରତୀୟ ଶକ୍ତି ବିନିମୟ (ଆଇଇଏକ୍ସ )ରେ ଶେଷ ବାଣିଜ୍ୟ ମୂଲ୍ୟ ଅନୁସାରେ ପ୍ରାୟ ୯ କୋଟି ଟଙ୍କା ମୂଲ୍ୟର ଏହି ପ୍ରମାଣପତ୍ରଗୁଡ଼ିକୁ ମୁଦ୍ରୀକରଣ କିମ୍ବା ନିର୍ଦ୍ଦିଷ୍ଟ ଡିପୋଜିଟୋରୀ ସହିତ ସଞ୍ଚୟ କରାଯାଇପାରିବ । ଏହି ସଫଳତା ପିଏଟି ଚକ୍ର ୨୦୨୨-୨୩ ରୁ ୨୦୨୪-୨୫ ଆର୍ଥିକ ବର୍ଷ ଅବଧି ମଧ୍ୟରେ ହାସଲ ହୋଇଛି, ଯେଉଁଥିରେ ଆରଏସପି ୦.୬୬୬୮ ଲକ୍ଷ୍ୟ ତୁଳନାରେ ପ୍ରତି ଟନ୍ ଅଶୋଧିତ ଇସ୍ପାତ ଟନ ପିଛା ୦.୬୫୩୯ ଟନ୍ ତୈଳ ସମତୁଲ୍ୟ (ଟିଓଇ /ଟିସିଏସ) ର ଆପେକ୍ଷିକ ଶକ୍ତି ବ୍ୟବହାର (ଏସଇସି) ହାସଲ କରିଥିଲା । ଚଳିତ ବର୍ଷ ଜୁନ୍ ୨୩ ତାରିଖରେ ଶକ୍ତି ଦକ୍ଷତା ବ୍ୟୁରୋ (ବିଇଇ) ଦ୍ୱାରା ତାଲିକାଭୁକ୍ତ ଏକ ସ୍ୱୀକୃତିପ୍ରାପ୍ତ ଶକ୍ତି ଅଡିଟର (ଏଇଏ) ଦ୍ୱାରା କରାଯାଇଥିବା ଏହି ଅଡିଟ୍ ଆରଏସପିକୁ ୪୭,୨୦୯ ଶକ୍ତି ସଞ୍ଚୟ ପ୍ରମାଣପତ୍ର ପ୍ରଦାନ କରିଥିଲା । ଜଳବାୟୁ ପରିବର୍ତ୍ତନ ଉପରେ ଜାତୀୟ କାର୍ଯ୍ୟ ଯୋଜନା (ଏନଏପିସିସି) ଏବଂ ଉନ୍ନତ ଶକ୍ତି ଦକ୍ଷତା ପାଇଁ ଜାତୀୟ ମିଶନ (ଏନଏମଇଇଇ) ଅଧୀନରେ ଆରମ୍ଭ ହୋଇଥିବା ପିଏଟି ଯୋଜନା, ଆପେକ୍ଷିକ ଶକ୍ତି ହ୍ରାସ ଲକ୍ଷ୍ୟ ପୂରଣ କରିବା ପାଇଁ ନିର୍ଦ୍ଦିଷ୍ଟ ଉପୋଭକ୍ତା (ଡ଼ିସି) ନାମରେ ପରିଚିତ ବୃହତ ଶକ୍ତି ଗ୍ରାହକଙ୍କୁ ନିର୍ଦ୍ଦେଶ ଦିଏ । ଲକ୍ଷ୍ୟ ଅପେକ୍ଷା ଭଲ ଏସଇସି ହାସଲ କରୁଥିବା ୟୁନିଟଗୁଡ଼ିକୁ ଶକ୍ତି ସଞ୍ଚୟ ପ୍ରମାଣପତ୍ର ସହିତ ପୁରସ୍କୃତ କରାଯାଏ, ଏଥିସମେତ ଯେଉଁମାନେ ଏଥିରେ ବିଫଳ ହୁଅନ୍ତି ସେମାନଙ୍କୁ ଅନୁପାଳନ ପାଇଁ ଆଇଇଏକ୍ସ ମାଧ୍ୟମରେ ସମାନ ପ୍ରମାଣପତ୍ର କିଣିବାକୁ ପଡିଥାଏ ।

## ରେନୋ ଇଣ୍ଡିଆ ପକ୍ଷରୁ ନୂଆ କାଇଗର୍ ଉନ୍ମୋଚିତ




ନୂଆଦିଲ୍ଲୀ: ଫ୍ରାନ୍ସର କାର୍ ନିର୍ମାତା ରେନୋ ଗ୍ରୁପ୍‌ର ସହାୟକ କମ୍ପାନି ରେନୋ ଇଣ୍ଡିଆ ପକ୍ଷରୁ ନୂଆ କାଇଗର୍‌କୁ ଉନ୍ମୋଚନ କରାଯାଇଛି । ଯାହାକୁ ରିଥିଙ୍କ୍ ପରଫର୍ମାନ୍ସ ଦର୍ଶନ ଆଧାରରେ ବିକାଶ କରାଯାଇଛି । ଅତ୍ୟାଧୁନିକ ୧୦୦ ପିଏସ୍ ଟର୍ବୋଚାର୍ଜଡ୍ ଇଂଜିନ ଓ ୩୫ରୁ ଅଧିକ ଉନ୍ନତୀକରଣ ସହିତ ଏହି ଚାରି ମିଟର୍‌ରୁ କମ୍ ଏସ୍‌ୟୁଭି ପ୍ରଦର୍ଶନ, ଶ୍ରେଣୀର ଶ୍ରେଷ୍ଠ ଇନ୍ଧନ ମିତବ୍ୟୟିତା ଏବଂ ଉଲ୍ଲେଖନୀୟ ମୂଲ୍ୟର ମିଶ୍ରଣ ପ୍ରଦାନ କରୁଛି । ନୂଆ କାଇଗର୍‌ରେ ୩୫ ପ୍ରକାରର ଉନ୍ନତି କରାଯାଇଥିବା ବେଳେ ଭିତର ଓ ବାହାର ପାର୍ଶ୍ୱର ଡିଜାଇନ ଓ ଉନ୍ନତ ପ୍ରଯୁକ୍ତି ତଥା ସୁରକ୍ଷା ବ୍ୟବସ୍ଥା ବ୍ୟବହାର କରାଯାଇଛି । ଦୃଢ଼ ଡିଜାଇନ, ସ୍ମାର୍ଟ ପ୍ରଯୁକ୍ତି, ଉନ୍ନତ ସୁରକ୍ଷାର ସମନ୍ୱୟ ସହିତ ନୂଆ କାଇଗର ଶକ୍ତିଶାଳୀ ପ୍ରଦର୍ଶନ ପ୍ରଦାନ କରୁଛି । ସୁବିଧାସୁଯୋଗରେ ପରିପୂର୍ଣ୍ଣ ଟର୍ବୋ କାଇଗର୍‌ର ଦୁଇଟି ଭାରିଆଂଟ୍ ଟେକ୍ନୋ ଓ ଇମୋସନ୍‌ର ମୂଲ୍ୟ (ଏକ୍ସ ସୋ'ରୁମ୍) ଯଥାକ୍ରମେ ୯.୯୯ ଲକ୍ଷ୍ୟଟଙ୍କା ଓ ୧୧.୨୯ ଲକ୍ଷ୍ୟ ଟଙ୍କା ରହିଛି । ଇଂଜିନ ଭାରିଆଂଟ୍‌ର ଦାମ୍ ଯଥାକ୍ରମେ ୬.୨୯ ଲକ୍ଷ୍ୟ ଟଙ୍କା ଓ ୯.୧୪ ଲକ୍ଷ୍ୟ ଟଙ୍କା (ଏକ୍ସ ସୋ'ରୁମ୍) ରହିଛି । ଏହି ଅବସରରେ ରେନୋ ଇଣ୍ଡିଆର ଏମ୍‌ଡି ଓ ସିଇଓ ଭେଙ୍କଟରାମ ମାମିଲାପାଲେ କହିଛନ୍ତି ଯେ, 'ଦ୍ରୁତ ଗତିରେ ଆଗକୁ ବଢୁଥିବା ଏବଂ ୟୁଏସ୍‌ୟୁଭି ବିକ୍ରି ପ୍ରତି ୫୦ ପ୍ରତିଶତ ଯୋଗଦାନ ଏବଂ ଦେଶର ଆଇଆଇଭି ପ୍ରତି ୩୧ ପ୍ରତିଶତ ଯୋଗଦାନ ଦେଉଥିବା ଏକ ବର୍ଗରେ ନୂଆ କାଇଗର୍‌ର ଶୁଭାରମ୍ଭ କରି ଆମେ ଉଲ୍ଲସିତ । କାଇଗର୍ ଏହାର ନିଜ ବର୍ଗରେ ଏକ ସ୍ୱତନ୍ତ୍ର ଉତ୍ପାଦ ଏବଂ ଏହି ସଦ୍ୟତମ ସଂସ୍କରଣ ସହିତ ପ୍ରତିକ୍ରିୟାଶୀଳ ଡିଜାଇନ, ବୁଦ୍ଧିମାନ ଇଞ୍ଜିନିୟରିଂ ଏବଂ ବାସ୍ତବ ଦୁନିଆର ପ୍ରଦର୍ଶନକୁ ଭାରତୀୟ ଗ୍ରାହକମାନଙ୍କ ପାଖରେ ପହଂଚାଇବା ପାଇଁ ଆମେ ଆମ ପ୍ରତିବଦ୍ଧତାକୁ ଦୋହରାଉଛୁ । ଏହା ରେନୋର ଭାରତ ରୂପା'ରୀତ ଯାତ୍ରା ରେନୋ, ରିଥିଙ୍କ୍‌ରେ ଏକ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତକୁ ଦର୍ଶାଉଛି ।' ନୂଆ କାଇଗର୍‌ର ବାହାର ପାର୍ଶ୍ୱରେ ଆକର୍ଷଣୀୟ ଗ୍ରିଲ୍, ନୂଆ ହୁଡ୍, ପୁନଃ ଡିଜାଇନ କରାଯାଇଥିବା ସାମ୍ନା ଓ ପଛ ବମ୍ପର, ଏଲ୍‌ଇଡି ହେଡ୍‌ଲ୍ୟାମ୍ପ, ଟେଲ୍ ଲ୍ୟାମ୍ପ ଓ ଫଗ୍ ଲ୍ୟାମ୍ପ ସହିତ ୧୬ ଇଂଚର ହୀରା ଭଳି କଟା ହୋଇଥିବା ଆଲୟ ହ୍ୱିଲ୍ ଓ ସ୍କିଡ୍ ପ୍ଲେଟ୍ ବ୍ୟବହାର କରାଯାଇଛି । ଏହାର ପ୍ରିମିୟମ୍ ଭିତର ପାର୍ଶ୍ୱରେ ନୂଆ ଡୁଆଲ୍ ଟୋନ୍ ଡ୍ୟାସ୍‌ବୋର୍ଡ, ପ୍ରିମିୟମ୍ ଭେଂଟିଲେଟେଡ୍ ଚମଡ଼ାରୁ ପ୍ରସ୍ତୁତ ସିଟ୍, ନୂଆ ସିଟ୍ ଅପ୍‌ହୋଲ୍‌ଷ୍ଟ୍ରି ଏବଂ ପ୍ରିମିୟମ୍ କ୍ୟାବିନ୍ ଅନୁଭୂତି ରହିଛି । ଏହି କାର୍ ଓଏସିସ୍ ୟେଲୋ, ସ୍ୟାଣ୍ଡୋ ଗ୍ରେ, ରାଡିଆଂଟ୍ ରେଡ୍, କାସ୍‌ପିଆନ୍ ବ୍ଲୁ, ଆଇସ୍ କୁଲ୍ ହ୍ୱାଇଟ୍, ମୁନ୍‌ଲାଇଟ୍ ସିଲ୍‌ଭର୍ ଓ ଷ୍ଟିଲ୍‌ଥ ବ୍ଲାକ୍ ରଙ୍ଗରେ ଉପଲବ୍ଧ ହୋଇଛି । ଏହା ସହିତ ଏଥିରେ ଇକୋ, ନର୍ମାଲ୍ ଓ ସ୍ପୋର୍ଟସ୍ ଭଳି ତିନିଟି ଡ୍ରାଇଭିଂ ମୋଡ୍ ରହିଛି ।



ବୋଲଗଡ (ଭାସ୍କର ନ୍ୟୁଜ୍): ବେଗୁନିଆ ମଣ୍ଡଳ ଅନ୍ତର୍ଗତ ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟର କ୍ରୀଡା ପ୍ରତିଯୋଗିତା ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଶନିବାର ଦିନ ଉଦଯାପିତ ହୋଇଯାଇଛି। କ୍ରୀଡା ଶିକ୍ଷକ ପ୍ରଭାତ କୁମାର ନିଶଙ୍କଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଖେଳ ପ୍ରତିଯୋଗିତା ମଧ୍ୟରୁ ଶିକ୍ଷୟିତ୍ରୀ ସ୍ମୃତିସ୍ମିତା ବେହେରା, ସୁରଜିତା ଦଳେଇ, ଶୁଭଲକ୍ଷ୍ମୀ ସାହୁ ଓ ସୁନିତା ପୃଷ୍ଟି, ଲକ୍ଷ୍ମୀପ୍ରିୟା ତ୍ରିପାଠୀ, ରିସ୍ମାରଶ୍ମି ପାଇକରାୟ, ସସ୍ମିତା ସାହୁ ଏବଂ ଆଶା ମୁର୍ମୁ କନିଷ୍ଠ ଓ ବରିଷ୍ଠ ବିଭାଗ ଛାତ୍ରୀମାନଙ୍କ ମଧ୍ୟରେ କବାଡି, ବ୍ୟାଡ଼ମିଣ୍ଟନ, ଖୋ ଖୋ ପ୍ରତିଯୋଗିତା ପରିଚାଳନା କରିଥିଲେ। ଶିକ୍ଷକ ଅଜିତ କୁମାର ପୁରୀ, ସୂର୍ଯ୍ୟକାନ୍ତ ମହାପାତ୍ର, ପ୍ରଭାତ କୁମାର ନିଶଙ୍କ ଓ ଶ୍ରୀକାନ୍ତ ପଣ୍ଡା ଛାତ୍ରମାନଙ୍କ ମଧ୍ୟରେ ଭଲି ବଲ, କବାଡ଼ି, କ୍ରିକେଟ ଓ ଫୁଟବଲ ପ୍ରତିଯୋଗିତା ପରିଚାଳନା କରିଥିଲେ। ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ସାରଦାଠାରେ ସୁରମଣୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ସୁଶାନ୍ତ ସ୍ୱାଇଁ ମୁଖ୍ୟଅତିଥି, ବୋତଲମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଦୁଇ ଆୟୁଷ ଚିକିତ୍ସା ଅଧିକାରୀ ଡ. ସ୍ୱରୂପ ମିଶ୍ର ଓ ଡ. ବିଭୁତି ଭୂଷଣ ଜତି, ଖଣତିସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ନାୟକ ଏବଂ କଡବ ସାଧନକେନ୍ଦ୍ର ସଂଯୋଜକ ରବୀନ୍ଦ୍ର କୁମାର ନାୟକ ସମ୍ମାନିତ ଅତିଥି ରୂପେ ଯୋଗଦାନ କରି କ୍ରୀଡାର ଉପାଦେୟତା ସମ୍ପର୍କରେ ଆଲୋକପାତ କରିଥିଲେ ।ବିରଞ୍ଚି ନାରାୟଣ ସାହୁ ଓ ବିଶ୍ୱରଞ୍ଜନ ପରିଡ଼ା ସହଯୋଗ କରିଥିଲେ।

# କ୍ରିକେଟ୍‌କୁ ପୂଜାରାଙ୍କ ଅଲ୍‌ବିଦା



ନୂଆଦିଲ୍ଲୀ: ଭାରତୀୟ କ୍ରିକେଟର ସମସ୍ତ ଫର୍ମାଟରୁ ରବିବାର ଅବସର ଘୋଷଣା କରିଛନ୍ତି ଟେଷ୍ଟ ସ୍ପେଶାଲିଷ୍ଟ ଖେଳାଳି ଚେତେଶ୍ୱର ପୂଜାରା। ସେ ନେଇ ସୋଶିଆଲ ମିଡିଆରେ ଏକ ପୋଷ୍ଟ କରି ସୂଚନା ଦେଇଛନ୍ତି। ତାଙ୍କର ଏହି ଅବସର ଘୋଷଣାକୁ ନେଇ କ୍ରିକେଟପ୍ରେମୀଙ୍କ ମଧ୍ୟରେ ହତୋତ୍ସାହିତ ପରିଲକ୍ଷିତ ହୋଇଛି। ୩୭ ବର୍ଷୀୟ ପୂଜାରା ୨୦୨୩ରେ ଓଭାଲରେ ଅଷ୍ଟ୍ରେଲିଆ ବିପକ୍ଷରେ ତାଙ୍କର ଶେଷ ଟେଷ୍ଟ ମ୍ୟାଚ୍ ଖେଳିଥିଲେ। ୨୦୧୦ରେ ସେ ଅଷ୍ଟ୍ରେଲିଆ ବିପକ୍ଷରେ ମଧ୍ୟ ଟେଷ୍ଟ ଡେବ୍ୟୁ କରିଥିଲେ। ପୂଜାରା ୧୦୩ଟି ଟେଷ୍ଟ ଖେଳିଥିବା ବେଳେ ୧୭୬ଟି ଇନିଂସରୁ ୪୩.୬୦ ହାରରେ ୭,୧୯୫ ରନ୍ କରିଛନ୍ତି। ତା' ମଧ୍ୟରେ ୧୯ଟି ଶତକ ଓ ୩୫ଟି ଅର୍ଦ୍ଧଶତକ ରହିଛି। ୨୦୬ ନଟ୍ ଆଉଟ୍ ହେଉଛି ତାଙ୍କର ଟେଷ୍ଟରେ ବ୍ୟକ୍ତିଗତ ସର୍ବାଧିକ ରନ୍, ଯାହା ସେ ୨୦୧୨ରେ ଅହମଦାବାଦରେ ଇଂଲଣ୍ଡ ବିପକ୍ଷରେ କରିଥିଲେ। ୭,୧୯୫ ରନ୍ ସହିତ ଭାରତୀୟ ଟେଷ୍ଟ କ୍ରିକେଟ ଇତିହାସରେ ସର୍ବାଧିକ ରନ୍ ସଂଗ୍ରହକାରୀଙ୍କ ତାଲିକାର ଅଷ୍ଟମ ସ୍ଥାନରେ ରହିଛନ୍ତି ପୂଜାରା। ତାଙ୍କ ଉପରେ ଯଥାକ୍ରମେ ସୌରଭ ଗାଙ୍ଗୁଲି (୭୨୧୨), ବୀରେନ୍ଦ୍ର ସେହୱାଗ (୮୫୦୩), ଭିଭିଏସ୍ ଲକ୍ଷ୍ମଣ (୮୭୮୧), ବିରାଟ କୋହଲି (୯୨୩୦), ସୁନୀଲ ଗାଭାସ୍କର (୧୦,୧୨୨), ରାହୁଲ ଦ୍ରାବିଡ (୧୩,୨୬୫) ଓ ସଚିନ ତେନ୍ଦୁଲକର (୧୫,୯୨୧) ରହିଛନ୍ତି। ପୂଜାରା ଦେଶ ପାଇଁ ମାତ୍ର ୫ଟି ଦିନିକିଆ ମ୍ୟାଚ୍ ଖେଳିଥିଲେ। ୨୦୧୩ରେ ଜିମ୍ବାୱେ ବିପକ୍ଷରେ ସେ ଦିନିକିଆ ଡେବ୍ୟୁ କରିଥିଲେ। ଏହି ଫର୍ମାଟରେ ସେ ତାଙ୍କ ଶେଷ ମ୍ୟାଚ୍ ବାଂଲାଦେଶ ବିପକ୍ଷରେ ୨୦୧୪ରେ ଖେଳିଥିଲେ। ରାଜକୋଟରେ ଜନ୍ମିତ ପୂଜାରାଙ୍କୁ ବେଳେବେଳେ ଭାରତୀୟ ଟେଷ୍ଟର ଅନ୍ୟତମ ମହାନ ଖେଳାଳି ରାହୁଲ ଦ୍ରାବିଡଙ୍କ ସହିତ ତୁଳନା କରାଯାଏ। ତେବେ ପୂଜାରାଙ୍କ ନିଜସ୍ୱ ଶୈଳୀ ଥିଲା। କ୍ରିଜ୍‌ରେ ତାଙ୍କର ନିର୍ଭୀକ ଏକାଗ୍ରତା ପାଇଁସେ ବେଶ୍ ଜଣାଶୁଣା। ପୂଜାରାଙ୍କ ଉଦ୍ଦେଶ୍ୟରେ ସଚିନ ତାଙ୍କ 'ଏକ୍ସ'ରେ ଲେଖିଛନ୍ତି, ଆପଣଙ୍କ ବ୍ୟାଟିଂ ଶୈଳୀ, ଧୈର୍ଯ୍ୟ ଓ ଚାପ ସମୟରେ ଏକାଗ୍ରତା ଟିମ୍ ପାଇଁ ଖୁଣ୍ଟ ସାଜିଥାଏ। ଏହାର ଅନେକ ଉଦାହରଣ ଥିବା ବେଳେ ୨୦୧୮ରେ ଅଷ୍ଟ୍ରେଲିଆ ବିପକ୍ଷ ବିଜୟ ହେଉଛି ସେଥିରୁ ଗୋଟିଏ। ଆପଣଙ୍କ ମ୍ୟାଚ୍ ୱିନିଙ୍ଗ ରନ୍ ବିନା ତାହା ସମ୍ଭବ ହୋଇ ନଥା'ନ୍ତା। ତେବେ ୨୦୨୩ ପରଠାରୁ ପୂଜାରା ଚୟନକର୍ତ୍ତାଙ୍କ ଦ୍ୱାରା ଅଣଦେଖା ହୋଇ ରହିଯାଇଥିଲେ। କାରଣ ବିସିସିଆଇ ଯୁବ ଖେଳାଳିଙ୍କ ଉପରେ ଜୋର ଦେଇଥିଲା। ଅବସର ଘୋଷଣା କରି ଚେତେଶ୍ୱର ପୂଜାରା ସୋଶାଲ ମିଡିଆରେ କରିଥିବା ପୋଷ୍ଟରେ ଲେଖିଛନ୍ତି ଯେ ସେ ଭାରତୀୟ କ୍ରିକେଟ ଟିମ୍‌ର ଅଂଶ ହେବାକୁ ସ୍ୱପ୍ନ ଦେଖିଥିଲେ। କିନ୍ତୁ ସେ ଜାଣି ନଥିଲେ ଯେ ଏହି ଖେଳ ତାଙ୍କୁ ଏତେ ଜିନିଷ ଦେବ। ତାଙ୍କୁ ଅମୂଲ୍ୟ ସୁଯୋଗ ମିଳିଛି। ଅଭିଜ୍ଞତା ମିଳିଛି। ଭଲ ପାଇବା ମିଳିଛି। ସବୁଠୁ ବଡ଼ କଥା ତାଙ୍କୁ ରାଜ୍ୟ ଓ ଦେଶକୁ ପ୍ରତିନିଧିତ୍ୱ କରିବାକୁ ସୁଯୋଗ ମିଳିଛି। ଯେତେଥର ସେ ପଡ଼ିଆକୁ ଓହ୍ଲାଇଛନ୍ତି, ସବୁଥର ନିଜର ଶ୍ରେଷ୍ଠ ଦେବାକୁ ଚେଷ୍ଟା କରିଛନ୍ତି। ତେବେ ସବୁ ଭଲ ଜିନିଷର ମଧ୍ୟ ଶେଷ ଥାଏ। ପ୍ରଚୁର କୃତଜ୍ଞତାର ସହିତ ସେ ଭାରତୀୟ କ୍ରିକେଟର ସବୁ ଫର୍ମାଟରୁ ଅବସର ନେବାକୁ ନିଷ୍ପତ୍ତି ନେଇଛନ୍ତି। ସୁଯୋଗ ଦେଇଥିବାରୁ ଓ ପୂରା କ୍ରିକେଟ କ୍ୟାରିୟରରେ ସମର୍ଥନ କରିଥିବାରୁ ବିସିସିଆଇ ଓ ସୌରାଷ୍ଟ୍ର କ୍ରିକେଟ ଆସୋସିଏସନକୁ ଧନ୍ୟବାଦ ଜଣାଇଛନ୍ତି ପୂଜାରା। ତା'ସହିତ ସେ ତାଙ୍କର ସମସ୍ତ ମେଣ୍ଟର ଓ କୋଚ୍‌ଙ୍କ ସହିତ ଟିମ୍‌ମେଟ୍, ସପୋର୍ଟ ଷ୍ଟାଫ, ନେଟ୍ ବୋଲର, ସମୀକ୍ଷକ, ଅମ୍ପାୟାର, ଗ୍ରାଉଣ୍ଡ ଷ୍ଟାଫ, ସ୍କୋରର ଓ ଗଣମାଧ୍ୟମକୁ ଧନ୍ୟବାଦ ଜଣାଇଛନ୍ତି। ଫ୍ୟାନ୍‌ମାନଙ୍କୁ ଧନ୍ୟବାଦ ଦେବାକୁ ଭୁଲି ନାହାନ୍ତି ପୂଜାରା। ତା'ସହିତ ସେ ତାଙ୍କ ବାପା-ମା', ପତ୍ନୀ-ପୂଜା, ଝିଅ-ଅଦିତି, ଶାଶୁ-ଶ୍ୱଶୁର ଓ ବନ୍ଧୁବାନ୍ଧବଙ୍କୁ ମଧ୍ୟ ଧନ୍ୟବାଦ ଜଣାଇଛନ୍ତି।

## ପୂଜାରାଙ୍କ ମୋଟ ସମ୍ପତ୍ତି ୨୪କୋଟି

ନୂଆଦିଲ୍ଲୀ: ଟେଷ୍ଟ କ୍ରିକେଟର ସର୍ବୋତ୍ତମ ବ୍ୟାଟସମ୍ୟାନଙ୍କ ମଧ୍ୟରୁ ଜଣେ ଅଭିଜ୍ଞ ଭାରତୀୟ କ୍ରିକେଟର ଚେତେଶ୍ୱର ପୂଜାରା, ଏବେ ସେ ଭାରତୀୟ କ୍ରିକେଟର ସମସ୍ତ ଫର୍ମାଟରୁ ଅବସର ଘୋଷଣା କରିଛନ୍ତି। ସେ ଏହି ସୂଚନା ସୋସିଆଲ ମିଡିଆ ମାଧ୍ୟମରେ ଶେୟାର କରିଛନ୍ତି। ମିଡିଆ ରିପୋର୍ଟ ଅନୁଯାୟୀ, ଚେତେଶ୍ୱର ପୂଜାରାଙ୍କ ମୋଟ ସମ୍ପତ୍ତି ପ୍ରାୟ ୨୪ କୋଟି। ତାଙ୍କର ମାସିକ ଆୟ ପ୍ରାୟ ୧୫ ଲକ୍ଷ ହୋଇଛି। ୨୦୨୨-୨୩ରେ, ତାଙ୍କୁ ବିସିସିଆଇର ବି ଗ୍ରେଡ ଚୁକ୍ତିନାମାରେ ସାମିଲ କରାଯାଇଥିଲା ଯାହା ଅନୁଯାୟୀ ସେ ବାର୍ଷିକ ୩ କୋଟି ଦରମା ପାଉଥିଲେ। ପୂଜାରା ବ୍ରାଣ୍ଡ ଏଣ୍ଡୋର୍ସମେଣ୍ଟ, କମେଣ୍ଟ୍ରି ମାଧ୍ୟମରେ ମଧ୍ୟ କୋଟି କୋଟି ଟଙ୍କା ରୋଜଗାର କରନ୍ତି। ୩୭ ବର୍ଷୀୟ ପୂଜାରା ତାଙ୍କ ଚମତ୍କାର କ୍ୟାରିୟରରେ ଭାରତ ପାଇଁ ୧୦୩ଟି ଟେଷ୍ଟ ମ୍ୟାଚ ଖେଳିଛନ୍ତି, ଯେଉଁଥିରେ ସେ ୭,୧୯୫ ରନ କରିଛନ୍ତି ଏବଂ ୪୩.୬ ହାରାହାରି ବ୍ୟାଟିଂ କରିଛନ୍ତି।

## ଏସିଆ କପ୍ ପୂର୍ବରୁ ମିଳିଲା ବଡ ଦାୟିତ୍ୱ

# ପ୍ରିଟୋରିଆ କ୍ୟାପିଟାଲ୍ସର ମୁଖ୍ୟ କୋଚ୍ ହେଲେ ଗାଙ୍ଗୁଲି



ନୂଆଦିଲ୍ଲୀ: ଦକ୍ଷିଣ ଆଫ୍ରିକା ଲିଗ୍ ଏସ୍‌ଏ-୨୦ର ନୂତନ ସିଜିନ୍ ଆରମ୍ଭ ହେବା ପୂର୍ବରୁ ପୂର୍ବତନ ଭାରତୀୟ କ୍ରିକେଟ୍ ଅଧିନାୟକ ସୌରଭ ଗାଙ୍ଗୁଲିଙ୍କୁ ପ୍ରିଟୋରିଆ କ୍ୟାପିଟାଲ୍ସର ମୁଖ୍ୟ ପ୍ରଶିକ୍ଷକ ଭାବରେ ନିଯୁକ୍ତ କରାଯାଇଛି। ଏହି ଦଳ ଆଇପିଏଲ ଫ୍ରାଞ୍ଚାଇଜ୍ ଦିଲ୍ଲୀ କ୍ୟାପିଟାଲ୍ସର ଏକ ସହଯୋଗୀ ଦଳ। ଜେସଡ଼ବ୍ଲ୍ୟୁ ସ୍ପୋର୍ଟସ୍ ଏବଂ ଜିଏମଆର ପାଖରେ ଏହାର ମାଲିକାନା ଥିବାବେଳେ ବିଶ୍ୱର ଅନେକ ଦେଶରେ ଅନୁଷ୍ଠିତ ଲିଗ୍‌ଗୁଡ଼ିକର ନାମ ଆଇପିଏଲ ଫ୍ରାଞ୍ଚାଇଜ୍‌ଗୁଡ଼ିକର ନାମ ଉପରେ ଆଧାରିତ ଏବଂ ଏହି ଦଳଗୁଡ଼ିକୁ ଆଇପିଏଲ ଫ୍ରାଞ୍ଚାଇଜ୍‌ଗୁଡ଼ିକର ମାଲିକମାନେ ମଧ୍ୟ କିଣିଛନ୍ତି। ପ୍ରିଟୋରିଆ କ୍ୟାପିଟାଲ୍ସର ଇନଷ୍ଟାଗ୍ରାମ ଆକାଉଣ୍ଟରୁ ସୂଚନା ଦିଆଯାଇଛି ଯେ ସୌରଭ ଗାଙ୍ଗୁଲିଙ୍କୁ ନୂତନ ସିଜିନ୍ ପାଇଁ ଦଳର ମୁଖ୍ୟ ପ୍ରଶିକ୍ଷକ ଭାବରେ ନିଯୁକ୍ତ କରାଯାଇଛି। ଏହି ପୋଷ୍ଟରେ ଆହୁରି ଲେଖାଯାଇଛି ଯେ 'ଆମେ ଏହା ଜଣାଇ ବହୁତ ଖୁସି ଯେ ସୌରଭ ଗାଙ୍ଗୁଲି ଆମର ନୂତନ ମୁଖ୍ୟ ପ୍ରଶିକ୍ଷକ'। ଏହା ମଧ୍ୟ ଲେଖାଯାଇଛି ଯେ 'ସେଞ୍ଚୁରିଅନ୍ ତୁମକୁ ଅପେକ୍ଷା କରୁଛି'। ଗାଙ୍ଗୁଲି ପୂର୍ବରୁ ଆଇପିଏଲରେ ଦିଲ୍ଲୀ କ୍ୟାପିଟାଲ୍ସର ପରାମର୍ଶଦାତା ଥିଲେ ଏବଂ ଏବେ ପ୍ରଥମ ଥର ପାଇଁ ତାଙ୍କୁ ପ୍ରିଟୋରିଆ କ୍ୟାପିଟାଲ୍ସର ମୁଖ୍ୟ ପ୍ରଶିକ୍ଷକ କରାଯାଇଛି। ଦକ୍ଷିଣ ଆଫ୍ରିକାରେ ଏହା ଟି୨୦ ଲିଗର ଚତୁର୍ଥ ସିଜିନ୍। ଏହି ଲିଗ୍ ପାଇଁ ୧୩ ଜଣ ଭାରତୀୟ ଖେଳାଳି ମଧ୍ୟ ପଞ୍ଜିକରଣ କରିଛନ୍ତି। କେବଳ ଭାରତର ସେହି ଖେଳାଳିମାନେ ବିଦେଶୀ ଲିଗର ଅଂଶ ହୋଇପାରିବେ ଯେଉଁମାନେ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେଇସାରିଛନ୍ତି କିମ୍ବା ଭାରତ ଏବଂ ଆଇପିଏଲ ପାଇଁ ଖେଳିବାକୁ ମନା କରିଛନ୍ତି। ପୀୟୁଷ ଚାୱ୍ଲା ଏଥର ଦକ୍ଷିଣ ଆଫ୍ରିକାରେ ଅନୁଷ୍ଠିତ ହେବାକୁ ଥିବା ଏହି ଲିଗରେ ଖେଳୁଥିବା ଦେଖାଯାଇପାରିବେ। ଏହି ସିଜିନ୍ ପାଇଁ ନିଲାମ ୯ ସେପ୍ଟେମ୍ବରରେ ଅନୁଷ୍ଠିତ ହେବ। ସେହି ଦିନଠାରୁ ଏସିଆ କପ୍ ଆରମ୍ଭ ହେବାକୁ ଯାଉଛି।

# ଜାତୀୟ କନିଷ୍ଠ ହକି: ସ୍ୱର୍ଣ୍ଣ ଜିତିଲା ହରିୟାଣା




## ଓଡ଼ିଶାକୁ ରୌପ୍ୟ

ନୂଆଦିଲ୍ଲୀ: ଜଳନ୍ଧରରେ ଶେଷ ହୋଇଥିବା ୧୫ତମ ହକି ଇଣ୍ଡିଆ ଜାତୀୟ କନିଷ୍ଠ ପୁରୁଷ ହକି ପ୍ରତିଯୋଗିତା (ଡିଭିଜନ-ଏ)ରେ ଓଡ଼ିଶା ରୌପ୍ୟ ପଦକରେ ସନ୍ତୁଷ୍ଟ ରହିଛି। ସୁରଜିତ୍ ହକି ଷ୍ଟାଡିୟମ୍‌ରେ ଖେଳାଯାଇଥିବା ହରିୟାଣା ବିପକ୍ଷ ଫାଇନାଲ୍‌ରେ ଶେଷ ମିନିଟ୍‌ରେ ଗୋଲ୍ ବରଣ କରି ଓଡ଼ିଶା ସ୍ୱର୍ଣ୍ଣ ପଦକ ସୁଯୋଗ ହାତଛଡ଼ା କରିଛି। ପ୍ରଥମ କ୍ୱାର୍ଟର ଗୋଲ୍‌ଶୂନ୍ୟ ପରେ ଦ୍ୱିତୀୟ କ୍ୱାର୍ଟର ଆରମ୍ଭରୁ ଦୀପକ ପ୍ରଧାନ (୧୭ ମିନିଟ୍) ଓ ପ୍ରତାପ ଟୋପ୍ପୋ (୧୯ ମିନିଟ୍) ପେନାଲ୍ଟି କର୍ଣ୍ଣର ଜରିଆରେ ଦୁଇଟି ଲଗାତାର ଗୋଲ୍ ଦେଇ ଓଡ଼ିଶାକୁ ଆଗୁଆ କରିଥିଲେ। ତୃତୀୟ କ୍ୱାର୍ଟର ଗୋଲ୍‌ଶୂନ୍ୟ ରହିବାରୁ ଓଡ଼ିଶା ଶେଷ ୧୦ ମିନିଟ୍ ପର୍ଯ୍ୟନ୍ତ ୨-୦ରେ ଆଗୁଆ ଥିଲା। କିନ୍ତୁ ଏହି ପର୍ଯ୍ୟାୟରେ ଓଡ଼ିଶା ରକ୍ଷଣଭାଗକୁ ହରିୟାଣା ଖେଳାଳି ବାରମ୍ବାର ଭେଦ କରିବାରେ ସକ୍ଷମ ହୋଇଥିଲେ। ଫଳରେ ୫୦ ମିନିଟରେ ଚିରାଗ ଏବଂ ୫୧ ଓ ୬୦ ମିନିଟ୍‌ରେ ନୀତିନ ଗୋଲ୍ ଦେଇ ଓଡ଼ିଶା ହୃଦୟକୁ ଭାଙ୍ଗି ଦେଇଥିଲେ। ତୃତୀୟ ସ୍ଥାନ ପାଇଁ ହୋଇଥିବା ମୁକାବିଲାରେ ହକି ପଞ୍ଜାବ ସୁଟ୍ ଆଉଟ୍‌ରେ (୪-୩)ରେ ଜିତି କାଂସ୍ୟ ପଦକ ହାସଲ କରିନେଇଥିଲା। ନିୟମିତ ସମୟରେ ଏହି ମ୍ୟାଚ୍ ୩-୩ରେ ଶେଷ ହୋଇଥିଲା।

## ଡ୍ରିମ୍ ୧୧ ହଟିବା ପରେ ଟିମ୍ ଇଣ୍ଡିଆର ପ୍ରାୟୋଜକ ନେଇ ଚର୍ଚ୍ଚା

ନୂଆଦିଲ୍ଲୀ: ଫ୍ୟାଣ୍ଟାସି ସ୍ପୋର୍ଟସ୍ ପ୍ଲାଟଫର୍ମ ଡ୍ରିମ୧୧ ଆଉ ଭାରତୀୟ ପୁରୁଷ କ୍ରିକେଟ୍ ଦଳକୁ ପ୍ରାୟୋଜକ କରିବ ନାହିଁ। ସୂଚନା ମିଳିଛି ଯେ, ଡ୍ରିମ୧୧ ଅଧିକାରୀମାନେ ବିସିସିଆଇକୁ ଭେଟି ବୋର୍ଡକୁ କହିଛନ୍ତି ଯେ, ସେମାନେ ଏସିଆ କପରେ ଭାରତୀୟ ଦଳକୁ ପ୍ରାୟୋଜକ କରିପାରିବେ ନାହିଁ। ଦେଶରେ ଅନଲାଇନ୍ ଗେମିଂ ଆଇନ ଲାଗୁ ହେବା ପରେ, ଫ୍ୟାଣ୍ଟାସି ଗେମିଂ କମ୍ପାନି ଡ୍ରିମ-୧୧ ଏହାର ଅନଲାଇନ୍ ବ୍ୟବସାୟ ବନ୍ଦ କରିଦେଇଛି। ନୂତନ ପ୍ରାୟୋଜକ ନେଇ ଚର୍ଚ୍ଚା ଜୋର ଧରିଛି। ଏହି ପ୍ରାୟୋଜକ ମଧ୍ୟରେ ଅଛନ୍ତି - ଟାଟା ଗ୍ରୁପ, ଜିଓ ଡିଜିଟାଲ୍ ଏବଂ ଟେଲିକମ୍ ଇଣ୍ଡଷ୍ଟ୍ରିଜ୍, ଆମାଜନ-ଫ୍ଲିପକାର୍ଟ, ଫିନଟେକ୍ କମ୍ପାନି। ଯଦି ବିସିସିଆଇ ସେପ୍ଟେମ୍ବର ୯ରେ ଏସିଆ କପ୍ ଆରମ୍ଭ ହେବା ପୂର୍ବରୁ ନୂତନ ପ୍ରାୟୋଜକ ଖୋଜି ପାରିବ ନାହିଁ, ତେବେ ଭାରତୀୟ ଦଳ କୌଣସି ମୁଖ୍ୟ ପ୍ରାୟୋଜକ ବିନା ଟୁର୍ଣ୍ଣାମେଣ୍ଟ ଖେଳିବ। ଏସିଆ କପ୍ ସେପ୍ଟେମ୍ବର ୯ରେ ଆରମ୍ଭ ହେବ ଏବଂ ଏହାର ଶେଷ ମ୍ୟାଚ୍ ୨୮ତାରିଖରେ ଖେଳାଯିବ।

## ଦକ୍ଷିଣ ଆଫ୍ରିକା-ଅଷ୍ଟ୍ରେଲିଆ ଦିନିକିଆ ସିରିଜ୍

# ଦକ୍ଷିଣ ଆଫ୍ରିକାକୁ ୨୭୬ରନ୍‌ରେ ହରାଇଲା ଅଷ୍ଟ୍ରେଲିଆ

ହେଡ୍‌ଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍

କେଶବ ମହାରାଜ ପ୍ଲେୟର ଅଫ୍ ଦି ସିରିଜ୍




ମ୍ୟାକେ: ଦକ୍ଷିଣ ଆଫ୍ରିକା ଓ ଅଷ୍ଟ୍ରେଲିଆ ମଧ୍ୟରେ ଚାଲିଥିବା ଦିନିକିଆ ସିରିଜ୍‌ର ତୃତୀୟ ମ୍ୟାଚ୍‌କୁ ଅଷ୍ଟ୍ରେଲିଆ ୨୭୬ରନ୍‌ରେ ଜିତି ନେଇଛି। ଟ୍ରାଭିସ୍ ହେଡ୍, ଅଧିନାୟକ ମିଚେଲ ମାର୍ଶ ଓ କାମେରନ ଗ୍ରୀନଙ୍କ ଶତକ ବଳରେ ଅଷ୍ଟ୍ରେଲିଆ ଏହି ବଡ ବିଜୟ ହାସଲ କରିଛି। ଏହା ଦକ୍ଷିଣ ଆଫ୍ରିକା ଲାଗି ଦିନିକିଆ ଫର୍ମାଟରେ ସର୍ବବୃହତ୍ ପରାଜୟ। ଏହି ପରାଜୟ ସତ୍ତ୍ୱେ ଦକ୍ଷିଣ ଆଫ୍ରିକା ୨-୧ ବ୍ୟବଧାନରେ ସିରିଜ୍ ହାତେଇଛି। ଅଷ୍ଟ୍ରେଲିଆ ବିପକ୍ଷରେ ଏହା ଦକ୍ଷିଣ ଆଫ୍ରିକା ପାଇଁ କ୍ରମାଗତ ପଞ୍ଚମ ସିରିଜ୍ ବିଜୟ। ଅଷ୍ଟ୍ରେଲିଆ ଦ୍ୱାରା ପ୍ରଦତ୍ତ ୪୩୨ ରନର ବିଶାଳ ଟାର୍ଗେଟ ଆଗରେ ଦକ୍ଷିଣ ଆଫ୍ରିକା ୨୪.୫ ଓଭରରେ ୧୫୫ ରନରେ ଅଲଆଉଟ୍ ହୋଇଯାଇଥିଲା। ହେଡ୍‌ଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ଓ କେଶବ ମହାରାଜ ପ୍ଲେୟର ଅଫ୍ ଦି ସିରିଜ୍ ବିବେଚିତ ହୋଇଛନ୍ତି। ବ୍ୟାଟିଂ କରିଥିବା ଅଷ୍ଟ୍ରେଲିଆକୁ ହେଡ୍ ଓ ଅଧିନାୟକ ମାର୍ଶ ପ୍ରଥମ ୱିକେଟରେ ୨୫୦ ରନ୍ ଯୋଡ଼ିଥିଲେ। ହେଡ୍ ୧୦୩ ବଲରେ ୧୪୨ (୧୭ ଚୌକା ଓ ୫ ଛକା) ଓ ମାର୍ଶ ୧୦୬ ବଲରେ ୧୦୦ (୬ ଚୌକା ଓ ୫ ଛକା) ରନ କରି ଆଉଟ୍ ହୋଇଥିଲେ। ଏହା ହେଡ୍‌ଙ୍କ ଲାଗି ସପ୍ତମ ଓ ମାର୍ଶଙ୍କର ଚତୁର୍ଥ ଦିନିକିଆ ଶତକ ଥିଲା। ଏହାପରେ ଗ୍ରୀନ ଓ ଆଲେକ୍ସ କାରେ ତୃତୀୟ ୱିକେଟ ପାଇଁ ୧୩.୩ ଓଭରରେ ୧୬୪ ରନ ଯୋଡ଼ିଥିଲେ। ଗ୍ରୀନ ୫୫ ବଲରେ ୧୧୮ (୬ ଚୌକା ଓ ୮ ଛକା) ଓ କାରେ ୩୭ ବଲରେ ୫୦ (୭ ଚୌକା) ରନ କରି ଅପରାଜିତ ରହିଥିଲେ। ଫଳରେ ଅଷ୍ଟ୍ରେଲିଆ ୫୦ ଓଭରରେ ୨ ଉଇକେଟ ହରାଇ ୪୩୧ ରନ କରିଥିଲା। ଜବାବରେ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ଦକ୍ଷିଣ ଆଫ୍ରିକା ୨୪.୫ ଓଭରରେ ୧୫୫ ରନରେ ଅଲଆଉଟ୍ ହୋଇଯାଇଥିଲା। ଦଳ ପାଇଁ ଡେୱାଲ୍ଡ ବ୍ରେଭିସ ୪୯ (୨ ଚୌକା ଓ ୫ ଛକା) ଓ ଟୋନି ଡି ଜର୍ଜି ୩୩ (୬ ଚୌକା) ରନ କରିଥିଲେ। ଅଷ୍ଟ୍ରେଲିଆ ଲାଗି କୁପର କନୋଲି ୫ ୱିକେଟ ସଫଳତା ହାତେଇଥିବା ବେଳେ ଜାଭିର ବାର୍ଟଲେଟ୍ ଓ ସିନ ଆବଟ ୨ ଲେଖାଏ ୱିକେଟ ନେବାରେ ସକ୍ଷମ ହୋଇଥିଲେ।

# ସରୀସୃପଙ୍କ ଚରାଭୂଇଁ ପାଲଟିଛି ଆସିକା ଏନ୍‌ଏସି ମିନି ଷ୍ଟାଡିୟମ୍



ଆସିକା (ଭାସ୍କର ନ୍ୟୁଜ୍) : ରାଜ୍ୟ ସରକାର କ୍ରୀଡା ପ୍ରତି ବେଶ ଯତ୍ନଶୀଳ ଓ ଆଗ୍ରାଧୀକାର ଦେଇଥିବା ବେଳେ ଆସିକାରେ ଅବହେଳାର ଶିକାର ହେଉଥିବା ଦେଖୁବାକୁ ମିଳିଛି। ସରୀସୃପଙ୍କ ଚରାଭୂଇଁ ପାଲଟିଛି ଆସିକା ଏନ୍‌ଏସି ମିନି ଷ୍ଟାଡିୟମ୍। ଆସିକା ବିଜ୍ଞାପିତ ଅଞ୍ଚଳ ପରିଷଦର ଉଦାସୀନତା ସାଜିଥିବା ବେଳେ ଆସିକା ଏନ୍‌ଏସି ଅଧିନସ୍ଥ ମିନି ଷ୍ଟାଡିୟମର ଉନ୍ନତିରେ ବାଧକ । ଗତ ୨୨.୦୬.୨୦୨୩ତାରିଖରେ ଆସିକା ଅଞ୍ଚଳର କିଛି କ୍ରୀଡ଼ାବିତ ମାନଙ୍କ ଅଭିଯୋଗ ଶୁଣାଣୀ ଜରିଆରେ ଅନୁରୋଧ କ୍ରମେ ଜିଲ୍ଲାପାଳଙ୍କ ସ୍ୱତନ୍ତ୍ର ପାଣ୍ଠିରୁ ୩୩ ଲକ୍ଷ୍ୟର ଅନୁଦାନ ୧୯.୧୦.୨୦୨୪ ମିଳିଥିବା ନେଇ ସୂଚନା ରହିଥିବା ବେଳେ କାହିଁକି ଏହାର କାର୍ଯ୍ୟ ଆରମ୍ଭ ହୋଇ ପାରୁନାହିଁ ଏହା ଆସିକା କ୍ରୀଡ଼ାପ୍ରେମୀ ମାନଙ୍କୁ ନିରାଶ କରୁଛି । ଆସିକା ଏନ୍‌ଏସି ଉଦାସୀନତା ଏହାର ପ୍ରମୁଖ କାରଣ ବୋଲି ଜନସାଧାରଣରେ ଆଲୋଚନାର ବିଷୟ ପାଲଟିଛି । ବିଗତ ଦିନରେ ଏହି ମିନିଷ୍ଟାଡିୟମରେ ବରିଷ୍ଠ ବିଭାଗୀୟ ରାଜ୍ୟସ୍ତରୀୟ ପୁରୁଷ ଓ ମହିଳା କବାଡି ଅନୁଷ୍ଠିତ ହୋଇଅଛି । ଏହା ପୂର୍ବରୁ କନିଷ୍ଠ ବିଭାଗରେ ମଧ୍ୟ ରାଜ୍ୟସ୍ତରୀୟ କବାଡି ବେଶ ସଫଳତା ସହକାରେ ଆୟୋଜିତ ହୋଇ ପାରିଛି। କ୍ରିକେଟ ଭଳି ଲୋକପ୍ରିୟ ଖେଳର ବିକାଶ ପାଇଁ ଏଠାରେ ଆସିକା ଓ ଏହାର ଆଖପାଖ ଅଞ୍ଚଳରୁ ଖେଳାଳି ଆସି ପ୍ରଶିକ୍ଷଣ ନେଉଥିବା ଦେଖୁବାକୁ ମିଳୁଛି । ଖେଳାଳି ମାନଙ୍କ ପାଇଁ ଏଠାରେ ଏକ ଚେଞ୍ଜିଙ୍ଗ ରୁମ ରହିଥିବା ବେଳେ ଏହାର ଭିତ୍ତିଭୂମି ସମ୍ପୂର୍ଣ୍ଣ ଦୁର୍ବଳ ରହିଛି। ନା ଅଛି ପିଇବା ପାଣି ନା ରହିଛି ଉତ୍ତମ ଶୌଚାଳୟ। ଅଧାପନ୍ତରିଆ ଭାବେ ପଡି ରହିଛି ଚେଞ୍ଜିଙ୍ଗ ରୁମ ।ଏହି ମିନିଷ୍ଟାଡିୟମରୁ ଜିଲ୍ଲା ଓ ରାଜ୍ୟସ୍ତରରେ ଖେଳାଳି ବାହାରି ଥିବାବେଳେ ଅସମତଳ ପଡିଆ ଆଉ ଅଣ ଓସାରିଆ କାରଣରୁ କ୍ରୀଡ଼ାବିତ ମାନଙ୍କ ମଧ୍ୟରେ ନୈରାଶ ଭାବ ଦେଖୁବାକୁ ମିଳୁଛି। ଖାଲ ଢିପ କାରଣରୁ ବର୍ଷା ପାଣିରେ ମାସ ମାସ ପୋଖରୀ ଭଳି ଜମି ରହୁଛି ପାଣି। ପାଣି ନିଷ୍କାସନ ବ୍ୟବସ୍ଥା ଜମାରୁ ନାହିଁ। ସଠିକ ଡ୍ରେନ ବ୍ୟବସ୍ଥା ଓ ଆଲୋକୀକରଣ ବ୍ୟବସ୍ଥା ନ କରାଗଲେ ଏହି ମିନିଷ୍ଟାଡିୟମ ଆଗାମୀ ଦିନରେ ଗୋଚର କମିରେ ପରିଣତ ହେବ ତିଳେ ମାତ୍ର ସନ୍ଦେହେ ନାହିଁ। ଅଗଷ୍ଟ ୨୯ ସାରା ଭାରତ ଜାତୀୟ କ୍ରୀଡ଼ାଦିବସ ପାଳନ କରୁଥିବା ବେଳେ ଆସିକାରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଆସନ୍ତା ଅଗଷ୍ଟ ୨୯ କ୍ରୀଡା ଦିବସ ଅବସରରେ ହରିହର ମିନି ଷ୍ଟାଡିୟମ ଠାରେ ବର୍ଷା ପାଣି ଯୋଗୁଁ ଜମି ରହୁଥିବା ହେତୁ ଏକ ଅଭିନବ ଧରଣର ପ୍ରତିବାଦ ପାଇଁ ସ୍ଥାନୀୟ ଖେଳାଳି ସଜବାଜ ହୋଉଥିବା ବିଶ୍ୱସ୍ତ ସୂତ୍ରରୁ ଖବର। ଜିଲ୍ଲାପାଳ ଏହି ସମସ୍ୟାକୁ ହୃଦବୋଧ କରି ୩୩ଲକ୍ଷ ଟଙ୍କାର ଆର୍ଥିକ ଅନୁଦାନ ଅନୁମୋଦନ କରିଥିବା ବେଳେ କାହିଁକି ଆସିକା ଏନ୍‌ଏସି କାର୍ଯ୍ୟ ଆରମ୍ଭ କରି ପାରୁନାହିଁ ଏବେ ପ୍ରଶ୍ନବାଚୀ। ଆସିକାର ଛାତି ଉପରେ ଥିବା ଏହି ଖେଳ ପଡିଆ ସର୍ବସାଧାରଣଙ୍କ ପାଇଁ ଖେଳ ଉପଯୋଗୀ ସ୍ଥାନ ହୋଇଥିବା ବେଳେ ଏହାର ରକ୍ଷଣା ବେକ୍ଷଣ ଓ ଉନ୍ନତିକରଣ ବ୍ୟବସ୍ଥାରେ ସୁଧାର ଆସିଲେ ଗଞ୍ଜାମ ଜିଲ୍ଲାର ଏକ ପ୍ରମୁଖ ମିନି ଷ୍ଟାଡିୟମର ମାନ୍ୟତା ଏହି ଖେଳ ପଡିଆ ପାଇପାରନ୍ତା ବୋଲି ଆଶା ବାନ୍ଧିଛନ୍ତି ସ୍ଥାନୀୟ କ୍ରୀଡ଼ାବିତ୍ ଓ ପ୍ରତିଦିନ ସକାଳ ଓ ସନ୍ଧ୍ୟା ସମୟରେ ବ୍ୟାୟାମ କରିବା ପାଇଁ ବହୁ ଜନସାଧାରଣ ଏଠାକୁ ଆସୁଥିବା ବେଳେ ନା ରହିଛି ଭଲ ପାଦଚଲା ରାସ୍ତା ନା ରହିଛି ଉତ୍ତମ ପାନୀୟ ଜଳ। ଏଥିପାଇଁ ଜନସାଧାରଣରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏତେ ସବୁ ସମସ୍ୟା ରହିଥିଲେ ମଧ୍ୟ ଏନ୍‌ଏସି କର୍ମକର୍ତ୍ତାଙ୍କ ଖାମଖିଆଲି ନୀତି କାରଣରୁ ହୋଇପାରୁନି ଉନ୍ନତି କାମ। ଏବେ ଦେଖୁବାକୁ ବାକି ରହିଲା କେବେ ବଦଳିବ ଆସିକା ଏନ୍‌ଏସି ସ୍ଥିତ ହରିହର ମିନି ଷ୍ଟାଡିୟମର ଭାଗ୍ୟ।

# ସବ୍‌ଜୋନ୍‌ସ୍ତରୀୟ କ୍ରୀଡା ପ୍ରତିଯୋଗିତା




କେନ୍ଦୁଝର (ଭାସ୍କର ନ୍ୟୁଜ୍) : ସବ୍‌ଜୋନସ୍ତରୀୟ ୧୪ ଓ ୧୭ ବର୍ଷରୁ କମ ବାଳକ ବାଳିକା ମାନଙ୍କର କ୍ରୀଡା ପ୍ରତିଯୋଗିତା କେନ୍ଦୁଝର ଷ୍ଟାଡିୟମ ଠାରେ ଅନୁଷ୍ଠିତ ହୋଇଯାଇଅଛି। ବ୍ଲକସ୍ତରୀୟ ପ୍ରତିଯୋଗୀତା ପାଇଁ ମନୋନୀତ ହୋଇଛନ୍ତି। ବ୍ଲକର ସମ୍ପାଦକ ଫକୀର ମୋହନ ମହାନ୍ତ ଅତିଥି ପରିଚୟ ପ୍ରଦାନ କରିବା ସଙ୍ଗେ ସଙ୍ଗେ କ୍ରୀଡାବିତମାନଙ୍କୁ ଖେଳର ନୀତି ନିୟମ ଅନୁସାରେ ଓ ଶିକ୍ଷକମାନଙ୍କର ନିର୍ଦ୍ଦେଶ ଅନୁସାରେ ଖେଳିବା ପାଇଁ ଉପଦେଶ ପ୍ରଦାନ କରିଥିଲେ। ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ କପିଳେନ୍ଦ୍ର ଦାସ ମୁଖ୍ୟଅତିଥି ଭାବେ ଯୋଗ ଦେଇ କ୍ରୀଡାବିତମାନଙ୍କୁ ଶୃଙ୍ଖଳିତ ଭାବେ ନିଜର ଦକ୍ଷତା ପ୍ରତି ପାଦନ କରି ଖେଳ ପ୍ରଦର୍ଶନ କରିବାପାଇଁ ସୁଉପଦେଶ ପ୍ରଦାନ କରିଥିଲେ ।ଜୋନାଲ ସ୍ତରୀୟ ଯେଉଁ କ୍ରୀଡ଼ାବିତ ମାନେ ବଛା ହୋଇଛନ୍ତି ସେମାନେ ବ୍ଲକ୍ ସ୍ତରୀୟ ପ୍ରତିଯୋଗୀତାରେ ଅଂଶ ଗ୍ରହଣ କରିବେ । ଜୋନାଲ ସ୍ତରୀୟ ପ୍ରତିଯୋଗୀତାରେ ସମରଜିତ ସିଂ,ଲକ୍ଷ୍ମୀ ନାରାୟଣ ସି,ରାଜେଶ ଓରାମ, ବିଷ୍ଣୁପ୍ରିୟା ଓଝା, ପ୍ରିୟଙ୍କା ମହାନ୍ତ, ପାର୍ବତୀ ମହାନ୍ତ, ସଂଯୁକ୍ତା ନାଥ, ପ୍ରଜ୍ଞାବତୀ ସିଂହ, ମମତା ନାଏକ ଉପସ୍ଥିତ ରହି ଶୃଙ୍ଖଳିତ ଭାବରେ ଖେଳ ପରିଚାଳନା କରିଥିଲେ।

# ଜାତୀୟ ଶକ୍ତିଉତ୍ତୋଳନ ପ୍ରତିଯୋଗିତା: ମୟୂରଭଞ୍ଜକୁ ୨ସ୍ୱର୍ଣ୍ଣ ଓ ୨ବ୍ରୋଞ୍ଜ ପଦକ



ବାରିପଦା (ଭାସ୍କର ନ୍ୟୁଜ୍) : ଭାରତୀୟ ଶକ୍ତିଉତ୍ତୋଳନ ସଙ୍ଘ ଆନୁକୂଲ୍ୟରେ ଝାଡଖଣ୍ଡର ଜାମଶେଦପୁର ଠାରେ ଅନୁଷ୍ଠିତ ଜାତୀୟ ଶକ୍ତିଉତ୍ତୋଳନ ପ୍ରତିଯୋଗିତାରେ ମୟୂରଭଞ୍ଜ ଦଳର ୩ ଜଣ ଖେଳାଳି ୪ଟି ପଦକ ହାସଲ କରି ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ଚଳିତ ମାସ ୧୮ ରୁ ୨୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ସତ୍ୟବାନ ଜେନା ୯୩ କି. ଗ୍ରା. ବର୍ଗରେ ସ୍ୱର୍ଣ୍ଣ, ବିକ୍ରମ ବେହେରା ୮୩ କି ଗ୍ରା. ବର୍ଗରେ ସ୍ୱର୍ଣ୍ଣ ଓ ବେଞ୍ଚ ପ୍ରେସରେ ବ୍ରୋଞ୍ଜ, ଶୁଭଙ୍କରୀ ସ୍ୱଦେଶନା ଦାଶ ମହିଳା ବର୍ଗ ୬୩ କିଗ୍ରା ବେଞ୍ଚ ପ୍ରେସ ବିଭାଗରେ ବ୍ରୋଞ୍ଜ ପଦକ ହାସଲ କରିଥିବା ବେଳେ ପପୁ ବିଶ୍ୱାଳ ଓ ମୋନାଲିଶା ପତ୍ର ଯଥା କ୍ରମେ ୪ର୍ଥ ଓ ୫ମ ସ୍ଥାନ ଅଧିକାର କରିଥିଲେ। ବ୍ରୋଞ୍ଜ ପଦକ ହାସଲ କରିଥିବା ଶୁଭଙ୍କରୀ ବର୍ତ୍ତମାନ ମୟୁରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଡେପୁଟି କଲେକ୍ଟର ଭାବେ କାର୍ଯ୍ୟରତ ଓ ବ୍ୟସ୍ତତମ କର୍ମମୟ ଜୀବନ ଭିତରୁ ସମୟ ବାହାର କରି ନିଜର ଦୃଢ ଇଛାଶକ୍ତି ବଳରେ ଜଣେ ସଫଳ କ୍ରୀଡ଼ାବିତ ଭାବେ ବେଶ ସୁନାମ ଅର୍ଜନ କରିପାରିଛନ୍ତି। ଖବର ପାଇ ଜିଲ୍ଲାପାଳ ହେମକାନ୍ତ ସୟ, ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ୍, ଜିଲ୍ଲା କ୍ରୀଡା ଅଧିକାରୀ ଶୁଭାଶିଷ ନାୟକ ଓ ସମସ୍ତ ସହକାରୀବୃନ୍ଦ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି ଓ ସେ ପୂର୍ବରୁ ମଧ୍ୟ ରାଉରକେଲାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ବ୍ରୋଞ୍ଜ ପଦକ ହାସଲ କରିବାର ସୌଭାଗ୍ୟ ଅର୍ଜନ କରିସାରିଛନ୍ତି। ଏହି ସଫଳତା ପାଇଁ ସେ ନିଜ କୋଚ ବିକ୍ରମ ବେହେରାଙ୍କୁ ସମସ୍ତ ଶ୍ରେୟ ଦେବା ସହ ନିଜ ପରିବାରବର୍ଗଙ୍କ ସମେତ ସମସ୍ତ ସହକାରୀ କର୍ମଚାରୀଙ୍କ ସହଯୋଗ ପାଇଁ ସମସ୍ତଙ୍କୁ ଧନ୍ୟବାଦ ଦେଇଛନ୍ତି।

# ସନତ ପଟେଲଙ୍କୁ ଅଭିନନ୍ଦନ ଜଣାଇଲା ପାରାଦୀପ ବନ୍ଦର




ପାରାଦୀପ (ଭାସ୍କର ନ୍ୟୁଜ୍) : ଗତ ଅଗଷ୍ଟ ୨୪ ତାରିଖରେ ଏନଏମଡିସି ହାଇଦ୍ରାବାଦ ମାରାଥନରେ ପାରାଦୀପ ବନ୍ଦର କେନ୍ଦ୍ରୀୟ ଶିଳ୍ପ ନିରାପତ୍ତା ବାହିନୀ (ସିଆଇଏସଏଫ) ର କମାଣ୍ଡାଣ୍ଟ ସନତ ପଟେଲ ଅଂଶଗ୍ରହଣ କରି ୪୨.୧୯୫ କିଲୋମିଟରକୁ ୩ ଘଣ୍ଟା ୩୦ ମିନିଟ ସମୟ ସହିତ ସଫଳତାର ସହ ସମାପନ କରିଥିବାରୁ ପାରାଦୀପ ବନ୍ଦର ପ୍ରାଧିକରଣ ପକ୍ଷରୁ ଅଭିନନ୍ଦନ ଜଣାଯାଇଛି। ସୂଚନାଥାଉକି ହାଇଦ୍ରାବାଦ ମାରାଥନ ଭାରତର ସବୁଠାରୁ କଷ୍ଟକର ମାରାଥନ ଭାବରେ ବିବେଚନା କରାଯାଇଥାଏ। କାରଣ ଏହାର ମାର୍ଗ ଅନେକ ଫ୍ଲାଏଓଭର ଏବଂ ଏକାଧିକ ପାହାଡିଆରାସ୍ତା ଦେଇ ଯାଇଥାଏ। ତେବେ ଭାରତର ପ୍ରମୁଖ ସର୍ବବୃହତ ପାରାଦୀପ ବନ୍ଦରରେ କମାଣ୍ଡାଣ୍ଟ ସନତ ପଟେଲଙ୍କ ଦୃଢ଼ତା, ଦୃଢ଼ ଇଚ୍ଛାଶକ୍ତି, ଶାରୀରିକ ସୁସ୍ଥତା ଏବଂ ବ୍ୟକ୍ତିଗତ ଉତ୍କର୍ଷତା ପ୍ରତି ଅଟଳ ସମର୍ପଣ ଯୋଗୁଁ ସେ ଏହି ଉଲ୍ଲେଖନୀୟ ସଫଳତା ହାସଲ କରିପାରିଛନ୍ତି। ତାଙ୍କର ପ୍ରଦର୍ଶନ ଓ ସୁସ୍ଥ ଜୀବନଶୈଳୀ ଦେଶର ସମଗ୍ର ସିଆଇଏସଏଫ ମଧ୍ୟରେ ଏକ ପ୍ରେରଣାର ଉତ୍ସ ଭାବେ କାର୍ଯ୍ୟ କରିବ। ଶ୍ରୀ ପଟେଲଙ୍କ ଏହି ସଫଳତା ପାଇଁ ପାରାଦୀପ ବନ୍ଦର ପ୍ରାଧିକରଣ ଅଧ୍ୟକ୍ଷ ପି.ଏଲ.ହରନାଦତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ପିଏଲ ହରଣାଧ, ଆଇଆରଟିଏସ, ଅଧ୍ୟକ୍ଷ, ପାରାଦୀପ ବନ୍ଦର କର୍ତ୍ତୃପକ୍ଷ, ସନତ କୁମାର ପଟେଲଙ୍କୁ ତାଙ୍କ ଗର୍ବର ସଫଳତା ପାଇଁ ଅଭିନନ୍ଦନ ଜଣାଇଛନ୍ତି।

# ରାଜ୍ୟସ୍ତରୀୟ ପାରା ଖେଳକୁଦ ପ୍ରତିଯୋଗିତା: ରଞ୍ଜନ ଓ ରଜଙ୍କୁ ସ୍ୱର୍ଣ୍ଣ



ବାରିପଦା (ଭାସ୍କର ନ୍ୟୁଜ୍) : ପାରା ସ୍ପୋର୍ଟସ ଏସୋସିଏସନ, ଓଡିଶା ଆନୁକୂଲ୍ୟରେ କଳିଙ୍ଗ ଷ୍ଟାଡିୟମ, ଭୁବନେଶ୍ୱର ଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଖେଳକୁଦ ପ୍ରତିଯୋଗିତାରେ ମୟୁରଭଞ୍ଜ ଜିଲ୍ଲାର ଦୁଇ ତାରକା ରଞ୍ଜନ ହାଁସଦା ଓ ରଜ ମାର୍ଣ୍ଡି ସ୍ୱର୍ଣ୍ଣ ପଦକ ହାସଲ କରି ଜିଲ୍ଲା ପାଇଁ ଗୌରବ ଆଣିବା ସହ ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି। ରଞ୍ଜନ ୧୦୦ ମିଟର, ୨୦୦ ମିଟର ଦୌଡ଼ ସହ ଲମ୍ଫଡିଆଁ ରେ ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣପଦକ ହାସଲ କରିଥିବା ବେଳେ ରଜ ମାର୍ଣ୍ଡି ସଟପୁଟ ଓ ଡ଼ିସକାସ ଥ୍ରୋରେ ପ୍ରଥମ ସ୍ଥାନ କରି ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। ଓ ଉଭୟ ଖେଳାଳି ଜାତୀୟ ସ୍ତରୀୟ ପାରା ଏଥଲେଟକ ମିଟରେ ଭାଗନେବା ପାଇଁ ମନୋନୀତ ହୋଇଛନ୍ତି। ଖବର ପାଇ ଜିଲ୍ଲାପାଳ ହେମକାନ୍ତ ସୟ ଓ ଜିଲ୍ଲା କ୍ରୀଡା ଅଧିକାରୀ ଶୁଭାଶିଷ ନାୟକ ଉଭୟଙ୍କୁ ଅଭିନନ୍ଦନ ଜଣାଇବା ସହ ପରବର୍ତ୍ତୀ ଖେଳ ପାଇଁ ଶୁଭକାମନା ଜଣାଇଛନ୍ତି।



ପିଲାଙ୍କୁ ଫର୍ମୁଲା ମିଲ୍କ କିମ୍ବା ପାଉଡର କ୍ଷୀର ଖୁଆଉଥିଲେ ହୋଇଯାଆନ୍ତୁ ସାବଧାନ। କାରଣ ଏହା ପିଲାର ସ୍ୱାସ୍ଥ୍ୟ ପାଇଁ ବିପଦପୂର୍ଣ୍ଣ ହୋଇପାରେ । ନିକଟରେ, ଯେତେବେଳେ ଏହି କ୍ଷୀରର ନମୁନା ପରୀକ୍ଷା କରାଯାଇଥିଲା, ସେତେବେଳେ ଏଥିରେ ସୀସା ଏବଂ ଆର୍ସେନିକ୍ ମିଳିଥିଲା, ଯାହା ଛୋଟ ପିଲାମାନଙ୍କ ସ୍ୱାସ୍ଥ୍ୟ ପାଇଁ ଗମ୍ଭୀର କ୍ଷତି କରିପାରେ ବୋଲି କୁହାଯାଇଛି। ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ପାଉଡ଼ର କ୍ଷୀର-ପିଲାମାନଙ୍କୁ ପାଉଡର କ୍ଷୀର ଦିଆଯିବା ଉଚିତ୍ ନୁହେଁ। ଏହା ସେମାନଙ୍କ ସ୍ୱାସ୍ଥ୍ୟ ପାଇଁ ଭଲ ନୁହେଁ । ଆମେରିକୀୟ ଏକାଡେମୀ ଅଫ୍ ପିଡିଆଟ୍ରିକ୍ସ ଅନୁଯାୟୀ, ଏହି କ୍ଷୀର ପିଲାମାନଙ୍କଠାରେ ଅନେକ ଗମ୍ଭୀର ରୋଗ ସୃଷ୍ଟି କରିପାରେ । ପିଲାମାନଙ୍କୁ ୬ ମାସ ବୟସ ପର୍ଯ୍ୟନ୍ତ କେବଳ ମା' କ୍ଷୀର ଖାଇବାକୁ ଦିଆଯିବା ଉଚିତ । କଞ୍ଜ୍ୟୁମର ରିପୋର୍ଟ ଦ୍ୱାରା ପରୀକ୍ଷିତ ୪୧ଟି ଫର୍ମୁଲା କ୍ଷୀର ନମୁନା ମଧ୍ୟରୁ ୩୪ଟିରେ ସୀସା ଥିଲା, ଯାହା ୧.୨ ରୁ ୪.୨ ଜ୍ଞୁକୁଭ ପର୍ଯ୍ୟନ୍ତ ଥିଲା । ଏହାର ସର୍ବୋଚ୍ଚ ସ୍ତର ଏକ୍ରିଲାମାଇଡ୍ ନ୍ୟୁଟ୍ରାମିଜେନରେ ମିଳିଥିଲା। ଯଦିଓ ପରୀକ୍ଷିତ କୌଣସି ନମୁନାରେ ସୀସା ସ୍ତର ମାନକଠାରୁ ଅଧିକ ନଥିଲା, ତଥାପି ଅଳ୍ପ ପରିମାଣ ବିପଜ୍ଜନକ । ତେବେ ଏହି କ୍ଷୀର ପିଇବା ଦ୍ୱାରା ମସ୍ତିଷ୍କ ଏବଂ ମାନସିକ ସ୍ୱାସ୍ଥ୍ୟ ବୃଦ୍ଧିରେ ସମସ୍ୟା ହୋଇପାରେ। ଗ୍ୟାସ, ଡାଇରିଆ ଏବଂ କୋଷ୍ଠକାଠିନ୍ୟ ଭଳି ପାଚନ ସମସ୍ୟା, ବୃକକ୍ ଏବଂ ଯକୃତ ଉପରେ ପ୍ରତିକୂଳ ପ୍ରଭାବ, ହାଡ଼ ଦୁର୍ବଳତା ଏବଂ ବୃଦ୍ଧି ବନ୍ଦ ହେବା ଭଳି ସମସ୍ୟା ହୋଇପାରେ ।

### ଦୈନିକ ପିଅନ୍ତୁ ଅଦା-ମହୁ ପାଣି

# ଦୂର ହେବ ପେଟ ଯନ୍ତ୍ରଣା ଭଳି ଅନେକ ସ୍ୱାସ୍ଥ୍ୟ ସମସ୍ୟା



*ବର୍ତ୍ତମାନ୍ ଚାଲିଛି ବର୍ଷା ଋତୁ । ଏହି ଋତୁରେ ବିଭିନ୍ନ ପ୍ରକାରର ସମସ୍ୟା ଦେଖାଦେଇଥାଏ । ଯେପରିକି ଥଣ୍ଡା, କାଶ, ଜ୍ୱର ଇତ୍ୟାଦି । ଏଥିସହ ପାଗ ପରିବର୍ତ୍ତନ ହେବା ସହ ମଧ୍ୟ ଆମେ ଅନେକ ସମସ୍ୟାରେ ସମ୍ମୁଖୀନ ହେଉଛନ୍ତି । ଯେପରିକି ପେଟ ଯନ୍ତ୍ରଣାଠାରୁ ଆରମ୍ଭ କରି ହଇଜା ପର୍ଯ୍ୟନ୍ତ ସବୁ କିଛି । ଯଦି ଆପଣ ଏହି ସବୁ ସମସ୍ୟାରେ ସମ୍ମୁଖୀନ ହେଉଛନ୍ତି, ତେବେ ଚିନ୍ତା କରନ୍ତୁ ନାହିଁ । ଆଜି ଆପଣଙ୍କୁ ଜଣାଇବୁ ଏଥିରୁ କିପରି ମୁକ୍ତି ପାଇପାରିବେ। ତେବେ ଆସନ୍ତୁ ଜାଣିବା ଏହାର ସମ୍ପୂର୍ଣ୍ଣ ତଥ୍ୟ...*

ବହୁ ଆଗାମୀ କାଳରୁ ଅଦା ଏବଂ ମହୁ ସ୍ୱାସ୍ଥ୍ୟ ପାଇଁ ବହୁତ ଲାଭଦାୟକ ବୋଲି ବିବେଚନା କରାଯାଇ ଆସୁଛି। କିନ୍ତୁ ଆପଣ କେବେ ଅଦା-ମହୁ ପାଣି ପିଇଛନ୍ତି କି ? ଯଦି ପିଇନାହାଁନ୍ତି, ତେବେ ଆପଣଙ୍କୁ ଏହି ପାନୀୟର ସ୍ୱାସ୍ଥ୍ୟ ଲାଭ ବିଷୟରେ ଜାଣନ୍ତୁ । ପ୍ରତିଦିନ ଏହି ପୁଷ୍ଟିକର ପାନୀୟ ପିଇବା ଆରମ୍ଭ କରନ୍ତୁ ଏବଂ ଆପଣ ମାତ୍ର କିଛି ସପ୍ତାହ ମଧ୍ୟରେ ଅଟୋମେଟିକ୍ ଭାବରେ ସକାରାତ୍ମକ ପ୍ରଭାବ ଦେଖିବାକୁ ପାଇବେ ।

## ଥଣ୍ଡା ଏବଂ କାଶ

ଅଦା ଏବଂ ମହୁ ପାଣି ପିଇବା ଦ୍ୱାରା ଆପଣ ଥଣ୍ଡା ଏବଂ କାଶରୁ ବହୁତ ପରିମାଣରେ ମୁକ୍ତି ପାଇପାରିବେ । ଯଦି ଆପଣ ଗଳା ଯନ୍ତ୍ରଣା, ଥଣ୍ଡା କିମ୍ବା କାଶ ସମସ୍ୟାକୁ ରୋକିବାକୁ ଚାହୁଁଛନ୍ତି, ତେବେ ଆପଣ ଏହି ପ୍ରାକୃତିକ ପାନୀୟ ପିଇବା ଆରମ୍ଭ କରିପାରିବେ । ଆପଣଙ୍କ ସୂଚନା ପାଇଁ, ଆମେ ଆପଣଙ୍କୁ କହି ରଖୁଛୁ ଯେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଁ ଅଦା ଏବଂ ମହୁ ପାଣିକୁ ଦୈନନ୍ଦିନ ଖାଦ୍ୟ ଯୋଜନାର ଏକ ଅଂଶ ମଧ୍ୟ କରାଯାଇପାରିବ ।


## ପେଟ ସମ୍ବନ୍ଧୀୟ ସମସ୍ୟା ଦୂରେଇ ରହିବ

ଯଦି ଆପଣ ପେଟ ସମସ୍ୟାକୁ ରୋକିବାକୁ ଚାହାଁନ୍ତି, ତେବେ ଅଦା ଏବଂ ମହୁ ପାଣି ପିଇବା ଆରମ୍ଭ କରନ୍ତୁ । ଏହି ପାନୀୟକୁ ହୃଦୟ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ଲାଭଦାୟକ ବୋଲି ବିବେଚନା କରାଯାଏ । ଅର୍ଥାତ୍, ଏହି ପାନୀୟକୁ ସଠିକ ପରିମାଣରେ ଏବଂ ସଠିକ୍ ଉପାୟରେ ସେବନ କରିବା ଦ୍ୱାରା, ଗମ୍ଭୀର ଏବଂ ହୃଦରୋଗର ଆଶଙ୍କା ହ୍ରାସ କରାଯାଇପାରିବ । ଏଥିସହ ଓଜନ ମଧ୍ୟ ହ୍ରାସ ପାଇବାକୁ ଲାଗିବ ।

## ଅଦା ମହୁ ପାଣି କିପରି ତିଆରି କରିବେ ?

ଅଦା ଏବଂ ମହୁ ପାଣି ତିଆରି କରିବା ପାଇଁ, ପ୍ରଥମେ ଗୋଟିଏ କପ୍ ପାଣି ଗରମ କରନ୍ତୁ । ଏବେ ଏହି ପାଣିରେ ଗୋଟିଏ ଚାମଚ ମହୁ ଏବଂ ଗୋଟିଏ ଅଳ୍ପ ଅଦାଛେଚା ମିଶାନ୍ତୁ । ଏବେ ଆପଣ ଏହି ପାଣିକୁ ଛାଣି ପିଇପାରିବେ। ଏହି ପାନୀୟର ସ୍ୱାଦ ଉନ୍ନତ କରିବା ପାଇଁ, ଆପଣ ଏଥିରେ ଲେମ୍ବୁ ରସ ମଧ୍ୟ ମିଶାଇ ପାରିବେ । ଯଦି ଆପଣ ଏପରି ସମସ୍ୟାରୁ ମୁକ୍ତି ପାଇବାକୁ ଚାହୁଁଛନ୍ତି, ତେବେ ଏହି ଟିପ୍ସକୁ ନିଶ୍ଚିତ ଫଲୋ କରନ୍ତୁ ।





# ସବୁଠୁ ଛୋଟ ଦେଶ

## ଯେଉଁଠି ରହନ୍ତି ମାତ୍ର ୩୩ ଲୋକ

ଦୁନିଆର ସବୁଠୁ ଛୋଟ ଦେଶ ବିଷୟରେ ଆପଣ ଜାଣନ୍ତି କି ? ଆଶ୍ଚର୍ଯ୍ୟର କଥା ହେଉଛି, ସେହି ଦେଶରେ ମାତ୍ର ୩୩ ଜଣ ଲୋକ ରହନ୍ତି । ଆଉ ଯଦି କେହି ପର୍ଯ୍ୟଟକ ସେଠାକୁ ଯାଆନ୍ତି ତେବେ ସେମାନଙ୍କୁ ମାତ୍ର ୨ ଘଣ୍ଟା ପାଇଁ ଅନୁମତି ଦିଆଯାଏ । କେଉଁଠି ଅବସ୍ଥିତ ଏହି ଦେଶ, ଆସନ୍ତୁ ଜାଣିବା । ବିଶ୍ୱରେ ଥିବା ଛୋଟ ବଡ଼ ଦେଶ ଭିତରୁ ସବୁଠୁ ଭିନ୍ନ ଏକ ଦେଶ ରହିଛି। ଯାହାର ନାଁ ମୋଲୋସିଆ । ଯୁକ୍ତରାଷ୍ଟ୍ର ଆମେରିକାର ନେଭାଡାରେ ରହିଛି ଏକ କ୍ଷୁଦ୍ରତମ ଦେଶ, ଯେଉଁଠି ବାସ କରନ୍ତି ମାତ୍ର ୩୩ ଜଣ ଲୋକ । ଏହି ଦେଶର ନିଜର ଜାତୀୟ ପତାକା ଥିବାବେଳେ ସ୍ୱତନ୍ତ୍ର ମୁଦ୍ରା ମଧ୍ୟ ପ୍ରଚଳିତ ହେଉଛି । ଏଠାକାର ରାଷ୍ଟ୍ରପତି ପୂରା ଦେଶର ଶାସନଭାର ସମ୍ଭାଳିଛନ୍ତି । ୧୯୭୭ ମସିହାରେ କେଭିନ ବଗ୍ ନାମକ ଜଣେ ବ୍ୟକ୍ତି ନିଜ ବନ୍ଧୁଙ୍କ ସହ ମିଶି ନିଜେ ବାସ କରୁଥିବା ସ୍ଥାନକୁ ଏକ ସ୍ୱତନ୍ତ୍ର ଦେଶ ଭାବେ ଘୋଷଣା କରିବାକୁ ନିଷ୍ପତ୍ତି ନେଇଥିଲେ । ସେଇଠୁ ଆରମ୍ଭ ହୋଇଥିଲା ଏହି ଦେଶର ଉତ୍ପତି । ଯଦିଓ ଏହାର ଭୌଗୋଳିକ ସ୍ଥିତି ମ୍ୟାପରେ ପରିଲକ୍ଷିତ ହୁଏ ନାହିଁ, ତଥାପି ଏହି ଦେଶକୁ ଗଲେ ତାହା ପ୍ରକୃତରେ ସ୍ୱତନ୍ତ୍ର ଦେଶର ଅନୁଭୂତି ଦେଇଥାଏ । ପର୍ଯ୍ୟଟକଙ୍କୁ ଭବ୍ୟ ସ୍ୱାଗତ କରାଯାଏ ଏବଂ ରହିବା ପାଇଁ ଦୁଇ ଘଣ୍ଟାର ଅନୁମତି ଦିଆଯାଏ। ଏପରିକି ଅନ୍ୟ ଦେଶ ଭଳି ସେଠାକୁ ଯିବାକୁ ହେଲେ ପାସପୋର୍ଟ ସାଙ୍ଗରେ ନେଇ ଯିବାକୁ ପଡିଥାଏ । କେଭିନ ବଗ୍ ହିଁ ଏହି ଦେଶର ରାଷ୍ଟ୍ରପତି ହୋଇ ଶାସନଭାର ସମ୍ଭାଳୁଛନ୍ତି । ଆଉ ଦେଶ ସହ ଜଡିତ ଛୋଟରୁ ବଡ଼ ସବୁ ନିଷ୍ପତ୍ତି ନେଉଛନ୍ତି । ମୋଲୋସିଆରେ ସବୁକିଛି କେଭିନଙ୍କ ନିର୍ଦ୍ଦେଶ ଅନୁସାରେ ହୋଇଥାଏ । ସେ ଏଠାକାର ରାଷ୍ଟ୍ରପତି ହୋଇଥିବାବେଳେ ସମସ୍ତ ଦେଶବାସୀ ତାଙ୍କ ପରିବାର ବୋଲି ସେ କହିଥାନ୍ତି। ସମସ୍ତେ ମିଳିମିଶି ଦେଶର ସମସ୍ତ କାର୍ଯ୍ୟ କରିଥାଆନ୍ତି । ରାସ୍ତା ସଫେଇଠୁ ନେଇ ପର୍ଯ୍ୟଟକଙ୍କୁ ଗାଇଡ୍ କରିବା ଯାଏଁ ସବୁଥିରେ ସମସ୍ତଙ୍କ ଭାଗୀଦାରି ଥାଏ । ଏପରିକି ପର୍ଯ୍ୟଟଙ୍କୁ ଦେଶର ଇତିହାସ ବିଷୟରେ ନିଜେ ବୁଝାଇଥାଆନ୍ତି ରାଷ୍ଟ୍ରପତି କେଭିନ ।



### ମୋଲୋସିଆ ବିଷୟରେ କିଛି ଅଜଣା କଥା

- ଏହି ଦେଶରେ ପିଆଜ ଓ ମାଗୁର ମାଛ ଏଠାରେ ନିଷେଧ ।
- ଏହି ଦେଶର ନିଜସ୍ୱ ଟାଇମ ଜୋନ୍ ଏବଂ ମାପ ପଦ୍ଧତି ରହିଛି ।
- ଦେଶବାସୀଙ୍କ ପରିବାରଲୋକେ ହିଁ କେବଳ ସେଠାକାର ନାଗରିକ ହୋଇପାରିବେ ।
- ଏହିପରିଭାବେ ୪୦ ବର୍ଷରୁ ଅଧିକ ସମୟ ଧରି ସମସ୍ତଙ୍କୁ ପ୍ରେରଣା ଦେଉଛି ଏହି ଦେଶ । ଗୋଟିଏ ଦେଶ ହେବା ପାଇଁ କେବଳ ଜମି କିମ୍ବା ଅଞ୍ଚଳର ଆବଶ୍ୟକତା ନାହିଁ ବରଂ ଦୂରଦୃଷ୍ଟିର ଆବଶ୍ୟକତା ରହିଛି ବୋଲି କେଭିନ କହିଛନ୍ତି ।

# ବିଗ୍‌ବସ୍ ୧୯ରେ ନଜର ଆସିବେ '୩୬୫ ଡେ୍‌ଜ'ର ଅଭିନେତ୍ରୀ



ପୁଣି ପରଦାକୁ ଫେରିବାକୁ ଯାଉଛି ଟେଲିଭିଜନର ସବୁଠାରୁ ଚର୍ଚ୍ଚିତ ଓ ବିବାଦୀୟ ରିଆଲିଟି ଶୋ 'ବିଗ ବସ୍'। ଖୁବ୍‌ଶୀଘ୍ର ଏହାର ୧୯ତମ ସିଜନ ସହିତ ପୁଣି ଥରେ ଦର୍ଶକଙ୍କୁ ମନୋରଞ୍ଜନ ଯୋଗାଇ ଦେବ। ପ୍ରତି ବର୍ଷ ଏହି ଶୋ'ର ପ୍ରତିଯୋଗୀଙ୍କୁ ନେଇ ପ୍ରଶଂସକଙ୍କ ମଧ୍ୟରେ ବେଶ ଉତ୍ସାହ ଦେଖାଯାଏ। ସଲମାନ ଖାନ ଦ୍ୱାରା ପରିଚାଳିତ ଏହି ଶୋ'ରେ ଏଥର କିଏ କିଏ ସାମିଲ ହେବେ ତାର ତାଲିକା ସାମ୍ନାକୁ ଆସିଛି। ସେଥିରୁ ଜଣେ ହେଉଛନ୍ତି ପୋଲାଣ୍ଡର ଅଭିନେତ୍ରୀ ନତାଲିଆ ଜାନୋସଜେକ। ନତାଲିଆ କେବଳ ପୋଲିସ ଫିଲ୍ମରେ ନୁହେଁ, ନିକଟରେ ମୁକ୍ତିଲାଭ କରିଥିବା ବଲିଉଡ ଫିଲ୍ମ 'ହାଉସଫୁଲ ୫'ରେ ମଧ୍ୟ ଅଭିନୟ କରିଛନ୍ତି।

ନତାଲିଆଙ୍କର ପୂର୍ଣ୍ଣ ନାମ ହେଉଛି ନତାଲିଆ ମାଗଡାଲେନା ଜାନୋସଜେକ। ସେ ଜଣେ ଅଭିନେତ୍ରୀ,ଟେଲିଭିଜନ ବ୍ୟକ୍ତିତ୍ୱ , ଗାୟିକା ଓ ଲେଖିକା ମଧ୍ୟ। ନତାଲିଆ ଅନେକ ସୌନ୍ଦର୍ଯ୍ୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି ଏବଂ ବଲିଉଡରେ ମଧ୍ୟ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ଆଇଏମ୍‌ବିଡିବି ଅନୁସାରେ, ତାଙ୍କ ପୁସ୍ତକ Behind the Scenes of Bollywoodରେ ସେ ବଲିଉଡରେ ନିଜର ଅଭିଜ୍ଞତା ବିଷୟରେ ଲେଖିଛନ୍ତି। ନତାଲିଆ ତାଙ୍କର ଇରୋଟିକ ଥ୍ରିଲର ଫିଲ୍ମ ଫ୍ରାଞ୍ଚାଇଜ '୩୬୫ ଡେ୍‌ଜ' ପାଇଁ ବେଶ ଜଣାଶୁଣା। ସେ ଜଣେ ଉତ୍କୃଷ୍ଟ ନୃତ୍ୟଶିଳ୍ପୀ ଏବଂ ଅନେକ ପୋଲିଶ ରିଆଲିଟି ଶୋ'ରେ ମଧ୍ୟ ଅଂଶଗ୍ରହଣ କରିଛନ୍ତି। ନତାଲିଆଙ୍କର ଉଲ୍ଲେଖନୀୟ ଅଭିନୟ ମଧ୍ୟରୁ ଭାରତୀୟ ଥ୍ରିଲର ଡ୍ରାମା ଫିଲ୍ମ Chicken Curry Lawରେ ତାଙ୍କର ଭୂମିକା ଅତ୍ୟନ୍ତ ପ୍ରଶଂସନୀୟ। ଏହି କୋର୍ଟରୁମ ଡ୍ରାମା ଫିଲ୍ମରେ ସେ ମାୟା ଜୋନସନ ନାମକ ଏକ ଦୁଷ୍କର୍ମ ଶିକାର ଚରିତ୍ରରେ ଅଭିନୟ କରିଛନ୍ତି। ଏହି ଫିଲ୍ମରେ ତାଙ୍କ ସହ ଆଶୁତୋଷ ରାଣା, ଅମନ ବର୍ମା, ମକରନ୍ଦ ଦେଶପାଣ୍ଡେ, ନିବେଦିତା ଭଟ୍ଟାଚାର୍ଯ୍ୟ ଓ ଜାକିର ହୁସେନ ଭଳି ଦମଦାର ଅଭିନେତାମାନେ କାମ କରିଛନ୍ତି। ଏହି ଫିଲ୍ମ ଆମାଜନ ପ୍ରାଇମରେ ଉପଲବ୍ଧ। ଏହା ବ୍ୟତୀତ, ନିକଟରେ ମୁକ୍ତିଲାଭ କରିଥିବା ଅକ୍ଷୟ କୁମାରଙ୍କ ମଲ୍ଟି-ଷ୍ଟାରର ଫିଲ୍ମ 'ହାଉସଫୁଲ ୫'ରେ ମଧ୍ୟ ନତାଲିଆ ଏକ ଚରିତ୍ରରେ ଅଭିନୟ କରିଛନ୍ତି। ବିଗ ବସ ୧୯ରେ ନତାଲିଆଙ୍କୁ ଦେଖିବା ଦର୍ଶକଙ୍କ ପାଇଁ ଏକ ଅଲଗା ଅଭିଜ୍ଞତା ହେବ। ତାଙ୍କର ବହୁମୁଖୀ ପ୍ରତିଭା ଓ ଆକର୍ଷଣୀୟ ବ୍ୟକ୍ତିତ୍ୱ ଶୋ'କୁ ଆହୁରି ରୋଚକ କରିବ ବୋଲି ଆଶା କରାଯାଉଛି। ପ୍ରଶଂସକମାନେ ଏବେ ନତାଲିଆଙ୍କ ବିଗ ବସ ଯାତ୍ରାକୁ ଦେଖିବା ପାଇଁ ଉତ୍ସାହିତ ଅଛନ୍ତି।


# ଷ୍ଟୁଡିଓ ଖୋଲିଲେ ସାରା

କ୍ରିକେଟ୍ କିମ୍ବଦନ୍ତୀ ସଚିନ ତେନ୍ଦୁଲକରଙ୍କ କନ୍ୟା ସାରା ମୁମ୍ବଇରେ ପାଇଲେଟ୍‌ସ ଷ୍ଟୁଡିଓ ଖୋଲିଛନ୍ତି। ପିତା ସଚିନ ଫିତା କାଟି ଉକ୍ତ ଷ୍ଟୁଡିଓର ଉଦ୍‌ଘାଟନ କରିଛନ୍ତି। ସୂଚନାଯୋଗ୍ୟ, ଆଜିକାଲି ପାଇଲେଟ୍‌ସ ଷ୍ଟୁଡିଓ ବେଶ୍ ଲୋକପ୍ରିୟ ହାସଲ କରିବାରେ ଲାଗିଛି। ଏହି ଷ୍ଟୁଡିଓ ମୁଖ୍ୟତଃ ଶାରୀରିକ ବ୍ୟାୟାମ ପାଇଁ ଉଦ୍ଦିଷ୍ଟ। ସୁସ୍ଥ ଶରୀର ଗଠନ ସହ ଶରୀର ଶକ୍ତି ବୃଦ୍ଧି କରିବା ଏହି ଷ୍ଟୁଡିଓର ଉଦ୍ଦେଶ୍ୟ। ଏହି ଷ୍ଟୁଡିଓ ଉଦ୍‌ଘାଟନ କରି ପିତା ସଚିନ କହିଛନ୍ତି, ବେଶ୍ କିଛି ବର୍ଷ ହେଲା ସାରା ପାଇଲେଟ୍‌ସ ଷ୍ଟୁଡିଓ ଖୋଲିବାର ସମସ୍ତ ପ୍ରୟାସ କରିଛନ୍ତି। ସେ ଏକା ଏହା ତିଆରି କରିଛନ୍ତି। ପିତାମାତା ଭାବେ ଆମେ ଚାହୁଁ ଯେ ଆମ ସନ୍ତାନଙ୍କ ସ୍ୱପ୍ନ ପୂରଣ ହେଉ। ସାରାର ଷ୍ଟୁଡିଓ ଦେଖି ବହୁତ ଗର୍ବ ଅନୁଭବ କରୁଛି। କଠିନ ପରିଶ୍ରମ କରି ସାରା ଏହି ଷ୍ଟୁଡିଓ ନିର୍ମାଣ କରିଛନ୍ତି। ତାଙ୍କର ସ୍ୱପ୍ନ ପୂରଣ ପାଇଁ ପିତା ସଚିନଙ୍କ ପ୍ରୋତ୍ସାହନ ପ୍ରେରଣଦାୟୀ ଥିଲା ବୋଲି ସାରା ତେନ୍ଦୁଲକର କହିଛନ୍ତି।



# ନିର୍ଦ୍ଦେଶକ ହେଲେ ଆର୍ଯ୍ୟନ

ବଲିଉଡ୍‌ର ବାଦଶାହ ଶାହରୁଖ ଖାନ । ବର୍ତ୍ତମାନ ତାଙ୍କ ପୁଅ ଆର୍ଯ୍ୟନ ୱେବ୍ ସିରିଜ୍ 'ଦ ବ୍ୟାଡ୍ସ ଅଫ୍ ବଲିଉଡ୍' ଜରିଆରେ ନିର୍ଦ୍ଦେଶନା ଜଗତରେ ଏଣ୍ଟ୍ରି କରିଛନ୍ତି। ନିକଟରେ ସିରିଜ୍‌ର ପ୍ରିଭ୍ୟୁ ଲଞ୍ଚ୍ ଇଭେଣ୍ଟ ଆୟୋଜିତ ହୋଇଥିଲା । ଏହାର ସଂଚାଳନା ଦାୟିତ୍ୱରେ ଥିଲେ ଶାହରୁଖ । ହାତରେ ଫ୍ୟାକଚର ଥାଇ ମଧ୍ୟ ଷ୍ଟାଇଲିଶ୍ ଲୁକ୍‌ରେ ଶାହରୁଖ୍ ଷ୍ଟେଜ୍ ଉପରକୁ ଏଣ୍ଟ୍ରି କରିଥିଲେ। ଇଭେଣ୍ଟରେ ଗୌରୀ ଓ ପୁଅ ଆର୍ଯ୍ୟନଙ୍କୁ ମଞ୍ଚ ଉପରକୁ ଡାକିଥିଲେ ଶାହରୁଖ୍ । ଏହା ଉଭୟଙ୍କ ପାଇଁ ଖାସ୍ ମୁହୂର୍ତ୍ତ ଥିଲା । ସିନେ ଇଣ୍ଡଷ୍ଟ୍ରିରେ ପୁଅର ଗ୍ରାଣ୍ଡ ଏଣ୍ଟ୍ରି ହେଉଥିବାବେଳେ ସେ ଖୁବ୍ ଭାବୁକ ହୋଇପଡ଼ିଥିଲେ । ପ୍ରଥମ ଥର ମଞ୍ଚ ଉପରେ ଦର୍ଶକଙ୍କୁ ସ୍ପିଚ୍ ଦେଉଥିବାରୁ ଆର୍ଯ୍ୟନ ସାମାନ୍ୟ ନର୍ଭସ୍ ନଜର ଆସିଥିଲେ। ତାଙ୍କ ଦ୍ୱାରା ଯଦି କିଛି ଭୁଲ ହୋଇଛି, ଦର୍ଶକ ତାଙ୍କୁ କ୍ଷମା କରିଦେବେ ବୋଲି ସେ ଅନୁରୋଧ ମଧ୍ୟ କରିଥିଲେ। ଆର୍ଯ୍ୟନଙ୍କ ପ୍ରଥମ ନିର୍ଦ୍ଦେଶିତ ସିରିଜ୍ 'ଦ ବ୍ୟାଡ୍‌ସ ଅଫ୍ ବଲିଉଡ୍'ରେ ମୁଖ୍ୟ ଭୂମିକାରେ ଅଛନ୍ତି ବବି ଦେଓଲ, ଲକ୍ଷ୍ୟ, ଶହେର ବାମ୍ବା, ମନୋଜ ପହୱା, ମୋନା ସିଂହ, ମନୀଷ ଚୌଧରୀ, ରାଘବ, ଆନ୍ୟା ସିଂହ, ବୈଜୟନ୍ତ କୋହଲି ଓ ଗୌତମୀ କପୁର । ଷ୍ଟେଜ ଉପରେ ବବି ଆର୍ଯ୍ୟନଙ୍କୁ ପ୍ରଶଂସା କରି କହିଥିଲେ- ମୁଁ ଆର୍ଯ୍ୟାନଙ୍କୁ ଛୋଟ ବେଳୁ ଦେଖିଛି। ଆର୍ଯ୍ୟନ ଭିତରେ କିଛି ଯାଦୁକରୀ ଅଛି। ସେ ବିଶ୍ୱରେ ରାଜ କରିବେ। ମୁଁ ଏହି ଶୋ'ର ଅଂଶ ହେବାରୁ ବହୁତ ଭାଗ୍ୟବାନ। ଆର୍ଯ୍ୟାନଙ୍କ ଶୋ' ମୋ ପାଇଁ ସ୍ୱତନ୍ତ୍ର। ଏହି ଶୋ'ରେ ପ୍ରତ୍ୟେକ ଅଭିନେତା ବହୁତ ଭଲ କାମ କରିଛନ୍ତି। ତାହା ପରଦା ଉପରେ ଆଣିବା ଆର୍ଯ୍ୟନଙ୍କ ପାଇଁ ସହଜ ନଥିଲା। ସବୁଠାରୁ ବଡ କଥା ଶାହରୁଖ୍‌ଙ୍କ ଝଲକ୍ ମଧ୍ୟ ଏଥିରେ ଦେଖିବାକୁ ମିଳିବା ସହ ଅମୀରଙ୍କ ଛୋଟ ଭୂମିକା ବି ରହିଛି।



Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: ପ୍ରଦୋଷ ପଟ୍ଟନାୟକ
Chief Editor: Pradosh Pattanaik



ଆଳି, (ଭାସ୍କର ନ୍ୟୁଜ): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ ନିଆଳ ସ୍ଥିତ ବ୍ରହ୍ମାକୁମାରିଜ, ଆଦ୍ୟାଶକ୍ତି ଭବନ ତରଫରୁ ଏକ ବିଶାଳ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ପ୍ରାକ୍ତନ ମୁଖ୍ୟ ପ୍ରଶାସକ ରାଜଯୋଗିନୀ ଦାଦୀ ପ୍ରକାଶମଣିଙ୍କ ୧୮ତମ ପୁଣ୍ୟତିଥି ଉପଲକ୍ଷେ ଆଜି ବିଶ୍ୱ ବନ୍ଧୁତା ଦିବସ ଅବସରରେ ବ୍ରହ୍ମାକୁମାରିଜ ଏବଂ ସମାଜ ସେବା ପ୍ରଭାଗ ସଂଯୋଜନାରେ ଏକ ବିଶାଳ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଆଳି ବ୍ଲକ ନିଆଳ ହାଟ ଠାରେ ଥିବା ବ୍ରହ୍ମାକୁମାରିଜ, ଆଦ୍ୟାଶକ୍ତି ଭବନ ଠାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ବେଳେ ରକ୍ତଦାନ ରାଷ୍ଟ୍ର ପାଇଁ ସର୍ବୋଚ୍ଚ ସମର୍ପଣ ବୋଲି ଆହ୍ୱାନ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡା ଜିଲ୍ଲା ରକ୍ତ ଭଣ୍ଡାରର ଡାକ୍ତରୀ ଟିମ ରକ୍ତ ସଂଗ୍ରହ କରିଥିବା ବେଳେ ଆଳି ତଥା ଆଖପାଖ ଅଞ୍ଚଳର ପ୍ରାୟ ସମସ୍ତ ସମାଜସେବୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ବୁଦ୍ଧିଜୀବୀ, କଲେଜର ଛାତ୍ରଛାତ୍ରୀମାନଙ୍କ ସହିତ ବ୍ରହ୍ମାକୁମାରିଜ ମାନେ ଏହି ବିଶାଳ ରକ୍ତଦାନ ଶିବିରରେ ଯୋଗଦେବା ସହ ମୋଟ ୧୦୧ ୟୁନିଟ ରକ୍ତଦାନ କରିଥିଲେ। ଆଜିର ଏହି ବିଶାଳ ରକ୍ତଦାନ ଶିବିରକୁ ସହ ସଂଯୋଜିକା ବ୍ରହ୍ମାକୁମାରି ସଂଯୁକ୍ତାଙ୍କ ସହ ବ୍ରହ୍ମକୁମାରୀ ସ୍ୱର୍ଣ୍ଣ, ଅନିତା, ଶୁଭସ୍ମିତା, ପ୍ରଗତିକା, ବନ୍ଦନା ଏବଂ ବ୍ରାହ୍ମକୁମାର ବିଦ୍ୟାଧର, ଅଭିନ୍ନ, ମନୋଜ, ଲକ୍ଷ୍ମଣ, ପ୍ରତାପ, ହମଦ ପାତ୍ର ପ୍ରମୁଖଙ୍କ ସହ ଅନ୍ୟ ସଦସ୍ୟ ମାନେ ପରିଚାଳନାରେ ସହଯୋଗ କରିଥିଲେ।

### ବାସହୀନ ପରିବାର କାହାଘରେ ନେବେ ଆଶ୍ରୟ

## ପଞ୍ଚାୟତ ଠାରୁ ବ୍ଲକ କେହି ଶୁଣୁନାହାନ୍ତି ଗୁହାରି



ମାଲକାନଗିରି/ କାଲିମେଳା, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲାର ଦୁର୍ଗମ କାଲିମେଳା ବ୍ଲକ ଅଧୀନ ବଡ଼ିଗେଟା ପଞ୍ଚାୟତ ଅନ୍ତର୍ଗତ ଟେକଗୁଡ଼ା ଗ୍ରାମର ଇର୍ମା ମାଡକାମୀ ଓ ତାଙ୍କ ପରିବାରର ୫ ଜଣ ସଦସ୍ୟ ଭଙ୍ଗା କୁଡ଼ିଆରେ ବିପଦସଂକୁଳ ଅବସ୍ଥାରେ ଦିନ କାଟୁଛନ୍ତି। ମାଟି କାନ୍ଥକୁ ଟାଇଲ ଛପର ଘରଟି ଦୀର୍ଘଦିନ ହେଲା ଭଙ୍ଗା ଅବସ୍ଥାରେ ରହିଛି। ସ୍ୱାମୀ, ସ୍ତ୍ରୀ ଦୁହେଁ ଦୁଇ ଝିଅ ଗୋଟିଏ ପୁଅକୁ ନେଇ କୁଆଡ଼େ ଯିବେ? କାହା ଘରେ ଆଶ୍ରୟ ନେବେ? କିଏ ଏହି ୫ଜଣଙ୍କୁ ଆଶ୍ରୟ ଦେବ? ତେଣୁ ଏମାନେ ଏହି ଘରେ ଭାଗ୍ୟକୁ ଆଦରି ରହୁଛନ୍ତି। ପଞ୍ଚାୟତ ଠାରୁ ବ୍ଲକ ପ୍ରଶାସନକୁ ଘର ଖଣ୍ଡେ ପାଇଁ ଗୁହାରି କରି ଶେଷରେ ଚୁପ ହୋଇ ରହିଗଲେ। ତାଙ୍କ କଥା କେହି ଶୁଣିଲେନି। ସରକାରଙ୍କ ପକ୍ଷରୁ ପାଞ୍ଚ ଜଣଙ୍କୁ ୨୫ କିଲୋ ଚାଉଳ ମିଳୁଛି। କିନ୍ତୁ ସେତକ କେତେ ଦିନ ଖାଇ ବଞ୍ଚିବେ। ଯାହା ଜମି କିଛି ଅଛି ତାହା ପାହାଡ଼ିଆ ସାଙ୍ଗକୁ ପଥୁରିଆ। ଯଦି ବର୍ଷା କମିଗଲା ଫଳିଥିବା ଧାନ ଗଣ୍ଡାକ ପାଣି ବିନା ଶୁଖି ଅଗାଡ଼ି ହୋଇଯିବ। ସ୍ୱାମୀ, ସ୍ତ୍ରୀ ଦୁହେଁ କୌଣସି ଜାଗାରେ କାମଧନ୍ଦା ମିଳିଲେ ଗୁଜୁରାଣ ମେଣ୍ଟାନ୍ତି। ଆବାସ ଯୋଜନାରେ ଘର ଖଣ୍ଡେ ପାଇବା ପାଇଁ ନେହୁରା ହୋଇ ଶେଷରେ ଇର୍ମା ମାଡ଼କାମୀ ବିଫଳ ହୋଇଛନ୍ତି। ସରପଞ୍ଚ ଲିଲି ସୋଡିଙ୍କୁ ଯୋଗାଯୋଗ କରିବାରୁ ତୁରନ୍ତ ତାଙ୍କ ନିକଟରେ ପହଞ୍ଚି ସମସ୍ୟାର ସମାଧାନ କରିବାକୁ ଯଥା ସାଧ୍ୟ କରିବେ ବୋଲି କହିଛନ୍ତି। ଅନ୍ୟପଟେ ବିଡିଓ ପ୍ରଦୀପ କୁମାର କରଙ୍କ ସହ ଯୋଗାଯୋଗ କରିବାରେ ସେ କହିଛନ୍ତି ତାଙ୍କୁ ଯେତେଶୀଘ୍ର ହୋଇପାରିବ ଘର ପାଇଁ ବ୍ୟବସ୍ଥା କରାଯିବ। ବର୍ତ୍ତମାନ ବାକି ରହିଲା ତାଙ୍କ ଦୁଃଖ କେବେ ଏଇ ବ୍ଲକ ପ୍ରଶାସନ ବୁଝୁଛି।

## ପଙ୍କ ଉପରେ ବାଲି ଘୋଡେଇ ନିର୍ମାଣ ହେଉଛି ମଣ୍ଡି ଖଳା



ରାଜନଗର, (ଭାସ୍କର ନ୍ୟୁଜ୍): ଲୋକ ମାନଙ୍କର ଉନ୍ନୟନ କାର୍ଯ୍ୟ ନାଁରେ ଚକମା ଦେଖାଇ ପ୍ରୋତ୍ସାହିତ ସରକାରକୁ ଜନସାଧାରଣ ପରିବର୍ତ୍ତନ କରାଇଲେ। ସରକାର ବଦଳିଲା ସତ ହେଲେ ପୂର୍ତ୍ତ ବିଭାଗର ପୁରୁଣା ଢାଞ୍ଚର ଦୁର୍ନୀତି ବଦଳିବା ନାଁ ଧରୁନି। ଫଳରେ ଯେଉଁ ତିମିରକୁ ସେହି ତିମିର ରହିଛି। ସମବାୟ ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ ଓ ପୂର୍ତ୍ତ ବିଭାଗ ପୂର୍ବ ସରକାରର କାମ ଧେନୁ ଗାଇ ସଦୃଶ୍ୟ ହୋଇପଡ଼ିଥିଲା। ଏମାନଙ୍କ ଦୁର୍ନୀତିର ଚେର ଏତେ ଗଭୀର ଯେ, ମୋହନ ସରକାରଙ୍କ ସ୍ୱଚ୍ଛତା ନୀୟମକୁ ଖାତିରି କରୁନାହାଁନ୍ତି। ଏପରି ସ୍ଥିତିରେ କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକରେ ପୂର୍ତ୍ତ ବିଭାଗର ବାରମ୍ବାର ନିର୍ମାଣ କାର୍ଯ୍ୟ ସତ୍ତ୍ୱେ ରାସ୍ତାଘାଟର ଅବସ୍ଥା ଅଶୋଭନୀୟ ବିପଦ ପୂର୍ଣ୍ଣ ରହିଛି। ଏହା ସତ୍ତ୍ୱେ ଚାଷୀମାନଙ୍କର ଧାନ ସୁରକ୍ଷିତ ଭାବେ ରହିବା ଏବଂ ମଣ୍ଡି ପରିଚାଳିତ ହେବା ପାଇଁ ଖଳା ନିର୍ମାଣକୁ ପ୍ରାୟ କୋଟିଏ ଟଙ୍କା ପାଖାପାଖି ବ୍ୟୟରେ ଦୁର୍ନୀତିର ଚେର ଲମ୍ବିଥିବା ପୂର୍ତ୍ତ ବିଭାଗକୁ ଦାୟିତ୍ୱ ଦିଆଯାଇଛି। ଏପରି ଘଟଣା ଦେଖିବାକୁ ମିଳିଛି ଚାନ୍ଦିବାଉଁଶମୂଳ ସେବା ସମବାୟ ସମିତିର ମଣ୍ଡିଖଳା ଓ ପାଖ ବିଲ୍ଡିଂ ନିର୍ମାଣର ନମୂନା। ଏଠାରେ ବିନା ଫଳକରେ କାର୍ଯ୍ୟ ଚାଲୁରହିଛି। ଦୁଇ ଫୁଟର ଡିପିସ ପଡିବା ସହ ସମୟ ସିମା ପାର ହୋଇଥିବା ବେନାମି ମୁଣ୍ଡା ସିମେଣ୍ଟ ବ୍ୟବହାର କରି ଖଳା ଏବଂ ପାଖ ବିଲଡିଂ ନିର୍ମାଣ ଚାଲିଛି। ପିଲାର ପାଇଁ ଛଅଟି ରର୍ଡ ବଦଳରେ କେଉଁଠି ୪ଟା ଦିଆଯାଇଛି। ଜେଇ କିମ୍ବା ଅଫିସ୍ କର୍ମଚାରୀ ଉପସ୍ଥିତ ରହୁ ନଥିବା ବେଳେ ଦୀର୍ଘ ଦିନ ହେବ ଡେପୁଟେସନରେ ଥିବା ଜଣେ ପିଅନ କେତେବେଳେ କେମିତି କାମ ପାଖକୁ ଯାଇଥିବା ଠିକାଦାରଙ୍କ ସହଯୋଗୀ ସଫେଇ ଦେଇଛନ୍ତି। ଘୋଟାଲା ଖବର ପାଇ ଆମ ପ୍ରତିନିଧି କ୍ଷେତ୍ର ଉପରେ ଲୋକମାନଙ୍କ ସହ ପହଞ୍ଚି ଥିଲେ। ସେଠାରେ ସ୍ଥାନୀୟ ଲେବରଙ୍କୁ ନିୟୋଜିତ କରାଯାଇ ନଥିଲା। ସବୁ ଦୁର୍ନୀତି ପଦାରେ ପଡିଯିବା ଆଶଙ୍କାରେ ଶନିବାର ସକାଳ ପ୍ରାୟ୪ଘଟିକା ସମୟରୁ ୮କିମି ଦୂର ରାଜନଗର କୁଲିଙ୍କୁ ନେଇ ଫାଉଣ୍ଡେସନ ପିଣ୍ଡି ଭିତରେ ପଙ୍କ ଭର୍ତ୍ତି କରାଯାଉଥିଲା, ଯାହାକି ସାମ୍ବାଦିକଙ୍କ ଉପସ୍ଥିତିରେ ଏଭଳି କାମକୁ ସ୍ଥାନୀୟ ଲୋକେ ବିରୋଧ କରିଥିଲେ। ଠିକାଦାର ଆଣିଥିବା ୨ଟି ହାଇୱା। ଲୋଡ ବାଲିରୁ କିଛି ପଙ୍କ ଉପରେ ପକାଇ ପଙ୍କ ନଦିଶିଲା ଭଳି ଘୋଡାଇ ଦେଇଛନ୍ତି। ଯାହା ଫଳରେ ଖୁବ କମ୍ ଦିନରେ ଖଳା ଦବିଯିବା ନେଇ କ୍ଷେତ୍ର ଉପରୁ ସମ୍ପୃକ୍ତ ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ କୃପାସିନ୍ଧୁ ଧଳଙ୍କୁ ଅବଗତ କରାଯାଇଥିଲା। ଯନ୍ତ୍ରୀ ଧଳ କହିଥିଲେ ପଙ୍କ କଢାଯାଇ ବାଲି ଫିଲିଂ କରାଯିବ ସଠିକ୍ ନିୟମ ଅନୁସାରେ କାର୍ଯ୍ୟ କରାଯିବ। ଏପଟେ ମୁଖ୍ୟମନ୍ତ୍ରୀ ମୋହନ ମାଝି କଡା ନିର୍ଦ୍ଦେଶ ଦେଇଛନ୍ତି ପୂର୍ବ ସରକାର ସମୟ ଭଳି ଏବେ ନିମ୍ନମାନର କାର୍ଯ୍ୟ କରାଗଲେ ବିଭାଗୀୟ ଅଧିକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ଠିକିଦାରକୁ କଳା ତାଲିକା ଭୁକ୍ତ କରାଯିବ। ପୂର୍ତ୍ତ ବିଭାଗର ଏଭଳି କାର୍ଯ୍ୟ ଗୋଟିଏ ନୁହେଁ ନୋଧାବସନ୍ତ ସୋସାଇଟି ନିକଟରେ ଏହିଭଳି ନିମ୍ନମାନର ମଣ୍ଡି ଖଳା ଓ ବିଲଡିଂ ନିମ୍ନମାନର ନିର୍ମାଣ ସମୟରେ ବହୁ ବିରୋଧ ହୋଇଥିଲା। ବିଭାଗୀୟ ଅଧିକାରୀ ବିଜେପି ଓ ବିଜେଡି ନେତାଙ୍କ ସଲା ସୁତରାରେ ମଣ୍ଡି ଖଳା ନିର୍ମାଣ ହୋଇଥିଲେ ମଧ୍ୟ ଦୁଇମାସ ପୁରିନି ଖଳା ପିଣ୍ଡି ଫାଟି ଆଁ ହୋଇଗଲାଣି। ସେହିପରି କୁରୁଣ୍ଟିରେ ମଧ୍ୟ ଏହି ପିଣ୍ଡି ନିମ୍ନମାନର କରି ଲୋକ ମାନଙ୍କୁ ଭୁଆଁ ବୁଲାଇ ବିଲ୍ ହାତେଇବା ପରେ ପିଣ୍ଡି ଫାଟ ଦେଲାଣି। ନିର୍ମାଣ ସମୟରେ ନିମ୍ନମାନର କାର୍ଯ୍ୟ ହେଉଥିବା ଗଣମାଧ୍ୟମରେ ପ୍ରକାଶ ପାଇଥିଲେ ମଧ୍ୟ ବିଭାଗୀୟ ନିରବ ଦ୍ରଷ୍ଟା ପାଲଟି ଯାଇଥିଲେ। ତେଣୁ ଚାନ୍ଦିବାଉଁଶମୂଳ, ନୋଧାବସନ୍ତ ଓ କୁରୁଣ୍ଟି ସୋସାଇଟିର ମଣ୍ଡି ଖଳାର ତଦନ୍ତ କରିବା ସହ ଅନ୍ୟାନ୍ୟ ସୋସାଇଟିରେ ମଧ୍ୟ ପୂର୍ତ୍ତ ବିଭାଗ କରିଥିବା ମଣ୍ଡି ଖଳାର ଖୋଳତାଡ କରି ସର୍ବସମ୍ମୁଖରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

## ବ୍ଲକସ୍ତରୀୟ ଶ୍ରୀଅରବିନ୍ଦ ପାଠଚକ୍ର



ଭାପୁର, (ଭାସ୍କର ନ୍ୟୁଜ୍): ଭାପୁର ବ୍ଲକସ୍ତରୀୟ ଶ୍ରୀଅରବିନ୍ଦ ପାଠଚକ୍ର ସମ୍ମିଳନୀ ସ୍ଥାନୀୟ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଠାରେ ନୟାଗଡ଼ ଜିଲ୍ଲା ପାଠଚକ୍ର ସଂଯୋଜକ ସୁନୀଲ କୁମାର ପୃଷ୍ଟିଙ୍କ ପୌରହିତ୍ୟରେ ରବିବାର ଦିନ ପାଳିତ ହୋଇଯାଇଛି। ଏଥିରେ ନୟାଗଡ଼ ଜିଲ୍ଲା ଆବାହକ ସନାତନ ଲେଙ୍କା, ମହିଳା ପାଠଚକ୍ର ସଂଯୋଜିକା ପୁଷ୍ପାଞ୍ଜଳୀ ସାହୁ, ପ୍ରକୃତି ବନ୍ଧୁ ସୁକାନ୍ତ ଚୌଧୁରୀ ପ୍ରମୁଖ ଯୋଗଦାନ କରି ପାଠଚକ୍ର ଜୀବନଚର୍ଯ୍ୟାର ମୁଖ୍ୟାଧାର ବୋଲି କହିଥିଲେ। ପାଠଚକ୍ର ମାଧ୍ୟମରେ ମହାନ ଯୋଗୀ ଶ୍ରୀଅରବିନ୍ଦଙ୍କର ପୂର୍ଣ୍ଣାଙ୍ଗ ଯୋଗ ତଥା ଅତିମାନସ ସତ୍ତାକୁ ଉପଲବ୍ଧି କରାଯାଇ ପାରିବ। ମହାନ ବିପ୍ଳବୀ ଶ୍ରୀଅରବିନ୍ଦ ସ୍ୱାଧୀନତା ପାଇଁ ଯେଉଁ ତ୍ୟାଗ ସ୍ୱୀକାର କରିଛନ୍ତି ବାସ୍ତବିକ ତାର ପଟାନ୍ତର ନାହିଁ। ଭାପୁର ବ୍ଲକରେ ପାଠଚକ୍ରକୁ ତ୍ୱରାନ୍ୱିତ କରି ଘରେ ଘରେ ଶ୍ରୀଅରବିନ୍ଦଙ୍କ ମହାନ ବାଣୀକୁ ପ୍ରଚାର କରିବା ପାଇଁ ବକ୍ତାମାନେ ପଞ୍ଚାୟତ ଅର୍ଗାନାଇଜର ମାନଙ୍କୁ ପରାମର୍ଶ ଦେଇଥିଲେ। କରବର ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଟ୍ରଷ୍ଟି ଫକୀର ମୋହନ ସ୍ୱାଇଁ ପରିଚୟ ପ୍ରଦାନ କରିଥିବା ବେଳେ ଭାପୁର ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଅଧ୍ୟକ୍ଷ ବିରଞ୍ଚି ନାରାୟଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଉଭୟ ଅନୁଷ୍ଠାନର ଅପା ଭାଇମାନଙ୍କ ସହଯୋଗରେ ପାଠଚକ୍ରଟି ବେଶ୍ ସରସ ସୁନ୍ଦର ହୋଇଥିଲା।

## ଜନବସତିରୁ ହାତୀ ଘଉଡ଼ାଇବାକୁ ବନ ବିଭାଗ ନାକେଦମ

କେନ୍ଦୁଝର, (ଭାସ୍କର ନ୍ୟୁଜ୍): କେନ୍ଦୁଝର ଜିଲାର ଉଖୁଣ୍ଡା ବନାଞ୍ଚଳରେ ୨୯ ଟିକିଆ ହାତୀ ଦଳ ଏବଂ ଗୋଟିଏ ଏକାଦନ୍ତା ଘର ଏବଂ ଫସଲକୁ କ୍ଷତି ପହଞ୍ଚାଉଥିବା ଜଣାପଡିଛି। ବିଶେଷକରି ସଂଲଗ୍ନ ବ୍ଲକରୁ ହଜାର ହଜାର ଲୋକଙ୍କ ହାତୀପଲଙ୍କୁ ଦେଖିବା ଓ ଘଉଡ଼ାଇବା ପାଇଁ ଅପ୍ରତ୍ୟାଶିତ ଭିଡ଼ ଏକ ବଡ଼ ସମସ୍ୟା ସୃଷ୍ଟି କରୁଛି ବୋଲି ବନ ବିଭାଗ ପ୍ରକାଶ କରିଛି। ଉପରୋକ୍ତ ସମସ୍ୟାର ପ୍ରତିକ୍ରିୟାରେ ଶୁକ୍ରବାର ଦିନ ଉଖୁଣ୍ଡା ସେକ୍ସନରେ ମଣିଷ ବସତିରୁ ହାତୀମାନଙ୍କୁ ଘଉଡ଼ାଇବା ପାଇଁ ଏକ ମିଳିତ ପ୍ରୟାସ କରାଯାଇଥିଲା। ଏହି ଅପରେସନ ସମୟରେ କେନ୍ଦୁଝର ସହକାରୀ ବନ ସଂରକ୍ଷକ ସୁଦୀପ୍ତ ପଣ୍ଡା, ଚମ୍ପୁଆ ଏସିଏଫ, ପାଟଣା ଓ ବଡ଼ବିଲ ରେଞ୍ଜ ଅଧିକାରୀ, ଚମ୍ପୁଆ ଓ ପାଟଣା ରେଞ୍ଜର କର୍ମଚାରୀ, ପଶୁଚିକିତ୍ସା ଦଳ, ମୋବାଇଲ ସ୍କ୍ୱାର୍ଡ, ଜୀବବିଜ୍ଞାନୀ ଏବଂ ଡ୍ରୋନ୍ ଅପରେଟର ସାମିଲ ଥିଲେ। ହାତୀମାନଙ୍କୁ ଡ୍ରୋନ୍ ଦ୍ୱାରା ତଦାରଖ କରାଯାଇଥିଲା, ଏବଂ ତଦନୁସାରେ, ହାତୀମାନଙ୍କୁ କୌଣସି ମାନବ ବସତିରେ ପ୍ରବେଶ କରିବାକୁ ରୋକିବା ପାଇଁ ଦଳଗୁଡ଼ିକୁ ସ୍ଥାନିତ କରାଯାଇଥିଲା। ପଶୁଚିକିତ୍ସା ଦଳ ସହାୟତାରେ ଏକ ବୈଜ୍ଞାନିକ ପଦ୍ଧତି ଗ୍ରହଣ କରାଯାଇଥିଲା। ଭୋର ସମୟରେ, ଯେତେବେଳେ ଏକାକୀ ଦନ୍ତା ହାତୀ ନିଶ୍ଚନ୍ତପୁରର ମାନବ ବସତିରେ ପ୍ରବେଶ କରିବାକୁ ଚେଷ୍ଟା କରିଥିଲେ, ପଶୁ ଚିକିତ୍ସକ ଏହାକୁ ଔଷଧ ସହିତ ଘଉଡ଼ାଇ ଦେଇଥିଲେ, ଏବଂ ଟସ୍କର ତୁରନ୍ତ ନିକଟସ୍ଥ ଜଙ୍ଗଲକୁ ଦୌଡ଼ି ପଳାଇଥିଲା। ପୋଲିସ ସହ ସମନ୍ୱୟ ରକ୍ଷା କରି ହାତୀପଲକୁ ଘଉଡ଼ାଇବା ଜାରୀ ରହିଛି ବୋଲି କେନ୍ଦୁଝର ଡ଼ିଏଫଓ ଏଚ.ଡି ଧନରାଜ ପ୍ରକାଶ କରିଛନ୍ତି।

## ଦୁର୍ଘଟଣାରେ ୨ ଗୁରୁତର

କନ୍ଧମାଳ, (ଭାସ୍କର ନ୍ୟୁଜ୍): ବୌଦ୍ଧ ଜିଲ୍ଲା ମନମୁଣ୍ଡା ଥାନା ଜାତୀୟ ରାଜପଥ ନଂ ୫୭ର ଦହ୍ୟା ନିକଟରେ ଏକ ବାଇକ୍ ଭାରସାମ୍ୟ ହରାଇ ରାସ୍ତା କଡରେ ଥିବା ଏକ ସୂଚନା ଖୁଣ୍ଟକୁ ଧକ୍କାଦେଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଦୁର୍ଘଣାରେ ବାଇକରେ ବସିଥିବା ଦୁଇ ଜଣ ରାସ୍ତା କଡରେ ଛିଟିକି ପଡି ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ସୋନପୁର ଡାକ୍ତରଖାନାକୁ ପଠାଇଥିଲେ। ଗୁରୁତର ଆହତ ଦୁଇ ଜଣ ପଲସାଗୋରା ଅଞ୍ଚଳର ହୋଇଥିବା ଜଣାପଡିଛି।

### ବର୍ହି ବିଭାଗରୁ ଅନ୍ତଃ ବିଭାଗ ପର୍ଯ୍ୟନ୍ତ ରାସ୍ତା ଶୋଚନୀୟ

## ରୋଗୀ ଭୋଗୁଛନ୍ତି ଦୁର୍ଦ୍ଦଶା, ରାସ୍ତା ନିର୍ମାଣ ପାଇଁ ଦାବି



ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲ୍ଲା ତିହିଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବହିର୍ବିଭାଗ ଠାରୁ ଅନ୍ତର୍ବିଭାଗ ପର୍ଯ୍ୟନ୍ତ ଥିବା ୨୦୦ମିଟର ରାସ୍ତା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ଏହି ରାସ୍ତାକୁ ନିର୍ମାଣ କରିବା ଦିଗରେ କାହାରି ଦୃଷ୍ଟି ପଡୁନାହିଁ। ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ରାସ୍ତା ନିର୍ମାଣ ନେଇ ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ପାରିନାହିଁ। ରାସ୍ତା ନିର୍ମାଣ ସମ୍ପର୍କରେ ଜିଲାପାଳଙ୍କୁ ଜଣାଇବାକୁ ସ୍ୱାସ୍ଥ୍ୟକେନ୍ଦ୍ର କର୍ତ୍ତୃପକ୍ଷଙ୍କୁ ବିଡିଓ ପରାମର୍ଶ ଦେଇଛନ୍ତି। ତିହିଡ଼ି ସ୍ୱାସ୍ଥ୍ୟକେନ୍ଦ୍ରକୁ ବ୍ଲକର ୩୧ ପଞ୍ଚାୟତ ସହିତ ଅନ୍ୟ ବ୍ଲକରୁ ରୋଗୀ ମାନେ ଚିକିତ୍ସା ପାଇଁ ଆସିଥାନ୍ତି। ସ୍ୱାସ୍ଥ୍ୟକେନ୍ଦ୍ରକୁ ପ୍ରତିଦିନ ୫ଶହରୁ ଉର୍ଦ୍ଧ୍ୱ ରୋଗୀ ଚିକିତ୍ସା ପାଇଁ ଆସିଥାନ୍ତି। ତନ୍ମଧ୍ୟରୁ ବହିର୍ବିଭାଗକୁ ପ୍ରତିଦିନ ୪ଶହ ପାଖାପାଖି ରୋଗୀ ଆସୁଥିବା ବେଳେ ଅନ୍ତର୍ବିଭାଗକୁ ବହୁ ଜରୁରୀକାଳୀନ ରୋଗୀ ଚିକିତ୍ସା ପାଇଁ ଆସିଥାନ୍ତି। ସ୍ୱାସ୍ଥ୍ୟକେନ୍ଦ୍ରର ବହିର୍ବିଭାଗ ସମ୍ମୁଖରୁ ଅନ୍ତର୍ବିଭାଗ ପର୍ଯ୍ୟନ୍ତ ଥିବା ରାସ୍ତା ଖାଲଖମାରେ ପରିଣତ ହୋଇଛି। ଚଳିତ ବର୍ଷାଋତୁରେ ଖାଲରେ ପାଣି ଜମି କୃତ୍ରିମ ପୋଖରୀ ସୃଷ୍ଟି ହୋଇଛନ୍ତି। ଏହି ରାସ୍ତାରେ ଗାଡ଼ିରେ ବା ଆମ୍ବୁଲାନ୍ସରେ ରୋଗୀଙ୍କୁ ନିଆଯିବା କଷ୍ଟସାଧ୍ୟ ହୋଇଛି। ଏପରିକି ବହିର୍ବିଭାଗରୁ ଅନ୍ତର୍ବିଭାଗକୁ ରୋଗୀଙ୍କୁ ଷ୍ଟ୍ରେଚରରେ ନେଲାବେଳେ ରୋଗୀଙ୍କ ସହାୟକ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ଏହି ରାସ୍ତାର ଦୁଇ ପାର୍ଶ୍ୱରେ ବାଇକ୍ ଓ ୪ଚକିଆ ଯାନ ରହୁଥିବାରୁ ରାସ୍ତା ମଧ୍ୟ ସଂକୁଚିତ ହୋଇଯାଉଛି। ଫଳରେ ଗାଡ଼ିରେ ରୋଗୀଙ୍କୁ ନିଆଯିବା ସମୟରେ ସମସ୍ୟା ସୃଷ୍ଟି ହେଉଛି। ସ୍ୱାସ୍ଥ୍ୟକେନ୍ଦ୍ରକୁ ଅତ୍ୟାଧୁନିକ ସ୍ୱାସ୍ଥ୍ୟକେନ୍ଦ୍ର ଭାବେ ପରିଣତ କରିବା ପାଇଁ ସରକାର ୧୬କୋଟି ରୁ ଅଧିକ ଟଙ୍କା ଅନୁଦାନ ଦେଇଥିଲେ। ସେହି ଟଙ୍କାରେ କୌଣସି କାର୍ଯ୍ୟ ଆରମ୍ଭ ହୋଇପାରିନାହିଁ। ସ୍ୱାସ୍ଥ୍ୟକେନ୍ଦ୍ରକୁ ତିହିଡ଼ି ସଦର ମହକୁମାରୁ ଅନ୍ୟତ୍ର ସ୍ଥାନାନ୍ତର କରାଯିବ ବୋଲି ଶୁଣାଯାଉଛି। ଏପରି ହେଲେ ତିହିଡ଼ି ଅଞ୍ଚଳବାସୀ ଅସୁବିଧା ଭୋଗିବେ ବୋଲି କୁହାଯାଉଛି। ତେବେ ତୁରନ୍ତ ସ୍ୱାସ୍ଥ୍ୟକେନ୍ଦ୍ର ପରିସର ରାସ୍ତାକୁ ନିର୍ମାଣ କରାଯିବାକୁ ସାଧାରଣରେ ଦାବି କରାଯାଇଛି।

## ଦିବ୍ୟାଙ୍ଗ ଛାତ୍ର ରାସନ୍ ପାଇବାରୁ ବଞ୍ଚିତ ଅଭିଯୋଗ



ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍): ଦିବ୍ୟାଙ୍ଗ ମାନଙ୍କର ସର୍ବାଙ୍ଗୀନ ଉନ୍ନତି ଓ ସେମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ନିମନ୍ତେ ସରକାର ନାନା ପ୍ରକାର କଲ୍ୟାଣକାରୀ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ସରକାର ଦିବ୍ୟାଙ୍ଗମାନଙ୍କୁ ୩ ଚକିଆ ଯାନ, ଶ୍ରବଣ ଯନ୍ତ୍ର, ଆଶାବାଡ଼ି, ଭତ୍ତା ଓ ରାସନ ସାମଗ୍ରୀ ଯୋଗାଇ ଦେଉଛନ୍ତି। ଏଥିନିମନ୍ତେ ସରକାରୀ ରାଜକୋଷରୁ କୋଟି କୋଟି ଟଙ୍କା ବିନିଯୋଗ କରାଯାଉଛି। ଏପରିସ୍ଥଳେ ନିଶ୍ଚିନ୍ତକୋଇଲି ବ୍ଲକ ଯୋଗାଣ ବିଭାଗର ଦାୟୀତ୍ୱହୀନତା ଓ କର୍ତ୍ତବ୍ୟରେ ଚରମ ଅବହେଳା କାରଣରୁ ଜଣେ ଦିବ୍ୟାଙ୍ଗ ଛାତ୍ର ରାସନ ସାମଗ୍ରୀ ପାଇବାରୁ ବଞ୍ଚିତ ହୋଇ ଥିବାର ଅଭିଯୋଗ ହୋଇଛି। ନିଶ୍ଚିନ୍ତକୋଇଲି ବ୍ଲକ କେନ୍ଦୁପାଟଣା ଗ୍ରାମପଂଚାୟତ ଖଣ୍ଡଗାଁର ରମେଶ ଚନ୍ଦ୍ର ମଲିକଙ୍କ ପୁତ୍ର ପ୍ରଜ୍ଞାନଜିତ ମଲିକ (୧୫) ସ୍ଥାନୀୟ କେନ୍ଦୁପାଟଣା ସରକାରୀ ଉଚ୍ଚ ବିଦ୍ୟାଳୟର ନବମ ଶ୍ରେଣୀରେ ଅଧ୍ୟୟନ କରନ୍ତି। ପ୍ରଜ୍ଞାନଜିତ ଜଣେ ଦିବ୍ୟାଙ୍ଗ ହୋଇଥିବାରୁ କଟକ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ତାଙ୍କୁ ୭୫% ଦିବ୍ୟାଙ୍ଗ ପ୍ରମାଣପତ୍ର ପ୍ରଦାନ କରିଛନ୍ତି। ରାଜ୍ୟ ସରକାରଙ୍କ ତରଫରୁ ପ୍ରଜ୍ଞାନଜିତଙ୍କୁ ମାସିକ ଦିବ୍ୟାଙ୍ଗ ଭତା ପ୍ରଦାନ କରାଯାଉଛି। ତାଙ୍କ ପରିବାରକୁ ସରକାରଙ୍କ ତରଫରୁ ଏକ ରାସନ କାର୍ଡ ପ୍ରଦାନ କରାଯାଇଥିଲା। ଏହି ରାସନ କାର୍ଡ ମାଧ୍ୟମରେ ଦୀର୍ଘ ଦିନ ଦରି ପ୍ରଜ୍ଞାନଜିତ ରାସନ ସାମଗ୍ରୀ ପାଇ ଆସୁଥିଲେ। ମାତ୍ର ନିଶ୍ଚିନ୍ତକୋଇଲି ବ୍ଲକ ଯୋଗାଣ ବିଭାଗ ତରଫରୁ ଚଞ୍ଚକତା କରାଯାଇ ପ୍ରଜ୍ଞାଜିତଙ୍କ ନାମରେ କୌଣସି ରାସନ ସାମଗ୍ରୀ ଦୀର୍ଘ ୫ବର୍ଷ ହେଲା ରହସ୍ୟ ଜନକ ଭାବେ ପ୍ରଦାନ କରାଯାଉ ନଥିବାର ଅଭିଯୋଗ ହୋଇଛି। ତାଙ୍କର ନାମରେ ରାସନ ସାମଗ୍ରୀ ଯୋଗାଇ ଦେବା ନିମନ୍ତେ ପିତା ରମେଶ ଚନ୍ଦ୍ର ମଲିକ ବାରମ୍ବାର ନିଶ୍ଚିନ୍ତକୋଇଲି ବ୍ଲକ ପ୍ରଶାସନ ନିକଟରେ ଲିଖିତ ଅଭିଯୋଗ ଓ ଦାବି କରିଥିଲେ ମଧ୍ୟ ତାଙ୍କର ଦାବି ପତ୍ର ପ୍ରଶାସନର ନାଲିଫାଇଲ ତଳେ ଚାପି ହୋଇ ରହିଯାଇଛି। ତାଙ୍କର ବାପାଙ୍କୁ ଯୋଗାଣ ବିଭାଗ ତରଫରୁ ବିଭିନ୍ନ ଆଳ ଦେଖାଇ ଚାଉଳ ଦିଆଯାଉ ନଥିବାର ଅଭିଯୋଗ ହୋଇଛି। ତେବେ ଜଣେ ଦିବ୍ୟାଙ୍ଗ ଛାତ୍ରକୁ ରାସନ ସାମଗ୍ରୀରୁ ବଞ୍ଚିତ କରାଯିବା ଦିବ୍ୟାଙ୍ଗ ପ୍ରତି ଏକ ଉପହାସ କହିଲେ ଅତ୍ୟୁକ୍ତି ହେବ ନାହିଁ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ପ୍ରଶାସନ ତରଫରୁ ତୁରନ୍ତ ଏଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ସାଧାରଣରେ ଦାବି ହୋଇଛି। ଏସମ୍ପର୍କରେ ଆମ ପ୍ରତିନିଧି ନିଶ୍ଚିନ୍ତକୋଇଲି ବ୍ଲକ ଯୋଗାଣ ଅଧିକାରୀ ଦେବୀପ୍ରସାଦ ଦାସଙ୍କୁ ପଚାରିବାରୁ ଖୁବଶୀଘ୍ର ତାଙ୍କୁ ରାସନ ସାମଗ୍ରୀ ପ୍ରଦାନ କରାଯିବା ନିମନ୍ତେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ମତବ୍ୟକ୍ତ କରିଥିଲେ।

## ଏନଏସି ଦାବିରେ କଂଗ୍ରେସ ପକ୍ଷରୁ ୧୨ ଘଣ୍ଟିଆ ବନ୍ଦ ଡାକରା

କାକଟପୁର, (ଭାସ୍କର ନ୍ୟୁଜ୍): କାକଟପୁର ନିର୍ବାଚନ ମଣ୍ଡଳୀ ର ହେଡ୍‌କ୍ୱାଟର ଭାବେ ପରିଗଣିତ ହେଉଥିବା ବେଳେ ଏନଏସି ମାନ୍ୟତା ତାଲିକାରେ ସର୍ବାଗ୍ରେ ରହିଥିଲା। ବିଜେଡି ସରକାର ସମୟରେ ନିର୍ବାଚନକୁ ଆଖିଆଗରେ ରଖି କାକଟପୁରକୁ ଏନଏସି ଘୋଷଣା କରିଥିଲା ମାତ୍ର ନିର୍ବାଚନ ପରେ ବିଜେପି ସରକାରକୁ ଆସିଲା ପରେ କାକଟପୁରର ଏନଏସି ମାନ୍ୟତା ସ୍ୱପ୍ନ ପାଲଟିଛି। ରାଜ୍ୟରେ ବିଭିନ୍ନ ପ୍ରାନ୍ତରରୁ ଏନଏସି ମାନ୍ୟତା ପାଇଁ ବନ୍ଦ, ହରତାଳ, ବିକ୍ଷୋଭ ଚାଲିଥିବା ବେଳେ କାକଟପୁରର ମାନ୍ୟତା ଅଧାରେ ଅଟକିଛି। ତେବେ ଆଜି ରାଜ୍ୟ ବିରୋଧୀ ଦଳ ଜାତୀୟ କଂଗ୍ରେସର କାକଟପୁର ବ୍ଲକ କଂଗ୍ରେସ ପକ୍ଷରୁ ଏନଏସି ମାନ୍ୟତା ଦାବୀ ନେଇ ଆସନ୍ତା ୨୮ ତାରିଖ ଗୁରୁବାର ଦିନ କାକଟପୁର ୧୨ ଘଣ୍ଟିଆ ବନ୍ଦ ଡାକରା ପାଇଁ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କୁ ପତ୍ର ମାଧ୍ୟମରେ ଜଣାଇଛନ୍ତି। ବ୍ଲକ କଂଗ୍ରେସ ସଭାପତି ଅବଧୂତ ସ୍ୱାଇଁ ୧୨ ଘଣ୍ଟିଆ ଅଖ ଚକ ବନ୍ଦ ସହିତ ଶାନ୍ତିପୂର୍ଣ୍ଣ ବନ୍ଦ ସଫଳତା ପାଇଁ ଜନସାଧାରଣଙ୍କୁ ନିବେଦନ କରିଛନ୍ତି। ଏହି ବନ୍ଦ ଡାକରା ସଫଳ ପାଇଁ ପ୍ରଚାର ପ୍ରସାର ଦାୟିତ୍ୱକୁ କାକଟପୁର ପ୍ରେସ କ୍ଲବକୁ ପତ୍ର ଦ୍ୱାରା ଦଳ ପକ୍ଷରୁ ଅବଗତ କରାଯାଇଛି। ଏହି ବୈଠକରେ ବ୍ଲକ କଂଗ୍ରେସ ସଂଯୋଜକ ଜସ୍ୱବନ୍ତ ନାରାୟଣ ମହାନ୍ତି, ପୂର୍ବତନ ବ୍ଲକ ଅଧ୍ୟକ୍ଷ ବିପିନ ବିହାରୀ ମହାନ୍ତି, ଜିଲ୍ଲା ସମ୍ପାଦକ ସୋମ୍ୟକାନ୍ତ ଖୁଣ୍ଟିଆ, ବିଚିତ୍ରା ନନ୍ଦ ଦାଶ, କୃଷ୍ଣଚନ୍ଦ୍ର ବିଶ୍ୱାଳ, ସେକଲିୟା କତ, ମଲିକ ଏନାମୂଲ୍, ଅରକ୍ଷିତ କାଣ୍ଡି, ସୁକାନ୍ତ ପରିଡା, ନଳିନୀ କାନ୍ତ ଦୀକ୍ଷିତ, କରୁଣାକର ସେନାପତି, ରଜବ ଅଲ୍ଲୀ ବେଗ, ସେକ ହିମାୟତ, ପ୍ରଫୁଲ୍ଲ ନାୟକ, ପ୍ରଫୁଲ ବିଶ୍ୱାଳ, ହୃଷିକେଶ ବେହେରା, ନାରାୟଣ ପୃଷ୍ଟି ପ୍ରମୁଖ ଯୋଗ ଦେଇଥିଲେ।

## ଗଦାଶିଳାରେ ନାଗରିକ କନଭେନସନ




କଣିହାଁ, (ଭାସ୍କର ନ୍ୟୁଜ୍): ନାରୀ ନିର୍ଯାତନା ବିରୋଧୀ ଗଣ କମିଟି, କଣିହାଁ ଆନୁକୂଲ୍ୟରେ ରବିବାର ଦିନ ଗଦାଶିଳା ଠାରେ ଏକ ନାଗରିକ କନଭେନସନ ଅନୁଷ୍ଠିତ ହୋଇଯାଇଛି। କମିଟିର ସଭ୍ୟା ନିର୍ମଳା ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କନଭେନସନରେ କଣିହାଁ ଡିଗ୍ରୀ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ଅଧାପକ ତଥା ଶିକ୍ଷାବିତ୍ ଧନେଶ୍ୱର ସାହୁ ମୁଖ୍ୟ ଅତିଥି, ଅବସର ପ୍ରାପ୍ତ ରସାୟନ ବିଭାଗ ଡେମୋନଷ୍ଟ୍ରେଟର ଦୁର୍ଗା ଚରଣ ମହାନ୍ତି, ଚନ୍ଦ୍ରମାର ସମ୍ପାଦକ ବୁଦ୍ଧଦେବ ସେଠୀ, ଦେବାନନ୍ଦ ସାହୁ, ଶିକ୍ଷକ ପ୍ରତାପ କୁମାର ସାହୁ, ଭିକାରୀ ଚରଣ ସାହୁ, ଗଦାଶିଳା ସିଆରସିସି ରଞ୍ଜିତା ଦାସ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। କମିଟିର ସଭ୍ୟା ମୀନତି ସାମଲ ଅତିଥି ପରିଚୟ କରିବା ସହିତ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। କମିଟିର ସଭ୍ୟା ପ୍ରଗତିବାଳା ନାୟକ କନଭେନସନର ଚିଠା ପ୍ରସ୍ତାବ ଆଗତ କରିଥିଲେ। ରାଜ୍ୟ ତଥା ଦେଶରେ ବୃଦ୍ଧି ପାଉଥିବା ଗଣ ଦୁଷ୍କର୍ମ ଓ ହତ୍ୟା, ନାରୀ ନିର୍ଯାତନା ଏବଂ ପୋଲିସର ଅପାରଗତାକୁ ନେଇ କ୍ଷୋଭ ପ୍ରକାଶ କରିବା ସହିତ ମହିଳା ଓ ଛାତ୍ରୀମାନଙ୍କୁ ନିରାପତ୍ତା ଓ ସୁରକ୍ଷା ଦେବା କ୍ଷେତ୍ରରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ଭାବେ ବିଫଳ ହୋଇଛନ୍ତି ବୋଲି ଅତିଥି ମାନେ ତାଙ୍କ ବକ୍ତବ୍ୟରେ ପ୍ରଦାନ କରି ଉଦବେଗ ପ୍ରକାଶ କରିଥିଲେ। ଡ୍ରଗ୍ସ, ମଦ, ମାଦକ ଦ୍ରବ୍ୟର ବ୍ୟାପକ କାରବାର ସହିତ ମୋବାଇଲ-ଇଣ୍ଟରନେଟ ଓ ଟିଭି ପରଦା ରେ ଅନବରତ କୁତ୍ସିତ, ଅଶ୍ଳୀଳ, ଯୌନ ବିକୃତ ଅପରାଧ ପ୍ରବଣ ସିନେମା ସଙ୍ଗୀତ, ସିରିଏଲ, ବିଜ୍ଞାପନ ଆଦିର ପ୍ରସାରଣ ଯୋଗୁଁ ଅଧଃପତିତ ଅବକ୍ଷୟ ସମାଜିକ ଓ ସାଂସ୍କୃତିକ ପରିବେଶ ଫଳରେ ସମାଜରେ ଅପରାଧୀକ କାର୍ଯ୍ୟକଳାପ ବୃଦ୍ଧି ପାଉଛି ବୋଲି ବକ୍ତା ମାନେ କହିଥିଲେ। ଏସବୁକୁ ସରକାର ଆନ୍ତରିକତା ପ୍ରକାଶ କଲେ ନିଶ୍ଚିତ ଭାବେ ରୋକି ପାରିବେ ବୋଲି ସେମାନେ ମତପୋଷଣ କରିଥିଲେ। ଏହି କନଭେନସନରେ ନାରୀ ନିର୍ଯ୍ୟାତନା ବନ୍ଦ, ନାରୀ ନିର୍ଯାତନା କାରୀଙ୍କୁ କଠୋର ଶାସ୍ତି, ନାରୀ, ଛାତ୍ରୀ ଓ ଶିଶୁକନ୍ୟାମାନଙ୍କ ନିରାପତ୍ତା ସୁନିଶ୍ଚିତ କରିବା, ନାରୀ ନିର୍ଯାତନା ବୃଦ୍ଧିର ଅନ୍ୟତମ ମୁଖ୍ୟକାରଣ ମଦ-ମାଦକଦ୍ରବ୍ୟ ତଥା ମୋବାଇଲ ଇଣ୍ଟରନେଟ୍ ସମେତ ସମସ୍ତ ଗଣମାଧ୍ୟମରେ ଅଶ୍ଳୀଳତା-ନଗ୍ନତା-ଅପସଂସ୍କୃତିର ପ୍ରଚାର ପ୍ରସାର ବନ୍ଦ କରିବା, ଛାତ୍ରୀମାନଙ୍କୁ କରାଟେ, ଜୋଡ ଆଦି ଶିକ୍ଷା ପ୍ରଦାନ କରିବାକୁ ଦାବି କରାଯାଇଛି। ଶେଷରେ ଏକ ୧୫ ଜଣିଆ ନାରୀ ନିର୍ଯାତନା ବିରୋଧୀ ଗଣ କମିଟି ଗଠନ କରାଯାଇଥିଲା।

### ଯୁବତୀଙ୍କୁ ଅସଦାଚରଣ ମାମଲା

## ଅଭିଯୁକ୍ତଙ୍କୁ ଗିରଫ କରୁନି ପୋଲିସ

ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ପୀରହାଟ ଥାନା ବାମନବିନ୍ଧା ପଞ୍ଚାୟତ ଅଧୀନ କାନପୁର ଗ୍ରାମର ଜଣେ ଯୁବତୀଙ୍କୁ ସେହି ଗ୍ରାମର ଅଶୋକ ମହାକୁଡ଼ ନାମକ ଜଣେ ଯୁବକ ଘରେ ପଶି ଅସଦାଚରଣ କରିଥିବା ଅଭିଯୋଗ ହୋଇଥିଲା। ଏନେଇ ପୁଲିସ ୨୧୬/୨୫ରେ ମାମଲା ରୁଜୁ କରିଥିଲା। ଏହି ଘଟଣା ୫ଦିନ ବିତି ଯାଇଥିଲେ ମଧ୍ୟ ପୁଲିସ ଅଭିଯୁକ୍ତକୁ ଗିରଫ କରୁନଥିବା ଅଭିଯୋଗ ହୋଇଛି। ତେବେ ୭ଦିନ ମଧ୍ୟରେ ପୁଲିସ ଅଭିଯୁକ୍ତ ଅଶୋକୁ ଗିରଫ ନକଲେ ପୀଡ଼ିତା ପୀରହାଟ ଥାନା ସାମ୍ନାରେ ଆତ୍ମାହୁତି ଦେବ ବୋଲି ଚେତାବନୀ ଦେଇଥିବା ଜଣାପଡ଼ିଛି। ଅଭିଯୋଗରୁ ପ୍ରକାଶ ଯେ, ଅଗଷ୍ଟ ୧୯ ତାରିଖ ରାତି ୧୨ଟା ସମୟରେ କାନପୁର ଗ୍ରାମର ଅଶୋକ ମହାକୁଡ଼ ନାମକ ଜଣେ ଯୁବକ ସେହି ଗ୍ରାମର ଜଣେ ଯୁବତୀଙ୍କର ଛଟାବାଡ଼ କାନ୍ଥରେ କଣା କରି ଘର ଭିତରକୁ ପଶି ଅସଦାଚରଣ କରିଥିଲା। ପୀଡ଼ିତା ଉଠିପଡ଼ି ମୋବାଇଲ ଲାଇଟ ମାରିବାରୁ ଅଶୋକ ସେଠାରୁ ଘରୁ ବାହାରିଆସି ବାହାରପଟୁ କବାଟ ଦେଇ ଦେଇଥିଲା। ପୀଡ଼ିତା ଫୋନ ଯୋଗେ ତା' ବାପ ଭାଇଙ୍କୁ ଜଣାଇବା ପରେ ବାପା ଭାଇ ଅଶୋକଙ୍କୁ ଘରେ ପଶିବା ସମ୍ପର୍କରେ ପଚାରିବାରୁ ସେ ସେମାନଙ୍କୁ ଗାଳି ଗୁଲଜ କରିଥିବା ଅଭିଯୋଗରେ ଦର୍ଶାଯାଇଛି। ତେବେ ଏ ସମ୍ପର୍କରେ ମାମଲାର ତଦନ୍ତକାରୀ ଅଫିସର ସ୍ନିଗ୍ଧା ସାହୁଙ୍କୁ ପଚାରିବାରୁ ଘଟଣାର ତଦନ୍ତ ଚାଲିଛି, ତଦନ୍ତ ପରେ ସତ୍ୟାସତ୍ୟ ଜଣାପଡ଼ିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।

## ମୁମ୍ବାଇ ଢାଞ୍ଚାରେ ଷ୍ଟୋନ ଗଣେଶ



ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍): ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ଗଣେଶ ପୂଜା ପର୍ବକୁ ଧୁମଧାମରେ ପାଳନ କରାଯିବାକୁ ସବୁଠି ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ। କିନ୍ତୁ ଅସ୍ତରଙ୍ଗ ବ୍ଲକ କେନ୍ଦ୍ରାପଟି ପଂଚାୟତ ଜିଓଳରେ ଥିବା ଗାଦି ଗୋସାଇଁ ଯୁବ ପରିଷଦ ପ୍ରତିବର୍ଷ ଗଣେଶ ପୂଜା ମହାଆଡମ୍ବରେ ପାଳନ କରାଯାଏ। ଏହି ସ୍ଥାନୀୟ ଅଂଚଳରେ ୪୦ରୁ ଅଧିକ କ୍ଲବ ରହିଛି। ପ୍ରତିବର୍ଷ ବିଭିନ୍ନ କ୍ଲବ ପକ୍ଷରୁ ପୂଜା ପାଇଁ ଆକର୍ଷଣୀୟ ମୂର୍ତ୍ତି ଓ ତୋରଣ କରାଯାଏ। ଚଳିତ ବର୍ଷ ଗଣେଶ ପୂଜା ପାଇଁ କିଛି ନୂଆ କରିବା ପାଇଁ କ୍ଲବ ଗୁଡିକ ପକ୍ଷରୁ ପ୍ରସ୍ତୁତି ଜାରୀ ରହିଛି। ସେଥି ମଧ୍ୟରୁ କେନ୍ଦ୍ରାପଟି ପଂଚାୟତ ଜିଓଳ ଗାଦି ଗୋସାଇଁ ଯୁବ ପରିଷଦ କ୍ଲବ ପକ୍ଷରୁ ମୁମ୍ବାଇ ଢାଞ୍ଚାର ଷ୍ଟୋନ ଗଣେଶ କରିବାକୁ ଯାଉଛନ୍ତି ବୋଲି କ୍ଲବର ସଦସ୍ୟ ମାନେ କହିଛନ୍ତି। ୨୦୧୬ମସିହାରୁ ଗାଦି ଗୋସାଇଁ ଯୁବ ପରିଷଦ କ୍ଲବ ପକ୍ଷରୁ ଗଣେଶ ପୂଜା ପାଳନ ହୋଇ ଆସୁଛି। ଚଳିତ ବର୍ଷ ୧୦ ଫୁଟର ଗଣେଶ ମୂର୍ତ୍ତି ଏହି କ୍ଲବରେ ପୂଜା ପାଇବେ। ମୂର୍ତ୍ତିରେ ଷ୍ଟୋନ ଲାଗିବ। ଯାହାକି ଚଳିତ ବର୍ଷ ବେଶ ଆକର୍ଷଣୀୟ ରହିବ। ଏଥି ସହିତ ଭସାଣି ଦିନ ପାରମ୍ପରିକ ବାଦ୍ୟ ବ୍ୟବସ୍ଥା ରହିଛି। କେବଳ ସେତିକି ନୁହେଁ, ସୁନ୍ଦର ଆଲୋକମାଳା ସାଙ୍ଗକୁ ବଡ଼ ବଡ଼ ଦୁଇଟି ଲାଇଟି ଗେଟରେ ବ୍ୟବସ୍ଥା ରହିଛି। ସବୁବର୍ଷ ପରି ଚଳିତ ବର୍ଷ କିଛି ନୂଆ ଢଙ୍ଗରେ ଗଣେଶ ପୂଜା କରିବା ପାଇଁ କ୍ଲବର ସଦସ୍ୟମାନେ ଏବେଠୁ ପ୍ରସ୍ତୁତିରେ ଲାଗି ପଡିଛନ୍ତି। ଚଳିତ ବର୍ଷ ପରିବେଶ ଓ ଜଙ୍ଗଲ ସୁରକ୍ଷା ଉପରେ ପୂଜା ମଣ୍ଡପକୁ ସଜା ଯିବାର ବ୍ୟବସ୍ଥା ରହିଛି ବୋଲି କ୍ଲବର ସଦସ୍ୟ ମାନେ କହିଛନ୍ତି। ଏ ସମ୍ପର୍କରେ କ୍ଲବର ସଭାପତି ଶାନ୍ତିଶେଖର ବାରିକି, ସମ୍ପାଦକ ବିଶ୍ୱଜିତ୍ତି ସେଠୀ, କୋଷାଧକ୍ଷ ସନ୍ତୋଷ ସ୍ୱାଇଁ କହିଛନ୍ତି, ଚଳିତ ବର୍ଷ ପୂଜା ବଜେଟକୁ ଲକ୍ଷ୍ୟ ରଖି ସମାଜକୁ ବାର୍ତ୍ତା ଦେବା ଭଳି ପୂଜାମଣ୍ଡପ ସଜ୍ଜା ଯିବ। ଆମ କ୍ଲବର ୬୦ରୁ ଅଧିକ ସଦସ୍ୟ ସମ୍ପୂର୍ଣ୍ଣ ସହଯୋଗ ଫଳରେ ଆମେ ଆଜି ଉନ୍ନତ ଧରଣ ପୂଜା କରି ପାରିଛୁ। ଶାନ୍ତିଶୃଙ୍ଖଳା ସହିତ ଗଣେଶ ପୂଜା ପାଳନ କରି ଆସୁଛୁ, ଆଗକୁ ଏହିପରି ଭାବେ ପାଳନ କରାଯିବ।

## ଅଣଛାତ୍ରଙ୍କୁ ନେଇ ବିଭ୍ରାଟ ସୃଷ୍ଟି ପାଇଁ କଂଗ୍ରେସ ବିଧାୟକଙ୍କୁ ବିଜେପିର ସମାଲୋଚନା



ବ୍ରହ୍ମପୁର, (ଭାସ୍କର ନ୍ୟୁଜ୍): ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ବାହାର ଲୋକଙ୍କୁ ସାମିଲ କରି ବିଭ୍ରାଟ ସୃଷ୍ଟି କରିବା ଅଭିଯୋଗରେ କଂଗ୍ରେସ ବିଧାୟକ ରମେଶ ଚନ୍ଦ୍ର ଜେନାଙ୍କୁ ବିଜେପି କଡ଼ା ସମାଲୋଚନା କରିଛି। ଏକ ସାମ୍ବାଦିକ ସମ୍ମିଳନୀରେ ଗଂଜାମ ଜିଲ୍ଲାର ବିଜେପି ନେତାମାନେ କହିଛନ୍ତି ଯେ ବିଶ୍ୱବିଦ୍ୟାଳୟର ଭିତ୍ତିଭୂମି ଏବଂ ଶୈକ୍ଷିକ ବିକାଶ ପାଇଁ କେନ୍ଦ୍ର ଏବଂ ରାଜ୍ୟ ମିଳିତ ଭାବରେ ୨୦୦ କୋଟି ଟଙ୍କାରୁ ଅଧିକ ବିନିଯୋଗ କରୁଛନ୍ତି, ଯାହାର ଲକ୍ଷ୍ୟ ହେଉଛି ଏହାକୁ ବିଶ୍ୱସ୍ତରୀୟ ମାନଦଣ୍ଡରେ ପହଞ୍ଚାଇବା। ସେମାନେ ଏହି ବିଭ୍ରାଟକୁ 'ଶସ୍ତା ରାଜନୀତି' ବୋଲି କହିଛନ୍ତି ଯାହା ଅନୁଷ୍ଠାନର ବିକାଶକୁ ଦୁର୍ବଳ କରିବା। ଦଳ ଜେନାଙ୍କ ବେଆଇନ ଆର୍ଥିକ କାରବାର, ବାଲି ଏବଂ ପଥର ଚୋରାଚାଲାଣ ଏବଂ ଗୋପାଳପୁର ଆଖୁ ମାମଲା ସହିତ ସମ୍ପୃକ୍ତ ଥିବା ଅଭିଯୋଗକୁ ମଧ୍ୟ ଭିତ୍ତିହୀନ ବୋଲି କହିଛି। ବିଜେପି ନେତାମାନେ ଦାବି କରିଛନ୍ତି ଯେ ଅଭିଯୁକ୍ତମାନଙ୍କୁ ୨୪ ଘଣ୍ଟା ମଧ୍ୟରେ ଗିରଫ କରାଯାଇଛି ଏବଂ ୪୫ ଦିନ ମଧ୍ୟରେ ଚାର୍ଜସିଟ୍ ଦାଖଲ କରାଯାଇଛି। ଯଦି ତାଙ୍କ ପାଖରେ କୌଣସି ଠୋସ୍ ପ୍ରମାଣ ଅଛି ତେବେ ପୋଲିସ ନିକଟରେ ଦାଖଲ କରିବାକୁ ସେମାନେ ଜେନାଙ୍କୁ ଚ୍ୟାଲେଞ୍ଜ କରିଛନ୍ତି। ଜିଲ୍ଲା ସଭାପତି ସରୋଜ ସାବତ ଚେତାବନୀ ଦେଇଛନ୍ତି ଯେ ମୋହନ ମାଝୀ ସରକାର ଯେକୌଣସି ବେଆଇନ କାର୍ଯ୍ୟକଳାପକୁ ସହ୍ୟ କରିବ ନାହିଁ, ସମ୍ପୃକ୍ତ ବ୍ୟକ୍ତି ଯେତେ ପ୍ରଭାବଶାଳୀ ଥିଲେ ମଧ୍ୟ। ସାମ୍ବାଦିକ ସମ୍ମିଳନୀରେ ବିଜେପିର ବରିଷ୍ଠ ନେତା କାହ୍ନୁ ଚରଣ ପାଟି, ସୁନୀଲ କୁମାର ସାହୁ, ପିଟାବାଶ ପଣ୍ଡା ଏବଂ ପ୍ରଭାତ କିରଣ ଷଡ଼ଙ୍ଗୀ ମଧ୍ୟ ଉପସ୍ଥିତ ଥିଲେ।



ପରଜଙ୍ଗ, (ଭାସ୍କର ନ୍ୟୁଜ୍): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ମାଣିକମରା ଗ୍ରାମର ସହିଦ ହୋଇଯାଇଥିବା ସିଆଇଏସଏଫ ବୀର ଯବାନ ମନୋଜ ଙ୍କ ଉଦେଶ୍ୟରେ ତାଙ୍କର ଜନ୍ମମାଟି ମାଣିକମରା ଗ୍ରାମରେ କ୍ୟାଣ୍ଡେଲ ଶୋଭାଯାତ୍ରା ଶନିବାର ସନ୍ଧ୍ୟାରେ ହୋଇଥିବା ଜଣାପଡିଛି। କିଛିଦିନ ତଳେ ଜାମୁ କାଶ୍ମୀର ଇଲାକାରେ ବାଦଲ ଫଟା ବର୍ଷା ପ୍ରଭାବରେ ସେହି ଇଲାକାରେ ଭୟଙ୍କର ଭୂସ୍ଖଳନ ସୃଷ୍ଟି ହୋଇଥିଲା। ଯାହାଫଳରେ ସେଠାରେ କାର୍ଯ୍ୟରତ ଥିବା ଓଡ଼ିଆ ଯବାନ ନିଖୋଜ ଥିଲାବେଳେ, ଦୁଇ ଦିନ ପରେ ମିଳିଲା ଓଡ଼ିଆ ଯବାନଙ୍କ ମୃତ ଦେହ। ମିଳିଥିବା ମୃତ ଯବାନ ଜଣକ ସେ ପରଜଙ୍ଗ ବ୍ଲକ ମାଣିକମରା ଗାଁ'ର ବିନୋଦ ବିଶ୍ୱାଳଙ୍କ ପୁଅ ବୀର ଯବାନ ମନୋଜ ବିଶ୍ୱାଳ। ତାଙ୍କର ଅମର ଆତ୍ମାର ସଦଗତି କାମନା ଉଦେଶ୍ୟରେ ଗ୍ରାମରେ ଏକ ବିଶାଳ କ୍ୟାଣ୍ଡେଲ ଶୋଭାଯାତ୍ରା ଆୟୋଜନ ହୋଇଥିଲା। ଅଞ୍ଚଳର ଯୁବ ସମାଜସେବୀ ମାନଙ୍କ ନେତୃତ୍ୱରେ ଆୟୋଜିତ ଶୋଭାଯାତ୍ରାରେ ସହିଦ ମନୋଜଙ୍କ ପରିବାର ଲୋକେ ଓ ଗ୍ରାମବାସୀଙ୍କ ସହଯୋଗରେ ଜଣାଶୁଣା ଯୁବ ସମାଜ ସେବୀ ଦିଲ୍ଲୀପ କୁମାର ନାଥ, ଜନ୍ମେଶ୍ୱର ବର୍ମା, ସମୀର ସାହୁ, ଲିପୁ ସିଂହ ସମେତ ଯୁବ ସଦସ୍ୟ ମାଣିକମରା ଗ୍ରାମ ବିଶ୍ୱାଳ ସାହିରେ ଶହୀଦ ମନୋଜଙ୍କ ପରିବାରରେ ପହଞ୍ଚି ଅମର ଆତ୍ମାର ସଦଗତି କାମନା ଜଣାଇ ତାଙ୍କ ଫଟୋଚିତ୍ର ଉପରେ ପୁଷ୍ପମାଲ୍ୟ ଅର୍ପଣ ଓ ଭକ୍ତିପୂତ ଶ୍ରଦ୍ଧାଞ୍ଜଳୀ ଜଣାଇ ସମୂହ ମିଶି ଦୁଇ ମିନିଟ ନୀରବ ପ୍ରାର୍ଥନା କରିଥିଲେ।



# ସୁଦର୍ଶନ ମନ୍ଦିରରୁ ବିଳମ୍ବିତ ରାତିରେ ଚୋରି





ଅସ୍ତରଙ୍ଗଳ (ଭାସ୍କର ନ୍ୟୁଜ୍): ପୁରୀ ଜିଲ୍ଲା କାକଟପୁର ଓ ଅସ୍ତରଙ୍ଗ ଥାନା ଅଂଚଳରେ ମାତିଛନ୍ତି ଲୁଟେରା। ସିଧାସଳଖ ଟାର୍ଗେଟ କରୁଛନ୍ତି ଗୋଟିଏ ପରେ ଗୋଟିଏ ମନ୍ଦିର। ଗୋଟିଏ ପରେ ଗୋଟିଏ ମନ୍ଦିରର ଆସବାବ ପତ୍ର, କେଉଁଠି ଟଙ୍କା ଓ ସୁନା। ଶନିବାର ବିଳମ୍ବିତ ରାତ୍ର ରେ ଅସ୍ତରଙ୍ଗ ବ୍ଲକ ସରିପୁର ସ୍ଥିତ ସୁଦର୍ଶନ ମନ୍ଦିରରୁ ଲୁଟେରା ମନ୍ଦିର ହୁଣ୍ଡୀ ଭାଙ୍ଗି ଚୋରି କରି ନେଇଛନ୍ତି। ସୂଚନା ମୁତାବକ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ସରିପୁର ସ୍ଥିତ ଚକ୍ରରାଜ ସୁଦର୍ଶନ ମନ୍ଦିର ରୁ ଶନିବାର ବିଳମ୍ବିତ ରାତ୍ର ରେ ଦୁର୍ବୃତ୍ତ ମନ୍ଦିର ତାଲା ଭାଙ୍ଗି ହୁଣ୍ଡୀର ତାଲା ଭାଙ୍ଗି ସମ୍ପୂର୍ଣ୍ଣ ଟଙ୍କା ନେଇ ଯାଇଛନ୍ତି ଦୁର୍ବୃତ୍ତ। ଯାହା ସନ୍ଦେହ କରାଯାଉଛି ସ୍ଥାନୀୟ ଅଞ୍ଚଳ ନିଶା ଶକ୍ତ ଯୁବକ ଏଭଳି ଚୋରି କରିପାରିଥାନ୍ତି। ବର୍ତ୍ତମାନ ଏଭଳି ଦିନକୁ ଦିନ ଲୁଟେରାଙ୍କ ପାଦୁର୍ଭାବ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଯାଇଛି। ତେବେ ପେସାଦାର ଲୁଟେରା ନାଁ ସ୍ଥାନୀୟ ଲୋକଙ୍କ ଦ୍ୱାରା ଲୁଟ ହେଉଛି ନାଁ କୌଣସି ଗ୍ୟାଙ୍ଗ ଏ କାମ କରୁଛି ତାହା ପୋଲିସକୁ ଚ୍ୟାଲେଞ୍ଜ କରୁଛି ଲୁଟେରା ତାହା ବର୍ତ୍ତମାନ ସ୍ଥାନୀୟ ଲୋକଙ୍କ ପାଇଁ ସନ୍ଦେହ ସୃଷ୍ଟି କରିଛି।

## ବିପଦ ସଙ୍କେତ ଉପରେ ବୈତରଣୀ

# ଧସିଲା ବନ୍ଧ, କଣ୍ଟିଘାଇରେ ୬ ଫୁଟ୍ ଜଳସ୍ରୋତ





ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ବୈତରଣୀ ନଦୀର ଜଳସ୍ତର ଆଖୁଆପଦାରେ ବିପଦସଙ୍କେତ ଉପରେ ରବିବାର ପ୍ରବାହିତ ହେଉଛି। ଶନିବାର ମଧ୍ୟରାତ୍ରରେ ନଦୀର ଜଳସ୍ତର ୧୮.୫୪ ମିଟରକୁ ସ୍ପର୍ଶ କରି ସ୍ଥିର ହୋଇଥିଲା। ରାତ୍ର ୪ଟାରେ ଜଳସ୍ତର ହ୍ରାସ ପାଇଥିଲା। ପୁନର୍ବାର ରବିବାର ସନ୍ଧ୍ୟା ୬ଟାରେ ଜଳସ୍ତର ୧୮.୪୪ମିଟରରେ ସ୍ଥିର ହୋଇଥିବା ଜଣାଯାଇଛି। ହେଲେ ନଦୀର ଉପର ମୁଣ୍ଡରେ ଲଘୁଚାପ ଜନିତ ଲଗାଣ ବର୍ଷା ଲାଗି ରହିଥିବାରୁ ଜଳସ୍ତର ବୃଦ୍ଧି ପାଇବ ବୋଲି ଆଖୁଆପଦା ଜଳସମ୍ପଦ କାର୍ଯ୍ୟାଳୟ ବନ୍ୟା ନିୟନ୍ତ୍ରଣ କକ୍ଷ ପକ୍ଷରୁ ସୂଚନା ଦିଆଯାଇଛି। ବନ୍ୟାଜଳ ସର୍ବାଧିକ ୧୯ମିଟର ହୋଇପାରେ ବୋଲି ବିଭାଗୀୟ ସହକାରୀ ଯନ୍ତ୍ରୀ ସୁଶାନ୍ତ ଦାସ ପ୍ରକାଶ କରିଛନ୍ତି। ଆଖୁଆପଦା ଠାରେ ନଦୀର ସତର୍କ ସଙ୍କେତ ସ୍ତର ୧୭.୮୩ ମିଟର ରହିଥିବା ବେଳେ ବିପଦ ସଙ୍କେତସ୍ତର ୧୮.୩୩ ମିଟର ରହିଛି। ଗତ ୨୪ ଘଣ୍ଟା ମଧ୍ୟରେ ନଦୀର ଉପରମୁଣ୍ଡ ଚମ୍ପୁଆରେ ୫୧.୦ ମି.ମି., କେଉଁଝରରେ ୯୨.୪ ମି.ମି., ସ୍ୱାମୀପାଟଣାରେ ୪୬.୨ ମି.ମି., ଆନନ୍ଦପୁରରେ ୧୮.୪ ମି.ମି. ଓ ଆଖୁଆପଦାରେ ୧୨.୨ ମି.ମି. ବର୍ଷା ରେକର୍ଡ କରାଯାଇଛି। ସନ୍ଧ୍ୟା ୬ଟା ସୁଦ୍ଧା ନଦୀ ୧୮.୪୪ମିଟରରେ ପ୍ରବାହିତ ହେଉଛି। ନଦୀର କଣ୍ଟିଘାଇରେ ୬ ଫୁଟ ଉଚ୍ଚତାର ବନ୍ୟାଜଳ ଦ୍ରୁତବେଗରେ ପ୍ରବେଶ କରି ଷୋଳମପୁର, ମାଳଦା, ରହଣିଆ, ନପଙ୍ଗ, କୁରିଗାଁ ଆଦି ପଞ୍ଚାୟତକୁ ଜଳମଗ୍ନ କରିପକାଇଛି। ନଦୀର ସପ୍ତମାତୃକା ବ୍ୟାରେଜ ବିନ୍ଧାଣ ପାର୍ଶ୍ୱ ୫୦ଫୁଟ ଦୀର୍ଘ ନଦୀବନ୍ଧ ଧସିଯାଇଛି। ନଦୀ ଶଯ୍ୟାକୁ ସଙ୍କୁଚିତ କରାଯିବା ସହ ନାମକୁ ମାତ୍ର କଂକ୍ରିଟକରଣ କରାଯାଇଥିବାରୁ ଜଳସ୍ରୋତ ଚାପରେ ନଦୀବନ୍ଧ ଧସିଯାଇଛି ବୋଲି ଜଣାଯାଇଛି। ଜିଲ୍ଲାପାଳ ଦିଲ୍ଲିପ କୁମାର ରାଉତରାୟ, ବିଜେପି ନେତା ବଦ୍ରୀନାରାୟଣ ଧଳ ନଦୀବନ୍ଧ ଧସିବା ସ୍ଥାନ ଓ କଣ୍ଟିଘାଇ ପରିଦର୍ଶନ କରି ଅନୁଧ୍ୟାନ କରିଥିବା ଜଣାଯାଇଛି। ସମ୍ଭାବ୍ୟ ବନ୍ୟା ପରିସ୍ଥିତି ପାଇଁ ବିଭାଗ ସଜାଗ ଅଛି ବୋଲି ବିଭାଗୀୟ ସହକାରୀ ଯନ୍ତ୍ରୀ ସୁଶାନ୍ତ ଦାସ ପ୍ରକାଶ କରିଛନ୍ତି।

## ପୁରୁଖା ଜନତାଦଳ କର୍ମୀଙ୍କ ପରଲୋକ



ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍): ନିଶ୍ଚିନ୍ତକୋଇଲି ବ୍ଲକ ଜନାର୍ଦ୍ଦନ ପୁର ଗ୍ରାମ ପଞ୍ଚାୟତ ଖଣ୍ଡଗିରି ଗ୍ରାମର ପୁରୁଖା ଜନତା ଦଳ କର୍ମୀ ଉତମ ଚନ୍ଦ୍ର ପାତ୍ରଙ୍କର ପରଲୋକ ହୋଇଯାଇଛି। ସେ ଜନତା ଦଳ ସମୟରୁ ଜଣେ ଆଗ ଧାଡିର କର୍ମୀ ହିସାବରେ ବେଶ ପରିଚିତ ଥିଲେ। ବରିଷ୍ଠ ନେତା ବିଜୟ ମହାପାତ୍ରଙ୍କର ଏକାନ୍ତ ଅନୁଗତ ଥିଲେ। ମୃତ୍ୟୁ ବେଳକୁ ତାଙ୍କୁ ୭୭ ବର୍ଷ ହୋଇଥିଲା। ସେ ଦୀର୍ଘ ଦିନ ହେଲା ବାର୍ଦ୍ଧକ୍ୟ ଜନିତ ଶଯ୍ୟାଶାୟୀ ଥିଲେ। ତାଙ୍କର ବିୟୋଗରେ ବରିଷ୍ଠ ନେତା ବିଜୟ ମହାପାତ୍ର, ସୁବାଷ ଦାସ,ସୀତାଂଶୁ ପଣ୍ଡା, ରାଜକିଶୋର ପାତ୍ର, ବସନ୍ତ ପଣ୍ଡା, ମିଟୁ ସାମଲ, ଅଶୋକ ସାହୁ, ଧରଣୀଧର ନାୟକ, ଚିନ୍ମୟ ପାତ୍ର, ଅନିନ୍ଦୁ ପରିଡା, ନିରଞ୍ଜନ ପାତ୍ର ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଗଭୀର ଶୋକବ୍ୟକ୍ତ କରିବା ସହ ପରିବାର ବର୍ଗଙ୍କୁ ଗଭୀର ସମବେଦନା ଜଣାଇଛନ୍ତି।


## ଛାତ୍ରବତ୍ସଳତା ମନମୋହନଙ୍କୁ ସ୍ମରଣୀୟ କରି ରଖିବ



ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ବାରୋ ଗ୍ରାମର ଦିବଂଗତ ପ୍ରଧାନ ଶିକ୍ଷକ ମନମୋହନ ଦାସଙ୍କୁ ତାଙ୍କ ଛାତ୍ରବତ୍ସଳତା ସ୍ମରଣୀୟ କରି ରଖିବ ବୋଲି ପ୍ରଥମ ଶ୍ରାଦ୍ଧବାର୍ଷିକ ଉତ୍ସବରେ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ଗୁରୁବାର ଅପରାହ୍ଣରେ ମନମୋହନ ସ୍ମୃତି ସଂସଦ ପକ୍ଷରୁ ପ୍ରଥମ ଶ୍ରାଦ୍ଧବାର୍ଷିକ ଅବସରରେ ବିଶିଷ୍ଟ ଶିକ୍ଷାବିତ୍ ନାରାୟଣ ଚନ୍ଦ୍ର ବାରିକଙ୍କ ପୌରୋହିତ୍ୟରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ତିହିଡ଼ି ବ୍ଲକ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ସଭାପତି ସନ୍ନ୍ୟାସୀ ଚରଣ ବ୍ରହ୍ମ, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ପ୍ରତାପ କୁମାର ଆଚାର୍ଯ୍ୟ, କବି ନରହରି ନାୟକ, ହୃଷିକେଶ ପାଢ଼ୀ, କୃପାସିନ୍ଧୁ ବାରିକ, କୃତ୍ତିବାସ ଜେନା, ସନ୍ତୋଷ ଦାସ, ବରିଷ୍ଠ ନାଗରିକ ସଂଘ ତିହିଡ଼ି ଜୋନରର ସମ୍ପାଦକ ପି. ହୃଷିକେଶ ପ୍ରମୁଖ ଯୋଗ ଦେଇ ମନମୋହନ ଜଣେ ଆଦର୍ଶ ଶିକ୍ଷକ ଭାବେ ସ୍ଥାନୀୟ ଅଞ୍ଚଳରେ ପରିଚୟ ସୃଷ୍ଟି କରିଥିବା ବେଳେ ଜଣେ ପରୋପକାରୀ, ମିଷ୍ଟଭାଷୀ, ସମାଜସେବୀ ଥିଲେ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାହିତ୍ୟିକ ନାରାୟଣ ଚନ୍ଦ୍ର ମାନ୍ଧାତା, ପ୍ରଫୁଲ୍ଲ ରାଉତ, ଅକ୍ଷୟ କୁମାର ବ୍ରହ୍ମ, ସୁଧୀର କୁମାର ଦାସ, ଭିକାରୀ ଚରଣ ନାୟକ, ନିତ୍ୟାନନ୍ଦ ପତି, ବିଜୟ ଜେନା, ରଘୁନାଥ ମଳିକ, ବିକାଶ ରଂଜନ ସେନାପତି, ଅଶୋକ କୁମାର ଦାସ ପ୍ରମୁଖ ସ୍ମୃତିଚାରଣ କରିଥିଲେ। ସ୍ମୃତି ସଂସଦ ପକ୍ଷରୁ ପ୍ରାଣବନ୍ଧୁ ଦାସ, କଳ୍ପତରୁ ଦାସ, ଚନ୍ଦ୍ରମାଧବ ଦାସ, ନୀଳମାଧବ ଦାସ, ବିପ୍ଳବ ଦାସ, ଟୁନା ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ସ୍ମୃତିରେ ସ୍ମୃତିରେ ମନମୋହନ ନାମରେ ଏକ ସ୍ମୃତି ପତ୍ରିକାକୁ ଅତିଥିମାନେ ଉନ୍ମୋଚିତ କରିଥିଲେ।

## ଷ୍ଟାର୍ଟ ଅପ ଓ ଇନୋଭେସନ କାର୍ଯ୍ୟକ୍ରମ

ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍): ରାଜ୍ୟ ଉଚ୍ଚ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ୍ରମେ ନିଶ୍ଚିନ୍ତକୋଇଲି ବ୍ଲକ ନତକାଇ ଗ୍ରାମ ପଞ୍ଚାୟତ ବାଣୀନଗର ସ୍ଥିତ ବଲ୍ଲଭୀ ଦେବୀ ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ଷ୍ଟାର୍ଟ ଅପ ଓ ଇନୋଭେସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ପ୍ରାୟ ୩୦ଜଣ ଛାତ୍ରୀଙ୍କୁ ଅସୁରେଶ୍ୱରସ୍ଥିତ ଏକ ଫାର୍ମରେ ଖାଦ୍ୟ ନିମନ୍ତେ



ଥାଳି ଓ ପତ୍ର ଦନା ତିଆରି ବିଷୟରେ ମହାବିଦ୍ୟାଳୟର ବରିଷ୍ଠ ଅଧ୍ୟାପକ ସୂର୍ଯ୍ୟମଣୀ ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଏଥି ନିମନ୍ତେ ଛାତ୍ରୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବରେ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ପୁଷ୍ପିତା ଜେନା, ସ୍ଥାନୀୟ ସରପଞ୍ଚ ଜୟଦେବ ରାଉତ ଯୋଗଦାନ କରି ଛାତ୍ରୀମାନଙ୍କୁ ପ୍ରମାଣପତ୍ର ବଣ୍ଟନ କରିଥିଲେ।

# ବିପର୍ଯ୍ୟୟ ପ୍ରସ୍ତୁତି ସମ୍ପର୍କିତ ବୈଠକ



କଲ୍ୟାଣସିଂହପୁର, (ଭାସ୍କର ନ୍ୟୁଜ୍): ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲା ମଜିଷ୍ଟ୍ରେଟ୍ ନବୀନ ଚନ୍ଦ୍ର ନାଏକଙ୍କ ଅଧ୍ୟକ୍ଷତାରେ ଜିଲ୍ଲାରେ ବିପଦ ପ୍ରସ୍ତୁତି ସମ୍ପର୍କରେ ଆଲୋଚନା ପାଇଁ ବୈଠକ ଆୟୋଜିତ ହୋଇଥିଲା। ଏହି ବୈଠକରେ ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ପକ୍ଷରୁ ଡ଼ା.ଏସ୍.କେ. ଜେନା (ଯୁଗ୍ମ ପରାମର୍ଶଦାତା), ସୁବାଶ ଚାନ୍ଦ (ଅନୁ ସଚିବ), ସୁବାଶ ଚନ୍ଦ୍ର ମହାନ୍ତି (ଲିଡ୍ କନସଲ୍ଟାଣ୍ଟ) ଓ ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଓଏସ୍ଡିଏମ୍ଏ) ପକ୍ଷରୁ ପ୍ରମୁଖ ସାଧାରଣ ପ୍ରବନ୍ଧକ ସୁବୋଧ ଆଚାର୍ଯ୍ୟ ସହିତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀମାନେ, ଏବଂ ମାଲକାନାଗିରି ଓ କୋରାପୁଟର ଜିଲ୍ଲା ଜରୁରୀକାଳୀନ ଅଧିକାରୀମାନେ ଯୋଗ ଦେଇଥିଲେ। ପରିଦର୍ଶନର ମୂଳ ଉଦ୍ଦେଶ୍ୟ ହେଲା-ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ବିଭିନ୍ନ ଯୋଜନା, ଷ୍ଟାଣ୍ଡାର୍ଡ ଓପେରେଟିଂ ପ୍ରୋସିଜର୍ (ଝଙଚ), ନିର୍ଦ୍ଦେଶିକା ବିଷୟରେ ସାମାନ୍ୟୀକରଣ ଓ ଅଂଶୀଦାରିତା କରିବା, ରାଜ୍ୟ ଓ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଏସ୍ଡିଏମ୍ଏ / ଡିଡିଏମ୍ଏ) ର କାର୍ଯ୍ୟକ୍ଷମତାର ମୂଲ୍ୟାଙ୍କନ, ବିପର୍ଯ୍ୟୟ ପରିଚାଳନା ପ୍ରଣାଳୀର ସମୀକ୍ଷା କରିବା ଓ ସମ୍ପର୍କିତ ଦଳିଲ ପତ୍ର ସହିତ ଆଇଇସି ସାମଗ୍ରୀ ସଂଗ୍ରହ କରିବା ଥିଲା। ଏନ୍ଡିଏମ୍ଏ ଅଧିକାରୀ ମାନେ ବିପର୍ଯ୍ୟୟ ପରିଚାଳନା ଆଇନ୍-୨୦୦୫ର ବିଭିନ୍ନ ଧାରା ଅନୁଯାୟୀ ନିୟମ, ପ୍ରକ୍ରିୟା, ଅନୁମୋଦନ ଓ କାର୍ଯ୍ୟାନ୍ୱୟନ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ସେଥିସହ ପ୍ରଧାନମନ୍ତ୍ରୀଙ୍କ ୧୦-ସୂତ୍ରୀୟ ଏଜେଣ୍ଡା ଓ ଜାତୀୟ ବିପର୍ଯ୍ୟୟ ନିର୍ଦ୍ଦେଶିକା ଅନୁଯାୟୀ ମିନିମମ୍ ଷ୍ଟାଣ୍ଡାର୍ଡ ରିଲିଫ୍ ବିଷୟରେ ବିବୃତି ପ୍ରଦାନ କରିଥିଲେ। ଓଏସ୍ଡିଏମ୍ଏ ପକ୍ଷରୁ ସୁବୋଧ ଆଚାର୍ଯ୍ୟ ଏନ୍ଡିଏମ୍ଏ ଠାରୁ ଡିଡିଏମ୍ଏ ପର୍ଯ୍ୟନ୍ତ ଭର୍ଟିକାଲ୍ କାର୍ଯ୍ୟକ୍ରମ ବିଷୟରେ ବ୍ୟାଖ୍ୟା କରିଥିଲେ ଏବଂ ପ୍ରାଥମିକ ବିଦ୍ୟାଳୟ ଓ ସ୍ୱାସ୍ଥ୍ୟ ସେବା କେନ୍ଦ୍ରର ଗଠନ ସମ୍ବନ୍ଧୀୟ ନିରୀକ୍ଷଣ ନଭେମ୍ବର୍ ଠାରୁ ଏପ୍ରିଲ୍ (ବର୍ଷା ପୂର୍ବରୁ) ସମୟରେ କରିବାର ଆବଶ୍ୟକତା ଉପରେ ଜୋର୍ ଦେଇଥିଲେ। ଏହା ପରେ ମାଲକାନାଗିରି ଓ କୋରାପୁଟର ଜିଲ୍ଲା ଜରୁରୀକାଳୀନ ଅଧିକାରୀମାନେ ବିପର୍ଯ୍ୟୟ ପ୍ରସ୍ତୁତି, ପ୍ରତିକ୍ରିୟା ଓ ପୁନରୁଦ୍ଧାର ପ୍ରଣାଳୀ ଉପସ୍ଥାପନା କରିଥିଲେ। ଶେଷରେ ରାୟଗଡାର ଜିଲ୍ଲା ଜରୁରୀକାଳୀନ ଅଧିକାରୀ ମନୋଜ କୁମାର ନାହାକ ଜିଲ୍ଲାର ବିପର୍ଯ୍ୟୟ ପ୍ରସ୍ତୁତି, ପ୍ରତିକ୍ରିୟା ଓ ପୁନରୁଦ୍ଧାର ପ୍ରଣାଳୀ ସହିତ ଚାଲୁଥିବା ବିଭିନ୍ନ ଦକ୍ଷତାବୃଦ୍ଧି କାର୍ଯ୍ୟକ୍ରମ ବିଷୟରେ ଉପସ୍ଥାପନା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ବିଭାଗୀୟ ଅଧିକାରୀମାନେ ନିଜର ମତାମତ ମଧ୍ୟ ଘଡଗଇ ଅଧିକାରୀମାନଙ୍କୁ ବିସ୍ତୃତ ଭାବରେ ଦେଇଥିଲେ।

# ୫୦ କେଜିରୁ ଅଧିକ ଗୋମାଂସ ଜବତ



କୋରୁକୋଣ୍ଡା, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ଥାନା ସଦରମହକୁମାସ୍ଥିତ ହରିଜନ ସାହିରୁ ୫୦ କିଲୋରୁ ଅଧିକ ଗୋମାଂସ କୋରୁକୋଣ୍ଡା ପୋଲିସ ଜବତ କରି ନଷ୍ଟ କରିଛି। ଆଜି ଅପରାହ୍ନ ସମୟରେ ସଦମହକୁମା ହରିଜନ ସାହି ନିକଟରେ ନଦୀ କୂଳରେ ଗୋମାଂସ କଟାଯାଉଥିବା ସୂଚନା ଗ୍ରାମବାସୀଙ୍କ ପକ୍ଷରୁ ପୋନ୍ ମାଧ୍ୟମରେ କୋରୁକୋଣ୍ଡା ଥାନାକୁ ଜଣାଇଥିଲେ। ଖବର ପାଇ ଥାନା ଅଧିକାରୀ ହିମାଂଶୁ ବାରିକ ସହ ଅନ୍ୟାନ୍ୟ ପୋଲିସ ଅଧିକାରୀମାନେ ତୁରନ୍ତ ସେଠାରେ ପହଁଚିଥିଲେ। ପୋଲିସର ଚଢ଼ାଉ ସୂଚନା ପାଇ ସମ୍ପୃକ୍ତ ବ୍ୟକ୍ତିମାନେ ଗୋମାଂସ ଛାଡି ପଳାଇ ଯାଇଥିଲେ। ପୋଲିସ ୫୦ କିଲୋରୁ ଅଧିକ ଗୋମାଂସ ଜବତ କରି ନଷ୍ଟ କରିଛି। ଏହାସହିତ ଗୋହତ୍ୟା ସମ୍ବନ୍ଧୀୟ ମାମଲା ସଂଖ୍ୟା-୧୩୪/୨୫ରେ କେସ ରୁଜୁ କରାଯାଇଛି। ଏହି ଘଟଣାରେ ତଦନ୍ତ ଜାରି ରହିଥିବା ବେଳେ ଏସ୍ଆଇ ନରେନ୍ଦ୍ର ଭଓାରାଙ୍କୁ ତଦନ୍ତ ଦାୟିତ୍ୱ ଦିଆଯାଇଛି।

## ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍): ନିଶ୍ଚିନ୍ତକୋଇଲି ବ୍ଲକ ଅସୁରେଶ୍ୱର ଗ୍ରାମ ପଞ୍ଚାୟତ ପୁବଂଶ ଜଳ ସମ୍ପଦ ବିଭାଗର କାର୍ଯ୍ୟରତ କର୍ମଚାରୀ ହରିଚନ୍ଦନ ସେନାପତିଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ଅବସରରେ ଆୟୋଜିତ ଉତ୍ସବରେ ଇଂ ନବୀନ କିଶୋର ପାଣିଗ୍ରାହୀ, ପ୍ରମୋଦ କୁମାର ସାହୁ, ପ୍ରଶାନ୍ତ କୁମାର ବେହେରା, ସୋମନାଥ ପ୍ରଧାନ, କର୍ମଚାରୀ ଶରତ ଚନ୍ଦ୍ର ଶତପଥି, ଗଜେନ୍ଦ୍ର କୁମାର ଦାସ, ସୁଧାକର ଦାସ, ପ୍ରାଣକୃଷ୍ଣ ସାହୁ, ଶୁକଦେବ ସାହୁ, ସୁକରପଡା ଗ୍ରାମ ପଞ୍ଚାୟତର ପୂର୍ବତନ ସରପଞ୍ଚ ମୃତ୍ୟୁଞ୍ଜୟ ସ୍ୱାଇଁ ପ୍ରମୁଖ ଯୋଗଦାନ କରି ସେନାପତିଙ୍କ ବହୁମୁଖି ପ୍ରତିଭା ସମ୍ପର୍କରେ ଗଭୀର ଭାବେ ଆଲୋକପାତ କରିଥିଲେ। ସହକାରୀ ନିର୍ବାହୀ ଯନ୍ତ୍ରୀ ପାଣିଗ୍ରାହୀ ତାଙ୍କୁ ଉପଢୌକନ, ପୁଷ୍ପଗୁଚ୍ଛ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ।

# ଲିଓ କ୍ଲବ୍ ଗୋଲ୍ଡର ଗଠନ ସଭା ଓ ଆଇନ ସଚେତନତା କାର୍ଯ୍ୟକ୍ରମ




ବ୍ରହ୍ମପୁର,(ଭାସ୍କର ନ୍ୟୁଜ): ଲିଓ କ୍ଲବ୍ ବ୍ରହ୍ମପୁର ଗୋଲ୍ଡର ଗଠନ ସଭା ସହିତ ଆଇନ ସଚେତନତା କାର୍ଯ୍ୟକ୍ରମ ଗଞ୍ଜାମ ବାର୍ ଏସୋସିଏସନ ପ୍ରାଙ୍ଗଣରେ ଉତ୍ସାହମୟ ପରିବେଶରେ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଥିଲେ ଗଞ୍ଜାମ ବାର୍ ଏସୋସିଏସନର ସଚିବ ଅଧିବକ୍ତା ଟି. ଭେଙ୍କଟ୍ ରାଓ। ମଞ୍ଚରେ ଉପସ୍ଥିତ ଥିଲେ ଲାୟନ୍ ଲୋକନାଥ ପତ୍ର, ଅଧ୍ୟକ୍ଷ, ଲାୟନ୍ସ କ୍ଲବ୍ ବ୍ରହ୍ମପୁର ଗୋଲ୍ଡ ଓ ଲିଓ କ୍ଲବ୍ର ପରାମର୍ଶଦାତା, ଲାୟନ୍ ଅଧିବକ୍ତା ଡା. ସୁବ୍ରତ କୁମାର ସାହୁ, ଲାୟନ୍ ସ୍ମୃତୀ ଜ୍ୟୋତ୍ସ୍ନାମୟୀ ପ୍ରଧାନ, ଉପାଧ୍ୟକ୍ଷ, ଓ ଲାୟନ୍ ସୁରେଶ ଚନ୍ଦ୍ର ପ୍ରଧାନ, ସେବା ଅଧ୍ୟକ୍ଷ। କାର୍ଯ୍ୟକ୍ରମର ଆରମ୍ଭ ଦୀପ ପ୍ରଜ୍ୱଳନ ସହିତ ହୋଇଥିଲା। ପରେ ଜ୍ୟୋତ୍ସ୍ନାମୟୀ ପ୍ରଧାନ ଓ ସିବପ୍ରସାଦ ସାହୁଙ୍କ ମଧୁର ସଙ୍ଗୀତ ପ୍ରଦର୍ଶିତ ହେଲା। କାର୍ଯ୍ୟକ୍ରମର ସଞ୍ଚାଳନ କରିଥିଲେ ରୁଦ୍ର ନାରାୟଣ ନାୟକ। ଲାୟନ୍ ଲୋକନାଥ ପତ୍ର ଏକ ପାୱାର ପଏଣ୍ଟ ପ୍ରଜେଣ୍ଟେସନ୍ ମାଧ୍ୟମରେ ଲିଓ କ୍ଲବ୍ର ଇତିହାସ ବିଷୟରେ ବିସ୍ତାରିତ ଆଲୋଚନା କରିଥିଲେ। 'ଲିଓ କ୍ଲବ୍ ପ୍ରଥମେ ୧୯୫୭ ମସିହାରେ ଯୁକ୍ତରାଷ୍ଟ୍ରର ପେନସିଲଭାନିଆର୍ ଆବିଙ୍ଗଟନ୍ ହାଇସ୍କୁଲରେ ଗ୍ଲେନସାଇଡ୍ ଲାୟନ୍ସ କ୍ଲବ୍ର ପ୍ରୟାସରେ ଗଠିତ ହୋଇଥିଲା। ୧୯୬୭ ମସିହାରେ ଏହାକୁ ଲାୟନ୍ସ କ୍ଲବ୍ ଇଣ୍ଟରନ୍ୟାସନାଲଙ୍କ ଆଧିକାରିକ ଯୁବ କାର୍ଯ୍ୟକ୍ରମ ଭାବେ ଗ୍ରହଣ କରାଯାଇ ଥିଲା। ବର୍ତ୍ତମାନ ୧୫୦ରୁ ଅଧିକ ଦେଶରେ ୭,୭୦୦ରୁ ଅଧିକ ଲିଓ କ୍ଲବ୍ କାର୍ଯ୍ୟରତ ଅଛି।' ସେ ସମସ୍ତଙ୍କୁ ପଦାଧିକାରୀ ଓ ସମିତି ଅଧ୍ୟକ୍ଷ ଭାବେ ସକ୍ରିୟ ଭୂମିକା ଗ୍ରହଣ କରିବାକୁ ଆମନ୍ତ୍ରଣ କଲେ ଓ ଆଇନ ସହାୟତା, ସ୍ୱାସ୍ଥ୍ୟ, ପରିବେଶ, ନାରୀ ସଶକ୍ତିକରଣ, ଯୁବ ନେତୃତ୍ୱ ପରି ସମାଜିକ ବିଷୟଗୁଡିକୁ ଲିଓ କାର୍ଯ୍ୟକଳାପ ମାଧ୍ୟମରେ ସମାଧାନ କରିବାକୁ ଉତ୍ସାହିତ କଲେ। ଡା. ସୁବ୍ରତ କୁମାର ସାହୁ ଆଇନ ସଚେତନତା ଓ ଆଇନ ସହାୟତା ବ୍ୟବସ୍ଥା ବିଷୟରେ ଆଲୋଚନା କଲେ, ଯେଉଁଥିରେ ଡା. ତ୍ରିଲୋଚନ ଲେଙ୍କା, ଅସିଷ୍ଟାଣ୍ଟ ପ୍ରୋଫେସର, ଗଞ୍ଜାମ ଲ' କଲେଜ୍ ମୌଳିକ ଅଧିକାର, ସାମ୍ବିଧାନିକ ଅଧିକାର ଓ ମାନବାଧିକାର ବିଷୟରେ ବିସ୍ତୃତ ବ୍ୟାଖ୍ୟା କଲେ। ନୂତନ ଲିଓ କ୍ଲବ୍ ପଦାଧିକାରୀମାନଙ୍କ ମଧ୍ୟରେ ସଭାପତି ରୁଦ୍ର ନାରାୟଣ ନାୟକ, ୧ମ ଉପାଧ୍ୟକ୍ଷ ମନୀଷା ପ୍ରସାଦ ସମନ୍ତ ସିଂହର, ୨ୟ ଉପାଧ୍ୟକ୍ଷ ସାଗର ପାଣିଗ୍ରାହୀ, ୩ୟ ଉପାଧ୍ୟକ୍ଷ ବିନୋଦ ନାହକ, ସଚିବ ନିବେଦିତା ସାହୁ, ସହ ସଚିବ ମହେଶ ଗୌଡ଼, କୋଷାଧ୍ୟକ୍ଷ ସନ୍ଧ୍ୟାରାଣୀ ଡାଳେଇ, ସଦସ୍ୟତା ଅଧ୍ୟକ୍ଷ ଧର୍ମରାଜ ପାଣିଗ୍ରାହୀ, କାର୍ଯ୍ୟକଳାପ ଅଧ୍ୟକ୍ଷ ନୃସିଂହ ଗୌଡ଼, ସେହିପରି ନିର୍ଦ୍ଦେଶକ ପ୍ରତାପ କୁମାର ସାହୁ, ବିରେନ୍ଦ୍ର ରାଉତା, ବିଭିନ୍ନ ସମିତି ମୁଖ୍ୟଙ୍କ ମଧ୍ୟରେ ଆଇନ ସେବା ଓ ଆଇନ ସହାୟତା ସମିତି ପ୍ରିୟଙ୍କା ସମନ୍ତ, ନାରୀ ସଶକ୍ତିକରଣ ସମିତି ସୁପ୍ରେଭା ମଣ୍ଡଳ, ସ୍ୱାସ୍ଥ୍ୟ ସମିତି ମନୋଜ କୁମାର ଡାଶ, ସାଂସ୍କୃତିକ ସମିତି ମୀତା କୁମାରୀ ପାଣ୍ଡା, କ୍ରୀଡ଼ା ସମିତି ଶ୍ରୀଧର କୁମାର ସାହୁ, ମିଡିଆ ଓ ପ୍ରଚାର ସମିତି ପ୍ରତାପ କୁମାର ସାହୁ ଶେଷରେ ଲାୟନ୍ ଜ୍ୟୋତ୍ସ୍ନାମୟୀ ପ୍ରଧାନ ଧନ୍ୟବାଦ ଜ୍ଞାପନ କଲେ। ଲାୟନ୍ ରୂପେଶ ମିଶ୍ର ଲିଓ କ୍ଲବ୍ ପାଇଁ ଧନ ସଂଗ୍ରହ ବିଷୟରେ କଥା କହିଥିଲେ।

# ପଦାର୍ଥ ବିଜ୍ଞାନ ବିଭାଗରେ ଜାତୀୟ ଆଲୋଚନାଚକ୍ର



କେନ୍ଦୁଝର, (ଭାସ୍କର ନ୍ୟୁଜ୍): ଧରଣୀଧର ବିଶ୍ୱ ବିଦ୍ୟାଳୟ ଉତ୍ତର ପରିସରରେ ପଦାର୍ଥ ବିଜ୍ଞାନ ବିଭାଗ ଦ୍ୱାରା 'ଫ୍ରମ ଦି ମାଇକ୍ରୋସ୍କୋପିକ ଟୁ ଦି କସମିକ୍: ଆଡଭାନ୍ସେସ୍ ଇନ୍ ମଡର୍ଣ୍ଣ ଫିଜିକ୍ସ' ବିଷୟ ବସ୍ତୁ ଭିତ୍ତିକ ଦୁଇ ଦିନିଆ ଜାତୀୟ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଅତିଥିମାନେ ଦୀପ ପ୍ରଜ୍ୱଳନ କରି ଆଲୋଚନା ଚକ୍ରକୁ ଉଦ୍‌ଘାଟନ କଲାପରେ ଛାତ୍ରୀମାନେ ବିଶ୍ୱ ବିଦ୍ୟାଳୟ ସଙ୍ଗୀତ ଗାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଭୁବନେଶ୍ୱର ସ୍ଥିତ ପଦାର୍ଥ ବିଜ୍ଞାନ ପ୍ରତିଷ୍ଠାନର ନିର୍ଦ୍ଦେଶକ ଡ. କରୁଣାକର ନନ୍ଦ ଯୋଗ ଦେଇ ଅମ୍ଳଜାନର ଉପସ୍ଥିତି କିପରି ପଦାର୍ଥର ଗୁଣାତ୍ମକ ପରିବର୍ତ୍ତନ କରି ଆଧୁନିକ ନାନୋ ପ୍ରଯୁକ୍ତି ବିଦ୍ୟାକୁ ପ୍ରଭାବିତ କରିପାରେ ସେ ବିଷୟରେ ତଥ୍ୟ ଉପସ୍ଥାପନ କରିଥିଲେ। ସମ୍ମାନୀତ ଅତିଥିଭାବେ ପାଟନାସ୍ଥିତ ଇଣ୍ଡିଆନ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିର ବରିଷ୍ଠ ବୈଜ୍ଞାନିକ ଡ. ମନୋରଞ୍ଜନ କର ନିଜ ଅଭିଭାଷଣରେ ନାନୋ ପ୍ରଯୁକ୍ତି ବିଦ୍ୟାର ଉପଯୋଗ ବିଷୟରେ ଆଲୋଚନା କରିଥିଲେ। ଅନ୍ୟତମ ସମ୍ମାନୀତ ଅତିଥି କଲିକତାସ୍ଥିତ ଭାରିଏବୁଲ ଏନର୍ଜି ସାଇକ୍ଲୋଟ୍ରନ ସେଣ୍ଟର ର ବିଶିଷ୍ଟ ବୈଜ୍ଞାନିକ ଡ. ଯଯାତି କେଶରୀ ନାୟକ ନିଜ ବକ୍ତବ୍ୟରେ ବିଶ୍ୱ ବ୍ରହ୍ମାଣ୍ଡର ଉତ୍ପତି ଓ ସାମ୍ପ୍ରତିକ ସ୍ଥିତି ସମ୍ପର୍କରେ ଉଦ୍‌ବୋଧନ ଦେଇଥିଲେ। ସଭାପତି ତଥା ବିଶ୍ୱ ବିଦ୍ୟାଳୟ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ଡ. ପ୍ରଭୁପ୍ରସାଦ ଦାସ ନିଜ ବକ୍ତବ୍ୟରେ ଏପରି ଆଲୋଚନାଚକ୍ର ଗବେଷଣାକୁ ଉତ୍ସାହିତ କରିବ ବୋଲି କହିଥିଲେ। ଉକ୍ତ ଆଲୋଚନାଚକ୍ରରେ କନଭେନର ଦୋଳଗୋବିନ୍ଦ ରାଉତ ଅତିଥିମାନଙ୍କ ପରିଚୟ ପ୍ରଦାନ ସହ ଆଲୋଚନାଚକ୍ରର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ଏହି ଅବସରରେ ଆଲୋଚନା ଚକ୍ର ସମ୍ପର୍କିତ ଏକ ସ୍ମରଣିକାକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଶେଷରେ ବିଭାଗୀୟ ମୁଖ୍ୟ ଡ. କୃଷ୍ଣଚନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଦୁଇଦିନିଆ ଏହି ଆଲୋଚନା ଚକ୍ରରେ ରାଜ୍ୟ ଓ ରାଜ୍ୟ ବାହାରୁ ବିଭିନ୍ନ ସ୍ଥାନରୁ ବହୁ ଗବେଷକ, ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଭୁ ପ୍ରସାଦ ଦାସ ସଭାପତିତ୍ୱ କରି ଭବିଷ୍ୟତରେ ବିଭାଗ ଏହିପରି ଆଲୋଚନାଚକ୍ର କରିବାକୁ ପରାମର୍ଶ ଦେଇଥିଲେ। ଆଲୋଚନା ଚକ୍ରରେ ଅଂଶଗ୍ରହଣ କରିଥିବା ସମସ୍ତଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ପ୍ରଫେସର ବିଜୟ କୁମାର ବେହେରା,ଡ. ତନ୍ମୟ ଦାସ, ଡ. ଇପ୍ସିତା ମହାନ୍ତି, ଡ. ପୂଜାଶ୍ରୀ ପ୍ରିୟଦର୍ଶିନୀ ସେଠୀ, ଡ. ପତିତପାବନ ସାହୁ, ଡ. ସ୍ୱରୂପ ଆଚାର୍ଯ୍ୟ, ନୈସର୍ଗିକା ନାୟକ, ରଶ୍ମିକାନ୍ତ ପ୍ରଧାନ ତଥା ବିଭାଗର ସମସ୍ତ କର୍ମଚାରୀ ସକ୍ରୀୟ ସହଯୋଗ କରିଥିଲେ।

## 'ଆମ ପୋଲିସ' ସମିତି କାର୍ଯ୍ୟକ୍ରମ

ମାଲକାନଗିରି/ବଳିମେଳା, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ଓର୍କେଲ ପୋଲିସ ପକ୍ଷରୁ ରବିବାର ପୂର୍ବାହ୍ନ ୧୧ଘଟିକା ସମୟରେ କୋରୁକୋଣ୍ଡା ବ୍ଲକ ପୁରୁଣା ଚ଼ିମିଟାପାଲ୍ଲୀ ପଞ୍ଚାୟତ ଅଧିନସ୍ଥ ଏମ୍ଭି-୧୨୦ ନମ୍ବର ଗ୍ରାମ ଛକ ଠାରେ ଓର୍କେଲ ଥାନା ଅଧିକାରୀ ଧିରେନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ 'ଆମ ପୋଲିସ' ସମିତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଉକ୍ତ ପଞ୍ଚାୟତର ସରପଞ୍ଚ ରାଜେଶ ମାଡ଼କାମୀ, ସମିତି ସଭ୍ୟା ମଦନା ପାମିଆଙ୍କ ସମେତ ଏସଆଇ ଅଜିତ ସିଂ ବରିହା, ଏସ ଆଇ ହରପ୍ରିୟା ଶବର, ଏସଆଇ ମନୋହର ସାହୁ, ଏଏସଆଇ ସଂଜୀବ କୁମାର ଟାକ୍ରୀ, ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଏମଭି-୧୨୦ ଗ୍ରାମବାସୀଙ୍କ ସମେତ ଚ଼ିମଟାପାଲ୍ଲୀ-(ଏ), ଚିମଟାପାଲ୍ଲୀ-(ବି), କଟାପାଲୀ, ଯନ୍ତ୍ରୀ, ଏମଭି-୧୨୩, ଏମଭି-୧୧୯, ତନ୍ତୁଳିଗୁଡା, ସିଦ୍ଧିବାଟା, କାଟାପାଲୀ କଲୋନୀ, ବାଣ୍ଡିଗୁଡା, ସୁବର୍ଣ୍ଣପୁର ଆଦି ବିଭିନ୍ନ ଗ୍ରାମର ପ୍ରାୟ ୫ଶହରୁ ଉର୍ଦ୍ଧ ଗ୍ରାମବାସୀ ଉପସ୍ଥିତ ଥିଲେ। ଅଞ୍ଚଳରେ ଦିନକୁ ଦିନ ବୃଦ୍ଧି ପାଉଥିବା ବାଲ୍ୟ ବିବାହକୁ ରୋକିବା ଶହ ବିଭିନ୍ନ କାରଣରୁ ପିଲାମାନେ ଏବଂ ଲୋକେ କରୁଥିବା ଆତ୍ମହତ୍ୟା ଭଳି ପଦକ୍ଷେପକୁ ସମ୍ପୂର୍ଣ୍ଣ ଭାବେ ବାରଣ କରିବାକୁ ପୋଲିସ ପକ୍ଷରୁ ଲୋକଙ୍କୁ ସଚେତନ କରାଯାଇଥିଲା। ଅଧିକାଂଶ ସମୟରେ କିଛି ସଂସ୍ଥା ଅନଲାଇନ ମାଧ୍ୟମରେ ଲୋକଙ୍କୁ ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଇ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟରୁ ଟଙ୍କା ଠକି ନେଉଥିବା ନଜିର ରହିଛି। ତେଣୁ ଲୋକେ କିପରି ଅନଲାଇନ ଠକେଇର ଶିକାର ନହେବେ ସେ ନେଇ ମଧ୍ୟ ଅଞ୍ଚଳବାସୀଙ୍କୁ ପୋଲିସ ବିସ୍ତୃତ ଭାବେ ବୁଝାଇ ସଚେତନ କରାଇଥିଲେ। ଏଥି ସହ ସଡକ ସୁରକ୍ଷା, ବାଇକ ଚଲାଇବା ସମୟରେ ହେଲମେଟ, ଗାଡି ଚଲାଇବା ବେଳେ ସିଟବେଲ୍ଟ ପିନ୍ଧିବା ସହ ସରକାରଙ୍କ ପକ୍ଷରୁ ଜାରୀ କରାଯାଇ ଥିବା ମୋଟର ଆଇନ ନିୟମକୁ ସମସ୍ତେ କିପରି ଭାବେ ପାଳନ କରିବେ ସେ ନେଇ ଲୋକଙ୍କୁ ପୋଲିସ ଅଧିକାରୀ ମାନେ ବୁଝାଇ ଥିଲେ। ସରକାରଙ୍କ ପକ୍ଷରୁ ଲାଗୁ କରାଯାଇଥିବା ନୂତନ ଆଇନ ସମ୍ପର୍କରେ ଲୋକମାନଙ୍କୁ ଅବଗତ କରାଯାଇଥିଲା। ଖାଲି ଏତିକି ନୁହେଁ ମିଥ୍ୟା ଫେସବୁକ ଆକାଉଣ୍ଟ ଠାରୁ ସମସ୍ତେ ଦୁରେଇ ରହିବାକୁ ପୋଲିସ ପକ୍ଷରୁ ପରାମର୍ଶ ଦିଆଯାଇଥିଲା। ପୋଲିସ ସର୍ବଦା ଆପଣ ମାନଙ୍କର ସେବାରେ ରହିଛି। ବିଭିନ୍ନ ଅପରାଧକୁ ନିୟନ୍ତ୍ରଣ କରିବା ପାଇଁ ଓ ଜନ ସାଧାରଣଙ୍କୁ ସୁରକ୍ଷା ଯୋଗାଇ ଦେବା ପାଇଁ ଆମେ ସଂକଳ୍ପ ବଦ୍ଧ। ଯେ କୌଣସି ମୁହୂର୍ତ୍ତରେ ଆପଣ ମାନେ ସ୍ଥାନୀୟ ପୋଲିର ସହାୟତା ମଧ୍ୟ ନେଇ ପାରିବେ ବୋଲି ମଞ୍ଚାସିନ ପୋଲିସ ଅଧିକାରୀ ମାନେ କହିଥିଲେ।

## ବାଇକ ଧକ୍କାରେ ଜଣେ ମୃତ

ଉମରକୋଟ, (ଭାସ୍କର ନ୍ୟୁଜ୍): ବାଇକ ଧକ୍କାରେ ଜଣେ ନାବାଳକର ମୃତ୍ୟୁ ଘଟିଛି। ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ଉମରକୋଟ ଥାନା ଅଧୀନରେ। ମୃତ ନାବାଳକ ଜଣକ ହେଲେ ଉମରକୋଟ ବ୍ଲକ ଅନ୍ତର୍ଗତ ମୃତୁମା ଗ୍ରାମର ରାଜେଶ ମାଝୀ(୧୩)। ମିଳିଥିବା ସୂଚନା ଅନୁସାରେ ରାଜେଶ ଗତକାଲି ଅପରାହ୍ନ ଚାରିଟା ସମୟରେ ଗ୍ରାମ ନିକଟରେ ଥିବା ନବ ନିର୍ମିତ ରାୟପୁର ଠାରୁ ବିଶାଖାପାଟଣା ଯାଉଥିବା ଭାରତମାଳା ରାସ୍ତାରେ ଚାଲି ଚାଲି ରାସ୍ତା ପାର ହେଉଥିଲେ। ଏହି ସମୟରେ ନବରଙ୍ଗପୁର ଠାରୁ ରାଇଘର ଯାଉଥିବା ଏକ ବାଇକ ଦୃତ ଗତିରେ ଆସି ରାଜେଶଙ୍କୁ ଧକ୍କା ଦେଇ ଚାଲି ଯାଇଥିଲା। ବାଇକ ଧକ୍କା ଦେବା ଫଳରେ ରାଜେଶଙ୍କ ମୁଣ୍ଡ ଓ ଛାତିରେ ଗଭୀର ଆଘାତ ଲାଗିଥିଲା। ଗୁରୁତର ଅବସ୍ଥାରେ ପରିବାର ଲୋକେ ଏକ ଅଟୋ ଯୋଗେ ଉମରକୋଟ ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିଲେ। ସଂଧ୍ୟା ସମୟରେ ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ରାଜେଶ ଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ପରିବାର ଲୋକଙ୍କ ପକ୍ଷରୁ ଉମରକୋଟ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ଡାକ୍ତରଖାନାରେ ପହଞ୍ଚି ଶବ ଜବତ କରିଥିଲେ। ଗତକାଲି ସଂଧ୍ୟା ହୋଇଯିବାରୁ ଶବ ବ୍ୟବଚ୍ଛେଦ ହୋଇ ପାରିନଥିଲା। ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛନ୍ତି। ତଦନ୍ତ ଭାର ଏସଆଇ ସୈମେନ୍ଦ୍ର ସେଠ ସମ୍ଭାଳିଛନ୍ତି।

# ସ୍ତ୍ରୀ-ପୁଅ ନିଖୋଜ, ଥାନାର ଦ୍ୱାରସ୍ଥ ସ୍ୱାମୀ



ଲାଞ୍ଜିଗଡ଼, (ଭାସ୍କର ନ୍ୟୁଜ୍): ଶୁକ୍ରବାର ବଡ଼ିଭୋରରୁ ଉଠି ଦେଖିଲାବେଳକୁ ସ୍ତ୍ରୀ ଓ ୪ ବର୍ଷ ବୟସର କୁନିପୁଅ ନାହାନ୍ତି। ଚାରିଆଡେ ଖୋଜାଖୋଜି କଲାବେଳେ ଘରର ଆଲମିରା ବି ଖୋଲା ପଡ଼ିଛି। ଆଉ ସେଠୁ ଗାଏବ ହୋଇଯାଇଛି ସୁନା ଓ ଲକ୍ଷାଧିକ ଟଙ୍କା। ଏସବୁ ଦେଖି ସାଧାରଣ ଗାଡ଼ି ଗ୍ୟାରେଜ କରି ଗୁଜୁରାଣ ମେଣ୍ଟାଉଥିବା ହରିବନ୍ଧୁଙ୍କ ମୁଣ୍ଡ ଚକ୍କର ଖାଉଥିଲା। ବାହାରକୁ ବାହାରିଲାବେଳେ ଦେଖିବାକୁ ମିଳିଥିଲା ସବୁଦିନ ସେ ରଖୁଥିବା ଜାଗାରୁ ଗାଏବ ହୋଇଯାଇଛି ହିରୋ ପ୍ୟାସନ ବାଇକ। ଫାଟକ ବାହାରପଟୁ ଝୁଲୁଛି ତାଲା। ଖୋଜାଖୋଜି, ପରିବାର, ବନ୍ଧୁବାନ୍ଧବଙ୍କୁ ଫୋନଫାନ କଲାପରେ ବି କିଛି ସୁଫଳ ମିଳିଲାନି। ଶେଷରେ ନିଜର ବଡଭାଇ ସହିତ ଆଖପାଖ ଖୋଜାଖୋଜି ବେଳେ ୨୫ କିମି ଦୂର ରାୟଗଡା ଜିଲ୍ଲା ମୁନିଗୁଡ଼ା ରେଳ ଷ୍ଟେସନରେ ଦେଖିବାକୁ ମିଳିଥିଲା ଘରୁ ହଜିଥିବା ହିରୋ ପ୍ୟାସନ ବାଇକ। କିନ୍ତୁ କୁନିପୁଅ ଓ ତାର ମାଆର ପତା ମିଳିଲାନି। ସନ୍ଦେହ ବଢ଼େ। ମନକୁ ବାଧେ ପ୍ରାଣପ୍ରିୟା ସ୍ତ୍ରୀ ବିନା, ହୃଦୟ ବିକଳିଲେଇ ଉଠେ କୁନିପୁଅଟି ପାଇଁ। ଶେଷରେ ଅନ୍ୟ କୌଣସି ଉପାୟ ନପାଇ ଥାନାର ଦ୍ୱାରସ୍ଥ ହେଲେ ସ୍ୱାମୀ। ଏଭଳି ଏକ ଘଟଣା ଘଟିଛି କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ବିଶ୍ୱନାଥପୁର ଥାନାଅଞ୍ଚଳରେ। ବିଶ୍ୱନାଥପୁରର ହରିବନ୍ଧୁ ବାଗଙ୍କ ସ୍ତ୍ରୀ ପଦ୍ମିନୀ ଶୁକ୍ରବାର ବଡ଼ିଭୋରରୁ ହଠାତ ନିଖୋଜ ହୋଇଯାଇଛନ୍ତି। ଖାଇପିଇ ରାତିରେ ଘରେ ଶୋଇଥିଲେ ହରିବନ୍ଧୁ, ପଦ୍ମିନୀ ଓ ତାଙ୍କର ବୁଲୁପୁଅ। କିନ୍ତୁ ସକାଳୁ ଛୋଟପୁଅ ସହିତ ସ୍ତ୍ରୀ ନଥିବା ଦେଖିବାକୁ ପାଇଥିଲେ ସେ। ଖୋଜାଖୋଜି ପରେ ନପାଇବାରୁ ଏବେ ବିଶ୍ୱନାଥପୁର ଥାନାର ଦ୍ୱାରସ୍ଥ ହୋଇଛନ୍ତି। କୁନିପୁଅ ଓ ତାଙ୍କ ସ୍ତ୍ରୀଙ୍କୁ ଖୋଜି ଆଣିଦେବାକୁ ନେହୁରା ହୋଇଛନ୍ତି। ଏନେଇ ପୋଲିସ ଏକ ନିଖୋଜ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି। ତେବେ ପଦ୍ମିନୀ ହଠାତ ନିଖୋଜ ହେବା ସହିତ ଘର ଆଲମିରାରୁ ସୁନା ଓ ଟଙ୍କା ଗାଏବ ହେବା, ଘରେ ଥିବା ବାଇକ ମୁନିଗୁଡ଼ା ରେଳଷ୍ଟେସନରୁ ପୁଲିସ ଉଦ୍ଧାର କରିବା ଘଟଣା ଏହି ମାମଲାକୁ ଆହୁରି ଜଟିଳ କରିଦେଇଛି। ଏପରିକି ସ୍ତ୍ରୀ ଓ ତାଙ୍କ କୁନିପୁଅ ନିଖୋଜ ହେବା ପଛରେ ଅନ୍ୟ କାହାର ହାତ ଥିବା ସନ୍ଦେହ ହେଉଛି। ଏଣୁ ପୋଲିସ ପକ୍ଷରୁ ଉପଯୁକ୍ତ ତଦନ୍ତ ସହିତ ପଦ୍ମିନୀ ଓ ତାଙ୍କ କୁନିପୁଅକୁ ଫେରାଇ ଆଣିବାକୁ ପଦକ୍ଷେପ ନେବାକୁ ଦାବି ହେଉଛି।

# ଡା. ରାଧାରାଣୀଙ୍କୁ ମିଳିଲା ରାଜ୍ୟସ୍ତରୀୟ ରାଜୀବ ଗାନ୍ଧୀ ସେବା ପୁରସ୍କାର

ଭବାନୀପାଟଣା, (ଭାସ୍କର ନ୍ୟୁଜ୍): ସ୍ଥାନୀୟ ସରକାରୀ ମହିଳା ମହାବିଦ୍ୟାଳୟ ଭବାନୀପାଟଣାର ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ ଡ.ରାଧାରାଣୀ ନାୟକଙ୍କୁ ତାଙ୍କର ଉଲ୍ଲେଖନୀୟ କାର୍ଯ୍ୟ ନିମନ୍ତେ ଭୁବନେଶ୍ୱର ଜୟଦେବ ଭବନ ଠାରେ ଅନୁଷ୍ଠିତ ଭାରତ ରତ୍ନ ରାଜୀବ ଗାନ୍ଧୀଙ୍କର ୮୧ ତମ ଜନ୍ମଉତ୍ସବ ପାଳନ ଅବସରରେ 'ରାଜ୍ୟସ୍ତରୀୟ ରାଜୀବ ଗାନ୍ଧୀ ସେବା ପୁରସ୍କାର-୨୦୨୫'ରେ ସମ୍ମାନିତ କରାଯାଇଅଛି। ସୂଚନାଯୋଗ୍ୟ ଯେ ସରକାରୀ ମହିଳା ମହାବିଦ୍ୟାଳୟ, ଭବାନୀପାଟଣାରେ ଇଂରାଜୀ ଅଧ୍ୟାପିକା ଭାବରେ କାର୍ଯ୍ୟରତ ଡ.ନାୟକ, ମହାବିଦ୍ୟାଳୟରେ ଥିବା ମହିଳା ଏନଏସଏସ ୟୁନିଟ୍‌ର କାର୍ଯ୍ୟକ୍ରମ ଅଧିକାରୀ ଭାବରେ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ କରି ପ୍ରଶଂସାର ପାତ୍ର ହୋଇଛନ୍ତି। କାର୍ଯ୍ୟକ୍ରମ ଅଧିକାରୀ ଡ. ନାୟକ ଭବାନୀପାଟଣା ମହିଳା ମହାବିଦ୍ୟାଳୟର ପୋଷ୍ୟ ଗ୍ରାମ ରିଷିଗାଁ ଠାରେ ସ୍ୱାସ୍ଥ୍ୟ ଶିବିର ଠାରୁ ଆରମ୍ଭ କରି ବାଲ୍ୟ ବିବାହ, ଯୌତୁକ ବିରୋଧୀ, ସଡକ ସୁରକ୍ଷା, ମହିଳାମାନଙ୍କର ଋତୁସ୍ରାବଜନିତ ସ୍ୱଚ୍ଛତା ତଥା ସ୍ୱଚ୍ଛ ଭାରତ ଅଭିଯାନ ଇତ୍ୟାଦି ଭଳି ବିଭିନ୍ନ ସଚେତନତା ମୂଳକ ଜନଉପକାରୀ କାର୍ଯ୍ୟକ୍ରମମାନ ଆୟୋଜନ କରିଛନ୍ତି । ପରିବେଶ ସୁରକ୍ଷା ନିମନ୍ତେ ଡ. ନାୟକ ଛାତ୍ରୀ ତଥା ଗ୍ରାମବାସୀମାନଙ୍କ ସହିତ ମିଶି ଭବାନୀପାଟଣାର ବିଭିନ୍ନ ସ୍ଥାନରେ ଶତାଧିକ ବୃକ୍ଷରୋପଣ ମଧ୍ୟ କରିଛନ୍ତି। ସେ ମହାବିଦ୍ୟାଳୟରେ ଛାତ୍ରୀ ତଥା ଅଧ୍ୟାପକ ଅଧ୍ୟାପିକା ମାନଙ୍କୁ ଅଗ୍ନିଶମ ବିଭାଗ ଦ୍ୱାରା ଅଗ୍ନି ନିରାପତ୍ତା ପ୍ରଶିକ୍ଷଣ ଦେଇ କରି ଛାତ୍ରୀମାନଙ୍କର ପ୍ରେରଣାର ଉତ୍ସ ପାଲଟିଛନ୍ତି। ତାଙ୍କର ଏହି ସମ୍ମାନଜନକ 'ରାଜ୍ୟସ୍ତରୀୟ ରାଜୀବ ଗାନ୍ଧୀ ସେବା ପୁରସ୍କାର-୨୦୨୫' ଲାଭ ପାଇଁ ମହାବିଦ୍ୟାଳୟର ଅଧ୍ୟକ୍ଷ, ଅଧ୍ୟାପକ, ଅଧ୍ୟାପିକା, ଛାତ୍ରୀମାନଙ୍କ ସହ ବହୁ ଶୁଭାକାଂକ୍ଷୀ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



# ୨୬ରେ ବିଜେପି ରାଜ୍ୟ ସଭାପତିଙ୍କ କଳାହାଣ୍ଡି ଗସ୍ତ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍): ଭାରତୀୟ ଜନତା ପାର୍ଟିର ଓଡିଶା ରାଜ୍ୟ ସଭାପତି ମନମୋହନ ସାମଲ କଳାହାଣ୍ଡି ଗସ୍ତରେ ୨୬ ତାରିଖ କଳାହାଣ୍ଡି ଗସ୍ତରେ ଆସୁଥିବା କଳାହାଣ୍ଡି ଜିଲ୍ଲା ବିଜେପି ସଭାପତିଙ୍କ ପକ୍ଷରୁ ସୂଚନା ଦିଆଯାଇଅଛି। ସଭାପତିଙ୍କ ସୂଚନା ଅନୁସାରେ ଅଗଷ୍ଟ ୨୬ ତାରିଖ ପୂର୍ବାହ୍ନ ୧୦ ଘଣ୍ଟା ସମୟରେ ରାଜ୍ୟ ସଭାପତି ଶ୍ରୀ ସାମଲ ବଲାଙ୍ଗୀର ଜିଲ୍ଲାରୁ କଳାହାଣ୍ଡି ଜିଲ୍ଲାକୁ ଆସୁଥିବା ପ୍ରବେଶ ପଥ ଅମାଠ ଠାରେ ପହଞ୍ଚି ଏକ ବୈଠକ କରିବେ ଓ ଉପସ୍ଥିତ ଦଳୀୟ ନେତା ଓ କର୍ମୀମାନଙ୍କୁ ଗୁରୁମନ୍ତ୍ର ଦେବେ। ଭବାନୀପାଟଣା ଆସିବା ରାସ୍ତାରେ ତାଙ୍କୁ କେସିଙ୍ଗା, ପାଷ୍ଟିକୁଡି ଓ ଭବାନୀପାଟଣାଠାରେ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯିବ ଓ ସ୍ଥାନୀୟ ଟାଉହଲ୍ ଠାରେ ସମ୍ବର୍ଦ୍ଧନା ଦିଆଯିବ। ପରଦିନ ଅର୍ଥାତ ଅଗଷ୍ଟ ୨୭ ତାରିଖ ଦିନ ଜିଲ୍ଲାର ଜୁନାଗଡ ଓ ଧର୍ମଗଡ ନିର୍ବାଚନ ମଣ୍ଡଳୀ ଗସ୍ତ କରିବା ସହ ସ୍ଥାନୀୟ କର୍ମକର୍ତ୍ତାମାନଙ୍କ ସହ ଦଳୀୟ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିବେ। କଳାହାଣ୍ଡି ଜିଲ୍ଲା ଗସ୍ତ ସମୟରେ ସଭାପତି ଶ୍ରୀ ସାମଲ କଳାହାଣ୍ଡିର ଅଧିଷ୍ଠାତ୍ରୀ ଦେବୀ ମାଆ ମାଣିକେଶ୍ୱରୀଙ୍କୁ ଏବଂ ଜୁନାଗଡର ଅଧିଷ୍ଠାତ୍ରୀ ଦେବୀ ମାଆ ଲଙ୍କେଶ୍ୱରୀଙ୍କୁ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିବେ ଓ ସାମ୍ବାଦିକ ସମ୍ମିଳନୀରେ ଅନ୍ୟାନ୍ୟ ସୂଚନା ଦେବେ ବୋଲି ଜିଲ୍ଲା ସଭାପତି ସୂଚନା ଦେଇ ଥିଲେ ଏଠାରେ ପ୍ରକାଶ ଯୋଗ୍ୟ ଯେ ରାଜ୍ୟରେ ବିଜେପି ଶାସନ ଭାର ଗ୍ରହଣ କଲାପରେ ରାଜ୍ୟ ବିଜେପି ସଭାପତି ଶ୍ରୀ ସାମଲଙ୍କ ଏହା ଆନୁଷ୍ଠାନିକ ଭାବେ କଳାହାଣ୍ଡି ଜିଲ୍ଲାକୁ ପ୍ରଥମ ଗସ୍ତ କାର୍ଯ୍ୟକ୍ରମ।

# ଲାଞ୍ଜିଗଡ଼ ଦୁର୍ଗାପୂଜା କମିଟିର ନୂତନ କର୍ମକର୍ତ୍ତା ମନୋନୀତ



ଲାଞ୍ଜିଗଡ଼, (ଭାସ୍କର ନ୍ୟୁଜ୍): ଲାଞ୍ଜିଗଡ଼ ସାର୍ବଜନୀନ ଦୁର୍ଗାପୂଜା କମିଟିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ସ୍ଥାନୀୟ ଭୈରବ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆସନ୍ତା ଦୁର୍ଗାପୂଜାକୁ ଅତ୍ୟନ୍ତ ଆକର୍ଷଣୀୟ ଓ ଚିତ୍ତାକର୍ଷକ ଭାବେ ଆୟୋଜନ କରିବାକୁ ସମସ୍ତେ ମତ ଦେଇଥିଲେ। ଏହା ପରେପରେ ଶାନ୍ତିଶୃଙ୍ଖଳାର ସହିତ ପୂଜନୋତ୍ସବର ଆୟୋଜନ ପାଇଁ ସର୍ବ ସମ୍ମତି କ୍ରମେ ଏକ ନୂତନ କମିଟି ଗଠିତ ହୋଇଥିଲା। ଏଥିରେ ସଭାପତି ଭାବେ ସାମ୍ବାଦିକ ତଥା ସମାଜସେବୀ ଏମ. ଚନ୍ଦ୍ରଶେଖର, ଉପସଭାପତି ଭାବେ ଜୟନ୍ତ ମହାଖୁଡ଼, ସାଧାରଣ ସମ୍ପାଦକ ଭାବେ କିଶୋର ପେସନିଆ, ସହ ସଂପାଦକ ଭାବେ କାର୍ତ୍ତିକ ଓଡ଼ିଆ, କୋଷାଧ୍ୟକ୍ଷ ଭାବେ ସୁମନ୍ତ ଦଳବେହେରା, ସହ କୋଷାଧ୍ୟକ୍ଷ ଭାବେ ରାଘବ ଗହୀରଙ୍କୁ ମନୋନୀତ କରାଯାଇଥିଲା। ସେହିପରି ଉପଦେଷ୍ଟା ଭାବେ ରାଜେନ୍ଦ୍ର ସିଂଦେଓ, କାମରାଜ ଦଳବେହେରା, ଶ୍ରୀଧର ପେସନିଆ, ଚନ୍ଦ୍ରଧ୍ୱଜ ପେସନିଆ, କ୍ଷମାନିଧି ମହାଖୁଡ଼, ବିନୋଦ ଗଉଡ଼, ଶ୍ରୀମୁଖ ଅଗସ୍ତି, ସୁବାସ ମହାପାତ୍ରଙ୍କୁ ମନୋନୀତ କରାଯାଇଥିଲା।

# ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ ସମ୍ବର୍ଦ୍ଧନା ଜ୍ଞାପନ କାର୍ଯ୍ୟକ୍ରମ




ଭବାନୀପାଟଣା, (ଭାସ୍କର ନ୍ୟୁଜ୍): ସ୍ଥାନୀୟ ଲକ୍ଷ୍ମୀ ବିକାଶ ନର୍ସିଂ କଲେଜ, ଭବାନୀପାଟଣା ଆନୁକୂଲ୍ୟରେ ' ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ ' ସମ୍ବର୍ଦ୍ଧନା ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଅଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ପ୍ରଶାସନିକ ଅଧିକାରୀ, ଶିକ୍ଷା ବିତ୍,ନିମନ୍ତ୍ରିତ ଅତିଥି ଏବଂ ବିକାଶ ଗ୍ରୁପ୍ ର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ବିକାଶ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଡା.ଆଦିତ୍ୟ କୁମାର ପଟ୍ଟନାୟକ କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିବା ସହ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପରିବେଷିତ ଚିତ୍ତାକର୍ଷକ ସମ୍ବଲପୁରୀ ଉପସ୍ଥିତ ଦର୍ଶକ ମାନଙ୍କୁ ଅଭିଭୂତ କରିଥିଲା। ଲକ୍ଷ୍ମୀ ବିକାଶ ଅନୁଷ୍ଠାନର ନିର୍ଦ୍ଦେଶକ ଡି. ରାମ କୁମାର ଓ ଅନ୍ୟତମ ନିର୍ଦ୍ଦେଶକ ଡି.ଶ୍ୟାମ ତାଙ୍କ ଅଭିଭାଷଣରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନର୍ସିଂ ଓ ସ୍ୱାସ୍ଥ୍ୟଶିକ୍ଷାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ପ୍ରକାଶ କରିଥିଲେ। ଭବାନୀପାଟଣାର ଶହୀଦ ରେଣ୍ଡୋମାଝୀ ମେଡ଼ିକାଲ କଲେଜ ଏଣ୍ଡ ହସପିଟାଲର ସାଇକିଆଟ୍ରି ବିଭାଗ ମୁଖ୍ୟ ତଥା ସହାୟକ ପ୍ରଫେସର ଡା. ପ୍ରବୀଣ କୁମାର ସାହୁ ତାଙ୍କ ବକ୍ତବ୍ୟରେ ମାନସିକ ସ୍ୱାସ୍ଥ୍ୟରେ ନର୍ସିଂ ସେବାର ଆବଶ୍ୟକତା ସମ୍ପର୍କରେ ବିଶଦ୍ ଅଭିଭାଷଣ ରଖିଥିଲେ।ଏହି ଅବସରରେ ଡା. ଗୌରବ ପ୍ରିୟଦର୍ଶୀ ପୁରସ୍କାର ଘୋଷଣା କରି ଅଂଶଗ୍ରହଣକାରୀମାନଙ୍କୁ ପୁରସ୍କାର ଓ ସାର୍ଟିଫିକେଟ୍ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ ବିଶିଷ୍ଟ ଅତିଥିମାନଙ୍କୁ ଲକ୍ଷ୍ମୀ ବିକାଶ ଅନୁଷ୍ଠାନର ନିର୍ଦ୍ଦେଶକ, ଏକାଡେମୀକ୍ ଇନ୍ ଚାର୍ଜ୍ଜ ଓ ପରିଚାଳନା କମିଟି ସଦସ୍ୟମାନଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ବିକାଶ ଇନଷ୍ଟିଚ୍ୟୁଟ ଅଫ୍ ଆଇ ଟି. ଏଣ୍ଡ ମ୍ୟାନେଜମେଣ୍ଟର ଡା. ସୁଦୀପ୍ତ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# ଅମୃତ ମାତୃ-ପିତୃ ସେବା କାର୍ଯ୍ୟକ୍ରମ



ଧର୍ମଗଡ (ଭାସ୍କର ନ୍ୟୁଜ)ଧର୍ମଗଡ଼ ବ୍ଲକ ବେହେରା ସ୍ଥିତ ବିଜୁ କଲ୍ୟାଣ ମଣ୍ଡପ ଠାରେ ମେସର୍ସ ମନୋହର ଲାଲ ଦେବୀ ପ୍ରସାଦ, ଭବାନୀପାଟଣା, ଦଣ୍ଡପାଟ ଯୁବ ସେବା ସଂଗଠନ ବେହେରା ର ମିଳିତ ଆନୁକୂଲ୍ୟରେ ଅମୃତ ମାତୃ ପିତୃ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଯାଇଛି। ପ୍ରଫେସର ଭୁବନେଶ୍ୱର ବେହେରା ମେମୋରିଆଲ ୟୁଥ୍ ଅର୍ଗାନାଇଜେସନ, ମୁଣ୍ଡୁରାଗୁଡା, ଦଣ୍ଡପାଟ ପ୍ରଡ୍ୟୁସର ଗ୍ରୁପ, ବେହେରା କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ। ସଂଗଠନ ସଭାପତି ରଜତ ବଂଶଲଙ୍କ ଅଧ୍ୟକ୍ଷତାରେ ବିଶିଷ୍ଟ ସମାଜସେବୀ ତଥା ଉଦ୍ୟୋଗୀ ଇଂ ପୁରୁଷୋତ୍ତମ ଦାସ ଅଗ୍ରୱାଲ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିବା ବେଳେ ବେହେରା ସରପଞ୍ଚ କୁମୁଦିନୀ ଗଇଁତା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ସମ୍ମାନୀତ ଅତିଥି ଭାବେ ଶିକ୍ଷାବିତ ତୁଳସୀରାମ ବାରିକ, ଅବସର ପ୍ରାପ୍ତ ବନପାଳ ନରେନ୍ଦ୍ର ବିଶି, ଉତ୍ପାଦକ ଗୋଷ୍ଠୀ ସଭାନେତ୍ରୀ ସୁଚିତ୍ରା ଗୋପାଳ, ଅଧ୍ୟାପକ ମୋହନ ଚରଣ ବିଶି, ସଂଗଠକ ଅବିନାଶ ମୁଣ୍ଡ, ସମାଜସେବୀ ଚିନ୍ମୟ କୁମାର ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ଏହି କାର୍ଯ୍ୟକ୍ରମ ଅବସରରେ ଆଗାମୀ ନୂଆଖାଇ ପର୍ବରେ ନୂତନ ବସ୍ତ୍ର ପରିଧାନ ପାଇଁ ବେହେରା ପଞ୍ଚାୟତର ଶତାଧିକ ଅସହାୟ ବୃଦ୍ଧ, ବୃଦ୍ଧା, ବିଧବା, ବିକଳାଙ୍ଗ ମାନଙ୍କୁ ବସ୍ତ୍ର ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ସହ ସଂପାଦକ ସୁଶିଲ ଚନ୍ଦ୍ର ନାଗ ଅତିଥି ପରିଚୟ କରିଥିବା ବେଳେ ବରିଷ୍ଠ ସଦସ୍ୟ କ୍ଷୀରସିନ୍ଧୁ ବାଣୁଆ ପରିଚାଳନା କରିଥିଲେ। ସଂପାଦକ ଭୁଜବଳ ନାଏକ କାର୍ଯ୍ୟକ୍ରମର ଲକ୍ଷ୍ୟ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଗୋଷ୍ଠୀ ସଂପାଦିକା ସାବିତ୍ରୀ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ସଂଗଠନ ର କୋଷାଧ୍ୟକ୍ଷ ଭିକାରୀ ଚରଣ ଗୋପାଳ, ସଦସ୍ୟ ଭିଷ୍ମ ବାଣୁଆ, ଉଗ୍ରସେନ ନାଏକ, ହେମାଳ ବିଶି, ରୁପେଶ ନାଏକ, ଦିପିକା ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ସ୍ୱାଭିମାନ ନର୍ଲା ନିର୍ବାଚନ ମଣ୍ଡଳୀ ବିକାଶ ମଞ୍ଚ ଗଠିତ

ନର୍ଲା,(ଭାସ୍କର ନ୍ୟୁଜ): ପୂର୍ବ ସରକାର ମଦନପୁର ରାମପୁର ଓ ନର୍ଲାକୁ ଏନ୍‌ଏସି ଘୋଷଣା କରିଥିବା ବେଳେ ଏଥର ବର୍ତ୍ତମାନ ରାଜ୍ୟ ସରକାର ଏହି ଦୁଇଟି ବ୍ଲକକୁ ଏନ୍‌ଏସିରୁ ବାଦ ଦେଇଥିବାରୁ ଜନସାଧାରଣରେ ଅସନ୍ତୋଷ ବୃଦ୍ଧି ହୋଇଛି। ଏଥି ପାଇଁ ନର୍ଲା ନିର୍ବାଚନ ମଣ୍ଡଳୀର ବିକାଶ ଓ ସାମୂହିକ ସ୍ୱାର୍ଥକୁ ନେଇ ନର୍ଲା, ମ.ରାମପୁର,କର୍ଲାମୁଣ୍ଡା ଓ କେସିଙ୍ଗାର ବୁଦ୍ଧିଜୀବୀ ସାଧାରଣ ନାଗରିକଙ୍କୁ ନେଇ ନର୍ଲା ବଙ୍ଗଳାଠାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍ୱାଭିମାନ ନର୍ଲା ନିର୍ବାଚନ ମଣ୍ଡଳୀ ବିକାଶ ମଞ୍ଚ ଗଠିତ ହେଇଥିଲା। ସଭାପତି ଭାବେ ରୋମାଞ୍ଚଳ ସାହୁ, ସମ୍ପାଦକ ସରୋଜ ରାଉତ,ଯୁଗ୍ମ ସମ୍ପାଦକ ସତ୍ୟନାରାୟଣ ସାହୁ, ଉପସଭାପତି ଯଶୋବନ୍ତ ସାହୁ, ଚନ୍ଦ୍ର ଶେଖର ପୁଝାରୀ, ପ୍ରେମ ସାଗର ନାଏକ, ସୁଲତାନ ନନ୍ଦ,ଓ କୋଷାଧ୍ୟକ୍ଷ ଭାବେ ମହେଶ ଚାନ୍ଦଙ୍କୁ ଚୟନ କରାଯାଇଥିଲା। ସେହିପରି ସହ ସମ୍ପାଦିକା ସଙ୍ଗୀତା ଭୋଇ, ବିନ୍ଦୁ ଲତା ସାମଲ, ଉପଦେଷ୍ଟାରେ ପର୍ଶୁରାମ ପଣ୍ଡା, ନୀଳମଣି ସାହୁ, ଅନ୍ତରାମ ମାଝୀ, ମନୋହର ନାଏକ, ଅଭିରାମ ନନ୍ଦ, ତ୍ରିଲୋଚନ ଗଉଡ,ଅଜୟ ସେନାପତି, ସୁଭେନ୍ଦୁ ପଟ୍ଟନାୟକ, ଭଜରାମ ସାହୁ, କାହ୍ନୁଚରଣ ସାହୁ,ପାୟାଧର ସାହୁ ଓ ପ୍ରଶାନ୍ତ ସାହୁ ମନୋନୀତ ହୋଇଥିଲେ। ଶେଷରେ ଗୋବିନ୍ଦ ତାଣ୍ଡି ସଭାରେ ଧନ୍ୟବାଦ ଅର୍ପଣ କରିଥିଲେ।

# ଲକ୍ଷ୍ମୀରାମ ଅଗ୍ରୱାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସ୍ୱାଗତ ଉତ୍ସବ 'ନବପଲ୍ଲବ'

ଧର୍ମଗଡ (ଭାସ୍କର ନ୍ୟୁଜ): ଧର୍ମଗଡ ବ୍ଲକ ବେହେରା ସ୍ଥିତ ଲକ୍ଷ୍ମୀରାମ ଅଗ୍ରୱାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ 'ନବପଲ୍ଲବ' ଶିରୋନାମାରେ ନବାଗତ ଛାତ୍ରଛାତ୍ରୀମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଛି। ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀମାନେ ପ୍ରଥମ ବର୍ଷର ଶିକ୍ଷାର୍ଥୀମାନଙ୍କୁ ଫୁଲ, ଚନ୍ଦନ ଦେଇ ସ୍ନେହ, ଶ୍ରଦ୍ଧା, ଶୁଭେଚ୍ଛା ଅର୍ପଣ କରିଥିଲେ। ପରୀକ୍ଷା ଦେବା ଆଉ ସଫଳତା ପାଇବା କେବଳ ତୁମ ମାନଙ୍କର ଉଦ୍ଦେଶ୍ୟ ନ ହେଉ ପାଠକୁ ପଢ଼ିବା ପାଇଁ ପଢ । ପରୀକ୍ଷା ଦେବା ପାଇଁ ପଢ଼ିବା ସହିତ ପାଠକୁ ଜାଣିବା ପାଇଁ ପଢ଼ିବା। ଏହି ପଢ଼ିବା ଓ ଜାଣିବା ଦ୍ୱାରା ଜୀବନର ପ୍ରତ୍ୟେକ ସମୟରେ ପାଠ ବାଟ ଦେଖାଇବ ବୋଲି ନବାଗତ ପ୍ରଥମ ବର୍ଷ ଛାତ୍ରଛାତ୍ରୀମାନଙ୍କୁ ସ୍ୱାଗତ କରିବା ଅବସରରେ ଅତିଥିମାନେ ମତପ୍ରକାଶ କରିଛନ୍ତି। କଲେଜ ଅଧ୍ୟକ୍ଷ ନିର୍ମଳ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ମୁଖ୍ୟ ବକ୍ତା ଭାବେ ଅଧ୍ୟାପକ ରଞ୍ଜନ କୁମାର ପଣ୍ଡା, ସମ୍ମାନୀତ ଅତିଥି ଭାବେ ଅଧ୍ୟାପକ ନିକୁଞ୍ଜ ସାହୁ, ଅଧ୍ୟାପକ ଅକ୍ଷୟ କୁମାର ପଟ୍ଟନାୟକ,ଅଧ୍ୟାପକ ମୋହନ ଚରଣ ବିଷି, ଖେଳ ଶିକ୍ଷକ ସୁରେନ୍ଦ୍ର ସାହୁ , ଗ୍ରନ୍ଥାଗାର ସହାୟକ ଫକିର ଚଣ୍ଡି ମଞ୍ଚାସୀନ ଥିଲେ। ଦ୍ୱିତୀୟ ବର୍ଷ ଛାତ୍ରୀ ତରୁଣୀ ଛତ୍ରିଆ, ତୁଲେନ୍ଦ୍ରି ବାରିକ, ତପସ୍ୱିନୀ ଜାଲ ସ୍ୱାଗତ ସଂଗୀତ ପରିବେଷଣ ଓ ତୁଲେନ୍ଦ୍ରି ବାରିକ, ଚିନ୍ମୟ ହଂସ ମଂଚ ପରିଚାଳନା କରିଥିଲେ। ଏହି ଅବସରରେ ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀମାନେ ନୃତ୍ୟ ଓ ସଂଗୀତ ପରିବେଷଣ କରିଥିଲେ। ଅଶୋକ ଚଣ୍ଡୀ, ସାନୁର୍ଯ୍ୟ ଗୋପାଳ ଏବଂ ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀ ମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ପାଖେଇ ଆସୁଛି ଗଣେଶ ପୂଜା

# ମୂର୍ତ୍ତି ନିର୍ମାଣରେ ବ୍ୟସ୍ତ କାରିଗର



କର୍ଲାମୁଣ୍ଡା, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା ସମେତ କର୍ଲାମୁଣ୍ଡା ବ୍ଲକ ଅଞ୍ଚଳର ମୂର୍ତ୍ତି କାରିଗରମାନେ ମୂର୍ତ୍ତି ନିର୍ମାଣରେ ଜୋର ସୋରରେ ବ୍ୟସ୍ତ ଆଉ କିଛି ଦିନ ବ୍ୟବଧାନ ପରେ ଗଣେଶ ପୂଜା ହେଉଥିବାରୁ କାରିଗରମାନେ ମୂର୍ତ୍ତି ପାଇଁ ନଡ଼ା ବିଡ଼ା ଠାରୁ ଆରମ୍ଭ କରି ମାଟି ପ୍ରଲେପ କାର୍ଯ୍ୟ ଜୋର ସୋରରେ ଜାରି ରଖିଛନ୍ତି। ମୂର୍ତ୍ତି ନିର୍ମାଣରେ ପରିଶ୍ରମ ତୁଳନା ରେ ଲାଭ ମିଳୁନଥିଲେ ମଧ୍ୟ କାରିଗରମାନେ ଦେଖାଇ ଚାଲିଛନ୍ତି। ନିଜ ହାତର ଯାଦୁଗରି ରିଷିଡା ଅଞ୍ଚଳର ବୟୋଜ୍ୟେଷ୍ଠ ତଥା ଅଭିଜ୍ଞ ମୂର୍ତ୍ତି କାରିଗର ସଂଜୟ ରଣା ବଳଦେବ ରଣା,ଶରତ ରଣା, କର୍ଲାମୁଣ୍ଡାରୁ ତିରନ ଭୋଇ, ଢୁକେରମାଲରୁ ରିଟୁ ସାହୁ ରିଙ୍କୁ ସାହୁ ପଲସାପଡାରୁ ହେମାନନ୍ଦ ସାହୁ ଯୋରାଡବରାରୁ ସୁଶାନ୍ତ ପୁଟେଲ ପ୍ରମୁଖ ନିଜ ନିଜର ମୂର୍ତ୍ତି ନିର୍ମାଣ କାର୍ଯ୍ୟ ଜୋରସୋରରେ ଜାରି ରଖିଛନ୍ତି। ଆଖପାଖ ଅଞ୍ଚଳରେ ସେମାନଙ୍କ ହାତଗଢା ମୂର୍ତ୍ତିର ବେଶ ଚାହିଦା ରହିଛି। ମୂର୍ତ୍ତି ନିମନ୍ତେ ଲୋକଙ୍କ ଶ୍ରଦ୍ଧା ଓ ପ୍ରଶଂସାର ଦୁଇପଦ ଶୁଣିଲେ କାରିଗର ମାନେ ନିଜର କଳାକୁ ଅଧିକ ଜୀବନ୍ତ କରିବାକୁ ଆଗ୍ରହ ପ୍ରକାଶ କରିଥାନ୍ତି। ଲୋକଙ୍କ ଏହି ପ୍ରଶଂସା ଟିକ ତାଙ୍କ ପରିଶ୍ରମ ଓ କଷ୍ଟକୁ ଦୂରେଇ ଦେଇଥାଏ।

## ବାଞ୍ଜିବାହାଲ-ମହାଜନଗୁଡା ରାସ୍ତା ନିର୍ମାଣରେ ବିଳମ୍ବ


# ଜଗନ୍ନାଥ ସେବା ସମିତି ପକ୍ଷରୁ ଆନ୍ଦୋଳନ ଚେତାବନୀ



କୋକସରା, (ଭାସ୍କର ନ୍ୟୁଜ୍): ଧର୍ମଗଡ଼ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା କୋକସରା ବ୍ଲକ ବାଞ୍ଜିବାହାଲଠାରୁ ମହାଜନଗୁଡାକୁ ସଂଯୋଗ କରୁଥିବା ରାସ୍ତାର ମୁଟୁରା ନଦୀ ଉପରେ ନିର୍ମାଣ ସେତୁ ଓ ରାସ୍ତା ଅତ୍ୟନ୍ତ ନିମ୍ନମାନର ଏବଂ ନିର୍ମାଣରେ ବିଳମ୍ବ ହୋଇଛି। ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ରାସ୍ତା ନିର୍ମାଣର ଅଳ୍ପ ଦିନ ମଧ୍ୟରେ ନିମ୍ନମାନର କାର୍ଯ୍ୟ ଯୋଗୁଁ ରାସ୍ତା ଫାଟି ଆଁ କରିଥିଲା। ଏନେଇ ଗତ କିଛିଦିନ ତଳେ କୋକସରା ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ ରାସ୍ତା ପରିଦର୍ଶନ କରି ନିମ୍ନମାନ କାର୍ଯ୍ୟ ଦେଖି କ୍ଷୋଭ ପ୍ରକାଶ କରି ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ପରବର୍ତ୍ତୀ ସମୟରେ ଧର୍ମଗଡ଼ ବିଧାୟକ ସୁଧିର ପାଟ୍ଟଯୋଷୀ ମଧ୍ୟ ଗସ୍ତ କରି ବିଭାଗୀୟ ଅଧିକାରୀଙ୍କୁ ତାଗିଦ୍ କରିବା ସହ ଉନ୍ନତ ମାନର ରାସ୍ତା ତିଆରି କରିବା ପାଇଁ କହିଥିଲେ। ଏହାସତ୍ତ୍ୱେ ମଧ୍ୟ ଉକ୍ତ ରାସ୍ତା ନିର୍ମାଣରେ ଅହେତୁକ ବିଳମ୍ବ ଓ ନିମ୍ନମାନର କାର୍ଯ୍ୟ ଯୋଗୁଁ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି। ତେବେ ୨ମାସ ମଧ୍ୟରେ ସେତୁ ଉପର ସଂଲଗ୍ନ ରାସ୍ତା ମରାମତି କରିବା ସହ ଉନ୍ନତ ମାନର ଓ ସ୍ଥାୟୀ ରାସ୍ତା ନିର୍ମାଣ ପାଇଁ ଧର୍ମଗଡ଼ର ଅଗ୍ରଣୀ ସମାଜସେବୀ ଅନୁଷ୍ଠାନ ଜଗନ୍ନାଥ ସେବା ସମିତି ଦାବି କରିଛି। ଏବଂ ଉକ୍ତ ସମୟ ସୀମା ମଧ୍ୟରେ ଯଦି ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ରାସ୍ତା କାର୍ଯ୍ୟ ସମ୍ପନ୍ନ କରା ନ ଗଲେ ଆଗାମୀ ଦିନରେ ଆମରଣ ଅନଶନରେ ବସି ଆନ୍ଦୋଳନ କରିବା ପାଇଁ ସମିତିର ସଭାପତି ସମେତ କର୍ମକର୍ତ୍ତା ମାନେ ଚେତାବନୀ ଦେଇଛନ୍ତି। ଏନେଇ ସେବା ସମିତି ପକ୍ଷରୁ ଧର୍ମଗଡ଼ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ଚିଠି ମାଧ୍ୟମରେ ଅବଗତ କରାଯାଇଥିବା ଜଗନ୍ନାଥ ସେବା ସମିତିର ସଭାପତି ବିଷ୍ଣୁ ପ୍ରସାଦ ଅଗ୍ରୱାଲ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏ ବିଷୟରେ ଗ୍ରାମ୍ୟ ଉନ୍ନୟନ ବିଭାଗର କନିଷ୍ଠ ଯନ୍ତ୍ରୀଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ଯୋଗାଯୋଗ ସମ୍ଭବ ନ ହେବାରୁ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ।

# ରାଶିଫଳ

ସୋମବାର, ୨୫ ଅଗଷ୍ଟ ୨୦୨୫



**ମେଷ:** କାରବାରରେ ସତର୍କତା ବ୍ୟବହାର କରନ୍ତୁ। ପରିସ୍ଥିତିକୁ ନେଇ ଟଙ୍କା ଚିନ୍ତା କରିବାକୁ ପଡିବ। ଆପଣଙ୍କର ଅନାବଶ୍ୟକ ଖର୍ଚ୍ଚ ହୋଇପାରେ। ଚାକିରି ଏବଂ ବ୍ୟବସାୟରେ ଦ୍ୱନ୍ଦ୍ୱ ବଢ଼ିପାରେ। ଆପଣଙ୍କ ସ୍ୱାସ୍ଥ୍ୟ ପ୍ରତି ବେପରୁଆ ହୁଅନ୍ତୁ ନାହିଁ। ପେଟ ସମ୍ବନ୍ଧୀୟ ରୋଗ ହେବାର ସମ୍ଭାବନା ଅଛି।




**ବୃଷ:** ଶୀଘ୍ର କୈଣସି କାମ କରନ୍ତୁ ନାହିଁ । ଧାର୍ମିକ ଏବଂ ସାଂସ୍କୃତିକ ମହୋତ୍ସବରେ ଏକ ଅଂଶ ରହିବେ। ବ୍ୟବସାୟ ଭଲ ହେବ। ଅଫିସରେ ଚାକିରିକୁ ନେଇ ସନ୍ତୁଷ୍ଟ ରହିବେ। ବିନିଯୋଗ ଇତ୍ୟାଦିରେ ଲାଭବାନ ହେବ। ଘର ବାହାରେ ଜୀବନ ଖୁସି ହେବ। ଆର୍ଥିକ ଦିଗ ଦୃଢ଼ ହେବ। ଘରର ଉପଯୋଗୀ ଜିନିଷଗୁଡ଼ିକ ବୃଦ୍ଧି ପାଇବ।



**ମିଥୁନ:** ବ୍ୟବସାୟରେ ବ୍ୟସ୍ତ ରହିବେ। ସାମାଜିକ ସ୍ତରରେ ସମ୍ମାନ ମିଳିବ। କଠିନ ପରିଶ୍ରମ ସହିତ ଟଙ୍କା ରୋଜଗାର କରିବେ। ଗତ କିଛି ଦିନ ଧରି ଥିବା ଅସମ୍ପୂର୍ଣ୍ଣ କାମ ସଂପୂର୍ଣ୍ଣ ହେବ। ସମୟ ଭଲ ଅଛି। ଶରୀର ସୁସ୍ଥ ରହିବ।




**କର୍କଟ:** ଦୈନନ୍ଦିନ କାର୍ଯ୍ୟଗୁଡିକ କିଛି ବିପଦ ବହନ କରିପାରେ। ଚାକିରିରେ ସମସ୍ୟା ହୋଇପାରେ। ଯଦି ଆପଣ ଜିଦ୍ କରନ୍ତି ତେବେ, କାହା ସହିତ ବିବାଦ ହେବାର ସମ୍ଭାବନା ଅଛି । ଅଧିକ ଚିନ୍ତାରେ ସମୟ ନଷ୍ଟ କରନ୍ତୁ ନାହିଁ। ହଠାତ୍ ଆପଣ ଅସୁବିଧା ମଧ୍ୟ ବଢ଼ିପାରେ। କାର୍ଯ୍ୟରେ ବାଧା ଯୋଗୁଁ ଆପଣଙ୍କ ମନୋବଳ ବିଚଳିତ ହୋଇପାରେ।



**ସିଂହ:** ଆପଣଙ୍କର ଜୀବନରେ କିଛି ପରିବର୍ତ୍ତନ କରିବାକୁ ପଡିପାରେ। ପରିବାର ସାହାଯ୍ୟ ମିଳିବ। ଆପଣଙ୍କର ମାନସିକ ସନ୍ତୁଳିତ ରହିବ ଏବଂ ଏହା ଆପଣଙ୍କ ପାରିବାରିକ ଜୀବନରେ ମଧ୍ୟ ସୁଖ ଆଣିପାରେ। କାର୍ଯ୍ୟ ସମାପ୍ତ ହୋଇପାରିବ।




**କନ୍ୟା:** ଆପଣଙ୍କର ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ଆପଣ ଲୋକମାନଙ୍କୁ ମଧ୍ୟ ପ୍ରଭାବିତ କରିବେ। ଲୋକମାନେ ଆପଣଙ୍କର ଚିନ୍ତାଧାରାକୁ ପସନ୍ଦ କରିବେ। ଲୋକମାନେ ଆପଣଙ୍କ ପରାମର୍ଶରୁ ଉପକୃତ ହେବେ। ଆପଣ କିଛି ଭଲ ଖବରକୁ ଅପେକ୍ଷା କରିବେ। ଆଜିର ଦିନଟି ଆପଣଙ୍କ ପାଇଁ ସ୍ୱାଭାବିକ। ଆପଣଙ୍କ ଜୀବନ ସାଥୀ ଆପଣଙ୍କର ଅନୁଭବ ବୁଝିବେ।



**ତୁଳା:** ପରିବାର ସାହାଯ୍ୟ କରିବେ। ଆପଣଙ୍କର ମାନସିକ ସନ୍ତୁଳିତ ରହିବ ଏବଂ ଏହା ଆପଣଙ୍କ ପାରିବାରିକ ଜୀବନରେ ମଧ୍ୟ ସୁଖ ଆଣିପାରେ। କାର୍ଯ୍ୟ ସମାପ୍ତ ହୋଇପାରିବ। କ୍ୟାରିୟର ଏବଂ ପୁଞ୍ଜି ବିନିଯୋଗ କ୍ଷେତ୍ରରେ ଆପଣ କିଛି ନୂତନ ଏବଂ ମହତ୍ ସୁଯୋଗ ମଧ୍ୟ ପାଇପାରିବେ।



**ବିଛା:** ଆପଣ ମଧୁରବାଣୀ ଦ୍ୱାରା ଯେକୌଣସି କାର୍ଯ୍ୟରେ ବିଜୟୀ ହେବାକୁ ସମର୍ଥ ହେବେ। ପରିବାର ସଦସ୍ୟଙ୍କ ସହିତ ଖୁସିରେ ସମୟ ଅତିବାହିତ କରିବେ। ଆଜି ଭାଗ୍ୟ ଆପଣଙ୍କ ସହିତ ରହିବ। ଆୟର ନୂତନ ଉତ୍ସ ଉତ୍ପନ୍ନ ହୋଇପାରେ। ଅଫିସ୍ କାର୍ଯ୍ୟ ସବୁଦିନ ଅପେକ୍ଷା ଆଜି ଭଲ ହେବ। ଜୀବନ ସାଥୀଙ୍କ ପୂର୍ଣ୍ଣ ସମର୍ଥନ ପାଇବେ। ଏହା ଆପଣଙ୍କ ମନକୁ ଖୁସି କରିବ।



**ଧନୁ:** ଶାରୀରିକ ଭାବରେ ବ୍ୟସ୍ତ ରହିବେ। ଆପଣଙ୍କ କାମରୁ ପଛକୁ ଯାଆନ୍ତୁ ନାହିଁ । ଟଙ୍କା ରୋଜଗାର କରିବାର କିଛି ନୂତନ ଏବଂ ଭଲ ସୁଯୋଗ ମଧ୍ୟ ମିଳିପାରେ । ଆପଣଙ୍କର ଆତ୍ମବିଶ୍ୱାସ ଆଧାରରେ, ଅନ୍ୟମାନଙ୍କଠାରୁ ଭିନ୍ନ ପରିଚୟ ସୃଷ୍ଟି କରିବାରେ ସଫଳ ହୋଇପାରିବ। ଆୟ ବୃଦ୍ଧି ପାଇବ। ପିଲାମାନଙ୍କର ଅଗ୍ରଗତିରେ ଖୁସି ହେବେ । ଆପଣ ବ୍ୟବସାୟରେ ନୂତନ ଯୋଜନା କରିପାରିବେ। ଯାହା ଭବିଷ୍ୟତରେ ଆପଣଙ୍କ ପାଇଁ ଲାଭଦାୟକ ପ୍ରମାଣିତ ହୋଇପାରେ।



**ମକର:** କ୍ରନିକ୍ ରୋଗରେ କିଛି ଆରାମ ମିଳିପାରେ। ଅନେକ ଦିନ ଧରି ବନ୍ଦ ହୋଇଯାଇଥିବା କାର୍ଯ୍ୟଗୁଡ଼ିକ ମଧ୍ୟ ସଂପୂର୍ଣ୍ଣ ହୋଇପାରିବ। ପାରିବାରିକ ସମ୍ପର୍କ ଆନ୍ତରିକ ହେବ। ଚିନ୍ତା ସମାପ୍ତ ହୋଇପାରିବ। ଦିନଟି ଆପଣଙ୍କ ପାଇଁ ଉତ୍ସାହଜନକ ଏବଂ ମନୋରଞ୍ଜନ ଜାରି ରହିବ। ବିବାହିତ ଲୋକମାନେ ସୁଖ ପାଇପାରିବେ।



**କୁମ୍ଭ:** ଆପଣ ଆଜି ଧୈର୍ଯ୍ୟବାନ ହେବା ଉଚିତ୍। ଟଙ୍କା କ୍ଷେତ୍ରରେ କ୍ଷତି ହୋଇପାରେ। କିଛି ଆଇନଗତ ପ୍ରସଙ୍ଗରେ ଆପଣ ଜଡିତ ହୋଇପାରନ୍ତି। ସମୟର ଯତ୍ନ ନିଅନ୍ତୁ। କିଛି ବିଶେଷ କାର୍ଯ୍ୟ ପାଇଁ ଆପଣଙ୍କୁ ବହୁତ କଠିନ ପରିଶ୍ରମ କରିବାକୁ ପଡିପାରେ। ଆପଣ ମଧ୍ୟ କୈଣସି ଆକସ୍ମିକ ଘଟଣାରେ ତୁରନ୍ତ ନିଷ୍ପତ୍ତି ନେବା ଠାରୁ ଦୂରେଇ ରହିବା ଉଚିତ୍।



**ମୀନ:** ଆପଣଙ୍କୁ ଦେଖା କରୁଥିବା ଲୋକମାନେ ଆପଣଙ୍କୁ କିଛି ନୂଆ ଚେଷ୍ଟା କରିବାକୁ ପ୍ରେରଣା ଦେଇପାରିବେ। ଏହି ସମୟରେ କରାଯାଇଥିବା ପ୍ରୟାସ ସଫଳ ହେବାର ସମ୍ଭାବନା ଅଧିକ। ବୋଧହୁଏ ଆପଣ ଅତିରିକ୍ତ ଦାୟିତ୍ୱ ପାଇବେ କିମ୍ବା ସାମ୍ପ୍ରତିକ ଚାକିରିରେ କାମ କରିବ। ଆପଣଙ୍କର ଆୟ ବଢ଼ିବାର ସମ୍ଭାବନା ମଧ୍ୟ ଅଧିକ। ଆପଣଙ୍କର ମନ ଭଲ କାମ କରିବ।



ଜ୍ୟୋତିଷ ଚକ୍ର


ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯